

ଅନ୍‌ମୋଲ୍ ଏକ୍କାଙ୍କ ଦମ୍‌ଦାର୍ ଗୋଲ୍

▸ପୃଷ୍ଠା ୧୨ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-165 ◆THURSDAY ◆11 DECEMBER 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୧୬୫ ◆ଗୁରୁବାର ◆୧୧ ଡିସେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## ନକଲି ଘିଅ ପରେ ତିରୁମାଲାରେ ରେଶମ ଦୁପଟ୍ଟା ଦୁର୍ନୀତି



■ତିରୁପତି, ୧୦।୧୨ (ଏଜେନ୍ସି): ଆନ୍ଧ୍ରପ୍ରଦେଶର ତିରୁପତିସ୍ଥିତ ତିରୁମାଲାର ଭେଙ୍କଟେଶ୍ୱର ମନ୍ଦିରରେ ଏବେ ଏକ ନୂଆ ଦୁର୍ନୀତିର ପର୍ଦ୍ଦାଫାସ ହୋଇଛି। ପ୍ରସାଦ ଭାବେ ଦିଆଯାଉଥିବା ନକଲି ଘିଅର ଲଡ୍ଡୁ ପରେ ଅଙ୍ଗବସ୍ତ୍ର ଅର୍ଥାତ ଦୁପଟ୍ଟା ନେଇ ହୋଇଥିବା ଦୁର୍ନୀତି ସାମ୍ନାକୁ ଆସିଛି। ରିପୋର୍ଟ ଅନୁଯାୟୀ ଜଣେ ଠିକାଦାର ନିରନ୍ତର ଭାବେ ଶୁଦ୍ଧ ସିଲ୍କ ଦୁପଟ୍ଟା ବଦଳରେ ଶତ ପ୍ରତିଶତ ପଲିଷ୍ଟର ଦୁପଟ୍ଟା ଯୋଗାଇଥିଲେ। ସିଲ୍କ ଦୁପଟ୍ଟା ନାମରେ ହିଁ ବିଲିଂ କରାଯାଇଛି।

### ପଲିଷ୍ଟରକୁ ସିଲ୍କ କହି ବିକ୍ରି କରାଯାଉଥିଲା

### ୧୦ ବର୍ଷରେ ୫୪ କୋଟିର ଦୁର୍ନୀତି

ଏହି ପିଲିଷ୍ଟର ଦୁପଟ୍ଟାର ପ୍ରକୃତ ମୂଲ୍ୟ ୩୫୦ ଟଙ୍କା ଥିଲା। କିନ୍ତୁ ଏହାକୁ ମନ୍ଦିର ପରିଚାଳନା କରୁଥିବା ତିରୁମାଲା ତିରୁପତି ଦେବସ୍ଥାନମ (ଟିଟିଡି) ୧,୩୦୦ ଟଙ୍କାରେ କିଣୁଥିଲା। ଦୁର୍ନୀତିର ଏହି ପ୍ରକ୍ରିୟା ୨୦୧୫ରୁ ଆରମ୍ଭ ହୋଇ ୨୦୨୫ ପର୍ଯ୍ୟନ୍ତ ଚାଲିଥିଲା ବୋଲି କୁହାଯାଇଛି। ଏହି ସମୟ ମଧ୍ୟରେ ଟିଟିଡି ସମ୍ପୃକ୍ତ ଠିକାଦାରଙ୍କୁ ୫୪ କୋଟି ଟଙ୍କା ପ୍ରଦାନ କରିଥିଲା। ଟିଟିଡି ବୋର୍ଡ ଅଧ୍ୟକ୍ଷ ବିଆର ନାଇଡୁ ତଦନ୍ତ ଆରମ୍ଭ କରିଥିଲେ ଓ ଏହାପରେ ସମ୍ପୂର୍ଣ୍ଣ ମାମଲା ସାମ୍ନାକୁ ଆସିଥିଲା।

ନାଇଡୁଙ୍କ କହିବା ଅନୁଯାୟୀ ମନ୍ଦିରରେ ଦାନ ଦେଉଥିବା ବଡ଼ ଦାନକର୍ତ୍ତା ପ୍ରସାଦ ଭାବେ ସିଲ୍କ ଦୁପଟ୍ଟା ଚଢ଼ାଇଥାନ୍ତି। ଏହା ବ୍ୟତୀତ ବେଦାଶୀର୍ବଚନମ ଭଳି ପୂଜା- ଅନୁଷ୍ଠାନରେ ସିଲ୍କ ଦୁପଟ୍ଟାର ବ୍ୟବହାର ହୋଇଥାଏ। ▸ପୃଷ୍ଠା-୭

# ମହାନଦୀ ପାଇଁ ଉଚ୍ଚସ୍ତରୀୟ କମିଟି

## ଉପମୁଖ୍ୟମନ୍ତ୍ରୀ ଅଧ୍ୟକ୍ଷ, ୩ ମନ୍ତ୍ରୀ ଓ ୪ ବିଧାୟକ ସଦସ୍ୟ

■ ଭୁବନେଶ୍ୱର, ୧୦।୧୨ (ସମିସ): ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲ୍‌ରେ ଚାଲୁଥିବା ଆଲୋଚନା ଓ ପ୍ରକ୍ରିୟାଗୁଡ଼ିକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶରେ ଗଠିତ ଏହି କମିଟିରେ ମନ୍ତ୍ରୀ ସୁରେଶ ପୂଜାରୀ, ପୃଥ୍ୱୀରାଜ ହରିଚନ୍ଦନ, ସମ୍ପଦ ଚନ୍ଦ୍ର ସ୍ୱାଇଁ, ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, ବିଧାୟକ ନିରଞ୍ଜନ ପୂଜାରୀ, ଜୟନାରାୟଣ ମିଶ୍ର ଓ ସୋଫିଆ ଫିର୍ଦ୍ଦୋଶ ପ୍ରମୁଖ ସଦସ୍ୟ ରହିଛନ୍ତି। ଏହି କମିଟି ମହାନଦୀ ଜଳ ସମ୍ବନ୍ଧୀୟ ସମସ୍ତ ପ୍ରାସଙ୍ଗିକ ଦିଗକୁ ପରୀକ୍ଷା କରିବ ଏବଂ



### ଛତିଶଗଡ଼ ସହ ଜଳବିବାଦ

ରାଜ୍ୟର ବୈଷୟିକ ଏବଂ ପ୍ରଶାସନିକସ୍ତରରେ ଚାଲୁଥିବା ପ୍ରୟାସଗୁଡ଼ିକୁ ଆବଶ୍ୟକ ନୀତିଗତ ଦିଗଦର୍ଶନ ପ୍ରଦାନ କରିବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ଆସନ୍ତା ୨୦ ତାରିଖରେ ମହାନଦୀ ଜଳବିବାଦ ମାମଲାର ୪୭ତମ ଶୁଣାଣି ହେବ। ଆପୋସ ବୁଝାମଣା ମାଧ୍ୟମରେ ବିବାଦର ସମାଧାନ ପାଇଁ ରାଜ୍ୟ ସରକାର ଜୋର୍ ଦେଇ ଆସୁଛନ୍ତି। ଏଥିପାଇଁ ଉଭୟ ରାଜ୍ୟ ମଧ୍ୟ ପ୍ରକ୍ରିୟା ଆରମ୍ଭ କରି ସାରିଛନ୍ତି। ତେବେ ଏହି ଆପୋସ ବୁଝାମଣାର ମୂଳ ସର୍ତ୍ତ କଣ ଏବଂ କେଉଁ ବିଷୟବସ୍ତୁ ଉପରେ ଆଧାରିତ, ତାହାକୁ ସାର୍ବଜନୀନ କରିବାକୁ ଦାବି କରି ଆସୁଛନ୍ତି ମହାନଦୀ ଆନ୍ଦୋଳନ ସହ ଜଡ଼ିତ ସାମାଜିକ ସଂଗଠନ। ଏପରିସ୍ଥଳେ ରାଜ୍ୟ ସରକାରଙ୍କ କମିଟି ଗଠନ ପଦକ୍ଷେପକୁ ନେଇ ସେମାନେ ମତାମତ ରଖିଛନ୍ତି। ଏପରି ଏକ ଉଚ୍ଚସ୍ତରୀୟ ସର୍ବଦଳୀୟ କମିଟି ବହୁଦିନ ▸ପୃଷ୍ଠା-୭

## ଶୀତ ଲହରୀ ଆଉ ୨ ଦିନ



■ ଭୁବନେଶ୍ୱର, ୧୦।୧୨ (ସମିସ): ସାରା ରାଜ୍ୟରେ ଜାରି ରହିଛି ଥଣ୍ଡାର ପ୍ରଭାବ। ତାପମାତ୍ରା ତଳ ମୁହାଁ ହେତୁ ବିଭିନ୍ନ ଅଞ୍ଚଳରେ ଶୀତର ପ୍ରକୋପ ବୃଦ୍ଧି ପାଇଛି। ରାଜ୍ୟର ଏକାଧିକ ସ୍ଥାନରେ ତାପମାତ୍ରା ସ୍ୱାଭାବିକ ତୁଳନାରେ କମ୍ ରହୁଥିବା ବେଳେ ଅନେକ ଜିଲ୍ଲାରେ ଶୀତଲହରୀ ସ୍ଥିତି ମଧ୍ୟ ସୃଷ୍ଟି ହୋଇଛି। ଗତ ୨୪ ଘଣ୍ଟାରେ ଜି. ଉଦୟଗିରିରେ ସବୁଠୁ କମ୍ ତାପମାତ୍ରା ରେକର୍ଡ ହୋଇଥିବା ବେଳେ ଏଠାରେ ପାରଦ ୫ ଡିଗ୍ରୀକୁ ଖସିଛି। ସେହିପରି ସେମିଳିଗୁଡ଼ାରେ ମଧ୍ୟ ସମାନ ଅର୍ଥାତ ତାପମାତ୍ରା ୫ ଡିଗ୍ରୀ ରେକର୍ଡ ହୋଇଛି। ଏହାସହ ଫୁଲବାଣୀରେ ୬.୫, ଝାରସୁଗୁଡାରେ ୭, ଭବାନୀପାଟଣାରେ ୮.୮, ଦାରିଙ୍ଗବାଡିରେ ୯, ଅନୁଗୁଳରେ ୯, ରାଉରକେଲାରେ ୯.୧, ସୁନ୍ଦରଗଡ଼ ୯.୨, ନବରଙ୍ଗପୁରରେ ୯.୮, ବଲାଙ୍ଗିରରେ ତାପମାତ୍ରା ୧୦ ଡିଗ୍ରୀ ରେକର୍ଡ ହୋଇଛି। ଭୁବନେଶ୍ୱର ପାଣିପାଗ ବିଭାଗ ସୂଚନା ଅନୁସାରେ ଝାରସୁଗୁଡ଼ାର ▸ପୃଷ୍ଠା-୭

## ୟୁନେସ୍କୋ ବିଶ୍ୱ ଐତିହ୍ୟ ସୂଚୀରେ ଦୀପାବଳି

■ ଜାକର୍ତ୍ତା, ୧୦।୧୨ (ଏଜେନ୍ସି): ସନାତନ ପରମ୍ପରାର ସବୁଠାର ବଡ଼ ପର୍ବ ଦୀପାବଳିକୁ ୟୁନେସ୍କୋର ବିଶ୍ୱ ଅମୂଲ୍ୟ ସାଂସ୍କୃତିକ ଐତିହ୍ୟ ତାଲିକାରେ ସାମିଲ କରାଯାଇଛି। ବୁଧବାର ୟୁନେସ୍କୋ ଜାତିସଙ୍ଘ ଶିକ୍ଷା, ବୈଜ୍ଞାନିକ ତଥା ସଂସ୍କୃତିକ ସଂଗଠନର ଅମୂଲ୍ୟ ସାଂସ୍କୃତିକ ଐତିହ୍ୟ ତାଲିକା ଘୋଷଣା କରିଛି। ଏହି ତାଲିକାରେ ଦୀପାବଳି ସହିତ ଘାନା, ଜର୍ଜିଆ, କଙ୍ଗୋ, ଇଥିଓପିଆ ଓ ଇଜିପ୍ଟ ସହିତ ବହୁ ଦେଶର ସଂସ୍କୃତିକ ପ୍ରତୀକକୁ ସାମିଲ କରାଯାଇଛି। ଏହି ତାଲିକାରେ ଭାରତ ୧୫ଟି ଐତିହ୍ୟ ସାମିଲ ରହିଛି। ଏଥିରେ ଦୁର୍ଗାପୂଜା, କୁମ୍ଭମେଳା, ବୈଦିକ ମନ୍ତ୍ରୋଚାର, ରାମଲୀଳା, ଛଉନୃତ୍ୟ ମଧ୍ୟ ରହିଛି। ଦିଲ୍ଲୀରେ ୟୁନେସ୍କୋର ଅମୂଲ୍ୟ ଐତିହ୍ୟ ପାଇଁ ଆନ୍ତଃସରକାରୀ କମିଟିର ବିଂଶତମ ବୈଠକ ଚାଲୁଥିବା ବେଳେ ଏହି ନିଷ୍ପତ୍ତି ନିଆଯାଇଛି।




ଏନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ପୋଷ୍ଟ କରି କହିଛନ୍ତି, ଦୀପାବଳି ଭାରତୀୟ ସଭ୍ୟତା ଓ ସଂସ୍କୃତିର ଆତ୍ମା। ଏହି ପର୍ବକୁ ୟୁନେସ୍କୋ ଐତିହ୍ୟରେ ସାମିଲ ▸ପୃଷ୍ଠା-୭

## କଂଗ୍ରେସରେ ବିଦ୍ରୋହ: ବିଗୁଲ ଫୁଙ୍କିଲେ ମୋକିମ୍

■ ଭୁବନେଶ୍ୱର, ୧୦।୧୨ (ସମିସ): ନୂଆପଡ଼ା ଉପନିର୍ବାଚନ ପରାଜୟ ପରେ କଂଗ୍ରେସରେ କୁହୁଳୁଥିବା ନିଆଁ ଏବେ ହୁତହୁତ ଜଳିବା ଆରମ୍ଭ ହୋଇଛି। ଦଳର ନେତାମାନେ ଖୋଲାଖୋଲି ନିର୍ବାଚନ ପରିଚାଳନାକୁ ସମାଲୋଚନା କରୁଥିବା ବେଳେ ପୂର୍ବତନ ବିଧାୟକ ମହମ୍ମଦ ମୋକିମ୍ ଫୁଙ୍କିଛନ୍ତି ବିଦ୍ରୋହର ବିଗୁଲ । ପୂର୍ବତନ ପିସିସି ସଭାପତି ଶରତ ପଟ୍ଟନାୟକ ଓ ବର୍ତ୍ତମାନର ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱକୁ ସେ ଚାଲେଞ୍ଜ କରିଛନ୍ତି। ରାଜ୍ୟରୁ ଜାତୀୟସ୍ତରରେ ଦଳରେ ଚାଲିଥିବା ବ୍ୟବସ୍ଥା ସମ୍ପର୍କରେ ସେ ଦଳର ସର୍ବମାନ୍ୟ

### ସୋନିଆଙ୍କୁ ଲେଖିଲେ ପାଞ୍ଚ ପୃଷ୍ଠାର ଚିଠି

### ଭକ୍ତଙ୍କ ନେତୃତ୍ୱକୁ ସିଧାସଳଖ ଚ୍ୟାଲେଞ୍ଜ

### ବୈଚାରିକ ଓ ଢାଞ୍ଚାଗତ ପୁନରୁଦ୍ଧାର ପ୍ରସ୍ତାବ

### ବାଦ ପଡ଼ିଲେ ନାହିଁ ପୂର୍ବ ସଭାପତି ଶରତ



ନେତ୍ରୀ ସୋନିଆ ଗାନ୍ଧୀଙ୍କୁ ୫ ପୃଷ୍ଠା ଚିଠି ଲେଖି କଂଗ୍ରେସର ଆମୂଳଚୂଳ ପରିବର୍ତ୍ତନ ନିମନ୍ତେ ପ୍ରସ୍ତାବ ଦେଇଛନ୍ତି।

ମୋକିମ୍ ତାଙ୍କ ଚିଠିରେ ନିଜକୁ ଜଣେ ସଚ୍ଚା କଂଗ୍ରେସୀ ବୋଲି ଅଭିହିତ କରି ପିସିସି ସଭାପତି ରୂପେ ଶରତ ପଟ୍ଟନାୟକ ଓ ପରେ ଭକ୍ତ ଦାସଙ୍କ ନିଯୁକ୍ତି ଦ୍ୱାରା ଦଳ କିପରି ଓଡ଼ିଶାରେ ପ୍ରଭାବିତ ହୋଇଛି ତାହା ଉଲ୍ଲେଖ କରିଛନ୍ତି। ପୂର୍ବତନ ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ନେତୃତ୍ୱରେ ▸ପୃଷ୍ଠା-୭







## ଚତୁର୍ଦ୍ଦଶ ଭଦ୍ରକ ଜିଲ୍ଲା ମହୋତ୍ସବର ୮ମ ସନ୍ଧ୍ୟା

# ପଲ୍ଲୀ ସାହିତ୍ୟ ଜୀବନର କଥା କହେ

ଭଦ୍ରକ, ୧୦।୧୨(ସମିସ)



ପଲ୍ଲୀ ସାହିତ୍ୟର ବିକାଶ ହେଲେ ଗ୍ରାମାଞ୍ଚଳର ବିକାଶ ହେବ। ଗ୍ରାମାଞ୍ଚଳର ବିକାଶ ହେଲେ ଜିଲ୍ଲାର ବିକାଶ ହେବ। ପଲ୍ଲୀ ସାହିତ୍ୟର ଜୀବନ ହେଉଛି ବାସ୍ତବ ଜୀବନ। ଭଦ୍ରକର ବିକାଶ ଦିଗରେ ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ଆମେ ସମସ୍ତେ ପଲ୍ଲୀ ସାହିତ୍ୟକୁ ଆପଣେଇବା ଉଚିତ୍। ଯାହାକୁ ପ୍ରାଧାନ୍ୟ ଦେଇଥଲେ ସ୍ୱର୍ଗତ ବିଷ୍ଣୁ ସେଠୀ। ବିଷ୍ଣୁ ସେଠୀଙ୍କ ଚିନ୍ତା ଚେତନା ସଦା ବାରି ହୋଇ ପଡ଼େ। ପୂର୍ବତନ କୃଷି ଅଧିକାରୀ ପ୍ରଖ୍ୟାତ କୃଷିକବି ଇଂ ଅରୁଣ

## କବି ବିଷ୍ଣୁ ସେଠୀ ସାହିତ୍ୟ ସାଧନାର ବିନ୍ଧାଣୀ

ପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ଆମ ସମାଜକୁ ପଲ୍ଲୀ ସାହିତ୍ୟର ଆବଶ୍ୟକତା ସମ୍ପର୍କରେ ପଲ୍ଲୀ କବିଙ୍କ ଉଦାହରଣ ଦେଇ ଭାବାତ୍ମକ ବକ୍ତବ୍ୟ ରଖିଥିଲେ। ଏହି ସାଂସ୍କୃତିକ ସଭାରେ ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ସମାଜସେବୀ କଳ୍ପନା ଜେନା, ଦାମୋଦର ସଂସ୍କୃତ ମହାବିଦ୍ୟାଳୟର ଅଧକ୍ଷ ଡ ନିତ୍ୟାନନ୍ଦ ମିଶ୍ର, ମାଆ ଜଗଦ୍ଧାତ୍ରୀ ବିଶ୍ୱ ସଂସ୍କୃତି ସୁରକ୍ଷା ସଂସ୍ଥାନର ପ୍ରତିଷ୍ଠାତା ପଣ୍ଡିତ ସଞ୍ଜୟ ପାଢ଼ୀ ଶର୍ମା ପ୍ରମୁଖ ଯୋଗ ଦେଇଥିଲେ। 'କବି ବିଷ୍ଣୁ ସେଠୀ'ଙ୍କ ନାମରେର ନାମିତ ମଞ୍ଚରେ ପଲ୍ଲୀ ସାହିତ୍ୟରେ ଜୀବନ' ଶୀର୍ଷକ ଆଲୋଚନାଚକ୍ରରେ ସଭାପତି ପଣ୍ଡିତ ଦୈତାରୀ ମହାପାତ୍ର ସଭାପତିତ୍ୱ କରିଥିବାବେଳେ କାର୍ଯକାରୀ ସଭାପତି ଦୁର୍ଗାଶଙ୍କର ବିଶ୍ୱାଳ ସ୍ୱାଗତ ଭାଷଣ ରଖିଥିଲେ। ସମ୍ପାଦକ ସତ୍ୟଭୂଷଣ ସ୍ୱାମୀ ସମ୍ପାଦକୀୟ ବିବରଣୀ ଉପସ୍ଥାପନ କରିଥିଲେ। ପଣ୍ଡିତ ସଞ୍ଜୟ ପାଢ଼ୀଶର୍ମା ବେଦ ପାଠ କରିଥିଲେ। ଏହି ଅବସରରେ ଅଥିତିମାନଙ୍କୁ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ମୟୂର ଏକାଡେମୀର କୁନି କୁନି ପିଲାମାନଙ୍କୁ ପ୍ରମାଣପତ୍ର ସହ ସମ୍ମାନିତ କରାଯାଇଥିଲା। ସଭାରମ୍ଭରେ କୁନି କୁନି କଳିକା ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ। ରଶ୍ମିତା ଦାଶ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଆଦର୍ଶ ଶିକ୍ଷକ ଅରୁଣ ମଲ୍ଲିକ ମାତୃବନ୍ଦନା ଗାନ କରିଥିଲେ। ପ୍ରଶାନ୍ତ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ମୟୂର ଏକାଡେମୀର କଳାକାରଙ୍କ ନୃତ୍ୟ ପରିବେଷଣ ଓ ଓଡ଼ିଶା ଭାଷା ସାହିତ୍ୟ ସଂସ୍କୃତି ବିଭାଗ ଓ ଭଦ୍ରକ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଆୟୋଜିତ ପାଲା, ଦାସକାଠିଆ ଏବଂ ନୃତ୍ୟ ବେଶ୍ ଚିତ୍ତାକର୍ଷକ ଥିଲା। ଗୀତ ସଙ୍ଗୀତର ନିର୍ଦ୍ଦେଶକ କୁମାର ଗୌତମ ଓ ସାଥୀଙ୍କ ସଙ୍ଗୀତ ନୃତ୍ୟରେ ଦର୍ଶକମାନେ ବିମୋହିତ ହୋଇଥିଲେ। କମିଟିର ଉପସଭାପତି ପ୍ରମୋଦ ରାୟ, ଆବାହକ ଶଶିଭୂଷଣ ସ୍ୱାମୀ, ସାଂସ୍କୃତିକ ସମ୍ପାଦକ ରଶ୍ମିତା ଦାଶ, ସଂଗଠନ ସମ୍ପାଦକ ରମେଶଚନ୍ଦ୍ର ସ୍ୱାଇଁ, ମୁଖ୍ୟ ସଂଯୋଜକ ରାଜଲକ୍ଷ୍ମୀ ମହାପାତ୍ର, ଉପସଭାନେତ୍ରୀ କଳ୍ପନା ଜେନା, ଯୁଗ୍ମ ସମ୍ପାଦକ ଅରୁଣ ମଲ୍ଲିକ, ପ୍ରଶାନ୍ତ ତ୍ରିପାଠୀ, ମନସ୍ମିତା ଦାସ, ଶଶିକଳା ମିଶ୍ର, ଦୀପାଲି ନାୟକ, ସୁମିତ୍ରା ପାଣି, ଗୋସ୍ୱାମୀ ଅରୂପ ଦାସ, ସୁନିଲ ଦତ୍ତଙ୍କ ସଂଯୋଜନାରେ ଆୟୋଜିତ ଏହି ଉତ୍ସବ ପ୍ରତ୍ୟେହ ସନ୍ଧ୍ୟାରେ ସାଧାରଣ ସଭା, ଆଲୋଚନାଚକ୍ର, ସମ୍ବର୍ଦ୍ଧନା ସମାରୋହ, ଆଧ୍ୟାତ୍ମିକ କାର୍ଯ୍ୟକ୍ରମ, କବିତା ପାଠୋତ୍ସବ, ନୃତ୍ୟ, ସଙ୍ଗୀତ, ନାଟକଭିତ୍ତିକ ସାଂସ୍କୃତିକ ବିଚିତ୍ରା, ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ବିଭାଗ ଓଡ଼ିଶା ଓ ଜିଲ୍ଲା ପ୍ରଶାସନ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଲୋକକଳା, ଲୋକନୃତ୍ୟ, ଚଳଚ୍ଚିତ୍ର ଅଭିନେତା, ଅଭିନେତ୍ରୀ, ମଞ୍ଚ କଳାକାର, ହାସ୍ୟ ଅଭିନେତା, ଅଭିନେତ୍ରୀ, ଯାତ୍ରା କଳାକାର, ବିଶିଷ୍ଟ ସଙ୍ଗୀତଜ୍ଞଙ୍କ ସମାରୋହ ଆଦି ଆୟୋଜନ ହେଉଛି। ଗତ ୨ ତାରିଖରୁ ଆରମ୍ଭ ୧୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।

# ପ୍ରମାଣ ଆଧାରିତ ପାରମ୍ପରିକ ଔଷଧର ବିକାଶରେ ଭାରତର ଭୂମିକା ସର୍ବାଗ୍ରେ'

**ଭଦ୍ରକ, ୧୦।୧୨(ସମିସ):** ଭାରତ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ହୁ) ସହଯୋଗରେ ଆସନ୍ତା ୧୭ରୁ ୧୯ ଡିସେମ୍ବର ୨୦୨୫ ପର୍ଯ୍ୟନ୍ତ ନୂଆଦିଲ୍ଲୀରେ ଦ୍ୱିତୀୟ ହୁ ବିଶ୍ୱସ୍ତରୀୟ ସମ୍ମିଳନୀ ସହ-ଆୟୋଜନ କରିବ। ସମ୍ମିଳନୀରେ ପାରମ୍ପରିକ ଔଷଧରେ ନବସୃଜନ, ପ୍ରମାଣ-ଆଧାରିତ ଅଭ୍ୟାସ ଏବଂ ଭବିଷ୍ୟତ ରଣନୀତି ଉପରେ ବିଚାର-ବିମର୍ଶ କରିବା ପାଇଁ ବିଶ୍ୱ ନେତା, ନୀତି ନିର୍ଦ୍ଧାରକ, ଗବେଷକ ଏବଂ ବିଶେଷଜ୍ଞଙ୍କୁ ଏକତ୍ର କରିବ। ଏହି ବିଶ୍ୱସ୍ତରୀୟ ସମ୍ମିଳନୀ ପାଳନ କରିବା ପାଇଁ ଆୟୁଷ ମନ୍ତ୍ରଣାଳୟର ଅଧୀନରେ ଥିବା ଭଦ୍ରକର ଆଞ୍ଚଳିକ ଗବେଷଣା ପ୍ରତିଷ୍ଠାନ ୟୁନାନି ଔଷଧ ପକ୍ଷରୁ ଆଜି ଏକ ସାମ୍ବାଦିକ ସମ୍ମିଳନୀ




ଅନୁଷ୍ଠିତ ହୋଇଛି। ଏହି ସମ୍ମିଳନୀରେ ଗବେଷଣା ଅଧିକାରୀ ଡ ଅଖତର ହୁସେନ ଜମାଲି ସ୍ୱାଗତ ଭାଷଣ ଦେଇଥିବାବେଳେ ଗବେଷଣା ଅଧିକାରୀ ଡକ୍ଟର କିଶୋର କୁମାର, ଅନୁସନ୍ଧାନ ଅଧିକାରୀ ଡ. ମହମ୍ମଦ ମୁଦାସି ପ୍ରମୁଖ ପ୍ରମାଣ ଆଧାରିତ ପାରମ୍ପରିକ ଔଷଧକୁ ଆଗକୁ ବଢାଇବାରେ ଭାରତର ଭୂମିକା ଉପରେ ଆଲୋକପାତ କରିବେ ବୋଲି ଉପସ୍ଥିତ ଗଣମାଧ୍ୟମ ପ୍ରତିନିଧିଙ୍କୁ କହିଥିଲେ। ବିଶେଷକରି ପିଆଇବି ଭୁବନେଶ୍ୱରର ସହକାରୀ ନିର୍ଦ୍ଦେଶକ ମହେନ୍ଦ୍ର ପ୍ରସାଦ ଜେନା ଏହି ସାମ୍ବାଦିକ ସମ୍ମିଳନୀରେ ବିଶ୍ୱସ୍ତରରେ ପାରମ୍ପରିକ ଔଷଧକୁ ପ୍ରୋତ୍ସାହିତ କରିବାରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିବା ସହ ଏ ଦିଗରେ ଗଣମାଧ୍ୟମ ପ୍ରତିନିଧିମାନଙ୍କ ସହଯୋଗ ଲୋଡିଥିଲେ। ୟୁନାନୀ ଗବେଷଣାକୁ ସୁଦୃଢ କରିବା ଏବଂ ବିଶ୍ୱ ପାରମ୍ପରିକ ଔଷଧ ପଦକ୍ଷେପରେ ଯୋଗଦାନ ଦେବା ପାଇଁ ତାର ପ୍ରତିବଦ୍ଧତାକୁ ପୁନସ୍ଥାପିତ କରିବା ବିଶ୍ୱସ୍ତରୀୟ ସମ୍ମିଳନୀର ମୂଳ ଲକ୍ଷ୍ୟ ବୋଲି ସୂଚାଇଥିଲେ। ଏହି ଅବସରରେ ଡ. କିଶୋର କୁମାରଙ୍କୁ ଏକ ବୃକ୍ଷ ଉପହାର ଦିଆଯାଇଥିଲା। ଏହି ସମ୍ମିଳନୀ ଶେଷରେ ଭଦ୍ରକ ଆଞ୍ଚଳିକ ଗବେଷଣା ପ୍ରତିଷ୍ଠାନ ୟୁନାନୀର ଷ୍ଟେନୋ ସାଖବତ ଅଲୀ ଖାନ ଧନ୍ୟବାଦ ଦେଇଥିଲେ।

# ଲିଙ୍ଗଭିତ୍ତିକ ହିଂସା ବିରୋଧରେ ସଚେତନତା କାର୍ଯ୍ୟକ୍ରମ ଉଦ୍‌ଯାପିତ

**ଭଦ୍ରକ,୧୦।୧୨(ସମିସ):** ମହିଳା ଓ ଶିଶୁ ବିକାଶ ବିଭାଗ, ଭଦ୍ରକ ଜିଲ୍ଲା ପ୍ରଶାସନ ଓ ଫେଲୋସିପ୍, ଆସିୟାନା, ନୁହାସ, ଶକ୍ତିସଦନ ଆନୁକୂଲ୍ୟରେ ଅନୁଷ୍ଠିତ ଷୋଳଦିବସୀୟ ମହିଳା ଓ ବାଳିକାଙ୍କ ବିରୋଧରେ ହେଉଥିବା ହିଂସା ସଚେତନତା କାର୍ଯ୍ୟକ୍ରମ ଫେଲୋସିପ୍‌ର ସଭାପତି ଝରଣା ପଟ୍ଟନାୟକଙ୍କ ଅଧକ୍ଷତାରେ ଜିଲ୍ଲାପାଳଙ୍କ ସଭାଗୃହରେ ଉଦ୍‌ଯାପିତ




ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ଦିଲୀପ ରାଉତରାଏ, ମୁଖ୍ୟବକ୍ତା ଭାବେ ଫେଲୋସିପ୍‌ର ସମ୍ପାଦକ ଏସ୍.ଏନ୍.ଫାରୁକ, ସମ୍ମାନିତ ଅତିଥିଭାବେ ଜିଲ୍ଲା ସମାଜମଙ୍ଗଳ ଅଧିକାରିଣୀ ରୁପାଲି ମିତ୍ର, ସୁରକ୍ଷା ଅଧିକାରିଣୀ ଚନ୍ଦ୍ର ସାହୁ, ସୂଚନା ଲୋକସମ୍ପର୍କ ଅଧିକାରୀ ମଧୁସ୍ମିତା ମହାପାତ୍ର, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତି, ଜିଲ୍ଲା ବିଜ୍ଞାନ ସୁପରଭାଇଜର ହିମାଦ୍ରୀ ବିଶ୍ୱାଳ ପ୍ରମୁଖ ଯୋଗଦାନ କରିଥିଲେ। ଏହି ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଜିଲ୍ଲା ମହିଳା ହିଂସା ବିରୋଧୀ ମଞ୍ଚ ତରଫରୁ କୋଡ଼ଗମ୍ଭୀରର ସମାଜସେବୀ ସତ୍ୟମଞ୍ଜରୀ ପାଢ଼ୀଙ୍କୁ ରାଜ୍ୟ ବାହାରକୁ ଯୁବତୀ ଚାଲାଣ ରୋକିବା ଦିଗରେ ଉଲ୍ଲେଖନୀୟ କାର୍ଯ୍ୟପାଇଁ ସମ୍ବର୍ଦ୍ଧିତ କରାଯାଇଛି। ପ୍ରକାଶଥାଉକି, ଏହି ଷୋଳଦିବସୀୟ କାର୍ଯ୍ୟକ୍ରମ ଭଦ୍ରକ ଜିଲ୍ଲାରେ ୱାନ୍ ଷ୍ଟପ୍ ସେଣ୍ଟର, ଭଦ୍ରକ ବ୍ଲକ ସଭାଗୃହ, ଭଦ୍ରକ ମ୍ୟୁନିସିପାଲିଟି ସଭାଗୃହ, ନନ୍ଦପୁର ଗ୍ରାମ, ନାରାୟଣଚନ୍ଦ୍ର ହାଇସ୍କୁଲ, ଭଦ୍ରକ, ଚରମ୍ପା ରେଲୱେ ଷ୍ଟେସନ, ଏସ୍.ପି. ଅଫିସ୍ ସଭାଗୃହ, ଜିଲ୍ଲା ପୁଲିସ୍ କାର୍ଯ୍ୟାଳୟ, ହେଡ୍‌ପୋଷ୍ଟ ଅଫିସ୍ ଛକ, ସାଳନ୍ଦୀ କଲେଜ, ସୋସାଇଟ୍ ଫର୍ ଉଇକର କମ୍ୟୁନିଟ୍ ହଲ୍, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର କାର୍ଯ୍ୟାଳୟ, ବନ୍ତ ଛକ, ଆସିୟାନା ଶକ୍ତି ସଦନଠାରେ ଅନୁଷ୍ଠିତ ହୋଇଯାଇଛି। ମହିଳା ହିଂସା, ଲିଗାଲ୍ ଆୱରନେସ୍ ଏବଂ ଅଧିକାର, ଲିଙ୍ଗଗତ ସମାନତା, ସମୁଦାୟର ଭାଗିଦାରୀ, ଏଡସ୍ ସଚେତନତା, ଡ଼ିଜିଟାଲ୍ ସେଫ୍ଟି ଏବଂ ସାଇବର ସଚେତନତା, ସୋସିଆଲ୍ ମିଡ଼ିଆ କ୍ୟାମ୍ପେନ୍, ଏଜୁକେସନ୍ ଫର୍ ଇକୁଆଲିଟି, ସାମାଜିକ ବ୍ୟାଧି, ସେଫ୍ଟଟ୍ ଏଣ୍ଡ ସିକୁରିଟି, ସ୍ୱାସ୍ଥ୍ୟ କର୍ମୀଙ୍କ ସୁରକ୍ଷା ଆଦି କାର୍ଯ୍ୟକ୍ରମ ମାନ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ସଂଯୋଜକ ପୋଷଣ ସିରାଜ୍ ଅକ୍ତାର, ଜିଲ୍ଲା ସଂଯୋଜକ ମହିଳା ସଶକ୍ତି କେନ୍ଦ୍ର ସୂର୍ଯ୍ୟରଞ୍ଜନ ସାମଲ, ସଖୀ ୱାନ୍ ଷ୍ଟପ୍‌ର କେନ୍ଦ୍ର ପ୍ରଶାସିକା ପୁଷ୍ପାଞ୍ଜଳି ବେହେରା, ଆସିଆନାର ସଂଯୋଜକ ରିଆଜ୍ ଅହମଦ୍ ପ୍ରମୁଖ ପରିଚାଳନା କରିଥିଲେ।

## ସମାଜସେବୀ ସତ୍ୟମଞ୍ଜରୀ ପାଢ଼ୀ ସମ୍ବର୍ଦ୍ଧିତ

# ଚରମ୍ପା ସାହିତ୍ୟ ସଂସ୍କୃତ ମଞ୍ଚର କାନ୍ତକବି ଜୟନ୍ତୀ

**ଭଦ୍ରକ,୧୦।୧୨(ସମିସ):** ଭଦ୍ରକ ମାଟିର ଗର୍ବ ଓ ଗୌରବ ଜଣେ ସୁସାହିତ୍ୟିକ, ସାରସ୍ୱତ ସାଧକ, ପ୍ରାବନ୍ଧିକ ନାଟ୍ୟକାର କଳାକାର ଭାବେ ଓଡ଼ିଶା ବାଣୀ ଭଣ୍ଡାରକୁ ସମୃଦ୍ଧ କରିବା ସହ 'ବନ୍ଦେ ଉତ୍କଳ ଜନନୀ'ର ସ୍ରଷ୍ଟା କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଜୟନ୍ତୀ ପାଳନ କରିଛି ଚରମ୍ପା ସାହିତ୍ୟ ସଂସ୍କୃତ ମଞ୍ଚ। ଏନେଇ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ ମୁଖ୍ୟଅତିଥି ତଥା ଡେପୁଟି କଲେକ୍ଟର କାର୍ତ୍ତିକନାଥ ମଣ୍ଡଳ। ବେଦପାଠ ଓ ସ୍ୱାଗତ ଭାଷଣ ଡା. ଅନୀଲ କୁମାର ଦାଶ ଦେଇଥିବାବେଳେ ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ ଭାରତୀ ପଲେଇ। ଅତିଥି ପରିଚୟ ଆଇନଜୀବୀ କୁଳମଣି ବେହେରା ଦେଇଥିଲେ। ସଂପାଦକୀୟ ବିବରଣୀରେ ବାବୁଲାଲ ଦାସ ଅତୀତ ଓ ବର୍ତ୍ତମାନ ଉକ୍ତ ମଞ୍ଚ ପ୍ରତି ଆନୁଗତ୍ୟ ତଥା ତ୍ରୁଟିଶୂନ୍ୟ ପରିଚାଳନାକୁ ଭୁଲିହେବ ନାହିଁ ବୋଲି ପ୍ରକାଶ କରିଥିଲେ। ବରେଣ୍ୟ ଅତିଥି ଇ. ଅଭୟ ସୂତାର, ମୁଖ୍ୟବକ୍ତା



ଭାବେ ପ୍ରାଧ୍ୟାପିକା ଭାନୁମତୀ ମାଟିଆ, କୃଷିକବି ଅରୁଣ କୁମାର ପାତ୍ର, ପ୍ରାକ୍ତନ ଅଧକ୍ଷ ଶିବରାମ ଖାମୁରାଇ, ମଞ୍ଚର ସ୍ଥାୟୀ ସଭାପତି ଅଶୋକ କୁମାର ମହାନ୍ତି ବକ୍ତବ୍ୟ ରଖିଥିଲେ। ଶିକ୍ଷାବିତ୍ ଗଗନ ବିହାରୀ ରାଉତ ପୌରୋହିତ୍ୟ କରିଥିଲେ। ସହଯୋଗ କରିଥିଲେ ଉପସଭାପତି ଶରତଚନ୍ଦ୍ର ମହାନ୍ତି, ଶିକ୍ଷାବିତ୍ ଗୟାଧର ପଣ୍ଡା, ନାରାୟଣଚନ୍ଦ୍ର ପାଢ଼ୀ, ଅମର ପାଣିଗ୍ରାହୀ, ଜଗବନ୍ଧୁ ବାରିକ, ସଂଗ୍ରାମ କେଶରୀ ଦାସ, କଳ୍ପନା ଜେନା, କଳାକାର କାଳନ୍ଦୀ ମଳିକ, ନାଟ୍ୟଶ୍ରୀ ନିର୍ମଳ ରାଉତ, ବ୍ୟଙ୍ଗକବି ଗୋକୁଳାନନ୍ଦ ରାଉତ, ପ୍ରମୋଦା ପଣ୍ଡା, ଅଧକ୍ଷ ସୁରଞ୍ଜନ ପଣ୍ଡା, ରଣଜିତ କୁମାର ସାହୁ, ଶାନ୍ତିଲତା ବାରିକ, ଆରସିଆନର ମିଡିଆ ପ୍ରଭାତ ବିଜୟ ପ୍ରମୁଖ। ଧନ୍ୟବାଦ ଦେଇଥିଲେ ନରସିଂହ ମିଶ୍ର।

# ଚାଷୀଙ୍କୁ ମିଳୁନି ରେବ୍ ନଦୀ ସଂସ୍କାରର ଫଳ

**ଅସୁରାଳି,୧୦।୧୨(ସମିସ):** ଧାମନଗର ବ୍ଲକ ଦେଇ ରେବନଦୀର ବିଭିନ୍ନ ସ୍ଥାନରେ ଜଳ ନିଷ୍କାସନ କରାଯିବାକୁ ଦାବି ହୋଇଛି। ଅସୁରାଳି ଅଞ୍ଚଳର ଚାଷୀ ଭଦ୍ରକ ଜିଲ୍ଲାପାଳଙ୍କୁ ଦେଇଥିବା ଦାବିପତ୍ରରେ ଏ ପ୍ରସଙ୍ଗ ଉଠାଇ ତୁରନ୍ତ ସ୍ଲୁଇସ ଗେଟ ନିର୍ମାଣ ପାଇଁ ଦାବି କରିଛନ୍ତି। ଦିଆଯାଇଥିବା ଦାବିପତ୍ରରେ ଦର୍ଶାଯାଇଛି ଯେ ୨୦୦୮-୦୯ରେ ନଦୀ ସଂସ୍କାର ଯୋଜନାରେ କାର୍ଯ୍ୟକାରୀ ହୋଇଥିବା ରେବ ନଦୀ ଖନନ ବେଳେ ନଦୀର ଉଭୟ ପାର୍ଶ୍ୱରେ ଥିବା ଜନବସତି ଜଳ ନିଷ୍କାସନ ସ୍ଥାନଗୁଡିକ ଘାଇ ସଦୃଶ ଅବସ୍ଥାରେ ରହିଛି। ଏହି ବାଟ ଦେଇ ବର୍ଷା ସମୟରେ ନଦୀର ଉଦ୍‌ବୃତ ଜଳ ବ୍ୟାପକ ଅଞ୍ଚଳର ଚାଷ ଜମିକୁ ବୁଡାଇବା ସହ ଗାଁ ମଧ୍ୟକୁ ପ୍ରବେଶ କରି ନଥିବାରୁ ଅସୁବିଧା ସୃଷ୍ଟି କରୁଛି। ଘାଇ ଦେଇ ବର୍ଷା ବନ୍ୟା ପାଣି ପ୍ରବେଶ ଯୋଗୁଁ ଅସୁରାଳି, ଗଣେଶନଗର, ଗାନ୍ଧୀନଗର, ଗୋପବନ୍ଧୁ ନଗର, ବକ୍ସି, ଗଡିଆଳି,



ଗୋବିନ୍ଦପୁର, ସୁବାନପୁର, ଝାରଡିଆ, କାକୁଡିଗଡିଆ ଆଦି ଗ୍ରାମର ଶହ ଶହ ହେକ୍ଟର ଖରିଫ ଧାନ ନଷ୍ଟ ହେଉଛି। ସଂସ୍କାର କାର୍ଯ୍ୟର ୧୦ବର୍ଷ ପରେ ମଧ୍ୟ ନଦୀର ବିଭିନ୍ନ ବାଙ୍କ (ବୁଲାଣି) ସ୍ଥାନରେ ପଥର ପ୍ୟାଙ୍କିଂ କରା ନ ହେବାରୁ ଏହା କ୍ଷତି ଘଟାଉଛି। ସ୍ଥାନୀୟ ଜନସାଧାରଣ ଏବଂ ଚାଷୀକୁଳଙ୍କୁ କୌଣସି ସୁଫଳ ମିଳି ନଥିବା ଦେଖାଯାଉଛି। ଚାଷ ଓ ଚାଷୀର ସୁରକ୍ଷା ପାଇଁ କାକୁଡିଗଡିଆ ଓ ଗଡିଆଳି ପୋଲ ପାଖରେ ଜଳ ଅମଳ ପ୍ରକଳ୍ପ କରାଯାଇ ନଦୀଜଳକୁ ସଂରକ୍ଷଣ କରାଗଲେ ଖରାଦିନିଆ ଫସଲ ହୋଇପାରିବ ବୋଲି କୁହାଯାଇଛି। କୃଷକ ଗଣ ତଥା ବିଦ୍ୟାଧର ଦାସ, ବିଦ୍ୟାଧର ବସନ୍ତିଆ, ଶ୍ୟାମସୁନ୍ଦର ସେଠୀ, ଭାଗିରଥି ଦାସ, ନବକିଶୋର ନାଥ, ସସ୍ମିତା ଦାସ ବିମଳା ନାଥ, ବାଇଧର ବସନ୍ତିଆ, ନିତ୍ୟାନନ୍ଦ ସେଠୀ ପ୍ରମୁଖ ସ୍ଲୁଇସ ଗେଟ୍ ପାଇଁ ଦାବି ଉଠାଇଛନ୍ତି। ଆଗାମୀ ଦିନରେ ଏହା ଜନଆନ୍ଦୋଳନକୁ ପରିଣତ ହେବ ବୋଲି ଚାଷୀକୁଳ ଚେତାବନୀ ଦେଇଛନ୍ତି।

## ଉନ୍ନୟନ ପ୍ରଶିକ୍ଷଣ ଶିବିର




**ବାରିକପୁର,୧୦।୧୨(ସମିସ):** ଭଣ୍ଡାରିପୋଖରୀ ବ୍ଲକ ସଭାଗୃହରେ ପଞ୍ଚାୟତ ଉନ୍ନୟନ ବାବଦୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଦିନିକିଆ ଶିବିରରେ ସରପଞ୍ଚ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ଡିଇଓ, ଜିଆରଏସ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ଅତିରିକ୍ତ ବ୍ଲକ ଉନ୍ନୟନ ଅଧିକାରୀ ନିଶିକାନ୍ତ ଖୁଣ୍ଟିଆ ଓ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରିଣୀ ବିଳାସିନୀ ସେନାପତି ଉପସ୍ଥିତ ରହି ପଞ୍ଚାୟତ ଉନ୍ନୟନ ବାବଦରେ ମତ ଦେଇଥିଲେ। ବିଭିନ୍ନ ବିଷୟରେ ନିହାର ରଞ୍ଜନ ସାହୁ, ବିକ୍ରମ ସାହୁ ଓ ପ୍ରକାଶ ଚନ୍ଦ୍ର ନାୟକ ପ୍ରଶିକ୍ଷଣ ପ୍ରଦାନ କରିଥିଲେ।

## ଭଣ୍ଡାରିପୋଖରୀ ମହୋତ୍ସବ ପ୍ରସ୍ତୁତି ବୈଠକ



**ଭଣ୍ଡାରିପୋଖରୀ,୧୦।୧୨(ସମିସ):** ଭଣ୍ଡାରିପୋଖରୀ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ ମହୋତ୍ସବ କମିଟି ସଭାପତି ଲକ୍ଷ୍ମୀଧର ନାୟକଙ୍କ ସଭାପତିତ୍ୱରେ ବୁଧବାର କାଳୀମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ମହୋତ୍ସବ କମିଟି ସମ୍ପାଦକ ଗୋଲକ ବେହେରା, ଲଳିତ ରାଉତ, ଗିରିଶ ସାମଲ, ସଞ୍ଜୀବ ପରିଡ଼ା, ରଜନୀକାନ୍ତ ଚାନ୍ଦ, ବିଜୟ ଶଙ୍କର ମହାନ୍ତି, ସତ୍ୟାନନ୍ଦ ମହାପାତ୍ର, ସୁବାସ ନନ୍ଦ, ରାଜେନ୍ଦ୍ର ଖଣ୍ଡାଇ, ଗୁରୁପ୍ରସାଦ ଗିରି, ତରଣୀସେନ ଜେନା, ଲକ୍ଷ୍ମୀଧର ସାହୁ, ଶିକ୍ଷାବିତ୍ ଭାରତଚନ୍ଦ୍ର କରଣ, ପବନ ନାୟକ ସମେତ ମହୋତ୍ସବ କମିଟିର ବହୁ ସଦସ୍ୟ ଉପସ୍ଥିତ ଥିଲେ। ମହୋତ୍ସବ ଆସନ୍ତା ଜାନୁଆରୀ ୨୩ରୁ ୨୭ ପର୍ଯ୍ୟନ୍ତ ପାଞ୍ଚ ଦିନ ଧରି ଅନୁଷ୍ଠିତ ହେବା ପାଇଁ କମିଟି ପକ୍ଷରୁ ସ୍ଥିର କରାଯାଇଛି।

## ବିଶ୍ୱ ମାନବାଧିକାର ଦିବସ

**ଭଦ୍ରକ, ୧୦।୧୨(ସମିସ):** ଭଦ୍ରକ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣଙ୍କ ପକ୍ଷରୁ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଓଲଙ୍ଗରେ ବିଶ୍ୱ ମାନବାଧିକାର ଦିବସ ପାଳିତ ହୋଇଯାଇଛି। ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରଥମେ ଏକ ଶୋଭାଯାତ୍ରା




ବାହାରି ସଚେତନତା ନିମିତ୍ତ ସ୍ଲୋଗାନ ଓ ପ୍ଲାକାର୍ଡ ପ୍ରଦର୍ଶନ କରାଯାଇଥିଲା। ତତ୍‌ପରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ପ୍ରବନ୍ଧ ପ୍ରତିଯୋଗିତାରେ ଭାଗନେଇ ଅତିଥିମାନଙ୍କଠାରୁ ପୁରସ୍କୃତ ହୋଇଥିଲେ। ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ସଚିବ ପୁଣ୍ୟଶ୍ଳୋକ ରଥ ପିଲାମାନଙ୍କୁ ଭବିଷ୍ୟତରେ ଜଣେ ଜଣେ ଉତ୍ତମ ତଥା ସଚେତନଶୀଳ ନାଗରିକ ହେବା ପାଇଁ କହିଥିଲେ। ଅତିରିକ୍ତ ଆରକ୍ଷୀ ଅଧିକାରୀ ସମ୍ବିତ ମାଝି ଏହି ଦିବସର ତାତ୍ପର୍ଯ୍ୟ ବୁଝାଇବା ସହ ଏହି ବୟସରେ ସମୟର ସଦପୋଯୋଗ କରିବା ପାଇଁ ପିଲାମାନଙ୍କୁ ବୁଝାଇଥିଲେ। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଟୁନଟୁନ ସାହା ଯୋଗଦେଇଥିଲେ। ଶିକ୍ଷୟିତ୍ରୀ କାଦମ୍ବିନୀ କର ଶର୍ମା ଅତିଥି ପରିଚୟ ପ୍ରଦାନ କରିଥିଲେ। ସହାୟକ ତଥା ନ୍ୟାୟରକ୍ଷକ ବହ୍ନିଶିଖା ବିଶ୍ୱାଳ ସମ୍ୟକ ଆଲୋଚନା କରିଥିଲେ। ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର କର୍ମୀଗଣ ସହଯୋଗ କରିଥିଲେ।

## 'ଅଛି ଯଦି ଦିଅ; ନାହିଁ ଯଦି ନିଅ'




**ଭଦ୍ରକ,୧୦।୧୨(ସମିସ):** ଗରିବଙ୍କ ମୁହଁରେ ହସ ଫୁଟାବାକୁ ଏକ ପ୍ରୟାସ। ଏବେ ଶୀତର ପ୍ରକୋପ ଏତେ ଜୋର୍ ଯେ କେହି ବି ଘରୁ ବାହାରିବାକୁ ଇଚ୍ଛା କରୁନାହାନ୍ତି, ବସ୍ତ୍ର ଦେହରେ ନ ରହିଲେ ମଣିଷ ବଞ୍ଚିବା ଭାରି କଷ୍ଟକର, ସେହି ଶୀତର ଦାଉରୁ ରକ୍ଷା ପାଇବା ପାଇଁ ସାହାରା ସାଜିଛି ଭଦ୍ରକ ଲାୟନ୍‌ସ କ୍ଲବ୍। ଯେଉଁ ଗରିବ ଲୋକମାନେ ପିନ୍ଧିବାକୁ ପାଉନାହାନ୍ତି ତାଙ୍କ ପାଇଁ ସାହାରା ସାଜିଛି ଏହି କ୍ଲବ। ଯଦି ଆପଣଙ୍କ ପାଖରେ ପିନ୍ଧିବା ପାଇଁ ନାହିଁ ତାହେଲେ ଆପଣ ଆସି ଏହି ଷ୍ଟଲ ନିକଟରେ ପହଞ୍ଚି ମାଗଣାରେ ବସ୍ତ୍ର ନେଇପାରିବେ, ଯଦି ଆପଣଙ୍କ ପାଖରେ ଅଧିକ ବସ୍ତ୍ର ରହି ଯାଇଛି ତାହେଲେ ବି ଆପଣ ଆଣି ଏହି ଷ୍ଟଲ ନିକଟରେ ଦେଇପାରିବେ। ଷ୍ଟଲଟି ଭଦ୍ରକ ଥାନା ଛକ ନିକଟରେ ଖୋଲାଯାଇଛି। ଏବର୍ଷ ମଧ୍ୟ ଏହି ଷ୍ଟଲଟି ଦୀର୍ଘ ଏକ ମାସ ଧରି ଚାଲୁ ରହିବ। ଭଦ୍ରକ ଲାୟନ୍ସ କ୍ଲବର ୨ୟ ଭାଇସ୍ ଗଭରନର ଅଶୋକ କୁମାର ମହାନ୍ତିଙ୍କ ପ୍ରଚେଷ୍ଟାରେ ଏହି ଷ୍ଟଲଟି ଉଦଘାଟିତ ହୋଇଯାଇଛି। ଜଣେ ଗରିବ ଲୋକ ଏହି ଷ୍ଟଲ ପାଖକୁ ଆସି ଏହି ବସ୍ତ୍ର ପାଇବା ପରେ ବେଶ୍ ଖୁସି ଥିବା ଦେଖିବାକୁ ମିଳିଛି। ଏହି କାର୍ଯ୍ୟକ୍ରମରେ ପ୍ରକାଶ ଜେନା, ସଭାପତି ସୁରେଶ ମହାନ୍ତି, ପ୍ରୀତିରଞ୍ଜନ ଦାସ, ସୁଭାର୍ନନନା ଖାନ, ହରମନ ପଣ୍ଡା, ଶରତ ମହାନ୍ତି ଓ ଅନ୍ୟାନ୍ୟା ସଭ୍ୟବୃନ୍ଦ ଉପସ୍ଥିତ ଥିଲେ।

## ● ସମସ୍ତ ରାଜସ୍ୱ କ୍ଷେତ୍ର ଓ ଅଫିସ କର୍ମଚାରୀଙ୍କୁ ପରାମର୍ଶ

# 'ମାନବୀୟ ଢ଼ଙ୍ଗରେ ରାଜସ୍ୱ ସେବା ଯୋଗାଅ'



**ଭଦ୍ରକ, ୯।୧୨(ସମିସ):** ଭଦ୍ରକ ଅତିରିକ୍ତ ଜିଲ୍ଲାପାଳ, ରବିନାରାୟଣ ସାହୁ(ରାଜସ୍ୱ)ଙ୍କ ଦ୍ୱାରା ଭଦ୍ରକ ତହସିଲର ବାର୍ଷିକ ୨୦୨୪-୨୦୨୫ ମସିହାର ସାଲତମାମି ଯାଞ୍ଚ ପ୍ରକ୍ରିୟା ସମ୍ପୂର୍ଣ୍ଣ ହେବା ସହ ଜନସାଧାରଣଙ୍କୁ ରାଜସ୍ୱ ସେବା ସ୍ୱଚ୍ଛତା, ସେବାପରାୟଣତା, ତ୍ୱରିତ ଓ ମାନବୀୟ ଢଙ୍ଗରେ ଯୋଗାଇଦେବାକୁ ସମସ୍ତ କ୍ଷେତ୍ର ଓ ଅଫିସ କର୍ମଚାରୀମାନଙ୍କୁ ପରାମର୍ଶ ଦିଆଯାଇଛି। ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସାହୁ କହିଛନ୍ତି, ଜନସାଧାରଣଙ୍କ ହିତରେ ସରଳତା, ସତତା ଓ ଦୃଢ଼ ମନୋଭାବର ସହ ସେବା ଦେବା ହିଁ ଆମର ପ୍ରଥମ କର୍ତ୍ତବ୍ୟ। ତହସିଲରେ ତାଙ୍କ ଯୋଗଦାନ ସମୟରେ ତହସିଲଦାର ପ୍ରିୟଦର୍ଶୀ ସଂଗ୍ରାମ କେଶରୀ ଖୁଣ୍ଟିଆ, ଅତିରିକ୍ତ ତହସିଲଦାର ସୁକାନ୍ତ କୁମାର ଦାଶ, ରଞ୍ଜନ କୁମାର ସିଂ, ସଂଜୀବ କୁମାର ରାୟ ରାଜସ୍ୱ ପରିଦର୍ଶକ ଜ୍ୟୋତିରଞ୍ଜନ ପଣ୍ଡା ଓ ବିକାଶ ଦାସଙ୍କ ସମେତ ୧୩ଟି ରାଜସ୍ୱ ସର୍କଲର ରାଜସ୍ୱ ନିରୀକ୍ଷକମାନେ ବିଭିନ୍ନ ସେକ୍ସନର ଅଫିସ କର୍ମଚାରୀ ଉପସ୍ଥିତ ଥିଲେ। ଅତିରିକ୍ତ ଜିଲ୍ଲାପାଳ ସାମାଜିକ ସମସ୍ୟା, ଜନସେବା, ଅଭିଯୋଗ ନିରାକରଣ, ବିକାଶମୂଳକ ପ୍ରକଳ୍ପର ସମସ୍ତ ସେବା ଦୃଢ଼ ଭାବରେ କାମ କରିବାକୁ ଆହ୍ୱାନ ସହ ଶୀଘ୍ର ସମସ୍ତ ବିଭାଗ ସହିତ ସମନ୍ୱୟ ରଖି ଜନସେବାରେ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

# ମତ୍ସ୍ୟଜୀବୀଙ୍କୁ ନେଇ ସାମୁଦ୍ରିକ କଇଁଛ ସୁରକ୍ଷା ସଚେତନତା ଶିବିର

ଭଦ୍ରକ, ୧୦।୧୨(ସମିସ)




ବିଶ୍ୱସ୍ତରରେ ଅଲିଭରିଡଲେ କଇଁଛମାନଙ୍କ ସୁରକ୍ଷା ପାଇଁ ବହୁ ସଂସ୍ଥା କାର୍ଯ୍ୟ କରି ଆସୁଥିବା ବେଳେ ଆଜି ଧାମରାଠାରେ ଏହି କଇଁଛମାନଙ୍କୁ ସୁରକ୍ଷା ପାଇଁ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଭଦ୍ରକ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ସୌଭାଗ୍ୟ କୁମାର ସାହୁଙ୍କ ସଭାପତିତ୍ୱରେ ହୋଇଥିବା ଶିବିରରେ ମୁଖ୍ୟଅତିଥି ଭାବେ ସେଞ୍ଚୁରିଆନ ୟୁନିଭର୍ସିଟିର ପ୍ରାଣୀ ବିଶେଷଜ୍ଞ ଡ. ଶିବପ୍ରସାଦ ପରିଡା ଅଲିଭ ରିଡଲେ କଇଁଛଗୁଡିକ ଶ୍ରୀଲଙ୍କା ଉପକୂଳରୁ ଆସି ଓଡ଼ିଶାର ଗହୀରମଥା ଏବଂ ଋଷିକୁଲ୍ୟା ନଦୀ ମୁହାଣରେ ସମୂହ ଅଣ୍ଡାଦାନ କରୁଥିବାରୁ ଏହାକୁ ସୁରକ୍ଷା ଦେବା ସାମୂହିକ ଦାୟିତ୍ୱ ବୋଲି ଆହ୍ୱାନ ଦେଇଥିଲେ। ତେବେ, ହଜାର ହଜାର ସଂଖ୍ୟାରେ ଆସୁଥିବା କଇଁଛ ମାନଙ୍କ ପାଇଁ ଓଡ଼ିଶାର ମତ୍ସ୍ୟଜିବୀ ଯଥା ଭଦ୍ରକ ଏବଂ କେନ୍ଦ୍ରାପଡ଼ା ଜିଲ୍ଲାର ମତ୍ସ୍ୟଜୀବୀମାନେ ନିଜର ଜୀବିକା ହରାଉଛନ୍ତି। ଏହି କଇଁଛମାନଙ୍କ ପାଇଁ ମାଛ ଧରା ବର୍ଷରେ ୯ମାସ ବନ୍ଦ ରହୁଥିବା ବେଳେ ଏହାର ସମୀକ୍ଷା କରିବା ଅତ୍ୟନ୍ତ ଜରୁରୀ ହୋଇପଡ଼ିଛି। କେନ୍ଦ୍ର ତଥା ରାଜ୍ୟ ସରକାର ଏହି କଇଁଛ ମାନଙ୍କ ସୁରକ୍ଷା ପାଇଁ ଏବଂ ପ୍ରଜନନ ଋତୁ ସମୟରେ ଗହୀରମଥା ଅଞ୍ଚଳରେ ମାଛ ଧରିବା ପାଇଁ ମତ୍ସ୍ୟଜୀବୀଙ୍କୁ ଅନୁମତି ପ୍ରଦାନ କରିବାକୁ ଧାମରା ଅଞ୍ଚଳର ସମସ୍ତ ମତ୍ସ୍ୟଜୀବୀ ଦାବି ରଖିଥିଲେ। ଗହୀରମଥା ଅଭୟାରଣ୍ୟ ଅଞ୍ଚଳରେ ୨୦ କି.ମି ବ୍ୟାସାର୍ଦ୍ଧରେ ମାଛ ଧରା ସଂପୂର୍ଣ ବନ୍ଦ କରାଯାଇଥିବା ବେଳେ ଏହାର ସୀମା ୧୦କି.ମି ଅଞ୍ଚଳ ମଧ୍ୟରେ ରଖିବାକୁ ମଧ୍ୟ ନିବେଦନ କରାଯାଇଛି। ଓଡ଼ିଶା ଉପକୂଳ ଅଞ୍ଚଳର ପୁନଃ ସୀମା ୪୮୦କି.ମିରୁ ୫୭୫ କି.ମି ପର୍ଯ୍ୟନ୍ତ ପରିବ୍ୟାପ୍ତ ହୋଇଥିବା ବେଳେ ଭଦ୍ରକ ଜିଲ୍ଲାର ଉପକୂଳ ଅଞ୍ଚଳ ମଧ୍ୟ ୫୨କି.ମିରୁ ୬୦ କି.ମି ପର୍ଯ୍ୟନ୍ତ ପୁନଃ ସୀମା ନିର୍ଧାରଣ କରାଯାଇଛି। ଧାମରାର ଦକ୍ଷିଣରେ କଳାମ ଘାଟି, ପୂର୍ବ ଦିଗରେ କୁମ୍ଭୀର ସଂରକ୍ଷଣ କେନ୍ଦ୍ର, ପଶ୍ଚିମ ଦିଗରେ ଗହୀରମଥା(ଅଲିଭରିଡଲେଙ୍କ ଅଣ୍ଡାଦାନ ସ୍ଥଳ) ଉତ୍ତର ଦିଗରେ ଧାମରା ବନ୍ଦର ନିଜର ପ୍ରାଧାନ୍ୟ ବିସ୍ତାର କରି ଚାଲିଥିବା ବେଳେ ମତ୍ସ୍ୟଜୀବୀଙ୍କ ଜୀବନ ଜୀବିକା ସମସ୍ୟା ଦିନକୁ ଦିନ ବଢି ବଢି ଚାଲିଛି। ସରକାର ତୁରନ୍ତ ଏଥିପ୍ରତି ଯତ୍ନବାନ ହେବା ସହ ରାଜନଗର ବନବିଭାଗ ଜାଣିଶୁଣି ଅତ୍ୟନ୍ତ ନିର୍ଦ୍ଦୟ ଭାବେ ଧାମରା ଅଞ୍ଚଳର ମତ୍ସ୍ୟଜୀବୀ ମାନଙ୍କୁ ହଇରାଣ କରୁଥିବା ନେଇ ଉପସ୍ଥିତ ମତ୍ସ୍ୟଜୀବୀ ଏବଂ ସଂଘ ନିଜ ନିଜର ଅଭିଯୋଗ ଉଥାପନ କରିଥିଲେ। ସମ୍ମାନିତ ଅତିଥି ଭାବେ ଧାମରା ସାମୁଦ୍ରିକ ଥାନାଧିକାରିଣୀ ପ୍ରିୟଦର୍ଶିନୀ ଖଟୁଆ, ଭଦ୍ରକ ବନାଞ୍ଚଳ ଅଧିକାରୀ କାର୍ତ୍ତିକେଶ୍ୱର ଖଣ୍ଡାଇ, ବାସୁଦେବପୁର ବନାଞ୍ଚଳ ଅଧିକାରୀ ଅତୁଲ୍ୟ କୁମାର ମହାନ୍ତି, ଧାମରା ସହକାରୀ ମତ୍ସ୍ୟାଧିକାରୀ ସୌମ୍ୟପ୍ରକାଶ ସେଠୀ, ଧାମରା ମତ୍ସ୍ୟଜୀବୀ ସଂଘର ଅଶୋକ ଜାନା, ସୁଦର୍ଶନ ଲେଙ୍କା, ଅଭିମନ୍ୟୁ ରାଉତ, ଦିବାକର ମାଇତି, ନିରଞ୍ଜନ ମଣ୍ଡଳ, ଜଗଦୀଶ ଜେନା, ବଂଶୀଧର ସାମନ୍ତ ପ୍ରମୁଖ ସମୁଦ୍ର ତଥା ଗହୀରମଥା ଅଞ୍ଚଳରେ ପ୍ରଶାସନ ସହ ସମନ୍ୱୟ ରକ୍ଷା କରିବା ସହ ଅଲିଭରିଡଲେ କଇଁଛଙ୍କୁ ସୁରକ୍ଷା ଦେବାକୁ ଏକମତ ହୋଇଥିଲେ। ଏହି ସଚେତନତା ଶିବିରରେ ଧାମରା ବନପାଳ କୁମୁଦ ରଞ୍ଜନ ସାହୁ, ସନ୍ତୋଷ ମାଝୀ, ସୂର୍ଯ୍ୟକାନ୍ତ ପଣ୍ଡା, ରଶ୍ମିତା ସାହୁ, ପ୍ରଶାନ୍ତ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବାସୁଦେବପୁର ବନାଞ୍ଚଳ ଅଧିକାରୀ ଅତୁଲ୍ୟ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ରାଜ୍ୟସ୍ତରୀୟ ବିଦ୍ୟାଳୟସମୂହ କ୍ରିକେଟ

# ବାଳିକା ବିଭାଗରେ କଟକ ଓ ଭୁବନେଶ୍ୱର ଫାଇନାଲକୁ ଉନ୍ନୀତ

ଜଗତସିଂହପୁର,୧୦।୧୨(ସମିସ)



ରାଜ୍ୟର ୩୧ଟି କ୍ରୀଡ଼ା ଜିଲ୍ଲାକୁ ନେଇ ଜଗତସିଂହପୁର ଜିଲ୍ଲାର ୭ଟି ଖେଳପଡ଼ିଆରେ ଚାଲିଥିବା ୬୯ତମ ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ କ୍ରିକେଟ୍ ମ୍ୟାଚ୍ର ଆଜି ପଞ୍ଚମ ଦିବସରେ ବାଳକ ବିଭାଗରେ ୧୦ଟି ମ୍ୟାଚ ଓ ବାଳିକା ବିଭାଗରେ ୩ଟି ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ବାଳକ ବିଭାଗରେ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମଠାରେ ବଲାଙ୍ଗିର ବନାମ ଯାଜପୁର ମଧ୍ୟରେ ଅନୁଷ୍ଠିତ ଲିଗ୍ ମ୍ୟାଚ୍ରେ ଯାଜପୁର ୮ ୱିକେଟ୍ ରେ ବିଜୟ ଲାଭ କରି ଖୋର୍ଦ୍ଧା ସହ ଏକ କ୍ୱାଟରଫାଇନାଲ ମ୍ୟାଚ୍ ଖେଳି ଏଥିରେ ୬ ୱିକେଟ୍ରେ ବିଜୟ ଲାଭ କରି ସେମିଫାଇନାଲକୁ ଉନ୍ନୀତ ହୋଇଛି। ନନ୍ଦବ୍ରତ ଷ୍ଟାଡିୟମ ଠାରେ ଅନୁଷ୍ଠିତ ଗଜପତି ବନାମ ସମ୍ବଲପୁର ଲିଗ୍ ମ୍ୟାଚ୍ରେ ଗଜପତି ୧୬ ରନ୍ରେ ବିଜୟ ଲାଭ କରି ପୁରୀ ସହ ଏକ କ୍ୱାଟରଫାଇନାଲ ମ୍ୟାଚ୍ ଖେଳି ଏଥିରେ ୫ ୱିକେଟ୍ରେ ବିଜୟ ଲାଭ କରି ସେମିଫାଇନାଲକୁ ଉନ୍ନୀତ ହୋଇଛି। ସତୀ ଖେଳପଡିଆ ଠାରେ ନୂଆପଡ଼ା ବନାମ ପୁରୀ ମଧ୍ୟରେ ଏକ ଉତ୍କଣ୍ଠାପୂର୍ଣ୍ଣ ଲିଗ୍ ମ୍ୟାଚ୍ରେ ପୁରୀ ୧ରନରେ ବିଜୟ ଲାଭ କରିଛି। ନବରଙ୍ଗପୁର ଓ କେନ୍ଦୁଝର ମଧ୍ୟରେ ଅନୁଷ୍ଠିତ କ୍ୱାଟର୍ ଫାଇନାଲ ମ୍ୟାଚରେ ନବରଙ୍ଗପୁର ୬୦ରନ୍ରେ ବିଜୟ ଲାଭ କରି ସେମିଫାଇନାଲକୁ ଉନ୍ନୀତ ହୋଇଛି। ତର୍ତ୍ତଙ୍ଗ ମିନିଷ୍ଟାଡିୟମଠାରେ ଭଦ୍ରକ ବନାମ ଅନୁଗୁଳ ମ୍ୟାଚ୍ରେ ଭଦ୍ରକ ୮ ୱିକେଟ୍ରେ ବିଜୟ ଲାଭ କରିଥିଲା। ସ୍ୱାମୀ ବିବେକାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟ ଖେଳପଡିଆରେ ଗଞ୍ଜାମ ବନାମ ଢେଙ୍କାନାଳ ମ୍ୟାଚ୍ରେ ଢେଙ୍କାନାଳ ୬ ୱିକେଟ୍ରେ ବିଜୟ ଲାଭ କରିଥିଲା। ମାଲକାନଗିରି ବନାମ ଭଦ୍ରକ ମ୍ୟାଚ୍ରେ ମାଲକାନାଗିରି ୫ ୱିକେଟ୍ରେ ବିଜୟ ଲାଭ କରି ସେମିଫାଇନାଲ ଖେଳିବା ପାଇଁ ଯୋଗ୍ୟତା ଅର୍ଜନ କରିଛି। ସେହିପରି ୧୭ବର୍ଷରୁ କମ ବାଳିକା ବିଭାଗରେ ପୁନଙ୍ଗ ସ୍ଥିତ ପୁଲିସ ବାରାକ ପଡ଼ିଆରେ କେନ୍ଦୁଝର ବନାମ ନୂଆପଡା ମ୍ୟାଚ୍ରେ କେନ୍ଦୁଝର ୧୧୧ ରନ୍ରେ ବିଜୟ ଲାଭକରିଥିଲା। କଟକ ବନାମ କେନ୍ଦୁଝର ସେମିଫାଇନାଲ ମ୍ୟାଚ୍ ର କଟକ ୭୦ ରନ୍ରେ ବିଜୟ ଲାଭ କରି ଫାଇନାଲକୁ ଉନ୍ନୀତ ହୋଇଛି। ଜୟଦୁର୍ଗା ୟୁଥ ଆଥଲେଟିକ କ୍ଲବ ଖେଳ ପଡିଆରେ ଭୁବନେଶ୍ୱର ବନାମ ବାଲେଶ୍ୱର ସେମିଫାଇନାଲ ମ୍ୟାଚ୍ରେ ଭୁବନେଶ୍ୱର ୧୩ ରନ୍ରେ ବିଜୟଲାଭ କରି ଆସନ୍ତାକାଲି କଟକ ସହ ଫାଇନାଲ ମ୍ୟାଚ ଖେଳିବ। ଆସନ୍ତାକାଲି ବାଳକ ବିଭାଗର ଦୁଇଟି ସେମିଫାଇନାଲ ମ୍ୟାଚ ଯାଜପୁର ବନାମ ମାଲକାନଗିରି ଓ ଗଜପତି ବନାମ ନବରଙ୍ଗପୁର ମଧ୍ୟରେ ଅନୁଷ୍ଠିତ ହେବ। ଏଥିରେ ବିଜୟ ଲାଭ କରିଥିବା ଦୁଇ ଦଳ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବାକୁ ଥିଲା ବେଳେ ବାଳିକା ବିଭାଗର କଟକ ଓ ଭୁବନେଶ୍ୱର ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ଏହାପରେ ଏହି ରାଜ୍ୟସ୍ତରୀୟ କ୍ରିକେଟ ପ୍ରତିଯୋଗିତାର ଉଦ୍ଯାପନ ଉତ୍ସବ ଅନୁଷ୍ଠିତ ହେବ। ଜିଲ୍ଲା ଶିକ୍ଷାଧିକାରୀ କେଶବ ମେହେରଙ୍କ ମାର୍ଗଦର୍ଶନରେ ଏବଂ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ରାଜ୍ୟଶ୍ରୀ ସାହୁ, ଡ. ସୁଶାନ୍ତ ମହାନ୍ତି, ସହକାରୀ ନିର୍ଦ୍ଦେଶକ ଜ୍ୟୋତିରଞ୍ଜନ ପରିଡା ଓ ଜିଲ୍ଲା ଶାରୀରିକ ଶିକ୍ଷାଧିକାରୀ ଜୟନ୍ତ କୁମାର ରାୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ ଖେଳ ଅନୁଷ୍ଠିତ ହୋଇଥିଲା। ପ୍ରତ୍ୟେକ ମ୍ୟାଚ୍ ସ୍ଥଳରେ ଜଗତସିଂହପୁର ଜିଲ୍ଲା ଜୁନିଅର ରେଡ୍କ୍ରସ ସଂଗଠନ ତରଫରୁ ପ୍ରାଥମିକ ଚିକିତ୍ସା ଯୋଗାଇ ଦିଆଯାଇଥିଲା ବେଳେ ପ୍ରତିଦିନ ସନ୍ଧ୍ୟାରେ ବିଭିନ୍ନ ଜିଲ୍ଲାରୁ ଆସିଥିବା ଛାତ୍ରଛାତ୍ରୀଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉପସ୍ଥିତ ସମସ୍ତ ଖେଳାଳି ଉପଭୋଗ କରିଥିଲେ। ଏହି ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ କ୍ରିକେଟ ପ୍ରତିଯୋଗିତାରେ ସମସ୍ତ ବ୍ଲକର ବ୍ଲକ ଶିକ୍ଷାଧିକାରୀ, ଏହି କ୍ରିକେଟ ପ୍ରତିଯୋଗିତା ପାଇଁ ଗଠିତ ଜିଲ୍ଲା କମିଟିର ସମସ୍ତ ସଦସ୍ୟ/ସଦସ୍ୟା ଓ ରାଜ୍ୟ କର୍ମକର୍ତ୍ତା ମାନେ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା ଓ ସହଯୋଗ ପ୍ରଦାନ କରିଥିଲେ।

## ଘର ମାଲିକକୁ ଆକ୍ରମଣକରି ଜଣେ ଗିରଫ

ଜଗତସିଂହପୁର, ୧୦।୧୨(ସମିସ): ଜଗତସିଂହପୁର ସଦର ଥାନା ଅନ୍ତର୍ଗତ ସାଁପୁର ଗ୍ରାମରେ ଗତ ଅକ୍ଟୋବର ୧୬ ତାରିଖରେ ସଂଗଠିତ ମରଣାନ୍ତକ ଆକ୍ରମଣ ମାମଲାର ମୁଖ୍ୟ ଅଭିଯୁକ୍ତ ଲିପୁ ଲେଙ୍କାକୁ ପୁଲିସ ଗିରଫ କରିଛି। ପୁଲିସ ଠାରୁ ମିଳିଥିବା ସୂଚନା ଅନୁସାରେ ଲିପୁ ଲେଙ୍କା ସାଁପୁର ଗ୍ରାମର ଶିବାଶିଷ ମହାନ୍ତିଙ୍କ ଘରେ ଭଡ଼ା ନେଇ ରହୁଥିଲେ। ଘଟଣା ଦିନ ରାତି ପ୍ରାୟ ୧୦.୩୦ମି ସମୟରେ ଲିପୁ ଏବଂ ତାଙ୍କ ପତ୍ନୀ ସ୍ୱପ୍ନାରାଣୀ ଘରେ ପଶି ଶିବାଶିଷଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରି ଲହୁଲୁହାଣ କରି ଦେଇଥିଲେ। ଏହାର ପ୍ରତିବାଦ କରିବାରୁ ଶିବାଶିଷଙ୍କ ଝିଅ ଦେବିଦାସୀକୁ ମଧ୍ୟ ଉଭୟ ସ୍ୱାମୀ ସ୍ତ୍ରୀ ଅଶାଳୀନ ବ୍ୟବହାର ସହିତ ଟଣାଓଟରା କରିଥିଲେ। ଗୁରୁତର ଅବସ୍ଥାରେ ଶିବାଶିଷଙ୍କୁ ପଡ଼ିଶା ଲୋକେ ଉଦ୍ଧାର କରି ଜଗତସିଂହପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ପରେ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। ଘଟଣା ପରେ ଲିପୁ ଫେରାର ହୋଇଯାଇଥିବା ବେଳେ ପତ୍ନୀ ସ୍ୱପ୍ନାରାଣୀ ପୁଲିସ ପାଖରେ ଆତ୍ମ ସମର୍ପଣ କରିଥିଲେ। ଘଟଣା ସମ୍ପର୍କରେ ସଦର ଥାନାରେ ଅଭିଯୋଗ ପରେ ପୁଲିସ ଏକ ମରଣାନ୍ତକ ଆକ୍ରମଣ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତେବେ ନିର୍ଭରଯୋଗ୍ୟ ସୂତ୍ରରୁ ଖବର ପାଇ ଅନୁଗୁଳରୁ ସ୍ଥାନୀୟ ପୁଲିସ ସହାୟତାରେ ଲିପୁ ଲେଙ୍କାକୁ ଗିରଫ କରିବାରେ ସଫଳ ହୋଇଥିବା ଏସ୍ପି ଅଙ୍କିତ କୁମାର ବର୍ମା ସୂଚନା ଦେଇଛନ୍ତି।

## ବ୍ୟାଙ୍କରେ ସୁରକ୍ଷିତ ଜମା ରାଶି ନେଇ ସଚେତନତା ଶିବିର

ଜଗତସିଂହପୁର,୧୦।୧୨(ସମିସ): ଆପଣଙ୍କ ପୁଞ୍ଜି, ଆପଣଙ୍କ ଅଧିକାର ଶୀର୍ଷକ ସଚେତନତା ଶିବିର ଆସନ୍ତା ୧୨ ତାରିଖରେ ୟୁକୋ ବ୍ୟାଙ୍କ ସ୍ୱନିଯୁକ୍ତି ତାଲିମ ପ୍ରତିଷ୍ଠାନ ଜଗତସିଂହପୁରରେ ଅନୁଷ୍ଠିତ ହେବ। ଏହି ଶିବିରରେ ଦାବିହୀନ ଖାତାର ଅର୍ଥରାଶି ପ୍ରଦାନ ସହିତ ବ୍ୟାଙ୍କ ଗୁଡ଼ିକରେ ଦାବିହୀନ ଖାତା ସମ୍ବନ୍ଧୀୟ ସବିଶେଷ ସୂଚନା ଜନସାଧାରଣଙ୍କୁ ପ୍ରଦାନ କରାଯିବ। ଜନସାଧାରଣ ନିଜ ପୁଞ୍ଜି ଉପରେ ପୂର୍ଣ୍ଣ ଅଧିକାର ସାବ୍ୟସ୍ତକୁ ସଫଳ କରିବା ଉଦ୍ଦେଶ୍ୟରେ ଏହି ସଚେତନତା ଶିବିର କେନ୍ଦ୍ର ଅର୍ଥ ସେବା ବିଭାଗଙ୍କ ନିର୍ଦ୍ଦେଶକ୍ରମେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି ବୋଲି ୟୁକୋ ବ୍ୟାଙ୍କ ଜିଲ୍ଲା ଅଗ୍ରଣୀ ଶାଖାର ମୁଖ୍ୟ ପରିଚାଳକ ଅନିଲ୍ ପ୍ରଧାନ ପ୍ରକାଶ କରିଛନ୍ତି।

# ବିଦ୍ୟାର୍ଥୀ ବ୍ୟକ୍ତିତ୍ୱ ବିକାଶ କାର୍ଯ୍ୟକ୍ରମ



ଜଗତସିଂହପୁର, ୧୦।୧୨(ସମିସ): ଅଫୁରନ୍ତ ଉତ୍ସାହ, ଅଦମ୍ୟ ସାହସ, ଅସୀମ ଧୈର୍ଯ୍ୟ ଓ ଅକ୍ଳାନ୍ତ ପରିଶ୍ରମ ଦ୍ୱାରା ଆମେମାନେ ଯେକୌଣସି ବଡ କାର୍ଯ୍ୟ କରିବାକୁ ସମର୍ଥ ହେବା ଏବଂ ବୀର୍ଯ୍ୟବାନ୍, ସମ୍ପୂର୍ଣ୍ଣ ଅକପଟ, ତେଜସ୍ୱୀ, ବିଶ୍ୱାସୀ ଓ ସାହାସୀ କେତେଜଣ ହାତଗଣତି ଯୁବକ ସମଗ୍ର ଜଗତର ଭାବସ୍ରୋତକୁ ବଦଳାଇ ଦେଇପାରିବେ ଏହାହିଁ ଥିଲା ସ୍ୱାମୀ ବିବେକାନନ୍ଦଙ୍କର ଛାତ୍ରଗୋଷ୍ଠୀ ପାଇଁ ଆହ୍ୱାନ ବୋଲି କୁସୁପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ଆୟୋଜିତ ବିଦ୍ୟାର୍ଥୀ ବ୍ୟକ୍ତିତ୍ୱ ବିକାଶ କାର୍ଯ୍ୟକ୍ରମରେ ଅତିଥି ମାନେ ମତପ୍ରକାଶ କରିଛନ୍ତି। ସ୍ୱାମୀ ବିବେକାନନ୍ଦ ଲୋକସଂସଦ, ଜଗତସିଂହପୁର ଜିଲ୍ଲା ଶାଖା ଓ ଉତ୍କଳ ରାମକୃଷ୍ଣ ସେବାସଂଘ, ଭୁବନେଶ୍ୱରର ମିଳିତ ଆନୁକୂଲ୍ୟରେ ବାଲିକୁଦା ବ୍ଲକ ଅନ୍ତର୍ଗତ ତେନ୍ତୁଲିବେଲାରୀ କୁସୁପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ଆୟୋଜିତ 'ଉଦ୍ବୋଧନୀ' ଓ ବିଦ୍ୟାର୍ଥୀ ବ୍ୟକ୍ତିତ୍ୱ ବିକାଶ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସ୍ୱାମୀ ବିବେକାନନ୍ଦ ଲୋକସଂସଦ, ପୂର୍ବ ସଂଭାଗ ଓଡିଶାର ମୋ ଗାଁ ପରିଷଦ ପରିବେଶ ବିଭାଗର ସଂଯୋଜକ ପରିବେଶବିତ୍ ଉତ୍କଳ ରଞ୍ଜନ ମହାନ୍ତି କହିଛନ୍ତି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୈବଲ୍ୟ ବିଶ୍ୱାଳଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ ସତ୍ୟସୁନ୍ଦର ଦାସ। କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ ଶିକ୍ଷୟିତ୍ରୀ କବିତା ମଞ୍ଜରୀ ଦାସ। ମୁଖ୍ୟବକ୍ତା ଭାବେ ସେବା ସଂଘର ପ୍ରମୁଖ ପ୍ରବକ୍ତା ଜୟନ୍ତ କୁମାର ମହାନ୍ତି ଯୋଗଦେଇ ସ୍ୱାମୀଜୀଙ୍କ ଜୀବନଦର୍ଶନ ସମ୍ପର୍କରେ ବିଶଦଭାବେ ଆଲୋକପାତ କରିଥିଲେ। ଏହି ଅବସରରେ ଆୟୋଜିତ ବକ୍ତୃତା ପ୍ରତିଯୋଗିତାର କୃତି ପ୍ରତିଯୋଗୀ ଆଶିଷ କୁମାର ସାମଲ, ଓମ୍ ପ୍ରକାଶ ସ୍ୱାଇଁ, ସାଇ ପ୍ରସାଦ ହାତୀ, ସ୍ମୃତା ମାଇତି ଓ କୁନି ପ୍ରଧାନଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ରମେଶ ଚନ୍ଦ୍ର ମଲ୍ଲିକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଗ୍ରାମାଞ୍ଚଳରେ ନିଶା ବେପାର ବୃଦ୍ଧି

ବାଲିକୁଦା, ୧୦।୧୨ (ସମିସ): ବାଲିକୁଦା ବ୍ଲକ ନହରଣା ପଞ୍ଚାୟତ ବନ୍ଦର ସାମୁଦ୍ରିକ ଥାନା ଅଧୀନରେ ଥିବା ଗଣ୍ଡକୁଳ ବଜାର ନିକଟରେ ଦୋକାନ କରିଥିବା କିଛି ବ୍ୟବସାୟୀ ବେଆଇନ ଭାବେ ଚୋରା ମଦ ବିକ୍ରି କରୁଛନ୍ତି। ଫଳରେ ଯୁବପିଢ଼ି ପଥଭ୍ରଷ୍ଟ ହେବା ସହ ପ୍ରତିଦିନ ଗଣ୍ଡଗୋଳ ପରିସ୍ଥିତି ସୃଷ୍ଟି ହୋଇ ଅନେକ କ୍ଷୟକ୍ଷତି ହେଉଛି। ଏହାକୁ ତୁରନ୍ତ ବନ୍ଦ କରିବା ପାଇଁ ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଶୁଣାଣି ଶିବିରରେ ଅଭିଯୋଗ କରିଛନ୍ତି ଗ୍ରାମବାସୀ। ତୁରନ୍ତ ଚୋରା ମଦ ବିକ୍ରି ବନ୍ଦ ପାଇଁ ଜିଲ୍ଲାପାଳଙ୍କୁ ଗ୍ରାମବାସୀ ଦାବି କରିଛନ୍ତି। ଏନେଇ ଜିଲ୍ଲାପାଳ ତୁରନ୍ତ ଏସ୍ପି ଓ ଅବକାରୀ ବିଭାଗ ସହ ଆଲୋଚନା କରିବା ସହ ଖୁବଶୀଘ୍ର ଚଢ଼ଉ କରି କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

## ୨୭ ଗ୍ରାମ ବ୍ରାଉନସୁଗର ଜବତ; ଜଣେ ଗିରଫ

ପାରାଦୀପ, ୧୦।୧୨ (ସମିସ): ପାରାଦୀପ ମଡେଲ ଥାନା ଅଧୀନ ଅଠରବାଙ୍କୀ ଲକ୍ପଡାରୁ ଅବକାରୀ ବିଭାଗ ପାରାଦୀପ ରେଞ୍ଜ ଚଢ଼ଉ କରି ଲକ୍ଷାଧିକ ଟଙ୍କାର ବ୍ରାଉନସୁଗର ଜବତ କରିଛି। ଏହି ଘଟଣାରେ ଜଣେ ବେପାରୀକୁ ଗିରଫ କରାଯାଇଛି। ସୂଚନାଯୋଗ୍ୟ ଯେ ଲକପଡାର ଅମଜାତ୍ ଖାନ୍ ଦୀର୍ଘ ଦିନ ଧରି ଆଖପାଖ ଅଞ୍ଚଳରେ ବ୍ରାଉନସୁଗର ବେପାର କରୁଥିବା ସମ୍ପର୍କରେ ଅଭିଯୋଗ ମିଳିଥିଲା। ଜିଲ୍ଲାପାଳ ଜେ ସୋନାଲଙ୍କ ନିର୍ଦ୍ଦେଶରେ ସୁପରିନ୍ଟେଡେଣ୍ଟ ଅନିତା ପ୍ରଧାନଙ୍କ ତତ୍ତ୍ୱାବଧାନରେ ପାରାଦୀପ ଅବକାରୀ ବିଭାଗ ଇନ୍ସପେକ୍ଟର ପ୍ରଶାନ୍ତ ମହାନ୍ତି ଓ ଉପନିରୀକ୍ଷକ ଧର୍ମପଦ ଦାସଙ୍କ ସହ ଏକ ଟିମ୍ ଆଜି ଦିନ ୧୨ଟା ସମୟରେ ପାଟ୍ରୋଲିଂ କରୁଥିଲେ। ଗ୍ରାହକଙ୍କୁ ଯୋଗାଣ ଉଦ୍ଦେଶ୍ୟରେ ସେ ଆଜି ବ୍ରାଉନସୁଗର ରଖିଥିବାର ସୂଚନା ପାଇବା ପରେ ଏହି ଟିମ୍ ଗ୍ରାହକ ବେଶରେ ଅଭିଯୁକ୍ତଙ୍କ ସହ ସମ୍ପର୍କ କରିଥିଲେ। ଡିଲ୍ ବେଳେ ଅଭିଯୁକ୍ତଙ୍କୁ ମାଡ଼ି ବସିଥିଲା ଅବକାରୀ ଟିମ୍। ସଂପୃକ୍ତ ବେପାରୀ ଅଠରବାଙ୍କୀ ଲକ୍ପଡା ରେଲୱେ କଲୋନୀରେ ରହୁଥିବା କାଦର ମହମ୍ମଦ ଖାନଙ୍କ ପୁଅ ଅମଜାତ୍ ଖାନ(୩୪)। ତା' ନିକଟରୁ ୨୭ ଗ୍ରାମର ବ୍ରାଉନ ସୁଗାର ଜବତ କରାଯାଇଛି। ଯାହାର ଆନୁମାନିକ ମୂଲ୍ୟ ପାଖାପାଖି ୩ ଲକ୍ଷ ଟଙ୍କା ହେବ। ଅଭିଯୁକ୍ତଙ୍କୁ ଅତିରିକ୍ତ ଜିଲ୍ଲା ଦୌରାଜଜ କୁଜଙ୍ଗଙ୍କ ନିକଟରେ ହାଜର କରାଯାଇଥିବା ବେଳେ ଜାମିନ ନାମଞ୍ଜୁର ହେବାରୁ ତାକୁ ୧୪ ଦିନିଆ ବିଚାର ବିଭାଗୀୟ ହାଜତ୍କୁ ପଠାଇ ଦିଆଯାଇଛି। ଗିରଫ ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ଏନ୍ଡିପିଏସ୍ ଆକ୍ଟ ୧୯୮୫ରେ ଅନେକଗୁଡ଼ିଏ ମାମଲା ଥିବା ପ୍ରକାଶ କରିଛନ୍ତି ଜଗତସିଂହପୁର ଅବକାରୀ ଅଧିକ୍ଷିକା ଅନିତା ପ୍ରଧାନ। ସେ କହିଛନ୍ତି ଅବକାରୀ ବିଭାଗ ମୂଳ ପର୍ଯ୍ୟନ୍ତ ଯିବ। ଅଭିଯୁକ୍ତ ଜଣଙ୍କ କେଉଁଠୁ ହେରୋଇନ୍ ଆଣୁଥିଲେ ଏବଂ ଏହା ପଛରେ କାମ କରୁଥିବା ସିଣ୍ଡିକେଟକୁ ଧରିବାକୁ ଅବକାରୀ ବିଭାଗ ପ୍ରୟାସ ଆରମ୍ଭ କରିଛି।



## ବାଲିତୁଠରେ ଆଇନ ସଚେତନତା ଶିବିର

କୁଜଙ୍ଗ,୧୦।୧୨(ସମିସ): କୁଜଙ୍ଗ ଥାନା ବାଲିତୁଠ ପଞ୍ଚାୟତସ୍ଥିତ ପଞ୍ଚାୟତ ସ୍ୱଭାଗୃହରେ ଅପରାହ୍ନରେ କୁଜଙ୍ଗ ତାଲୁକ ଆଇନସେବା କମିଟି ପକ୍ଷରୁ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ତାଲୁକ ଆଇନସେବା କମିଟିର ରିଟେନର ଆଇନଜୀବୀ ନୃସିଂହ ଚରଣ ପ୍ରଧାନଙ୍କ ପୌରୋହିତରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କୁଜଙ୍ଗର ଏଡିଜେ ଦୀପ୍ତିପ୍ରକାଶ ବ୍ରହ୍ମା, ସମ୍ମାନିତ ଅତିଥି ଭାବେ ମୁନସିଫ ଜଜ୍ ଡ.ବିଶ୍ୱଭୂଷଣ ନାୟକ, ଜେଏମ୍ଏଫ୍ସି (ପି) ଅଙ୍କିତ ଦେବଗନ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ସମସ୍ତ ନାଗରିକମାନଙ୍କର ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ସୁସ୍ଥ ହିସାବରେ ବଞ୍ଚିବା ପାଇଁ ପ୍ରତ୍ୟେକ ବାବଦରେ ତାର ମାନବିକ ଅଧିକାର ରହିଛି। ଏଥିରେ ଯଦି କେହି ଉଲ୍ଲଙ୍ଘନ କରେ ତା'ହେଲେ ସେ ରାଜ୍ୟ ମାନବିକ ଅଧିକାର କମିଶନ କିମ୍ବା ତାଲୁକ ଆଇନ ସେବା କମିଟି ସହାୟତାରେ ଆଇନର ଆଶ୍ରୟ ନେଇପାରିବେ ବୋଲି ସଚେତନ କରାଇଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ କୁଜଙ୍ଗ ଓକିଲ ସଂଘର ସଭାପତି ଅନ୍ତର୍ଯ୍ୟାମୀ ନାରାୟଣ ଦାସ ଯାଦବ, ବରିଷ୍ଠ ଆଇନଜୀବୀ ଅମୃତ ଦାସ, ତାଲୁକ କମିଟିର ପାରା ଲିଗାଲ ଭଲୁଣ୍ଟିଅର ଅଟଳ କୁମାର ଦାସ, ରଞ୍ଜନ କୁମାର ଦାସ, ବାଲିତୁଠ ପଞ୍ଚାୟତ ସରପଞ୍ଚ ପ୍ରଫୁଲ କୁମାର ଦାସ, ମାନବିକ ଅଧିକାର କର୍ମୀ ସଞ୍ଜୟ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ପ୍ରଦାନ କରିଥିଲେ। ତାଲୁକ ଆଇନସେବା କମିଟିର କିରାଣି ପ୍ରଦୀପ କୁମାର ମୁଦୁଲି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ଶତାଧିକ ଜନସାଧାରଣ ଉପସ୍ଥିତ ଥିଲେ।

## ବାଲିକୁଦା କଲେଜରେ ଅଧ୍ୟାପକ ମରୁଡ଼ି

ବାଲିକୁଦା, ୧୦।୧୨ (ସମିସ): ବାଲିକୁଦା କଲେଜରେ ଅଧ୍ୟାପକ ମରୁଡ଼ି। ଏ ନେଇ ଜିଲ୍ଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିରରେ ଅଭିଯୋଗ କରିଛନ୍ତି ବାଲିକୁଦା ଈଶ୍ୱରପୁରର ଯୁବ ସମାଜସେବୀ ପ୍ରଦୀପ୍ତ ମହାନ୍ତି। ଅଭିଯୋଗ ଅନୁଯାୟୀ ଏହି କଲେଜ ବାଲିକୁଦା ବ୍ଲକର ସବୁଠାରୁ ବଡ଼ ଓ ନିର୍ଭରଶୀଳ ଶିକ୍ଷାନୁଷ୍ଠାନ ହୋଇଥିବା ବେଳେ ଗତ ୪ ବର୍ଷ ଧରି ବିଭିନ୍ନ ବିଭାଗରେ ଅଧ୍ୟାପକ ମରୁଡି ଦେଖାଦେଇଛି। ଏଣୁ ଏହି କଲେଜରେ ନାମ ଲେଖାଇଥିବା ୧୫୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଶିକ୍ଷା ଗ୍ରହଣ କରିବା ପାଇଁ ଆସି ବିଭିନ୍ନ ବିଭାଗରେ ଥିବା ଶ୍ରେଣୀ ଗୃହରେ ବସି ଖଟି କରି ଘରକୁ ଫେରୁଥିବା ଅଭିଯୋଗ ହୋଇଛି। ଫଳରେ ଅଭିଭାବକମାନେ ଏହି କଲେଜରେ ସେମାନଙ୍କ ପିଲାଙ୍କ ନାମ ଲେଖାଇବା ପାଇଁ ଆଗ୍ରହ ପ୍ରକାଶ କରୁ ନାହାନ୍ତି। ପରିଚାଳନା କମିଟିର କ୍ଷମତା ଥାଇ ସୁଦ୍ଧା ନିଯୁକ୍ତି ମିଳୁ ନଥିବାରୁ ସଭାପତି ଥିବା ଉପଜିଲ୍ଲାପାଳ ଓ କଲେଜ ଅଧକ୍ଷଙ୍କ ଦାୟିତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏପରିକି ଏହି ବ୍ଲକରେ ଥିବା ଅନ୍ୟ ଏକ କଲେଜରେ ପରିଚାଳନା କମିଟି ସଭାପତି ଥିବା ଉପଜିଲ୍ଲାପାଳ ଅଧ୍ୟାପକ ନିଯୁକ୍ତି ପ୍ରଦାନ କରିଥିବା ବେଳେ ବାଲିକୁଦା କଲେଜ ପ୍ରତି କାହିଁକି ବୈମାତୃକ ମନୋଭାବ ରଖାଯାଉଛି ତାହାର ତଦନ୍ତ ସହ ତୁରନ୍ତ ଖାଲି ପଡ଼ିଥିବା ପଦବୀ ପୂରଣ ପାଇଁ ଦାବି ହୋଇଛି। ଏନେଇ ଜିଲ୍ଲାପାଳ ଉପଜିଲ୍ଲାପାଳଙ୍କୁ ତୁରନ୍ତ ଏହାର ସମାଧାନ ପାଇଁ ଆଲୋଚନା କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

### ● ମା'ଜାଗୁଲାଇ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

## ବାଲିକୁଦା ଏକାଦଶ (ରେଢୁଆ) ଚାମ୍ପିଅନ

ତିର୍ତ୍ତୋଲ,୧୦।୧୨(ସମିସ): ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ଗରାମ ପଞ୍ଚାୟତ ଅଲଣା ଗ୍ରାମରେ ମା' ଜାଗୁଲାଇ କ୍ରିକେଟ ପଡ଼ିଆରେ ତୃତୀୟ ବର୍ଷର ପ୍ରଥମ ସଟ୍ ବାଉଣ୍ଡରି ଧମାକା ଟେନିସ୍ ବଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟକୁ ଅଲଣା ଗ୍ରାମର ମୁଖ୍ୟ ସୌମ୍ୟକାନ୍ତ ସ୍ୱାଇଁଙ୍କ ଦ୍ୱାରା ଉଦଘାଟିତ ହୋଇଥିବା ବେଳେ ପୁରସ୍କାର ବିବରଣ ଉତ୍ସବରେ ସ୍ଥାନୀୟ ଅଞ୍ଚଳର ଯୁବ ସଂଗଠକ ସୁଶାନ୍ତ ଶତପଥୀ ଯୋଗଦେଇଥିଲେ। ଏଥିରେ ମୋଟ ୮ ଟିମ୍ ଭାଗ ନେଇଥିବା ବେଳେ ଫାଇନାଲ ମ୍ୟାଚରେ ଥାନାପତି ଏକାଦଶ ବାଲିକୁଦା ପ୍ରଥମେ ବ୍ୟାଟିଂ କରି ଦୁଇ ଓଭରରେ ୧୬ ରନ୍ ସଂଗ୍ରହ କରିଥିଲା। ଜବାବରେ ମହାବୀର ଏକାଦଶ ପୋଦନା ଟିମ୍ ଦୁଇ ଓଭର ୧୦ ରନ୍ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଫଳରେ ୬ ରନରେ ବାଲିକୁଦା (ରେଢୁଆ) କ୍ରିକେଟ୍ ଟିମ୍ ଚାମ୍ପିଅନ ହୋଇଥିଲା। ଅମ୍ପାୟାର ଭାବେ ନାରାୟଣ ପଲାଇ, ସୂର୍ଯ୍ୟକାନ୍ତ ପାତ୍ର, ବିଶ୍ୱଜିତ କୁଅଁର, ତୁଷାରକାନ୍ତ ବିଶ୍ୱାଳ ଖେଳ ପରିଚାଳନା କରିଥିଲେ।



## ଧର୍ମପ୍ରାଣାଙ୍କ ସ୍ମୃତିରେ ସ୍ମରଣିକା ଉନ୍ମୋଚିତ



କୁଜଙ୍ଗ,୧୦।୧୨(ସମିସ): କୁଜଙ୍ଗ ବ୍ଲକ ପଙ୍କପାଳ ନିବାସୀ ଏମ୍ଏସ ଏକାଡେମୀର ପ୍ରାକ୍ତନ ଏନ୍ସିସି ଅଧିକାରୀ ଶ୍ୟାମସୁନ୍ଦର ନାୟକଙ୍କ ଧର୍ମପତ୍ନୀ ମିନର୍ଭା ନାୟକଙ୍କ ଏକାଦଶାହରେ ସ୍ମୃତି ସଭା ଓ ସ୍ମରଣିକା ଉନ୍ମୋଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ନେତା ତଥା ଓଷ୍ଟାର ବ୍ଲକ ସମ୍ପାଦକ ବିନୋଦ ବିହାରୀ ମୁଦୁଲିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମାଜସେବୀ ଡ. ସୁନାକର ବେହେରା, ମହେଶ୍ୱର ରାଉତ, ସୁବାସ ଚନ୍ଦ୍ର ଗୋଛାୟତ, ଅକ୍ଷୟ କୁମାର ଖୁଣ୍ଟିଆ, ଆଇନଜୀବୀ କିଶୋର ଶତପଥୀ, ବିମ୍ବାଧର ବିଶ୍ୱାଳ, ଶଙ୍କର ବାରିକ, ସମାଜସେବୀ ସ୍ନେହମୟୀ ଆଚାର୍ଯ୍ୟ, ରବୀନ୍ଦ୍ର ନାଥ ପରିଡ଼ା, ନିରଞ୍ଜନ ପରିଡ଼ା ଓ ପ୍ରକାଶ ଚନ୍ଦ୍ର ସ୍ୱାଇଁ, ଶିଳ୍ପ ମନ୍ତ୍ରୀଙ୍କ ପ୍ରତିନିଧି ଦିଲ୍ଲୀପ କୁମାର ବେହେରା, ବିଜେପି ମଣ୍ଡଳ ସଭାପତି ଶତ୍ରୁଘ୍ନ ମଲ୍ଲ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଏକ ସ୍ମରଣିକା "ସ୍ମୃତିର ସୌରଭ ସ୍ନେହର ସେତୁ: ମିନର୍ଭା' ଉନ୍ମୋଚିତ ହୋଇଥିଲା। ବଡ ପୁଅ ସୌମ୍ୟ ରଞ୍ଜନ ନାୟକ ଧନ୍ୟବାଦ ଦେଇଥିଲେ।

## ସରପଞ୍ଚଙ୍କ ସ୍ମୃତିରେ କମ୍ବଳ ବଣ୍ଟନ



କୁଜଙ୍ଗ,୧୦।୧୨(ସମିସ): ସାଇଲୋ ପଞ୍ଚାୟତର ସରପଞ୍ଚ ସରୋଜ କୁମାର ସେଠୀଙ୍କ ସ୍ମୃତିରେ ଗଠିତ 'ସରୋଜ ଭାଇ ଜନସେବା ସଂଗଠନ' ପକ୍ଷରୁ ରାହାମା ଅଞ୍ଚଳରେ ଏକ ଶୀତ ବସ୍ତ୍ର (କମ୍ବଳ) ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାହାମା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପଛପଟେ ଥିବା ବସ୍ତିରେ ୫୦ ଜଣ ପରିବାରଙ୍କୁ କମ୍ବଳ ବଣ୍ଟନ କରାଯାଇଥିଲା। ଏହି ସେବା କାର୍ଯ୍ୟକ୍ରମରେ ସଂଗଠନର ସଭାପତି ବିବେକ ଦାସ, ସାଇଲୋ ପଞ୍ଚାୟତର ନୟାବ ସରପଞ୍ଚ ଝରଣା ଦାସ, ୱାର୍ଡ ସଭ୍ୟା କଳ୍ପନା ସେଠୀ, ପ୍ରକାଶ ଚନ୍ଦ୍ର ସ୍ୱାଇଁଙ୍କ ସମେତ ଜାଗନ କୁମାର ଦାସ, ମନୋଜ କୁମାର ଯୋଗାଣିଆ, କିଶୋର ସେଠୀ, ରଶ୍ମୀକାନ୍ତ ନାୟକ, ସରୋଜ ସ୍ୱାଇଁ, ସୁଧାଂଶୁ ଶେଖର ସାମଲ, ସ୍ୱପ୍ନାରଞ୍ଜନ ଦାସ, ଅମୀୟ ପାତ୍ର, ଲିପୁ ସ୍ୱାଇଁ, ଦୀପ୍ତିରଞ୍ଜନ ସେଠୀ, ଭଗବାନ କୁଅଁର ଏବଂ ଜିତେନ୍ଦ୍ର କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ।

# ଜିଲ୍ଲାସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ଉଦ୍ଯାପିତ

ଜଗତସିଂହପୁର,୧୦।୧୨(ସମିସ)



ଜିଲ୍ଲାସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ବାଲ ବୈଜ୍ଞାନିକ ବିଜ୍ଞାନ ପ୍ରଦର୍ଶନୀ, ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ବିଜ୍ଞାନ ପ୍ରକଳ୍ପ, ପ୍ରତିଯୋଗିତା ଓ ପରିବେଶ ପାଇଁ ପୋଷଣୀୟ ଜୀବନଶୈଳୀ ଏବଂ ଜଣାଅଜଣା ପ୍ରତିଯୋଗିତା-୨୦୨୫-୨୬ ସ୍ଥାନୀୟ ଜଗନ୍ନାଥ ସରକାରୀ ଉଚ୍ଚ ବିଦ୍ୟାଳୟ, ମଧୁସୂଦନପୁର ଶାସନ ପରିସରରେ ଉଦ୍ଯାପିତ ହୋଇଯାଇଛି। ପୂର୍ବାହ୍ନରେ ବିଜ୍ଞାନ ପ୍ରସାରମଞ୍ଚ, ବାଲିକୁଦା ଆନୁକୂଲ୍ୟରେ ଖୋଲାମାଞ୍ଚ ବିଜ୍ଞାନ ଭିତ୍ତିକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମକୁ ସମ୍ପାଦକ ଅକ୍ଷୟ କୁମାର ମହାନ୍ତି ଓ ଶିକ୍ଷକ ରମେଶ ଚନ୍ଦ୍ର ପାଢ଼ୀ ପରିଚାଳନା କରିଥିଲେ। ଜଗନ୍ନାଥ ସରକାରୀ ଉଚ୍ଚ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଅପରାହ୍ନରେ ଜିଲ୍ଲା ଶିକ୍ଷାଧିକାରୀ କେଶବ ମେହେରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦ୍ଯାପନୀ ତଥା ପୁରସ୍କାର ବିତରଣ ସଭାରେ ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜୀବନ କୁମାର ସାହୁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଓଡିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣର ସେବାନିବୃତ୍ତ ଅତିରିକ୍ତ ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ସ୍ୱାଇଁ ମୁଖ୍ୟଅତିଥି, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ରାଜ୍ୟଶ୍ରୀ ସାହୁ ମୁଖ୍ୟବକ୍ତା ଓ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲା ଶିକ୍ଷାଅଧିକାରୀ ଡ. ସୁଶାନ୍ତ ମହାନ୍ତି, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଜୟନ୍ତ ରାୟ ସମ୍ମାନିତ ଅତିଥି ଭାବରେ ଯୋଗଦେଇ କୃତୀ ଶିଶୁବୈଜ୍ଞାନିକମାନଙ୍କୁ ପୁରସ୍କୃତ କରିଥିଲେ। ଅତିଥି ପରିଚୟ ତଥା ସ୍ୱାଗତ ଭାଷଣ ସହିତ ମଞ୍ଚ ପରିଚାଳନା କରିଥିଲେ ଜିଲ୍ଲା ବିଜ୍ଞାନ ସଂଯୋଜନା ମଣ୍ଡଳୀର ସଭ୍ୟ ଅମୂଲ୍ୟ କୁମାର ମିଶ୍ର ଓ ସଭ୍ୟା ମନୀଷା ମିଶ୍ର। ପ୍ରଧାନ ଶିକ୍ଷୟିତ୍ରୀ ଅନସୂୟା ମଲ୍ଲିକ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

ଜିଲ୍ଲାସ୍ତରୀୟ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ବିଜ୍ଞାନ ପ୍ରକଳ୍ପରେ ବରିଷ୍ଠ ବିଭାଗରେ ଶିଶୁ ବୈଜ୍ଞାନିକ ଅଂଶୁମାନ ସାହୁ, ଆଦ୍ୟାଶା ପ୍ରିୟଦର୍ଶିନୀ, ଶର୍ମିଷ୍ଠା ରଥ ଓ କନିଷ୍ଠ ବିଭାଗରେ ଅର୍ପିତା ଖଟୁଆ, ସ୍ରିଷ୍ଟିଆ ମହାନ୍ତି ଓ ପିଏସ ଶ୍ରଆଲିଙ୍କ ପ୍ରକଳ୍ପକୁ ପୁରସ୍କାର ମିଳିଥିଲା। ପରିବେଶ ପାଇଁ ପୋଷଣୀୟ ଜୀବନଶୈଳୀ ପ୍ରକଳ୍ପରେ ରାଜସ୍ମିତା ପଲେଇ, ସ୍ୱପ୍ନେଶ୍ୱର ରାଉତ, ଏସ୍କେ ଜାମାଉଦ୍ଦିନ ଓ ବାଲ ବୈଜ୍ଞାନିକ ପ୍ରଦର୍ଶନୀରେ ଶୁଭଙ୍କର ଦାସ, ରାଜନନ୍ଦିନୀ ଦାସ, ସାଇଶୋଭନ ପତି, ଅଶ୍ରିତା ଶୁଭଦୀପ୍ତା ନାୟକ, ରାଜଲକ୍ଷ୍ମୀ ରଥ, ରୁଦ୍ରନାରାୟଣ ଦାସ ଏବଂ ଅଂଶୁମାନ ଖଟୁଆଙ୍କ ପ୍ରକଳ୍ପ ଶ୍ରେଷ୍ଠ ବିବେଚିତ ହୋଇଥିବାରୁ ପୁରସ୍କୃତ ପ୍ରଦାନ କରାଯାଇ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାପାଇଁ ଯୋଗ୍ୟ ବିବେଚିତ ହୋଇଥିବା ସୂଚନା ଦିଆଯାଇଛି। ପଦରାଜ ଉମାକାନ୍ତ ନାୟକ, ଶିବ କୁମାର ବିଶ୍ୱାଳ, ସୌଭାଗ୍ୟ ପ୍ରସାଦ ମିଶ୍ର, ସସ୍ମିତା ଶତପଥି, ପ୍ରଳୟ ରଞ୍ଜନ ଭୂୟାଁ, ଦେବାଶିଷ ନାୟକ, ସୁଦର୍ଶନ ସାହୁ, ଅଶୋକ ମାଦେଳି, କ୍ଷଣପ୍ରଭା ସାହୁ, ବିଶ୍ୱଜିତ ମହାନ୍ତି, ଅସ୍ମିତା ପରିଜା, ଶୁଭଶ୍ରୀ ମଲ୍ଲିକ, ବିଷ୍ଣୁପ୍ରିୟା ପାଢ଼ୀ, କୀର୍ତ୍ତିବାଳା ରାଉତରାୟ, ପ୍ରିୟଙ୍କା ବେହେରା ତ୍ରୈଲୋକ୍ୟନାଥ ବିଶ୍ୱାଳ, ତ୍ରିନାଥ ରାଉତ, ପ୍ରଗତି ପ୍ରିୟମ୍ବଦା ଜେନା, ଶିଶିର କୁମାର ତ୍ରିପାଠୀ, ଏସଡି ପ୍ଲାବନ କୁମାର, ସୁମିତ୍ରା ମଲ୍ଲିକ, ନରେନ୍ଦ୍ର କୁମାର ବେହେରା ପ୍ରଭୃତି ବିଜ୍ଞାନ ପ୍ରଦର୍ଶନୀ ପରିଚାଳନାରେ ସହାୟତା ପ୍ରଦାନ କରିଥିଲେ।

## ପ୍ରଧାନମନ୍ତ୍ରୀ ଉଜ୍ୱଳା ଯୋଜନା

# ଏବେବି ମୟୂରଭଞ୍ଜରେ ୨.୪୦ ଲକ୍ଷ ପରିବାର ବଞ୍ଚିତ

ବାରିପଦା,୧୦।୧୨(ସମିସ)

ମୟୂରଭଞ୍ଜ ଜିଲ୍ଲାର ୨ ଲକ୍ଷ ୪୦ହଜାର ପରିବାର ଏବେ ମଧ ପ୍ରଧାନମନ୍ତ୍ରୀ ଉଜ୍ୱଳା ଯୋଜନାରୁ ବଞ୍ଚିତ ରହିଛନ୍ତି। ୯ ବର୍ଷ ତଳେ ଅର୍ଥାତ୍ ୨୦୧୬ ମେ' ମାସରେ ଆରମ୍ଭ ଯୋଜନାର ମୟୂରଭଞ୍ଜର ସଫଳତା ହାର ନିରୁତ୍ସାହଜନକ। ଏହି ଯୋଜନା ଦେଶରେ ୧୦୨% ସଫଳତା ପାଇଥିବାବେଳେ ଓଡ଼ିଶାର ସଫଳତା ହାର ୮୭%। କିନ୍ତୁ ମୟୂରଭଞ୍ଜ ଜିଲ୍ଲାର ସଫଳତା ମାତ୍ର ୬୬.୦୯%। ଜିଲ୍ଲାର ମୋଟ ୭ଲକ୍ଷ ପରିବାର ମଧ୍ୟରୁ ୪ଲକ୍ଷ ୬୦ହଜାର ପରିବାର ଏହି ଯୋଜନାରେ ସାମିଲ୍ ହୋଇଥିବାବେଳେ ଆହୁରି ୨ଲକ୍ଷ ୪୦ହଜାର ପରିବାର ବଞ୍ଚିତ ରହିଛନ୍ତି। ସେମାନଙ୍କୁ ଏହି ଯୋଜନାରେ ସାମିଲ୍ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏ ନେଇ ବୁଧବାର ବାରିପଦା ସର୍କିଟ ହାଉସରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଏଲ୍‌ପିଜି ଗ୍ୟାସ୍ ବିତରଣ ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।

ବୈଠକରେ ଏଲ୍‌ପିଜି ରାଜ୍ୟ କାର୍ଯ୍ୟାଳୟ ମୁଖ୍ୟ ମହାପ୍ରବନ୍ଧକ ଟୁଣ୍ଡୁପ ନାରୋ, ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ପ୍ରଦୀପ କୁମାର ପଣ୍ଡା, ମହାପ୍ରବନ୍ଧକ(କର୍ପୋରେଟ୍ ସଞ୍ଚାର) ଯୋଜନା ଓ ସମନ୍ୱୟ ଅଧିକାରିଣୀ ସୁସ୍ମିତା ତ୍ରିପାଠୀ ଓ ଇଣ୍ଡେନ୍ ଏରିଆ ଅଫିସ ଭୁବନେଶ୍ୱରର ମଣ୍ଡଳୀୟ ବିକ୍ରୟ ପ୍ରମୁଖ ସଚିନ କଦମ୍ ଯୋଗଦେଇ ମୟୂରଭଞ୍ଜ ସମେତ କେନ୍ଦୁଝର, ସୁନ୍ଦରଗଡ଼ ଓ କୋରାପୁଟ ଜିଲ୍ଲାରେ ସଫଳତା ଶତପ୍ରତିଶତ କରିବା ପାଇଁ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି ବୋଲି କହିଥିଲେ। ଅର୍ଥନୈତିକ ଭାବେ ଦୁର୍ବଳ ପରିବାର ମହିଳାମାନଙ୍କୁ ସ୍ୱଚ୍ଛ, ସୁରକ୍ଷିତ ଇନ୍ଧନ ପ୍ରଦାନ କରିବା ପାଇଁ ଭାରତ ସରକାର ପ୍ରଧାନମନ୍ତ୍ରୀ ଉଜ୍ୱଳା ଯୋଜନା ଅଧୀନରେ ୨୫ଲକ୍ଷ ଅତିରିକ୍ତ ନିଃଶୁଳ୍କ ସଂଯୋଗ ଦେବାକୁ ଅନୁମୋଦନ କରିଛନ୍ତି। ମୟୂରଭଞ୍ଜ, କେନ୍ଦୁଝର, କୋରାପୁଟ ଓ ସୁନ୍ଦରଗଡ଼ ଭଳି ଆଦିବାସୀ ଜିଲ୍ଲାରେ କମ୍ ପରିବାର ଇନ୍ଧନ ଗ୍ୟାସ୍ ବ୍ୟବହାର କରୁଥିବାରୁ ଶତପ୍ରତିଶତ ବ୍ୟବହାର ନିମନ୍ତେ ପ୍ରୟାସ ଆରମ୍ଭ ହୋଇଛି। ବଞ୍ଚିତ ପରିବାର ଏହି ଯୋଜନାର ଲାଭ ଉଠାଇବା ପାଇଁ ସରକାରଙ୍କ ପକ୍ଷରୁ ବିନାମୂଲ୍ୟରେ ରିଫିଲ୍ ସିଲିଣ୍ଡର ଗ୍ୟାସ୍, ଚୂଲା, ପାଇପ୍ ଓ ରେଗୁଲେଟର ପ୍ରଦାନ କରାଯାଉଛି। ନିକଟସ୍ଥ ଏଲ୍‌ପିଜି ବିତରଣ କେନ୍ଦ୍ର କିମ୍ବା କମନ୍ ସର୍ଭିସ ସେଣ୍ଟର ମାଧ୍ୟମରେ ବିପିଏଲ୍ ହିତାଧିକାରୀମାନେ ଏହାର ସୁଯୋଗ ନେଇପାରିବେ ବୋଲି ଜଣାଇଛନ୍ତି। ଏଥିନିମନ୍ତେ କୌଣସି ଶୁଳ୍କ ଦେବାକୁ ପଡ଼ିବ ନାହିଁ ବୋଲି କହିବା ସହିତ ଜିଲ୍ଲାରେ ଅଧିକରୁ ଅଧିକ ସଂଖ୍ୟକ ହିତାଧିକାରୀଙ୍କୁ ସାମିଲ କରିବାକୁ ଯୋଜନା କରାଯାଇଛି। ଏପରିକି ବିତରକମାନଙ୍କ ପକ୍ଷରୁ ପ୍ରତି ବ୍ଲକ୍ ଓ ପଞ୍ଚାୟତସ୍ତରରେ କ୍ୟାମ୍ପ୍ କରାଯାଇ ଜନସାଧାରଣଙ୍କୁ ଏହାର ସୁରକ୍ଷିତ ବ୍ୟବହାର ସମ୍ପର୍କରେ ସଚେତନ କରିବେ। ତେବେ ଆର୍ଥିକ ଅନଗ୍ରସର ପରିବାରକୁ ଏହି ସୁବିଧା ଯୋଗାଇବା ପାଇଁ ଆନୁସଙ୍ଗିକ ବ୍ୟବସ୍ଥା ରହିବା ସୁନିଶ୍ଚିତ କରିବାକୁ ଉପସ୍ଥିତ ସାମ୍ବାଦିକ ଆଲୋଚନାରେ ଭାଗ ନେଇ ପ୍ରସ୍ତାବ ରଖିଥିଲେ।




■ ୯ ବର୍ଷ ପରେ ଜିଲ୍ଲାରେ ସଫଳତା ୬୬ ପ୍ରତିଶତ

■ ଯୋଜନାରେ ସମସ୍ତଙ୍କୁ ସାମିଲ୍ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆରମ୍ଭ

## ଶୁଳିଆପଦା ଥାନାରେ ୬୧ ୟୁନିଟ୍ ରକ୍ତ ସଂଗ୍ରହ

ଶୁଳିଆପଦା/ମୋରଡ଼ା,୧୦।୧୨(ସମିସ): ଶୁଳିଆପଦା ଥାନା ପରିସରରେ ବୁଧବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମୟୂରଭଞ୍ଜ ଏସ୍‌ପି ବରୁଣ ଗୁଣ୍ଟୁପାଲିଙ୍କ ନେତୃତ୍ୱରେ ତଥା ବାରିପଦା ଏସ୍‌ଡିପିଓ ଦୀପକ ମଲ୍ଲିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉକ୍ତ ଶିବିରରେ ଅତିରିକ୍ତ ଏସ୍‌ପି ଦୀପକ କୁମାର ଗୋଚ୍ଛାୟତ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିବାବେଳେ ପୁଲିସ ସମିତି ସଦସ୍ୟ ଅଜିତ କୁମାର ରାଉତ, ରଜଜିତ ଧିର, ମୁରଲିଧର ମହାନ୍ତ, ଶିରିଶ ଚନ୍ଦ୍ର ବାରିକ, ଶଶିଧର ଡିପିରିଆ, କୋଷ୍ଠା ସରପଞ୍ଚ ସୁମିତ୍ରା ନାୟକ, କଣ୍ଟିସାହି ସରପଞ୍ଚ ରୟାମାତ ମୁର୍ମୁ ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ ରକ୍ତଦାନ ଶିବିରରେ ମୋଟ୍ ୬୧ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ବ୍ଲଡ୍ ବ୍ୟାଙ୍କ ୟୁନିଟ୍, କଲେଜ ଛାତ୍ରଛାତ୍ରୀ, ସ୍ଥାନୀୟ ଲୋକେ ଉକ୍ତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଲୋକଙ୍କ ପାଇଁ ସବୁବେଳେ ଓଡ଼ିଶା ପୁଲିସ ସହଯୋଗ କରି ଆସିଛି ଏବଂ ଏହି ପରିପ୍ରେକ୍ଷୀରେ ମୟୂରଭଞ୍ଜ ପୁଲିସ ମଧ ଲୋକଙ୍କୁ ସହଯୋଗର ହାତ ବଢ଼ାଇ ଆସୁଛି ବୋଲି କହିଥିଲେ ଅତିରିକ୍ତ ଏସ୍‌ପି ଶ୍ରୀ ଗୋଚ୍ଛାୟତ।

## ବ୍ଲକ୍‌ସ୍ତରୀୟ ପ୍ରତିଭା ଅନ୍ୱେଷଣ



ମହୁଲଡିହା,୧୦।୧୨(ସମିସ): ଠାକୁରମୁଣ୍ଡା ବ୍ଲକ୍ ମିଶନ ଶକ୍ତି ସଭାଗୃହରେ ବ୍ଲକ୍‌ସ୍ତରୀୟ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଠାକୁରମୁଣ୍ଡା ସମ୍ମାନିତ ଶିଶୁ ବିକାଶ ଯୋଜନା ଅଧିକାରିଣୀଙ୍କ ସଭାପତିତ୍ୱରେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଟଙ୍କଧର ମହାନ୍ତ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଠାକୁରମୁଣ୍ଡା ବ୍ଲକ୍ ଗୋଷ୍ଠୀ ଶିକ୍ଷା ଅଧିକାରୀ କୁଞ୍ଜ ବିହାରୀ ପ୍ରଧାନ, ଜୟପ୍ରକାଶ ନାରାୟଣ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଦର୍ଶନ ରାଉତ, ଶିକ୍ଷକ ପ୍ରକାଶ ମହାରଣା ପ୍ରମୁଖ ଯୋଗଦେଇ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ୮୦ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରେ ରଚନା, ଚିତ୍ରାଙ୍କନ, ନୃତ୍ୟ, ଗୀତ, ଝୁମର ନୃତ୍ୟ ଏବଂ ବାଲ୍ୟ ବିବାହକୁ ନେଇ ଅଭିନୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ବିଚାରକ ମଣ୍ଡଳୀଙ୍କ ଦ୍ୱାରା ପ୍ରତିଭା ଚୟନ କରି ସେଥିମଧ୍ୟରୁ ୧୮ ଜଣ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସମସ୍ତ ସୁପରଭାଇଜର, ଅଙ୍ଗନବାଡ଼ି କର୍ମୀ, ଶିକ୍ଷକଶିକ୍ଷୟିତ୍ରୀ, ବ୍ଲକ୍ ଫେଡେରେସନ କର୍ମକର୍ତ୍ତା, ସ୍ୱୟଂ ସହାୟିକା ମହିଳାଙ୍କ ସମେତ ସ୍ୱେଚ୍ଛାସେବୀ କର୍ମଚାରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଗସ୍ତ ସାରି ପ୍ରତ୍ୟାବର୍ତ୍ତନ କଲେ ପଶ୍ଚିମବଙ୍ଗ ରାଜ୍ୟପାଳ

ରାଇରଙ୍ଗପୁର,୧୦।୧୨(ସମିସ): ପଶ୍ଚିମବଙ୍ଗ ରାଜ୍ୟପାଳ ଡ. ସିଭି ଆନନ୍ଦ ବୋଷ ୩ ଦିନିଆ ରାଇରଙ୍ଗପୁର ଗସ୍ତ ସାରି ବୁଧବାର ପ୍ରତ୍ୟାବର୍ତ୍ତନ କରିଛନ୍ତି। ୩ ଦିନ ଧରି ରାଷ୍ଟ୍ରପତିଙ୍କ ବାବଦରେ ବିଭିନ୍ନ ତଥ୍ୟ ସଂଗ୍ରହ କରିଥିଲେ। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଶଶୁର ଘର ପାହାଡ଼ପୁର ଗ୍ରାମ, ଏସ୍‌ଏଲ୍‌ଏସ୍ ସ୍ମାରକୀ ଆବାସିକ ବିଦ୍ୟାଳୟ, ଦକ୍ଷତା ବିକାଶ କେନ୍ଦ୍ର, ରାଷ୍ଟ୍ରପତି ପାଠ ପଢ଼ାଉଥିବା ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର, ପୈତୃକ ଗ୍ରାମ ଉପରବେଡ଼ା ଗ୍ରାମ ପରିଦର୍ଶନ କରିଥିଲେ। ଆଦିବାସୀ ପରିବେଶ ଦେଖି ଖୁସି ପ୍ରକାଶ କରିବା ସହ ରାଷ୍ଟ୍ରପତିଙ୍କ ଜୀବନଶୈଳୀ ବାବଦରେ ପଚାରି ବୁଝିଥିଲେ। ଗସ୍ତ ଅବସରରେ ବିଭିନ୍ନ କଳା ଓ ସଂସ୍କୃତି ସମ୍ପନ୍ନ ବ୍ୟକ୍ତିଙ୍କୁ ଭେଟିଥିଲେ। ବୁଧବାର ପୂର୍ବାହ୍ନରେ ପଶ୍ଚିମବଙ୍ଗକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ରାଇରଙ୍ଗପୁରରୁ ସଡ଼କ ପଥରେ ଟାଟାନଗର ଯିବା ପରେ ସେଠାରୁ ଟ୍ରେନ୍ ଯୋଗେ କୋଲକାତା ଲୋକ ଭବନକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଗସ୍ତ ଅବସରରେ ଜିଲ୍ଲା ପ୍ରଶାସନ ଓ ପୁଲିସ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ।

## ସଡ଼କ ଦୁର୍ଘଟଣାରେ ଜଣେ ମୃତ

ବାରିପଦା,୧୦।୧୨(ସମିସ): ବାରିପଦା ସଦର ଥାନା ଅନ୍ତର୍ଗତ କରଞ୍ଜିଆ ଛକ ନିକଟରେ ସଡ଼କ ଦୁର୍ଘଟଣାରେ ଜଣକର ମୃତ୍ୟୁ ହୋଇଛି। ମୃତକ ଜଣକ ଶୁଳିଆପଦା ଥାନା ଅନ୍ତର୍ଗତ କୋଷ୍ଠ ଗ୍ରାମର ହେମନ୍ତ ଧଳ(୪୦) ବୋଲି ଜଣାପଡ଼ିଛି। ହେମନ୍ତ ଉଦଳାରୁ ବାଇକ୍ ଯୋଗେ ଘରକୁ ଫେରୁଥିଲେ। କରଞ୍ଜିଆ ଛକ ନିକଟରେ ବିପରୀତ ଦିଗରୁ ଆସୁଥିବା ଏକ ବାଇକ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ସେ ଭାରସାମ୍ୟ ହରାଇ ରାସ୍ତାରେ ଛିଟିକି ପଡ଼ିଥିଲେ। ସ୍ଥାନୀୟ ଲୋକମାନେ ଉଦ୍ଧାର କରି ପିଆର୍‌ଏମ୍ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରୁ କଟକ ହସ୍ପିଟାଲକୁ ସ୍ଥାନାନ୍ତର ହୋଇଥିବାବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ୫ ଫୁଟ୍‌ର ନାଗ ସାପ ଉଦ୍ଧାର



ରାସଗୋବିନ୍ଦପୁର,୧୦।୧୨(ସମିସ): ବୁଧବାର ରାସଗୋବିନ୍ଦପୁର ବ୍ଲକ୍ ଦେବଶୋଳ ପଞ୍ଚାୟତ ଅନ୍ତର୍ଗତ ରାମଚନ୍ଦ୍ରପୁର ଗ୍ରାମର କମଳାକାନ୍ତ ପାଳ(କୁନା) ଅପରାହ୍ଣ ପ୍ରାୟ ୩ଟା ସମୟରେ ତାଙ୍କ ଘରକୁ ଯାଉଥିବା ସମୟରେ ଘରଠାରୁ ଅଳ୍ପଦୂରରେ ଏକ ନାଗ ସାପ ଦେଖିଥିଲେ। ପରେ ସ୍ଥାନୀୟ ରେଞ୍ଜର ଘନଶ୍ୟାମ ସିଂଙ୍କୁ ଖବର ଦେଇଥିଲେ। ଖବର ପାଇ ବନ ବିଭାଗ ପକ୍ଷରୁ ମିହିର ମହାନ୍ତ, ସୁନିଲ ମହାନ୍ତ, ବିକାଶ ମହାନ୍ତ, ନରେନ୍ଦ୍ର ମାରାଣ୍ଡି ଘଟଣାସ୍ଥଳରେ ପହଞ୍ଚି ୫ ଫୁଟ୍‌ର ନାଗ ସାପଟିକୁ ଉଦ୍ଧାର କରି ନେଇଯାଇଥିଲେ।

## କମ୍ପ୍ୟୁଟର ଏକାଡେମୀ ପକ୍ଷରୁ କୃତୀ ଛାତ୍ରଛାତ୍ରୀଙ୍କୁ ମାନପତ୍ର ପ୍ରଦାନ

ଠାକୁରମୁଣ୍ଡା,୧୦।୧୨(ସମିସ): ପରାକ୍ରମ କମ୍ପ୍ୟୁଟର ଏକାଡେମୀ ତରଫରୁ ଚଳିତ ବର୍ଷ ଉତ୍ତୀର୍ଣ୍ଣ ହୋଇଥିବା ବିଦ୍ୟାର୍ଥୀମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଛି। ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ୍‌ସ୍ଥିତ ଖୁଣ୍ଟାପଶି ଗ୍ରାମର ପରାକ୍ରମ କମ୍ପ୍ୟୁଟର ଏକାଡେମୀ ଏବଂ ଓଡ଼ିଶା ନଲେଜ୍ କର୍ପୋରେସନ ଲିମିଟେଡ୍ (ଓକେସିଏଲ୍) ଆନୁକୂଲ୍ୟରେ ସୋମବାର ମାନପତ୍ର ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ ଠାକୁରମୁଣ୍ଡା ମା' ବାସୁଳି ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ମନୋରଞ୍ଜନ ଦ୍ୱିବେଦୀ, ସମ୍ମାନିତ ଅତିଥି ଭାବରେ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଆୟୁର୍ବେଦିକ ଡାକ୍ତର ଗିରିଶ ଚନ୍ଦ୍ର ଅଧିକାରୀ ଯୋଗଦେଇଥିଲେ। ଠାକୁରମୁଣ୍ଡା ଅଞ୍ଚଳରେ ଡିଜିଟାଲ ଶିକ୍ଷାର ପ୍ରଚାରପ୍ରସାର ନିମନ୍ତେ ଓକେସିଏଲ୍ ଏବଂ ଓଡ଼ିଶା ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର ଦ୍ୱାରା ପ୍ରଦତ୍ତ ବିଭିନ୍ନ ଡିଜିଟାଲ ପାଠ୍ୟକ୍ରମଗୁଡ଼ିକର ପ୍ରଚାରପ୍ରସାର କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ।

### ମୟୂରଭଞ୍ଜ ମହୋତ୍ସବର ୧୦ମ ସନ୍ଧ୍ୟା

## ଭାଗଶ୍ରୀ ଓ ରୂପ୍‌କୁମାର ରାଠୋର ମୁଖ୍ୟ ଆକର୍ଷଣ



ବାରିପଦା,୧୦।୧୨(ସମିସ): ସ୍ଥାନୀୟ ଛଉ ପଡ଼ିଆରେ ଚାଲିଥିବା ଅଷ୍ଟମ ବାର୍ଷିକ ମୟୂରଭଞ୍ଜ ମହୋତ୍ସବର ୧୦ମ ସନ୍ଧ୍ୟା ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଅତିଥି ପୂର୍ବତନ ମନ୍ତ୍ରୀ ସରୋଜିନୀ ହେମ୍ବ୍ରମ, ମହୋତ୍ସବ ଅଭ୍ୟର୍ଥନା କମିଟିର ଅଧ୍ୟକ୍ଷ ତଥା ସାରସକଣା ବିଧାୟକ ଭାଦବ ହାଁସଦା, କମିଟିର ଅଧ୍ୟକ୍ଷ ଅସିତ ବରଣ ପତି, ସଭାପତି କୃଷ୍ଣାନନ୍ଦ ମହାନ୍ତି, ଉପସଭାପତି ସଞ୍ଜୀବ ଦ୍ୱିବେଦୀ, ସମ୍ପାଦକ କଳିଙ୍ଗ କେଶରୀ ଜେନା, ବିପ୍ଳବ ଭଞ୍ଜନ ବୁଗୁଡ଼େଇ, କାଶୀନାଥ ରଣା, ସତ୍ୟଜିତ୍ ସୋମ, ପ୍ରସନ୍ନ ମହାପାତ୍ର, ଲଡୁକେଶ୍ୱର ରଣା, କାବୁ ତ୍ରିପାଠୀ, ଅଂଶୁମାନ ଦାସ ତଥା ଅନ୍ୟ ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ମୟୂରଭଞ୍ଜ ଜିଲ୍ଲାର କଳା ଓ ସଂସ୍କୃତିର ବିକାଶ ପାଇଁ ଏକ ଅଭିନବ ପ୍ରୟାସ ହେଉଛି ମୟୂରଭଞ୍ଜ ମହୋତ୍ସବ। ଗୁରୁବାର ମହୋତ୍ସବ ଉଦ୍‌ଯାପିତ ହେବ। ପ୍ରାରମ୍ଭରେ ଜିଲ୍ଲାର ସଙ୍ଗୀତ ଓ ନୃତ୍ୟ ପ୍ରତିଷ୍ଠାନ କଳାକାରଗଣ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସେହିପରି ମୁଖ୍ୟ ଆକର୍ଷଣ ବଲିଉଡ୍ ନାୟିକା ଭାଗ୍ୟଶ୍ରୀ ଓ କଣ୍ଠଶିଳ୍ପୀ ରୂପକୁମାର ରାଠୋର ତାଙ୍କ ପତ୍ନୀଙ୍କ ସହିତ ଭରପୂର ମନୋରଞ୍ଜନ କରିଥିଲେ। ଉପସ୍ଥାପକ ଡ. ରଞ୍ଜିତ କୁମାର ସାହୁ ଓ ଉପସ୍ଥାପିକା ସ୍ନେହାଶ୍ରୀ ସୋଲୁନି ମଞ୍ଚ ପରିଚାଳନା କରିଥିଲେ। ୧୦ଦିନ ଧରି ଚାଲିଥିବା ଏହି ମହୋତ୍ସବରେ ମୟୂରଭଞ୍ଜ ଜିଲ୍ଲାର ହସ୍ତଶିଳ୍ପରୁ ଆରମ୍ଭ କରି କୁଟୀରଶିଳ୍ପ, ଖେଳନା, ପୋଷାକ ଆଉ ତା' ସହ ଘରକରଣା ସାମଗ୍ରୀ ଏବଂ ପାରମ୍ପରିକ ଖାଦ୍ୟ ମୁଢ଼ି ମାଂସ ସହ ଅନ୍ୟାନ୍ୟ ଖାଦ୍ୟର ମଧ ମଜା ଉଠାଇଛନ୍ତି ଦର୍ଶକ।

## ବରିଷ୍ଠ ଆଇନଜୀବୀଙ୍କ ପରଲୋକ



କରଞ୍ଜିଆ,୧୦।୧୨(ସମିସ): କରଞ୍ଜିଆ ସହରର ବିଶିଷ୍ଟ ଓକିଲ, ସମାଜସେବୀ ତଥା ବ୍ୟବସାୟୀ ହରିଶ ଚନ୍ଦ୍ର ଦାସଙ୍କ ବୁଧବାର ସକାଳ ୭ଟାରେ ନିଜ ବାସଭବନଠାରେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୭୯ ବର୍ଷ ବୟସ ହୋଇଥିଲା। ପ୍ରାଥମିକ ସୂତ୍ରରୁ ସେ ମଙ୍ଗଳବାର ପର୍ଯ୍ୟନ୍ତ ଚଳଚଞ୍ଚଳ ଥିଲେ। ହୃଦ୍‌ଘାତ ଯୋଗୁଁ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ବୁଧବାର ତାଙ୍କ ମରଶରୀରକୁ କରଞ୍ଜିଆ କଚେରୀ ପରିସରକୁ ନିଆଯାଇଥିଲା। ସେଠାରେ ସମସ୍ତ ଓକିଲ, କର୍ମଚାରୀ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ତାଙ୍କ ଶେଷକୃତ୍ୟ ନିକଟ ଦେଓ ନଦୀ କୂଳରେ ସମ୍ପନ୍ନ ହୋଇଛି।

## ନୂଆସାହି ଡିଗ୍ରୀ କଲେଜରେ 'ମାନବାଧିକାର ଦିବସ'

କପ୍ତିପଦା,୧୦।୧୨(ସମିସ): କପ୍ତିପଦା ଡିଗ୍ରୀ କଲେଜ ନୂଆସାହିର ଜାତୀୟ ସେବା ଯୋଜନା ତରଫରୁ "ମାନବାଧିକାର ଦିବସ' କଲେଜର ଅଧ୍ୟକ୍ଷା ଡ. ଲିପିକା ବେହେରାଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି। ଅଧ୍ୟକ୍ଷା ତାଙ୍କ ବକ୍ତବ୍ୟରେ ଦୈନନ୍ଦିନ ଜୀବନରେ ମାନବର ଅଧିକାର ନିହାତି ଆବଶ୍ୟକ ବୋଲି ଆଲୋଚନା କରିଥିଲେ। ଅଧ୍ୟକ୍ଷା ଆହୁରି ମଧ ତାଙ୍କ ବକ୍ତବ୍ୟରେ ଅଧିକାର ଏବଂ କର୍ତ୍ତବ୍ୟ ଗୋଟେ ମୁଦ୍ରାର ଦୁଇଟି ପାଶ୍ୱର୍ ଭଳି ପରସ୍ପର ପରିପୂରକ, ସମସ୍ତେ ସମସ୍ତଙ୍କର ଅଧିକାରକୁ ମର୍ଯ୍ୟାଦା ଦେବା ସହିତ କର୍ତ୍ତବ୍ୟ ପାଳନ କରିବା ଉଚିତ୍ ବୋଲି ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜାତୀୟ ସେବା ଯୋଜନାର ପୁରୁଷ କାର୍ଯ୍ୟକ୍ରମ ଅଧିକାରୀ ଲମ୍ବୋଦର ବାରିକ ତାଙ୍କ ବକ୍ତବ୍ୟରେ ଅଧିକାର ସମସ୍ତଙ୍କ ପାଇଁ ସମାନ। ଜାତି, ବର୍ଣ୍ଣ, ଧର୍ମ ଓ ଲିଙ୍ଗ ନିର୍ବିଶେଷରେ ସମସ୍ତେ ସମାନ ସେହି ବିଷୟରେ ଅବଗତ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ସଞ୍ଜୟ ସେନାପତି, ଅଧ୍ୟାପିକା ରଞ୍ଜିତା ବିଶ୍ୱାଳ ଉପସ୍ଥିତ ରହି ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଶେଷରେ ଜାତୀୟ ସେବା ଯୋଜନାର ମହିଳା କାର୍ଯ୍ୟକ୍ରମ ଅଧିକାରିଣୀ ମଞ୍ଜନା ମହାପାତ୍ର ଧନ୍ୟବାଦ ଦେଇଥିଲେ।

## ମୟୂରଭଞ୍ଜର ୨୬ ବ୍ଲକ୍‌ର ଶ୍ରେଷ୍ଠ ଚାଷୀ ସମ୍ବର୍ଦ୍ଧିତ



ବାରିପଦା,୧୦।୧୨(ସମିସ): ମୟୂରଭଞ୍ଜ ଜିଲ୍ଲାର ୨୬ଟି ବ୍ଲକ୍‌ର ଅଗ୍ରଣୀ କୃଷକଙ୍କୁ ବାବୁଲାଲ ଅଗରୱାଲା ମେମୋରିଆଲ ଆୱାର୍ଡ ଫାଉଣ୍ଡେସନ ପକ୍ଷରୁ ବୁଧବାର ଆୟୋଜିତ ବାର୍ଷିକ ଜିଲ୍ଲାସ୍ତରୀୟ ବାବୁଲାଲ ଅଗରୱାଲା ସ୍ମୃତି ପୁରସ୍କାର ପ୍ରଦାନ କରାଯାଇଛି। ସ୍ଥାନୀୟ ବାରିପଦା ଷ୍ଟାଡିୟମ୍ ସମ୍ମିଳନୀ କକ୍ଷରେ ଦିବଂଗତ ବାବୁଲାଲ ଅଗରୱାଲାଙ୍କ ୨୮ ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଆୟୋଜିତ ଉତ୍ସବରେ ମୟୂରଭଞ୍ଜ ମହାରାଣୀ ରଶ୍ମି ରାଜଲକ୍ଷ୍ମୀ ଭଞ୍ଜଦେଓ ମୁଖ୍ୟଅତିଥି, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା ମୁଖ୍ୟବକ୍ତା, ସଭାବନା ସମିତିର ପ୍ରତିଷ୍ଠାତା ପୂର୍ଣ୍ଣଚନ୍ଦ୍ର ବୁଗୁଡେଇ ବିଶେଷ ଅତିଥି ଏବଂ ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି ସମ୍ମାନିତ ଅତିଥିଭାବେ ଯୋଗଦେଇ କୃଷକମାନଙ୍କୁ ସମ୍ବର୍ଦ୍ଧିତ କରିବା ସହ ମାନପତ୍ର ଓ ଉପଢୌକନ ପ୍ରଦାନ କରିଥିଲେ। ଫାଉଣ୍ଡେସନର ଚେୟାରମ୍ୟାନ୍ ତଥା ଭାରତ କୃଷକ ସମାଜର ଆଜୀବନ ସଦସ୍ୟ ଡ. ବିଜୟ କୁମାର ଅଗରୱାଲାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବର ପ୍ରାରମ୍ଭରେ ସଂଯୋଜକ ରାସେଶ୍ୱର ସାହୁ ସ୍ୱାଗତ ଅଭିଭାଷଣ ଏବଂ ବାରିପଦା କୃଷି ଜିଲ୍ଲା ଅଧିକାରୀ ଜ୍ଞାନବଲ୍ଲଭ ଦାସ ସମ୍ବର୍ଦ୍ଧିତ ବ୍ଲକ୍‌ୱାରୀ ଚାଷୀମାନେ କୃଷି ବିଭାଗ ପକ୍ଷରୁ ପ୍ରତ୍ୟେକ ବର୍ଷ ଚୟନ କରାଯାଇଥାଏ ବୋଲି ଉଲ୍ଲେଖ କରିଥିଲେ। କୃତୀ ଶିକ୍ଷକ ଡ. ଶଶଧର ବିଶ୍ୱାଳ ଅତିଥିଙ୍କ ପରିଚୟ ପ୍ରଦାନ ଓ ଫାଉଣ୍ଡେସନର ସମ୍ପାଦକ ଡ. ଅକ୍ଷୟ କୁମାର ଅଗରୱାଲା ଧନ୍ୟବାଦ ଅର୍ପଣ କରିଥିଲେ।

## ଅସନା କ୍ଲଷ୍ଟରସ୍ତରୀୟ ଶିକ୍ଷାସଭା କାର୍ଯ୍ୟକ୍ରମ

ବିଶୋଇ,୧୦।୧୨(ସମିସ): ବିଶୋଇ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଅଧୀନ ସମସ୍ତ କ୍ଲଷ୍ଟରରେ ଆସ ସ୍କୁଲ ଯିବା ଯୋଜନାରେ ଶିକ୍ଷାସଭା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟକୁ ଆଦୌ ଆସୁ ନ ଥିବା ଏବଂ ଅଧାରୁ ପାଠ ଛାଡ଼ି ଦେଇଥିବା ଛାତ୍ରଛାତ୍ରୀଙ୍କ ପିତାମାତା ଓ ଅଭିଭାବକଙ୍କୁ ନେଇ ଶିକ୍ଷାସଭା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଅସନା କ୍ଲଷ୍ଟର ବାଙ୍କୀଡିହି ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷାସଭା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଛାତ୍ରଛାତ୍ରୀଙ୍କ ଅଭିଭାବକ, ସମସ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ, ୱାର୍ଡସଭ୍ୟ ପ୍ରମୁଖ ଯୋଗଦେଇଥିଲେ। ପ୍ରଥମେ ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ପ୍ରମୁଖ ଶିକ୍ଷା ସଚେତନତା ବାର୍ତ୍ତା ନେଇ ବିଭିନ୍ନ ପ୍ଲାକାର୍ଡ ଧରି ବିଦ୍ୟାଳୟ ପରିସରରୁ ଏକ ରାଲିରେ ବାହାରି ଗ୍ରାମ ପରିକ୍ରମା କରିଥିଲେ। ପରେ ସିଆର୍‌ସିସି ରଶ୍ମିତା ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶିକ୍ଷା ସଭାରେ ଅତିଥି ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ କପିଳେନ୍ଦ୍ର ଦାସ, ବିଦ୍ୟାଳୟର ପ୍ରାକ୍ତନ ଛାତ୍ର ତଥା ସାମାଜିକ କର୍ମୀ ଗୋପବନ୍ଧୁ ଗିରି, ଅସନା ହାଇସ୍କୁଲ ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ସୁପ୍ରଭା ନନ୍ଦ, ୱାର୍ଡସଭ୍ୟ ରାଧାମୋହନ ଗିରି ଉପସ୍ଥିତ ରହି ପିଲାଙ୍କୁ ଶିକ୍ଷା ପ୍ରତି ଆକୃଷ୍ଟ କରାଇ ଶିକ୍ଷାର ମୁଖ୍ୟସ୍ରୋତରେ କିପରି ସେମାନଙ୍କୁ ସାମିଲ୍ କରିହେବ ସେନେଇ ମତବ୍ୟକ୍ତ କରିଥିଲେ। ବାଙ୍କୀଡିହି ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ପାନେଶ୍ୱରୀ ହାଁସଦା ସଭା ପରିଚାଳନା କରିଥିଲେ। କେନ୍ଦୁମରା ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ କାଳୀଚରଣ ଶର୍ମା ଧନ୍ୟବାଦ ଅର୍ପଣ କରିଥିଲେ।

## ଝାଡ଼ଖଣ୍ଡକୁ ଚାଲାଣ ବେଳେ ୨୭ ଗୋରୁ ଉଦ୍ଧାର

ରାଇରଙ୍ଗପୁର,୧୦।୧୨(ସମିସ): ଦିନକୁ ଦିନ ବେଆଇନ ଗୋ-ଚାଲାଣ ମାତ୍ରା ବୃଦ୍ଧି ପାଇବାରେ ଲାଗିଛି। ଯାହାକୁ ନିୟନ୍ତ୍ରଣ କରିବା ପାଇଁ ପ୍ରୟାସ ଜାରି ରହିଥିବାବେଳେ ବାଦାମପାହାଡ଼ ଥାନା ପୁଲିସ ଦ୍ୱାରା ବେଆଇନ ଭାବେ ଝାଡ଼ଖଣ୍ଡକୁ ଗୋ-ଚାଲାଣବେଳେ ୨୭ଟି ଗୋରୁ ଉଦ୍ଧାର ହୋଇଛନ୍ତି। ଏହା ସହିତ ୩ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ବାଦାମପାହାଡ଼ ଥାନା ଅନ୍ତର୍ଗତ ପଡ଼ିଆ ଗ୍ରାମର ଯୋଗେଶ୍ୱର ଟୁଡୁ(୨୫), ମେନେ ହେମ୍ବ୍ରମ(୨୩) ଓ ସୁରେଶ ଚନ୍ଦ୍ର ହାଁସଦା(୩୫)। ବେଆଇନ ଭାବେ ଗୋ-ଚାଲାଣ ନେଇ ବିଶ୍ୱସ୍ତ ସୂତ୍ରରୁ ପୁଲିସକୁ ଖବର ମିଳିଥିଲା। ଯାହାକୁ ନେଇ ଏକ ଟିମ୍ ପଡ଼ିଆ ଗ୍ରାମରେ ଚଢ଼ଉ କରିଥିଲେ। ତେବେ ୩ ଜଣ ବ୍ୟକ୍ତି ୨୭ଟି ଗୋ-ଚାଲାଣ କରୁଥିବାର ଦେଖିଥିଲେ। ସେମାନଙ୍କୁ ଏନେଇ କାଗଜପତ୍ର ମାଗିବାରୁ ତାହା ଦେଖାଇପାରି ନ ଥିଲେ। ଗୋରୁଗୁଡ଼ିକ ବିଭିନ୍ନ ସ୍ଥାନରୁ ଚୋରି କରି ଏକ କଣ୍ଟେନର ଟ୍ରକ୍‌ରେ ଆଣି ତାଙ୍କୁ ପ୍ରଦାନ କରାଯାଇଛି। ସେମାନେ ଏହାକୁ ଚାଲାଣ କରିବା ପାଇଁ ନେଉଥିବାର ୩ ଅଭିଯୁକ୍ତ ପୁଲିସ ସମ୍ମୁଖରେ ସ୍ୱୀକାର କରିଥିଲେ। ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ତେନ୍ତପୋଷି ଅଞ୍ଚଳର ଟିଲୁ ଓ ପଡ଼ିଆ ଗ୍ରାମର ବିଶାଳ ରାଉତ ତାଙ୍କ ସହଯୋଗୀ ଥିବାବେଳେ ଗୋରୁଗୁଡ଼ିକ ଚୋରି କରି ତାଙ୍କୁ ଚାଲାଣ କରିବା ପାଇଁ ପ୍ରଦାନ କରିଛନ୍ତି ବୋଲି ସ୍ୱୀକାର କରିଛନ୍ତି। ପୁଲିସ ପକ୍ଷରୁ ୨୭ଟି ଗୋରୁ ଉଦ୍ଧାର କରାଯାଇ ଗୋ-ଶାଳାକୁ ପଠାଯାଇଛି। ଏନେଇ ବାଦାମପାହାଡ଼ ପୁଲିସ ପକ୍ଷରୁ ସମସ୍ତ ଅଭିଯୁକ୍ତଙ୍କ ନାମରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛନ୍ତି।

## ଅବକାରୀ ଚଢ଼ଉ; ୪ ଗିରଫ

ଉଦଳା,୧୦।୧୨(ସମିସ): ଉଦଳା ଅବକାରୀ ବିଭାଗ ଚଢ଼ଉ କରି ୭୪ ଲିଟର ମଦ ଜବତ କରିବା ସହ ୪ଜଣଙ୍କୁ ଗିରଫ କରିଛନ୍ତି। ମୟୂରଭଞ୍ଜ ଜିଲ୍ଲା ଅବକାରୀ ସୁପରିଣ୍ଟେଣ୍ଡେଣ୍ଟ ପ୍ରଶାନ୍ତ କୁମାର କହଁରଙ୍କ ନିର୍ଦ୍ଦେଶ କ୍ରମେ ବୁଧବାର ଉଦଳା ନିରୀକ୍ଷକ ସଞ୍ଜୟ କୁମାର ତାଣ୍ଡିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଖୁଣ୍ଟା ଓ ଉଦଳା ଟିମ୍ ଗଠନ କରାଯାଇ ଉଦଳାରେ ଚଢ଼ଉ କରିଥିଲେ। ସୁନାରାମ ହେମ୍ବ୍ରମ, ଶୁଶାନ୍ତ ବାରିକ, ହରେକୃଷ୍ଣ ବଢ଼େଇ, କାରୁହରି ହାଁସଦାଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି।

### ● ମାଗେ ପରବ୍ ଉଦ୍‌ଯାପିତ

## ସଂସ୍କୃତି, ପରମ୍ପରା ନେଇ ଆଲୋଚନା



ରାଇରଙ୍ଗପୁର,୧୦।୧୨(ସମିସ): ଜାମଦା ବ୍ଲକ୍ ଅନ୍ତର୍ଗତ ସୁନାମାରାରେ ଆୟୋଜିତ ମାଗେ ପରବ୍ ଏବଂ ପୂଜା ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ହୋ, କୋହ୍ଲ ଓ ମୁଣ୍ଡା ସମ୍ପ୍ରଦାୟର ଯୁବ ସଂସ୍କାରକ ତଥା ମୁଣ୍ଡା ମଣକି ମହାସଂଘ ପଣ୍ଡିତ ବବି ପଙ୍କଜ ସିର୍କା ଯୋଗଦେଇଥିଲେ। ପୂଜାର୍ଚ୍ଚନା କରିବା ସହ ଭାରତର କୋହ୍ଲ ବଂଶ ହୋ ଭାଷାଭାଷୀ ଆଦିବାସୀମାନଙ୍କ ସଂସ୍କୃତି ପରମ୍ପରା ଆଉ ପର୍ବପର୍ବାଣୀ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। "ମାର୍ଗେ ପରବ୍' କୋହ୍ଲ ଓ ହୋ ଆଦିବାସୀମାନଙ୍କ ମୁଖ୍ୟ ପର୍ବ ଥିବାବେଳେ ପ୍ରକୃତି ମାତାଙ୍କ ପୂଜାର୍ଚ୍ଚନା କରିଥାନ୍ତି। ଆଠ ଦିନ ଧରି ରୀତିନୀତିରେ ପୂଜା କରି ପର୍ବ ପାଳନ କରିଥାନ୍ତି। ଏହା ପ୍ରଭାବରେ ଗ୍ରାମବାସୀଙ୍କୁ କୌଣସି ଦୈବୀ ଦୁର୍ବିପାକ ହୋଇନଥାଏ। ଯାହାକି ଆଦିବାସୀ ସମାଜ ଉନ୍ନତି ସାଧିତ ହୋଇଥାଏ। ତାଙ୍କର ହାର ମାଗେଆ ପର୍ବରେ ହିଁ ଗ୍ରହଦୋଷ କଟିଯାଏ ବୋଲି ଅନେକ କଥା ବକ୍ତବ୍ୟ ମାଧ୍ୟମରେ ବଖାଣିଥିଲେ। ଆଦିବାସୀ ସମ୍ପ୍ରଦାୟର ଅନେକ ପର୍ବପର୍ବାଣୀ ଥିବାବେଳେ ସେଥିମଧ୍ୟରୁ ମାଗେ ପରବ୍ ନିଆରା ଅଟେ। ଯାହାକି କୋହ୍ଲ ଓ ହୋ ଜନଜାତିର ସବୁଠାରୁ ବଡ଼ ପର୍ବ ଥିବାବେଳେ ନାଚଗୀତ ଆସର ଜମିଥାଏ। ଆଦିବାସୀ ଗ୍ରାମଗୁଡ଼ିକରେ ପର୍ବକୁ ନେଇ ପରିବେଶ ମଧ ବେଶ୍ ନିଆରା ଅଟେ। ଆଦିବାସୀମାନଙ୍କ ଏହି ପର୍ବ ସମୟରେ ଗ୍ରାମ ପରିବେଶ ମଧ ଉଲ୍ଲାସରେ ଭରି ରହିଥାଏ।

### ମୁର୍ଗାଘୁଟୁରେ ଜିଲ୍ଲା ପ୍ରଶାସନର ପଲ୍ଲିସଭା

## ଅଧାରୁ ସଭା ଛାଡ଼ି ଚାଲିଗଲେ ଗ୍ରାମବାସୀ

ରାଇରଙ୍ଗପୁର,୧୦।୧୨(ସମିସ)



ସ୍ଥାନୀୟ ମୁର୍ଗାଘୁଟୁ ଖେଳ ପଡ଼ିଆରେ ଜିଲ୍ଲା ପ୍ରଶାସନ ପକ୍ଷରୁ ବୁଧବାର ପଲ୍ଲିସଭାର ଆୟୋଜନ କରାଯାଇଥିଲା। କିନ୍ତୁ ଆଲୋଚନା ଅଧାରୁ ଅଧିକାଂଶ ଗ୍ରାମବାସୀ ସଭା ଛାଡ଼ିକି ଚାଲି ଯାଇଥିଲେ।

ରାଜ୍ୟ ସରକାରଙ୍କ ଘୋଷଣାକ୍ରମେ ଜାତୀୟ ବିମାନବନ୍ଦର ଓ ଆୟୁର୍ବେଦିକ ମହାବିଦ୍ୟାଳୟ କରିବା ନେଇ ଦାଣ୍ଡବୋଷ ନିକଟସ୍ଥ ମୁର୍ଗାଘୁଟୁ ଅଞ୍ଚଳରେ ଜମି ଚିହ୍ନଟ ହୋଇଛି। ଏହା ସହିତ ସେଠାରେ ଥିବା ଲୋକ ସ୍ଥାନାନ୍ତର ପ୍ରକ୍ରିୟା କରାଯାଇଛି। ଗୋଟିଏ ଘରୋଇ ଜମି ଥିବାବେଳେ ଅନ୍ୟ ସମସ୍ତ ସରକାରୀ ଜମି ଅଟେ। ତେବେ ସେଠାରୁ ଲୋକଙ୍କୁ ସ୍ଥାନାନ୍ତର କରାଯାଇଥିବା ବେଳେ ସରକାରୀ ନିୟମ ଅନୁଯାୟୀ ପଲ୍ଲିସଭା କରି ସରକାରୀ ସହାୟତା ରାଶି ପ୍ରଦାନ କରାଯାଇଥାଏ। ଯାହାକୁ ନେଇ ବୁଧବାର ବାମନଘାଟି ଅତିରିକ୍ତ ଜିଲ୍ଲାପାଳ ସୁଚାରୁ ବଳ, ଉପଜିଲ୍ଲାପାଳ ସୌମ୍ୟରଞ୍ଜନ ପ୍ରଧାନ, ଅତିରିକ୍ତ ଉପଜିଲ୍ଲାପାଳ, ତହସିଲ୍‌ଦାର, ବିଡିଓଙ୍କ ସମେତ ଅନ୍ୟାନ୍ୟ ପ୍ରଶାସନିକ ଅଧିକାରୀମାନଙ୍କୁ ନେଇ ବୈଠକର ଆୟୋଜନ କରାଯାଇଥିଲା। ଉକ୍ତ ଦୁଇଟି ପ୍ରକଳ୍ପ ଜରିଆରେ ସୁଫଳ ମିଳିବା ନେଇ ସ୍ଥାନୀୟ ଜନସାଧାରଣଙ୍କୁ ସଚେତନ କରିବା ନେଇ ମଧ ଉଦ୍ଦେଶ୍ୟ ଥିଲା। କିନ୍ତୁ ସଭା ଅଧାରୁ ଗ୍ରାମବାସୀମାନେ ଅସନ୍ତୋଷ ପ୍ରକାଶ କରି ଚାଲି ଆସିଥିଲେ। ପୂର୍ବରୁ ଗୋଟିଏ ପଲ୍ଲିସଭା ହୋଇଥିବାବେଳେ ସେଥିରେ ଗଣ୍ଡଗୋଳ ହୋଇଥିବାବେଳେ ବୁଧବାର ପୁଲିସ ଉପସ୍ଥିତିରେ ଦ୍ୱିତୀୟ ପଲ୍ଲିସଭା ହୋଇଥିଲା। ସେମାନେ ସରକାରୀ ଜମିରେ ଥିବା ସତ୍ତ୍ୱେ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ତାଙ୍କୁ ପୂର୍ବରୁ ୨୦ ହଜାର ଟଙ୍କା ଓ ଗୃହ ଆଦି ପ୍ରଦାନ କରାଯାଇଛି। ଅନ୍ୟ ସହାୟତା ରାଶି ପ୍ରଦାନ ପାଇଁ ୧ କୋଟିରୁ ଉର୍ଦ୍ଧ୍ୱ ସରକାରୀ ଟଙ୍କା ରହିଛି। କିନ୍ତୁ ପଲ୍ଲିସଭା ହୋଇ ନ ପାରିବା ଯୋଗୁଁ ଟଙ୍କା ମଞ୍ଜୁର କରି ପ୍ରଦାନ କରାଯାଇନାହିଁ। ତେଣୁ ତାହାକୁ ନେଇ ପଲ୍ଲିସଭାର ଆୟୋଜନ କରାଯାଇଥିଲା। କିନ୍ତୁ ତାହା ମଧ ବିଫଳ ହୋଇଛି। ପ୍ରଶାସନ ପକ୍ଷରୁ ଏହାର ସମାଧାନ କରିବା ନେଇ ବ୍ୟବସ୍ଥା କରାଯିବ ବୋଲି ତହସିଲ୍‌ଦାର ବିଶ୍ୱନାଥ ବିଶ୍ୱାଳ କହିଛନ୍ତି।



# ସିଟି କଟକ

## ସନ୍ଦେହ ଘେରରେ ଯୁବ ଡାକ୍ତରଙ୍କ ମୃତ୍ୟୁ

**କଟକ,୧୦।୧୨(ସମିସ):** ଯୁବ ଡାକ୍ତର ପ୍ରିୟରଞ୍ଜନ ସାମଲଙ୍କ ମୃତ୍ୟୁକୁ ନେଇ ସନ୍ଦେହ ବଢିବାରେ ଲାଗିଛି। ଘଟଣା ଦିନ ଅଚେତ ଅବସ୍ଥାରେ ଉଦ୍ଧାର ସମୟରେ ତାଙ୍କ ପକେଟରେ ମନିପର୍ସ, ଏଟିଏମ କାର୍ଡ ନଥିଲା। ଯଦିଓ ସେ କିଛି ସମୟ ପୂର୍ବରୁ କ୍ଲିନିକରୁ ରୋଗୀ ଦେଖି ପ୍ରାପ୍ୟ ନେଇ ଆସିଥିଲେ। ଯେଉଁ ସ୍ଥାନରେ ସେ ପଡିଥିଲେ ସେଠାରେ ସିସିଟିଭି କାମ କରୁ ନଥିଲା। ଏଣୁ ପୁଅକୁ ଯୋଜନାବଦ୍ଧ ହତ୍ୟା କରାଯାଇଛି ବୋଲି ମୃତକଙ୍କ ବାପା ପୁରୀଘାଟ ଥାନାରେ ଏତଲା ଦେଇଛନ୍ତି। ଦିନକ ପରେ ଘଟଣାକୁ ଦୁଇ ସପ୍ତାହ ହେବ। ମାତ୍ର ଏଯାବତ ପୁଲିସ ରହସ୍ୟ ଉପରୁ ପରଦା ହଟାଇପାରିନାହିଁ।

ଘଟଣାରୁ ପ୍ରକାଶ ଯେ ବଙ୍ଗାଳିସାହି ଅଞ୍ଚଳର ୩୪ ବର୍ଷୀୟ ପ୍ରିୟରଞ୍ଜନ ଚର୍ମ ରୋଗ ବିଭାଗର ଡାକ୍ତର ଥିଲେ। ଗତ ନଭେମ୍ବର ୨୬ ତାରିଖ ରାତିରେ ହଠାତ ତାଙ୍କ ମୃତ୍ୟୁ ଘଟିଥିଲା। ସେମିନାରୀ ଛକସ୍ଥିତ ବିଦେଶୀ ମଦ ଦୋକାନ ପାଖରୁ ତାଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରି ଏସସିବି ମେଡିକାଲ ନିଆଯାଇଥିଲା। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣା ପୂର୍ବର ଏବଂ ପରର ପାରିପାର୍ଶ୍ୱିକ ସ୍ଥିତି ଦେଖି ପୁଅକୁ ହତ୍ୟା କରାଯାଇଛି ବୋଲି ବାପା ପ୍ରତାପ ଚନ୍ଦ୍ର ସାମଲ ଅଭିଯୋଗ କରିଛନ୍ତି। ଶ୍ରୀ ସାମଲଙ୍କ ଅଭିଯୋଗ ଅନୁସାରେ, ୨୬ ତାରିଖ ଅପରାହ୍ନ ସାଢେ ୩ଟାରୁ ପ୍ରାୟ ୫ଟା ଯାଏ ପ୍ରିୟରଞ୍ଜନ ବିଜୁ ପଟ୍ଟନାୟକ ଛକସ୍ଥିତ କ୍ଲିନିକରେ ରୋଗୀ ଦେଖି ଘରକୁ ଫେରିଥିଲେ। ସନ୍ଧ୍ୟା ପରେ ଘରୁ ବାହାରିବା ସମୟରେ ପରିବାର ସଦସ୍ୟଙ୍କ ସହିତ ସ୍ୱାଭାବିକ ଭାବେ କଥାବାର୍ତ୍ତା ମଧ୍ୟ ହୋଇଥିଲେ। ଏମିତିକି ରାତି ୮ଟା ବେଳେ ମାଆଙ୍କୁ ଫୋନ କରି ଖାଇବା ଲାଗି ସେ ରୁଟି, ଭଜା ତିଆରି କରିବାକୁ କହିଥିଲେ। ଏହାର ମାତ୍ର କିଛି ମିନିଟ ପରେ ପ୍ରିୟରଞ୍ଜନ ଅଚେତ ହୋଇପଡିଥିବା ସମ୍ପର୍କରେ ତାଙ୍କୁ ଖବର ମିଳିଥିଲା। ପ୍ରିୟରଞ୍ଜନଙ୍କ ସ୍କୁଟି ଗାଡି ଉକ୍ତ ମଦ ଦୋକାନ ପାଖର୍ ପାର୍କିଂରେ ରହିଥିଲା। ତେବେ ଗାଡିର ଚାବି ଥିଲା ବେଳେ ପକେଟରୁ ମନିପର୍ସ ଏବଂ ଏଟିଏମ କାର୍ଡ ଗାୟବ ଥିଲା। ଉକ୍ତ ଠିପି ବନ୍ଦ ମଦ ଦୋକାନକୁ ଲାଗି ପଛପଟେ ଏକ ଆବଦ୍ଧ ସ୍ଥାନ ରହିଛି। ସେହିଠାରେ ଲୋକେ ଦୋକାନରୁ ମଦ କିଣିଆଣି ପିଅନ୍ତି। ଠିକ ସେହି ସ୍ଥାନର ବାଟ ମୁହଁରେ ପ୍ରିୟରଞ୍ଜନ ପଡିଥିଲେ ବୋଲି ଉପସ୍ଥିତ ଲୋକେ କହିଥିଲେ। ଏହି ସବୁ ଘଟଣାକୁ ତର୍ଜମା କରିବା ପରେ ପ୍ରିୟରଞ୍ଜନଙ୍କ ମୃତ୍ୟୁ ଆକସ୍ମିକ ନୁହେଁ ବୋଲି ଶ୍ରୀ ସାମଲ ଆଶଙ୍କା କରୁଛନ୍ତି।

### ବାରବାଟୀ ଟି-୨୦

# ଲଗାମ୍‌ଛଡ଼ା ଲୁଟ୍

**ମନଇଚ୍ଛା ଦରରେ ଖାଦ୍ୟ, ପାନୀୟ ବିକିଲେ ଭେଣ୍ଡର**

**କାମରେ ଲାଗିଲା ପୁରୁଣା ସର୍ଭିସ ପ୍ରୋଭାଇଡର ପାସ୍**




**କଟକ,୧୦।୧୨(ସମିସ):** ଟି-୨୦ ଫର୍ମାଟରେ ବାରବାଟୀରେ ବିଜୟଧାରା ଅବ୍ୟାହତ ରଖିଥିବା ଦକ୍ଷିଣଆଫ୍ରିକା ଉପରେ ବ୍ରେକ୍ ଲାଗିଲା। ଭାରତଠାରୁ ଦଳ ଏଠାରେ ଶୋଚନୀୟ ଭାବେ ପରାଜୟ ବରଣ କଲା। ଖେଳରେ ବିଶୃଙ୍ଖଳା ହେବା ଭଳି କୌଣସି ଅବ୍ୟବସ୍ଥା ଲୋକଲୋଚନକୁ ଆସି ନଥିଲେ ସୁଦ୍ଧା ବିଭିନ୍ନ ଗ୍ୟାଲେରୀରେ ଲୋକଙ୍କଠାରୁ ଭେଣ୍ଡରମାନେ ଲୁଟ୍ କରିଥିବା ଅଭିଯୋଗ ଆସିଛି। ଖାଦ୍ୟ ଓ ମୃଦୁ ପାନୀୟ ମନଇଚ୍ଛା ଦରରେ ବିକ୍ରି ହୋଇଥିଲା। କେବଳ ସେତିକି ନୁହେଁ, ଭେଣ୍ଡରମାନଙ୍କ ଦୁର୍ବ୍ୟବହାରର ଶିକାର ହୋଇଥିବା ନେଇ କିଛି ଦର୍ଶକ ମଧ୍ୟ ଗଣମାଧ୍ୟମରେ ମୁହଁ ଖୋଲିଛନ୍ତି। ପୁଲିସ ଉପସ୍ଥିତିରେ ଗ୍ୟାଲେରୀଗୁଡିକରେ ବେନିୟମ କାର୍ଯ୍ୟ ଜାରି ରହୁଥିଲେ ସୁଦ୍ଧା କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନଥିଲା। ଏ ଦିଗରେ ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ବିଶେଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

ବାରବାଟୀରେ ପୂର୍ବରୁ ଦକ୍ଷିଣଆଫ୍ରିକା ଦଳ ଦୁଇଟି ଟି-୨୦ ମ୍ୟାଚ୍ ଖେଳିଛି। ଭାରତ ବିପକ୍ଷରେ ଖେଳିଥିବା ଦୁଇଟି ଯାକ ମ୍ୟାଚ୍‌ରେ ଦଳକୁ ବିଜୟ ମିଳିଥିଲା। ହେଲେ ମଙ୍ଗଳବାର ମ୍ୟାଚ୍‌ରେ ଭାରତ ଘରୋଇ ପଡ଼ିଆରେ ଭ୍ରମଣକାରୀ ଦକ୍ଷିଣଆଫ୍ରିକାକୁ ଧୂଳି ଚଟାଇଥିଲା। ମ୍ୟାଚ୍ ସମୟରେ ପ୍ରାୟ ୪୨ହଜାର ଦର୍ଶକ ଉପସ୍ଥିତ ଥିଲେ ବୋଲି କୁହାଯାଉଥିଲେ ସୁଦ୍ଧା ଏହାର ପରିମାଣ ଅଧିକ ହେବ। ଗ୍ୟାଲେରୀ ନଂ-୬ରେ ସିଟ୍ ତୁଳନାରେ ଅଧିକ ଦର୍ଶକ ଉପସ୍ଥିତ ଥିବାର ଅଭିଯୋଗ ମଧ୍ୟ ହୋଇଛି। ଏହି ଗ୍ୟାଲେରୀର ଟିକଟ ବିକ୍ରି ନୁହେଁ। କମ୍ପ୍ଲିମେଣ୍ଟାରୀ ଜରିଆରେ ସମସ୍ତ ସିଟ୍ ଭର୍ତ୍ତି ହୁଏ। ତେବେ ସିଟ୍ ତୁଳନାରେ ଅଧିକ ପାସ୍ ଛପାଯାଇଛି ବୋଲି କିଛି କ୍ରିକେଟପ୍ରେମୀ ଅଭିଯୋଗରେ ଜଣାଇଛନ୍ତି। ଅନ୍ୟପକ୍ଷରେ ଗ୍ୟାଲେରୀଗୁଡିକରେ ଭେଣ୍ଡରମାନେ ଦର୍ଶକଙ୍କୁ ଲୁଟିଛନ୍ତି। ଦୋଳମୁଣ୍ଡାଇ ଅଞ୍ଚଳର ଜଣେ ଯୁବକ ଅଭିଯୋଗରେ କହିଛନ୍ତି ଯେ ମୃଦୁ ପାନୀୟ ମୂଲ୍ୟ ୫୦ଟଙ୍କା ଲେଖା ଯାଇଥିଲା। ହେଲେ ଏହାକୁ କିଛି ଜଣ ୮୦ଟଙ୍କାରେ ବିକ୍ରି କରୁଥିବା ବେଳେ କିଛି ଜଣ ୧୦୦ଟଙ୍କାରେ ମଧ୍ୟ ବିକ୍ରି କରିଥିଲେ। ଖାଦ୍ୟ ସାମଗ୍ରୀ ମୂଲ ଉପରେ ମଧ ଲଗାମ ନଥିଲା। ମନଇଚ୍ଛା ଦରରେ ଏହା ବିକ୍ରି କରାଯାଇଥିଲା। ଏହାକୁ ନେଇ କିଛି କ୍ରିକେଟପ୍ରେମୀ ଅଭିଯୋଗ କରିବା ପରେ ଭେଣ୍ଡରମାନଙ୍କ ଆକ୍ରୋଶର ଶିକାର ହେବାକୁ ପଡ଼ିଥିଲା। ଏତଦବ୍ୟତୀତ ପୁରୁଣା ସର୍ଭିସ ପ୍ରୋଭାଇଡର ପାସ୍‌ରେ କିଛି ଯୁବକ ମଙ୍ଗଳବାର ମ୍ୟାଚ୍ ଦିନ ଷ୍ଟାଡିୟମରେ ପ୍ରବେଶ କରିଥିବାର ନଜିର ମଧ୍ୟ ରହିଛି। ୧୦ମାସ ପୂର୍ବେ ତଥା ଫେବୃୟାରୀ ୯ ତାରିଖରେ ବାରବାଟୀରେ ଭାରତ-ଇଂଲଣ୍ଡ ଏକଦିବସୀୟ ଖେଳାଯାଇଥିଲା। ଉକ୍ତ ମ୍ୟାଚ୍‌ରେ ସର୍ଭିସ ପ୍ରୋଭାଇଡର ପାସ୍ ପାଇଥିବା କିଛି ଯୁବକ ମଙ୍ଗଳବାର ଖେଳାଯାଇଥିବା ଭାରତ-ଦକ୍ଷିଣଆଫ୍ରିକା ମ୍ୟାଚ୍ ସମୟରେ ମଧ୍ୟ ପୁରୁଣା ପାସ୍ ବ୍ୟବହାର କରି ଷ୍ଟାଡିୟମ ଭିତରକୁ ପଶିଥିଲେ।

### ପୁଣି ଉଠିଲା ଷ୍ଟାଡିୟମ ନବକଳେବର ପ୍ରସଙ୍ଗ

କଟକର ଗୌରବ ତଥା ଓଡ଼ିଶାର ଏକମାତ୍ର ଆନ୍ତର୍ଜାତିକ କ୍ରିକେଟ୍ ଷ୍ଟାଡିୟମ୍ ବାରବାଟୀର କଳେବର ହେବ। ଏହାର ସଂପ୍ରସାରଣ ଓ ନବୀନକରଣ ପ୍ରସ୍ତାବ ଉପରେ ବିଚାର କରିବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିବା ପରେ ପୁଣି ଥରେ ପୁରୁଣା ପ୍ରସଙ୍ଗ ସତେଜ ହୋଇଛି। ପୁରୁଣା ସରକାର ଅମଳରେ ବାରବାଟୀକୁ ନୂଆ ରୂପ ଦେବା ପାଇଁ ଉଦ୍ୟମ ଆରମ୍ଭ ହୋଇଥିଲା। ୮୦୦ କୋଟି ଟଙ୍କା ବ୍ୟୟରେ ବାରବାଟୀକୁ ବିଶ୍ୱସ୍ତରୀୟ ରୂପ ଦିଆଯିବ ବୋଲି ପ୍ରସ୍ତାବ ରହିଥିଲା। ମାତ୍ର ରାଜ୍ୟରେ ସରକାର ବଦଳିବା ପରେ ଏହି ଯୋଜନା ବାଟବଣା ହୋଇଗଲା।

### 'ସ୍ୱା' ପକ୍ଷରୁ ଉତ୍କଳ ଫ୍ୟାସନ ଦ ୱିଭ୍ କଲେକ୍‌ସନ୍

## ପୁରାତନ ହସ୍ତତନ୍ତ ବସ୍ତ୍ରରେ ଆଧୁନିକତାର ଛାପ




**କଟକ,୧୦।୧୨(ସମିସ):** ଓଡ଼ିଶାର ଐତିହ୍ୟପୂର୍ଣ୍ଣ କଳା, ସଂସ୍କୃତି ଏବଂ ପ୍ରାଚୀନ ହସ୍ତତନ୍ତ ବସ୍ତ୍ର ଶୈଳୀକୁ ନୂତନ ଡିଜାଇନ୍ ମାଧ୍ୟମରେ ପରିବେଷଣ କରିବା ଉଦ୍ଦେଶ୍ୟରେ ଫ୍ୟାସନ ଡିଜାଇନିଂ ସଂସ୍ଥା 'ସ୍ୱା' ପକ୍ଷରୁ କଟକସ୍ଥିତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ପରିସରରେ ଏକଦିବସୀୟ କାର୍ଯ୍ୟକ୍ରମ 'ଉତ୍କଳ ଫ୍ୟାସନ ଦ ୱିଭ୍ କଲେକ୍‌ସନ୍' ସିଜିନ- ୨ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ହେଉଛି ଓଡ଼ିଆମାନେ ପୂର୍ବରୁ ବ୍ୟବହାର କରୁଥିବା ବିଭିନ୍ନ କିସମର ହସ୍ତତନ୍ତ ପୋଷାକକୁ ଆଧୁନିକ ଫ୍ୟାସନ୍‌ର ରୂପ ଦେଇ ପ୍ରଦର୍ଶନ କରିବା। ଏହି ନିଆରା ଉଦ୍ୟମ ମାଧ୍ୟମରେ ଓଡ଼ିଶାର ସଂସ୍କୃତି ଓ ପାରମ୍ପରିକ ବସ୍ତ୍ରଶିଳ୍ପକୁ ବିଶ୍ୱ ଦରବାରରେ ଏକ ସ୍ୱତନ୍ତ୍ର ପରିଚୟ ଦେବାକୁ ପ୍ରୟାସ କରାଯାଇଛି। ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ୧୬ ଜଣ ପ୍ରତିଷ୍ଠିତ ଡ୍ରେସ୍ ଡିଜାଇନର୍ ଏବଂ ୨୫୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଏହି ଫ୍ୟାସନ ଶୋ' ଏବଂ ଅନ୍ୟାନ୍ୟ ପ୍ରତିଯୋଗିତାରେ ଭାଗ ନେଇଥିଲେ। କଟକ ସିଏମ୍‌ସି ମେୟର ସୁବାସ ସିଂହ ଏହି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, ସିଡବ୍ଲ୍ୟୁସି ସଦସ୍ୟା ପ୍ରତିଭା ତ୍ରିପାଠୀ, ଅନ୍ତର୍ଜାତୀୟ ଡିଜାଇନର ଜିତ୍ ଜଗଜିତ୍ ଓ ସ୍ଥାନୀୟ କର୍ପୋରେଟର ପ୍ରଦୀପ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଏହାସହ ବିଶିଷ୍ଟ ଚିତ୍ରଶିଳ୍ପୀ ରବି ରଥ, ସାହିତ୍ୟିକା ଡା. ଜ୍ୟୋତ୍ସ୍ନାମୟୀ ପାଣି, ଡାକ୍ତର ଅଜୟ ମହାପାତ୍ର, ଯୁବ ସମାଜସେବୀ ବିଶ୍ୱଜିତ ସୂର୍ଯ୍ୟବଂଶୀ, ସମାଜସେବୀ ଶ୍ରୀଗୁଣ ଦାସମହାପାତ୍ର, ଆଇନଜୀବୀ ସୁଜିତ ସ୍ୱାଇଁ, ଯୁବ ସମାଜସେବୀ ସନ୍ଦୀପ ବିଶ୍ୱାଳ, ଓଡ଼ିଶା ରକ୍‌ଷ୍ଟାର୍ ସିଙ୍ଗର୍ ଅଂଶୁମାନ ନାୟକ ଏବଂ ଅଭିନେତ୍ରୀ ପିହୁ ମହାପାତ୍ର ମଧ୍ୟ ଯୋଗଦେଇଥିଲେ। 'ସ୍ୱା'ର ପରିଚାଳନା ନିର୍ଦ୍ଦେଶିକା ସ୍ୱାତୀ ମହାପାତ୍ରଙ୍କ ଦକ୍ଷ ତତ୍ତ୍ୱାବଧାନରେ ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଅତିଥିମାନେ 'ସ୍ୱା'ର ଏହି ନିଆରା ପ୍ରୟାସକୁ ଭୂୟସୀ ପ୍ରଶଂସା କରିବା ସହ ଭବିଷ୍ୟତରେ ଏହି କାର୍ଯ୍ୟକ୍ରମକୁ ଜାତୀୟସ୍ତରରେ ପ୍ରଦର୍ଶନ କରିବା ପାଇଁ ସରକାରୀ ସହାୟତା ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଭଗବତୀ ପଟ୍ଟନାୟକ, ପୁତୁଲ ବିଶ୍ୱାଳ ସହଯୋଗ କରିଥିଲେ।

## ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

**କଟକ,୧୦।୧୨(ସମିସ):** କଟକ ସଦର ଥାନା ଅନ୍ତର୍ଗତ ଉରାଳୀ ନୋଡାଲ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ବିଶ୍ୱଜିତା ବେହେରାଙ୍କ ସଭାପତିତ୍ୱରେ ତିନିଦିନ ଧରି ଅନୁଷ୍ଠିତ ପୁରସ୍କାର ବିତରଣରେ ମୁଖ୍ୟଅତିଥି ଭାବେ ଉରାଳୀ ପଞ୍ଚାୟତ ସରପଞ୍ଚ ଇଂ ଅଭିଷେକ ବେହେରା, ସମ୍ମାନିତ ଅତିଥିଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରଞ୍ଜନ ଲେଙ୍କା, ଶିକ୍ଷୟିତ୍ରୀ ସୁନିତା ବେହୁରା, ସୁପ୍ରିତ ନନ୍ଦୀ, ପ୍ରାକ୍ତନ ଶିକ୍ଷକ ବିପିନ ବିହାରୀ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ସୁପ୍ରଭା ବେଜ ଧନ୍ୟବାଦ ଦେଇଥିଲେ।




## ବିଶିଷ୍ଟ ଚିତ୍ରଶିଳ୍ପୀ ବିଭୂତି କାନୁନ୍‌ଗୋଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ



**କଟକ,୧୦।୧୨(ସମିସ):** ବିଶିଷ୍ଟ ଚିତ୍ରଶିଳ୍ପୀ ବିଭୂତି ଭୂଷଣ କାନୁନ୍‌ଗୋଙ୍କ ଶହେଚାରିତମ ଜୟନ୍ତୀ ଉତ୍ସବ କଟକସ୍ଥିତ ଶ୍ରୀରାମଚନ୍ଦ୍ର ଭବନଠାରେ ମହାସମାରୋହରେ ପାଳିତ ହୋଇଯାଇଛି। ଓଡ଼ିଶା ଲଳିତକଳା ଏକାଡେମୀ, ଓଡ଼ିଶା ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ କ୍ରିଏଟିଭ୍ ଆର୍ଟିଷ୍ଟ ଗ୍ରୁପ୍‌ର ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗ୍ରୁପ୍‌ର ସଭାପତି ଭାସ୍କର୍ଯ୍ୟ ଶିଳ୍ପୀ ରବି ନାରାୟଣ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ପ୍ରାବନ୍ଧିକ ଓ ନାଟ୍ୟକାର ପ୍ରଫେସର ବିଜୟ କୁମାର ଶତପଥୀ ଯୋଗଦେଇଥିଲେ। ସେ କହିଥିଲେ ଯେ କୋଲକାତା ସରକାରୀ କଳା ମହାବିଦ୍ୟାଳୟରୁ ଶିକ୍ଷା ସମାପ୍ତ ପରେ ଶିଳ୍ପୀ ବିଭୂତି କାନୁନ୍‌ଗୋ କଟକରେ କର୍ମମୟ ଜୀବନ ଆରମ୍ଭ କରି ଚିତ୍ର ଶିକ୍ଷାର ପ୍ରଚାର ପ୍ରସାର ପାଇଁ ସାରା ଜୀବନକୁ କଳା ପାଇଁ ଉତ୍ସର୍ଗ କରିଥିଲେ। ଚିତ୍ରକଳାର କୌଣସି ଆଦର ନ ଥିବା ସମୟରେ ମହମ୍ମଦିଆ ବଜାରରେ ନିଜ ଘରେ ଏକ ଚିତ୍ରକଳା ମହାବିଦ୍ୟାଳୟ ଆରମ୍ଭ କରି ସେ ବର୍ଷ ବର୍ଷ ଧରି ଓଡ଼ିଆ ଶିଳ୍ପୀଙ୍କୁ ଶିକ୍ଷାଦାନ ଦେଇ ଓଡ଼ିଶା ବାହାରେ ପରିଚିତ କରାଇଥିଲେ। ମୁଖ୍ୟବକ୍ତା ଡକ୍ଟର ବୈଜୟନ୍ତୀ ମିଶ୍ର ବିଭୂତି କାନୁନ୍‌ଗୋଙ୍କୁ ଓଡ଼ିଶାରେ ମୁଦ୍ରଣକଳାର ଜନକ ବୋଲି ଅଭିହିତ କରିଥିଲେ। ସମ୍ମାନିତ ଅତିଥି ଡକ୍ଟର ସୁରଞ୍ଜନ ଲେଙ୍କା ତାଙ୍କ ରାମାୟଣ ଚିତ୍ରକଳା ସିରିଜ୍‌ର ଭୂମିକା ଉପରେ ଆଲୋକପାତ କରିଥିଲେ ଏବଂ ନିଜ ଘରେ ଛୋଟ ଚିତ୍ରଟିଏ ସାଇତି ରଖି କଳାକାରଙ୍କୁ ଉତ୍ସାହିତ କରିବାକୁ ସମାଜକୁ ଆହ୍ୱାନ କରିଥିଲେ। ଗ୍ରୁପ୍‌ର ସମ୍ପାଦକ ଶଶିକାନ୍ତ ରାଉତ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଗୀତିକବି ମନୋଜ ପଟ୍ଟନାୟକ, ପ୍ରାଧ୍ୟାପକ ଆଦିତ୍ୟ ପ୍ରତାପ ଧଳ, ପ୍ରକାଶକ ଉମେଶ ପ୍ରସାଦ ସାହୁ, ଉତ୍କଳ ସାହିତ୍ୟ ସମାଜର ସାଧାରଣ ସମ୍ପାଦକ ରାଜୀବ ଷଡ଼ଙ୍ଗୀ, ଉପସଭାପତି ବ୍ରହ୍ମାନନ୍ଦ ବିଶ୍ୱାଳ, ଆଇନଜୀବୀ ଅଜିତ ମହାପାତ୍ର ଚିତ୍ରଶିଳ୍ପୀ କାନୁନ୍‌ଗୋଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। କୁନିକୁନି ଚିତ୍ରଶିଳ୍ପୀଙ୍କୁ ପୁରସ୍କୃତ କରାଯାଇଥିଲା। ଚିତ୍ରଶିଳ୍ପୀ ପ୍ରମିତା ମଙ୍ଗରାଜ ଧନ୍ୟବାଦ ଦେଇଥିଲେ।

## ହୋପ୍‌ଏଜ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା

**କଟକ,୧୦।୧୨(ସମିସ):** ହୋପ ଏଜ ଟ୍ରଷ୍ଟ ପକ୍ଷରୁ ଆଜି ଅପରାହ୍ନରେ ମର୍କତ ନଗରସ୍ଥିତ ଆଶ୍ରୟ ଦି ସେଲଟରଠାରେ ଚକ୍ଷୁ ରୋଗର କାରଣ ଓ ନିରାକରଣ ସଂପର୍କରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରିଷ୍ଠ ଚକ୍ଷୁ ରୋଗ ବିଶେଷଜ୍ଞ ଡା. ଅଶୋକ ମିଶ୍ର କହିଲେ ଯେ ୪୦ ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତି ନିୟମିତ ଭାବେ ନିଜର ଚକ୍ଷୁ ପରୀକ୍ଷା କରାଇ ଡାକ୍ତରଙ୍କ ପରାମର୍ଶକ୍ରମେ



ଆବଶ୍ୟକସ୍ଥଳେ ଚଷମା ବ୍ୟବହାର କରିବା ସହ ଔଷଧ ସେବନ କରିବା ଉଚିତ। ଅରବିନ୍ଦ ଦାସଙ୍କ ସହାୟତାରେ ସଭ୍ୟଙ୍କର ଚକ୍ଷୁ ପରୀକ୍ଷା କରାଯାଇଥିଲା। ସଭାପତି କିଶୋର ଶତପଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଟ୍ରଷ୍ଟି ସତ୍ୟ ରାୟ, ସଂପାଦକ ରଞ୍ଜିତ ସାହୁ, ଉପସଭାପତି ବିଜୟ ପୃଷ୍ଟି, ଯୁଗ୍ମ ସଂପାଦକ ସୁଜାତା ପଟ୍ଟନାୟକ, ସି କସ୍ତୁରୀ, ରବୀନ୍ଦ୍ର ନାଥ ମିଶ୍ର, ହିମାଂଶୁବାଳା ପଟ୍ଟନାୟକ, ପୁଷ୍ପଲତା ପତି, ଚିତ୍ତରଞ୍ଜନ ମହାନ୍ତି ଯୋଗଦେଇଥିଲେ।

## ଜନତା ରଙ୍ଗମଞ୍ଚରେ ନାଟକ 'ମୋକ୍ଷ' ମଞ୍ଚସ୍ଥ

**କଟକ,୧୦।୧୨(ସମିସ):** ଜନତା ରଙ୍ଗମଞ୍ଚ ପକ୍ଷରୁ ନାଟକ 'ମୋକ୍ଷ' ମଞ୍ଚସ୍ଥ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଚିକିତ୍ସକଦ୍ୱୟ ଡ.ରଞ୍ଜନ ଘୋଷ ମୁଖ୍ୟଅତିଥି ଭାବେ ଏବଂ ଡ. ଦେବାନନ୍ଦ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଜନତା ରଙ୍ଗମଞ୍ଚର ସମ୍ପାଦକ ବିନୋଦ କୁମାର ବେହେରା ଅତିଥିଙ୍କୁ ସ୍ୱାଗତ କରିଥିଲା ବେଳେ କାର୍ଯ୍ୟକାରୀ ସଭ୍ୟ ବାପୁ ଲେଙ୍କା ସମଗ୍ର କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ସାଂଗଠନିକ ସମ୍ପାଦକ ସୁକାନ୍ତ ପଣ୍ଡା କାର୍ଯ୍ୟକ୍ରମର ପରିଚାଳନା କରିଥିଲେ। ଏହି ଅବସରରେ ଉପସଭାପତି ଇନ୍ଦ୍ରଜିତ ଘୋଷ, କାର୍ଯ୍ୟକାରୀ କମିଟି ସଦସ୍ୟ ଶିବାନୀ ପ୍ରସାଦ ମହାପାତ୍ର, ଡ଼. ଅନଙ୍ଗ ଦ୍ୱିବେଦୀ, ସୁରେନ୍ଦ୍ର ସାହୁ, ଅନନ୍ତ ଦାସ, ଗୌରବ ମହାନ୍ତି, ଅଶୋକ ଚୌଧୁରୀ, ଅଭୟ ଦାସ, ସାଜିଦ୍ ମନିହାର, ଚାନ୍ଦ ମନିହାର ଏବଂ କୋଷାଧ୍ୟକ୍ଷ ସୁକାନ୍ତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ମଞ୍ଚସ୍ଥ ହୋଇଥିବା ନାଟକ 'ମୋକ୍ଷ'ର



ନାଟ୍ୟକାର ସରୋଜ ସାମଲ ଉପସ୍ଥିତ ଥିଲେ। ଉମେଶ ଦାସ ନାଟକର ନିର୍ଦ୍ଦେଶନା ଭାର ତୁଲାଇଥିବା ବେଳେ କାବୁ ବୋଷ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ। ଆଲୋକ ଓ ଶବ୍ଦ ପରିଚାଳନାରେ ବବି (ରେଡ଼ିଓ ଲାଇଟ୍) ଏବଂ ମଞ୍ଚ ରୂପାରେ ମନୋରଞ୍ଜନ ସୁନ୍ଦରରାୟ ସହଯୋଗ କରିଥିଲେ। କଳାକାର ସନ୍ଦୀପ ପାଣି, ବିଭୁ ପ୍ରସାଦ, ମନୋଜ ସାହୁ, ତପନ ଆଚାର୍ଯ୍ୟଙ୍କ ସହିତ ନାରୀ ଭୂମିକାରେ ଆଦ୍ୟାଶା ଓ ସୋମ୍ୟା ପ୍ରମୁଖ ବିଭିନ୍ନ ଚରିତ୍ରରେ ଅଭିନୟ କରି ଦର୍ଶକଙ୍କ ମନୋରଞ୍ଜନ କରିଥିଲେ।






# ଘରକୁ ଫେରିଲେ ରାଜକିଶୋର

**ଆତ୍ମହତ୍ୟା କରିବାକୁ କାଠଯୋଡ଼ିକୁ ଡେଇଁଥିଲେ**

**ଉଦ୍ଧାର କରି ଏସ୍‌ସିବିରେ ଭର୍ତ୍ତି କରିଥିଲେ ଅଭିମନ୍ୟୁ**

**କଟକ,୧୦।୧୨(ସମିସ):**




କଥାରେ ଅଛି, ରଖିଲେ ହରି ମାରିବ କିଏ? ଯାହାର ମୃତ୍ୟୁ ଯୋଗ ନାହିଁ, ତାହାର ଅକାଳରେ ବାହୁଡିବା ଯଥାର୍ଥ ହୋଇନପାରେ। ଏଭଳି ଏକ ଦୃଷ୍ଟାନ୍ତମୂଳକ ଘଟଣାକୁ ନେଇ କଟକରେ ଏବେ ଚର୍ଚ୍ଚା ଜୋର୍ ଧରିଛି। ଗତ ଗୁରୁବାର କାଠଯୋଡ଼ିକୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରିଥିବା ୭୦ବର୍ଷୀୟ ରାଜକିଶୋର ପାଇକ ପୁନର୍ଜୀବନ ପାଇ ଆଜି ଘରକୁ ଫେରିଛନ୍ତି। ବଳ, ବୟସ ନଥିବା ଯୋଗୁଁ ଦୀର୍ଘ ସମୟ ମୃତପ୍ରାୟ ହୋଇ ସେ କାଠଯୋଡ଼ି ପାଣିରେ ପଡ଼ି ରହିଥିଲେ। ସାମାଜିକକର୍ମୀ ଅଭିମନ୍ୟୁ ଦାସ ତାଙ୍କୁ ଉଦ୍ଧାର କରି ବଡ ମେଡିକାଲରେ ଭର୍ତ୍ତି କରିଥିଲେ। ଆଜି ପରିବାର ଲୋକେ କଟକ ଆସି ସୁସ୍ଥ ରାଜକିଶୋରଙ୍କୁ ଘରକୁ ଧରି ଫେରିଛନ୍ତି।

ଘଟଣାରୁ ପ୍ରକାଶ ଯେ ଗତ ଗୁରୁବାର ସକାଳ ପ୍ରାୟ ୭.୩୦ ହେବ। କାଠଯୋଡ଼ି ନଦୀରେ ଜଣେ ବୃଦ୍ଧ ପଡ଼ିଥିବା ଦେଖିବାକୁ ମିଳିଥିଲା। ମୃତଦେହ ପଡ଼ିଥିବା ଭାବି ଶହ ଶହ ଲୋକ ଖାନନଗର ଆମିଷ ବଜାର ନିକଟରେ ଛିଡ଼ା ହୋଇ ରହିଥିଲେ। କୂଳ ଠାରୁ ପ୍ରାୟ ୧୦୦ମିଟର ଦୂରରେ ବୃଦ୍ଧ ଜଣକ ପଡ଼ି ରହିଥିଲେ। ମଧୁପାଟଣା ଥାନା ପୁଲିସ ଏବଂ ଅଗ୍ନିଶମ ବିଭାଗକୁ ଖବର ଦିଆଯାଇଥିଲା। ସୂଚନା ପାଇ ସୁଦ୍ଧା ପୁଲିସ କିମ୍ବା ଅଗ୍ନିଶମର କୌଣସି ଟିମ୍ ସେଠାରେ ପହଞ୍ଚିନଥିଲେ। ହେଲେ ସାମାଜିକ କର୍ମୀ ଅଭିମନ୍ୟୁ ସାହାସିକତା ଦେଖାଇ ସ୍ଥାନୀୟ ଅଞ୍ଚଳର ଜଣେ ଯୁବକଙ୍କୁ ଧରି ନଦୀ ମଝିକୁ ଯିବା ପରେ ଘଟଣାର ସତ୍ୟାସତ୍ୟ ଜଣାପଡ଼ିଥିଲା। ଉଦ୍ଧାର ହୋଇଥିବା ବୃଦ୍ଧ ଜଣକ ହେଉଛନ୍ତି ରାଜକିଶୋର ପାଇକ। ତାଙ୍କ ଘର ଗଜପତି ଜିଲ୍ଲା ମୋହନା ଥାନା ଅଞ୍ଚଳରେ। ପତ୍ନୀଙ୍କ ବିୟୋଗ ପରେ ସେ ମହିମା ଧର୍ମ ଗ୍ରହଣ କରି ପରିବାର ଛାଡ଼ି ଦେଇଥିଲେ। ହେଲେ ପରେ କୌଣସି କାରଣରୁ ପରିବାର ଲୋକଙ୍କ ସହ ତାଙ୍କର ମନୋମାଳିନ୍ୟ ହୋଇଥିଲା। ବୁଧବାର ରାତିରେ ରାଜକିଶୋର ହଠାତ୍ କଟକରେ ପହଞ୍ଚିଥିଲେ। ଆତ୍ମହତ୍ୟା କରିବାକୁ ମନସ୍ଥ କରି କାଠଯୋଡ଼ି ନଦୀକୁ ଡେଇଁ ପଡ଼ିଥିଲେ। ୪/୫ ଘଣ୍ଟା ପାଣିରେ ପଡ଼ି ରହିବା ପରେ ତାଙ୍କୁ ଉଦ୍ଧାର କରାଯାଇଥିଲା।




# ପୁଅର ଟାଙ୍ଗିଆ ଚୋଟରେ ବାପା ମୃତ

ରାୟଗଡ଼ା,୧୦ ।୧୨(ସମିସ): ମୋବାଇଲ କିଣିବ ପାଇଁ ଟଙ୍କା ନ ଦେବାରୁ ଘଟିଛି ଅଭାବନୀୟ ହତ୍ୟାକାଣ୍ଡ। ପୁଅର ଟାଙ୍ଗିଆ ଚୋଟରେ ଚାଲି ଯାଇଛି ବାପାର ଜୀବନ। ଏଭଳି ଘଟଣା ଘଟିଛି ରାୟଗଡ଼ା ଜିଲ୍ଲା ଚାନ୍ଦିଲି ଥାନା ଅନ୍ତର୍ଗତ କୈଳାସପୁର ପଞ୍ଚାୟତର ଲାଲିବା ଗାଁରେ। ମୃତ ବ୍ୟକ୍ତି ଜଣକ ଭୀମ ଡାକ୍ରାକା(୫୭)ବୋଲି ଜଣାପଡିଛି। ଚାନ୍ଦିଲି ପୋଲିସ ଘଟଣାର ତଦନ୍ତ କରୁଥିବା ବେଳେ ଅଭିଯୁକ୍ତ ପୁଅକୁ ଗିରଫ କରିଛି। ପୋଲିସ ସୂତ୍ରରୁ ପ୍ରକାଶ ଯେ,ରାୟଗଡା ଜିଲ୍ଲା କୋଲନରା ବ୍ଲକ ଅନ୍ତର୍ଗତ କୌଳାସପୁର ପଞ୍ଚାୟତର ଲାଲିବା ଗାଁରେ ଗତକାଲି ରାତିରେ ଗାଁର ଭୀମ କାଡ୍ରାକାଙ୍କୁ ତାଙ୍କ ପୁଅ ଉଦୟ କାଡ୍ରାକା ମୋବାଇଲ ଫୋନ କିଣିବାକୁ ୧୦ ହଜାର ଟଙ୍କା ମାଗିଥିଲେ। ଭୀମ ଜଣେ ଚାଷୀ ହୋଇଥିବାରୁ ଏତେ ଟଙ୍କା କେଉଁଠୁ ଆଣିବେ। ସେ ଟଙ୍କା ଦେଇପାରିବେ ନାହିଁ ବୋଲି ଅକ୍ଷମତା ପ୍ରକାଶ କରିଥିଲେ। ଏଥିରେ ଉତକ୍ଷିପ୍ତ ହୋଇ ପୁଅ ଉଦୟ ବାପାକୁ ଏକ ଟଙ୍ଗିଆରେ ମୁଣ୍ଡ ସହ ଶରୀର ବିଭିନ୍ନ ସ୍ଥାନକୁ ହାଣି ଦେଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା। ଆଜି ତାଙ୍କର ପତ୍ନୀ ଚମ୍ପା କାଡ୍ରାକା ଏ ନେଇ ଚାନ୍ଦିଲି ଥାନାରେ ଏତଲା ଦେବା ପରେ ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଥାନା ଅଧିକାରୀ ଉତ୍ତମ କୁମାର ସାହୁଙ୍କ ନେତୃତ୍ୱରେ ପୁଲିସ ଟିମ୍ ଓ ସାଇଣ୍ଟିଫିକ୍ ଟମ ସହାୟତାରେ ପୋଲିସ ଅନୁସନ୍ଧାନ ଚଳାଇଛି। ଅଭିଯୁକ୍ତ ପୁଅକୁ ପୋଲିସ ଗିରଫ କରିଛି। ଏହାସହ ହତ୍ୟାରେ ବ୍ୟବହୃତ ଟାଙ୍ଗିଆକୁ ମଧ୍ୟ ପୋଲିସ ଜବତ କରିଛି। ଆଜି ମୃତଦେହ ଜବତ କରି ବ୍ୟବଛେଦ ପାଇଁ ରାୟଗଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି।

## ଦୁଇ ବାଇକ୍ ଦୁର୍ଘଟଣାରେ ଜଣେ ମୃତ, ୨ ଗୁରୁତର

ଚନ୍ଦ୍ରପୁର,୧୦।୧୨(ସମିସ): ରାୟଗଡ଼ା ଜିଲ୍ଲା ଚନ୍ଦ୍ରପୁର ବ୍ଲକ ଟୁରିଗୁଡା ଗ୍ରାମପଞ୍ଚାୟତର ହେମ୍ବୁରୁ ଗେଣ୍ଡାବାଜୁ ଆରଡି ରାସ୍ତାରେ ଦୁଇବାଇକ୍ ମୁହାମୁହି ଦୁର୍ଘଟଣାରେ କନ୍ଧ ଗଡିଗୁଡ଼ାଗ୍ରାମର ସୁବାସ ପଲକିଆ (୬୦) ଓ ଭାସ୍କର କୁସୁଲିଆ (୬୦) ପିସ୍କାପଙ୍ଗା ଗ୍ରାମକୁ ସ୍କୁଟରରେ ଯାଉଥଲେ। ଏହି ସମୟରେ ପିସ୍କାପଙ୍ଗା ଗ୍ରାମର ଅଜୟ ଗର୍ଲି (୨୧) କେଟିଏମ ମଟର ସାଇକେଲରେ ଆସୁଥିବା ବେଳେ ମୁହାଁମୁହିଁ ଦୁର୍ଘଟଣାରେ ସୁବାସ ପଲ କିଆଙ୍କ ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ, ଭାସ୍କର କୁଶୁଲିଆ ଓ ଅଜୟ ଗର୍ଲୀ ଗୁରୁତରଙ୍କୁ ଗ ମୁନିଗୁଡା ଥାନା ଅଧିକାରୀ ସୌଦାମିନୀ ବେହେରା ଖବର ପାଇ ପୋଲିସ କର୍ମଚାରୀଙ୍କୁ ଘଟଣା ସ୍ଥଳକୁ ପଠାଇ ମେଡ଼ିକାଲକୁ ଆଣି ଚିକିତ୍ସା କରିବା ସମୟରେ ସୁବାଷଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଭାସ୍କର ଓ ଅଜୟଙ୍କୁ ଅଧିକ ଚିକିତ୍ସା ପାଇଁ ରାୟଗଡ଼ା ଜିଲ୍ଲା ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

## ବିଭିନ୍ନ ଦୁର୍ଘଟଣାରେ ୩ ଆହତ

ଗୁଡାରୀ,୧୦।୧୨(ସମିସ): ଗୁଡାରୀ ସହର ମୁଖ୍ୟ ରାସ୍ତାରେ ଦୁଇ ବାଇକ୍ ମଧ୍ୟରେ ଦୁର୍ଘଟଣା। ସୂଚନା ମୁତାବକ କଦମା ପଞ୍ଚାୟତ ଖଇରା ଗୁଡ଼ା ସୁବାଷ କିମ୍ବାକା (୩୭) ସହ ରାମ ଟୁକ୍ରୁରୁକ (୩୫) ଦୁଇଜଣ ଓଡି ୧୮ଏଫ ୬୩୬୨ ଡିସ୍କଭର ଗାଡିରେ ସହର ମୁଖ୍ୟ ରାସ୍ତାରେ ଆସୁଥିବା ସମୟର ପୁରୁଣା ସିନେମା ହଲ ଛକ ନିକଟରେ ଅପରପାଶ୍ୱର୍ରୁ ଆସୁଥିବା କର୍ଲାଘାଟି ପଞ୍ଚାୟତ ଲଳିତ ଲିମା (୪୦ ) ସେ ଓଡି ୧୮ପି ୫୬୬୯ ବୁଲେଟ ଗାଡି ସହ ଧକ୍କା ହୋଇଥିଲା। ଆହତ ୨ ଜଣଙ୍କୁ ଗୁଡାରୀ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରୁ ଦୁଇ ଜଣଙ୍କୁ ଗୁଣପୁର ସ୍ୱାସ୍ଥ୍ୟକେନ୍ଦ୍ରକୁ ରେଫେର କରିଥିବା ଜଣାପଡିଛି। ସେହିପରି ବାଦିଗୁଡା ଗ୍ରାମର ଦୁର୍ଯ୍ୟୋଧନ ପାତ୍ର(୪୫) ଜିରା ଗ୍ରାମରୁ ଗୁଡାରୀ ଅଭିମୁଖେ ଆସୁଥିବା ସମୟରେ ବିରିସା ନାଳ ମୁଖ୍ୟ ରାସ୍ତାରେ ପଡିଥିବା କପଡ଼ା ମୁହଁକୁ ଆସିଯିବା ଫଳରେ ଗାଡିରୁ ମୁହଁମାଡି ପଡିଯାଇଥିଲେ । ପରେ ପରିବାର ଲୋକ ଖବର ପାଇ ସେଠାରେ ପହଞ୍ଚି ୧୦୮କୁ ଫୋନ କରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣି ଚିକିତ୍ସା କରିଛନ୍ତି।

## ମେଲାଣି ନେଲେ ମା' ଧନଲକ୍ଷ୍ମୀ

ଗୁଡାରୀ,୧୦।୧୨(ସମିସ): ଗୁଡାରି ସହରରେ ଦୀର୍ଘ ୭ ଦିନ ଧରି ଚାଲିଥିବା ମା ଧନଲକ୍ଷ୍ମୀଙ୍କ ପୂଜା ଗତ ମଙ୍ଗଳବା ଦିନ ଶେଷ ହୋଇଛି। ପ୍ରତ୍ୟେକ ବର୍ଷ ଭଳି ଏହି ବର୍ଷ ଗୁଡାରି ଧନ ଲକ୍ଷ୍ମୀ ପୂଜା କମିଟି ଏବଂ ନିଘାମନ ସାହି ପୂଜା କମିଟି ତରଫରୁ ବଡ ଜାକଜମକରେ ମା'ଙ୍କ ପୂଜା ଆୟୋଜିତ ହୋଇଥିଲା। ନିଘାମନ ସାହିର ସୋମବାର ଦିନ ବାଜା ରସଣିରେ ମା'ଙ୍କୁ ବିଦାୟ ଦିଆଯାଇଥିବା ବେଳେ ମଙ୍ଗଳବାର ଗୁଡାରି ଧନ ଲକ୍ଷ୍ମୀ ପୂଜା ଉସାଣି ଉତ୍ସବର ଆୟୋଜନ କରାଯାଇଥିଲା । ଡିଜେ, ଦୁଲଦୁଲା ସାଙ୍ଗଙ୍କୁ ବାଣ ଫୁଟାଇ ଡ୍ୟାନ୍ସରେ ସାରା ସହର ପ୍ରକମ୍ପିତ ହୋଇ ଉଠିଥିଲା। ଶୋଭାଯାତ୍ରାରେ ମହିଳାମାନେ ସାମିଲ ହୋଇଥିଲେ। ବଂଶଧାରା ନଦୀରେ ମା ଙ୍କୁ ବିସର୍ଜନ କରାଯାଇଥିବା କମିଟି ତରଫରୁ ଜଣାପଡ଼ିଛି।

**● ଏକ୍ସପ୍ରେସ ଟ୍ରେନ ରହଣି ଦାବି**

# କାକିରିଗୁମ୍ମା ଷ୍ଟେସନ ସମ୍ମୁଖରେ ଲୋକଙ୍କ ଧାରଣା



କାକିରିଗୁମା,୧୦।୧୨(ସମିସ): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ ଅନ୍ତର୍ଗତ କାକିରିଗୁମାରେଲ ଷ୍ଟେସନରେ ଏକ୍ସପ୍ରେସ ଟ୍ରେନ ରହଣି ଦାବିରେ ବୁଧବାର ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ରେଲରୋକ୍ ଡାକରା ଦିଆଯାଇଥିଲା। ତେବେ ଆରପିଏଫ ଓ ସ୍ଥାନୀୟ ପୁଲିସ୍ ଆନ୍ଦୋଳନ କାରୀ ମାନଙ୍କୁ ରେଳ ରୋକରୁ ଅଟକାଇବା ଯୋଗୁଁ ସେମାନେ ଷ୍ଟେସନ ସମ୍ମୁଖରେ ଧାରଣାରେ ବସିଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ଧାରଣାରେ ବସିବା ପରେ ଏସଡିପିଓ ସଞ୍ଜୟ କୁମାର ମଣ୍ଡଳ, ଲକ୍ଷ୍ମୀପୁର ଥାନା ଅଧକାରୀ ସୁଜ୍ଞାନୀ ସାହୁ ଏବଂ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ଅତିରିକ୍ତ ତହସିଲଦାର ମାଧବ ଭତ୍ରା ,ଆରପିଏଫ ଓଆଇସି କେ,ଟି ରାଓ, ଜିଆରପି ଇନ୍ସପେକ୍ଟର ସନ୍ତୋଷ ମହାନ୍ତି, ପହଞ୍ଚି ଆନ୍ଦୋଳନ କାରିଙ୍କୁ ବୁଝାସୁଝା କରିଥିଲେ। ରେଳ ବିଭାଗର ସହାୟକ ବାଣିଜ୍ୟ ପ୍ରବନ୍ଧକ ଜୋସେଫ ଭୂଷଣ ଖରା ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ହଟିଥିଲା। ଲକ୍ଷ୍ମୀପୁର ବ୍ଲକ ୧ ନମ୍ବର ଜୋନ ଜିଲ୍ଲା ପରିଷଦ ସଦସ୍ୟ ହିଙ୍ଗୁ ସାଉଁତା , କାକିରିଗୁମା ସରପଞ୍ଚ ପୁଷ୍ଟ ସାଉଁତା, ମହନ ସାଗର, ମଧୁ ସାଉଁତା, ଟୁକୁନା ବିଶୋଇଙ୍କ ସହିତ ଅନେକ ସଦସ୍ୟ ଉପସ୍ଥିତ ଥିଲେ।

## ସାମ୍ବାଦିକ ଦିଲ୍ଲୀପ ଦାସଙ୍କ ପରଲୋକ



ଚନ୍ଦାହାଣ୍ଡି,୧୦।୧୨(ସମିସ): ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ବ୍ଲକର ବରିଷ୍ଠ ସାମ୍ବାଦିକ ତଥା ଚନ୍ଦାହାଣ୍ଡି ପ୍ରେସ୍ କ୍ଲବ ସଭାପତି ଦିଲ୍ଲୀପ କୁମାର ଦାସଙ୍କର ଆଜି ସକାଳେ ଚନ୍ଦାହାଣ୍ଡି ସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ସେ କିଛି ଦିନରୁ ଯକୃତ ରୋଗରେ ପୀଡିତ ହୋଇ ଅସୁସ୍ଥ ଥିଲେ। ଆଜି ସକାଳେ ଅସୁସ୍ଥତା ଅନୁଭବ କରିବାରୁ ଚନ୍ଦାହାଣ୍ଡି ସି ଏଚ ସି ରେ ଭର୍ତ୍ତି କରିଥିବା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ।ତାଙ୍କୁ ୫୪ ବର୍ଷ ବୟସ ହୋଇଥିଲା। ପୂର୍ବତନ ସାଂସଦ ରମେଶ ମାଝୀ, କ୍ଷେମରାଜ ବାଘ, ଅକାଲୁ ଜାଲି, ଶ୍ୟାମ ସୁନ୍ଦର ମାଝୀ, ପ୍ରଭାତ ସୁନା, ବିଶିକେସନ ପାଢ଼ୀ, ମନୋଜ ପାଣ୍ଡୀ, ମହମ୍ମଦ ହୁସେନଙ୍କ ସମେତ ନବରଙ୍ଗପୁର ଜିଲ୍ଲାର ବହୁ ସାମ୍ବାଦିକ ଶୁଭେଚ୍ଛୁ ତାଙ୍କ ବାସଭବନକୁ ଆସି ଶେଷ ଦର୍ଶନ କରିଥିଲେ।

# 'ଚଇତି' ଶୋଭାଯାତ୍ରା କମିଟିର ପ୍ରସ୍ତୁତି ବୈଠକ

ରାୟଗଡ଼ା,୧୦।୧୨(ସମିସ): ଡିସେମ୍ବର ୨୬ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ରାୟଗଡ଼ା ଜିଲ୍ଲା ଲୋକ ମହୋତ୍ସବ 'ଚଇତି-୨୦୨୫' ପାଳନ ଉପଲକ୍ଷେ ରାୟଗଡ଼ା ପୌର ପାଳିକା ସମ୍ମିଳନୀ କକ୍ଷରେ ଶୋଭାଯାତ୍ରା କମିଟିର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ମହୋତ୍ସବର ଶୋଭାଯାତ୍ରାକୁ ଆଡମ୍ବରପୂର୍ଣ୍ଣ ଏବଂ ଶାନ୍ତିଶୃଙ୍ଖଳାର ସହ ପରିଚାଳନା କରିବା ନିମନ୍ତେ ବିସ୍ତୃତ ଆଲୋଚନା କରାଯାଇଥିଲା। ବୈଠକରେ ଗ୍ରହଣ କରାଯାଇଥିବା ପ୍ରମୁଖ ନିଷ୍ପତ୍ତି ଗୁଡିକ ମଧ୍ୟରେ ଶୋଭାଯାତ୍ରା ଅପରାହ୍ନ ୨.୩୦ ମିନିଟ ସମୟରେ ମାଁ ମଝିଘରିଆଣୀ ମନ୍ଦିରରୁ ବାହାରି ସନ୍ଧ୍ୟା ୬.୦୦ ଘଟିକା ସୁଦ୍ଧା ଜିସିଡି ପଡିଆର ଚଇତି ମଣ୍ଡପରେ ପହଞ୍ଚିବ। ଶୋଭାଯାତ୍ରା ରଥ ନିର୍ମାଣ ଓ ସାଜସଜ୍ଜା ଦାୟିତ୍ୱ ଜଗନ୍ନାଥ କମିଟି ଉପରେ ନ୍ୟସ୍ତ କରାଯାଇଛି। ସେହିପରି ବିଭିନ୍ନ ସାଂସ୍କୃତିକ ଦଳର ପରିଚାଳନା ପାଇଁ ଜିଲ୍ଲା ସଂସ୍କୃତି ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ଶୋଭାଯାତ୍ରା ସମୟରେ କଡା ସୁରକ୍ଷା ଯୋଗାଇ ଦେବା ପାଇଁ ସିଆରପିଏଫ୍ ଏବଂ ପୋଲିସ୍ ବାହିନୀ ଏସ୍କର୍ଟ ଦାୟିତ୍ୱରେ ରହିବେ। ଦିନ ୧.୦୦ ଘଟିକା ସୁଦ୍ଧା ରାସ୍ତା ବ୍ୟାରିକେଡିଂ କରାଯାଇ ସାଧାରଣ ଯାତାୟାତ ବନ୍ଦ କରାଯିବ। ବୈଠକରେ ଉପ-ଜିଲ୍ଲାପାଳ, ତହସିଲଦାର, ବିଡିଓ , ଥାନା ଅଧିକାରୀ , ରିଜର୍ଭ ଇନ୍ସପେକ୍ଟର, ସିଆରପିଏଫ୍ କର୍ତ୍ତୃପକ୍ଷ, ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ , ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଏହା ବ୍ୟତୀତ ବିଭିନ୍ନ ସାମାଜିକ ଅନୁଷ୍ଠାନ ଯଥା - ଜୁଏଲାରୀ ଆସୋସିଏସନ୍, ୱାକର୍ସ କ୍ଲବ୍, ବ୍ରାହ୍ମଣ ସମାଜ, ବୈଶ୍ୟ ସମାଜ, ବଣିକ ସଂଘ ଏବଂ କ୍ଷୁଦ୍ର ବ୍ୟବସାୟୀ ସମାଜର କର୍ମକର୍ତ୍ତାମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

**● ନାହିଁ ଶବ ସଂରକ୍ଷଣ ଗୃହ**

## ଶୀତ କାକରରେ ଶବକୁ ଜଗି ରହିଲେ ପରିବାର ଲୋକେ

ପଦ୍ମପୁର,୧୦।୧୨(ସମିସ): ମୃତ୍ୟୁର ଦୁଃଖ ଠାରୁ ବଳିଗଲା ଶୀତ କାକରରେ ଶବ ଜଗି ରହିବା ଦୁଃଖ। ନ ଖାଇ, ନ ପିଇ ରାତି ସାରା ଶୀତ କାକରରେ ମେଡିକାଲ ବାହାରେ ଶୀତ କାକରରେ ଖୋଲାରେ ଶବ ପାଖରେ ଜଗି ରହିଲେ ପରିବାର ଲୋକେ। ସୂଚନାଯୋଗ୍ୟ ଯେ , ଗତକାଲି ପଦ୍ମପୁର ଠାରୁ ରାଡୁ ଯିବା ରାସ୍ତାରେ ଥିବା ଏକ ଗ୍ୟାସ୍ ସିଲିଣ୍ଡର୍ ବୋଝେଇ ଟ୍ରକ୍ ଡାଇଭର ବିଜୟ କୁମାର ବେହେରାଙ୍କୁ ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ମୃତ ଘୋଷଣା କରିଥିଲେ। ମେଡିକାଲ ବାହାରେ ଟ୍ରଚର୍ ଉପରେ ସାରା ରାତି ମୃତ ବ୍ୟକ୍ତିଙ୍କ ଶବକୁ ରଖାଯାଇଥିଲା। ପ ଶବ ସଂରକ୍ଷଣ ଗୃହ ନଥିବାରୁ ଶବକୁ ରାତି ସାରା ସେଠାରେ ଜଗିବାକୁ ପଡ଼ିଲା ବୋଲି କହିଛନ୍ତି ମୃତକଙ୍କ ପୁତୁରା ଗୋବର୍ଦ୍ଧନ ନାୟକ କହିଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଶବ ସଂରକ୍ଷଣ ଗୃହ ଓ ବ୍ୟବଛେଦ ଗୃହ ନିର୍ମାଣ ପାଇଁ ଏଠାକାର ଲୋକଙ୍କ ଓ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ବାରମ୍ବାର ଦାବି କରାଯାଇଛି। ହେଲେ ଯଦି କେହି ଏହି ମେଡିକାଲ ରେ ମୃତ୍ୟୁ ହୁଏ ତେବେ ଦୀର୍ଘ ୨୦କିମି ଗୁଣପୁର ନେବାକୁ ପଡୁଛି। ତେବେ ପଦ୍ମପୁର, ଗୁଡ଼ାରୀ କିମ୍ବା ରାମନାଗୁଡା ଆଖପାଖ ରେ ଶବ ବ୍ୟବଚ୍ଛେଦ ଗୃହ ନଥିବାରୁ ମୃତ ବ୍ୟକ୍ତିଙ୍କ ପରିବାର ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳୁଛି। ତେଣୁ ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶବ ସଂରକ୍ଷଣ ଗୃହ କିମ୍ବା ବ୍ୟବଚ୍ଛେଦ ଗୃହ ନିର୍ମାଣ କରିବା ପାଇଁ ସାଧାରଣ ଦାବି ହେଉଛି।

**■ ଗୁମ୍ମା ବଜାରରେ ମାଡ଼ିଗଲା ଟିପର**

## ବାଇକ୍ ଚୂରମାର, ଭାଙ୍ଗିଲା ପାଚେରୀ

ରାୟଗଡ଼ା,୧୦।୧୨(ସମିସ): ୩୨୬ ନଂ ଜାତୀୟ ରାଜପଥର ରାୟଗଡ଼ା ଜିଲ୍ଲା ସଦର ବ୍ଲକ୍ କୁମ୍ଭିକୋଟା ପୋଲିସ ଫାଣ୍ଡି ଅନ୍ତର୍ଗତ ଗୁମ୍ମା ବଜାରରେ ଆଜି ମଧ୍ୟାହ୍ନରେ ଏକ ଟିପର ମାଡିଯିବା ଫଳରେ ରାସ୍ତା କଡରେ ଥିବା ଏକ ମୋଟର ସାଇକଲ୍ ଚୁରମାର ହୋଇଥିବା ବେଳେ ସ୍ଥାନୀୟ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟର ପାଚେରୀ ଭାଙ୍ଗି ଟିପରଟି ଧସେଇ ପଶିଥିଲା। ମିଳିଥିବା ସୂଚନା ପ୍ରକାରେ ଆଜି ମଧ୍ୟାହ୍ନରେ ଗୁମ୍ମା ବଜାର ସ୍ଥିତ ବନପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଥିବା ଏକ ଢାବା ନିକଟ ଉଚ୍ଚା ସ୍ଥାନରେ ଏକ ଟିପର (ଓଡି ୧୮କ୍ୟୁ- ୧୧୦୭) ଗାଡିଟି ଠିଆ ହୋଇଥିବା ବେଳେ ଡ୍ରାଇଭର ଜଣକ ଅଜାଣରେ ଗାଡିର ହ୍ୟାଣ୍ଡ ବ୍ରେକ ଦେବା ଭୁଲି ଯାଇ ବାହାରକୁ ଯାଇଥିଲେ। ଗାଡିଟି କିଛି ସମୟଧରି ଠିଆ ହୋଇଥିବା ବେଳେ ପରବର୍ତ୍ତୀ ସମୟରେ ତାହା ତଳକୁ ଗଡି ଆସି ରାସ୍ତା କଡରେ ଥିବା ଏକ ବାଇକ ଉପରେ ମାଡି ଯିବା ସହ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟର ପାଚେରୀ ଭାଙ୍ଗି ଧସେଇ ପଶିଥିଲା ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ତେବେ ଭାଗ୍ୟବଶତଃ ବାଇକ ଆରୋହୀ ମଧ୍ୟ ରାସ୍ତା କଡରେ ନିଜ ବାଇକ ରଖି ବଜାରକୁ ଯାଇଥିବା ହେତୁ ସେ ମଧ୍ୟ ଏକ ସଡକ ଦୁର୍ଘଟଣାରୁ ଅଳ୍ପକେ ବର୍ତି ଯାଇଛନ୍ତି। ଘଟଣା ସଂପର୍କରେ ଖବର ପାଇ କୁମ୍ଭିକୋଟା ପୋଲିସ ଫାଣ୍ଡି ଅଧିକାରୀ ଓ ଅନ୍ୟ ଷ୍ଟାଫ୍ ପହଚି ତଦନ୍ତ କରିଥିବା ବେଳେ ଟିପରଟକୁ କାଢିବାକୁ ବ୍ୟବସ୍ଥା କରିଥିବା ଜଣାପଡିଛି। ଅପରପକ୍ଷେ ଗୁମ୍ମା ବଜାରେ ଗତ ଦିନରେ ଏକ ଟ୍ରଲର ଗାଡି ରାସ୍ତା କଡ କୁଡିଆ ଘରକୁ ମାଡି ଯିବାରୁ ଘଟଣା ସ୍ଥଳରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ହୋଇଥିଲା ଏବଂ ଦୁଇଟି ଦୋକାନ ଗୃହ ସଂପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା। ଯାହାକୁ ନେଇ ଗୁମ୍ମା ବାସିନ୍ଦା ବଜାର ରାସ୍ତା ବ୍ୟବହାର ପରିବର୍ତ୍ତେ ଜାତୀୟ ରାଜପଥ ବିଭାଗ ବାଇପାସ ରାସ୍ତା ନିର୍ମାଣ କରିବାକୁ ଦାବି କରି ଆସୁଛନ୍ତି।

**■ ହଷ୍ଟେଲରେ କନିଷ୍ଠ ଛାତ୍ରଙ୍କୁ ମାଡମାରିଲେ ବରିଷ୍ଠ**

# ଆସବାବପତ୍ରରେ ନିଆଁ ଲଗାଇବା ଅଭିଯୋଗ

ଜୟପୁର,୧୦ ।୧୨(ସମିସ) :

ଜୟପୁର ସହରର ସନ୍ନିକଟ ଫୁଲବାଡ ଠାରେ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଛାତ୍ରଛାତ୍ରୀ ମାନଙ୍କ ପାଇଁ 'ଅନ୍ୱେଷା ହୋଷ୍ଟେଲ ନିର୍ମାଣ କରାଯାଇଛି। କିନ୍ତୁ ଏହି ହଷ୍ଟେଲରେ ବରିଷ୍ଠ ଛାତ୍ର ମାନେ କନିଷ୍ଠ ଛାତ୍ର ମାନଙ୍କୁ ମାନସିକ ଓ ଶାରିରିକ ନିର୍ଯାନତନା ଦେଉଥିବା ନେଇ ଅଭିଯୋଗ ହେଉଥିଲା।

ଏହିପରି ଅଭିଭାବକ ମାନେ ପରିଚାଳନା ଦାୟୀତ୍ୱରେ ରହିଥିବା କର୍ତ୍ତୃପକ୍ଷଙ୍କୁ ଅଭିଯୋଗ କରୁଥିଲେ ସୁଦ୍ଧା କୌଣସି ସୁଫଳ ମିଳୁନଥିବା ବେଳେ ଉକ୍ତ ହୋଷ୍ଟଲରେ ଅନ୍ତେବାସୀ ଭାବେ ରହୁଥିବା ଅଷ୍ଟମ ଶ୍ରେଣୀର ଛାତ୍ରଙ୍କ ଜୟପୁର ସହରର କୁମ୍ଭାରସାହି ବାସିନ୍ଦା ଅଭିଭାବକ ଭୀମ ବାଘ ଜୟପୁର ସଦରଥାନାରେ ଆଜି ସଦରଥାନାରେ ଲିଖିତ ଏତଲା ଦେଇଥିବା ସହିତ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ପୀଡ଼ିତଙ୍କ ଅଭିଯୋଗ ଅନୁଯାୟୀ ଗତକାଲି ବିଦ୍ୟାଳୟରେ ଅନ୍ତେବାସୀ ରହିଥିବା କିଛି ବରିଷ୍ଠ ଛାତ୍ର ଅଭିଯୋଗକାରୀଙ୍କ ପୀଡିତ ପୁଅଙ୍କ ଆସବପତ୍ର, ପୋଷାକ, ଖାତା ବହି ନିଆଁରେ ପୋଡି ନଷ୍ଟ କରିଦେଇଛନ୍ତି। ଏହିପରି ପୂର୍ବରୁ ଉକ୍ତ ଛାତ୍ର ମାନେ ତାଙ୍କ ପୁଅଙ୍କୁ ମାଡ ମାରିବା ସହ ଗାଳିଗୁଲଜ କରୁଥିଲେ।

ଏଥିନେଇ ଗତ ଦୁଇବର୍ଷ ହଷ୍ଟେଲର ଅଧିକ୍ଷକଙ୍କୁ ଅଭିଯୋଗ କରୁଥିଲେ ସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହାଁନ୍ତି। ଏହିପରି ପୀଡିତ ପୁଅ ପାଠ ଛାଡିଦେବା ସହିତ ନିଜ ଜୀବନ ପ୍ରତି ବିପଦ ରହିଥିବା ନେଇ ନିଜ ଅଭିଭାବକଙ୍କୁ ବାରମ୍ବାର ଜଣାଉଛନ୍ତି। ଏହିପରି ବର୍ତ୍ତମାନ ଅଭିଭାବକ ଆଜି ଉକ୍ତ ଭୟଭୀତ ଛାତ୍ରକୁ ନିଜ ଘରକୁ ନେଇଥିବା ନେଇ ସୂଚନା ମିଳିଛି।

**■ ଜୀବିତଙ୍କୁ ମୃତ ଦେଖାଇ ଶ୍ରମିକଙ୍କ ଟଙ୍କା ହଡ଼ପ ଘଟଣା**

# କାର୍ଯ୍ୟାନୁଷ୍ଠାନ ନ ହେବାରୁ ପ୍ରଦୀପ ମାଝିଙ୍କ ଉଦ୍‌ବେଗ

ନବରଙ୍ଗପୁର, ୧୦।୧୨ (ସମିସ୦: ନବରଙ୍ଗପୁର ଜିଲ୍ଲାରେ ଶ୍ରମିକ ମାନଙ୍କ ପାଇଁ ଉଦ୍ଦିଷ୍ଟ ଟଙ୍କାକୁ ଜିଲ୍ଲା ପ୍ରଶାସନର ଶ୍ରମ ଅଧିକାରୀ ମାନେ ହଡ଼ପ କରୁଛନ୍ତି। ଏହାର ସତ୍ୟାସତ୍ୟ ପଦାକୁ ଆସିବା ପରେ ବଞ୍ଚିଥିବା ଶ୍ରମିକ ମାନଙ୍କର ଟଙ୍କାକୁ ହଡ଼ପ କରିବା କଦାପିକ୍ଷମଣୀୟ ନୁହେଁ ବୋଲି କହିଛନ୍ତି ପୂର୍ବତନ ସାଂସଦ ପ୍ରଦୀପ ମାଝି। ଶ୍ରୀ ମାଝି ଏକ ପ୍ରେସ୍ ବିବୃତ୍ତିରେ କହିଛନ୍ତି ଯେ, ୨୦୨୪ ଫେବୃୟାରୀ ମାସରେ ବଞ୍ଚିଥିବା ଶ୍ରମିକ ଭାଇ ଓ ଭଉଣୀଙ୍କୁ ମୃତ ଦେଖାଇ ଟଙ୍କା ଟଙ୍କା ହଡ଼ପ ହୋଇଥିଲା। ଏହି ତଥ୍ୟ ପଦାକୁ ଆସିଲାପରେ ମଣ୍ଡଳ ଶ୍ରମ ଆୟୁକ୍ତ କୁବର ବେହେରା ଜିଲ୍ଲା ପ୍ରଶାସନକୁ ଅନୁରୋଧ କଲେ ଯେ କୌଣସି ହିତାଧିକାରୀଙ୍କୁ ଟଙ୍କା ପଇଠ କରାନଯାଉ। ଏହାସହ ତତ୍‌କାଳୀନ ଉପ ଜିଲ୍ଲାପାଳ ଶ୍ରୀ ଭୋଇ ସର୍‌ଜମିନ ତଦନ୍ତ କରି ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କୁ ରିପୋର୍ଟ ଦେଲେ ଯେ ସମସ୍ତ ଶ୍ରମିକ ମାନେ ବଞ୍ଚିଛନ୍ତି । ସେମାନଙ୍କୁ ମୃତ ଦର୍ଶାଇ ଟଙ୍କା ମଞ୍ଜୁର କରାଯାଇଛି । ଏହାକୁ ତରୁନ୍ତ ବନ୍ଦ କରି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସେ ରିପୋର୍ଟ ଦେଇଥିଲେ । ଭାରତୀୟ ଜନତା ପାର୍ଟିର ସରକାର ଆସିଲା ପରେ ୮ ଅଗଷ୍ଟ ୨୦୨୪ ରେ ଜିଲ୍ଲା ଶ୍ରମ ଅଧିକାରୀ ଛୋଟରାୟ ଟୁଡୁ ଏବଂ ଜିଲ୍ଲା ପ୍ରଶାସନ ବଞ୍ଚିଥିବା ମୃତ ଶ୍ରମିକ ଭାଇ ଓ ଭଉଣୀ ମାନଙ୍କୁ ମୃତ ଦେଖାଇ ଟଙ୍କା ପଇଠ କରିଛନ୍ତି। ଭାରତୀୟ ଜନତା ପାର୍ଟିର ସରକାରଙ୍କ ଛତ୍ରଛାୟା ତଳେ ଏକ ବିରାଟ ବଡ଼ ର୍ୟାକେଟ୍ ଚାଲୁଛ। ଯେଉଁଥିରେ କି ଜିଲ୍ଲା ପ୍ରଶାସନର ଅଧିକାରୀ ଏବଂ ଦଲାଲ ମାନେ ସକ୍ରୀୟ ଅଛନ୍ତି । ଏହାର ପ୍ରମାଣ ସ୍ୱରୁପ ତାଙ୍କ ନିକଟରେ ୧୬ ହିତାଧିକାରୀଙ୍କ ନାମ, ନକଲି ମୃତ୍ୟୁ ପ୍ରମାଣ ପତ୍ର, ଲେବର କାର୍ଡ ଏବଂ ପୈଠ ପ୍ରମାଣ ପତ୍ର ସହିତ କିଛି ଭିଡିଓ ଫୁଟେଜ୍ ରହିଛି। ପ୍ରତି ବର୍ଷ ୧୨ ରୁ ୧୫ କୋଟି ଟଙ୍କା ଜିଲ୍ଲାକୁ ଆସୁଥିବା ବେଳେ ୨ ରୁ ୫ କୋଟି ଟଙ୍କାକୁ ହଡ଼ପ କରାଯାଉଛି । ଏହି ପ୍ରେସ୍ ବିବୃତ୍ତିରେ ୧୬ ଜଣ ଶ୍ରମିକଙ୍କର ୩୨ ଲକ୍ଷ ୯୦ ହଜାର ଟଙ୍କା ହଡ଼ପର ପ୍ରମାଣ ଉପସ୍ଥାପନ କରାଯାଇଛି।

# 'ଚଇତି -୨୦୨୫' ପ୍ରସ୍ତୁତି ସମୀକ୍ଷା କଲେ ଜିଲ୍ଲାପାଳ



ରାୟଗଡ, ୧୦।୧୨(ସମିସ): ରାୟଗଡ଼ା ଜିଲ୍ଲାର ଗଣପର୍ବ ଚଇତି -୨୦୨୫ର ବିଭିନ୍ନ ଉପ ସମିତିର ପ୍ରସ୍ତୁତି ସମ୍ପର୍କରେ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି ସମୀକ୍ଷା କରିଛନ୍ତି । ସ୍ଥାନୀୟ ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ବିଭିନ୍ନ ଉପ-ସମିତି ଯଥା ନିମନ୍ତ୍ରଣ, ମଞ୍ଚ ପରିଚାଳନା, ଖାଦ୍ୟ ପ୍ରସ୍ତୁତି, ରହଣି, ପ୍ରଚାର ପ୍ରଶାର, ଅର୍ଥ ସଂଗ୍ରହ,ଚଇତାଳି ସ୍ମରଣିକା, ପୁରସ୍କାର ଓ ମାନପତ୍ର, ସାଂସ୍କୃତିକ ଓ ସାଂସ୍କୃତିକ ଶୋଭାଯାତ୍ରା ଓ ପଲିଶ୍ରୀ ଆଦି ଉପସମିତିର ଅଧ୍ୟକ୍ଷ, ସହ ଅଧ୍ୟକ୍ଷ ଓ ଆବାହକ ମାନଙ୍କ ସହିତ ଆଲୋଚନା କରିଥିଲେ। ଚଳିତ ବର୍ଷ ଚଇତି ଯେମିତି ସୁନ୍ଦର ଓ ସୁରୁଖୁରୁ ଭାବରେ ଆୟୋଜନ ହୋଇ ପାରିବ ସେଥିପାଇଁ ସମସ୍ତେ ଅଧିକାରୀ ମାନଙ୍କୁ ଜିଲ୍ଲାପାଳ ଶ୍ରୀ କୁଲକର୍ଣ୍ଣି ନିର୍ଦ୍ଦେଶ ଦେଇଥିଲେ । ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ସାଧାରଣ ନବୀନ ଚନ୍ଦ୍ର ନାୟକ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ନିହାର ରଞ୍ଜନ କହଁର, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ, ଉପଜିଲ୍ଲାପାଳ ରାୟଗଡ଼ ରମେଶ କୁମାର ଜେନା, ଜିଲ୍ଲା ସଂସ୍କୃତି ଅଧିକାରୀ ସୁଶ୍ରୀ ସୁସ୍ମିତା ବାଉରୀ ତଥା ଅନ୍ୟାନ୍ୟ ଅଧିକାରୀ ମକ୍ଷନେ ଯୋଗଦାନ କରିଥିଲେ।।

## 'ପରବ' ପ୍ରଚାର ଓ ପ୍ରସାର କମିଟି ବୈଠକ

କୋରାପୁଟ,୧୦।୧୨(ସମିସ): "ପରବ" ୨୦୨୫ ପାଳନ ଉପଲକ୍ଷେ ମଞ୍ଚ ପ୍ରସ୍ତୁତି,ପ୍ରଚାର ଓ ପ୍ରସାର ଏବଂ ଅର୍ଥ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବେଣୁଧର ଶବରଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ବୈଠକକୁ ଜିଲ୍ଲା ସଂସ୍କୃତି ଅଧିକାରୀ ସୂର୍ଯ୍ୟକାନ୍ତ ବେହେରା ପରିଚାଳନା କରିଥିଲେ। ଜୟପୁର ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଯଶୋଦା ଗାଦବା,କୋରାପୁଟ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରାଧାରାଣୀ ସରକାର, ଓଡିଶା ଜୀବିକା ମିଶନ ଜିଲ୍ଲା ପ୍ରକଳ୍ପ ପ୍ରବନ୍ଧକ ପ୍ରିୟମ୍ବଦା ବିଷୋୟୀ, ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଅଧିକାରୀ ହିମାଂଶୁ ଶତପଥି, ଜୀବିକା କାର୍ଯ୍ୟକ୍ରମ ଅଧିକାରୀ ବି. ସ୍ୱାତୀ ପ୍ରମୁଖଙ୍କ ସହ ୩ଟି କମିଟିର ସଦସ୍ୟ ମାନେ ଉପସ୍ଥିତ ଥିଲେ।

# ବିଶ୍ୱବିଦ୍ୟାଳୟରେ ୫-ଇ ଶିକ୍ଷାଦାନ ପଦ୍ଧତି ପୁସ୍ତକ ଲୋକାର୍ପିତ

ଜୟପୁର,୧୦ ।୧୨(ସମିସ) : ଜୟପୁର ବିକ୍ରମଦେବ ବିଶ୍ୱବିଦ୍ୟାଳୟର ମାନବୀୟ ଅଧ୍ୟୟନ ସଭାଗୃହରେ ଠାରେ ୫-ଇ ଶିକ୍ଷା ପଦ୍ଧତି ପୁସ୍ତକ ଲୋକର୍ପିତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ବିଶ୍ୱ ବିଦ୍ୟାଳୟର ଶିକ୍ଷକ ଶିକ୍ଷା ବିଭାଗର ବିଭାଗୀୟ ମୁଖ୍ୟ ତଥା ସହକାରୀ ପ୍ରଫେସର ଡ. ମନୋରଞ୍ଜନ ପ୍ରଧାନ ଓ ସହକାରୀ ପ୍ରଫେସର ଲୋକେଶ ପ୍ରଧାନଙ୍କ ମିଳିତ ଉଦ୍ୟମରେ ଲିଖିତ ୨୮୦ ପୃଷ୍ଠା ବିଶିଷ୍ଟ ଉପାଦେୟ ଗବେଷଣା ପୁସ୍ତକଟ ଉନ୍ମୋଚନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଶ୍ୱବିଦ୍ୟାଳୟର କୁଳସଚିବ ମହେଶ୍ୱର ଚନ୍ଦ୍ର ନାୟକ ଏବଂ ସମ୍ମାନୀୟ ଅତିଥି ଭାବେ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ଡ. ପ୍ରଶାନ୍ତ କୁମାର ପାତ୍ର, ସହକାରୀ ପ୍ରଫେସର ଡ. ନରେନ୍ଦ୍ର କୁମାର ମହାରଣା ଓ ଦୁଇ ଲେଖକ ମଞ୍ଚାସୀନ ଥିଲେ। ଲେଖକ ଅଧ୍ୟାପକ ଶ୍ରୀ ପ୍ରଧାନ ପୁସ୍ତକ ସମ୍ବନ୍ଧରେ ସମ୍ୟକ ସୂଚନା ପ୍ରଦାନ କରିଥିଲେ ଏବଂ ଡ଼. ପ୍ରଧାନ ପୁସ୍ତକ ସମ୍ବନ୍ଧରେ ବ୍ୟାପକ ଆଲୋଚନା କରି ପୁସ୍ତକଟି କିଭଳି ଗୁଣାିକ ଶିକ୍ଷାଦାନ ପାଇଁ ଉପଯୋଗୀ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥି କୁଳସଚିବ ଶ୍ରୀ ନାୟକ ପୁସ୍ତକ ମାଧ୍ୟମରେ ବିଶ୍ୱବିଦ୍ୟାଳୟକୁ ସାରାଦେଶରେ ପରିଚିତ ହେବ ବୋଲି ଖୁସିପ୍ରକଟ କରିଥିଲେ। ୫ ଇ ଶିକ୍ଷାଦାନ ପଦ୍ଧତିର ତାତ୍ତ୍ୱିକ ଓ ପ୍ରୟୋଗିକ ଆଲୋଚନା ସହ ଉଭୟ ଭୌତିକ ଓ ରସାୟନ ବିଜ୍ଞାନ, ଇଂରାଜୀ ଓ ଓଡ଼ିଆ ଭାଷା ସହ ଇତିହାସ, ଭୂଗୋଳ, ରାଜନୀତି ବିଜ୍ଞାନ ଓ ଅର୍ଥନୀତି ଶିକ୍ଷାଦାନର ପ୍ରାସଙ୍ଗିକତା, ଶିକ୍ଷା ଦାନ ପଦ୍ଧତି ଏବଂ ଗୋଟିଏ ଦୁଇଟି ଲେଖାଏଁ ନମୁନା ପାଠ୍ୟ ଯୋଜନା ପୁସ୍ତକରେ ସ୍ଥାନ ପାଇଛି। ପାଠ୍ୟାର୍ପଣ ଉତ୍ସବରେ ସହକାରୀ ପ୍ରାଧ୍ୟାପିକା କସ୍ତୁରୀ ଆଚାର୍ଯ୍ୟ,ଅନିତା ପଟ୍ଟନାୟକ, ଅନୁପମା ମିଶ୍ର, ପରିଚିତା ମହାପାତ୍ର, ସୁଜାତା ବେଜ ସହ ସରକାରୀ ମହିଳା ମହାବିଦ୍ୟାଳୟର ଅଧ୍ୟାପିକା ବନ୍ଦନା ମହାରଣା, ଶୁଭଶ୍ରୀ ପଟ୍ଟନାୟକ, ଅଧ୍ୟାପକ ସତ୍ୟନାରାୟଣଙ୍କ ସହ ବିଭାଗର ଛାତ୍ର ଛାତ୍ରୀମାନେ ଉପସ୍ଥିତ ଥିଲେ। ପୁସ୍ତକଟି ଅନ୍ ଲାଇନରେ ମାଧ୍ୟମ ସହ କିତାବ ମହଲ, ଏ କେ ମିଶ୍ର, ଏଜେନ୍ସି ଭଳି ଅଗ୍ରଣୀ ପୁସ୍ତକ ଭଣ୍ଡାରରେ ମିଳିପାରିବ ବୋଲି ଲେଖକ ଦ୍ୱୟ ମତବ୍ୟକ୍ତ କରିଛନ୍ତି।

## ଶୀତରେ ଥରୁଛି ଗୁଡ଼ାରୀ ସହର

ଗୁଡାରୀ, ୧୦।୧୨(ସମିସ): ସାରା ଓଡ଼ିଶା ପ୍ରବଳ ଶୀତରେ ଥରୁଥିବାବେଳ ଏଥିରୁ ବାଦ ପଡିନି ଗୁଡାରୀ ସହର। ରାତି ୭ଟା ପରେ ସହରର ରାସ୍ତାଘାଟ ଶୂନ୍‌ଶାନ୍ ହୋଇଯାଉଛି। ଏମିତିରେ ବର୍ଷ ଶେଷ ଏବଂ ଧାନ କଟା ଯୋଗୁଁ ବ୍ୟବସାୟ ମାନ୍ଦା ଅବସ୍ଥାରେ ଚାଲିଥିବା ବେଳେ ପ୍ରବଳ ଶୀତ ଯୋଗୁଁ ଲୋକ ଘରରୁ ବାହାରି କଷ୍ଟସାଧ୍ୟ ହେଉଛି। ଯାହା ଫଳରେ ବ୍ୟବସାୟ ଠପ୍ ହୋଇଯାଇଛି। ପାଣିପାଗ ଅନୁମାନ ଅନୁଯାୟୀ ଆଗାମୀ ଦୁଇରୁ ତିନିଦିନ ଶୀତର ପ୍ରକୋପ ରହିବ। ଶୀତ ପ୍ରଭାବ ଜାରି ରହିଥିବା ଯୋଗୁଁ ସକାଳ ସମୟରେ ଘନ କୁହୁଡି ଦେଖିବାକୁ ମିଳିଛି। ଗୁଡାରୀ ସହରରେ ଶୀତର ଲହରି ଦେଖିଲେ ଯାହା ଜଣାପଡୁଛି ପାରଦ ୧୦ ରହିଥିବା ଅନୁମାନ କରାଯାଇଛି। ଆଜି ପର୍ଯ୍ୟନ୍ତ ସରକାର ତରଫରୁ ଆଶ୍ରୟ ସ୍ଥଳି ନଥିବା ଯୋଗୁଁ ବାହାରରୁ ଆସୁଥିବା ଶ୍ରମିକ ଏବଂ କେତେକ ତଳଶ୍ରେଣୀର ଲୋକ ଖୋଲା ଆକାଶ ତଳେ ଶୋଉଛନ୍ତି। ଶୀତ ପାଇଁ ଦେୟମୁକ୍ତ ଆଶ୍ରୟ ତଳ ନିର୍ମାଣ କରିବା ଆବଶ୍ୟକ ରହିଛି ବୋଲି ମତ ପ୍ରକାଶ ପାଉଛି।

ଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ହୁଲ୍ଲାସ ସାହୁ (ହୁଲି)
ଭଗବାନପୁର, ପାତ୍ରପଡା, ଭୁବନେଶ୍ୱର
ଆବିର୍ଭାବ - ୦୮/୦୭/୧୯୪୮
ତିରୋଧାନ - ୦୨/୧୨/୨୦୨୫
ଆଜିର ତିଳତର୍ପଣ ଅବସରରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି, ମୁକ୍ତି ଓ ମୋକ୍ଷପ୍ରାପ୍ତି ହେଉ, ସ୍ୱର୍ଗବାସ ପରମ ଶାନ୍ତି ଦାୟକ ହେଉ, ଏହାହିଁ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ନିବେଦନ।
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ସହ - ପୁଅ- ରବିନ୍ଦ୍ର, ବୋହୂ - ଚଞ୍ଚଳା, ନାତି- ଚନ୍ଦନ ଓ ସାହୁ ପରିବାର ବର୍ଗ

ଆଇନ ଓ ଶାନ୍ତିର ଅବିଚଳ ପହେରାଦାର
ସ୍ୱନକ୍ଷତ୍ର ଦିବସରେ ସକାଳ ଖବରକାଗଜକୁ ଶୁଭେଚ୍ଛା
ସମାଜର ସୁରକ୍ଷା, ନ୍ୟାୟ ଓ ଶାସନ ବ୍ୟବସ୍ଥାକୁ ସୁଦୃଢ଼ କରିବାରେ ପାଟକୁରା ଥାନା ସଦା ଜନତାଙ୍କ ସହଯୋଗୀ ।
- ନାଗରିକ ସୁରକ୍ଷା ଆମ ଦାୟିତ୍ୱ
- ଭ୍ରଷ୍ଟାଚାର ଓ ଅପରାଧ ବିରୋଧରେ ସକ୍ରିୟ ପଦକ୍ଷେପ
- ନାରୀ, ଶିଶୁ ଓ ବୃଦ୍ଧଙ୍କ ସ୍ୱତନ୍ତ୍ର ସହାୟତା
- ତ୍ୱରିତ ଅଭିଯୋଗ ନିଷ୍ପତ୍ତି ଓ ନ୍ୟାୟମୂଳକ ତଦନ୍ତ

ଜନତା ସହଭାଗୀ ହେଲେ— ସୁରକ୍ଷିତ ପାଟକୁରା ଗଢ଼ିବା ଆମର ପ୍ରତିଶ୍ରୁତି।
ପାଟକୁରା ଥାନା
"ନୀତି, ସେବା ଓ ସୁରକ୍ଷାର ପ୍ରତୀକ"



**ପୂର୍ବତନ ୱାର୍ଡ ସଭ୍ୟଙ୍କ ଅପହରଣ ପରେ ହତ୍ୟା ଘଟଣା**

# ଆଉ ଦୁଇ ଅଭିଯୁକ୍ତ କୋର୍ଟ ଚାଲାଣ

ରାଜନଗର, ୧୦।୧୨(ସମିସ): ପୂର୍ବତନ ୱାର୍ଡସଭ୍ୟ ବଳରାମ ସେଠୀଙ୍କୁ ଅପହରଣ ପରେ ହତ୍ୟା ଘଟଣାରେ ବୁଧବାର ପୁଲିସ ଆଉ ଦୁଇଜଣଙ୍କୁ କୋର୍ଟ ଚାଲାଣ କରିଛି। ମଙ୍ଗଳବାର ପୁଲିସ ଏହି ଘଟଣାରେ ସମ୍ପୃକ୍ତି ଅଭିଯୋଗରେ ଜଣେ ଜାମିନୀ ସ୍ୱାଇଁଙ୍କୁ କୋର୍ଟ ଚାଲାଣ କରିଥି। ତେବେ ବୁଧବାର ବିଘ୍ନେଶ୍ୱର ମଲ୍ଲିକ ଓ ରଙ୍ଗମିସ୍ତ୍ରି

**ଅଧିକ ଲୋକଙ୍କ ସମ୍ପୃକ୍ତି ଚର୍ଚ୍ଚା**

ଭାଗ୍ୟଧର ଜେନାଙ୍କୁ କୋର୍ଟ ଚାଲାଣ କରିଛି। ସୋମବାରଠାରୁ ଭାଗ୍ୟଧରଙ୍କୁ ଅଟକ ରଖାଯାଇଥିବା ବେଳେ ବିଘ୍ନେଶ୍ୱରଙ୍କୁ ମଙ୍ଗଳବାର ପୁଲିସ ଉଠାଇ ନେଇଥିଲା। ଦୁଇଜଣଙ୍କୁ ମୁହାଁମୁହିଁ ଜେରା ବେଳେ ବିଘ୍ନେଶ୍ୱର ହିଁ ବଳରାମଙ୍କୁ ହତ୍ୟା କରିଥିବା ଜଣାପଡ଼ିଥିଲା। ତେବେ ହତ୍ୟାକାଣ୍ଡ ଓ ମୃତଦେହ ଫିଙ୍ଗିବା ଘଟଣାରେ ଅଧିକ ଲୋକଙ୍କ ସମ୍ପୃକ୍ତି ଥିବା ଚର୍ଚ୍ଚା ଜୋର ଧରିଛି। ପୁଲିସ ସାଇଣ୍ଟିଫିକ ଟିମ ସହାୟତାରେ ଘଟଣାର ତଦନ୍ତ ଓ ଜେରା ବେଳର ଭିଡିଓ ଉତ୍ତୋଳନ କରିଛି। ସେହିପରି ବଳରାମଙ୍କୁ ଲୁହା ଖଣତିରେ ବାଡ଼େଇ ହତ୍ୟା



କରାଯାଇଥିବା ଅଭିଯୁକ୍ତମାନେ ସ୍ୱୀକାର କରିଛନ୍ତି। ଅଭିଯୁକ୍ତଙ୍କ ସୂଚନା ଆଧାରରେ ପୁଲିସ ଆଜି କାଙ୍କଡ଼ିଆ ଜଙ୍ଗଲ ପାଖ ପୋଖରୀରୁ ହତ୍ୟାକାଣ୍ଡରେ ବ୍ୟବହୃତ ଲୁହା ଖଣତି ଜବତ କରିଛି। ପୋଖରୀ ଭିତରେ ପଶି ଦୀର୍ଘ ସମୟ ଖୋଜାଖୋଜି ପରେ ଖଣତି ଉଦ୍ଧାର ହୋଇଛି। ଏହି ହତ୍ୟାକାଣ୍ଡରେ ଗିରଫଦାରି ସଂଖ୍ୟା ୩ରେ ପହଞ୍ଚିଥିବା ବେଳେ ଆଗକୁ ସଂଖ୍ୟା ଆହୁରି ବଢ଼ିପାରେ ବୋଲି କୁହାଯାଉଛି।

# ନିର୍ମାଣର ୭ ଦିନ ଭିତରେ ରାସ୍ତାରୁ ଉଠିଗଲା ଗୋଡ଼ି

ପଟ୍ଟାମୁଣ୍ଡାଇ/ଦାଣ୍ଡିସାହି, ୧୦।୧୨(ସମିସ)

ପଟ୍ଟାମୁଣ୍ଡାଇ ବ୍ଲକ ତରଡ଼ିପାଳ ଛକରୁ ତୁଳସୀଡିଆ, ଘାଗରାଡିଆ ଓ କୂଳସାହିକୁ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ରାସ୍ତା ନିର୍ମାଣ କରାଯାଇଥିଲା। ତେବେ ନିର୍ମାଣର ୭ ଦିନ ଭିତରେ ରାସ୍ତାରୁ ପିଚୁ, ଗୋଡ଼ି ଉଠିଯିବା ସହ ସ୍ଥାନେ ସ୍ଥାନେ ଭାଙ୍ଗିଗଲାଣି। ନିର୍ମାଣ କାର୍ଯ୍ୟ ନିମ୍ନମାନର ହେଉଥିବା ପୂର୍ବରୁ ଅଭିଯୋଗ ହୋଇଥିଲେ ମଧ୍ୟ ଅଧିକାରୀ କର୍ଣ୍ଣପାତ କରି ନ ଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।

ଏହି ରାସ୍ତା ଉପରେ ତରଡ଼ିପାଳ,



ପେଣ୍ଠପାଳ ଓ ଘାଗରା ପଞ୍ଚାୟତର ୧୦ ହଜାରରୁ ଊର୍ଦ୍ଧ୍ୱ ଲୋକ ନିର୍ଭର କରୁଥିବା ବେଳେ ଗ୍ରାମ୍ୟ ଉନ୍ନୟନ ବିଭାଗର ବେପରୁଆ ମନୋଭାବ ପାଇଁ ରାସ୍ତା ନିର୍ମାଣ ଆରମ୍ଭ ହେଉ ହେଉ ଭାଙ୍ଗି ଯାଇଥିବା ଅଭିଯୋଗ ହୋଇଛି। ରାସ୍ତାରୁ ଠାଏ ଠାଏ ପିଚୁ ଉଠିଥିବା ବେଳେ ଅଧିକାଂଶ ଜାଗାରୁ ଗୋଡ଼ି ଉଠିବା ହେତୁ ଛୋଟ ବଡ଼ ଦୁର୍ଘଟଣା ଘଟୁଥିବା ଦେଖିବାକୁ ମିଳୁଛି। ସେହିପରି କଂକ୍ରିଟ୍ ରାସ୍ତା ଉପରେ ପାଣି ଜମି ରହୁଥିବାରୁ ନାନା ସମସ୍ୟା ସୃଷ୍ଟି ହେଉଛି। ସରକାରୀ ନିର୍ଦ୍ଦେଶନାମା ଅନୁଯାୟୀ ରାସ୍ତା ନିର୍ମାଣ ଦିନରୁ ସୂଚନାଫଳକ ଲାଗିବା କଥା। ମାତ୍ର ତାହା ହୋଇ ନାହିଁ। ତେଣୁ ପ୍ରକଳ୍ପ ଅଟକଳ ବ୍ୟୟ ମଧ୍ୟ ଜନସାଧାରଣ ଜାଣିନାହାନ୍ତି। କାମ ସମୟରେ ବିଭାଗୀୟ ଅଧିକାରୀ ଅନୁପସ୍ଥିତ ରହୁଥିବାରୁ ଠିକାଦାର ନିମ୍ନମାନର କାମ କରିଥିବା ଅଭିଯୋଗ ହୋଇଛି।

## ଜମିବାଡ଼ି ବିବାଦକୁ ନେଇ ମହିଳାଙ୍କୁ ଆକ୍ରମଣ

ଡେରାବିଶ, ୧୦।୧୨(ସମିସ): ଜମିବାଡ଼ି ବିବାଦକୁ ନେଇ ଡେରାବିଶ ବ୍ଲକ ରଘୁଦେଇପୁର ପଞ୍ଚାୟତ ଭୁଜବଳ ଗ୍ରାମ ଗୀତାଞ୍ଜଳି ରାଉତ (୫୫)ଙ୍କୁ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି। ଗୀତାଞ୍ଜଳିଙ୍କୁ ଓଲଢି-ବେଲାରପୁର ରାସ୍ତା କଡ଼ରୁ ଉଦ୍ଧାର କରାଯାଇ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ବୁଧବାର ଅପରାହ୍ନରେ ଗୀତାଞ୍ଜଳି ଛତା ଛକସ୍ଥିତ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କରୁ ଟଙ୍କା ଉଠାଇ ସ୍କୁଟିରେ ଓଲଢି-ବେଲାରପୁର ରାସ୍ତାରେ ଯାଉଥିବା ବେଳେ ଦୁର୍ବୃତ୍ତମାନେ ତାଙ୍କୁ ଆକ୍ରମଣ କରିଥିବା ଜଣାପଡ଼ିଛି। ଏକ ନିଛାଟିଆ ସ୍ଥାନରେ ତାଙ୍କୁ ପିଛା କରୁଥିବା ସ୍ଥାନୀୟ ଅଞ୍ଚଳର ୪ ବ୍ୟକ୍ତି ତାଙ୍କୁ ଆକ୍ରମଣ କରିବା ସହିତ ୨୫ ହଜାର ଟଙ୍କା ନେଇଯାଇଥିବା ଗୀତାଞ୍ଜଳି କହିଛନ୍ତି। ଜମିବାଡ଼ି ବିବାଦକୁ ନେଇ ଆକ୍ରମଣ କରାଯାଇଥିବା ସେ ପ୍ରକାଶ କରିଛନ୍ତି। ତେବେ ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ଏ ସମ୍ପର୍କରେ ଡେରାବିଶ ଥାନାରେ କୌଣସି ଅଭିଯୋଗ ହୋଇନାହିଁ।

**● ଖଣି ଅଧିକାରୀଙ୍କୁ ଡେରାବିଶ ବିଡିଓଙ୍କ ଚିଠି**

## ଆବାସ ହିତାଧିକାରୀଙ୍କୁ ବିନା ରୟାଲଟିରେ ବାଲି ଯୋଗାଇ ଦିଅ

ଡେରାବିଶ, ୧୦।୧୨(ସମିସ): ଡେରାବିଶ ବ୍ଲକରେ ଚଳିତ ବର୍ଷ ୩୦୨ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ୪୬୩ ହିତାଧିକାରୀଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାରେ ଘର ନିର୍ମାଣ ନିମନ୍ତେ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି। ହେଲେ ଗ୍ରାମାଞ୍ଚଳର ଗରିବ ହିତାଧିକାରୀଙ୍କ ପକ୍କା ଗୃହ ନିର୍ମାଣ ନିମନ୍ତେ ମୁଖ୍ୟ ନିର୍ମାଣ ସାମଗ୍ରୀ ଭାବେ ବ୍ୟବହୃତ ବାଲିର ଘୋର ସଙ୍କଟ ଡେରାବିଶ ଅଞ୍ଚଳରେ ଦେଖାଦେଇଛି। ତେବେ ଡେରାବିଶ ବ୍ଲକ ଅଞ୍ଚଳ ଦେଇ ବହିଯାଇଥିବା ଲୁଣା, କରାଣ୍ଡିଆ ଓ ବିରୁପା ନଦୀରେ ପ୍ରଚୁର ବାଲି ମିଳୁଥିବା ବେଳେ ବାଲିଘାଟଗୁଡ଼ିକ ନିଲାମ ହୋଇ ନ ଥିବାରୁ ହିତାଧିକାରୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜିଲ୍ଲା ବାହାରୁ ଆସୁଥିବା ବାଲି ଓ ବାଲି ମାଫିଆଙ୍କ ନିକଟରୁ ଚୋରାରେ ମିଳୁଥିବା ବାଲିର ଦର ଢ଼େର ଅଧିକ ଥିବାରୁ ହିତାଧିକାରୀ ବାଲି କିଣି ଘର ନିର୍ମାଣ କରିବା କଷ୍ଟକର ହୋଇପଡୁଛି। ଫଳରେ ସରକାରଙ୍କ ପକ୍ଷରୁ ମିଳୁଥିବା ଆର୍ଥିକ ଅନୁଦାନରେ ଗୃହ ସମ୍ପୂର୍ଣ୍ଣ କରିବା କଷ୍ଟକର ଓ ବ୍ୟୟବହୁଳ ହୋଇପଡୁଛି। ଏ ନେଇ ବ୍ଲକ ଅଞ୍ଚଳରେ ବହୁ ହିତାଧିକାରୀ ସେମାନଙ୍କୁ ଗୃହ ନିର୍ମାଣ ନିମନ୍ତେ ବାଲି ଯୋଗାଣର ସୁବନ୍ଦୋବସ୍ତ କରିବା ପାଇଁ ଡେରାବିଶ ବିଡିଓ ନିମିତା ବାରିକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ହିତାଧିକାରୀଙ୍କ ଅନୁରୋଧ କ୍ରମେ ବିଡିଓ ବାରିକ ଆବାସ ହିତାଧିକାରୀଙ୍କୁ ବିନା ରୟାଲଟିରେ ବାଲି ପ୍ରଦାନ କରିବା ନିମନ୍ତେ ଖଣି ଅଧିକାରୀଙ୍କୁ ଚିଠି ଲେଖିଛନ୍ତି। ଏ ସମ୍ପର୍କରେ ବିଡିଓଙ୍କୁ ପଚାରିବାରୁ କହିଲେ, ପ୍ରତ୍ୟେକ ହିତାଧିକାରୀ ସେମାନଙ୍କ ଆବସ ଗୃହ ନିର୍ମାଣ ନିମନ୍ତେ ୧୨ରୁ ୧୩ ଟ୍ରାକ୍ଟର ବାଲି ଆବଶ୍ୟକ କରୁଛନ୍ତି। ବ୍ଲକର ଆବାସ ହିତାଧିକାରୀଙ୍କ ନିମନ୍ତେ ୯ ୯୩୨ ଟ୍ରିପ ବାଲି ବିନା ରୟାଲଟିରେ ଯୋଗାଇ ଦେବାକୁ ଖଣି ଅଧିକାରୀଙ୍କୁ ଅନୁରୋଧ କରାଯାଇଥିବା ସେ କହିଛନ୍ତି।

**● ଦଶମ ଶ୍ରେଣୀ ଛାତ୍ରୀଙ୍କୁ ଦୁଷ୍କର୍ମ ମାମଲା**

## ଦୋଷୀକୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ

କେନ୍ଦ୍ରାପଡ଼ା, ୧୦।୧୨(ସମିସ): ଦଶମ ଛାତ୍ରୀଙ୍କୁ ଦୁଷ୍କର୍ମ ମାମଲାରେ କେନ୍ଦ୍ରାପଡ଼ା ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ଅଭିଯୁକ୍ତ ନିକିରାଇ ଥାନା ଜମରା ଗ୍ରାମର ବିଶ୍ୱଜିତ ସାହୁଙ୍କୁ ଦୋଷୀ ସାବ୍ୟସ୍ତ କରି ୨୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୫୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ଅତିରିକ୍ତ ୧ ବର୍ଷ ଜେଲ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ମାମଲାର ବିବରଣୀ ଅନୁଯାୟୀ ଗତ ମାର୍ଚ୍ଚ ୫ରେ ବିଶ୍ୱଜିତ ଏକ ଘରୋଇ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ରୀଙ୍କୁ ତାଙ୍କ ଘରୁ ଅପହରଣ କରିନେଇଥିଲେ। ପରିବାର ଲୋକେ ଖୋଜାଖୋଜି କରି ଝିଅକୁ ନ ପାଇବାରୁ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ମାମଲା ରୁଜୁ କରି ତଦନ୍ତ କରିଥିଲା। ମୋବାଇଲ ଟ୍ରାକିଂ କରି ପୁଲିସ ନାଭି ମୁମ୍ବାଇରୁ ବିଶ୍ୱଜିତକୁ ଗିରଫ କରିବା ସହ ଛାତ୍ରୀଙ୍କୁ ଉଦ୍ଧାର କରିଥିଲା। ଉଭୟଙ୍କ ଡାକ୍ତରୀ ପରୀକ୍ଷା, ବୟାନ ରେକର୍ଡ ପରେ ନାବାଳିକାଙ୍କୁ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ନାବାଳିକାଙ୍କୁ ବିଶ୍ୱଜିତ ନାଭି ମୁମ୍ବାଇରେ ଭଡ଼ାଘରେ ରଖି ବାରମ୍ବାର ଦୁଷ୍କର୍ମ କରିଥିବା ଅଦାଲତରେ ବୟାନ ଦେଇଥିଲେ। ବୁଧବାର ଏହି ମାମଲାର ଚୂଡ଼ାନ୍ତ ରାୟ ପ୍ରକାଶ ପାଇଛି। ୧୧ ଜଣ ସାକ୍ଷୀଙ୍କ ବୟାନ ସମସ୍ତ ପ୍ରମାଣ, ଡାକ୍ତରୀ ରିପୋର୍ଟ ଓ ପୀଡ଼ିତାଙ୍କ ବୟାନ ଆଧାରରେ ବିଚାରପତି ପ୍ରଜ୍ଞାପରମିତା ରାଉଳ ବିଶ୍ୱଜିତକୁ ଦୋଷୀ ସାବ୍ୟସ୍ତ କରି ଦଣ୍ଡାଦେଶ ପ୍ରଦାନ କରିଛନ୍ତି। ଏଥିସହ ପୀଡ଼ିତାଙ୍କୁ ୬ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରିବାକୁ ଜିଲ୍ଲା ଆଇନସେବା ପ୍ରାଧିକରଣଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ଅଣ୍ଡରା ସ୍ୱାସ୍ଥ୍ୟକେନ୍ଦ୍ରରେ ଜନ ଆରୋଗ୍ୟ ସମିତି ବୈଠକ

ପଟ୍ଟାମୁଣ୍ଡାଇ/ଦାଣ୍ଡିସାହି, ୧୦।୧୨(ସମିସ): ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକର ସାମଗ୍ରିକ ଭିତ୍ତିଭୂମି ବିକାଶ ଓ ରୋଗୀ କଲ୍ୟାଣ ନିମିତ୍ତ ଭାରତ ସରକାରଙ୍କ ଦ୍ୱାରା ଜନ ଆରୋଗ୍ୟ ସମିତି ଗଠିତ ହୋଇଛି। ଏହି କ୍ରମରେ ଅଣ୍ଡରା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ବୁଧବାର ଜିଲ୍ଲା ପରିଷଦ ସଭ୍ୟା ପ୍ରିୟଦର୍ଶିନୀ ତରାଇଙ୍କ ପୌରୋହିତ୍ୟରେ ଜନ ଆରୋଗ୍ୟ ସମିତି ବୈଠକ ଅନୁଷ୍ଠିତ ହୋଇଛି। ପଟ୍ଟାମୁଣ୍ଡାଇ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ନିରାକାର ପରିଡ଼ା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକ ପାଇଁ ସରକାରଙ୍କ ବିଭିନ୍ନ ପଦକ୍ଷେପ ସମ୍ପର୍କରେ ତଥ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ପୂର୍ବତନ ପେଣ୍ଠପାଳ ସରପଞ୍ଚ କୈଳାସ ସେଠୀ, ପୂର୍ବତନ ଅମୃତମଣୋହି ସରପଞ୍ଚ କୁଳମଣି ମଳିକ, ପୂର୍ବତନ ବଲୁରିଆ ସରପଞ୍ଚ ରତିକାନ୍ତ ସାହାଣୀ, ସମବାୟ କାର୍ଯ୍ୟନିର୍ବାହୀ ଅଜିତ ମଲ୍ଲିକ ଓ କୁନା ଆରୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଡା. ଜ୍ୟୋତି ନାରାୟଣ ଦାସ, ଡା. ବିରଜା କଲ୍ୟାଣ ଦାଶ, ଫାର୍ମାସୀ ଅଧିକାରୀ ବିକ୍ରମାଦିତ୍ୟ ଦାଶ, ପଟ୍ଟାମୁଣ୍ଡାଇ ପ୍ରୋଗ୍ରାମ ଅଫିସର ପ୍ରଶାନ୍ତ ଜେନା, ଅଳପୁଆ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ବିଶ୍ୱସ୍ୱିନୀ ସାହୁ, ଡା. ଉମାକାନ୍ତ ରଣା, ତୁଳସୀଡିଆ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ଅଭିଲିପ୍ସା ସାହୁ, ଡା. ଲକ୍ଷ୍ମୀପ୍ରିୟା ଦାସଙ୍କ ସହିତ ସମସ୍ତ ଏଏନଏମ ଓ ସ୍ୱାସ୍ଥ୍ୟକର୍ମୀ ବୈଠକରେ ଯୋଗଦେଇଥିଲେ।




## ସର୍ବନିମ୍ନ ସୁବିଧାରୁ ବଞ୍ଚିତ ବନ୍ଧପୁର ଗାଁ

**● ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ଲୋକଙ୍କୁ ଶୀତବସ୍ତ୍ର ପ୍ରଦାନ**

**● ଭଙ୍ଗା ବାଉଁଶ ପୋଲ ମରାମତି କଲେ**

ରାଜନଗର, ୧୦।୧୨(ସମିସ): ସ୍ୱାଧୀନତାର ୭୮ ବର୍ଷ ପରେ ବି ଉପକୂଳ ଓଡ଼ିଶାରେ ଏପରି ଗାଁ ଥାଇପାରେ ଯାହା ଆଖିରେ ନ ଦେଖିଲେ ବିଶ୍ୱାସ କରିହେବ ନାହିଁ। ନା ଅଛି ରାସ୍ତା, ନା ଅଙ୍ଗନବାଡ଼ି କେନ୍ଦ୍ର ବା ବିଦ୍ୟାଳୟ। ବିପଜ୍ଜନକ ଭାବେ ବାଉଁଶ ଚାରରେ କୁନି କୁନି ଛାତ୍ରଛାତ୍ରୀ



ପାର ହୋଇ ବିଦ୍ୟାଳୟକୁ ଆସିବାର ଚିତ୍ର ଅତ୍ୟନ୍ତ ଭୟଙ୍କର। ଗାଁରେ କୋଠାଘର ନ ଥିବା ବେଳେ ପାଇଖାନା ମଧ୍ୟ ନାହିଁ। କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବ୍ଲକ ବ୍ରାହ୍ମଣସାହି ପଞ୍ଚାୟତ ବନ୍ଧପୁର ଗାଁରେ ଏପରି ବିକଳ ଚିତ୍ର ଦେଖିବାକୁ ମିଳିଛି। ଏହି ଗାଁର ଅବସ୍ଥା ଓ ଲୋକଙ୍କ ଜୀବନଶୈଳୀ ସମ୍ପର୍କରେ ଜାଣିବା ପରେ ଶ୍ରୀଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟର କର୍ମକର୍ତ୍ତାମାନେ ପହଞ୍ଚି ସେବା ଯୋଗାଇଛନ୍ତି। ପ୍ରଥମେ ଗାଁ ବୁଲି ଦେଖିବା ପରେ ଲୋକଙ୍କୁ ସେମାନଙ୍କ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ଶୀତବସ୍ତ୍ର ବଣ୍ଟନ କରିବା ସହ ଜରାଜୀର୍ଣ୍ଣ ଅବସ୍ଥାରେ ରହିଥିବା ବାଉଁଶ ପୋଲ ମରାମତି କରିଥିଲେ। ଟ୍ରଷ୍ଟ ସଭାପତି ଦମନ ମହାନ୍ତିଙ୍କ ସହ ଅଭୟ ବେହେରା, ଦେବେନ୍ଦ୍ର ନାୟକ, ତପନ କୁମାର ନାଥ, କାଳନ୍ଦୀ ମଲ୍ଲିକ ଓ ଅକ୍ଷୟ କୁମାର ଭଳ ଏଥିରେ ସାମିଲ ହୋଇଥିଲେ। ବନ୍ଧପୁର ଗାଁରେ ୫୦ରୁ ଅଧିକ ପରିବାର ରହୁଛନ୍ତି। ଗାଁକୁ ଯିବାକୁ ରାସ୍ତା ନ ଥିବା ବେଳେ ବୁଢ଼ାଠାରୁ ଛୁଆ ଯାଏଁ ବିଲ ହିଡ଼ରେ ଯା'ଆସ କରନ୍ତି। ବର୍ଷାଦିନେ ଲୋକେ ଘରୁ ବାହାରିପାରନ୍ତି ନାହିଁ। ଗାଁ ପ୍ରବେଶ ପଥରେ ରହିଛି ହରିଶପୁର କେନାଲ। କେନାଲ ଉପରେ ଗୋଟିଏ ପାର୍ଶ୍ୱରେ ଫୁଟ ବ୍ରିଜ ହୋଇଥିଲେ ମଧ୍ୟ ଅଧିକାଂଶ ଲୋକ ବାଉଁଶ ଚାର ଉପରେ ବିପଜ୍ଜନକ ଭାବେ ଯା'ଆସ କରିଥାନ୍ତି। ଗାଁରେ ବିଦ୍ୟାଳୟ କି ଅଙ୍ଗନବାଡ଼ି କେନ୍ଦ୍ର ନାହିଁ। ବ୍ରାହ୍ମଣସାହିରେ ଥିବା ଅଙ୍ଗନବାଡ଼ି କେନ୍ଦ୍ର ଓ ବିଦ୍ୟାଳୟକୁ ଏହି ଗାଁର ଛାତ୍ରଛାତ୍ରୀମାନେ ପାଠ ପଢ଼ିବାକୁ ଯାଇଥାନ୍ତି। ବିପଦସଙ୍କୁଳ ଅବସ୍ଥାରେ ବାଉଁଶ ଚାର ପାରି ହେବା ପରେ ଦୁଇ କିମି ଚାଲି ଚାଲି ଯିବାକୁ ପଡ଼ିଥାଏ। ଗାଁଠାରୁ ହାଇସ୍କୁଲର ଦୂରତା ୪ କିଲୋମିଟର। ଗାଁରେ ପାଇଖାନା ନ ଥିବା ବେଳେ କୋଠାଘର ଏଠାରେ ସ୍ୱପ୍ନ। ୫୦ ପରିବାର ପାଇଁ ଗୋଟିଏ ନଳକୂପ ରହିଛି।

## ସ୍କୁଲରେ ବାର୍ଷିକ ଖେଳ ଉତ୍ସବ ପାଳିତ

ଗରଦପୁର, ୧୦।୧୨(ସମିସ): ଦେବ ମହାନ୍ତି ପବ୍ଲିକ ସ୍କୁଲରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଛାତ୍ରଛାତ୍ରୀଙ୍କ ମଧ୍ୟରେ ଗଣିତ ଦୌଡ଼, ବେଲୁନ ଦୌଡ଼, ଲମ୍ବାଡିଆଁ, ବାଲଟିରେ ବଲ୍, ଉଚ୍ଚାଡିଆଁ, ଅଖା ଦୌଡ଼, ଏକଗୋଡ଼ିଆ ଦୌଡ଼, ବେଙ୍ଗଦୌଡ଼ ଆଦି ମନରଞ୍ଜନପୂର୍ଣ୍ଣ ପ୍ରତିଯୋଗିତା ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲା। ମୁଖ୍ୟଅତିଥି ଭାବେ ମନମୋହନ ମିଶ୍ର ଯୋଗଦେଇ ଖେଳ ଜୀବନର ଅଂଶ ବୋଲି କହିଥିଲେ। ଖେଳ ଦୈନନ୍ଦିନ ଜୀବନରେ ଶୃଙ୍ଖଳା, ପରିଶ୍ରମ, ସହଯୋଗକୁ ବିକଶିତ କରିଥାଏ ବୋଲି ଉପଦେଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ସୁଧୀର ଚରଣ ସାମଲ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିବା ସହ ଦୃଢ଼ତା ଓ କ୍ଷମତାର ବିକାଶ ପାଇଁ ଖେଳ ନିତାନ୍ତ ଆବଶ୍ୟକ ବୋଲି କହିଥିଲେ। ବିଦ୍ୟାଳୟ ପକ୍ଷରୁ ଶାଖା ପ୍ରଭାରୀ ବୀରବର ନାୟକ, ବିପିନ କୁମାର ଦାସ, ଖେଳ ଶିକ୍ଷକ ସବେରା ବେଗମ ଓ ପୁଷ୍ପକ ରଥ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ତଦୁପରି ଇନ୍‌ଚାର୍ଜ ସ୍ୱାଗତିକା ଆଚାର୍ଯ୍ୟ, ରୋଜାଲିନ ମହାନ୍ତି, ସ୍ନେହଲତା ରାଉତରାୟ, ଚାନ୍ଦିନୀ ଲେଙ୍କା, ସୋନାଲି ସାମଲ, ସୁପ୍ରିୟା ନାୟକ, ମନସ୍ୱିନୀ ସାମଲ, ଅରଣ୍ୟା ନାୟକ, ଇତିଶ୍ରୀ ବେହେରା, ଅନିଶା ପଣ୍ଡା, ସୁପ୍ରିୟା ଦାସ ସହଯୋଗ କରିଥିଲେ।



## ଅଜଣା ଗାଡ଼ି ଧକ୍କାରେ ବୃଦ୍ଧ ମୃତ

ପଟ୍ଟାମୁଣ୍ଡାଇ, ୧୦।୧୨(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ଆଦର୍ଶ ଥାନ ଅନ୍ତର୍ଗତ ଗୋଗୁଆ ଛକରେ ବୁଧବାର ସନ୍ଧ୍ୟାରେ ଅଜଣା ଗାଡ଼ି ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗୋଗୁଆ ଗ୍ରାମର ସୁଦର୍ଶନ ଜେନା (୭୦)। ସୁଦର୍ଶନ ଚାଲି ଚାଲି ଯାଉଥିବା ବେଳେ କୌଣସି ଗାଡ଼ି ତାଙ୍କୁ ଧକ୍କାଦେଇ ଫେରାର ହୋଇଯାଇଥିଲା। ସ୍ଥାନୀୟ ଲୋକେ ସୁଦର୍ଶନଙ୍କୁ ଉଦ୍ଧାର କରି ପଟ୍ଟାମୁଣ୍ଡାଇ ଉପଖଣ୍ଡ ଡାକ୍ତରଖାନା ପଠାଇଥିଲେ। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଦୁର୍ଘଟଣା ପରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ଲୋକେ ଟାୟାର ଜାଳି ରାସ୍ତାରୋକ କରିଥିଲେ। ଥାନା ଆଇଆଇସି ବନ୍ଦନା ପାତ୍ର, ଅତିରିକ୍ତ ତହସିଲଦାର ଦିଲୀପ ନାଏକ ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ପରେ ସ୍ଥିତି ନିୟନ୍ତ୍ରଣାଧୀନ ହୋଇଥିଲା।

## ମହାବିଦ୍ୟାଳୟରେ ମାନବିକ ଅଧିକାର ଦିବସ ପାଳିତ

ରାଜନଗର, ୧୦।୧୨(ସମିସ): ରାଜନଗରସ୍ଥିତ ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟରେ ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ମାନବିକ ଅଧିକାର ଦିବସ ପାଳନ କରାଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ମେଜର ମନୋରଞ୍ଜନ ମହାନ୍ତି ମୁଖ୍ୟବକ୍ତା ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ବ୍ୟକ୍ତି ଜୀବନରେ ଅଧିକାର ଏବଂ କର୍ତ୍ତବ୍ୟର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଛାତ୍ରୀ ସ୍ୱର୍ଣ୍ଣଲତା ଦାସ ମାନବ ଅଧିକାରର ପ୍ରସ୍ତାବନା ପାଠ କରିଥିଲେ। ଅଧ୍ୟାପକ ପ୍ରତାପ କୁମାର ସ୍ୱାଇଁ ମାନବିକ ଅଧିକାରର ବିକାଶ, ଲକ୍ଷଣ ଏବଂ ପ୍ରାକୃତିକ ଅଧିକାର ଯଥା ବ୍ୟକ୍ତି ବଞ୍ଚିବାର ଅଧିକାର, ସ୍ୱତନ୍ତ୍ରତା ଅଧିକାର ଓ ସମ୍ପତ୍ତିଗତ ଅଧିକାର ଉପରେ ଆଲୋଚନା କରିଥିଲେ। ଅଧ୍ୟାପକ ଡ. ଆଲୋକ ବେହେରା ମାନବିକ ଅଧିକାର ଦିବସର ଗୁରୁତ୍ୱ ବୁଝାଇଥିଲେ। ଅଧ୍ୟାପକ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

## କୁଇନି ଜେନା କେନ୍ଦ୍ରାପଡ଼ାର ନୂଆ ତହସିଲଦାର

କେନ୍ଦ୍ରାପଡ଼ା, ୧୦।୧୨(ସମିସ): କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଡେପୁଟୀ କଲେକ୍ଟର ଭାବେ କାର୍ଯ୍ୟରତ କୁଇନି ଜେନାଙ୍କୁ ରାଜ୍ୟ ସରକାର କେନ୍ଦ୍ରାପଡ଼ା ତହସିଲଦାର ଭାବେ ନିଯୁକ୍ତି ପ୍ରଦାନ କରିଛନ୍ତି। ଦୀର୍ଘଦିନ ଧରି ଖାଲି ପଡ଼ିଥିବା ଏହି ଗୁରୁତ୍ୱପୂର୍ଣ୍ଣ ପଦରେ ତାଙ୍କ ନିଯୁକ୍ତି ହୋଇଥିବାରୁ ଲୋକଙ୍କ ମଧ୍ୟରେ ଉତ୍ସାହ ପ୍ରକାଶ ପାଇଛି। ଏକାଧିକ ସମ୍ବେଦନଶୀଳ ଓ ପ୍ରାଶାସନିକ ଶାଖା ପରିଚାଳନାରେ ଦୀର୍ଘ ୨ ବର୍ଷ ଧରି ସଂସ୍ଥା, ରାଜସ୍ୱ, ଜମି ଅଧିଗ୍ରହଣ ଓ ଜରୁରୀକାଳୀନ ଉପବିଭାଗର ଡେପୁଟୀ କଲେକ୍ଟର ଭାବେ ସେ ଦକ୍ଷତାର ସହିତ କାର୍ଯ୍ୟ କରିଛନ୍ତି। ବିଶେଷକରି ମହାକାଳପଡ଼ାରେ ନିପ୍ପନ ଷ୍ଟିଲ ପାଇଁ ଜମି ଅଧିଗ୍ରହଣ କାର୍ଯ୍ୟରେ ଭୂଅର୍ଜନ ଅଧିକାରୀ ଭାବେ ତାଙ୍କ ଭୂମିକା ପ୍ରଶଂସନୀୟ ହୋଇଛି। କେନ୍ଦ୍ରାପଡ଼ାର ପୂର୍ବତନ ତହସିଲଦାର ପଦୋନ୍ନତି ପାଇ ବଦଳି ହେବା ପରେ ଏହି ପଦ ଦୀର୍ଘଦିନ ଧରି ଖାଲି ଥିଲା। କୁଇନିଙ୍କୁ ଏହି ପଦରେ ଅବସ୍ଥାପିତ କରାଯାଇଛି। ଏହିସହ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଡେପୁଟୀ କଲେକ୍ଟର ଓ ଭାରପ୍ରାପ୍ତ କେନ୍ଦ୍ରାପଡ଼ା ତହସିଲଦାର ରବିନାରାୟଣ ଆଚାର୍ଯ୍ୟଙ୍କୁ ମହାକାଳପଡ଼ା ତହସିଲଦାର ଭାବେ ନିଯୁକ୍ତି ଦିଆଯାଇଛି। ଗେଲ୍ ଇଣ୍ଡିଆ ଲିମିଟେଡର ଓଏସଡି ବିଦ୍ୟାରଶ୍ମି ସାହୁଙ୍କୁ କେନ୍ଦ୍ରାପଡ଼ା ଜିଲ୍ଲା ଉପନିବନ୍ଧକ (ଡିଏସଆର) ଭାବେ ନିଯୁକ୍ତ କରାଯାଇଛି।

## ସଂସ୍କୃତ ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉଦ୍‌ଘାଟିତ



ରାଜନଗର, ୧୦।୧୨(ସମିସ): ରାଜନଗର ବ୍ଲକ ସଦର ମହକୁମାସ୍ଥିତ ଶୈଳେନ୍ଦ୍ରନାରାୟଣ ସଂସ୍କୃତ ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ ହୋଇଛି। ଅନୁଷ୍ଠାନ ଅଧ୍ୟକ୍ଷ ଡ. ଘନଶ୍ୟାମ ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବ ପ୍ରାରମ୍ଭରେ ଛାତ୍ରଛାତ୍ରୀମାନେ ରାଘବେଶ୍ୱର ମନ୍ଦିର ପ୍ରାଙ୍ଗଣରୁ ମଶାଲ ଶୋଭାଯାତ୍ରା କରି ଅନୁଷ୍ଠାନ ପରିସରରେ ପହଞ୍ଚିଥିଲେ। ମୁଖ୍ୟଅତିଥି ଭାବେ ଅନୁଷ୍ଠାନର ପ୍ରାକ୍ତନ ଅଧ୍ୟକ୍ଷ ଅକ୍ଷୟକୁମାର ମିଶ୍ର, ମୁଖ୍ୟବକ୍ତା ଭାବେ ଯୁକେ ମହାବୀର ମହାବିଦ୍ୟାଳୟର କ୍ରୀଡ଼ା ଅଧ୍ୟାପକ ସୁଧୀର କୁମାର ବେହେରା ଯୋଗଦେଇ କ୍ରୀଡ଼ା ପତକା ଉତ୍ତୋଳନ କରିଥିଲେ। ଶହେ ମିଟର, ଦୁଇଶହ ମିଟର ଦୌଡ଼, ଉଚ୍ଚ ଓ ଲମ୍ବଡିଆଁ, ସଟପୁଟ ଏବଂ ଡିସକସ ଥ୍ରୋ ପ୍ରତିଯୋଗିତା ହୋଇଥିଲା। ଅଧ୍ୟାପିକା ତନୁଶ୍ରୀ ମିଶ୍ର, ଅଧ୍ୟାପକ ନୀହାର ରଞ୍ଜନ ପରିଡ଼ା, ଆଦିତ୍ୟ ତ୍ରିପାଠୀ, ଅରୁଣକୁମାର ରାଉତ, ସାମ୍ବାଦିକ ଅଭିରାମ ଦାସ, ଜଗବନ୍ଧୁ ବେହେରା, ରବିନାରାୟଣ ଦାସ, ଦୟାନିଧି ସାହୁ ପ୍ରମୁଖ କ୍ରୀଡ଼ା ପରିଚାଳନା କରିଥିଲେ।

# ଜନ୍ମବେଦିରେ ଶ୍ରୀମଦ୍ ବାୟାବାବାଙ୍କ ଜୟନ୍ତୀ ପାଳିତ

ରାଜନଗର, ୧୦।୧୨(ସମିସ)

ବିଶ୍ୱଗୁରୁ ନାମାଚାର୍ଯ୍ୟ ଶ୍ରୀମଦ୍ ବାୟାବାବାଙ୍କ ଜନ୍ମମାଟି କେରେଡ଼ାଗଡ଼ରେ ୧୨୮ତମ ଜୟନ୍ତୀ ଉତ୍ସବ ପାଳନ କରାଯାଇଛି। ସନାତନ ଧର୍ମର ଅନ୍ୟତମ ପରିବ୍ରାଜକ ତଥା କଳିଯୁଗର ମହାମନ୍ତ୍ର ନାମକୁ ଭାରତର ବିଭିନ୍ନ ସ୍ଥାନରେ ପ୍ରଚାର ପ୍ରସାର କରି କାଳଜୟୀ ହୋଇପାରିଥିବା ଶ୍ରୀମଦ୍ ବାୟାବାବାଙ୍କ ଜୟନ୍ତୀ ସମାରୋହ ଶ୍ରୀଶ୍ରୀକଳ୍ପତରୁ ସଚିନନ୍ଦନ ଟ୍ରଷ୍ଟ ସେବାସଂଘ ଓ ଜନ୍ମପୀଠ ଶାଖାରେ ପାଳନ କରାଯାଇଛି। ପ୍ରତ୍ୟୁଷରୁ ବାବାଙ୍କ ପ୍ରତିମୂର୍ତ୍ତିକୁ ପୁଷ୍ପରେ ସୁସଜ୍ଜିତ କରାଯିବା ସହିତ ଧୂପ, ଦୀପ, ନୈବେଦ୍ୟ ଅର୍ପଣ କରାଯାଇଥିଲା। ପୂର୍ବାହ୍ନ ୯ଟାରେ ବାବାଙ୍କୁ ୧୦୮ କଳସ ଜଳରେ ମହାସ୍ନାନ କରାଯାଇଥିଲା। ଜନ୍ମମାଟି ଶାଖା କାର୍ଯ୍ୟକାରୀ ସଭାପତି ପ୍ରଦୀପ କୁମାର ବିଶ୍ୱାଳ, ସମ୍ପାଦକ କପିଳଚନ୍ଦ୍ର ଦାସ ପ୍ରମୁଖ ଗୁରୁ ଭାଇମାନେ ଉତ୍ସବ ପରିଚାଳନା କରିଥିଲେ। ସେହିପରି ରାଜନଗର ବ୍ଲକ ମହିଁଷାସୁରସ୍ଥିତ ବାୟାବାବାଙ୍କ ସେବାଶ୍ରମ ଓ ଗୁଲୁଦିଆ ସେବାଶ୍ରମରେ ଜନ୍ମ



ମହୋତ୍ସବ ପାଳନ କରାଯାଇଛି। ମଙ୍ଗଳବାର ବାୟାବାବାଙ୍କ ବିଗ୍ରହକୁ ସୁସଜ୍ଜିତ ରଥରେ ସ୍ଥାପନ କରାଯାଇ ରାଜନଗର, ସାନବଡ଼ଗୋପାଳପୁର, ମହିଁଷାସୁର, ଗୁଲୁଦିଆ, ଚଣ୍ଡିଆପଲ୍ଲୀ ଗାଁ ପରିକ୍ରମା କରାଯାଇ ଗୁଲୁଦିଆ ଓ ଚଣ୍ଡିଆପଲ୍ଲୀ ମଧ୍ୟସ୍ଥଳରେ ସ୍ଥାପନ କରାଯାଇଥିଲା। ସନ୍ଧ୍ୟାରେ ଶ୍ରଦ୍ଧାଳୁମାନେ ବାବାଙ୍କ ପ୍ରିୟ ଭଜନ ଚତୁର୍ଥ ପ୍ରହର ନାମ ସଂକୀର୍ତ୍ତନ ଗାନ କରିଥିଲେ। ବୁଧବାର ପୂର୍ବାହ୍ନ ୯ଟାରେ ବାବାଙ୍କ ମହାଭିଷେକ, ୧୧ଟାରେ ଗୋପାଳ ସହସ୍ରନାମ, ପାରାୟଣ, ଶ୍ରୀ ଶାସ୍ତ୍ର ପାରାୟଣ, ପ୍ରସାଦ ସେବନ, ସନ୍ଧ୍ୟା ୬ଟାରେ ନାମଯଜ୍ଞ ସମାପନ ଓ ନଗରକୀର୍ତ୍ତନ, ୭ଟାରେ ସତ୍ୟନାରାୟଣ ପୋଥିପାଲା, ଭଜନ, ଗୁରୁବନ୍ଦନା ଓ ପୁଷ୍ପାଞ୍ଜଳି ଅର୍ପଣ କରାଯାଇଥିଲା। ସଂଘ ସମ୍ପାଦକ ସନାତନ ନାୟିକ, ସର୍ବେଶ୍ୱର ବିଶ୍ୱାଳ, ବ୍ରହ୍ମାନନ୍ଦ ବିଶ୍ୱାଳ, ଗଣେଶ୍ୱର ପ୍ରଧାନ, ନିତ୍ୟାନନ୍ଦ ସାହୁ, ଚିତ୍ତରଞ୍ଜନ ସାହୁ, ମହେଶ୍ୱର ବାରିକ, ସରୋଜ ବିଶ୍ୱାଳ, ଜ୍ୟୋତିବ୍ରତ ନାୟକ, ଅକ୍ଷୟ କୁମାର ନାୟକ, ଅମର କୁମାର ଜେନା, ମହେନ୍ଦ୍ର କୁମାର ନାୟକ, ଦିବ୍ୟରଞ୍ଜନ ସାହୁ, ରଞ୍ଜନ କୁମାର ପ୍ରଧାନ, ଅଲେଖ କୁମାର ପରିଡ଼ା ପ୍ରମୁଖ ସହଯୋଗ କରିଥିଲେ।

# ବାଲି ଚୋରି ନେଇ ବିଧାନସଭାରେ ଉଦ୍‌ବେଗ ପ୍ରକାଶ କଲେ ପାଟକୁରା ବିଧାୟକ

ଡେରାବିଶ, ୧୦।୧୨(ସମିସ): ଏ ଦଶନ୍ଧିର ସବୁଠାରୁ ବଡ଼ ସମସ୍ୟା ହେଲା ବାଲି ମାଫିଆଙ୍କ ବାଲି ଚୋରି ବୋଲି କହି ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ବିଧାନସଭା ପ୍ରଶ୍ନକାଳରେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ତୁରନ୍ତ ବାଲି ଚୋରି ରୋକିବା ସହ ବାଲିଘାଟଗୁଡ଼ିକୁ ନିଲାମ କରିବାକୁ ବିଧାୟକ ମହାପାତ୍ର ଦାବି କରିଛନ୍ତି।

ପାଟକୁରା ନିର୍ବାଚନ ମଣ୍ଡଳୀ ଅଧୀନ ଡେରାବିଶ ବ୍ଲକ ଅଞ୍ଚଳ ଦେଇ ବୋହିଯାଇଛି ଲୁଣା, କରାଣ୍ଡିଆ ଓ ବିରୁପା ନଦୀ। ଏହି ନଦୀରେ ପ୍ରଚୁର ପରିମାଣରେ ମଧୁର ବାଲି ମିଳିଥାଏ। ନଦୀର ବାଲି ସୈରାତଗୁଡ଼ିକ ଏବେ ସରକାରଙ୍କ ଖଣି ବିଭାଗ ଅଧୀନରେ ଥିବା ବେଳେ ସରକାରୀ ଭାବେ ନିଲାମ ହୋଇ ନ ପାରିବାରୁ ବାଲି ମାଫିଆଙ୍କ ଲୋଲୁପ ଦୃଷ୍ଟି ଏବେ ଏହି ବାଲିଘାଟଗୁଡ଼ିକ ଉପରେ ପଡ଼ିଛି। ଖଣି ଅଧିକାରୀ ଓ ପୁଲିସର ଦୃଷ୍ଟି ଆଢ଼ୁଆଳରେ ମାଫିଆମାନେ ରାତି ଅଧରେ ଜେସିବି ଓ ହାଇୱା ଲଗାଇ ବାଲି ଲୁଟ୍ କରି ସରକାରଙ୍କ ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ହାନି ଘଟାଉଛନ୍ତି। ଅନ୍ୟପଟେ ଏହି ବାଲିଘାଟ ପାଇଁ ଏବେ ଡେରାବିଶ ବ୍ଲକ ଅଞ୍ଚଳ ଆଶାନ୍ତ ହେବାରେ ଲାଗିଛି। ପ୍ରତ୍ୟେକ ବାଲିଘାଟକୁ ବିଭିନ୍ନ ଗୋଷ୍ଠୀ, ଅସାଧୁ ଲୋକ ନିଜ ଅକ୍ତିଆରକୁ ନେବା ପାଇଁ ପ୍ରତିଯୋଗିତା କରୁଥିବା ବେଳେ ବିଭିନ୍ନ ବାଲି ଘାଟରେ ମାରଣାସ୍ତ୍ରଧାରୀ ମାଫିଆମାନେ ପଇଁତରା ମାରୁଛନ୍ତି। ଏପରିକି ଗତ ସପ୍ତାହରେ ମଙ୍ଗଳପୁର ବାଲିଘାଟରେ କିଛି ବନ୍ଧୁକଧାରୀଙ୍କ ଆତଙ୍କରାଜ ଏହାର ଏକ ଉଦାହରଣ ମାତ୍ର। ବିରୁପା ନଦୀର ବିଭିନ୍ନ ଘାଟରୁ ଏବେ ବାଲି ମାଫିଆମାନେ ରାତିଅଧରେ ବାଲି ଉଠାଇ ଗ୍ରାମାଞ୍ଚଳର ରାସ୍ତାଘାଟ ନଷ୍ଟ କରୁଥିବା ବେଳେ ସ୍ଥାନୀୟ ଅଞ୍ଚଳରେ ଅଶାନ୍ତ ବାତାବରଣ ସୃଷ୍ଟି ହେଉଛି। ତେଣୁ ତୁରନ୍ତ ବାଲିଘାଟଗୁଡ଼ିକୁ ସରକାରୀ ଭାବେ ନିଲାମ କରି ଲୋକଙ୍କୁ ସୁଲଭ ମୂଲ୍ୟରେ ବାଲି ଯୋଗାଇଦେବା ସହ ଅଞ୍ଚଳରେ ଶାନ୍ତ ବାତାବରଣ ଫେରାଇ ଆଣିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ବନ୍ଧବାହାଲ ଧନୁଯାତ୍ରା ପାଇଁ କଂସ ନିମନ୍ତ୍ରଣ

## ତୃତୀୟ ଥର ପାଇଁ ରବୀନ୍ଦ୍ର ସାହୁ କଂସ

ଇବଥର୍ମାଲ, ୧୦।୧୨(ସମିସ)



ଝାରସୁଗୁଡ଼ା ଜିଲ୍ଲା ବନ୍ଧବାହାଲ ୧୯ ତମ ଆଞ୍ଚଳିକ ଧନୁଯାତ୍ରା ସକାଶେ ବୁଧବାର ମହାରାଜା କଂସ ଭୂମିକାରେ ଅଭିନୟ କରିବାକୁ ବିଧିମତେ କଂସ ନିମନ୍ତ୍ରଣ ସମ୍ପନ୍ନ ହୋଇଛି। ଚଳିତ ଥର ବଲାଙ୍ଗିର ଜିଲ୍ଲା ଲୁଇସିଂହା ନିବାସୀ ତଥା ପଶ୍ଚିମ ଓଡ଼ିଶାରେ କଂସ ଭୂମିକାରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା କଳାକାର ରବୀନ୍ଦ୍ର ସାହୁଙ୍କୁ ବନ୍ଧବାହାଲ ଧନୁଯାତ୍ରା ସକାଶେ କଂସ ରୂପେ ନିମନ୍ତ୍ରଣ କରାଯାଇଛି ଏବଂ ତାଙ୍କ ଦଳ ଧନୁଯାତ୍ରାରେ ସମସ୍ତ ଅଭିନୟ କରିବେ ବୋଲି ଧାର୍ଯ୍ୟ କରାଯାଇଛି। ଗତ ଦୁଇବର୍ଷ ହେଲା ଶ୍ରୀ ସାହୁ ଏଠାରେ କଂସ ଭୂମିକାରେ ଅଭିନୟ କରି ପ୍ରଶଂସା ସାଉଁଟିଛନ୍ତି। ଆଜି ଧନୁଯାତ୍ରା କମିଟି ସାଧାରଣ ସମ୍ପାଦକ ପ୍ରେମାନନ୍ଦ ସାହୁଙ୍କ ନେତୃତ୍ୱରେ ବରିଷ୍ଠ ସଦସ୍ୟ ମହେନ୍ଦ୍ର କଣ୍ଟା, ରବୀନ୍ଦ୍ର ସିଂହ, ତେଜରାଜ ବହିଦାର, ଚିତ୍ତରଞ୍ଜନ ପଣ୍ଡା, ସରୋଜ ସାହୁ, ଭଗବାନ ଓରାମ, ବିଜୟ ମୁଣ୍ଡା, ଭଗବାନ ଭୋଇ ପ୍ରମୁଖ ଶ୍ରୀ ସାହୁଙ୍କ ଲୁଇସିଂହା ବାସଭବନରେ ପହଞ୍ଚିଥିଲେ। ଆସନ୍ତା ଡିସେମ୍ବର ୨୮ରୁ ଜାନୁଆରୀ ୩ ପର୍ଯ୍ୟନ୍ତ ହେବାକୁ ଥିବା ଖୋଲା ରଙ୍ଗମଞ୍ଚ ଧନୁଯାତ୍ରା ପାଇଁ ବିଧିବଦ୍ଧ ଚୁକ୍ତି ସହ ନିମନ୍ତ୍ରଣ କରିଥିଲେ। ଶ୍ରୀ ସାହୁ ମଧ୍ୟ ନିମନ୍ତ୍ରଣ ସ୍ୱୀକାର କରିଛନ୍ତି। ବିଗତ ବର୍ଷ ମାନଙ୍କରେ ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରା ଲଗ୍ନ ସହ ବନ୍ଧବାହାଲ ଧନୁଯାତ୍ରା ଅନୁଷ୍ଠିତ ହୋଇଆସୁଛି। ବରଗଡ଼ ଧନୁଯାତ୍ରାରେ ଅଭିନୟ କରିଥିବା ଭୁବନେଶ୍ୱର ପ୍ରଧାନ, ହୃଷୀକେଶ ଭୋଇ ଓ ଚଳିତ ଥର ବରଗଡ଼ ଧନୁଯାତ୍ରାରେ କଂସ ଚରିତ୍ର ପାଇଁ ମନୋନୀତ ହୋଇଥିବା ସୁଶିଲ ମେହେର ବନ୍ଧବାହାଲ ଧନୁଯାତ୍ରାରେ କଂସ ଅଭିନୟ କରିସାରିଛନ୍ତି।

# ନୂଆଗାଁରେ ଆର୍‌ଏସ୍‌ପିର ବହୁମୁଖୀ ସ୍ୱାସ୍ଥ୍ୟଶିବିର

ରାଉରକେଲା, ୧୦।୧୨(ସମିସ): ରାଉରକେଲା ଇସ୍ପାତ କାରଖାନା(ଆର୍‌ଏସ୍‌ପି) ଦ୍ୱାରା ନୂଆଗାଁ ବ୍ଲକର ଫୁଲଝର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏକ ବହୁମୁଖୀ ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଥିଲା। ଆର୍‌ଏସ୍‌ପିର କର୍ପୋରେଟ ସାମାଜିକ ଦାୟିତ୍ୱ ବିଭାଗ ଦ୍ୱାରା ଚିକିତ୍ସା ଓ ସ୍ୱାସ୍ଥ୍ୟ ସେବା ବିଭାଗର ସହଯୋଗରେ ଆୟୋଜିତ ଏହି ସ୍ୱାସ୍ଥ୍ୟ ଶିବିରରେ ଚିକିତ୍ସା ଓ ସ୍ୱାସ୍ଥ୍ୟ ସେବା ବିଭାଗର ସିଏମଓ ଇନ୍‌ଚାର୍ଜ ଡାକ୍ତର ଜୟନ୍ତ କୁମାର ଆଚାର୍ଯ୍ୟ, ସିଏସଆର ବିଭାଗର ଜିଏମ୍ ଇନ୍‌ଚାର୍ଜ ସୁଶ୍ରୀ ମୁନମୁନ ମିତ୍ରା, ଜିଏମ୍ ବିଭାବସୁ ମଲ୍ଲିକ, ଡିଜିଏମ୍ ଆର୍‌ଏସ୍ ବାରା ଓ ଟିବି ଟପ୍ପୋ, ଏଜିଏମ୍ ବି. ଜେନା, ଡେପୁଟି ମ୍ୟାନେଜର ଏସ୍‌କେ ସୁକୁଲା, ସିଏସ୍‌ଆର ବିଭାଗର ଅନ୍ୟ ଅଧିକାରୀମାନେ ଶିବିର ପରିଦର୍ଶନ କରିବା ସହିତ ଗ୍ରାମବାସୀଙ୍କ ସହ ମତବିନିମୟ କରିଥିଲେ। ଆରଏସପିର ଚିକିତ୍ସକ ଦଳ ଶଲ୍ୟ ବିଭାଗର ଡାକ୍ତର ଜ୍ୟୋତି ରଞ୍ଜନ ସାହୁ, ସ୍ତ୍ରୀ ଓ ପ୍ରସୂତି ବିଭାଗର ଡାକ୍ତର ବିଏସ୍ ରାୟଚୌଧୁରୀ, ମେଡିସିନ ବିଭାଗର ଡାକ୍ତର ଦେବାଶିଷ ରାୟ, ଚକ୍ଷୁ ରୋଗ ବିଭାଗର ଡାକ୍ତର ଅନିନ୍ଦିତା ଦେବତା, ଶିଶୁ ରୋଗ ବିଭାଗର ଡାକ୍ତର ଅଭିଲାଷ ସାହୁ, ଚକ୍ଷୁ ରୋଗ ବିଭାଗର ଡାକ୍ତର ଗୀତାଂଶ ସାଇନି ରୋଗୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ସିପିଏସ୍‌କେ ଶ୍ରୀ ଲିଙ୍ଗରାଜ, ଫର୍ମାଶିଷ୍ଟ ସୁଶ୍ରୀ ବନିତା ଜାଲି, ସୁଶ୍ରୀ ପୂର୍ଣ୍ଣିମା ଠାକୁର ଓ ସିଏସଆର କୋଅର୍ଡିନେଟର ବିକେ ମହାପାତ୍ର ଚିକିତ୍ସକ ଦଳଙ୍କୁ ସହଯୋଗ କରିଥିଲେ। ଶିବିରରେ ପ୍ରାୟ




୨୩୩ ରୋଗୀଙ୍କୁ ପରୀକ୍ଷା କରାଯାଇ ମାଗଣା ଔଷଧ ଏବଂ ପରାମର୍ଶ ଦିଆଯାଇଥିଲା। ଏହା ବ୍ୟତୀତ ବିଭିନ୍ନ ସିଏସ୍‌ଆର୍ ଯୋଜନା ଅନ୍ତର୍ଗତ ଇସ୍ପାତ ଜେନେରାଲ୍ ହସ୍ପିଟାଲରେ ଅଧିକ ଚିକିତ୍ସା ପାଇଁ ୧୨ ଜଣ ରୋଗୀଙ୍କୁ ଚିହ୍ନଟ କରାଯାଇଥିଲା।

# ଭାରତୀୟ ଭାଷା ଦିବସ



ଝାରସୁଗୁଡ଼ା, ୧୦।୧୨(ସମିସ): ବ୍ରଜରାଜନଗର ସରସ୍ୱତୀ ଶିଶୁ ମନ୍ଦିରରେ ଭାରତୀୟ ଭାଷା ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ଭାଷା ଉପରେ ଅନେକ ନାଟକ ପ୍ରଦର୍ଶନ ଏବଂ ଭାଷାକୁ ନେଇ ଅନେକ କବିତା ପଠନ କରାଯାଇଥିଲା। ଶେଷରେ ପରିଚାଳନା କମିଟିର ସଭାପତି ଗୋବିନ୍ଦ ସିଂହ, ସମ୍ପାଦକ ସୁଧୀର ନାଏକ, ଯୁଗ୍ମ ସମ୍ପାଦକ ବିଜୟ ସାହୁ, ଉପ ସଭାପତି ରାଧେଶ୍ୟାମ ଶର୍ମା, କୋଷାଧ୍ୟକ୍ଷ ଭବାନୀ କୁଅଁର ପ୍ରମୁଖ ଛାତ୍ରଛାତ୍ରୀଙ୍କୁ ସାର୍ଟିଫିକେଟ ସହ ପୁରସ୍କାର ବିତରଣ କରିଥିଲେ। କାର୍ଯ୍ୟକ୍ରମ ପ୍ରଧାନଆଚାର୍ଯ୍ୟ ଯୋଗେନ୍ଦ୍ର ନାଥ ଠାକୁରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା। ଏଥିରେ ପୁଷ୍ପା ଜସ୍ୱାଲ୍, ଅରୁଣ ଖର୍ସେଲ, ଦିନେଶ ଯାଦବ, ଅରୁଣ ସାହୁ ଓ ଅନେକ ଗୁରୁଜୀ ଗୁରୁମା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଏମ୍‌ସିଏଲ୍ ଇଣ୍ଟର୍ ଏରିଆ ଭଲିବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ଇବଥର୍ମାଲ, ୧୦।୧୨(ସମିସ): ଏମ୍‌ସିଏଲ୍ ଇଣ୍ଟର୍ ଏରିଆ ଭଲିବଲ ଟୁର୍ଣ୍ଣାମେଣ୍ଟ ୨୦୨୫-୨୬ ଆୟୋଜକ ଲଖନପୁର କୋଇଲା କ୍ଷେତ୍ର ପକ୍ଷରୁ ଉଦ୍‌ଘାଟିତ ହୋଇଯାଇଛି। ବନ୍ଧବାହାଲ ଓଡ଼ିଆ ସ୍କୁଲ ପଡ଼ିଆରେ ଅନୁଷ୍ଠିତ ଟୁର୍ଣ୍ଣାମେଣ୍ଟକୁ ଏମ୍‌ସିଏଲ୍ ଖେଳ ପତାକା ଉତ୍ତୋଳନ କରି ଲଖନପୁର କୋଇଲା କ୍ଷେତ୍ର ମହାପ୍ରବନ୍ଧକ ଅୱଦ କିଶୋର ପାଣ୍ଡେ ଖେଳର ଉଦ୍‌ଘାଟନ କରିଥିଲେ। ଟୁର୍ଣ୍ଣାମେଣ୍ଟରେ ଏମ୍‌ସିଏଲ୍ ଅଧୀନ ୧୪ଟି କୋଇଲା



କ୍ଷେତ୍ର ଯୋଗ ଦେଇଥିବା ବେଳେ ୨୫୦ଜଣ ଖେଳାଳି ଯୋଗ ଦେଇଛନ୍ତି। ଏହା ଆଜିଠାରୁ ୧୨ ତାରିଖ ପର୍ଯ୍ୟନ୍ତ ୩ଦିନ ଧରି ଚାଲିବ। ୧୪ଟି ଦଳକୁ ମୋଟ ୪ଟି ଗ୍ରୁପ୍ କରାଯାଇ ଖେଳ ହେବ। ପ୍ରତ୍ୟେକ ଗ୍ରୁପ୍ ଚାମ୍ପିଅନ ସେମିଫାଇନାଲ ଖେଳିବେ। ଆଜି ଉଦ୍‌ଘାଟନୀ ମ୍ୟାଚ୍ ଆୟୋଜକ ଲଖନପୁର କୋଇଲା କ୍ଷେତ୍ର ଦଳ ବନାମ ଏମସିଏଲ୍ ହେଡକ୍ୱାର୍ଟର ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଲଖନପୁର କୋଇଲା କ୍ଷେତ୍ର ଦଳ ବିଜୟୀ ହୋଇଥିଲା। ଉଦ୍‌ଘାଟନୀ ଉତ୍ସବରେ କୋଇଲା କ୍ଷେତ୍ର ବରିଷ୍ଠ ଅଧିକାରୀ ସମେତ ସମସ୍ତ ଶ୍ରମିକ ସଂଗଠନର ଜେସିସି ମେମ୍ବର, ମୁଖ୍ୟ କାର୍ଯ୍ୟାଳୟ ୟୁନିୟନର ପ୍ରତିନିଧି ଗଣ ଉପସ୍ଥିତ ଥିଲେ।

# ହୃଦ୍‌ଘାତରେ ସମାଜସେବୀଙ୍କ ପରଲୋକ



ଝାରସୁଗୁଡ଼ା, ୧୦।୧୨(ସମିସ): ଝାରସୁଗୁଡ଼ା ସହରର ସମାଜସେବୀ ତଥା ବିଜେଡି ଦଳର ସକ୍ରିୟ ସଦସ୍ୟ ସିଦ୍ଧାର୍ଥ ସରକାର (୫୮)ଙ୍କ ହୃଦଘାତରେ ଝାରସୁଗୁଡ଼ା ସ୍ଥିତ ବାସ ଭବନରେ ପରଲୋକ ହୋଇଯାଇଛି। ସରକାର ଜଣେ ବରିଷ୍ଠ ଜୀବନ ବୀମା ଅଭିକର୍ତ୍ତା ଥିବା ବେଳେ ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ସ୍ୱର୍ଗତ ନବ ଦାସଙ୍କ ଅତ୍ୟନ୍ତ ଅନୁଗତ ଥିଲେ। ତାଙ୍କର ଏକମାତ୍ର ପୁତ୍ର ଓଡ଼ିଶା ବାହାରେ ଥିବାରୁ ସେ ବୁଧବାର ସନ୍ଧ୍ୟାରେ ଝାରସୁଗୁଡ଼ାରେ ପହଞ୍ଚିବା ପରେ ଗୁରୁବାର ବୁରୋମାଲ ଶ୍ମଶାନରେ ସରକାରଙ୍କ ଅନ୍ତିମ ସଂସ୍କାର କରାଯିବ। ସିଦ୍ଧାର୍ଥ ସରକାରଙ୍କ ପରଲୋକରେ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ, ପୂର୍ବତନ ବିଧାୟିକା ଅଳକା ମହାନ୍ତି ଓ ଦୀପାଳୀ ଦାସ, ଝାରସୁଗୁଡ଼ା ପୌର ପରିଷଦ ଉପାଧ୍ୟକ୍ଷ ବେଣୁ ଗୋପାଳ ପାଣିଗ୍ରାହୀ, ଯୁବନେତା ଦୁର୍ଗେଶ ମହାନ୍ତିଙ୍କ ସହିତ ଝାରସୁଗୁଡ଼ାର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଗଭୀର ଶୋକ ପ୍ରକାଶ କରିଛନ୍ତି।

# ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା ଯୋଜନାର ନୂତନ କାର୍ଡ ପ୍ରଦାନ

ଝାରସୁଗୁଡ଼ା, ୧୦।୧୨(ସମିସ): ଜିଲ୍ଲା କାର୍ଯ୍ୟାଳୟଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ଜିଲ୍ଲାର ୬୧ ଜଣ କର୍ମଜୀବୀ ସାମ୍ବାଦିକଙ୍କୁ 'ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା ଯୋଜନା'ର ନୂତନ ସ୍ୱାସ୍ଥ୍ୟ ବୀମା କାର୍ଡ ପ୍ରଦାନ କରିଛନ୍ତି। ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଭାବେ ସାଧାରଣ ଲୋକ ଏବଂ ସରକାରଙ୍କ ମଧ୍ୟରେ ଏକ ସେତୁ ଭାବେ ଗଣମାଧ୍ୟମ କାର୍ଯ୍ୟ କରୁଥିବା ଉଲ୍ଲେଖ କରି ଜିଲ୍ଲାପାଳ ଝାରସୁଗୁଡ଼ାର ବିଭିନ୍ନ ସମସ୍ୟା, ଉନ୍ନୟନମୂଳକ କାର୍ଯ୍ୟର ଅଭାବ କିମ୍ବା ସାମାଜିକ ବିଷୟବସ୍ତୁକୁ ନିର୍ଭୀକ ଭାବେ ଲୋକଲୋଚନକୁ ଆଣିବାରେ ସାମ୍ବାଦିକମାନଙ୍କ ଭୂମିକା ଅତୁଳନୀୟ ବୋଲି କହିଛନ୍ତି। ଓଡ଼ିଶା ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ 'ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା ଯୋଜନା' ରାଜ୍ୟର କର୍ମଜୀବୀ ସାମ୍ବାଦିକ ଏବଂ ସେମାନଙ୍କ ପରିବାର ବର୍ଗଙ୍କୁ ସ୍ୱାସ୍ଥ୍ୟ ସୁରକ୍ଷା ଯୋଗାଇ ଆସୁଛି। ଏହି ଯୋଜନା ରାଜ୍ୟରେ ସାମ୍ବାଦିକମାନଙ୍କ କଲ୍ୟାଣ ଏବଂ ସେମାନଙ୍କ ସ୍ୱାସ୍ଥ୍ୟଗତ ଆବଶ୍ୟକତାକୁ ଦୃଷ୍ଟିରେ ରଖି କାର୍ଯ୍ୟକାରୀ କରାଯାଇଛି। ଓଡ଼ିଶା ସରକାର ସ୍ୱୀକୃତିପ୍ରାପ୍ତ କର୍ମଜୀବୀ ସାମ୍ବାଦିକମାନଙ୍କୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରିଛନ୍ତି। ସେମାନଙ୍କୁ ବୀମା କାର୍ଡ ପ୍ରଦାନ



କରାଯାଉଛି। ଏହା ମାଧ୍ୟମରେ ସେମାନେ ବୀମା ରାଶିର ସ୍ୱାସ୍ଥ୍ୟ ସୁବିଧା ଉଠାଇ ପାରୁଛନ୍ତି। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଏହି କାର୍ଯ୍ୟକ୍ରମର ପରିଚାଳନା କରିଥିଲା।

# ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ମାନବାଧିକାର ଦିବସ

ଝାରସୁଗୁଡ଼ା, ୧୦।୧୨(ସମିସ): ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ଜିଲ୍ଲା ଓ ଦୌରାଜଜ ତଥା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର




ଅଧ୍ୟକ୍ଷ ପ୍ରଶାନ୍ତ ନାୟକଙ୍କ ନିର୍ଦ୍ଦେଶ କ୍ରମେ ସ୍ଥାନୀୟ ମଙ୍ଗଳ ବଜାର ସ୍ଥିତ ଟାଉନ ଉଚ୍ଚ ବିଦ୍ୟାଳୟ ଝାରସୁଗୁଡ଼ା ଠାରେ ମାନବାଧିକାର ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଏକ ବକ୍ତୃତା ପ୍ରତିଯୋଗିତା ବିଦ୍ୟାଳୟର ଛାତ୍ର ମାନଙ୍କ ମଧ୍ୟରେ ଆୟୋଜିତ ହୋଇଥିଲା। ପରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ସ୍ଥାୟୀ ଲୋକ ଅଦାଲତ (ଜନ ଉପଯୋଗୀ ସେବା)ର ଅଧ୍ୟକ୍ଷ ଅଶ୍ୱିନୀ ନାୟକ, ପ୍ରାଧିକରଣ ସଚିବ ଆଲୋକମୟୀ ପ୍ରଧାନ, ଆଇନ୍ ସେବା ପ୍ରତିପକ୍ଷ ଓକିଲ ସାଜଦା ବେଗମ୍ ଓ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳୀ ଗୌଡ ପ୍ରମୁଖ ଯୋଗ ଦେଇଥିଲେ। ମାନବ ଅଧିକାର ବିଷୟରେ ସଚେତନ କରିବା ସହିତ ଆଇନ୍‌ସେବା ପ୍ରାଧିକରଣର ଯୋଜନା ବିଷୟରେ ଆଲୋଚନା କରିଥିଲେ। ବକ୍ତୃତା ପ୍ରତିଯୋଗିତାରେ ଶୁଭମ୍ ପଟ୍ଟନାୟକ, ଅଂଶୁମାନ ଜାଲ ଓ ଡୋଲାମଣି ରନବିଡା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। କୃତୀ ଛାତ୍ରମାନଙ୍କୁ ପ୍ରାଧିକରଣ ପକ୍ଷରୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।

# ସିଆଲଯୋର ସେବାଶ୍ରମରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା

କୁତ୍ରା, ୧୦।୧୨(ସମିସ): ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ ସିଆଲଯୋର ସେବାଶ୍ରମରେ ବୁଧବାର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଏକ ସଭାର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ତୁନମୁରା ସରପଞ୍ଚ ତରଣୀ ସେନ ବରିହା ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ କୁତ୍ରା ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ବିନି ରାଣୀ ସରୋଜ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସିଧର ଭୋଇ ଓ ସକାଳ ସମ୍ବାଦପତ୍ରର ଖବରଦାତା କାହ୍ନୁଚରଣ ସାହୁ ଯୋଗଦେଇଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ନମିତା ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ କୁମରମଣୀ ମଲାଦ ଅତିଥି ପରିଚୟ ପ୍ରଦାନ କରିବା ସହ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଅତିଥିମାନେ ଛାତ୍ରଛାତ୍ରୀଙ୍କୁ ପାଠପଢ଼ା ସହିତ ଖେଳ ମଧ୍ୟ ଅତ୍ୟନ୍ତ ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ। ଛାତ୍ରଛାତ୍ରୀଙ୍କୁ ନେଇ ବିଭିନ୍ନ ପ୍ରକାର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।



ଏହାକୁ ସାର୍ଗୁକିଶାନ ଉଚ୍ଚ ସରକାରୀ ବିଦ୍ୟାଳୟର ଖେଳ ଶିକ୍ଷକ ଉମାଶଙ୍କର ମଲ୍ଲିକ ପରିଚାଳନା କରିଥିଲେ। ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ପ୍ରେମ ଲିନା କୁଲ୍ଲୁ, ସୁଜାତା ପଟ୍ଟା, ନମିତା ଲାକ୍ରା, ସିମା ଏକ୍କା, ସଙ୍ଗୀତା ନାଏକ, ଲତିକା ପଟେଲ, ଏଏନ୍‌ଏମ୍ ମମତା ନାଏକ ସହଯୋଗ କରିଥିଲେ।

# ପିତାମାଳ ଜଙ୍ଗଲରେ ବୃଦ୍ଧଙ୍କୁ ଦଳିଦେଲା ଦନ୍ତା

ଝାରସୁଗୁଡ଼ା/କିର୍ମିରା, ୧୦।୧୨(ସମିସ): ଝାରସୁଗୁଡ଼ା ଜିଲ୍ଲା ବନ ବିଭାଗ ବାଗଡ଼ିହି ବନ ରେଞ୍ଜ ଅଧୀନ ପାନପାଲି ପଞ୍ଚାୟତ ପିତାମାଳ ଜଙ୍ଗଲରେ ହାତୀ ଆକ୍ରମଣରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ପିତାମାଲ ଗାଁର ହୀରା ବୁଡା (୬୦) ବୋଲି ଜଣାପଡ଼ିଛି। ପିତାମାଲ ଜଙ୍ଗଲରେ ହାତୀ ରହୁଥିବା ଯୋଗୁଁ ଅପରାହ୍ଣ କିମ୍ବା ସନ୍ଧ୍ୟାରେ ଜଙ୍ଗଲକୁ ନ ଯିବା ପାଇଁ ପିତାମାଲ ଗ୍ରାମବାସୀଙ୍କୁ ବାରମ୍ବାର ମନା କରାଯାଇଥିଲା। ହେଲେ ମୃତ ହୀରା ଏକ ଟାଙ୍ଗିଆ ଧରି ମଙ୍ଗଳବାର ସନ୍ଧ୍ୟାରେ ଜଙ୍ଗଲକୁ ଯାଇଥିଲେ। ହୀରା ଘରକୁ ନ ଫେରିବାରୁ ପରିବାର ଲୋକେ ଜଙ୍ଗଲକୁ ଖୋଜିବାକୁ ଯାଇଥିଲେ। ସେଠାରେ ଏକ ଦନ୍ତା ହୀରାଙ୍କୁ ଦଳି ଦେଇ ମାରି ଦେଇଥିବା ନେଇ ଜଣାପଡ଼ିଛି। ଖବର ପାଇ ବାଗଡ଼ିହି ବନବିଭାଗ ଅଧିକାରୀ ମୁରାରୀ ସାହୁ ସଦଳବଳେ ଘଟଣାସ୍ଥଳରେ ପହଞ୍ଚିଥିଲେ। ତଦନ୍ତ ଓ ପଞ୍ଚନାମା ପାଇଁ ମୃତଦେହକୁ ଚିକିତ୍ସାଳୟ ପଠାଇଥିବା ସହ ପରିବାରକୁ ସରକାରୀ ନିୟମାନୁସାରେ ଆର୍ଥିକ ସହାୟତା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ତେବେ ବାଗଡ଼ିହି ରେଞ୍ଜର ବନ୍ଦନା ପସାୟତ ଏହି ଘଟଣା ସମ୍ପର୍କରେ ହାତୀ ପାଇଁ ଜଙ୍ଗଲକୁ ନ ଯିବା ପାଇଁ ହୀରାଙ୍କୁ ବାରମ୍ବାର ମନା କରାଯାଇଥିଲେ ମଧ୍ୟ ସେ ମାନି ନ ଥିବା ସୂଚନା ଦେଇଛନ୍ତି।

# ପୁରୁଣା କୋଠାରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ଦାବିରେ ଧାରଣା

## ● ଦାବି ପୂରଣ ନ ହେଲେ ୧୭ରୁ ଦେବଗଡ଼ ବନ୍ଦ ଡାକରା

ଦେବଗଡ଼, ୧୦।୧୨(ସମିସ): ଦେବଗଡ଼ ସହରର କେନ୍ଦ୍ର ସ୍ଥଳରେ ଥିବା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପୁରୁଣା କୋଠାରୁ ନୂଆଁ ବାଲିରୋଇ ସ୍ଥିତ ନୂତନ କୋଠାକୁ ସ୍ଥାନାନ୍ତରିତ ହେବା ପରେ ପୁରୁଣା କୋଠାରେ ଅବଶ୍ୟକ ସଂଖ୍ୟକ ଡାକ୍ତର ନିଯୁକ୍ତି ପୂର୍ବକ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ପ୍ରଦାନ ନିମନ୍ତେ ଜିଲ୍ଲାର ବିଭିନ୍ନ ମହଲରେ ଦାବି ହେଉଛି। ଏହି କ୍ରମରେ ଜିଲ୍ଲା ଯୁବ ଏକତା ମଞ୍ଚ ନେତୃତ୍ୱରେ ଶୋଭାଯାତ୍ରା, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରଉ ଓ ଦେବଗଡ଼ ବନ୍ଦ ପାଳନ ଆଦି ହୋଇସାରିଛି। ଆନ୍ଦୋଳନ ସତ୍ତ୍ୱେ ଦାବି ପୂରଣ ନହେବାରୁ ଦେବଗଡ଼ ଜିଲ୍ଲା ଯୁବ ଏକତା ମଞ୍ଚ ପକ୍ଷରୁ ପୁରୁଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୋଠା ପରିସରରେ ଶାନ୍ତିପୂର୍ଣ୍ଣ ରିଲେ ଧାରଣା ଜାରି ରହିଛି। ଦାବି ସମ୍ପର୍କରେ ଜନ ସଚେତନତା ସୃଷ୍ଟି ପାଇଁ ମଞ୍ଚ ପକ୍ଷରୁ ଗତ ୪ ତାରିଖ ଠାରୁ ସାହି ବସ୍ତି ଗୁଡ଼ିକରେ ସଚେତନତା ଓ ଦସ୍ତଖତ ଅଭିଯାନ ଜାରି ରହିଛି। ଏହି କ୍ରମରେ ଆଜି ମଞ୍ଚର ଆବାହକ ସୁରଞ୍ଜିତ ମହାପାତ୍ରଙ୍କ ଆବାହକତ୍ୱରେ ଦେବଗଡ଼ ପୌରାଞ୍ଚଳ ୩ ଓ ୫ ନମ୍ବର ୱାର୍ଡ ଠାରେ ଅଞ୍ଚଳବାସୀଙ୍କୁ ନେଇ ସଚେତନତା ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ବିଧାନସଭା ଭଳି ପବିତ୍ର ଗୃହରେ ସ୍ୱାସ୍ଥ୍ୟମନ୍ତ୍ରୀ ମିଥ୍ୟା ତଥ୍ୟ ଉପସ୍ଥାପନ କରି ଦେବଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପୁରୁଣା କୋଠାରେ ୧୦ ଶଯ୍ୟା ବିଶିଷ୍ଟ ଥିବା ଏବଂ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯାଉଥିବା ନେଇ ଦେଇଥିବା ତଥ୍ୟକୁ ନିନ୍ଦା କରାଯାଇଥିଲା। ସଭାରେ ମଞ୍ଚର ସନ୍ତୋଷ ଦେବତା, ଭୀମସେନ ନାୟକ ଓ ମାନସ ଦ୍ୱିବେଦୀଙ୍କ ସମେତ ବହୁ ସଦସ୍ୟ ଯୋଗ ଦେଇଥିଲେ। ତେବେ ଆସନ୍ତା ୧୬ ତାରିଖ ସୁଦ୍ଧା ପୁରୁଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆ ନଗଲେ ୧୭ ତାରିଖରୁ ଯୁବ ଏକତା ଓ ମହିଳା ଏକତା ମଞ୍ଚ ପକ୍ଷରୁ ଦେବଗଡ଼ ବନ୍ଦ ଡାକରା ଦିଆଯିବା ନେଇ ନିଷ୍ପତ୍ତି ନିଆଯାଥିବା ମଞ୍ଚ ପକ୍ଷରୁ ସୂଚନା ଦିଆଯାଇଛି।

# ବୃତ୍ତି ମାର୍ଗଦର୍ଶନ ତାଲିମ ଶିବିର ଉଦ୍‌ଯାପିତ




ଦେବଗଡ଼, ୧୦।୧୨(ସମିସ): ସମଗ୍ର ଶିକ୍ଷା ଦେବଗଡ଼ ନିର୍ଦ୍ଦେଶ କ୍ରମେ ତିଳେଇବଣି ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ସ୍ଥାନୀୟ ଟାଉନ ଉଚ୍ଚ ବିଦ୍ୟାଳୟ ପରିସରରେ ଦୁଇ ଦିନିଆ ବୃତ୍ତି ମାର୍ଗଦର୍ଶନ ତାଲିମ ଶିବିର ବୁଧବାର ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ଗେନ୍ଦରା କୁଜୁର ଯୋଗ ଦେଇଥିଲେ। ଜାତୀୟ ଶିକ୍ଷା ନୀତି ୨୦୨୦ ଆଧାରରେ ଛାତ୍ରଛାତ୍ରୀଙ୍କର ବୃତ୍ତିଗତ ଶିକ୍ଷାର ଆବଶ୍ୟକତା ଓ ଲକ୍ଷ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ବାଳିକା ଶିକ୍ଷା ସଂଯୋଜିକା ସୀମାରାଣୀ ପାଣିଗ୍ରାହୀ, ସ୍ଥାନୀୟ ଟାଉନ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ପଦ୍ମାଲି ଲାକ୍ରା ପ୍ରମୁଖ ମଞ୍ଚାସୀନ ଥିଲେ। ଟାଇଁସର ସିଆରସିସି ଭେନସ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପୌରାଞ୍ଚଳ ସିଆରସିସି ଚୂଡାମଣି ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ। ଦୁଇ ଦିନ ଧରି ଅନୁଷ୍ଠିତ ହୋଇଯାଇଥିବା ତାଲିମ ଶିବିରରେ ଗୋହିରା ନୋଡାଲ ଉଚ୍ଚ ବିଦ୍ୟାଳୟ ସହକାରୀ ଶିକ୍ଷକ ବିଶ୍ୱଜିତ ବେହେରା, ଗାଙ୍ଗନଣ ନୋଡାଲ ଉଚ୍ଚ ବିଦ୍ୟାଳୟ ସହକାରୀ ଶିକ୍ଷକ ହରେନ ପ୍ରଧାନ ସାଧନକର୍ମୀ ଭାବେ ଦାୟିତ୍ୱ ବହନ କରିଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ତିଳେଇବଣି ଗୋଷ୍ଠୀ ଶିକ୍ଷା ଅଧିକାରୀ ସିକରେନ୍ଦ୍ର ଛତ୍ରିଆଙ୍କ ସଭାପତିତ୍ୱରେ ଜିଲ୍ଲା ଶିକ୍ଷା ଅଧିକାରୀ ଗେନ୍ଦରା କୁଜୁର, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଶାନ୍ତ ସାହୁ, ପ୍ରଧାନଶିକ୍ଷୟିତ୍ରୀ ଲାକ୍ରା ପ୍ରମୁଖ ଉପସ୍ଥିତ ଥିଲେ। ଉପସ୍ଥିତ ଶିକ୍ଷକ ଶିକ୍ଷୟିତ୍ରୀ ମାର୍ଗଦର୍ଶନ କରିବା ସହ ପ୍ରଶଂସା ପତ୍ର ବଣ୍ଟନ କରିଥିଲେ। ତାଲିମ ଶିବିରରେ ବ୍ଲକର ସମସ୍ତ ଉଚ୍ଚ ବିଦ୍ୟାଳୟ ଓ ମାଧ୍ୟମିକ ବିଦ୍ୟାଳୟର ୪୫ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ।

# ୨୧ ତମ ଜାତୀୟ ନାଟକ ଓ ନୃତ୍ୟ ଉତ୍ସବ ଉଦ୍‌ଘାଟିତ

## ପ୍ରଥମ ସନ୍ଧ୍ୟାରେ ସମ୍ବଲପୁରୀ ନାଟକ 'ବୁକା' ପ୍ରଦର୍ଶିତ

ଦେବଗଡ଼, ୧୦।୧୨(ସମିସ)




ରାଜ୍ୟର ଅଗ୍ରଣୀ ନାଟ୍ୟାନୁଷ୍ଠାନ ଜାଗରଣ ଆର୍ଟ ଇଣ୍ଟରନ୍ୟାସନାଲ ପକ୍ଷରୁ ସ୍ଥାନୀୟ ଟାଉନ ହଲ ଠାରେ ୨୧ ତମ ସର୍ବ ଭାରତୀୟ ନାଟକ ଓ ନୃତ୍ୟ ମହୋତ୍ସବ ବୁଧବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଅଶୋକ ନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ଅତିଥି ଭାବେ ଦେବଗଡ଼ ଆରକ୍ଷୀ ଅଧୀକ୍ଷକ ଅନିଲ ମିଶ୍ର, ପୌର ପରିଷଦ ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଜିତ ଭୋଜ ଓ ଜିଲ୍ଲା ସଂସ୍କୃତି ଅଧିକାରୀ ଈଶ୍ୱର ଚନ୍ଦ୍ର ଗୁରୁ ପ୍ରମୁଖ ଯୋଗ ଦେଇଥିଲେ। ଅନୁଷ୍ଠାନର ସମ୍ପାଦକ ସୁଜିତ ପାତ୍ର ଧନ୍ୟବାଦ ଅର୍ପଣ କରିଥିବା ବେଳେ ଜନ୍ମେଜୟ ନାୟକ ସଭାକୁ ସଂଯୋଜନା କରିଥିଲେ। ଚଳିତ ବର୍ଷ ନାଟକ ମହୋତ୍ସବକୁ ଅନୁଷ୍ଠାନର ପୂର୍ବତନ କଳାକାର ସ୍ୱର୍ଗତ ମଙ୍ଗଳ ମହାଙ୍କୁରଙ୍କ ସ୍ମୃତି ଉଦ୍ଦେଶ୍ୟରେ ଆୟୋଜନ କରାଯାଉଛି। ଉଦ୍‌ଘାଟନୀ ସନ୍ଧ୍ୟାରେ ବରଗଡ଼ ଜିଲ୍ଲା ସୋହେଲାର ଡ୍ରାମା ଚେତନା ଅନୁଷ୍ଠାନ ପକ୍ଷରୁ ନାଟ୍ୟରଶ୍ମି ଅଶୋକ ବହିଦାରଙ୍କ ରଚିତ ଓ ଡ. ତୁଷାରକାନ୍ତ ସାହୁଙ୍କ ନିର୍ଦ୍ଦେଶିତ ସମ୍ବଲପୁରୀ ନାଟକ 'ବୁକା' ମଞ୍ଚସ୍ଥ ହୋଇଥିଲା। ନାଟକରେ ବିଂଶ ଶତାବ୍ଦୀର ବିଜ୍ଞାନ ଯୁଗରେ ପହଞ୍ଚିଥିବା ମଣିଷ, ସୂଚନା ଓ ପ୍ରଯୁକ୍ତି ବିଦ୍ୟାରେ ସବୁ କିଛି ଜାଣି ପାରୁଥିବା ମଣିଷ, ନିଜର ସ୍ୱାର୍ଥ ପାଇଁ ଭଗବାନଙ୍କ ଶରଣ ପଶେ ଓ ବିଭିନ୍ନ ପ୍ରକାର ଦ୍ରବ୍ୟ ସମର୍ପି ଦେବାର ଲୋଭ ଦେଖାଇବାର ଦୁଃସାହସ କରେ। ସୃଷ୍ଟି ଯାହାଙ୍କର ଇଙ୍ଗିତରେ ପରିଚାଳିତ, ସେହି ସୃଷ୍ଟିକର୍ତ୍ତାଙ୍କୁ ଲାଞ୍ଚ ଦେବାର କୁତ୍ସିତ ମାନସିକତା ରଖେ। ଏହାପରେ ମଧ୍ୟ ମାନସିକ ଭାବେ ଯାଚି ଥିବା ଦ୍ରବ୍ୟକୁ ବି ମଣିଷ ନିଜ ସ୍ୱାର୍ଥପାଇଁ ନିଜ ହିସାବରେ ପରିଚାଳନା କରେ। ଦାମୋଦର ଓ ଦମୟନ୍ତୀ ଚରିତ୍ର ଶିକ୍ଷିତ ଦମ୍ପତି ହେଲେ ମଧ୍ୟ ନିଜ ପୁଅର ଚାକିରି ପାଇଁ ମାଁଙ୍କ ଠାରେ 'ବୋଦା' ଦେବା ପାଇଁ ମାନସିକ କରି ଭୁଲି ଯାଇଥିଲେ। ତାହାକୁ ନେଇ ନାଟକ 'ବୁକା' (ବୋଦା) ଗତିଶୀଳ ହୋଇଥିଲା। ଯେତେବେଳେ ମନେ ପଡ଼ିଛି ବୋଦା କଥା, ମାଁଙ୍କ ଠାରେ କେତେ ନିଷ୍ଠା ଆଉ କେଉଁଭଳି ସମର୍ପି ଦେଇଛନ୍ତି ମାଁଙ୍କ ଭୋଗ। ନାଟକରେ ଦାମୋଦର ଚରିତ୍ରରେ କ୍ଷୀରୋଦ ସାହୁ, ଦମୟନ୍ତୀ ଚରିତ୍ରରେ କନକ ତନସନା, ଅରକ୍ଷିତ ଚରିତ୍ରରେ ତୁଳସୀରାମ ପାଣି, ମାର୍କଣ ଚରିତ୍ରରେ ଦିଲ୍ଲୀପ ଷଡଙ୍ଗୀ, ଉଦ୍ଧବ ମାଷ୍ଟ୍ରେ ଚରିତ୍ରରେ ବୁଦ୍ଧଦେବ ଭୋଇ, ମିଶ୍ର ଚରିତ୍ରରେ ସ୍ୱଭାବ ସ୍ୱରୂପ ପାଣିଗ୍ରାହୀ, ଶୁକ୍ରୁ ଚରିତ୍ରରେ ରାଷ୍ଟ୍ରପତି ପ୍ରଧାନ ଓ ମନ୍ଦିର ଉଦ୍‌ଘୋଷକ ଭୂମିକାରେ ଗୋପାଳ ନାୟକ ଅଭିନୟ କରିଥିଲେ।

## ୨ ଶିଶୁ ଶ୍ରମିକ ଉଦ୍ଧାର

ହାଟଡ଼ିହୀ,୧୦।୧୨(ସମିସ): ଜିଲ୍ଲା ଶିଶୁ ସୁରକ୍ଷା ସମିତି ସହଯୋଗରେ ହାଟଡ଼ିହୀ ବ୍ଲକ୍ କାଠିଆସରା ନିକଟରୁ ୨ଜଣ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି। ହାଟଡ଼ିହୀ ପଞ୍ଚାୟତ ଗୋପ ଗ୍ରାମର ଜଣେ ବ୍ୟକ୍ତି ଭଦ୍ରକ ଜିଲ୍ଲାର ୨ ନାବାଳକଙ୍କୁ ଆଣି ଘୁଷୁରି ଚରାଇବା କାମରେ ନିୟୋଜିତ କରିଥିଲା। ଅଭିଯୋଗ ଉପରେ ଜିଲ୍ଲା ଶିଶୁ ସୁରକ୍ଷା ସମିତିର ପ୍ରକଳ୍ପ ସଂଯୋଜକ ଉଷାରାଣୀ ମହାନ୍ତ, ସହକାରୀ ଶ୍ରମ ଅଧିକାରୀ ସନ୍ତୋଷ ମହାନ୍ତି, ବ୍ଲକ୍ ଶ୍ରମ ଅଧିକାରୀ ଶାଶ୍ୱତ ପଲେଇ, ମହିଳା ଓ ଶିଶୁ ବିକାଶ ବିଭାଗ ସୁପରଭାଇଜର ରେଣୁବାଳା ଜେନା, ନନ୍ଦିପଦା ଥାନା ଆଇଆଇସି ଧର୍ମେନ୍ଦ୍ର କୁମାର ଶାନ୍ତି, ହମାରା ବଚପନ୍ ଜିଲ୍ଲା ସଂଯୋଜକ ହୃଦାନନ୍ଦ ସେନାପତି ପ୍ରମୁଖ ଗୋପ ଗ୍ରାମରେ ପହଞ୍ଚିଥିଲେ। ଶିଶୁ ଶ୍ରମିକଦ୍ୱୟ ଘୁଷୁରୀ ଚରାଇବାକୁ ଗୋପାଳପୁର ଅଞ୍ଚଳକୁ ଯାଇଥିଲେ। ଅଧିକାରୀମାନେ ସେହି ରାସ୍ତାରେ ଯାଇ କାଠିଆସରା ନିକଟରୁ ଦୁଇଜଣ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରିଛନ୍ତି। ପ୍ରକାଶ ଥାଉ କି, ହାଟଡ଼ିହୀ ବ୍ଲକ୍ର ବିଭିନ୍ନ ହୋଟେଲ, ଜଳଖିଆ ଦୋକାନ ମାନଙ୍କରେ ଶିଶୁ ଶ୍ରମିକଙ୍କୁ ନିୟୋଜିତ କରାଯାଉଥିବା ଦେଖାଯାଇଛି। ସେସବୁ ଦୋକାନ ଉପରେ ଚଢ଼ଉ କରାଯାଇ ତୁରନ୍ତ ସେମାନଙ୍କୁ ଉଦ୍ଧାର କରିବା ସହ ଦୋକାନୀଙ୍କ ଉପରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।

## ଦରଡ଼ାସାହି ଶନି ମନ୍ଦିରରୁ ଚୋରି

ହାଟଡ଼ିହୀ,୧୦।୧୨(ସମିସ): କିଛିଦିନର ବ୍ୟବଧାନ ପରେ ପୁଣି ମନ୍ଦିରରୁ ଚୋରି ହୋଇଛି। ହାଟଡ଼ିହୀ ବ୍ଲକ୍ ସଢ଼ା ଗ୍ରାମର ଦରଡ଼ାସାହି ଶନିଶ୍ଚର ମନ୍ଦିରରୁ ତାଲା ଭାଙ୍ଗି ଦୁର୍ବୃତ୍ତମାନେ ରୁପା ମୁକୁଟ, ସୁନା ଅଳଙ୍କାର, ପୂଜାରେ ବ୍ୟବହୃତ ପିତ୍ତଳ ସାମଗ୍ରୀ ଚୋରି କରିନେଇଛନ୍ତି। ଯାହାର ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ। ଏନେଇ ମନ୍ଦିର କମିଟି ପକ୍ଷରୁ ସୋସୋ ଥାନାରେ ଅଭିଯୋଗ ହେବା ପରେ ପୁଲିସ ସାଇଣ୍ଟିଫିକ୍ ଟିମ୍ ସହଯୋଗରେ ତଦନ୍ତ ଆରମ୍ଭ କରିଛି। ଚୋରିରେ ସ୍ଥାନୀୟ ଅଞ୍ଚଳର ନିଶାସକ୍ତ ଯୁବକମାନଙ୍କ ସମ୍ପୃକ୍ତି ଥିବା ଗ୍ରାମବାସୀ ସନ୍ଦେହ କରୁଛନ୍ତି। ପୁଲିସ ତୁରନ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରିବାକୁ କୈଳାସ ସାମଲ, ରବୀନ୍ଦ୍ର ବେହେରା, ବାବନ ବେହେରା, ପୂର୍ଣ୍ଣ ବେହେରା, କୃଷ୍ଣ ଜେନା, ବାବାଜୀ ବେହେରା ପ୍ରମୁଖ ଦାବି କରିଛନ୍ତି।

### ଚାଲିଥିଲା କୁକୁଡ଼ା ଲଢ଼େଇ; ମାଡ଼ି ବସିଲା ପୁଲିସ

# ବୋଲେରୋ, ବାଇକ୍ ଜବତ; ୧୦ ଜୁଆଡ଼ି ଗିରଫ





ଯୋଡ଼ା , ୧୦।୧୨(ସମିସ): କେନ୍ଦୁଝର ଜିଲ୍ଲା ଯୋଡ଼ା ବ୍ଲକ ବାମେବାରୀ ଥାନା ଅଧୀନ ଗୁରୁବେଡ଼ା ଗାଁରେ ବେଆଇନ କୁକୁଡ଼ା ଲଢ଼େଇ ସହ ଜୁଆ ଖେଳ ଚାଲିଥିବା ବେଳେ ଖବର ପାଇ ବାମେବାରୀ ପୁଲିସ ଘଟଣାସ୍ଥଳରେ ଚଢ଼ଉ କରିଥିଲା। ଏହି ଚଢ଼ଉରେ ପୁଲିସ ଓ ଜୁଆଡ଼ିଙ୍କ ମଧ୍ୟରେ ହାତାହାତି ହେବା ସହ କିଛି ଅଭିଯୁକ୍ତ ପୁଲିସକୁ ଘଟଣାସ୍ଥଳ ଛାଡ଼ି ପଳାଇବାକୁ ଧମକାଇଥିଲେ। ଏପରିକି ପୁଲିସ ଉପରକୁ ପଥର ଟେକା ଫିଙ୍ଗିଥିବା ଅଭିଯୋଗ ହୋଇଛି। ଆକ୍ରମଣରେ ଜଣେ ପୁଲିସ କର୍ମଚାରୀ ଗୁରୁତର ହୋଇଥିବା ସୂଚନା ରହିଛି। ପୁଲିସ ଓ ଜୁଆଡ଼ିଙ୍କ ମଧ୍ୟରେ କିଛି ସମୟ ବାକଯୁଦ୍ଧ ସହ ହାତାହାତି ପରେ ଘଟଣାସ୍ଥଳରୁ ୩୧ଟି ମଟର ସାଇକଲ, ଏକ ବୋଲେରୋ ଗାଡ଼ି, କିଛି ମୋବାଇଲ ଫୋନ୍ ଜବତ କରାଯାଇଛି। ସମ୍ପୃକ୍ତ ୧୦ ଜଣ ଜୁଆଡ଼ିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ନେଇ ଏକ ସାମ୍ବାଦିକ ସମ୍ମିଳନୀରେ ବଡ଼ବିଲ ଏସଡିପିଓ ଦେବେନ୍ଦ୍ରନାଥ ପିଙ୍ଗୁଆ ସୂଚନା ପ୍ରଦାନ କରିଛନ୍ତି। ୧୦ ଜଣ ଅଭିଯୁକ୍ତ ହେଲେ ଝୁମ୍ପୁରା ଥାନା ମଣଦା ଗାଁର ଅରୁଣ ପ୍ରଧାନ, କେନ୍ଦୁଝର ସଦର କଲଣ୍ଡା ଗାଁର ଜଗତ ମହାକୁଡ଼, ବଡ଼ବିଲ ୱାର୍ଡ ନଂର ବାବୁ ଦାସ, ଯୋଡ଼ା ବାଂଶପାଣିର ରାଜେଶ ମୁଣ୍ଡା, ଖୁଣ୍ଟପାଣିର ମାଣିଆ ମୁଣ୍ଡା, ମିଥୁନ ମୁଣ୍ଡା, କୁନ୍ଦୁରୁନାଲାର ସରୋଜ ପାତ୍ର, ତପନ ଗୋପ, ଡଡୁଆଁ ଗାଁର ଅକ୍ଷୟ ବାରିକ, ଭଣ୍ଡାର ଗଣେଶ ମୁଣ୍ଡା, ଝାଡ଼ଖଣ୍ଡ ଅଞ୍ଚଳର କମାର ଡ଼ଙ୍ଗି। ଅନ୍ୟମାନେ ଅନ୍ଧାରର ସୁଯୋଗ ନେଇ ଫେରାର ଥିବା ଜଣାପଡ଼ିଛି।

## ୧୯ ବର୍ଷର ଛାତ୍ରଙ୍କ ୨ଟି କିଡନୀ ନଷ୍ଟ; ଚିନ୍ତାରେ ପରିବାର



ଧାମନଗର, ୧୦।୧୨(ସମିସ): ଧାମନଗର ବ୍ଲକ ଅନ୍ତର୍ଗତ କାସିମପୁର ପଞ୍ଚାୟତ ଖଡ଼ିମାହାର ଗାଁରୁ ଏକ ଦୁଃଖଦ ଖବର। ଗାଁର ମୁକ୍ତିକାନ୍ତ ଦାସଙ୍କ ୨ ପୁଅ। ମୁକ୍ତିକାନ୍ତ ଗାଡ଼ି ଚଳାଇ ନିଜ ପରିବାର ପ୍ରତିପୋଷଣ କରିଥାନ୍ତି। ବଡ଼ପୁଅ ଅନିଲ କୁମାର ଦାସ (୧୯) ଅସୁରାଳିସ୍ଥିତ ବେଷ୍ଟ କଲେଜରେ ଚଳିତବର୍ଷ ମେକାନିକାଲ ଇଞ୍ଜିନିୟରିଂ ପାଠ ପଢୁଥିଲେ। ହଠାତ ନିଜକୁ ଅସୁସ୍ଥ ମନେ କରୁଥିଲେ ନିଜ ବାପାଙ୍କୁ ଜଣାଇଲେ ପରେ ବାପାମା' କଟକ ଏସସିବି ଚିକିତ୍ସାଳୟରେ ଦେଖାଉଥିଲେ। ସେଠାରୁ ପ୍ରାଥମିକ ଚିକିତ୍ସାରୁ ଜଣା ପଡିଥିଲା, ଅନିଲଙ୍କ ଦୁଇଟି ଯାକ କିଡ଼ନୀ ପାଣି ଜମି ଯାଇଛି। ପରିବାରରେ ବାପାମା'ଙ୍କଠାରୁ ବନ୍ଧୁବାନ୍ଧବ ସାଙ୍ଗସାଥୀ ପର୍ଯ୍ୟନ୍ତ ସମସ୍ତେ ଦୁଃଖରେ ଭାଙ୍ଗି ପଡ଼ିଥିଲେ। ରୋଜଗାର ବୋଲି ଗାଡ଼ି ଚଳାଇ ନିଜ ପରିବାର ଚଳାଇଥାନ୍ତି ମୁକ୍ତିକାନ୍ତ। ଏତେ ଅର୍ଥ ଆଣିବେବା କଉଠୁ ପୁଅର ଚିକିତ୍ସା ପାଇଁ କଉ ବଡ଼ ଚିକିତ୍ସାଳୟରେ ତାଙ୍କୁ ଭଲ କରିବା ପାଇଁ ଦେଖାଇବେ। କିଛି ଦିନ ଧରି ଏବେ ଅନିଲ ଏମ୍ସରେ ଭର୍ତ୍ତି ହୋଇଛନ୍ତି। ପୁଅର ଦୁଃଖ ନେଇ ମୁକ୍ତିକାନ୍ତ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ସାକ୍ଷାତ କରି ପୁଅର ସମସ୍ତ ଖବରମାନ ଜଣାଇଥିଲେ। ଏହାନେଇ ମନ୍ତ୍ରୀ ସମସ୍ତ କଥା ବୁଝିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଯଦି କୌଣସି ସୁହୃଦୟ ବ୍ୟକ୍ତି ବିଶେଷ କିଛି ସାହାଯ୍ୟର ହାତବଢ଼ାନ୍ତେ ତା'ହେଲେ ସେ ପୁଅର ଚିକିତ୍ସା ଭଲରେ କରାଇ ପାରନ୍ତେ। ତାଙ୍କ ବ୍ୟାଙ୍କ ଖାତା ନମ୍ବର ହେଲା ଏସବିଆଇ ୩୪୭୭୯୫୪୧୬୭୮ ଶାଖା ଧୂଷୁରୀ, ଆଇଏଫଏସସି କୋଡ଼ ଏସବିଆଇଏନ୦୦୧୩୫୮୭ ନମ୍ବରରେ ପଠାଇବା ପରିବାର ପକ୍ଷରୁ ଅନୁରୋଧ କରାଯାଇଛି।

## ତାଳପଦାରେ ଚୋରା ମଦ କାରବାର ଥମୁନି

ଦୋଳସାହି,୧୦।୧୨(ସମିସ): ତାଳପଦା ପଞ୍ଚାୟତରେ ଦେଶୀ ମଦ ପ୍ରସ୍ତୁତ ହୋଇ ଭଦ୍ରକ ଜିଲ୍ଲାର କୋଣ ଅନୁକୋଣକୁ ବ୍ୟାପକ ଭାବେ ଚାଲାଣ କରାଯାଉଛି। ଏହି ଅବାଧ କାରବାର ନେଇ ବହୁ ପରିବାର ଉଜୁଡୁଥିବା ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ମଦ ବେପାର ବନ୍ଦ ହେବା ପରିବର୍ତ୍ତେ ବୃଦ୍ଧି ପାଉଛି। ଏ ଦିଗରେ ପୁଲିସ ଓ ଅବକାରୀ ବିଭାଗ ନିଷ୍କ୍ରିୟ ରହୁଥିବାରୁ ପ୍ରତିକ୍ରିୟା ପ୍ରକାଶ ପାଇଛି। ସୂଚନା ମୁତାବକ ତିହିଡି ଅବକାରୀ ବିଭାଗ ମାତ୍ର ତିନି ଜଣ ଷ୍ଟାଫ୍ଙ୍କୁ ନେଇ ଚାଲିଥିବା ବେଳେ ଅଧିକାଂଶ ସମୟ ଏହି କାର୍ଯ୍ୟାଳୟ ତାଲା ପଡିରହୁଛି। କାଁ ଭାଁ ଚଢଉ କରାଯାଉଛି। ତାଳପଦା ପଞ୍ଚାୟତରେ ପ୍ରସ୍ତୁତ କରୁଥିବା ଦେଶୀ ମଦ ବେପାରୀଙ୍କ ବିଭିନ୍ନ ସମୟରେ ତିହିଡ଼ି ପୁଲିସ ଗିରଫ କରି ବାରମ୍ବାର କୋର୍ଟ ଚାଲାଣ କରୁଥିବା ବେଳେ ଜେଲରୁ ବେଲ୍ ପାଇ ଆସିବା ପରେ ଆଇନ ପ୍ରତି ଭୟ ନଥିବା ନେଇ ପୁଣି ଖୁଲମଖୁଲା ବେପାର କରୁଥିବା ଜଣାଯାଇଛି।

## ଗଛକୁ ପିଟିଲା ବାଲି ବୋଝେଇ ହାଇୱା

ବନ୍ତ/ଆଗରପଡ଼ା,୧୦।୧୨(ସମିସ): ଭାରସାମ୍ୟ ହରାଇ ଗଛକୁ ଧକ୍କା ଦେଲା ବାଲି ବୋଝେଇ ହାଇୱା। ବନ୍ତ-ବାରିକପୁର ରାସ୍ତାର ସେଣ୍ଡତୀରା ପଂଚାୟତ କାର୍ଯ୍ୟାଳୟ ନିକଟରେ ଗଛକୁ ଧକ୍କା ଦେଇ ଏକ ବାଲି ବୋଝେଇ ହାଇୱା ଦୁର୍ଘଟଣା ଗ୍ରସ୍ତ ହୋଇଥିଲା ବେଳେ ହାଇୱା ଚାଳକ ବଡ଼ ଧରଣର ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତି ଯାଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ; କେନ୍ଦୁଝର ଜିଲ୍ଲା ହାଟଡିହି ତହସିଲ ଅଂଚଳର ବୈତରଣୀ ନଦୀ ଶଯ୍ୟାରୁ ବାଲି ବୋଝେଇ କରି ହାଇୱାଟି ବାରିକପୁର ଆଡ଼କୁ ଯାଉଥିଲା ବେଳେ ଭାରସାମ୍ୟ ହରାଇ ବନ୍ତ ଥାନା ଅଧୀନ ସେଣ୍ଡତୀରା ପଂଚାୟତ କାର୍ଯ୍ୟାଳୟ ନିକଟରେ ଏକ ଗଛକୁ ଧକ୍କା ଦେଇଥିଲା। ତେବେ ଦୁର୍ଘଟଣା ଦେଖି ସ୍ଥାନୀୟ ଲୋକମାନେ ଚାଳକଙ୍କୁ ଗାଡି ଭିତରୁ ସୁରକ୍ଷିତ ଭାବରେ ଉଦ୍ଧାର କରିଥିଲେ। ଖବର ପାଇ ବନ୍ତ ପୋଲିସ୍ ଘଟଣା ସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି।

## ଜଣେ ମାତ୍ର ଷ୍ଟାଫ୍‌ରେ ଚାଲିଛି ଉପ ସ୍ୱାସ୍ଥ୍ୟକେନ୍ଦ୍ର

ଦୋଳସାହି,୧୦।୧୨(ସମିସ): ତିହିଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ଉପ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ମହିଳା କର୍ମଚାରୀ ଏକା ସମ୍ଭାଳୁଥିବା ଦେଖିବାକୁ ମିଳୁଛି। ମୁକୁନ୍ଦପୁର ପଞ୍ଚାୟତର ଆରସା ଗ୍ରାମରେ ଅବସ୍ଥିତ ସ୍ୱାସ୍ଥ୍ୟ ଉପକେନ୍ଦ୍ରରେ କମ୍ୟୁନିଟି ହେଲଥ ଅଫିସର ଭାବେ ଜୋସ୍ନାମୟୀ ସାହୁ ଏକା ରୋଗୀଙ୍କୁ ସେବା କରୁଥିବା ବେଳେ ଜଣେ ପିଅନ ଓ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ଆବଶ୍ୟକତା ଥିବା ଜଣାଯାଇଛି। ତୁରନ୍ତ ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ସ୍ୱାସ୍ଥ୍ୟ ଉପକେନ୍ଦ୍ରରେ ଖାଲି ପଡିଥିବା ପଦ ପୂରଣ ପାଇଁ ସାଧାରଣରେ ଦାବି ହେଉଛି।

## ଦନ୍ତା ହାବୁଡ଼ରେ ଗଲା ଯୁବକଙ୍କ ଜୀବନ



ତୁରୁମୁଙ୍ଗା/ବାଲିବନ୍ଧ/ଚମ୍ପୁଆ/ଝୁମ୍ପୁରା, ୧୦।୧୨(ସମିସ): କେନ୍ଦୁଝର ଜିଲ୍ଲା ଚମ୍ପୁଆ ରେଞ୍ଜ ଉଖୁଣ୍ଡା ସେକ୍ସନ ଅସନପାଟ ନିକଟ ଗିଧିବାସ ହୁଡ଼ିରେ ଦନ୍ତା ଆକ୍ରମଣରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଅସନପାଟ ଗ୍ରାମ ଢ଼ିପାସାହିର ଭାଗବତ ନାଏକ (୩୫)। ଏକ ଗୋଠଛଡ଼ା ଦନ୍ତା ହୁଡ଼ି ନିକଟ ଜଙ୍ଗଲରେ ଡେରା ପକାଇଥିବା ବେଳେ ଜଙ୍ଗଲକୁ ଯାଇଥିବା ସମୟରେ ଭାଗବତ ଦନ୍ତା ହାବୁଡ଼ରେ ପଡ଼ିଯାଇଥିଲେ। ହାତୀ ତାଙ୍କୁ ଶୁଣ୍ଢରେ ଟେକି କଚାଡ଼ିବା ସହ ପାଦରେ ଦଳି ଦେଇଥିଲା। ପରେ ମୃତଦେହକୁ ଜଗିରହିଥିଲା ହାତୀ। ବନ ବିଭାଗର ଉଦ୍ୟମରେ ସାଇରନ ମାରି ହାତୀକୁ ଘଉଡ଼ାଇବା ପରେ ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ମେଡିକାଲକୁ ପଠାଯାଇଛି। ଚମ୍ପୁଆ ରେଞ୍ଜ ଅଧିକାରୀ ଅକ୍ଷୟ ଛତ୍ରିୟା, ଉଖୁଣ୍ଡା ବନପାଳ ପ୍ରଦୀପ ବାରିକ, ବାଲିବନ୍ଧ ବନରକ୍ଷୀ କିରାଣୀ ମହାରଣା ଘଟଣାସ୍ଥଳରେ ପହଞ୍ଚି ଅନୁଧ୍ୟାନ କରିଛନ୍ତି। ହାତୀ ଯେପରି ଅଧିକ କ୍ଷତି ନ କରିବ ସେଥିପାଇଁ ହାତୀ ରହିଥିବା ସ୍ଥାନରେ ବନ ବିଭାଗର କର୍ମଚାରୀମାନେ ଉପସ୍ଥିତ ରହି ହାତୀର ଗତିବିଧି ଲକ୍ଷ୍ୟ ରଖିଛନ୍ତି ବୋଲି ରେଞ୍ଜର ଶ୍ରୀ ଛତ୍ରିୟା ସୂଚନା ପ୍ରଦାନ କରିଛନ୍ତି। ଅନ୍ୟପକ୍ଷରେ, ଏହି ଅଞ୍ଚଳରେ ହାତୀ ଉପଦ୍ରବ ଯୋଗୁଁ ଲଗାତାର ଭାବେ ଲୋକଙ୍କ ଧନଜୀବନ ହାନି ହେଉଥିବା ଦେଖାଯାଉଛି। ହାତୀ ଫସଲ ନଷ୍ଟ କରି ଚାଲିଥିବା ବେଳେ ଗତ ଆଠ ତାରିଖରେ ଏହି ସେକ୍ସନର ଉଚ୍ଚବାଲିଠାରେ ତିନିଟିକିଆ ହାତୀ ପଲ ଜଣେ ଯୁବକଙ୍କୁ ଦଳି ଦେଇ ପ୍ରାଣ ନେଇଥିଲେ। ସେହପରି ଭାବେ ହାତୀ ଆକ୍ରମଣରେ ଗତ ଗୋଟିଏ ସପ୍ତାହରେ ଦୁଇଜଣଙ୍କ ପ୍ରାଣହାନି ହୋଇଛି। ଏନେଇ ଅଞ୍ଚଳରେ ବନ ବିଭାଗ ଓ ହାତୀ ଉପଦ୍ରବ ବିରୋଧରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

## ମା' ଜଗତଜନନୀ ସେବାଟ୍ରଷ୍ଟର ସେବାକାର୍ଯ୍ୟ



କେନ୍ଦୁଝର, ୧୦।୧୨(ସମିସ): ମା' ଜଗତଜନନୀ ସେବାଟ୍ରଷ୍ଟ, ନମ୍ବିରା ପକ୍ଷରୁ ଜିଲ୍ଲାରେ ପାନୀୟଜଳର ବ୍ୟବସ୍ଥା, ଶିକ୍ଷା ପାଇଁ ପ୍ରୋତ୍ସାହନ, ଧର୍ମାନୁଷ୍ଠାନର ବିକାଶ ସାଙ୍ଗକୁ ଅନ୍ୟାନ୍ୟ ନିର୍ମାଣ କାର୍ଯ୍ୟର ଧାରା ବଜାୟ ରହିଥିବାବେଳେ ଚଳିତବର୍ଷ ମଧ ଶୀତ ଦିନରେ ଗରିବ ଏବଂ ଅସହାୟ ଲୋକଙ୍କୁ ମାଗଣାରେ ଶୀତବସ୍ତ୍ର ପ୍ରଦାନ କରାଯାଉଛି। ଚମ୍ପୁଆ ବିଧାୟକ ସନାତନ ମହାକୁଡଙ୍କ ନିର୍ଦ୍ଦେଶକ୍ରମେ ଟ୍ରଷ୍ଟ ପକ୍ଷରୁ ଜିଲ୍ଲାର ବିଭିନ୍ନ ପ୍ରାନ୍ତରେ ଗରିବ ଏବଂ ଅସହାୟ ଗରିବ ଲୋକଙ୍କୁ ମାଗଣାରେ କମ୍ବଳ ବଣ୍ଟନ କରାଯାଉଛି। ୨ ସପ୍ତାହ ମଧ୍ୟରେ ଏହି କାର୍ଯ୍ୟ ଶେଷ କରାଯିବ ବୋଲି ଜଣାପଡିଛି। ବୁଧବାର କେନ୍ଦୁଝରଗଡ଼ ପୌରପାଳିକାର ୧ ନମ୍ବର ୱାର୍ଡ ଅନ୍ତର୍ଗତ ସୁଲେଇଖମାର, ପୋଡ଼ାଉଆସ, ସମାଧିସାହି, ଖଡ଼କିଦ୍ୱାରା ସାହିରେ ଆଦିବାସ ଓ ଗରିବ ଶ୍ରେଣୀର ଲୋକଙ୍କୁ ମାଗଣାରେ କମ୍ବଳ ବଣ୍ଟନ କରାଯାଇଛି। କେନ୍ଦୁଝରରେ ଦିନକୁ ଦିନ ଶୀତ ପ୍ରକୋପ ବଢୁଥିବାବେଳେ ଗରିବ ଖଟିଖିଆ ବ୍ୟକ୍ତିମାନେ କମ୍ବଳ ପାଇ ଶୀତରୁ କିଛି ମାତ୍ରାରେ ରକ୍ଷା ପାଇବେ। ଦରିଦ୍ର ରୋଗୀମାନଙ୍କୁ ଚିକିତ୍ସାର ସୁବିଧା ଯୋଗାଇ ଆସିଥିବା ଏହି ସଂସ୍ଥା ଦେବପୀଠର ଉନ୍ନତି, ପାନୀୟଜଳର ବ୍ୟବସ୍ଥା, ଆମ୍ବୁଲାନ୍ସ ସେବା, ଶିକ୍ଷାର ବିକାଶ ପାଇଁ କାର୍ଯ୍ୟକରି ସାମାଜିକ ଦାୟିତ୍ୱବୋଧକୁ ଆପଣେଇ ଆସିଛି। ପରୋପକାର ପରି ଧର୍ମୀୟ ଭାବନାକୁ ଗୁରୁତ୍ୱ ଦେଇ ଚର୍ଚ୍ଚିତ ହୋଇଥିବା ମା'ଜଗତ ଜନନୀ ସେବାଟ୍ରଷ୍ଟ ଅଭାବୀ ଲୋକମାନଙ୍କ ପାଇଁ ରାହା ଦେଖାଇବା ସହ ସମସ୍ତଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛି। ଜିଲ୍ଲାବାସୀଙ୍କ ମଙ୍ଗଳ ଏବଂ ଜିଲ୍ଲାର ସାମଗ୍ରିକ ଉନ୍ନତି ପାଇଁ ମା' ଜଗତ ଜନନୀ ସେବାଟ୍ରଷ୍ଟ ସର୍ବଦା ପ୍ରତିଜ୍ଞାବଦ୍ଧ ହୋଇ ରହିବ ବୋଲି ଟ୍ରଷ୍ଟର ସଦସ୍ୟ ତଥା ଚମ୍ପୁଆ ବିଧାୟକଙ୍କ ପ୍ରତିନିଧି ସଞ୍ଜୀବ କୁମାର ବେହେରା ସୂଚନା ଦେଇଛନ୍ତି।

## ପଦ୍ମପୁର ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକୋତ୍ସବ



କେନ୍ଦୁଝର,୧୦।୧୨(ସମିସ): କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ପଦ୍ମପୁର ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ସମାରୋହ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଧରଣୀଧର ମହାବିଦ୍ୟାଳୟର କୁଳସଚିବ ସୁଶ୍ରୀ ପ୍ରତିଭା ପୃଷ୍ଟି, ବକ୍ତା ଚିତ୍ତରଞ୍ଜନ ମିଶ୍ର, ସମ୍ମାନିତ ଅତିଥି ଇଂ ବସନ୍ତ କୁମାର ଦାନୀ, ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଧନୁର୍ଜୟ ମହାନ୍ତ, ଅନୁଷ୍ଠାନର ପ୍ରତିଷ୍ଠାତା ସଦସ୍ୟ ଜଳଧାର ସାହୁ, କିଶୋର ସାହୁ, ସଦେବ କୁଅଁର ପ୍ରମୁଖ ଯୋଗ ଦେଇଥିଲେ। ଅଧକ୍ଷ ହୃଷୀକେଶ ସାହୁ ପୌରୋହିତ୍ୟରେ ପରିଚାଳିତ କାର୍ଯ୍ୟକ୍ରମରେ ସାଂସ୍କୃତିକ ପରିଷଦର ଉପଦେଷ୍ଟା ଅଧାପକ ରାମଶଙ୍କର ସାହୁ ସହଯୋଗ କରିଥିଲେ। ଛାତ୍ରଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଅଧାପକ ସୁରେଶ କୁମାର ଆଚାର୍ଯ୍ୟ, ସନତ କୁମାର ଦାସ ପରିଚାଳନା କରିଥିଲେ।

## ପ୍ରସ୍ତାବିତ ଷ୍ଟିଲପ୍ଲାଣ୍ଟ ପାଇଁ ଗ୍ରାମସଭା ନୋଟିସ

ତୁରୁମୁଙ୍ଗା, ୧୦।୧୨(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ୍ ଚେମେଣା ଓ ଯମୁନାପଶି ପଞ୍ଚାୟତରେ ଜେଏସ୍‌ଡବ୍ଲୁ ଏବଂ ପୋସ୍କୋ ପକ୍ଷରୁ ହେବାକୁ ଥିବା ଷ୍ଟିଲପ୍ଲାଣ୍ଟକୁ ନେଇ ଗ୍ରାମସଭା ପାଇଁ ବ୍ଲକ କାର୍ଯ୍ୟାଳୟ ପକ୍ଷରୁ ନୋଟିସ ଜାରି ହୋଇଛି। ଏନେଇ ପାଟଣା ପଞ୍ଚାୟତସମିତି କାର୍ଯ୍ୟାଳୟ ପକ୍ଷରୁ ଚିଠି ନମ୍ବର ୬୯୫୫/ ୧୦.୧୨.୨୫ରେ ନୋଟିସ ଜାରି ହୋଇଛି। ଆସନ୍ତା ୧୨ ତାରିଖରେ ପାଟଣା ତହସିଲ ଚେମଣା ଗ୍ରାମପଞ୍ଚାୟତ ଭୃଙ୍ଗରାଜପଶି ଗ୍ରାମର ପଶିଖମରାଠାରେ ସକାଳ ୧୦.୩୦ ସମୟରେ ଗ୍ରାମସଭା କରାଯିବା ନେଇ ନୋଟିସରେ ଉଲ୍ଲେଖ କରାଯାଇଛି।

## ଗ୍ରାମାଞ୍ଚଳରେ ବଢୁଛି ଚୋରଙ୍କ ଉତ୍ପାତ

ବାରିକପୁର,୧୦।୧୨(ସମିସ): ଗ୍ରାମାଞ୍ଚଳରେ ଯେଉଁଭଳି ଚୋରଙ୍କ ଉତ୍ପାତ ବୃଦ୍ଧି ପାଉଛି ଏହା ଉପରେ ସେହିଭଳି ପୁଲିସର କାର୍ଯ୍ୟାନୁଷ୍ଠାନ ହେଉ ନଥିବା ଅଭିଯୋଗ ହୋଇଛି। ଭଣ୍ଡାରିପୋଖରୀ ଥାନାଞ୍ଚଳର ବିଭିନ୍ନ ସ୍ଥାନରୁ ଗତ ୭-୮ ମାସ ମଧ୍ୟରେ ୩୦ରୁ ଅଧିକ ଚୋରି ହୋଇଛି। ମଞ୍ଜୁରୀରୋଡ଼ ବଜାର ହେଉକି ଛତାବର କିମ୍ବା ମାଳଦା, ରହଣିଆ, ସରସଦା ଅଞ୍ଚଳ ସବୁଠି ଛୋଟବଡ଼ ଚୋରି ମାନ ହୋଇଥିବା ଦେଖାଯାଇଛି। କେତେବେଳେ ଦୋକାନ ତ ପୁଣି କେତେବେଳେ ମନ୍ଦିର ଆଉ ସ୍କୁଲ୍ ଅଙ୍ଗନବାଡ଼ି କେନ୍ଦ୍ର ଯେଉଁଠି ବି ଚୋର ପଶିଛନ୍ତି ସବୁ ଲୁଟି ନେଇଛନ୍ତି। ଏପରିକି ଭଣ୍ଡାରିପୋଖରୀ ଥାନା ସଂଲଗ୍ନ ୧୦୦-୨୦୦ ମିଟର ମଧ୍ୟରେ ଥିବା ବଜାର ଓ ବସଷ୍ଟାଣ୍ଡ ନିକଟରେ ମଧ ଅନେକବାର ଚୋରି ହୋଇଛି। ମୋବାଇଲ ଦୋକାନ, ତେଜରାତି ଓ ପାନ ଦୋକାନଗୁଡିକରୁ ଚୋରି ହୋଇଥିବା ବେଳେ ଏବେ ତିନୋଟି ଛୋଟ ଛୋଟ ଜଳଖିଆ ଦୋକାନରୁ ମଧ ଚୋରି ହୋଇଛି। ଏହାଛଡା ଗତକାଲି ରାତିରେ ସାନମାଳଦାଠାରେ ଜୈନିକ ଗୃହସ୍ଥଙ୍କ କବାଟର ଚାବି ଭାଙ୍ଗି ଘରେ ପଶିଥିବା ଜଣାପଡିଛି। ଚୋରମାନେ ଆଲମିରା ଭାଙ୍ଗି ଶାଢ଼ି ଓ ଅନ୍ୟାନ୍ୟ ସାମଗ୍ରୀ ଫିଙ୍ଗି ଦେଇଥିବା ଦେଖାଯାଇଛି। ଯଦିଓ ଏନେଇ ଥାନାରେ କିଛି ଅଭିଯୋଗ ହୋଇନାହିଁ କିନ୍ତୁ ଚୋର ମାନଙ୍କ ଉପଦ୍ରବ ଦିନକୁ ଦିନ ବଢୁଥିବା ଏଥିରୁ ସ୍ପଷ୍ଟ ପ୍ରମାଣିତ ହୋଇଛି। ଏବେ ଗ୍ରାମ୍ୟ ଚୋରଙ୍କ ଉତ୍ପାତ ଯୋଗୁଁ ଲୋକଙ୍କ ଧନସମ୍ପଦର ସୁରକ୍ଷାକୁ ନେଇ ଚିନ୍ତା ପ୍ରକଟ ହୋଇଛି। ପୁଲିସର ରାତ୍ରିକାଳୀନ ପାଟ୍ରୋଲିଂ ମଧ୍ୟରେ ବିଭିନ୍ନ ଗାଁ ଗହଳି ସହିତ ଥାନା ନାକ ତଳୁ ବାରମ୍ବାର ଚୋରି ହେବାନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଅନେକ ଚୋରି ଘଟଣାରେ ପୁଲିସ ଚୋରଙ୍କୁ ଧରିବାରେ ଏଯାଏଁ ସଫଳତା ପାଇପାରିନାହିଁ। ପୁଲିସର ଦକ୍ଷତାକୁ ନେଇ ଲୋକଙ୍କ ମଧ୍ୟରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ଗୁଆମାଳ ପଞ୍ଚାୟତ ଦୁର୍ନୀତିର ତଦନ୍ତ କେବେ

ଦୋଳସାହି,୧୦।୧୨(ସମିସ): ତିହିଡ଼ି ବ୍ଲକ୍ ଗୁଆମାଳ ପଞ୍ଚାୟତରେ ଗତ ୩ ବର୍ଷ ଭିତରେ ହୋଇଥିବା ସରକାରୀ କାର୍ଯ୍ୟରେ ଦୁର୍ନୀତି ହୋଇଥିବା ନେଇ ଭିଜିଲାନ୍ସ ବିଭାଗରେ ହୋଇଥିବା ଅଭିଯୋଗର ୨ମାସ ବିତିଯାଇଥିଲା ବେଳେ ତଦନ୍ତ ହେଉ ନଥିବା ନେଇ ଜଣାପଡ଼ିଛି। କେବେ ତଦନ୍ତ କରିବ ଭିଜିଲାନ୍ସ ସେନେଇ ପ୍ରଶ୍ନ ଉଠିଛି। ଉକ୍ତ ପଞ୍ଚାୟତର ସମାଜସେବୀ ଘନଶ୍ୟାମ ମିଶ୍ର ଗତ ୨ ମାସ ତଳେ ଭଦ୍ରକ ଭିଜିଲାନ୍ସ ବିଭାଗରେ ସରକାରଙ୍କ ପକ୍ଷରୁ ହୋଇଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ମହାଦୁର୍ନୀତି ହୋଇଥିବା ନେଇ ଅଭିଯୋଗ କରିଥିଲେ। ସେହିପରି ଦୁର୍ନୀତିର ପେଡ଼ି ଖୋଲିବା ପାଇଁ ସମାଜସେବୀ ଘନଶ୍ୟାମ ମିଶ୍ର ଲଢ଼େଇ କରୁଥିବା ନେଇ ବୁଦ୍ଧିଜୀବୀ ମହଲରେ ପ୍ରଶଂସା କରାଯାଉଛି।

## ପାଲାଣଘାଟି ପଞ୍ଚାୟତ ପୁରସ୍କୃତ



ତୁରୁମୁଙ୍ଗା, ୧୦।୧୨(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଅନ୍ତର୍ଗତ ପଲାଣଘାଟି ପଞ୍ଚାୟତକୁ ଜିଲ୍ଲା ଜଳ ଓ ପରିମଳ ମିଶନ ପକ୍ଷରୁ ବିଶ୍ୱ ଶୌଚାଳୟ ଦିବସରେ ଜିଲ୍ଲା ସ୍ତରରେ ପୁରସ୍କୃତ କରାଯାଇଛି। ସ୍ୱଚ୍ଛ ଭାରତ ମିଶନ ଅଧୀନରେ ପଞ୍ଚାୟତ କାର୍ଯ୍ୟାଳୟରେ ଆକର୍ଷଣୀୟ ଗୋଷ୍ଠୀ ଶୌଚାଳୟ ନିର୍ମାଣ କରିବା ସହ ଏହାର ନିୟମିତ ବ୍ୟବହାର କରି ପରିବେଶକୁ ସ୍ୱଚ୍ଛ ଓ ସୁନ୍ଦର କରି ରଖିବାରେ ଓ ପଞ୍ଚାୟତ ଅଞ୍ଚଳକୁ ବାହ୍ୟ ମଳମୂତ୍ରମୁକ୍ତ ଅଞ୍ଚଳ କରିଥିବା ହେତୁ ଜିଲ୍ଲାସ୍ତରୀୟ ପୁରସ୍କାର ଦିଆଯାଇଛି। ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ବିଶାଳ ସିଂ ଓ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ ପାଲାଣଘାଟି ସରପଞ୍ଚ ରାଉତ ମୁଣ୍ଡାଙ୍କୁ ପ୍ରଶଂସାପତ୍ର ଓ ପ୍ରଶସ୍ତି ଫଳକ ପ୍ରଦାନ କରାଯାଇଛି।

# ବିଭିନ୍ନ ସ୍ଥାନରେ ପାଳିତ ହେଲା ମାନବାଧିକାର ଦିବସ






ଚମ୍ପୁଆ, ୧୦।୧୨(ସମିସ): ଚମ୍ପୁଆ ତାଲୁକ୍ ଆଇନସେବା କମିଟି ପକ୍ଷରୁ ଚମ୍ପୁଆ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟଠାରେ ବିଶ୍ୱ ମାନବାଧିକାର ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଚମ୍ପୁଆ ଅତିରିକ୍ତ ଜିଲ୍ଲା ଦୌରାଜଜ୍ ତଥା ତାଲୁକ୍ ଆଇନ୍‌ସେବା କମିଟିର ଅଧ୍ୟକ୍ଷ ପ୍ରଣୟ କୁମାର ଦାସ ଅଧ୍ୟକ୍ଷତା କରିଥିବା ବେଳେ ସବଜଜ୍ ଜିତେନ୍ଦ୍ର ଦାସ, ଏସ୍‌ଡିଜେଏମ୍ ଦୀପକ ସାଠୁଆ, ଜେଏମ୍‌ଏଫ୍‌ସି ସୁଶ୍ରୀ ସୁସ୍ମିତା ମିଶ୍ର, ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡ଼ା, ବରିଷ୍ଠ ଆଇନ୍‌ଜୀବୀ ବିଷ୍ଣୁଚରଣ ରାଠୋର, ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ କଳ୍ପନା ଦାସ ଏବଂ ସମସ୍ତ ଶିକ୍ଷୟିତ୍ରୀ ସଭାରେ ଯୋଗ ଦେଇଥିଲେ। ଏହି ସଭାରେ ୭୦ରୁ ଅଧିକ ଛାତ୍ରୀ ଉପସ୍ଥିତ ଥିଲେ। ଆଇନ୍‌ସେବା କମିଟି ଅଧ୍ୟକ୍ଷ ବିଭିନ୍ନ ପ୍ରକାରର ଅଧିକାର ବିଷୟରେ ଆଲୋକପାତ କରିଥିଲେ। ମାନବ ଅଧିକାର ଦିବସ ପ୍ରତିବର୍ଷ ୧୦ ଡିସେମ୍ବରରେ ପାଳନ କରାଯାଏ। ମିଳିତ ଜାତିସଂଘ ସାଧାରଣ ସଭା ଦ୍ୱାରା ୧୯୪୮ରେ ମାନବ ଅଧିକାରର ସର୍ବଭାରତୀୟ ଘୋଷଣାନାମା ଗ୍ରହଣ କରାଯାଇଥିଲା। ସମସ୍ତ ଲୋକଙ୍କ ମୌଳିକ ମାନବିକ ଅଧିକାର ଏବଂ ସେମାନଙ୍କ ମୌଳିକ ମାନବିକ ସ୍ୱାଧୀନତା ରକ୍ଷା କରିବାକୁ ଏହି ଦିନ ପାଳନ କରାଯାଏ। ଏହି କାର୍ଯ୍ୟକ୍ରମକୁ କମିଟିର ସହକାରୀ ଅବଦୁଲ୍ ସୂରଜ ଖାନ ପରିଚାଳନା କରିଥିଲେ। ପାରା ଲିଗାଲ ସ୍ୱେଚ୍ଛାସେବୀ ରାମକ୍ରିଷ୍ଣ ଜିତ ସହଯୋଗ କରିଥିଲେ।

**ବଡ଼ବିଲ:** ବଡ଼ବିଲ ତାଲୁକ ଆଇନସେବା ସମିତି ଆନୁକୂଲ୍ୟରେ ମାଟକାମବେଡାସ୍ଥିତ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ପରିଚାଳିତ ସରକାରୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ବିଶ୍ୱ ମାନବାଧିକାର ଦିବସ ପାଳିତ ହୋଇଯାଇଛି। ଏକ ସଚେତନତା ସଭାରେ ବଡ଼ବିଲ ଅଦାଲତର ୧ମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ମଲ୍ଲିକା ଗୋଏଙ୍କା ଓ ଶ୍ରୀୟା ଶତପଥୀ ଯୋଗଦାନ କରିଥିଲେ। ଆଇନଜୀବୀ ବଳରାମ ମହାନ୍ତି, ବିଭୂତି ଭୂଷଣ ଷଡ଼ଙ୍ଗୀ, ଅକ୍ଷୟ ଧୀର ଏହି ଦିବସ ପାଳନର ମହତ୍ତ୍ୱ ଉପରେ ବକ୍ତବ୍ୟ ରଖିଥିଲେ। ବିଦ୍ୟାର୍ଥୀମାନେ ପ୍ରଶ୍ନୋତ୍ତର ମାଧ୍ୟମରେ ଏହି ସବୁ ବିଷୟରେ ପଚାରି ବୁଝିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ରଞ୍ଜନ କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

## ୨ ଶିଶୁ ଶ୍ରମିକ ଉଦ୍ଧାର

ହାଟଡ଼ିହୀ,୧୦।୧୨(ସମିସ): ଜିଲ୍ଲା ଶିଶୁ ସୁରକ୍ଷା ସମିତି ସହଯୋଗରେ ହାଟଡ଼ିହୀ ବ୍ଲକ୍ କାଠିଆସରା ନିକଟରୁ ୨ଜଣ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି। ହାଟଡ଼ିହୀ ପଞ୍ଚାୟତ ଗୋପ ଗ୍ରାମର ଜଣେ ବ୍ୟକ୍ତି ଭଦ୍ରକ ଜିଲ୍ଲାର ୨ ନାବାଳକଙ୍କୁ ଆଣି ଘୁଷୁରି ଚରାଇବା କାମରେ ନିୟୋଜିତ କରିଥିଲା। ଅଭିଯୋଗ ଉପରେ ଜିଲ୍ଲା ଶିଶୁ ସୁରକ୍ଷା ସମିତିର ପ୍ରକଳ୍ପ ସଂଯୋଜକ ଉଷାରାଣୀ ମହାନ୍ତ, ସହକାରୀ ଶ୍ରମ ଅଧିକାରୀ ସନ୍ତୋଷ ମହାନ୍ତି, ବ୍ଲକ୍ ଶ୍ରମ ଅଧିକାରୀ ଶାଶ୍ୱତ ପଲେଇ, ମହିଳା ଓ ଶିଶୁ ବିକାଶ ବିଭାଗ ସୁପରଭାଇଜର ରେଣୁବାଳା ଜେନା, ନନ୍ଦିପଦା ଥାନା ଆଇଆଇସି ଧର୍ମେନ୍ଦ୍ର କୁମାର ଶାନ୍ତି, ହମାରା ବଚପନ୍ ଜିଲ୍ଲା ସଂଯୋଜକ ହୃଦାନନ୍ଦ ସେନାପତି ପ୍ରମୁଖ ଗୋପ ଗ୍ରାମରେ ପହଞ୍ଚିଥିଲେ। ଶିଶୁ ଶ୍ରମିକଦ୍ୱୟ ଘୁଷୁରୀ ଚରାଇବାକୁ ଗୋପାଳପୁର ଅଞ୍ଚଳକୁ ଯାଇଥିଲେ। ଅଧିକାରୀମାନେ ସେହି ରାସ୍ତାରେ ଯାଇ କାଠିଆସରା ନିକଟରୁ ଦୁଇଜଣ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରିଛନ୍ତି। ପ୍ରକାଶ ଥାଉ କି, ହାଟଡ଼ିହୀ ବ୍ଲକ୍‌ର ବିଭିନ୍ନ ହୋଟେଲ, ଜଳଖିଆ ଦୋକାନ ମାନଙ୍କରେ ଶିଶୁ ଶ୍ରମିକଙ୍କୁ ନିୟୋଜିତ କରାଯାଉଥିବା ଦେଖାଯାଇଛି। ସେସବୁ ଦୋକାନ ଉପରେ ଚଢ଼ଉ କରାଯାଇ ତୁରନ୍ତ ସେମାନଙ୍କୁ ଉଦ୍ଧାର କରିବା ସହ ଦୋକାନୀଙ୍କ ଉପରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।

## ଦରଡ଼ାସାହି ଶନି ମନ୍ଦିରରୁ ଚୋରି

ହାଟଡ଼ିହୀ,୧୦।୧୨(ସମିସ): କିଛିଦିନର ବ୍ୟବଧାନ ପରେ ପୁଣି ମନ୍ଦିରରୁ ଚୋରି ହୋଇଛି। ହାଟଡ଼ିହୀ ବ୍ଲକ୍ ସଢ଼ା ଗ୍ରାମର ଦରଡ଼ାସାହି ଶନିଶ୍ଚର ମନ୍ଦିରରୁ ତାଲା ଭାଙ୍ଗି ଦୁର୍ବୃତ୍ତମାନେ ରୁପା ମୁକୁଟ, ସୁନା ଅଳଙ୍କାର, ପୂଜାରେ ବ୍ୟବହୃତ ପିତ୍ତଳ ସାମଗ୍ରୀ ଚୋରି କରିନେଇଛନ୍ତି। ଯାହାର ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ। ଏନେଇ ମନ୍ଦିର କମିଟି ପକ୍ଷରୁ ସୋସୋ ଥାନାରେ ଅଭିଯୋଗ ହେବା ପରେ ପୁଲିସ ସାଇଣ୍ଟିଫିକ୍ ଟିମ୍ ସହଯୋଗରେ ତଦନ୍ତ ଆରମ୍ଭ କରିଛି। ଚୋରିରେ ସ୍ଥାନୀୟ ଅଞ୍ଚଳର ନିଶାସକ୍ତ ଯୁବକମାନଙ୍କ ସମ୍ପୃକ୍ତି ଥିବା ଗ୍ରାମବାସୀ ସନ୍ଦେହ କରୁଛନ୍ତି। ପୁଲିସ ତୁରନ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରିବାକୁ କୈଳାସ ସାମଲ, ରବୀନ୍ଦ୍ର ବେହେରା, ବାବନ ବେହେରା, ପୂର୍ଣ୍ଣ ବେହେରା, କୃଷ୍ଣ ଜେନା, ବାବାଜୀ ବେହେରା ପ୍ରମୁଖ ଦାବି କରିଛନ୍ତି।

### ଚାଲିଥିଲା କୁକୁଡ଼ା ଲଢ଼େଇ; ମାଡ଼ି ବସିଲା ପୁଲିସ

# ବୋଲେରୋ, ବାଇକ୍ ଜବତ; ୧୦ ଜୁଆଡ଼ି ଗିରଫ





ଯୋଡ଼ା, ୧୦।୧୨(ସମିସ): କେନ୍ଦୁଝର ଜିଲ୍ଲା ଯୋଡ଼ା ବ୍ଲକ ବାମେବାରୀ ଥାନା ଅଧୀନ ଗୁରୁବେଡ଼ା ଗାଁରେ ବେଆଇନ କୁକୁଡ଼ା ଲଢ଼େଇ ସହ ଜୁଆ ଖେଳ ଚାଲିଥିବା ବେଳେ ଖବର ପାଇ ବାମେବାରୀ ପୁଲିସ ଘଟଣାସ୍ଥଳରେ ଚଢ଼ଉ କରିଥିଲା। ଏହି ଚଢ଼ଉରେ ପୁଲିସ ଓ ଜୁଆଡ଼ିଙ୍କ ମଧ୍ୟରେ ହାତାହାତି ହେବା ସହ କିଛି ଅଭିଯୁକ୍ତ ପୁଲିସକୁ ଘଟଣାସ୍ଥଳ ଛାଡ଼ି ପଳାଇବାକୁ ଧମକାଇଥିଲେ। ଏପରିକି ପୁଲିସ ଉପରକୁ ପଥର ଟେକା ଫିଙ୍ଗିଥିବା ଅଭିଯୋଗ ହୋଇଛି। ଆକ୍ରମଣରେ ଜଣେ ପୁଲିସ କର୍ମଚାରୀ ଗୁରୁତର ହୋଇଥିବା ସୂଚନା ରହିଛି। ପୁଲିସ ଓ ଜୁଆଡ଼ିଙ୍କ ମଧ୍ୟରେ କିଛି ସମୟ ବାକ୍ୟୁଦ୍ଧ ସହ ହାତାହାତି ପରେ ଘଟଣାସ୍ଥଳରୁ ୩୧ଟି ମଟର ସାଇକଲ, ଏକ ବୋଲେରୋ ଗାଡ଼ି, କିଛି ମୋବାଇଲ ଫୋନ୍ ଜବତ କରାଯାଇଛି। ସମ୍ପୃକ୍ତ ୧୦ ଜଣ ଜୁଆଡ଼ିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ନେଇ ଏକ ସାମ୍ବାଦିକ ସମ୍ମିଳନୀରେ ବଡ଼ବିଲ ଏସଡିପିଓ ଦେବେନ୍ଦ୍ରନାଥ ପିଙ୍ଗୁଆ ସୂଚନା ପ୍ରଦାନ କରିଛନ୍ତି। ୧୦ ଜଣ ଅଭିଯୁକ୍ତ ହେଲେ ଝୁମ୍ପୁରା ଥାନା ମଣଦା ଗାଁର ଅରୁଣ ପ୍ରଧାନ, କେନ୍ଦୁଝର ସଦର କଲଣ୍ଡା ଗାଁର ଜଗତ ମହାକୁଡ଼, ବଡ଼ବିଲ ୱାର୍ଡ ନଂର ବାବୁ ଦାସ, ଯୋଡ଼ା ବାଂଶପାଣିର ରାଜେଶ ମୁଣ୍ଡା, ଖୁଣ୍ଟପାଣିର ମାଣିଆ ମୁଣ୍ଡା, ମିଥୁନ ମୁଣ୍ଡା, କୁନ୍ଦୁରୁନାଳାର ସରୋଜ ପାତ୍ର, ତପନ ଗୋପ, ଡଡୁଆଁ ଗାଁର ଅକ୍ଷୟ ବାରିକ, ଭଣ୍ଡାର ଗଣେଶ ମୁଣ୍ଡା, ଝାଡ଼ଖଣ୍ଡ ଅଞ୍ଚଳର କମାର ଡ଼ଙ୍ଗି। ଅନ୍ୟମାନେ ଅନ୍ଧାରର ସୁଯୋଗ ନେଇ ଫେରାର ଥିବା ଜଣାପଡ଼ିଛି।

## ଦନ୍ତା ହାବୁଡ଼ରେ ଗଲା ଯୁବକଙ୍କ ଜୀବନ



ତୁରୁମୁଙ୍ଗା/ବାଲିବନ୍ଧ/ଚମ୍ପୁଆ/ଝୁମ୍ପୁରା, ୧୦।୧୨(ସମିସ): କେନ୍ଦୁଝର ଜିଲ୍ଲା ଚମ୍ପୁଆ ରେଞ୍ଜ ଉଖୁଣ୍ଡା ସେକ୍ସନ ଅସନପାଟ ନିକଟ ଗିଧିବାସ ହୁଡ଼ିରେ ଦନ୍ତା ଆକ୍ରମଣରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଅସନପାଟ ଗ୍ରାମ ଢ଼ିପାସାହିର ଭାଗବତ ନାଏକ (୩୫)। ଏକ ଗୋଠଛଡ଼ା ଦନ୍ତା ହୁଡ଼ି ନିକଟ ଜଙ୍ଗଲରେ ଡେରା ପକାଇଥିବା ବେଳେ ଜଙ୍ଗଲକୁ ଯାଇଥିବା ସମୟରେ ଭାଗବତ ଦନ୍ତା ହାବୁଡ଼ରେ ପଡ଼ିଯାଇଥିଲେ। ହାତୀ ତାଙ୍କୁ ଶୁଣ୍ଢରେ ଟେକି କଚାଡ଼ିବା ସହ ପାଦରେ ଦଳି ଦେଇଥିଲା। ପରେ ମୃତଦେହକୁ ଜଗିରହିଥିଲା ହାତୀ। ବନ ବିଭାଗର ଉଦ୍ୟମରେ ସାଇରନ ମାରି ହାତୀକୁ ଘଉଡ଼ାଇବା ପରେ ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ମେଡିକାଲକୁ ପଠାଯାଇଛି। ଚମ୍ପୁଆ ରେଞ୍ଜ ଅଧିକାରୀ ଅକ୍ଷୟ ଛତ୍ରିୟା, ଉଖୁଣ୍ଡା ବନପାଳ ପ୍ରଦୀପ ବାରିକ, ବାଲିବନ୍ଧ ବନରକ୍ଷୀ କିରାଣୀ ମହାରଣା ଘଟଣାସ୍ଥଳରେ ପହଞ୍ଚି ଅନୁଧ୍ୟାନ କରିଛନ୍ତି। ହାତୀ ଯେପରି ଅଧିକ କ୍ଷତି ନ କରିବ ସେଥିପାଇଁ ହାତୀ ରହିଥିବା ସ୍ଥାନରେ ବନ ବିଭାଗର କର୍ମଚାରୀମାନେ ଉପସ୍ଥିତ ରହି ହାତୀର ଗତିବିଧି ଲକ୍ଷ୍ୟ ରଖିଛନ୍ତି ବୋଲି ରେଞ୍ଜର ଶ୍ରୀ ଛତ୍ରିୟା ସୂଚନା ପ୍ରଦାନ କରିଛନ୍ତି। ଅନ୍ୟପକ୍ଷରେ, ଏହି ଅଞ୍ଚଳରେ ହାତୀ ଉପଦ୍ରବ ଯୋଗୁଁ ଲଗାତାର ଭାବେ ଲୋକଙ୍କ ଧନଜୀବନ ହାନି ହେଉଥିବା ଦେଖାଯାଉଛି। ହାତୀ ଫସଲ ନଷ୍ଟ କରି ଚାଲିଥିବା ବେଳେ ଗତ ଆଠ ତାରିଖରେ ଏହି ସେକ୍ସନର ଉଚ୍ଚବାଲିଠାରେ ତିନିଟିକିଆ ହାତୀ ପଲ ଜଣେ ଯୁବକଙ୍କୁ ଦଳି ଦେଇ ପ୍ରାଣ ନେଇଥିଲେ। ସେହପରି ଭାବେ ହାତୀ ଆକ୍ରମଣରେ ଗତ ଗୋଟିଏ ସପ୍ତାହରେ ଦୁଇଜଣଙ୍କ ପ୍ରାଣହାନି ହୋଇଛି। ଏନେଇ ଅଞ୍ଚଳରେ ବନ ବିଭାଗ ଓ ହାତୀ ଉପଦ୍ରବ ବିରୋଧରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

## ମା' ଜଗତଜନନୀ ସେବାଟ୍ରଷ୍ଟର ସେବାକାର୍ଯ୍ୟ



କେନ୍ଦୁଝର, ୧୦।୧୨(ସମିସ): ମା' ଜଗତଜନନୀ ସେବାଟ୍ରଷ୍ଟ, ନମ୍ବିରା ପକ୍ଷରୁ ଜିଲ୍ଲାରେ ପାନୀୟଜଳର ବ୍ୟବସ୍ଥା, ଶିକ୍ଷା ପାଇଁ ପ୍ରୋତ୍ସାହନ, ଧର୍ମାନୁଷ୍ଠାନର ବିକାଶ ସାଙ୍ଗକୁ ଅନ୍ୟାନ୍ୟ ନିର୍ମାଣ କାର୍ଯ୍ୟର ଧାରା ବଜାୟ ରହିଥିବାବେଳେ ଚଳିତବର୍ଷ ମଧ୍ୟ ଶୀତ ଦିନରେ ଗରିବ ଏବଂ ଅସହାୟ ଲୋକଙ୍କୁ ମାଗଣାରେ ଶୀତବସ୍ତ୍ର ପ୍ରଦାନ କରାଯାଉଛି। ଚମ୍ପୁଆ ବିଧାୟକ ସନାତନ ମହାକୁଡଙ୍କ ନିର୍ଦ୍ଦେଶକ୍ରମେ ଟ୍ରଷ୍ଟ ପକ୍ଷରୁ ଜିଲ୍ଲାର ବିଭିନ୍ନ ପ୍ରାନ୍ତରେ ଗରିବ ଏବଂ ଅସହାୟ ଗରିବ ଲୋକଙ୍କୁ ମାଗଣାରେ କମ୍ବଳ ବଣ୍ଟନ କରାଯାଉଛି। ୨ ସପ୍ତାହ ମଧ୍ୟରେ ଏହି କାର୍ଯ୍ୟ ଶେଷ କରାଯିବ ବୋଲି ଜଣାପଡିଛି। ବୁଧବାର କେନ୍ଦୁଝରଗଡ଼ ପୌରପାଳିକାର ୧ ନମ୍ବର ୱାର୍ଡ ଅନ୍ତର୍ଗତ ସୁଲେଇଖମାର, ପୋଡ଼ାଉଆସ, ସମାଧିସାହି, ଖଡ଼କିଦ୍ୱାରା ସାହିରେ ଆଦିବାସ ଓ ଗରିବ ଶ୍ରେଣୀର ଲୋକଙ୍କୁ ମାଗଣାରେ କମ୍ବଳ ବଣ୍ଟନ କରାଯାଇଛି। କେନ୍ଦୁଝରରେ ଦିନକୁ ଦିନ ଶୀତ ପ୍ରକୋପ ବଢୁଥିବାବେଳେ ଗରିବ ଖଟିଖିଆ ବ୍ୟକ୍ତିମାନେ କମ୍ବଳ ପାଇ ଶୀତରୁ କିଛି ମାତ୍ରାରେ ରକ୍ଷା ପାଇବେ। ଦରିଦ୍ର ରୋଗୀମାନଙ୍କୁ ଚିକିତ୍ସାର ସୁବିଧା ଯୋଗାଇ ଆସିଥିବା ଏହି ସଂସ୍ଥା ଦେବପୀଠର ଉନ୍ନତି, ପାନୀୟଜଳର ବ୍ୟବସ୍ଥା, ଆମ୍ବୁଲାନ୍ସ ସେବା, ଶିକ୍ଷାର ବିକାଶ ପାଇଁ କାର୍ଯ୍ୟକରି ସାମାଜିକ ଦାୟିତ୍ୱବୋଧକୁ ଆପଣେଇ ଆସିଛି। ପରୋପକାର ପରି ଧର୍ମୀୟ ଭାବନାକୁ ଗୁରୁତ୍ୱ ଦେଇ ଚର୍ଚ୍ଚିତ ହୋଇଥିବା ମା'ଜଗତ ଜନନୀ ସେବାଟ୍ରଷ୍ଟ ଅଭାବୀ ଲୋକମାନଙ୍କ ପାଇଁ ରାହା ଦେଖାଇବା ସହ ସମସ୍ତଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛି। ଜିଲ୍ଲାବାସୀଙ୍କ ମଙ୍ଗଳ ଏବଂ ଜିଲ୍ଲାର ସାମଗ୍ରିକ ଉନ୍ନତି ପାଇଁ ମା' ଜଗତ ଜନନୀ ସେବାଟ୍ରଷ୍ଟ ସର୍ବଦା ପ୍ରତିଜ୍ଞାବଦ୍ଧ ହୋଇ ରହିବ ବୋଲି ଟ୍ରଷ୍ଟର ସଦସ୍ୟ ତଥା ଚମ୍ପୁଆ ବିଧାୟକଙ୍କ ପ୍ରତିନିଧି ସଞ୍ଜୀବ କୁମାର ବେହେରା ସୂଚନା ଦେଇଛନ୍ତି।

## ୧୯ ବର୍ଷର ଛାତ୍ରଙ୍କ ୨ଟି କିଡନୀ ନଷ୍ଟ; ଚିନ୍ତାରେ ପରିବାର



ଧାମନଗର, ୧୦।୧୨(ସମିସ): ଧାମନଗର ବ୍ଲକ ଅନ୍ତର୍ଗତ କାସିମପୁର ପଞ୍ଚାୟତ ଖଡ଼ିମାହାର ଗାଁରୁ ଏକ ଦୁଃଖଦ ଖବର। ଗାଁର ମୁକ୍ତିକାନ୍ତ ଦାସଙ୍କ ୨ ପୁଅ। ମୁକ୍ତିକାନ୍ତ ଗାଡ଼ି ଚଳାଇ ନିଜ ପରିବାର ପ୍ରତିପୋଷଣ କରିଥାନ୍ତି। ବଡ଼ପୁଅ ଅନିଲ କୁମାର ଦାସ (୧୯) ଅସୁରାଳିସ୍ଥିତ ବେଷ୍ଟ କଲେଜରେ ଚଳିତବର୍ଷ ମେକାନିକାଲ ଇଞ୍ଜିନିୟରିଂ ପାଠ ପଢୁଥିଲେ। ହଠାତ ନିଜକୁ ଅସୁସ୍ଥ ମନେ କରୁଥିଲେ ନିଜ ବାପାଙ୍କୁ ଜଣାଇଲେ ପରେ ବାପାମା' କଟକ ଏସସିବି ଚିକିତ୍ସାଳୟରେ ଦେଖାଉଥିଲେ। ସେଠାରୁ ପ୍ରାଥମିକ ଚିକିତ୍ସାରୁ ଜଣା ପଡିଥିଲା, ଅନିଲଙ୍କ ଦୁଇଟି ଯାକ କିଡ଼ନୀ ପାଣି ଜମି ଯାଇଛି। ପରିବାରରେ ବାପାମା'ଙ୍କଠାରୁ ବନ୍ଧୁବାନ୍ଧବ ସାଙ୍ଗସାଥୀ ପର୍ଯ୍ୟନ୍ତ ସମସ୍ତେ ଦୁଃଖରେ ଭାଙ୍ଗି ପଡ଼ିଥିଲେ। ରୋଜଗାର ବୋଲି ଗାଡ଼ି ଚଳାଇ ନିଜ ପରିବାର ଚଳାଇଥାନ୍ତି ମୁକ୍ତିକାନ୍ତ। ଏତେ ଅର୍ଥ ଆଣିବେବା କଉଠୁ ପୁଅର ଚିକିତ୍ସା ପାଇଁ କଉ ବଡ଼ ଚିକିତ୍ସାଳୟରେ ତାଙ୍କୁ ଭଲ କରିବା ପାଇଁ ଦେଖାଇବେ। କିଛି ଦିନ ଧରି ଏବେ ଅନିଲ ଏମ୍ସରେ ଭର୍ତ୍ତି ହୋଇଛନ୍ତି। ପୁଅର ଦୁଃଖ ନେଇ ମୁକ୍ତିକାନ୍ତ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ସାକ୍ଷାତ କରି ପୁଅର ସମସ୍ତ ଖବରମାନ ଜଣାଇଥିଲେ। ଏହାନେଇ ମନ୍ତ୍ରୀ ସମସ୍ତ କଥା ବୁଝିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଯଦି କୌଣସି ସୁହୃଦୟ ବ୍ୟକ୍ତି ବିଶେଷ କିଛି ସାହାଯ୍ୟର ହାତବଢ଼ାନ୍ତେ ତା'ହେଲେ ସେ ପୁଅର ଚିକିତ୍ସା ଭଲରେ କରାଇ ପାରନ୍ତେ। ତାଙ୍କ ବ୍ୟାଙ୍କ ଖାତା ନମ୍ବର ହେଲା ଏସବିଆଇ ୩୪୭୭୯୫୪୧୬୭୮ ଶାଖା ଧୂଷୁରୀ, ଆଇଏଫଏସସି କୋଡ୍ ଏସବିଆଇଏନ୦୦୧୩୫୮୭ ନମ୍ବରରେ ପଠାଇବା ପରିବାର ପକ୍ଷରୁ ଅନୁରୋଧ କରାଯାଇଛି।

## ତାଳପଦାରେ ଚୋରା ମଦ କାରବାର ଥମୁନି

ଦୋଳସାହି,୧୦।୧୨(ସମିସ): ତାଳପଦା ପଞ୍ଚାୟତରେ ଦେଶୀ ମଦ ପ୍ରସ୍ତୁତ ହୋଇ ଭଦ୍ରକ ଜିଲ୍ଲାର କୋଣ ଅନୁକୋଣକୁ ବ୍ୟାପକ ଭାବେ ଚାଲାଣ କରାଯାଉଛି। ଏହି ଅବାଧ କାରବାର ନେଇ ବହୁ ପରିବାର ଉଜୁଡୁଥିବା ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ମଦ ବେପାର ବନ୍ଦ ହେବା ପରିବର୍ତ୍ତେ ବୃଦ୍ଧି ପାଉଛି। ଏ ଦିଗରେ ପୁଲିସ ଓ ଅବକାରୀ ବିଭାଗ ନିଷ୍କ୍ରିୟ ରହୁଥିବାରୁ ପ୍ରତିକ୍ରିୟା ପ୍ରକାଶ ପାଇଛି। ସୂଚନା ମୁତାବକ ତିହିଡି ଅବକାରୀ ବିଭାଗ ମାତ୍ର ତିନି ଜଣ ଷ୍ଟାଫ୍‌ଙ୍କୁ ନେଇ ଚାଲିଥିବା ବେଳେ ଅଧିକାଂଶ ସମୟ ଏହି କାର୍ଯ୍ୟାଳୟ ତାଲା ପଡିରହୁଛି। କାଁ ଭାଁ ଚଢଉ କରାଯାଉଛି। ତାଳପଦା ପଞ୍ଚାୟତରେ ପ୍ରସ୍ତୁତ କରୁଥିବା ଦେଶୀ ମଦ ବେପାରୀଙ୍କ ବିଭିନ୍ନ ସମୟରେ ତିହିଡ଼ି ପୁଲିସ ଗିରଫ କରି ବାରମ୍ବାର କୋର୍ଟ ଚାଲାଣ କରୁଥିବା ବେଳେ ଜେଲରୁ ବେଲ୍ ପାଇ ଆସିବା ପରେ ଆଇନ ପ୍ରତି ଭୟ ନଥିବା ନେଇ ପୁଣି ଖୁଲମଖୁଲା ବେପାର କରୁଥିବା ଜଣାଯାଇଛି।

## ଗଛକୁ ପିଟିଲା ବାଲି ବୋଝେଇ ହାଇୱା

ବନ୍ତ/ଆଗରପଡ଼ା,୧୦।୧୨(ସମିସ): ଭାରସାମ୍ୟ ହରାଇ ଗଛକୁ ଧକ୍କା ଦେଲା ବାଲି ବୋଝେଇ ହାଇୱା। ବନ୍ତ-ବାରିକପୁର ରାସ୍ତାର ସେଣ୍ଡତୀରା ପଂଚାୟତ କାର୍ଯ୍ୟାଳୟ ନିକଟରେ ଗଛକୁ ଧକ୍କା ଦେଇ ଏକ ବାଲି ବୋଝେଇ ହାଇୱା ଦୁର୍ଘଟଣା ଗ୍ରସ୍ତ ହୋଇଥିଲା ବେଳେ ହାଇୱା ଚାଳକ ବଡ଼ ଧରଣର ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତି ଯାଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ; କେନ୍ଦୁଝର ଜିଲ୍ଲା ହାଟଡିହି ତହସିଲ ଅଂଚଳର ବୈତରଣୀ ନଦୀ ଶଯ୍ୟାରୁ ବାଲି ବୋଝେଇ କରି ହାଇୱାଟି ବାରିକପୁର ଆଡ଼କୁ ଯାଉଥିଲା ବେଳେ ଭାରସାମ୍ୟ ହରାଇ ବନ୍ତ ଥାନା ଅଧୀନ ସେଣ୍ଡତୀରା ପଂଚାୟତ କାର୍ଯ୍ୟାଳୟ ନିକଟରେ ଏକ ଗଛକୁ ଧକ୍କା ଦେଇଥିଲା। ତେବେ ଦୁର୍ଘଟଣା ଦେଖି ସ୍ଥାନୀୟ ଲୋକମାନେ ଚାଳକଙ୍କୁ ଗାଡି ଭିତରୁ ସୁରକ୍ଷିତ ଭାବରେ ଉଦ୍ଧାର କରିଥିଲେ। ଖବର ପାଇ ବନ୍ତ ପୋଲିସ୍ ଘଟଣା ସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି।

## ଜଣେ ମାତ୍ର ଷ୍ଟାଫ୍‌ରେ ଚାଲିଛି ଉପ ସ୍ୱାସ୍ଥ୍ୟକେନ୍ଦ୍ର

ଦୋଳସାହି,୧୦।୧୨(ସମିସ): ତିହିଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ଉପ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ମହିଳା କର୍ମଚାରୀ ଏକା ସମ୍ଭାଳୁଥିବା ଦେଖିବାକୁ ମିଳୁଛି। ମୁକୁନ୍ଦପୁର ପଞ୍ଚାୟତର ଆରସା ଗ୍ରାମରେ ଅବସ୍ଥିତ ସ୍ୱାସ୍ଥ୍ୟ ଉପକେନ୍ଦ୍ରରେ କମ୍ୟୁନିଟି ହେଲଥ ଅଫିସର ଭାବେ ଜୋସ୍ନାମୟୀ ସାହୁ ଏକା ରୋଗୀଙ୍କୁ ସେବା କରୁଥିବା ବେଳେ ଜଣେ ପିଅନ ଓ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ଆବଶ୍ୟକତା ଥିବା ଜଣାଯାଇଛି। ତୁରନ୍ତ ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ସ୍ୱାସ୍ଥ୍ୟ ଉପକେନ୍ଦ୍ରରେ ଖାଲି ପଡିଥିବା ପଦ ପୂରଣ ପାଇଁ ସାଧାରଣରେ ଦାବି ହେଉଛି।

## ପଦ୍ମପୁର ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକୋତ୍ସବ



କେନ୍ଦୁଝର,୧୦।୧୨(ସମିସ): କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ପଦ୍ମପୁର ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ସମାରୋହ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଧରଣୀଧର ମହାବିଦ୍ୟାଳୟର କୁଳସଚିବ ସୁଶ୍ରୀ ପ୍ରତିଭା ପୃଷ୍ଟି, ବକ୍ତା ଚିତ୍ତରଞ୍ଜନ ମିଶ୍ର, ସମ୍ମାନିତ ଅତିଥି ଙ୍କ ବସନ୍ତ କୁମାର ଦାନୀ, ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଧନୁର୍ଜୟ ମହାନ୍ତ, ଅନୁଷ୍ଠାନର ପ୍ରତିଷ୍ଠାତା ସଦସ୍ୟ ଜଳଧାର ସାହୁ, କିଶୋର ସାହୁ, ସଦେବ କୁଅଁର ପ୍ରମୁଖ ଯୋଗ ଦେଇଥିଲେ। ଅଧ୍ୟକ୍ଷ ହୃଷୀକେଶ ସାହୁ ପୌରୋହିତ୍ୟରେ ପରିଚାଳିତ କାର୍ଯ୍ୟକ୍ରମରେ ସାଂସ୍କୃତିକ ପରିଷଦର ଉପଦେଷ୍ଟା ଅଧ୍ୟାପକ ରାମଶଙ୍କର ସାହୁ ସହଯୋଗ କରିଥିଲେ। ଛାତ୍ରଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଅଧ୍ୟାପକ ସୁରେଶ କୁମାର ଆଚାର୍ଯ୍ୟ, ସନତ କୁମାର ଦାସ ପରିଚାଳନା କରିଥିଲେ।

## ପାଲାଣଘାଟି ପଞ୍ଚାୟତ ପୁରସ୍କୃତ



ତୁରୁମୁଙ୍ଗା, ୧୦।୧୨(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଅନ୍ତର୍ଗତ ପଲାଣଘାଟି ପଞ୍ଚାୟତକୁ ଜିଲ୍ଲା ଜଳ ଓ ପରିମଳ ମିଶନ ପକ୍ଷରୁ ବିଶ୍ୱ ଶୌଚାଳୟ ଦିବସରେ ଜିଲ୍ଲା ସ୍ତରରେ ପୁରସ୍କୃତ କରାଯାଇଛି। ସ୍ୱଚ୍ଛ ଭାରତ ମିଶନ ଅଧୀନରେ ପଞ୍ଚାୟତ କାର୍ଯ୍ୟାଳୟରେ ଆକର୍ଷଣୀୟ ଗୋଷ୍ଠୀ ଶୌଚାଳୟ ନିର୍ମାଣ କରିବା ସହ ଏହାର ନିୟମିତ ବ୍ୟବହାର କରି ପରିବେଶକୁ ସ୍ୱଚ୍ଛ ଓ ସୁନ୍ଦର କରି ରଖିବାରେ ଓ ପଞ୍ଚାୟତ ଅଞ୍ଚଳକୁ ବାହ୍ୟ ମଳମୂତ୍ରମୁକ୍ତ ଅଞ୍ଚଳ କରିଥିବା ହେତୁ ଜିଲ୍ଲାସ୍ତରୀୟ ପୁରସ୍କାର ଦିଆଯାଇଛି। ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ବିଶାଲ ସିଂ ଓ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ ପାଲାଣଘାଟି ସରପଞ୍ଚ ରାଉତ ମୁଣ୍ଡାଙ୍କୁ ପ୍ରଶଂସାପତ୍ର ଓ ପ୍ରଶସ୍ତି ଫଳକ ପ୍ରଦାନ କରାଯାଇଛି।

## ପ୍ରସ୍ତାବିତ ଷ୍ଟିଲପ୍ଲାଣ୍ଟ ପାଇଁ ଗ୍ରାମସଭା ନୋଟିସ

ତୁରୁମୁଙ୍ଗା, ୧୦।୧୨(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ୍ ଚେମେଣା ଓ ଯମୁନାପଶି ପଞ୍ଚାୟତରେ ଜେଏସ୍‌ଡବ୍ଲୁ ଏବଂ ପୋସ୍କୋ ପକ୍ଷରୁ ହେବାକୁ ଥିବା ଷ୍ଟିଲପ୍ଲାଣ୍ଟକୁ ନେଇ ଗ୍ରାମସଭା ପାଇଁ ବ୍ଲକ କାର୍ଯ୍ୟାଳୟ ପକ୍ଷରୁ ନୋଟିସ ଜାରି ହୋଇଛି। ଏନେଇ ପାଟଣା ପଞ୍ଚାୟତସମିତି କାର୍ଯ୍ୟାଳୟ ପକ୍ଷରୁ ଚିଠି ନମ୍ବର ୬୯୫୫/ ୧୦.୧୨.୨୫ରେ ନୋଟିସ ଜାରି ହୋଇଛି। ଆସନ୍ତା ୧୨ ତାରିଖରେ ପାଟଣା ତହସିଲ ଚେମଣା ଗ୍ରାମପଞ୍ଚାୟତ ଭୃଙ୍ଗରାଜପଶି ଗ୍ରାମର ପଶିଖମରାଠାରେ ସକାଳ ୧୦.୩୦ ସମୟରେ ଗ୍ରାମସଭା କରାଯିବା ନେଇ ନୋଟିସରେ ଉଲ୍ଲେଖ କରାଯାଇଛି।

## ଗ୍ରାମାଞ୍ଚଳରେ ବଢୁଛି ଚୋରଙ୍କ ଉତ୍ପାତ

ବାରିକପୁର,୧୦।୧୨(ସମିସ): ଗ୍ରାମାଞ୍ଚଳରେ ଯେଉଁଭଳି ଚୋରଙ୍କ ଉତ୍ପାତ ବୃଦ୍ଧି ପାଉଛି ଏହା ଉପରେ ସେହିଭଳି ପୁଲିସର କାର୍ଯ୍ୟାନୁଷ୍ଠାନ ହେଉ ନଥିବା ଅଭିଯୋଗ ହୋଇଛି। ଭଣ୍ଡାରିପୋଖରୀ ଥାନାଞ୍ଚଳର ବିଭିନ୍ନ ସ୍ଥାନରୁ ଗତ ୭-୮ ମାସ ମଧ୍ୟରେ ୩୦ରୁ ଅଧିକ ଚୋରି ହୋଇଛି। ମଞ୍ଜୁରୀରୋଡ଼ ବଜାର ହେଉକି ଛତାବର କିମ୍ବା ମାଳଦା, ରହଣିଆ, ସରସଦା ଅଞ୍ଚଳ ସବୁଠି ଛୋଟବଡ଼ ଚୋରି ମାନ ହୋଇଥିବା ଦେଖାଯାଇଛି। କେତେବେଳେ ଦୋକାନ ତ ପୁଣି କେତେବେଳେ ମନ୍ଦିର ଆଉ ସ୍କୁଲ୍ ଅଙ୍ଗନବାଡ଼ି କେନ୍ଦ୍ର ଯେଉଁଠି ବି ଚୋର ପଶିଛନ୍ତି ସବୁ ଲୁଟି ନେଇଛନ୍ତି। ଏପରିକି ଭଣ୍ଡାରିପୋଖରୀ ଥାନା ସଂଲଗ୍ନ ୧୦୦-୨୦୦ ମିଟର ମଧ୍ୟରେ ଥିବା ବଜାର ଓ ବସଷ୍ଟାଣ୍ଡ ନିକଟରେ ମଧ୍ୟ ଅନେକବାର ଚୋରି ହୋଇଛି। ମୋବାଇଲ ଦୋକାନ, ତେଜରାତି ଓ ପାନ ଦୋକାନଗୁଡିକରୁ ଚୋରି ହୋଇଥିବା ବେଳେ ଏବେ ତିନୋଟି ଛୋଟ ଛୋଟ ଜଳଖିଆ ଦୋକାନରୁ ମଧ୍ୟ ଚୋରି ହୋଇଛି। ଏହାଛଡା ଗତକାଲି ରାତିରେ ସାନମାଳଦାଠାରେ ଜୈନିକ ଗୃହସ୍ଥଙ୍କ କବାଟର ଚାବି ଭାଙ୍ଗି ଘରେ ପଶିଥିବା ଜଣାପଡିଛି। ଚୋରମାନେ ଆଲମିରା ଭାଙ୍ଗି ଶାଢ଼ି ଓ ଅନ୍ୟାନ୍ୟ ସାମଗ୍ରୀ ଫିଙ୍ଗି ଦେଇଥିବା ଦେଖାଯାଇଛି। ଯଦିଓ ଏନେଇ ଥାନାରେ କିଛି ଅଭିଯୋଗ ହୋଇନାହିଁ କିନ୍ତୁ ଚୋର ମାନଙ୍କ ଉପଦ୍ରବ ଦିନକୁ ଦିନ ବଢୁଥିବା ଏଥିରୁ ସ୍ପଷ୍ଟ ପ୍ରମାଣିତ ହୋଇଛି। ଏବେ ଗ୍ରାମ୍ୟ ଚୋରଙ୍କ ଉତ୍ପାତ ଯୋଗୁଁ ଲୋକଙ୍କ ଧନସମ୍ପଦର ସୁରକ୍ଷାକୁ ନେଇ ଚିନ୍ତା ପ୍ରକଟ ହୋଇଛି। ପୁଲିସର ରାତ୍ରିକାଳୀନ ପାଟ୍ରୋଲିଂ ମଧ୍ୟରେ ବିଭିନ୍ନ ଗାଁ ଗହଳି ସହିତ ଥାନା ନାକ ତଳୁ ବାରମ୍ବାର ଚୋରି ହେବାନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଅନେକ ଚୋରି ଘଟଣାରେ ପୁଲିସ ଚୋରଙ୍କୁ ଧରିବାରେ ଏଯାଏଁ ସଫଳତା ପାଇପାରିନାହିଁ। ପୁଲିସର ଦକ୍ଷତାକୁ ନେଇ ଲୋକଙ୍କ ମଧ୍ୟରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ଗୁଆମାଳ ପଞ୍ଚାୟତ ଦୁର୍ନୀତିର ତଦନ୍ତ କେବେ

ଦୋଳସାହି,୧୦।୧୨(ସମିସ): ତିହିଡ଼ି ବ୍ଲକ୍ ଗୁଆମାଳ ପଞ୍ଚାୟତରେ ଗତ ୩ ବର୍ଷ ଭିତରେ ହୋଇଥିବା ସରକାରୀ କାର୍ଯ୍ୟରେ ଦୁର୍ନୀତି ହୋଇଥିବା ନେଇ ଭିଜିଲାନ୍ସ ବିଭାଗରେ ହୋଇଥିବା ଅଭିଯୋଗର ୨ମାସ ବିତିଯାଇଥିଲା ବେଳେ ତଦନ୍ତ ହେଉ ନଥିବା ନେଇ ଜଣାପଡ଼ିଛି। କେବେ ତଦନ୍ତ କରିବ ଭିଜିଲାନ୍ସ ସେନେଇ ପ୍ରଶ୍ନ ଉଠିଛି। ଉକ୍ତ ପଞ୍ଚାୟତର ସମାଜସେବୀ ଘନଶ୍ୟାମ ମିଶ୍ର ଗତ ୨ ମାସ ତଳେ ଭଦ୍ରକ ଭିଜିଲାନ୍ସ ବିଭାଗରେ ସରକାରଙ୍କ ପକ୍ଷରୁ ହୋଇଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ମହାଦୁର୍ନୀତି ହୋଇଥିବା ନେଇ ଅଭିଯୋଗ କରିଥିଲେ। ସେହିପରି ଦୁର୍ନୀତିର ପେଡ଼ି ଖୋଲିବା ପାଇଁ ସମାଜସେବୀ ଘନଶ୍ୟାମ ମିଶ୍ର ଲଢ଼େଇ କରୁଥିବା ନେଇ ବୁଦ୍ଧିଜୀବୀ ମହଲରେ ପ୍ରଶଂସା କରାଯାଉଛି।

# ବିଭିନ୍ନ ସ୍ଥାନରେ ପାଳିତ ହେଲା ମାନବାଧିକାର ଦିବସ







ଚମ୍ପୁଆ, ୧୦।୧୨(ସମିସ): ଚମ୍ପୁଆ ତାଲୁକ୍ ଆଇନସେବା କମିଟି ପକ୍ଷରୁ ଚମ୍ପୁଆ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟଠାରେ ବିଶ୍ୱ ମାନବାଧିକାର ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଚମ୍ପୁଆ ଅତିରିକ୍ତ ଜିଲ୍ଲା ଦୌରାଜଜ୍ ତଥା ତାଲୁକ୍ ଆଇନ୍‌ସେବା କମିଟିର ଅଧ୍ୟକ୍ଷ ପ୍ରଣୟ କୁମାର ଦାସ ଅଧ୍ୟକ୍ଷତା କରିଥିବା ବେଳେ ସବଜଜ୍ ଜିତେନ୍ଦ୍ର ଦାସ, ଏସ୍‌ଡିଜେଏମ୍ ଦୀପକ ସାଠୁଆ, ଜେଏମ୍‌ଏଫ୍‌ସି ସୁଶ୍ରୀ ସୁସ୍ମିତା ମିଶ୍ର, ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡ଼ା, ବରିଷ୍ଠ ଆଇନ୍‌ଜୀବୀ ବିଷ୍ଣୁଚରଣ ରାଠୋର, ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ କଳ୍ପନା ଦାସ ଏବଂ ସମସ୍ତ ଶିକ୍ଷୟିତ୍ରୀ ସଭାରେ ଯୋଗ ଦେଇଥିଲେ। ଏହି ସଭାରେ ୭୦ରୁ ଅଧିକ ଛାତ୍ରୀ ଉପସ୍ଥିତ ଥିଲେ। ଆଇନ୍‌ସେବା କମିଟି ଅଧ୍ୟକ୍ଷ ବିଭିନ୍ନ ପ୍ରକାରର ଅଧିକାର ବିଷୟରେ ଆଲୋକପାତ କରିଥିଲେ। ମାନବ ଅଧିକାର ଦିବସ ପ୍ରତିବର୍ଷ ୧୦ ଡିସେମ୍ବରରେ ପାଳନ କରାଯାଏ। ମିଳିତ ଜାତିସଂଘ ସାଧାରଣ ସଭା ଦ୍ୱାରା ୧୯୪୮ରେ ମାନବ ଅଧିକାରର ସର୍ବଭାରତୀୟ ଘୋଷଣାନାମା ଗ୍ରହଣ କରାଯାଇଥିଲା। ସମସ୍ତ ଲୋକଙ୍କ ମୌଳିକ ମାନବିକ ଅଧିକାର ଏବଂ ସେମାନଙ୍କ ମୌଳିକ ମାନବିକ ସ୍ୱାଧୀନତା ରକ୍ଷା କରିବାକୁ ଏହି ଦିନ ପାଳନ କରାଯାଏ। ଏହି କାର୍ଯ୍ୟକ୍ରମକୁ କମିଟିର ସହକାରୀ ଅବଦୁଲ୍ ସୂରଜ ଖାନ ପରିଚାଳନା କରିଥିଲେ। ପାରା ଲିଗାଲ ସ୍ୱେଚ୍ଛାସେବୀ ରାମକ୍ରିଷ୍ଣ ଜିତ ସହଯୋଗ କରିଥିଲେ।

**ବଡ଼ବିଲ:** ବଡ଼ବିଲ ତାଲୁକ ଆଇନସେବା ସମିତି ଆନୁକୂଲ୍ୟରେ ମାଟକାମବେଡାସ୍ଥିତ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ପରିଚାଳିତ ସରକାରୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ବିଶ୍ୱ ମାନବାଧିକାର ଦିବସ ପାଳିତ ହୋଇଯାଇଛି। ଏକ ସଚେତନତା ସଭାରେ ବଡ଼ବିଲ ଅଦାଲତର ୧ମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ମଲ୍ଲିକା ଗୋଏଙ୍କା ଓ ଶ୍ରୀୟା ଶତପଥୀ ଯୋଗଦାନ କରିଥିଲେ। ଆଇନଜୀବୀ ବଳରାମ ମହାନ୍ତି, ବିଭୂତି ଭୂଷଣ ଷଡ଼ଙ୍ଗୀ, ଅକ୍ଷୟ ଧୀର ଏହି ଦିବସ ପାଳନର ମହତ୍ତ୍ୱ ଉପରେ ବକ୍ତବ୍ୟ ରଖିଥିଲେ। ବିଦ୍ୟାର୍ଥୀମାନେ ପ୍ରଶ୍ନୋତ୍ତର ମାଧ୍ୟମରେ ଏହି ସବୁ ବିଷୟରେ ପଚାରି ବୁଝିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ରଞ୍ଜନ କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

# ସାଇବର ଠକେଇ ମାମଲାରେ ୪ ଗିରଫ

ଅନୁଗୋଳ,୧୦।୧୨(ସମିସ):

ଏକ ବଡ଼ ଧରଣର ସାଇବର ଠକେଇରେ ସମ୍ପୃକ୍ତ ୪ ଅଭିଯୁକ୍ତଙ୍କୁ ଅନୁଗୋଳ ଜିଲ୍ଲା ପୁଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ନୟାଗଡ଼ ଜିଲ୍ଲା ଶରଣକୁଳ ଥାନା ଜଗନ୍ନାଥପୁର ଗ୍ରାମର କେଦାରନାଥ ନାୟକଙ୍କ ପୁଅ ମାନସ ଓରଫ ଜ୍ୟୋତି ନାୟକ (୨୧), ପଠାନଗଡ଼ାର ଶଙ୍କର ନାୟକଙ୍କ ପୁଅ ପ୍ରତାପ ନାୟକ (୨୪), ହରିହରପୁରର ପ୍ରଭାତ କୁମାର ମୁଦୁଲିଙ୍କ ପୁଅ ରାମଚନ୍ଦ୍ର ମୁଦୁଲି (୨୫) ଏବଂ ସିଙ୍ଗରପୁରର କୁଳମଣି ଜେନାଙ୍କ ପୁଅ ଦିବ୍ୟରଞ୍ଜନ ଜେନା ଓରଫ ସୁଜନ (୨୫)। ଏମାନଙ୍କଠାରୁ ପୁଲିସ ୨୬୯,୦୦୦ ଟଙ୍କା ସହ ୭ଟି ମୋବାଇଲ ଫୋନ୍, ବ୍ୟାଙ୍କ ପାସବୁକ, ଡେବିଟ୍ କାର୍ଡ, ଆଧାର କାର୍ଡ, ପାନ କାର୍ଡ, ଗୋଟିଏ ଚେକ୍‌ବୁକ୍, ଠକେଇ ପାଇଁ ବ୍ୟବହୃତ ୪ଟି ୟୁପିଆଇ-ଲିଙ୍କ୍ ସିମ୍ କାର୍ଡ ଆକାଉଣ୍ଟ ବିବରଣୀ ଏବଂ କାରବାର ଦେଖାଉଥିବା ହ୍ୱାଟ୍ସଆପ୍ ଚାଟ୍ ପ୍ରଭୃତି ଜବତ କରିଛି। ପୁଲିସର ଦ୍ରୁତ ଏବଂ ସମନ୍ୱିତ କାର୍ଯ୍ୟାନୁଷ୍ଠାନ ଯୋଗୁଁ ୨୪ ଘଣ୍ଟା ମଧ୍ୟରେ







ମାମଲା ସମାଧାନ ହେବା ସହ ସମସ୍ତ ଚାରି ଅଭିଯୁକ୍ତଙ୍କୁ ୪୮ ଘଣ୍ଟା ମଧ୍ୟରେ ଗିରଫ କରାଯାଇଥିବା ବୁଧବାର ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଏସପି ରାହୁଲ ଜୈନ ସୂଚନା ଦେଇଛନ୍ତି।

ଅନୁଗୋଳ ସାଇବର ଅପରାଧ ଏବଂ ଅର୍ଥନୈତିକ ଅପରାଧ ପୁଲିସ ଥାନାରେ ଗତ ୮ ତାରିଖ ଜଣେ ବ୍ୟକ୍ତି ଅଭିଯୋଗ କରିଥିଲେ ଯେ ନଭେମ୍ବର ୧୫ରେ ଅଜଣା ବ୍ୟକ୍ତି ତାଙ୍କୁ ଟେଲିଗ୍ରାମରେ ଯୋଗାଯୋଗ କରିଥିଲେ। ତାଙ୍କୁ ଲାଭ, ସିବିଲ ସ୍କୋର ଉନ୍ନତି ଏବଂ "ସୁଇସ୍ ଏକ୍ସଚେଞ୍ଜ ଆକାଉଣ୍ଟ'କୁ ଅଣଫ୍ରିଜ୍ କରିବାକୁ ମିଥ୍ୟା ପ୍ରତିଶ୍ରୁତି ଦେଇ ବିଭିନ୍ନ କାର୍ଯ୍ୟ ସମାପ୍ତ କରିବାକୁ ଏବଂ ୟୁପିଆଇ ଓ ବ୍ୟାଙ୍କ ଟ୍ରାନ୍ସଫର ମାଧ୍ୟମରେ ପର୍ଯ୍ୟାୟ କ୍ରମେ ଟଙ୍କା ସ୍ଥାନାନ୍ତର କରିବାକୁ କୁହାଯାଇଥିଲା। ଏହି ମାମଲାରେ ଏସପି ଜୈନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ସ୍ୱତନ୍ତ୍ର ଦଳ ଗଠନ କରାଯାଇଥିଲା। ଡିଏସପି ଯୋଗେଶ୍ୱରୀ ବେହେରା, ପୁଲିସ କର୍ମଚାରୀ ଅଶ୍ୱିନୀକାନ୍ତ ସାହୁ, ରୋହିତ କୁମାର ମାଝୀ, ସୌମ୍ୟରଞ୍ଜନ ମାଝୀ, ଅନିଲ ସାହୁଙ୍କୁ ନେଇ ଗଠିତ ପୁଲିସ ଟିମ ନୟାଗଡ଼ ଜିଲ୍ଲାରେ ଚଢ଼ଉ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଛନ୍ତି।

## ବଇଣ୍ଡା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ କ୍ରୀଡ଼ା

କିଶୋରନଗର,୧୦।୧୨(ସମିସ): ଡିସେମ୍ବର ୯ ଓ ୧୦ ତାରିଖ ଦୁଇଦିନ ଧରି ବଇଣ୍ଡା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ କ୍ରୀଡ଼ା ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପୁଲିସ ଅଧିକାରୀ ଅର୍ଜୁନ ସାହୁ ଯୋଗଦେଇ ଏହାକୁ ଉଦଘାଟନ କରିବା ସହ



କ୍ରୀଡ଼ା ଦ୍ୱାରା ଶିଶୁ ଉଭୟ ଶାରିରୀକ ଓ ମାନସିକ ସ୍ତରରେ ସୁଦୃଢ଼ ହୋଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ମା' ହିଙ୍ଗୁଳାଇ ଉଚ୍ଚ ବିଦ୍ୟାଳୟର ଶାରୀରିକ ଶିକ୍ଷା ଶିକ୍ଷକ ଅରୁଣ କୁମାର ସାହୁ ଯୋଗଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ବିଜେପି ନାକଚି ମଣ୍ଡଳର ସଭାପତି ସଞ୍ଜୀବ ପାତ୍ର ମୁଖ୍ୟଅତିଥି ଓ ବ୍ୟବସାୟୀ ରାଜକିଶୋର ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳର ମହତ୍ତ୍ୱ ଉପରେ ବକ୍ତବ୍ୟ ରଖିବା ସହ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ବିଭିନ୍ନ କ୍ରୀଡ଼ାରେ ୩୪୫ ପ୍ରତିଭାଗୀ ଅଂଶଗ୍ରହଣ କରିଥିଲେ। ଶିଶୁବର୍ଗରେ ହିତେଶ କୁମାର ପ୍ରଧାନ, ବାଳବର୍ଗରେ ଆୟୁଷ୍ମାନ ସାହୁ, ଜଶଲିନ ରଣା ଓ କିଶୋର ବର୍ଗରେ ଏସ୍‌ଆଇ ଆଲିଶା ପ୍ରଧାନ ଚାମ୍ପିଅନ ହୋଇଛନ୍ତି। ଅନୁଷ୍ଠାନର ପ୍ରଧାନ ଆଚାର୍ଯ୍ୟ ରବୀନ୍ଦ୍ରନାଥ ଜେନା ଅତିଥି ପରିଚୟ ପ୍ରଦାନ ଓ ସ୍ୱାଗତ ଭାଷଣ ଦେଇଥିଲେ। ଅନୁଷ୍ଠାନର ଶାରୀରିକ ଶିକ୍ଷା ପ୍ରମୁଖ ବୁଲୁଚରଣ ସାହୁ କ୍ରୀଡ଼ା ସଞ୍ଚାଳନ କରିବା ସହ ବୃତ୍ତ କଥନ କରିଥିଲେ। ଆଚାର୍ଯ୍ୟା ବିନୀତା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଆଚାର୍ଯ୍ୟ ଭାସ୍କର ସାହୁ, ରମାକାନ୍ତ ସାହୁ, ବାପୁଜୀ ଦେହୁରୀ, ଶ୍ରୀକାନ୍ତ ପ୍ରଧାନ, ନିରୁପମା ବାରିକ, ସୁମତି ପ୍ରଧାନ ପ୍ରୀତିରାଣୀ ବୋଷ, ଜ୍ୟୋସ୍ନାମୟୀ ପ୍ରଧାନ ସହଯୋଗ କରିଥିଲେ।

## ରାମଚନ୍ଦ୍ର ବଜାର ପକ୍ଷରୁ ପୌରାଧକ୍ଷଙ୍କୁ ସମ୍ବର୍ଦ୍ଧନା

ତାଳଚେର,୧୦।୧୨(ସମିସ): ତାଳଚେର ପୌରାଧକ୍ଷ ପବିତ୍ର ଭୂତିଆଙ୍କୁ ପୌର ପରିଷଦ କାର୍ଯ୍ୟାଳୟରେ ରାମଚନ୍ଦ୍ର ବଜାର ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି।




ବଜାର କମିଟି ସଭାପତି ସୁଧୀର କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ କର୍ମକର୍ତ୍ତା ଓ ସଦସ୍ୟମାନେ ଭୂତିଆଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବଜାର କମିଟି ସାଧରଣ ସମ୍ପାଦକ ସନ୍ତୋଷ ଅଗ୍ରୱାଲା, ସରୋଜ ମହାରଣା, ଲୁଲୁ ରାଉତ, ଶ୍ରୀନିବାସ ବାରିକ ଆର୍ତ୍ତ ବନ୍ଧୁ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ୯ ନମ୍ବର ୱାର୍ଡ ଜାମୁ ବଣିଆ ସାହି ପକ୍ଷରୁ ଶତାଧିକ ୱାର୍ଡବାସୀ ପୌରାଧକ୍ଷଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଛନ୍ତି।

## ସଙ୍କଟରେ ତାଳଚେର ଟ୍ରକ ମାଲିକଙ୍କ ଜୀବନ ଜୀବିକା

### ବିଧାନସଭାରେ ପ୍ରଶ୍ନ ଉଠାଇଲେ ବିଧାୟକ

ତାଳଚେର,୧୦।୧୨(ସମିସ): ତାଳଚେରର ଅର୍ଥନୀତି ଭୁଶୁଡ଼ି ପଡ଼ିବା ସହ ଅଞ୍ଚଳର ଟ୍ରକ ମାଲିକମାନଙ୍କ ଜୀବନ ଜୀବିକା ସଙ୍କଟରେ ପଡ଼ିଛି। ଏହି ପ୍ରସଙ୍ଗରେ ବିଧାନସଭାରେ ତୃତୀୟବାର ପ୍ରଶ୍ନ ଉଠାଇଛନ୍ତି ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ। ପ୍ରଧାନ କହିଛନ୍ତି ଯେ ତାଳଚେର ହିଲୁଇ ଏକଡାଳ ଗ୍ରାମରେ ବର୍ଷା ବାତ୍ୟା ସମୟରେ ଜୋରଜବରଦସ୍ତ ପୁଲିସ ଲଗାଇ ୧୦୩ ଘରକୁ ଭାଙ୍ଗି ଲୋକଙ୍କୁ ବେଘର କରାଯାଇଛି, ଯାହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଏବଂ ନିନ୍ଦନୀୟ। ସେହିପରି ବେରୋଜଗାର ଯୁବକ ଯୁବତୀମାନେ ଋଣରେ ଖଣ୍ଡିଏ



ଖଣ୍ଡିଏ ଟ୍ରକ ଆଣି ପରିବହନ କାର୍ଯ୍ୟରେ ଲଗାଇ ନିଜ ଗୁଜୁରାଣ ମେଣ୍ଟାଇବା ସହିତ ବେକାରୀ ସମସ୍ୟା କିଛିକାଂଶରେ ଦୂର ହୋଇପାରିଥିଲା। କିନ୍ତୁ ଏବେ ପର୍ଯ୍ୟାପ୍ତ ପରିମାଣର କୋଇଲା କମ୍ପାନୀ ପକ୍ଷରୁ ନ ମିଳିବା କାରଣରୁ କୋଇଲା ପରିବହନ କାର୍ଯ୍ୟରେ ଟ୍ରକମାଲିକଙ୍କ ସମସ୍ୟା ସୃଷ୍ଟି ହୋଇଛି। ତାଳଚେରରେ ୮ ହଜାରରୁ ଊର୍ଦ୍ଧ୍ୱ ଟ୍ରକ କୋଇଲା ପରିବହନରୁ ବଞ୍ଚିତ ହେଉଛନ୍ତି। ମାସକୁ ମାତ୍ର ୭ରୁ ୮ ଟ୍ରିପ କୋଇଲା ପରିବହନ ହେଉଛି। ଓଡ଼ିଶାର ସମସ୍ତ ଶିଳ୍ପାନୁଷ୍ଠାନରେ ଟ୍ରକ ଯୋଗେ କୋଇଲା ପରିବହନ ପାଇଁ ପ୍ରାଧାନ୍ୟ ରହିଥିବା ବେଳେ ପ୍ରାୟ ୧ ବର୍ଷ ହେବ ତାଳଚେର ଟ୍ରକ କୋଇଲା ପରିବହନରୁ ବଞ୍ଚିତ ହୋଇଛନ୍ତି। ଏହି ସମସ୍ୟା ସମାଧାନ ପାଇଁ ମୁଖ୍ୟମନ୍ତ୍ରୀ, ପରିବହନ ମନ୍ତ୍ରୀ, ରେଳମନ୍ତ୍ରୀ ଓ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ଅନୁରୋଧ କରାଯାଇଛି। ତେବେ ସମସ୍ୟା ସମାଧାନ ହୋଇପାରି ନଥିବାରୁ ମାଲିକମାନେ ଠିକ ସମୟରେ ଗାଡ଼ି କିସ୍ତି ମଧ୍ୟ ଦେଇପାରୁନାହାନ୍ତି। ଫଳରେ କିଛି ମାଲିକଙ୍କ ଟ୍ରକଗୁଡ଼ିକୁ ବ୍ୟାଙ୍କ ଓ ଫାଇନାନ୍ସ କମ୍ପାନୀ ଟାଣି ନେଲେଣି ଓ ଟ୍ରକ ମାଲିକମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି ବିଧାୟକ ପ୍ରଧାନ ବିଧାନସଭାର ଦୃଷ୍ଟି ଆକର୍ଷଣ କରିଥିଲେ। ଯଥା ଶୀଘ୍ର ସମସ୍ୟାର ସମାଧାନ କରିବା ପାଇଁ ବାଚସ୍ପତିଙ୍କୁ ନିବେଦନ କରିଥିଲେ।

## ଆଇନସେବା ପ୍ରାଧିକରଣ ପକ୍ଷରୁ ମାନବାଧିକାର ଦିବସ ପାଳିତ

ଅନୁଗୋଳ,୧୦।୧୨(ସମିସ): ଅନୁଗୋଳ ଜିଲ୍ଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ଦାମୋଦର ରଥଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଆଇନସେବା ପ୍ରାଧିକରଣ ତରଫରୁ ସ୍ଥାନୀୟ ସରକାରୀ ପିଟିସି ଉଚ୍ଚ ବିଦ୍ୟାଳୟରେ ମାନବାଧିକାର ଦିବସ ପାଳିତ ହୋଇଛି। ଜିଲ୍ଲା ଆଇନସେବା ପ୍ରାଧିକରଣ




ସଚିବ କମଳାକାନ୍ତ ନାୟକ, ସଦସ୍ୟ ପରମାନନ୍ଦ ମିଶ୍ର, ଡିଏସପି ବିରଞ୍ଚି ବାଗ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ମାନବାଧିକାର ଦିବସର ମହତ୍ତ୍ୱ ବିଷୟରେ ବିବରଣୀ ଦେଇଥିଲେ। ଏହି ଦିବସ ପାଳନ ଉପଲକ୍ଷେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ମମତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଖେଳକୁଦ ସମାରୋହ



ଅନୁଗୋଳ,୧୦।୧୨(ସମିସ): ଅନୁଗୋଳ ଜିଲ୍ଲା ବଅଁରପାଳ ବ୍ଲକ ବଡ଼କେରଜାଙ୍ଗ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ଖେଳକୁଦ ସମାରୋହ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ନିଶା ଶିଳ୍ପାଞ୍ଚଳ ଥାନା ଅଧିକାରୀ ବିବେକାନନ୍ଦ ମହାନ୍ତ ମୁଖ୍ୟଅତିଥି ଭାବେ ଏହାକୁ ଉଦଘାଟନ କରିବା ସହ ସୁସ୍ଥ ଶରୀର, ବ୍ୟକ୍ତିତ୍ୱ, ଶୃଙ୍ଖଳିତ ଆଚରଣ ଓ ମାନସିକ ବିକାଶ ପାଇଁ ଖେଳର ଆବଶ୍ୟକତା ସମ୍ପର୍କରେ ଉଲ୍ଲେଖ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଜେପି ଯୁବମୋର୍ଚ୍ଚା ସଭାପତି ତଥା ଛେଣ୍ଡିପଦା ବିଧାୟକଙ୍କ ପ୍ରତିନିଧି ସରୋଜ ଦେବତା, ସମାଜସେବୀ ସୁଶୀଳ ପ୍ରଧାନ, ବିଦ୍ୟାଳୟ ପରିଚାଳନା ସମିତି ସଭାପତି ଅଶୋକ କୁମାର ପ୍ରଧାନ, ସମ୍ପାଦକ ବିଭୂତି ଭୂଷଣ ସାହୁ, କୋଷାଧ୍ୟକ୍ଷ ବୀରବର ବେହେରା ଯୋଗଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ରୁଦ୍ରମୋହନ ହୋତା ଅତିଥି ପରିଚୟ ପ୍ରଦାନ କରିଥିଲେ। ପର୍ଯ୍ୟାୟ ତଥା ପରୀକ୍ଷା ପ୍ରମୁଖ ଆଚାର୍ଯ୍ୟ ପଦ୍ମଲୋଚନ ସାହୁ ମଞ୍ଚ ପରିଚାଳନା କରିଥିଲେ। ବିଦ୍ୟାଳୟର ଶାରୀରିକ ଶିକ୍ଷା ପ୍ରମୁଖ ସୁବଳ ପ୍ରଧାନ ଶପଥପାଠ କରାଇଥିଲେ। ଶାରୀରିକ ଶିକ୍ଷା ପ୍ରମୁଖ ପ୍ରଧାନ ଓ ଗୁରୁଜୀ ତପନ କୁମାର ସାହୁ ଖେଳକୁଦ ପ୍ରତିଯୋଗିତା ପରିଚାଳନା କରିଥିଲେ।

## ବିଦ୍ୟାଳୟରେ ପୁରସ୍କାର ବିତରଣ ଉତ୍ସବ



ବଅଁରପାଳ,୧୦।୧୨(ସମିସ): ବଅଁରପାଳ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ବାର୍ଷିକ କ୍ରୀଡ଼ା ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହେଇଛି। ଶିକ୍ଷାବିତ୍ ନରେଶ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ସିଆରସିସି ପ୍ରଦୀପ୍ତ କୁମାର ମାଝୀ, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ପିବିକେ ହାଇସ୍କୁଲ ପ୍ରଧାନଶିକ୍ଷକ ପବିତ୍ର ମୋହନ ପ୍ରଧାନ ଓ ଶିକ୍ଷକ ସଂଗ୍ରାମ କେଶରୀ ମହାନ୍ତି ଯୋଗଦେଇଥିଲେ। ଶିକ୍ଷାନୁଷ୍ଠାନର ଅଧକ୍ଷ ସତ୍ୟବାନ ରାଉତ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ପୂର୍ବରୁ ଅନୁଷ୍ଠିତ ଖେଳକୁଦ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କାର ଓ ମାନପତ୍ର ପ୍ରଦାନ କରିଥିଲେ। ଏଥିସହ ସମସ୍ତ ପ୍ରତିଯୋଗୀଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ପ୍ରଦାନ କରିଥିଲେ। କୁନିକୁନି ଛାତ୍ରଛାତ୍ରୀମାନେ ଚିତ୍ତାକର୍ଷକ ନୃତ୍ୟଗୀତ ପରିବେଷଣ କରିଥିଲେ। ପରିଚାଳନା କମିଟି ସଭାପତି ଗୌତମଦେବ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଧାନଆଚାର୍ଯ୍ୟା ସୁଷମା ସାହୁଙ୍କ ସମେତ ସମସ୍ତ ଗୁରୁଜୀ, ଗୁରୁମା ଓ କର୍ମଚାରୀ ସହଯୋଗ କରିଥିଲେ।

## ବଳଦ ଚୋରି ଅଭିଯୋଗରେ ଜଣେ ଗିରଫ

କଣିହାଁ,୧୦।୧୨(ସମିସ): କଣିହାଁ ଥାନା ହନୁମାନପୁର ପଞ୍ଚାୟତ ଗୁଆଲପୁର ଗ୍ରାମରୁ ବଳଦ ଚୋରି ଅଭିଯୋଗରେ ପୁଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଦେବଗଡ଼ ଜିଲ୍ଲା କୁଣ୍ଡେଇଗୋଲା ଥାନା ଗମ୍ଭାରିପାଳ ଗ୍ରାମର ଯୋଗେଶ୍ୱର ନାଏକ (୨୯)। ଗୁଆଲପୁର ଗ୍ରାମର ମାହାନ ମାଝୀ (୩୨)ଙ୍କ ଅଭିଯୋଗ ଅନୁସାରେ ସେ ସେହି ଗ୍ରାମରେ ଏକ ବିଲରେ ଚରିବା ପାଇଁ ସକାଳେ ତିନିଟି ବଳଦ ବାନ୍ଧିଥିଲେ। ମଧ୍ୟାହ୍ନରେ ଆଣିବା ପାଇଁ ଗଲା ବେଳକୁ ବଳଦ ମିଳି ନ ଥିଲେ। ଜଣେ ବ୍ୟକ୍ତି ବଳଦଙ୍କୁ ନେଇ ଯାଉଥିବା ପ୍ରତ୍ୟକ୍ଷଦର୍ଶୀଙ୍କଠାରୁ ଜାଣି ସାହି ଲୋକଙ୍କ ସହ ମାହାନ ତାଙ୍କୁ ପିଛା କରିଥିଲେ। ବ୍ୟକ୍ତି ଜଣକ ବଳଦ ଧରି ଦଲକ ଅଭିମୁଖେ ଯାଉଥିବା ବେଳେ ତାଙ୍କୁ ଧରି ଥାନାକୁ ଜଣାଇଥିଲେ। ପୁଲିସ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଛି।

## ଋତୁସ୍ରାବ ସଚେତନତା ଓ ସ୍ୱଚ୍ଛତା ସମ୍ବନ୍ଧୀୟ କାର୍ଯ୍ୟକ୍ରମ

ଅନୁଗୋଳ,୧୦।୧୨(ସମିସ): ଅନୁଗୋଳର ଚେତନା ଏ ମିଶନ ଏନଜିଓ ଦ୍ୱାରା ସ୍ଥାନୀୟ ପିଟିସି ଉଚ୍ଚ ବିଦ୍ୟାଳୟରେ ଛାତ୍ରୀମାନଙ୍କ ନିମନ୍ତେ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ "ସ୍ୱାସ୍ଥ୍ୟ ସଖୀ' ମାଧ୍ୟମରେ ଋତୁସ୍ରାବ ସଚେତନତା ଓ ସ୍ୱଚ୍ଛତା' ସମ୍ବନ୍ଧୀୟ ଶିକ୍ଷଣୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପ୍ରାରମ୍ଭରେ ଅନୁଗୋଳ ବିଇଓ ଅଶୋକ ପ୍ରଧାନ, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଅନୀତା ଜେନା ଓ ଉପସ୍ଥିତ ଶିକ୍ଷକ ଶିକ୍ଷୟିତ୍ରୀ ତଥା ଛାତ୍ରୀଙ୍କ ଦ୍ୱାରା ଅତିଥିଙ୍କୁ ସ୍ୱାଗତ କରାଯାଇଥିଲା। ଚେତନା ମିଶନର ପ୍ରତିଷ୍ଠାତ୍ରୀ ତଥା ମୋଟିଭେସନାଲ ସ୍ପିକର ବାଣୀ ଦେବ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ମାସିକ ଋତୁସ୍ରାବ ମହିଳା ଶରୀର ଦ୍ୱାରା ଭବିଷ୍ୟତ ମାତୃତ୍ୱ ନିମନ୍ତେ ପ୍ରାକ ପ୍ରସ୍ତୁତି ଓ ଏହା ଏକ ସମ୍ପୂର୍ଣ୍ଣ ପ୍ରାକୃତିକ ଶାରୀରିକ ପ୍ରକ୍ରିୟା। ଏଥିନିମନ୍ତେ ଶରୀରରେ ହେଉଥିବା ଜଟିଳ ପରିବର୍ତ୍ତନ ବିଷୟରେ ସେ ସୂଚନା ଦେଇଥିଲେ। ଋତୁସ୍ରାବ ସମୟରେ ଶରୀରର ଯତ୍ନ, ପରିଚ୍ଛନ୍ନତା, ହାଲୁକା ବ୍ୟାୟାମ ଓ ସୁଷମ ଖାଦ୍ୟର ଆବଶ୍ୟକତା ଇତ୍ୟାଦି ବିଷୟରେ ଆଲୋଚନା କରିଥିଲେ। ଏହି ସମୟରେ ହେଉଥିବା ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର ସରଳ ଉପଚାର ବିଷୟରେ ଅବଗତ କରିବା ସହ ଅନ୍ଧବିଶ୍ୱାସ ଦୂର କରିଥିଲେ। ଏହି ଅବସରରେ ପ୍ରଧାନଶିକ୍ଷୟିତ୍ରୀ ଜେନାଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।




## ଜୁହାର ପରିବାର ପକ୍ଷରୁ ନୂଆଖାଇ ଭେଟ୍‌ଘାଟ୍

ଅନୁଗୋଳ,୧୦।୧୨(ସମିସ): ସ୍ଥାନୀୟ ସଭାଗୃହରେ ଅନୁଗୋଳ ଜୁହାର ପରିବାର ପକ୍ଷରୁ ନୂଆଖାଇ ଭେଟଘାଟ ଆୟୋଜିତ ହୋଇଛି। ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା ମୁଖ୍ୟଅତିଥି ରୂପେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନୁଗୋଳରେ ରହୁଥିବା ପଶ୍ଚିମ ଓଡ଼ିଶାର ଭାଇଭଉଣୀଙ୍କ ଏହି ଭିନ୍ନ ପ୍ରୟାସ ବେଶ୍ ପ୍ରଶଂସନୀୟ ବୋଲି ବିଧାୟକ କହିଥିଲେ। ସମ୍ମାନିତ ଅତିଥି



ରୂପେ ଉତ୍ତର କେନ୍ଦ୍ରାଞ୍ଚଳ ଆଇଜି ସତ୍ୟବ୍ରତ ଭୋଇ ଯୋଗଦେଇ ଆମେ ମା' ମାଟି ଓ ଆମ କଳା ସଂସ୍କୃତିକୁ କେବେହେଲେ ଭୁଲିବା ଉଚିତ୍ ନୁହେଁ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୀତିକାର ପଦ୍ମଶ୍ରୀ ମିତ୍ରଭାନୁ ଗୌନ୍ତିଆ, ଗାୟକ ବିଭୂତି ଭୂଷଣ ପଟ୍ଟନାୟକ, ସନ୍ତୋଷ ମିଶ୍ର, ଦୁଃଖିଶ୍ୟାମ ତ୍ରିପାଠୀ, ଗୀତିକାର ପ୍ରଫେସର ମୋହନ ସାହୁ, ଦ୍ୱାରିକାନାଥ ନାୟକ, ସମ୍ବଲପୁର ଜୁହାର ପରିବାର ସଭାପତି ପ୍ରଫୁଲ୍ଲ ସାହୁ ଯୋଗଦେଇଥିଲେ। ମୁଖ୍ୟ ସଂଯୋଜକ ଡା. ଅକ୍ଷୟ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷକ ପ୍ରଶିକ୍ଷଣ ମହାବିଦ୍ୟାଳୟ ଅଧକ୍ଷା ଦ୍ରୌପଦୀ ପଟେଲ, ଅନୁଗୋଳ କଲେଜ ଅଧ୍ୟକ୍ଷ ଡ. ନୀଳାଚଳ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ। ନାଟ୍ୟକାର ବିଜୟ ଦାସ ଓ ଅଭିନେତା ଅଶୋକ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ଯୁବ ଓ କିଶୋର କଳାକାର ସମ୍ବଲପୁରୀ, ଡାଲଖାଇ, ଓଡ଼ିଶୀ ଓ ପଶ୍ଚିମ ଓଡ଼ିଶାର ଲୋକନୃତ୍ୟ ପରିବେଷଣ କରିଥିଲେ।

## ଶିକାରୀ ବିଛାଇଥିବା ବିଦ୍ୟୁତ ଫାଶରେ ପଡ଼ି ଯୁବକ ମୃତ

କଣିହାଁ,୧୦।୧୨(ସମିସ): କଣିହାଁ ରେଞ୍ଜ ବଜ୍ରକୋଟ ଫରେଷ୍ଟ ବିଟ ଟିଟ୍ରିମା ନଦୀଘାଟ ନିକଟ ବିଲମାଳରେ ମଙ୍ଗଳବାର ରାତିରେ ଶିକାରୀ ବିଛାଇଥିବା ବିଦ୍ୟୁତ୍ ଫାଶରେ ପଡ଼ି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ କଣିହାଁ ଥାନା ପୋଇପାଳ ଗାଁର ଭରତ ଚନ୍ଦ୍ର ବାରିକ (୩୩)। ଭରତଙ୍କ ମାମୁ ପୀତାମ୍ବର ପ୍ରଧାନ ଏ ନେଇ କଣିହାଁ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁକରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ମଙ୍ଗଳବାର ସନ୍ଧ୍ୟାରେ ଭରତ ଧାନବିଲରୁ ଗୋରୁପଲକୁ ଘଉଡ଼ାଉଥିବା ବେଳେ ଜନ୍ତୁ ଶିକାର ପାଇଁ ଶିକାରୀ ବିଛାଇଥିବା ବିଦ୍ୟୁତ ସଂସ୍ପର୍ଶରେ ଆସିଥିଲେ। ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ହୋଇଥିଲା। ବୁଧବାର ତାଳଚେର ଉପଖଣ୍ଡ ମେଡିକାଲରେ ବ୍ୟବଚ୍ଛେଦ ପରେ ପୁଲିସ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରିଛି। ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ପୋଇପାଳ ଗ୍ରାମରେ କିଛି ସମୟ ଧରି ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ପୁଲିସ ପହଞ୍ଚି ବୁଝାସୁଝା କରିବା ପରେ ସ୍ଥିତି ସ୍ୱାଭାବିକ ହୋଇଛି। ଏ ନେଇ କଣିହାଁ ରେଞ୍ଜ ଅଧିକାରୀ ନୀଳାଦ୍ରିନାଥ ସାହୁଙ୍କୁ ପଚାରିବାରୁ କହିଲେ, ପୁଲିସ କେସ୍ ହୋଇଛି। ଏଥିରେ ଆମର କୌଣସି ଭୂମିକା ନାହିଁ ବୋଲି କହିଥିଲେ।

## ପେଟ୍ରୋଲ ପମ୍ପ ଡକାୟତି ମାମଲା; ଆଉ ଜଣେ ଗିରଫ

ଅନୁଗୋଳ,୧୦।୧୨(ସମିସ): ୨୦୨୫ ଫେବୃଆରୀ ୨୪ରେ ଅନୁଗୋଳ ଥାନା କୁମଣ୍ଡ ଚଣ୍ଡୀବଜାର ନିକଟ ଶୁଭମ କିଷାନ ସେବାକେନ୍ଦ୍ର ପେଟ୍ରୋଲ ପମ୍ପର ପରିଚାଳକ ଚନ୍ଦନ ଗଡ଼ନାୟକଙ୍କଠାରୁ ରାସ୍ତାରେ ଟଙ୍କା ଲୁଟ୍ ଘଟଣାରେ ପୁଲିସ ଅଭିଯୁକ୍ତ କାଳିଆ ଓରଫ ବିଦ୍ୟାପତି ନାୟକ (୨୬) କୁ ଗିରଫ କରିଛି। ଏହି ଡକାୟତି ଘଟଣାରେ ପୂର୍ବରୁ ୭ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା। ତେବେ କାଳିଆ ଫେରାର ହୋଇଯାଇଥିଲା। ଏହି ସମୟ ମଧ୍ୟରେ କାଳିଆ



ପୁରୀ, ଦେବଗଡ଼, ଢେଙ୍କାନାଳ ଏବଂ ଠାକୁରଗଡ଼ ଥାନା ଅଞ୍ଚଳର ପାହାଡ଼ିଆ ଅଞ୍ଚଳ ସମେତ ବିଭିନ୍ନ ଦୁର୍ଗମ ଅଞ୍ଚଳରେ ନିଜକୁ ଲୁଚାଇ ରଖିଥିଲା। ତା' ଉପରେ ପୁଲିସ ନିରନ୍ତର ନଜର ରଖିବା ପରେ ମଙ୍ଗଳବାର ଗିରଫ କରାଯାଇଛି। ତା' ନିକଟରୁ ଅପରାଧରେ ବ୍ୟବହୃତ ଅସ୍ତ୍ର ଏବଂ ଲୁଟ୍ ହୋଇଥିବା ୩ ଲକ୍ଷ ୪୦ ହଜାର ଟଙ୍କା ଉଦ୍ଧାର କରାଯାଇଛି।

ଆଇନ ଓ ଶାନ୍ତିର ଅବିଚଳ ପହେରାଦାର
ସ୍ୱନକ୍ଷତ୍ର ଦିବସରେ ସକାଳ ଖବରକାଗଜକୁ ଶୁଭେଚ୍ଛା

ସମାଜର ସୁରକ୍ଷା, ନ୍ୟାୟ ଓ ଶାସନ ବ୍ୟବସ୍ଥାକୁ ସୁଦୃଢ଼ କରିବାରେ ପାଟକୁରା ଥାନା ସଦା ଜନତାଙ୍କ ସହଯୋଗୀ।

- ନାଗରିକ ସୁରକ୍ଷା ଆମ ଦାୟିତ୍ୱ
- ଭ୍ରଷ୍ଟାଚାର ଓ ଅପରାଧ ବିରୋଧରେ ସକ୍ରିୟ ପଦକ୍ଷେପ
- ନାରୀ, ଶିଶୁ ଓ ବୃଦ୍ଧଙ୍କ ସ୍ୱତନ୍ତ୍ର ସହାୟତା
- ତ୍ୱରିତ ଅଭିଯୋଗ ନିଷ୍ପତ୍ତି ଓ ନ୍ୟାୟମୂଳକ ତଦନ୍ତ

ଜନତା ସହଭାଗୀ ହେଲେ— ସୁରକ୍ଷିତ ପାଟକୁରା ଗଢ଼ିବା ଆମର ପ୍ରତିଶ୍ରୁତି

ପାଟକୁରା ଥାନା
"ନୀତି, ସେବା ଓ ସୁରକ୍ଷାର ପ୍ରତୀକ"




### ନିଯୁକ୍ତି ସହ ଅନ୍ୟାନ୍ୟ ଦାବି

# ଡିୱାଇଓର ଦେଶବ୍ୟାପୀ ଦାବିପତ୍ର ପ୍ରଦାନ

ଅନୁଗୋଳ,୧୦।୧୨(ସମିସ):

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅଧୀନରେ ଥିବା ବିଭାଗଗୁଡ଼ିକରେ ଖାଲି ପଡ଼ିଥିବା ସମସ୍ତ ପଦବୀ ଅବିଳମ୍ବେ ପୂରଣ, ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା, ସରକାରୀ ସଂସ୍ଥା ମାଧ୍ୟମରେ ନିଯୁକ୍ତି ପାଇଁ ସମସ୍ତ ପରୀକ୍ଷା ପରିଚାଳନା, ପ୍ରଶ୍ନପତ୍ର ପ୍ରସ୍ତୁତି ଆଦି କାର୍ଯ୍ୟ କରିବା, ନିଯୁକ୍ତି ପାଇଁ ହେଉଥିବା ପରୀକ୍ଷାଗୁଡ଼ିକରେ ସ୍ୱଚ୍ଛତା ଅବଲମ୍ବନ, ଠିକା ନିଯୁକ୍ତି ସମ୍ପୂର୍ଣ୍ଣ ବନ୍ଦ କରି ସମସ୍ତ ପଦବୀରେ ସ୍ଥାୟୀ ନିଯୁକ୍ତି ଦେବା, ବିନା ମୂଲ୍ୟରେ ନିଯୁକ୍ତି ପାଇଁ ଆବେଦନ ଓ ପରୀକ୍ଷାର୍ଥୀଙ୍କୁ ରେଳଯାତ୍ରା ପାଇଁ ସୁଯୋଗ




ଦେବା, ସାରା ଦେଶରେ ଗିଗ୍ ୱାର୍କରମାନଙ୍କୁ ସରକାରୀ କର୍ମଚାରୀର ମାନ୍ୟତା ଦେବା, ସର୍ବନିମ୍ନ ମଜୁରି ଏବଂ ସାମାଜିକ ସୁରକ୍ଷା ପ୍ରଦାନ, ରୋଜଗାର ନ ମିଳିବା ପର୍ଯ୍ୟନ୍ତ ସମ୍ମାନଜନକ ଭାବେ ଜୀବନଧାରଣ ପାଇଁ ବେକାରୀ ଭତ୍ତା ପ୍ରଦାନ, ସରକାରୀ ଉଦ୍ୟୋଗଗୁଡ଼ିକୁ ଘରୋଇକରଣ ପ୍ରକ୍ରିୟା ବନ୍ଦ କରିବା ଆଦି ଦାବିରେ ଡିୱାଇଓ ସର୍ବଭାରତୀୟ କମିଟି ଆହ୍ୱାନରେ ଦାବି ଦିବସ ଉପଲକ୍ଷେ ବୁଧବାର ପୂର୍ବାହ୍ନରେ ଡିୱାଇଓ କାର୍ଯ୍ୟକର୍ତ୍ତାମାନେ ଜିଲ୍ଲାପାଳଙ୍କ ଅଫିସ୍ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ସଂଗଠନର ରାଜ୍ୟ ସଭାପତି ମାନସ ପାଳ ବିକ୍ଷୋଭ ସଭାରେ ଯୋଗଦେଇ ଘରୋଇ ଏଜେନ୍ସି ମାଧ୍ୟମରେ ନିଯୁକ୍ତି ପ୍ରକ୍ରିୟାରେ ହେଉଥିବା ଦୁର୍ନୀତି, ପ୍ରଶ୍ନପତ୍ର ଲିକ୍, ବାରମ୍ବାର ପରୀକ୍ଷା ବାତିଲ୍ ଘଟଣାରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଭୂମିକାକୁ ସମାଲୋଚନା କରିବାସହ ସରକାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରୀକ୍ଷା ପରିଚାଳନା ପାଇଁ ଦାବି କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସଭାପତି ନିରଞ୍ଜନ ନାୟକଙ୍କ ସମେତ ମଳୟ ବେହେରା, ପ୍ରଭାତ ପ୍ରଧାନ, ଆଶିଷ ସାହୁ, ଅରୁଣ ସାହୁ ପ୍ରମୁଖ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

ଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ହୁଲ୍ଲାସ ସାହୁ (ହୁଲି)
ଭଗବାନପୁର, ପାତ୍ରପଡା, ଭୁବନେଶ୍ୱର
ଆବିର୍ଭାବ - ୦୮/୦୭/୧୯୪୮
ତିରୋଧାନ - ୦୨/୧୨/୨୦୨୫

ଆଜିର ତିଳତର୍ପଣ ଅବସରରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି, ମୁକ୍ତି ଓ ମୋକ୍ଷପ୍ରାପ୍ତି ହେଉ, ସ୍ୱର୍ଗବାସ ପରମ ଶାନ୍ତି ଦାୟକ ହେଉ, ଏହାହିଁ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ନିବେଦନ।

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ସହ - ପୁଅ- ରବିନ୍ଦ୍ର, ବୋହୂ - ଚଞ୍ଚଳା, ନାତି- ଚନ୍ଦନ ଓ ସାହୁ ପରିବାର ବର୍ଗ

# ପଦ୍ମପୁର ଲୋକ ମହୋତ୍ସବ ସାଂସ୍କୃତିକ ପର୍ବ ଉଦ୍‌ଘାଟିତ




ପଦ୍ମପୁର,୧୦।୧୨(ସମିସ): ପଦ୍ମପୁର ସ୍ଥାନୀୟ ଅଶୋକ ଖେଳ ପଡିଆ ଠାରେ ଟାଉନ କ୍ଲବ୍ ପକ୍ଷରୁ ଆୟୋଜିତ ପଞ୍ଚମ ପଦ୍ମପୁର ଲୋକ ମହୋତ୍ସବ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଆଇଜି ହିମାଂଶୁ ଲାଲ ଓ ବରଗଡ଼ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ପ୍ରହଲ୍ଲାଦ ସାଇ ମିନା ଅତିଥି ଭାବେ ପଞ୍ଚମ ଲୋକ ମହୋତ୍ସବର ସାଂସ୍କୃତିକ ପର୍ବକୁ ଉଦ୍‌ଘାଟନ କରିଛନ୍ତି। କ୍ଲବ୍‌ର ସଭାପତି ପ୍ରିତେଶ ବହିଦାର ଅତିଥି ମାନଙ୍କୁ ସ୍ୱାଗତ ଜଣାଇଥିବା ବେଳେ ଆବାହକ ଅଶୋକ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ସ୍ଥାନୀୟ ଟଙ୍କିକିଆ ସଂଗୀତ ବିଦ୍ୟାଳୟର ଛାତ୍ରୀ ମାନେ ପ୍ରାରମ୍ଭିକ ସଂଗୀତ ଗାନ କରିଥିଲେ। ତେବେ ଆଜିର ପର୍ବରେ କଣ୍ଠଶିଳ୍ପୀ ପୁଷ୍ପରାଜ ସୁନା ଏବଂ ଅଞ୍ଚଳ ମହାବିଦ୍ୟାଳୟର ସଂଗୀତ ଦଳ ଲୋକ ଗୀତ ସହ ସାଂସ୍କୃତିକ ସନ୍ଧ୍ୟାର ଆରମ୍ଭ କରିଥିଲେ। ଗୁଜୁରାଟରୁ ଆସିଥିବା ବ୍ରହ୍ମହପୁରି ଦାଣ୍ଡିଆରାସ ସାଂସ୍କୃତିକ ଦଳ ନିଜର ମାନିୟାରୋରାସ ପ୍ରଦର୍ଶିତ କରିଥିବା ବେଳେ, ଓଏଭି ବନ୍ଧୁପାଲିର ସାଂସ୍କୃତିକ ଦଳ ନିଜର ଲୋକନୃତ୍ୟ ପରିବେଷଣ କରିଥିଲେ। ସେହିପରି ନଟରାଜ ନୃତ୍ୟ ଅନୁଷ୍ଠାନ କଟକର ନେପାଲି ଲୋକନୃତ୍ୟ, ସମ୍ବଲପୁର ପାଞ୍ଚଭାୟା ଅନୁଷ୍ଠାନର ଡାଲଖାଇ ନୃତ୍ୟ, ଟଙ୍କିକିଆ ସଙ୍ଗୀତ ବିଦ୍ୟାଳୟର ନୂଆଁଖାଇକୁ ନେଇ ନୃତ୍ୟ, ମୟୁରଭଞ୍ଜ ନୃତ୍ୟ ଅନୁଷ୍ଠାନର ଛଉ ପରି ସୁନ୍ଦର ନୃତ୍ୟ ପରିବେଶିତ ହୋଇଥିବା ବେଳେ କଟକ ନଟରାଜ ନୃତ୍ୟ ଅନୁଷ୍ଠାନର ମାଛୁଆରା, ସମ୍ବଲପୁର ପାଞ୍ଚଭାୟ ଅନୁଷ୍ଠାନର ସିଙ୍ଗାରୀ ଏବଂ ଗୁଜୁରାଟ ଭାୟୋଲିନ ନୃତ୍ୟ ଅନୁଷ୍ଠାନର ଗର୍ବା ପ୍ରଦର୍ଶନ ସମସ୍ତଙ୍କୁ ବେଶ ମୁଗ୍ଧ କରିଥିଲା। ତେବେ କମିଟି ପକ୍ଷରୁ ଅବସରପ୍ରାପ୍ତ ଅଧ୍ୟାପକ କେଶରଞ୍ଜନ ପଧାନ ଓ ନାଟ୍ୟକାର ଅଶୋକ ବହିଦାର ମଞ୍ଚ ପରିଚାଳନା କରିଥିଲେ। ସେହିପରି ମନିଷ ରଥ, ପ୍ରାଚୀ ପାଣିଗ୍ରାହୀ ଉଦ୍‌ଘୋଷକ ଦାୟିତ୍ୱ ତୁଲାଇ ଥିଲେ। ମହୋତ୍ସବ କମିଟି ପକ୍ଷରୁ ବାଞ୍ଛାନିଧି ପଣ୍ଡାଙ୍କୁ ସାହିତ୍ୟ ଓ ଶିକ୍ଷା କ୍ଷେତ୍ରରେ ନିଜର ଅବଦାନ ପାଇଁ ମାନପାତ୍ର ଏବଂ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ମହୋତ୍ସବ ପାଇଁ ହୋଇଥିବା ଏକକ ଅଭିନୟ ଏବଂ ସାଧାରଣ ଜ୍ଞାନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ଦିଆଯାଇଥିଲା। ସେହିପରି ପ୍ରତିଯୋଗିତାରେ ବିଚାରକ ଦାୟିତ୍ୱ ତୁଲାଇ ଥିବା କିଶୋର ପାତ୍ର, ସନ୍ତୋଷ ମହାନ୍ତି, ଦିବ୍ୟ କିଶୋର ପଣ୍ଡା, ରାକେଶ ସାହୁ, ରାଜେନ୍ଦ୍ର ମହାନ୍ତି, ଅଶୋକ ବହିଦାର, ଆଶିଷ ବୈକାର, ବିଦେଶୀ ସାହୁଙ୍କୁ କମିଟି ପକ୍ଷରୁ ସମ୍ମାନିତ କରାଯାଇଥିଲା। ଶେଷରେ କ୍ଲବ୍‌ର ସମ୍ପାଦକ କୃତଜ୍ଞତା ଜ୍ଞାପନ କରିବା ସହିତ ମହୋତ୍ସବର ଆଗାମୀ ଦିନରେ ଯୋଗ ଦେଇ ସଫଳ କରିବାକୁ ଅନୁରୋଧ କରିଥିଲେ।

## ସାଇପଲା ଡ୍ୟାମ୍‌ରେ କଲେଜ ଆଡଭେଞ୍ଚର କ୍ୟାମ୍ପ




ପାଇକମାଲ,୧୦।୧୨(ସମିସ): ପାଇକମାଲ ବ୍ଲକ୍ ମାଣ୍ଡୋସିଲ ଡିଗ୍ରୀ କଲେଜ ଜାତୀୟ ସେବା ଶିବିର ପକ୍ଷରୁ ସାଇପଲା ଡ୍ୟାମରେ କଲେଜ ଆଡଭେଞ୍ଚର କ୍ୟାମ୍ପ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷ ବିନୟ ରଞ୍ଜନ ପଣ୍ଡା ଯୋଗଦେଇ କ୍ୟାମ୍ପକୁ ଉଦ୍‌ଘାଟନ କରିଥିବା ବେଳେ ଅଧ୍ୟାପକ କୃଷ୍ଣଚନ୍ଦ୍ର ଦେବତା, ଅଧ୍ୟାପିକା ବବିତା ମଲ୍ଲିକ ଅତିଥି ଭାବେ ଉପସ୍ଥିତ ଥିଲେ। ପ୍ରାକୃତିକ ତଥା ଦୁଃସାହସିକ ପରିବେଶରେ ତିଷ୍ଠିବା ପାଇଁ କ୍ୟାମ୍ପରେ ଅବଗତ କରାଯାଇଥିଲା। ପ୍ରୋଗ୍ରାମ ଅଫିସର ଡ.ସୁମିତାବ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହାକୁ ରୋହିତ ପ୍ରଧାନ, ବିରେନ୍ଦ୍ର ରଣା, ଅଜୟ ପଟେଲ, ହରି ମହାକୁଡ, ଦିପ୍ତିମୟୀ ରଣା, ଡିଲେଶ୍ୱରୀ ପ୍ରଧାନ, ଦମୟନ୍ତୀ ଶବର, ସ୍ୱାଗତିକା ମହାନ୍ତି ପ୍ରମୁଖ ପରିଚାଳନା ସହଯୋଗ କରିଥିଲେ।

## ବ୍ଲକ୍‌ସ୍ତରୀୟ ଜୁନିୟର ରେଡକ୍ରସ୍ ପାଠ୍ୟ ଓ ପ୍ରଶିକ୍ଷଣ ଶିବିର

ଝାରବନ୍ଧ,୧୦।୧୨(ସମିସ): ଝାରବନ୍ଧ ବ୍ଲକ୍‌ସ୍ତରୀୟ ଜୁନିୟର ରେଡକ୍ରସ୍ ପାଠ୍ୟ ଓ ପ୍ରଶିକ୍ଷଣ ଶିବିର ସରକାରୀ ଉଚ୍ଚ ବିଦ୍ୟାଳୟ ଗୋଠୁଗୁଡା ଠାରେ ପ୍ରଧାନଶିକ୍ଷକ ପଦ୍ମଲୋଚନ ମାଝୀଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବ୍ଲକ୍ ଶିକ୍ଷା ଅଧିକାରୀ ଶୁଭମ ପତି ଯୋଗଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦୟାନିଧି କୈବର୍ତ୍ତ, ଝାରବନ୍ଧ ଗୋଷ୍ଠୀ ସାଧନକେନ୍ଦ୍ରର ସାଧନକର୍ମୀ ଗୋପାଳ ଚନ୍ଦ୍ର ହରିଜନ, ବିଦ୍ୟାଳୟର ପଞ୍ଚସଖା ଶିକ୍ଷା ସେତୁ 'ମୋ ସ୍କୁଲ' ଅଭିଯାନର ସଭାପତି ମୃତ୍ୟୁଞ୍ଜୟ ଦୀପ ଓ ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ସୋମନାଥ ନାଗ ଯୋଗ ଦେଇଥିଲେ। ଗୋଷ୍ଠୀ କ୍ରୀଡା ସମ୍ପାଦକ ସୁମନ୍ତ ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ବ୍ଲକ୍‌ର ଜୁନିୟର ରେଡକ୍ରସ୍ ସଂଯୋଜକ ଉଜ୍ଜ୍ୱଳ ନାୟକ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ବ୍ଲକ୍‌ର ସମସ୍ତ ଜୁନିୟର ରେଡକ୍ରସ୍ ସଦସ୍ୟ ମାନଙ୍କ ତତ୍ତ୍ୱାବଧାନରେ ସର୍ବମୋଟ ୪୦ ଜଣ ବାଳକ ଓ ୩୦ ଜଣ ବାଳିକା ବିଭିନ୍ନ ପ୍ରତିଯୋଗିତା ଯଥା, ଚିତ୍ରାଙ୍କନ, କୁଇଜ୍, ବକ୍ତୃତା, ରଚନା, ନାଚ, ଗୀତ, ପ୍ରାଥମିକ ଚିକିତ୍ସା ପ୍ରଦର୍ଶନୀରେ ଭାଗ ନେଇଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ସ୍ଥାନୀୟ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, କର୍ମଚାରୀ ସହଯୋଗ କରିଥିଲେ।

## ବିଜେପୁର ବ୍ଲକ୍‌ରେ ଶିକ୍ଷା ସଭା




ବିଜେପୁର,୧୦।୧୨(ସମିସ): ବରଗଡ଼ ଜିଲ୍ଲା ବିଜେପୁର ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଅଧୀନ ୧୨ଟି କ୍ଲଷ୍ଟରସ୍ତରୀୟ ଶିକ୍ଷା ସଭା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଜାରିଂ କ୍ଲଷ୍ଟରସ୍ତରୀୟ ଶିକ୍ଷା ସଭା ଶିକ୍ଷାପ୍ରେମୀ ଘନଶ୍ୟାମ ସାହୁଙ୍କ ଅଧ୍ୟକ୍ଷତା ଓ ସିଆରସିସି ରାଜେଶ୍ୱର ବେହେରାଙ୍କ ସଂଯୋଜନାରେ ଆୟୋଜିତ ହୋଇଥିଲା। ସ୍ଥାନୀୟ ସରପଞ୍ଚ ପ୍ରଭାସିନୀ ବିଭାର, ଜିଲ୍ଲା ପରିଷଦ ସୁଶାନ୍ତ ଗଡତୀୟା, ଏବିଇଓ ପୂର୍ଣ୍ଣ ଚନ୍ଦ୍ର ପଧାନ, ଚେୟାରମ୍ୟାନ ମନୋଜ ସାହୁ, ଅବସରପ୍ରାପ୍ତ ଶିକ୍ଷକ ସଦାନନ୍ଦ ମହାନନ୍ଦ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷକ ଭାଦ୍ରବ ପାଣ୍ଡେ, ମୀନାକ୍ଷୀ ରାଉତ, ବାହାଦୁର ପଧାନ, ମନ୍ଦାକିନୀ ପଧାନ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ସିଆରସିସି ସୀତାରାମ ଦୀପ, ଦୁର୍ବାଦଳ ବଡଗୋଛିଆ, ସୁଧାଂଶୁ ଶେଖର ଜାଲ, ବାସୁଦେବ ସାହୁ, ନବୀନ ସାହୁ, ତ୍ରିନାଥ ସେଠ, ପ୍ରକାଶ ମହାନନ୍ଦ, ହେମନ୍ତ ଆରୁକ, ପ୍ରଭା ସାହୁ, ପ୍ରଫୁଲ୍ଲ ଭୋଇ, ଡୋଳାମଣି କୁମ୍ଭାର ପ୍ରମୁଖଙ୍କ ଆବାହକତ୍ୱରେ ବ୍ଲକ୍ ଅଧୀନ ବିଭିନ୍ନ ବିଦ୍ୟାଳୟରେ ଶିକ୍ଷା ସଭା ସମାରୋହରେ ଅନୁଷ୍ଠିତ ହୋଇଯାଇଛି।

## ଖାରୁଆ ମଠରେ ରାମାୟଣ ନବାହ୍ନ ପାରାୟଣ

ବରଗଡ଼,୧୦।୧୨(ସମିସ): ବରଗଡ଼ ଦାଶ ପଡ଼ାରେ ଅବସ୍ଥିତ ଖାରୁଆ ବାବା ମଠରେ ୧୦ ରୁ ୧୮ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟହ ରାମାୟଣ ନବାହ୍ନ ପାରାୟଣ (ତୁଳସୀ ରାମାୟଣ) ପଠନ କରାଯାଉଛି। ଗତ ୭ ବର୍ଷ ହେବ ଏହିପରି ରାମାୟଣ ପାରାୟଣ ପଠନ ହୋଇ ଆସୁଛି। ପ୍ରବଚକ ପଣ୍ଡିତ ଶୁଭମ ପାଣିଗ୍ରାହୀଙ୍କ ଦ୍ୱାରା ପ୍ରତ୍ୟହ ୧୧ରୁ ଅପରାହ୍ଣ ୪ ଟା ପର୍ଯ୍ୟନ୍ତ ତୁଳସୀ ରାମାୟଣ ପଠନ କରାଯାଉଛି। ଏଥିରେ ରାଜେନ୍ଦ୍ର ସ୍ୱାଇଁ, ସହ ଗାୟକ ଅଭିରାମ ଭୋଇ, ଟିଙ୍କୁ ବାଗ, ସତ୍ୟ ବରିହା, ଅର୍ଜୁନ ମଲ୍ଲିକ ବାଦକ ଓ ବୈଦ୍ୟୁତିକ ବାଦକ ଭାବେ କାର୍ଯ୍ୟ ତୁଲାଉଛନ୍ତି। ବରଗଡ଼ ତଥା ଆଖପାଖ ଅଞ୍ଚଳରୁ ଭକ୍ତମାନେ ଆସି ତୁଳସୀରାମାୟଣ ଶ୍ରବଣ କରିବାକୁ ସଂସ୍ଥା ପକ୍ଷରୁ ତଥା ଖାରୁଆ ବାବା ମଠ ପକ୍ଷରୁ ସୂଚନା ଦିଆଯାଇଛି।

## ବିକାଶ ହସ୍ପିଟାଲ୍ ପକ୍ଷରୁ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର



ପାଇକମାଲ,୧୦।୧୨(ସମିସ): ପାଇକମାଲ ସ୍ଥିତ ନୃସିଂହନାଥ ଧର୍ମଶାଳା ପରିସରରେ ବିକାଶ ହସ୍ପିଟାଲ ତରଫରୁ ଓ ନୃସିଂହନାଥ ମନ୍ଦିର ଆନୁକୂଲ୍ୟରେ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ମନ୍ଦିର ପରିଚାଳନା କମିଟିର ଟ୍ରଷ୍ଟି ଦେବାଶିଷ ସିଂହ, ସାମାଜିକକର୍ମୀ ବଡ଼ ଶତପଥୀ ତଥା ବରଗଡ଼ ଅଞ୍ଚଳର ଡାକ୍ତର ଅଜିତ ବାରିକ ଅତିଥି ଭାବେ ଉଦ୍‌ଘାଟନ କରିଥିଲେ। ଶିବିର ନୃସିଂହନାଥ ମନ୍ଦିରର କାର୍ଯ୍ୟନିର୍ବାହୀ ଅଧିକାରୀ ପୁରୁଷୋତ୍ତମ ପ୍ରଧାନଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଶିଶୁ ବିଶେଷଜ୍ଞ ଡ.ପ୍ରଣୟ ପାଣିଗ୍ରାହୀ, ନ୍ୟୁରୋଲୋଜି ବିଶେଷଜ୍ଞ ଡ.ଭି ଶ୍ରୀଧର, ଚର୍ମରୋଗ ବିଶେଷଜ୍ଞ ଡ.ମନାଲି ଡେକରାଯା, ଦାନ୍ତ ବିଶେଷଜ୍ଞ ଡ.ଶ୍ରଦ୍ଧାସୁମନ ପାଳ, ଛାତି ଓ ଫୁସଫୁସ ବିଶେଷଜ୍ଞ ଡ.ଯଶବନ୍ତ ଧନବଳ, ମେଡିସିନ ବିଶେଷଜ୍ଞ ଡ.ସୌରଭରଥ ଓ ଫିଜିଓଥେରାପି ବିଶେଷଜ୍ଞ ଡ.ଏମଡି ଅକତରଙ୍କ ସହ ବରଗଡ଼ ଲାୟନ୍ସ ହସ୍ପିଟାଲର ଡାକ୍ତର ଓ ଷ୍ଟାଫ ମିଳିମିଶି ୫୪୫ ଜଣ ବିଭିନ୍ନ ରୋଗୀଙ୍କୁ ପରୀକ୍ଷା କରି ମାଗଣା ଔଷଧ ବିତରଣ କରିଥିଲେ। କଳ୍ପନା ବରିହା, ଜ୍ୟୋତି କିସନ, ନମିତା କୁଶଳ, ମୌସୁମୀ କଲୋ, ସୁନିତା ଭୁଏ, ଛବିରାଣୀ ବାଗ, ସୁଦିପ ମାନନା ପ୍ରମୁଖ ନର୍ସ ମାନେ ରକ୍ତ ପରୀକ୍ଷା, ବ୍ଲଡ ପ୍ରେସର ପରୀକ୍ଷା, ଡାକ୍ତର ମାନଙ୍କୁ ସହଯୋଗ କରିଥିଲେ। ଆଖି ଅପରେସନ ପାଇଁ ୨୧ଜଣ ମହିଳା ଓ ପୁରୁଷଙ୍କୁ ବରଗଡ଼ ପଠାଯାଇଥିଲା। ନୃସିଂହନାଥ ମନ୍ଦିର ସ୍ୱେଚ୍ଛାସେବୀ ତଥା କର୍ମଚାରୀ ଚିତ୍ତ ସରାପ, ଦେବେନ୍ଦ୍ର ସାହୁ, ଯେକି ସରାପ, ଦୁର୍ଯ୍ୟୋଧନ ତ୍ରିପାଠୀ, ସହଦେବ ପଧାନ, ବିଷ୍ଣୁ ପଶାୟତ, ଦିଲ୍ଲୀପ ପ୍ରଧାନ ପ୍ରମୁଖ ବିଭିନ୍ନ କାମରେ ସହଯୋଗ କରିଥିବା ବେଳେ ସୁବୋଧ ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

● ପଦ୍ମପୁରରେ ବାଲି ଚୋରା ଚାଲାଣ

## ପ୍ରଶାସନ ଜବତ କଲା ହାଇୱା ଓ ଏକ୍ସକାଭେଟର

ପଦ୍ମପୁର,୧୦।୧୨(ସମିସ): ପ୍ରାକୃତିକ ସମ୍ପଦର ସୁରକ୍ଷା, ବେଆଇନ ବାଲି ଚାଲାଣ ନିୟନ୍ତ୍ରଣ ଏବଂ ଖଣିଜ ନିୟମାବଳୀର ପୂର୍ଣ୍ଣ ଅନୁପାଳନ ସୁନିଶ୍ଚିତ କରିବା ପାଇଁ ପଦ୍ମପୁର ଉପଖଣ୍ଡ ପ୍ରଶାସନ ଗତକାଲି ରାତ୍ରିରେ ଏକ ବ୍ୟାପକ ଯୁଗ୍ମ ଅଭିଯାନ କରିଛି। ଉପଜିଲ୍ଲାପାଳ ସ୍ନେହା ଅରୁଗୁଲାଙ୍କ ନେତୃତ୍ୱରେ ଅତିରିକ୍ତ ତହସିଲଦାର ତପସ୍ୱିନୀ କୁତ୍ରୁକା ଓ ମାମି ମହାନନ୍ଦ, ମାଇନିଂ ବିଭାଗର ଜୁନିୟର ମାଇନିଂ ଅଫିସରଙ୍କ ସହିତ ପଦ୍ମପୁର ଏବଂ ଜଗଦଲପୁର ପୁଲିସ ଏହି ଅଭିଯାନକୁ ସଫଳ କରିବାରେ ସକ୍ରିୟ ଭୂମିକା ନେଇଥିଲେ। ପଦ୍ମପୁରର ୪ଟି ଭିନ୍ନ ସ୍ଥାନକୁ ଦୃଷ୍ଟିରେ ରଖି ଅଭିଯାନ ପରିଚାଳିତ ହୋଇଥିଲା। ଏଥିରେ ବାଲି ଚୋରାଚାଲାଣ କାର୍ଯ୍ୟରେ ଜଡିତ ୩ଟି ହାଇୱା ଟ୍ରକ୍ ଏବଂ ଗୋଟିଏ ଏକ୍ସକାଭେଟରକୁ ଭଉଁରିଆ ଛକ, ସାନକୁଞ୍ଜରି, ଲହଣ୍ଡିପୁରରେ ଜବତ କରାହୋଇଥିଲା। ବେଆଇନ ବାଲି ଚାଲାଣ କିମ୍ବା ବେଆଇନ ଖଣିକାର୍ଯ୍ୟରେ ଜଡିତ କୌଣସି ବ୍ୟକ୍ତି ବା ବାହନକୁ କୌଣସି ପ୍ରକାର ପ୍ରଶ୍ରୟ ଦିଆଯିବ ନାହିଁ ବୋଲି ଉପଜିଲ୍ଲାପାଳ ସ୍ନେହା ଅରୁଗୁଲା କହିଛନ୍ତି। ସ୍ଥାନୀୟ ପୁଲିସ ଓ ମାଇନିଂ ବିଭାଗ ସହ ସମନ୍ୱୟ ରଖି ଏହି ଅଭିଯାନ ନିୟମିତ ଭାବେ ଚାଲୁ ରହିବ ଏବଂ ଅବୈଧ ବାଲି ଚକ୍ରକୁ ଦମନ କରିବା ପାଇଁ ସମସ୍ତ ପ୍ରୟାସ ଜାରି ରହିବ ବୋଲି ମଧ୍ୟ ସେ କହିଛନ୍ତି।



### ମାନବାଧିକାର ଦିବସ ପାଳିତ

# ମାନବାଧିକାର, ଆମର ଦୈନନ୍ଦିନ ଆବଶ୍ୟକତା







### ଗୋପାଳପୁର ଆଶ୍ରମ

ବରଗଡ଼,୧୦।୧୨(ସମିସ): ବ୍ୟକ୍ତିର ସ୍ୱାଧୀନତା, ସମାନତା ଏବଂ ସମ୍ମାନର ଅଧିକାର ମାନବାଧିକାର ଅନ୍ତର୍ଭୁକ୍ତ ଅଟେ। କିନ୍ତୁ ଅଧିକାଂଶ ବ୍ୟକ୍ତିଙ୍କୁ ଏହି ଅଧିକାର ବିଷୟରେ ଜଣାନାହିଁ। ତେଣୁ ବିଦ୍ୟାଳୟ ସ୍ତରରେ ଛାତ୍ରାବସ୍ଥାରୁ ମାନବାଧିକାର ବିଷୟରେ ଶିକ୍ଷାର୍ଥୀମାନଙ୍କୁ ଅବଗତ କରିବା ପାଇଁ ବରଗଡ଼ ଜିଲ୍ଲା ଭଟଲି ବ୍ଲକ୍ ଅଧୀନ ଗୋପାଳପୁର ଆଶ୍ରମ ବିଦ୍ୟାଳୟରେ ବିଶ୍ୱ ମାନବାଧିକାର ଦିବସ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ରାମ ହନୁମନ୍ତ ରେ‡ୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିକ୍ଷକ ଉଚ୍ଛବ ଭୁଏ ଉଦ୍ଦେଶ୍ୟ ଜ୍ଞାପନ କରିବା ସହ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବେ ଜନତା ହାଇସ୍କୁଲ ଭୁକ୍ତାର ବିଜ୍ଞାନ ଶିକ୍ଷକ ତଥା ପରିବେଶବିତ୍ ସଞ୍ଜୟ ଖମାରୀ ଯୋଗ ଦେଇ ବିଶ୍ୱ ମାନବାଧିକାର ଦିବସର ତାତ୍ପର୍ଯ୍ୟ ବିଷୟରେ ଆଲୋକପାତ କରିଥିଲେ। ଚଳିତ ବର୍ଷର ପ୍ରସଙ୍ଗ 'ମାନବାଧିକାର, ଆମର ଦୈନନ୍ଦିନ ଆବଶ୍ୟକତା' ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ସ୍ଥାନୀୟ ଆଶ୍ରମ ସ୍କୁଲର ଶିକ୍ଷୟିତ୍ରୀ ମମତା ସାହୁ, ପଞ୍ଚମୀ ନାଏକ, ତୁଳସୀ ସା, ମାନସୀ ଷଣ୍ଢ, ଶିକ୍ଷକ ଅଷ୍ଟମନ୍ୟୁ ବାରିକ ଓ ରାଜୀବ ସାହୁ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଶିକ୍ଷୟିତ୍ରୀ ଦୀପ୍ତି ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

### ସ୍ନାତକ ମହିଳା ମହାବିଦ୍ୟାଳୟ

ବରପାଲି: ବରପାଲି ଜଗବନ୍ଧୁ ଦାଶ ସ୍ନାତକ ମହିଳା ମହାବିଦ୍ୟାଳୟ ପରିସରରେ ମାନବିକ ଅଧିକାର ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ତାଲୁକ୍ ଆଇନ ସେବା ସମିତି ଓ ମହିଳା ମହାବିଦ୍ୟାଳୟ ମିଳିତ ଆନୁକୂଲ୍ୟରେ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା। ମହାବିଦ୍ୟାଳୟ ଅଧ୍ୟକ୍ଷା ପଦ୍ମିନୀ ଦାଶ ଏଥିରେ ଅଧ୍ୟକ୍ଷତା କରିଥିଲେ। ଓକିଲ ରବିନ୍ଦ୍ର ପଣ୍ଡା, ବାବଲୁ ସାହୁ, ହିମାଂଶୁ ଶେଖର ସାହୁ, ବୀଣାପାଣି ପଧାନ ପ୍ରମୁଖ ଯୋଗ ଦେଇଥିଲେ। ଅତିଥି ମାନେ ମାନବିକ ଅଧିକାର ସଚେତନତା ସମ୍ପର୍କରେ ଆଲୋଚନା କରିବା ସହ ସାଧାରଣ ଲୋକଙ୍କୁ ବିନା ଶୁଳ୍କରେ ଆଇନ ସହାୟତା, ନିଶୁଳ୍କ ଆଇନ ପରାମର୍ଶ, ମହିଳା-ଶିଶୁ ବରିଷ୍ଠ ନାଗରିକଙ୍କ ଅଧିକାର ସମ୍ପର୍କିତ ତଥ୍ୟ ସହ ଦ୍ରୁତ ନ୍ୟାୟ ପ୍ରଦାନ ପ୍ରକ୍ରିୟା ବିଷୟରେ ମଧ୍ୟ ବ୍ୟାଖ୍ୟା କରିଥିଲେ। ତାଲୁକ୍ ଆଇନ ସେବା ସମିତି ଦରିଦ୍ର, ଅସହାୟ ଓ ପ୍ରତାଡିତ ବ୍ୟକ୍ତିମାନଙ୍କୁ ନ୍ୟାୟ ସୁଲଭ କରିବା ପାଇଁ ନିରନ୍ତର ପ୍ରୟାସ ପ୍ରକ୍ରିୟାକୁ ଜାରି ରଖିଛି। ଅଭିଯାନରେ ବିଚାର ବିଭାଗୀୟ ଡିଲେଶ୍ୱର୍ ଦାଶଙ୍କ ସମେତ ପୁଲିସ ସହକର୍ମୀ ମାନେ ନିଜ ଅଧିକାର ଓ କର୍ତ୍ତବ୍ୟ ସମ୍ପର୍କରେ ଉପସ୍ଥାପନ କରିଥିଲେ। ମହାବିଦ୍ୟାଳୟ ପ୍ରତିଷ୍ଠାତା ଅନ୍ତର୍ଯ୍ୟାମୀ ପଣ୍ଡାଙ୍କ ସମେତ ସମସ୍ତ ଅଧ୍ୟାପକ ଅଧ୍ୟାପିକା ସହକର୍ମୀ ଓ ଛାତ୍ରୀ ମାନେ ଆଲୋଚନାରେ ଭାଗ ନେବା ସହ ଓଡ଼ିଆ ବିଭାଗ ଅଧ୍ୟାପକ ଯତୀନ୍ଦ୍ର ସାହୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

### ଦଧିବାମନ ମହାବିଦ୍ୟାଳୟ

ଭଟଲି: ସ୍ଥାନୀୟ ଦଧିବାମନ ମହାବିଦ୍ୟାଳୟରେ ଆନ୍ତର୍ଜାତିକ ମାନବ ଅଧିକାର ଦିବସ ପାଳିତ ହୋଇଯାଇଛି। ରାଜାଜୀ, ସିରାଜ ଗୋପାଳାଚାରୀଙ୍କ ପୂଣ୍ୟ ଜନ୍ମ ତିଥିକୁ ସ୍ମରଣ କରି ତାଙ୍କ ଫଟୋଚିତ୍ରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ରାଜନୀତି ବିଜ୍ଞାନ ଅଧ୍ୟାପକ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଅଧ୍ୟକ୍ଷ, ସରୋଜ ଦାଶ ଅଧିକାର ମାନବିକ ଅଧିକାର ଓ ବିଶ୍ୱ ମାନବିକ ଅଧିକାର ଦିବସର ଇତିହାସ ସାଙ୍ଗକୁ ଭାରତ ସମ୍ବିଧାନର ମହାନତା ଓ ଆଜି ଦିବସ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଅଧ୍ୟାପକ ବିରାଟ ପଧାନ, ଅଧ୍ୟାପକ ଅଜିତ ବାରିକ ଓ ଅଧ୍ୟାପିକା ଅନିତା ଷଡଙ୍ଗୀ ମଧ୍ୟ ନିଜ ନିଜ ମନ୍ତବ୍ୟ ପ୍ରଦାନ କରିଥିଲେ। ଶେଷରେ ତୃତୀୟ ବର୍ଷ ଛାତ୍ର କିଶୋର ମେହେର ଆନୁଷ୍ଠାନିକ ଭାବେ ଧନ୍ୟବାଦ ପ୍ରଦାନ କରିଥିଲେ।

# ଉଚ୍ଚ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା



### ମାଣ୍ଡୋସିଲ ପିଏମଶ୍ରୀ ହାଇସ୍କୁଲ

ପାଇକମାଲ,୧୦।୧୨(ସମିସ): ପାଇକମାଲ ବ୍ଲକ୍ ମାଣ୍ଡୋସିଲ ପିଏମଶ୍ରୀ ହାଇସ୍କୁଲରେ ବୁଧବାର ପ୍ରଧାନଶିକ୍ଷୟିତ୍ରୀ ପୋର୍ଟା ମିନତୀ ଟେଟେଙ୍କ ଅଧ୍ୟକ୍ଷତାରେ ବାର୍ଷିକ କ୍ରୀଡା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଗୋକୁଳାନନ୍ଦ ତନସନା ଓ ସମ୍ମାନିତ ଅତିଥି ଭାବେ ମାଣ୍ଡୋସିଲ ସିଆରସିସି ବସୁଦେବ କୁମ୍ଭାର କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଖେଳ ଶିକ୍ଷକ ହେମସାଗର ସାହୁ, ପଦ୍ମଲୋଚନ ମାଝୀ, ନରହରି ସିଂ, ଅଭିଜିତ ରାଏ, ବିକ୍ରମ ସିଂ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ଏଥିରେ ଶଙ୍କରଲାଲ ମହାନନ୍ଦ, ନୀଳମଣି ବରିହା, କୃଷ୍ଣ ବାଗ, କଲ୍ୟାଣୀ ଦନ୍ତା, ସଙ୍ଘମିତ୍ରା ବେହେରା, ସଲୋନୀ ପ୍ରିୟଦର୍ଶିନୀ ସେଠ, ଅରୁଣ ପାତ୍ର, ଶ୍ରୀନିବାସ ରାଓ, ଡାଳିମ୍ବ ଧରୁଆ, ଆଲ୍ଲାଦିନୀ ବଡ଼େଇ, ଶୁଭରାଣୀ ମଲ୍ଲିକ, ନରେଶ ଧାକଡ, ଚିତ୍ତରଞ୍ଜନ ସାହା, ନୀଳମଣି ପୁଟା, ସବିତା ସାହୁ, ସଦାନନ୍ଦ ଭୋଇ, ବାଞ୍ଛାନିଧି ଦାଶ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିବା ବେଳେ ନରହରି ସିଂ ଧନ୍ୟବାଦ ଦେଇଥିଲେ।

### ରାଜବୋଡାସମ୍ବର୍ ଉଚ୍ଚ ବିଦ୍ୟାଳୟ



ପଦ୍ମପୁର: ସ୍ଥାନୀୟ ରାଜବୋଡାସମ୍ବର୍ ଉଚ୍ଚ ବିଦ୍ୟାଳୟ ପଦ୍ମପୁର ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ନିରାଳମ୍ବ ପ୍ରସାଦ ପଟେଲ ପତାକା ଉତ୍ତୋଳନ କରି ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର କ୍ରୀଡା ଶିକ୍ଷକ ହରେକୃଷ୍ଣ ମେହେରଙ୍କ ତତ୍ତ୍ୱାବଧାନ ତଥା ଅତିଥି କ୍ରୀଡା ଶିକ୍ଷକ ଚନ୍ଦ୍ରମଣି ସାହୁ ଏବଂ କ୍ଷୀରୋଦ ଚନ୍ଦ୍ର ଦାସଙ୍କ ସହାଯୋଗରେ ପ୍ରତିଯୋଗିତା ପରାଚାଳିତ ହୋଇଥିଲା। ପ୍ରତିଯୋଗିତାରେ ୨୫ଟି ଇଭେଣ୍ଟରେ ୨୫୦ ଜଣ ଛାତ୍ର ଭାଗ ନେଇଥିଲେ। ଉଦ୍‌ଯାପନୀ ସମାରୋହରେ ରାଜବୋଡାସମ୍ବର୍ ବ୍ଲକ୍ ଶିକ୍ଷାଧିକାରୀ ଲୋକନାଥ ଭୋଇ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥି ମାନଙ୍କ ଦ୍ୱାରା କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। କନିଷ୍ଠ ବର୍ଗରୁ ଅଷ୍ଟମ ଶ୍ରେଣୀର ଛାତ୍ର ଶିବା ପଟେଲ ଏବଂ ବରିଷ୍ଠ ବର୍ଗରୁ ଦଶମ ଶ୍ରେଣୀର ଛାତ୍ର ଆଶିଷ ଲୁହାର ଚାମ୍ପିଅନ ହୋଇଥିଲେ। ଶିକ୍ଷକ ଅଭିଳାଷ ସାହୁ ସଭା ପରିଚାଳନା କରିଥିବା ବେଳେ ହରେକୃଷ୍ଣ ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଅମ୍ବିକା ରଥ, ସୁଶିଲ ମେହେର, ପ୍ରଭାସିନୀ ସା, ପ୍ରୀତିରସ୍ମି ସେଠ୍, ରୁଦ୍ରଙ୍ଗଦ ବାରିକ, ମଧୁସ୍ମିତା ବର୍ଗେ, ସଂଗ୍ରାମ କେଶରୀ ଦୀପ, ଅମୃତା ବାରିକ, ଅନୁପମା ମେହେର, ନେହା ସାହୁ, ମୋହନ ବନଛୋର୍, ସୁନୀତା ଖମାରୀ ତଥା କର୍ମଚାରୀ ଦୀପକ ତିୱାରୀ, କୃଷ୍ଣଚନ୍ଦ୍ର ପଧାନ, ନନ୍ଦିନୀ ବାଗ, ନିରୁପମା ଭୋଇ ଏବଂ ମାନସ ଶତପଥୀଙ୍କ ସହଯୋଗରେ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ଶେଷ ହୋଇଥିଲା।

## ମିଲରଙ୍କ କଟ୍‌ନିକୁ ବିରୋଧ

# ଚାଉଁରପୁର ମଣ୍ଡିରୁ ଉଠିଲା ଧାନ

**ସମ୍ବଲପୁର, ୧୦।୧୨ (ସମିସ)**

ସମ୍ବଲପୁର ଜିଲ୍ଲାରେ ଚାଷୀମାନେ ସଫା ଓ ଶୁଖିଲା ଧାନ ନେଲେ ମଧ ମିଲର୍‌ମାନେ କଟ୍‌ନି କରୁଛନ୍ତି। ଏହାକୁ ନେଇ ଚାଷୀ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ମିଲ୍‌ର ୪ରୁ ୫ କିଲୋ କଟ୍‌ନି କରୁଥିବା ଅଭିଯୋଗ ହୋଇଛି। ସୋମବାରଠାରୁ ଚାଉଁରପୁର ଓ ସେନ୍‌ହାପାଲି ମଣ୍ଡିରୁ ଧାନଗାଡ଼ି ଚାଷୀମାନେ ଛାଡ଼ି ନଥିଲେ। ମଙ୍ଗଳବାର ମିଲର୍‌ମାନେ ମଣ୍ଡିକୁ ଯାଇ ଚାଷୀଙ୍କ ସହ କଥାବାର୍ତ୍ତା ହୋଇଥିଲେ ହେଁ କଟ୍‌ନିକୁ ଚାଷୀମାନେ ବିରୋଧ କରିବାରୁ ଆଲୋଚନା ସଫଳ ହୋଇନଥିଲା। ଗୁରୁବାର ସୁଦ୍ଧା କଟ୍‌ନିଛଟ୍‌ନି ଓ ଟୋକନ ସମସ୍ୟା ସମାଧାନ ନହେଲେ ଶୁକ୍ରବାର ବିଭିନ୍ନ ସ୍ଥାନରେ ରାସ୍ତାରୋକ କରିବେ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ଆଜି ପୁଣି ମିଲର୍‌ମାନେ କଥାବାର୍ତ୍ତା କରି ମଣ୍ଡିରୁ ଧାନ ଉଠିଛି। ଉଭୟ ମଣ୍ଡିରେ ଛିଡ଼ା ହୋଇ ରହିଥିବା ପ୍ରାୟ ୨୦ରୁ ଊର୍ଦ୍ଧ୍ୱ ଧାନଗାଡ଼ି ମିଲ୍‌କୁ ଯାଇ ଅନ୍‌ଲୋଡ୍ କରିଥିବା ସୂଚନା ମିଳିଛି। ଏହାସହ ଧାନ ଦେବାପରେ ପ୍ୟାକ୍ସରେ ଆଇରିସ ସ୍କାନିଂ ମଧ ହୋଇଛି।

ଚାଉଁରପୁର ଓ ସେନ୍‌ହାପାଲି ମଣ୍ଡିରେ ସୋମବାର, ମଙ୍ଗଳବାର, ବୁଧବାର ଓ ଶୁକ୍ରବାର ଧାନ ବିକ୍ରୟ ହୋଇଥାଏ। ଗତ ନଭେମ୍ବର ୨୮ରେ ସମ୍ବଲପୁର ଜିଲ୍ଲାରେ ମଣ୍ଡି ଖୋଲିଥିବାବେଳେ ୨୮ ଓ ୨୯ ତାରିଖ କୌଣସି ଧାନବିକ୍ରୟ ହୋଇନଥିଲା। ଡିସେମ୍ବର ୧ରୁ ୫ ତାରିଖ ପର୍ଯ୍ୟନ୍ତ ଧାନ ବିକ୍ରୟ ହୋଇଥିବାବେଳେ



ସୋମବାର ୮ ତାରିଖରୁ କଟ୍‌ନିକୁ ବିରୋଧ କରି ଚାଷୀ ଧାନଗାଡ଼ି ମଣ୍ଡିରେ ଅଟକ ରଖିଥିଲେ। ମିଲର୍‌ମାନଙ୍କ କଟ୍‌ନି ଦୌରାତ୍ମ୍ୟ ସହି ନପାରି ଚାଷୀମାନେ ଧାନ ବିକ୍ରୟ କରିବାକୁ ଇଚ୍ଛାପ୍ରକାଶ କରୁନାହାନ୍ତି। ଏପରିକି ସମସ୍ୟାର ସମାଧାନ ନହେଲେ ମଣ୍ଡିରେ ଧାନ ଅନ୍‌ଲୋଡ୍ କରିବାସହ ରାସ୍ତାରୋକ କରିବାକୁ ବାଧ ହେବେ ବୋଲି କହିଥିଲେ। ତେବେ, ସୋମବାର ଓ ମଙ୍ଗଳବାର ଧାନ ଉଠିନଥିବାବେଳେ ଆଜି ବୁଧବାରଠାରୁ ପୁଣି ଧାନ ଉଠିବା ଆରମ୍ଭ ହୋଇଛି। ଉଲ୍ଲେଖଯୋଗ୍ୟ ଯେ, ଉଭୟ ଚାଉଁରପୁର ଓ ସେନ୍‌ହାପାଲି ମଣ୍ଡିକୁ ୧୨ଟି ଲେଖାଏ ମିଲ୍‌କୁ ଆଟାଚ୍ କରିଥିବାବେଳେ ଚାଉଁରପୁରରେ ପ୍ରଥମ ପର୍ଯ୍ୟାୟ ଟାଗେଟ୍ ୨୧୭୦୦ କ୍ୱିଣ୍ଟାଲ ଏବଂ ସେନ୍‌ହାପାଲିରେ ୨୦୫୦୦ କ୍ୱିଣ୍ଟାଲ ରହିଛି। ଚାଉଁରପୁର ପ୍ୟାକ୍ସ ସମ୍ପାଦକଙ୍କ ସୂଚନା ଅନୁଯାୟୀ, ଚାଉଁରପୁର ମାର୍କେଟୟାର୍ଡରେ ୧ ତାରିଖ ଜଣେ ଚାଷୀଙ୍କ ୧୬୦ ପ୍ୟାକେଟ, ୨ ତାରିଖ ୨୯ ଜଣ ଚାଷୀଙ୍କ ୪୧୫୨ ପ୍ୟାକେଟ, ୩ ତାରିଖ ୨୧ ଜଣ ଚାଷୀଙ୍କ ୨୪୨୩ ପ୍ୟାକେଟ ଏବଂ ୫ ତାରିଖ ୪୯ ଜଣ ଚାଷୀଙ୍କ ୫୫୭୬ ପ୍ୟାକେଟ ଧାନ ବିକ୍ରୟ ହୋଇଥିବା ପ୍ୟାକ୍ସ ସୂତ୍ରରୁ ଜଣାପଡ଼ିଛି। ସେହିପରି ସେନ୍‌ହାପାଲି ଧାନକ୍ରୟ କେନ୍ଦ୍ର (ପିପିସି)ରେ ୧ ତାରିଖ ୧୧ ଜଣ ଚାଷୀଙ୍କ ୧୫୫୪ ପ୍ୟାକେଟ, ୨ ତାରିଖ ୨୨ ଜଣ ଚାଷୀଙ୍କ ୨୫୫୮ ପ୍ୟାକେଟ, ୩ ତାରିଖ ୩୬ ଜଣ ଚାଷୀଙ୍କ ୩୯୪୧ ପ୍ୟାକେଟ ଏବଂ ୫ ତାରିଖ ୩୪ ଜଣ ଚାଷୀଙ୍କ ୪୧୦୪ ପ୍ୟାକେଟ ଧାନ ବିକ୍ରୟ ହୋଇଥିବା ପ୍ୟାକ୍ସ ସୂତ୍ରରୁ ଜଣାପଡ଼ିଛି। ଚାଉଁରପୁର ଓ ସେନ୍‌ହାପାଲି ମଣ୍ଡିରେ ଛିଡ଼ା ହୋଇଥିବା ଧାନବୋଝେଇ ଗାଡ଼ି ଗୁଡ଼ିକ ଆଜି ମଣ୍ଡିରେ ପଞ୍ଜିକୃତ କରିବାପରେ ମିଲ୍‌କୁ ଯାଇ ଅନ୍‌ଲୋଡ କରିଛନ୍ତି। ପ୍ରାୟ ୨୦ଟି ଲେଖାଏ ଗାଡ଼ି ଉଭୟ ମଣ୍ଡିରୁ ଯାଇଥିବାବେଳେ ପ୍ରତି ଗାଡ଼ିରେ ୬୦ରୁ ୭୦ କ୍ୱିଣ୍ଟାଲରୁ ଊର୍ଦ୍ଧ୍ୱ ଧାନ ବୋଝେଇ ହୋଇଥାଏ। ସମ୍ବଲପୁର ଜିଲ୍ଲା କୃଷକ ସୁରକ୍ଷା ସଙ୍ଗଠନ ସଭାପତି

### କଟ୍‌ନିଛଟ୍‌ନି ଓ ଟୋକନ ସମସ୍ୟା ସମାଧାନ ନହେଲେ ଶୁକ୍ରବାର ରାସ୍ତାରୋକ

ବ୍ୟୋମକେଶ ଠାକୁର କହିଛନ୍ତି ଯେ, ଆଜି ସହମତିରେ ଚାଉଁରପୁର ଓ ସେନ୍‌ହାପାଲି ମଣ୍ଡିରୁ ଧାନ ଉଠିଛି। କିନ୍ତୁ କଟ୍‌ନିଛଟ୍‌ନି ଓ ଟୋକନ ସମସ୍ୟା ସମାଧାନ ହୋଇନାହିଁ। ଏହାର ସମାଧାନ ନହେଲେ ଆସନ୍ତା ଶୁକ୍ରବାର ଚାଷୀମାନେ ଧମା, ସିନ୍ଦୂରପଙ୍କ ଓ ରେମେଡଠାରେ ରାସ୍ତାରୋକ କରିବେ। ଏହାସହ ଅନେକ ସ୍ଥାନରେ ରାସ୍ତାରୋକ ହୋଇପାରେ ବୋଲି ସଭାପତି ଶ୍ରୀ ଠାକୁର ଚେତାବନୀ ଦେଇଛନ୍ତି।

# ଛିଣ୍ଡିଲାନି ଲୋକ ମହୋତ୍ସବ ଆୟୋଜକ କମିଟି ତାଲିକା

## ୩ ରାଜନୈତିକ ଗୋଷ୍ଠୀ ଚାପରେ ଚେପା ଜିଲ୍ଲା ପ୍ରଶାସନ

**ସମ୍ବଲପୁର, ୧୦।୧୨ (ସମିସ):** ଛିଣ୍ଡିଲାନି ସମ୍ବଲପୁର ଲୋକ ମହୋତ୍ସବ ଆୟୋଜକ କମିଟି ତାଲିକା। ମଙ୍ଗଳବାର ଆୟୋଜକ କମିଟି ତାଲିକା ପ୍ରକାଶ ପାଇଥିଲେ ମଧ କିଛି ସମୟ ମଧରେ ଡିଲିଟ୍ ହୋଇ ଯାଇଥିଲା। ପ୍ରମୁଖ ଦଳର ୩ ରାଜନୈତିକ ଗୋଷ୍ଠୀ ଚାପରେ ଜିଲ୍ଲାପ୍ରଶାସନ ଚେପା ହୋଇଯାଇଥିବା ସ୍ଥାନୀୟରେ ଚର୍ଚ୍ଚା ହେଉଛି। ସୂଚନା ଅନୁସାରେ ମଙ୍ଗଳବାର ଜିଲ୍ଲା ପ୍ରଶାସନର ହ୍ୱାଟସ୍‌ଅପ୍ ଗ୍ରୁପରେ ଆୟୋଜକଙ୍କ ନାମ ତାଲିକା ପ୍ରକାଶ ପାଇଥିଲା। ପ୍ରତିବର୍ଷ ସଂଯୋଜକ ଓ ସହସଂଯୋଜକ ଭାବେ ତାଲିକ ପ୍ରସ୍ତୁତ କରାଯାଏ। କିନ୍ତୁ ଚଳିତବର୍ଷ ପ୍ରଥମଥର ପାଇଁ ୩ ଜଣଙ୍କୁ ସ୍ଥାନ ଦିଆଯାଇଛି। ସହ ସଂଯୋଜକ ଏକ ଓ ଦୁଇ ଭାବେ ମୋଟ୍ ୩ ଜଣଙ୍କୁ ସ୍ଥାନ ଦିଆଯାଇଛି। କିଛିଦିନ ପୂର୍ବେ ଏକ ଆୟୋଜକ କମିଟିର ଏକ ଲିଷ୍ଟ ଭାଇରାଲ ହୋଇଥିଲା। କିନ୍ତୁ ପ୍ରକାଶ ପାଇଥିବା ବିଜ୍ଞପ୍ତିରେ ଉକ୍ତ ଭାଇରାଲ ତାଲିକା ସାମଞ୍ଜସ୍ୟ ନଥିଲା। ୩ ଗୋଷ୍ଠୀ ନିଜ ସମର୍ଥକଙ୍କ ନାମ ସୁପାରିଶ କରିଥିଲେ। ଖବର ଲେଖିବା ପର୍ଯ୍ୟନ୍ତ ଗତକାଲି ପ୍ରକାଶ ପାଇଥିବା ତାଲିକାର କୌଣସି ସୂଚନା ପୁନଃପ୍ରକାଶ ପାଇନାହିଁ।

# ଯୋଗ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ



**ରେଢ଼ାଖୋଲ, ୧୦।୧୨(ସମିସ):** ସ୍ଥାନୀୟ କଦମ୍ବ ପଡ଼ିଆ ନିକଟରେ ଥିବା ବ୍ୟାଡମିଣ୍ଟନ ହଲ୍‌ରେ ପତଞ୍ଜଳି ଯୋଗ ସମିତି ତରଫରୁ ଆୟୋଜିତ ୩ ଦିନିଆ ନିଃଶୁଳ୍କ ଯୋଗ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଗତ ସୋମବାରଠାରୁ ଅନୁଷ୍ଠିତ ଏହି ଶିବିରରେ ଯୋଗ ଆସନ ଓ ପ୍ରାଣାୟାମ ଇତ୍ୟାଦି ପ୍ରଶିକ୍ଷଣ ଦିଆଯାଇଥିଲା। ପତଞ୍ଜଳି ଯୋଗ ସମିତିର ରାଜ୍ୟ ପ୍ରଭାରୀ ରାଧାମାଧବ ବହିଦାର ଏବଂ ଜିଲ୍ଲା ପ୍ରଭାରୀ ରଞ୍ଜନ ବେହେରା ଯୋଗ ପ୍ରଶିକ୍ଷଣ ଦେଇଥିଲେ। ଯୋଗ ପ୍ରଶିକ୍ଷଣ ଅଧ୍ୟାପକ ଅଞ୍ଜନ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରେଢ଼ାଖୋଲ ପତଞ୍ଜଳି ଯୋଗ ସମିତିର ବରିଷ୍ଠ ଯୋଗ ପ୍ରଶିକ୍ଷକ ପ୍ରାଧ୍ୟାପକ ଅରୁଣ ଶାସନିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରାଜେଶ ପାରମାର, ଚାହତ ପାରମାର, ମହିଳା ପ୍ରଭାରୀ, ନିରୋଧପ୍ରଭା ମହାନ୍ତି, ରାକେଶ ଦେହୁରୀ, କୈଳାସ ଚନ୍ଦ୍ର ଦାସ ଓ ତୁଷାରକାନ୍ତି ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

# ନର୍ସିଂ କଲେଜ ଛାତ୍ରଙ୍କ ମୃତଦେହ ଉଦ୍ଧାର

**ସମ୍ବଲପୁର, ୧୦।୧୨(ସମିସ):** ସଦର ଥାନା ଅଧୀନ ଏକ ନର୍ସିଂ କଲେଜ ଛାତ୍ରଙ୍କ ମୃତଦେହ କେନଘାଟି ସ୍ଥିତ ଟ୍ରାନ୍ସଫର୍ମର ନିକଟରୁ ପୁଲିସ ଉଦ୍ଧାର କରିଛି। ମୃତ ଛାତ୍ର ଜଣକ ହେଉଛନ୍ତି ଲଙ୍କେଶ ଟୁଡୁ। ସୂଚନା ଅନୁସାରେ ୩ ଦିନ ହେବ ଛାତ୍ର ଜଣକ ନିଖୋଜ ରହିଥିଲେ। କଲେଜ କାନ୍ଥ ଡେଇଁ ବାହାରକୁ ଚାଲି ଯାଇଥିଲେ। ଆଜି କେନଘାଟି ଟ୍ରାନ୍ସଫର୍ମର ପାଖରୁ ଆଜି ମୃତଦେହ ଉଦ୍ଧାର କରାଯାଇଛି। ଟ୍ରାନ୍ସଫର୍ମରକୁ ଛୁଇଁ ଆତ୍ମହତ୍ୟା କରିଥିବା ଖବର ମିଳିଛି। ଖବର ଲେଖିବା ପର୍ଯ୍ୟନ୍ତ ପୁଲିସ ପକ୍ଷରୁ କୌଣସି ସୂଚନା ମିଳିପାରି ନାହିଁ।

# ଦୁଇଦିନ ମଧରେ 'ମୋ ପୋଖରୀ' ଯୋଜନାର ବକେୟା ଦେୟ ପ୍ରଦାନ ଦାବି

**ସମ୍ବଲପୁର, ୧୦।୧୨ (ସମିସ) :** 'ମୋ ପୋଖରୀ' ଯୋଜନା ଅଧୀନରେ କାର୍ଯ୍ୟ କରିଥିବା ଏସ୍‌ଏଚ୍‌ଜି ସଦସ୍ୟାମାନେ ସମ୍ବଲପୁର ମହାନଗର ନିଗମ ଦ୍ୱାରା ତାଙ୍କର ନ୍ୟାୟସଙ୍ଗତ ବକେୟା ଦେୟ ପ୍ରଦାନ ନ ହେବା ନେଇ ଗଭୀର ଅସନ୍ତୋଷ ପ୍ରକାଶ କରିଛନ୍ତି। ଯଦିଓ କାମ ନିର୍ଦ୍ଧାରିତ ସମୟ ମଧରେ ସମ୍ପୂର୍ଣ୍ଣ ହୋଇଥିଲା ଏବଂ ବୈଧ ଆଦେଶ ଜାରି କରାଯାଇଥିଲା, ତଥାପି ଦେୟମାନଙ୍କ ପ୍ରଦାନରେ ଅନାବଶ୍ୟକ ବିଳମ୍ବ ହେଉଛି ଏବଂ ଅଧିକାରୀଙ୍କ ଦ୍ୱାରା ଖରାପ ବ୍ୟବହାର ମଧ କରାଯାଉଥିବା ଅଭିଯୋଗ ହୋଇଛି। ପ୍ରେସ୍ ବିଜ୍ଞପ୍ତିରେ ଏସ୍‌ଏଚ୍‌ଜି ସଦସ୍ୟାମାନେ 'ମୋ ପୋଖରୀ' ଯୋଜନାର ସମସ୍ତ ବକେୟା ଦେୟ ଦୁଇଦିନ ମଧରେ ପ୍ରଦାନ କରିବା ନିମନ୍ତେ ଦାବି କରିଛନ୍ତି। ପୂର୍ବରୁ ଜାରି ହୋଇଥିବା କାର୍ଯ୍ୟାଦେଶ ପ୍ରତ୍ୟାହାର କିମ୍ବା ବାତିଲ ନକରିବା ପାଇଁ ମଧ ଦାବି କରାଯାଇଛି, କାରଣ ନିର୍ଦ୍ଦେଶାବଳୀ ଅନୁସାରେ ସମସ୍ତ କାମ ନିଷ୍ଠାର ସହିତ ସମ୍ପାଦନ କରାଯାଇଛି। ନିର୍ଦ୍ଦିଷ୍ଟ ସମୟ ଭିତରେ ଦେୟ ପ୍ରଦାନ ନ ହେଲେ ଏସ୍‌ଏଚ୍‌ଜି ସଦସ୍ୟାମାନେ ମହାନଗର ନିଗମ କାର୍ଯ୍ୟାଳୟ 'ଘେରଉ' କରିବାକୁ ବାଧ ହେବେ ଏବଂ ବକେୟା ଦେୟ ନ ଦେବା ପାଇଁ ଏସ୍‌ଏମସି କର୍ତ୍ତୃପକ୍ଷ ଦାୟି ରହିବେ। ଏସ୍‌ଏଚ୍‌ଜି ସଦସ୍ୟାମାନେ କହିଛନ୍ତି ଯେ ସେମାନେ ବାରମ୍ବାର ସମ୍ବନ୍ଧିତ ଅଧିକାରୀଙ୍କୁ ଦେୟ ପ୍ରଦାନ ପାଇଁ ଅନୁରୋଧ କରିଛନ୍ତି, କିନ୍ତୁ ସନ୍ତୋଷଜନକ ଉତ୍ତର ପାଇନାହାନ୍ତି। ଅନେକ ଏସ୍‌ଏଚ୍‌ଜି ସଦସ୍ୟାଙ୍କ ଜୀବିକା ଓ ଦଳ ପରିଚାଳନା ଏହି ଦେୟ ଉପରେ ନିର୍ଭରଶୀଳ। ଏସଏଚଜି ସଦସ୍ୟା ମାନଙ୍କୁ ଏସଏମସି ତତ୍କାଳ ଏବଂ ସ୍ପଷ୍ଟ ପଦକ୍ଷେପ ନେଇ ବକେୟା ଦେୟ ପ୍ରଦାନ କରିବାକୁ, 'ମୋ ପୋଖରୀ' ଯୋଜନାର ସତ୍ତ୍ୱ ଓ ପାରଦର୍ଶିତା ରକ୍ଷା କରିବା ଏବଂ ଅନାବଶ୍ୟକ ସଂଘର୍ଷ କିମ୍ବା ବିଘ୍ନ ବିରୋଧ କରିବାକୁ ସ୍ୱତନ୍ତ୍ର ଉନ୍ନୟନ ପରିଷଦ, ସମ୍ବଲପୁର ପୂର୍ବତନ ଉପାଧ୍ୟକ୍ଷ ତଥା ସମ୍ବଲପୁର ସଂଗ୍ରାମ ସମିତି ଉପସଭାନେତ୍ରୀ ରାକ୍ଷୀ ମୁଣ୍ଡା ଅନୁରୋଧ କରିଛନ୍ତି। ଆଗାମୀ ଦୁଇଦିନ ମଧରେ ଏ ସବୁ ସମସ୍ୟାର ସମାଧାନ ନ ହେଲେ ସ୍ଥିତି ଜଟିଳ ହେବାସହିତ ମହାନଗର ନିଗମ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ସେ ପ୍ରେସ୍ ବିଜ୍ଞପ୍ତିରେ ଉଲ୍ଲେଖ କରିଛନ୍ତି।

# ଅଧିକାର ସୁରକ୍ଷିତ ରହିଲେ, ସମାଜ ସମୃଦ୍ଧ ହୁଏ: ରାଜ୍ୟପାଳ






**ସମ୍ବଲପୁର, ୧୦।୧୨ (ସମିସ)**

ମାନବାଧିକାରକୁ ବଜାୟ ରଖିବା ପାଇଁ ସାମୂହିକ ପ୍ରତିବଦ୍ଧତା ଆବଶ୍ୟକ, ଏହି ଅଧିକାର ଗୁଡ଼ିକ କେବଳ ଆଇନ ମାଧମରେ ନୁହେଁ ବରଂ ନାଗରିକ, ଅନୁଷ୍ଠାନ ଏବଂ ସମ୍ପ୍ରଦାୟର ସକ୍ରିୟ ଅଂଶଗ୍ରହଣ ମାଧମରେ ବିକଶିତ ହେବା ଉପରେ ରାଜ୍ୟପାଳ ଡକ୍ଟର ହରି ବାବୁ କାମ୍ଭମପତି ଗୁରୁତ୍ୱାରୋପ କରିଛନ୍ତି। ଓଡ଼ିଶା ମାନବାଧିକାର କମିଶନ ପକ୍ଷରୁ ବୁଧବାର ପୂର୍ବାହ୍ଣରେ ସମ୍ବଲପୁରର ଜିଲ୍ଲା ପ୍ରେକ୍ଷାଳୟ 'ତପସ୍ୱିନୀ'ଠାରେ ଆୟୋଜିତ ବିଶ୍ୱ ମାନବାଧିକାର ଦିବସ ୨୦୨୫ର ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇ ସେ ଏହା କହିଛନ୍ତି। ରାଜ୍ୟପାଳ କହିଛନ୍ତି ଯେ, ବିଶ୍ୱ ମାନବାଧିକାର ଦିବସ ଏକ ସ୍ମରଣକାରୀ ଭାବରେ କାର୍ଯ୍ୟ କରେ ଯେ ନ୍ୟାୟ ସମସ୍ତଙ୍କ ପାଇଁ ଉପଲବ୍ଧ ହେବା ଆବଶ୍ୟକ, ସମାଜରେ ଭେଦଭାବର କୌଣସି ସ୍ଥାନ ରହିବା ଉଚିତ୍ ନୁହେଁ ଏବଂ ପ୍ରତ୍ୟେକ ବ୍ୟକ୍ତିକୁ ସମ୍ମାନର ସହିତ ବଞ୍ଚିବାର ସୁଯୋଗ ମିଳିବା ଆବଶ୍ୟକ। ଚଳିତବର୍ଷର ବିଷୟବସ୍ତୁ ରହିଛି 'ମାନବାଧିକାର: ଆମର ଦୈନନ୍ଦିନ ଆବଶ୍ୟକତା'। ଶିକ୍ଷା, ଅଭିବ୍ୟକ୍ତିର ସ୍ୱାଧୀନତା, ନିରାପଦ କାର୍ଯ୍ୟ ସ୍ଥିତି, ଖାଦ୍ୟ, ପାଣି, ସ୍ୱାସ୍ଥ୍ୟ ଏବଂ ସୁରକ୍ଷା ଭଳି ଅଧିକାର ମାନବିକ ମର୍ଯ୍ୟାଦାର ମୂଳଦୁଆ ଗଠନ କରେ ବୋଲି ଉଲ୍ଲେଖ କରିଛି। ଯେତେବେଳେ ଏହି ଅଧିକାରଗୁଡ଼ିକୁ ବଜାୟ ରଖାଯାଏ, ସମାଜ ସମୃଦ୍ଧ ହୁଏ; ଯେତେବେଳେ ପ୍ରତ୍ୟାଖ୍ୟାନ କରାଯାଏ, ସମାଜର ଆତ୍ମା ହ୍ରାସ ପାଏ ବୋଲି ସେ କହିଛନ୍ତି।

### ରାଜ୍ୟସ୍ତରୀୟ ବିଶ୍ୱ ମାନବ ଅଧିକାର ଦିବସ

୧୯୪୮ ମସିହାରେ ମାନବାଧିକାରର ସାର୍ବଜନୀନ ଘୋଷଣାନାମା (ୟୁଡିଏଚ୍‌ଆର୍) ଗ୍ରହଣକୁ ମନେ ପକାଇ ଡ. କାମ୍ଭମପତି କହିଥିଲେ ଯେ ଏହା ମାନବ ସଭ୍ୟତାରେ ଏକ ମୋଡ଼ ନେଇଛି, ପ୍ରତ୍ୟେକ ବ୍ୟକ୍ତିଙ୍କ ପାଇଁ ମର୍ଯ୍ୟାଦା, ସ୍ୱାଧୀନତା, ସମାନତା ଏବଂ ନ୍ୟାୟକୁ ନିଶ୍ଚିତ କରୁଛି। ସେ ମାନବାଧିକାର ପରିଷଦ ଏବଂ ସାର୍ବଜନୀନ ପର୍ଯ୍ୟାୟ ସମୀକ୍ଷା ଭଳି ଆନ୍ତର୍ଜାତୀୟ ଚୁକ୍ତିନାମା, ସ୍ୱତନ୍ତ୍ର ସମ୍ମିଳନୀ ଏବଂ ଉତ୍ତରଦାୟିତ୍ୱ ବ୍ୟବସ୍ଥା ମାଧମରେ ଏକ ଦୃଢ଼ ବିଶ୍ୱ ମାନବାଧିକାର ଢାଞ୍ଚା ନିର୍ମାଣ ପାଇଁ ଜାତିସଂଘକୁ ପ୍ରଶଂସା କରିଛନ୍ତି। ଭାରତର ବିଶ୍ୱ ଭୂମିକା ଉପରେ ଆଲୋକପାତ କରି ସେ କହିଛନ୍ତି ଯେ, ୟୁଡିଏଚ୍‌ଆର୍ ପ୍ରସ୍ତୁତ କରିବାରେ ଦେଶର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି, ପ୍ରାରମ୍ଭରୁ ବର୍ଣ୍ଣବୈଷମ୍ୟ ଭଳି ପ୍ରସଙ୍ଗ ଉଠାଇଛି ଏବଂ ସମସ୍ତ ମହିଳା ୟୁନିଟ୍ ନିୟୋଜିତ କରିବା ସମେତ ଜାତିସଂଘ ଶାନ୍ତିରକ୍ଷା କାର୍ଯ୍ୟରେ ଏକ ପ୍ରମୁଖ ଅଂଶଗ୍ରହଣକାରୀ ରହିଛି। ସେ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ଖାଦ୍ୟ ସୁରକ୍ଷା, ଗୃହ, ସ୍ୱାସ୍ଥ୍ୟସେବା, ପାନୀୟ ଜଳ ଏବଂ ଦିବ୍ୟାଙ୍ଗ ବ୍ୟକ୍ତିଙ୍କ ପାଇଁ ସୁଗମତା ସୁନିଶ୍ଚିତ କରିବା ଯୋଜନା ମାଧମରେ ମାନବାଧିକାରକୁ ସୁଦୃଢ଼ କରିଛି। ପିଏମ୍‌ଜିକେଏୱାଇ, ପିଏମ୍‌ଏୱାଇ, ଜଳ ଜୀବନ ମିଶନ, ଆୟୁଷ୍ମାନ ଭାରତ ଏବଂ ସୁଗମ୍ୟ ଭାରତ ଅଭିଯାନ ଭଳି ପଦକ୍ଷେପ ଲକ୍ଷ ଲକ୍ଷ ଲୋକଙ୍କ ଜୀବନର ଗୁଣବତ୍ତା ଉନ୍ନତ କରିଛି। ଜଷ୍ଟିସ ଶତ୍ରୁଘ୍ନ ପୂଜାହାରୀଙ୍କ ନେତୃତ୍ୱରେ ଗଠିତ ଓଡ଼ିଶା ମାନବାଧିକାର କମିଶନକୁ ପ୍ରଶଂସା କରି ରାଜ୍ୟପାଳ ଏହାର ତୁରନ୍ତ ଅଭିଯୋଗ ସମାଧାନ ଏବଂ ଦୁର୍ବଳ ସମ୍ପ୍ରଦାୟକୁ ସୁରକ୍ଷା ଦେବା ପାଇଁ ପ୍ରୟାସକୁ ପ୍ରଶଂସା କରିଥିଲେ। ସେ ଖାଦ୍ୟ ସୁରକ୍ଷା, ବିପର୍ଯ୍ୟୟ ପରିଚାଳନା, ମହିଳା ସଶକ୍ତିକରଣ ଏବଂ ଆଦିବାସୀ କଲ୍ୟାଣ କ୍ଷେତ୍ରରେ ରାଜ୍ୟ ସରକାରଙ୍କ ପଦକ୍ଷେପକୁ ମଧ ପ୍ରଶଂସା କରିଥିଲେ। ଓଡ଼ିଶା ମାନବାଧିକାର କମିଶନର ଅଧ୍ୟକ୍ଷ ଜଷ୍ଟିସ ଶତ୍ରୁଘ୍ନ ପୂଜାହାରୀ, ମାନବାଧିକାର କର୍ମୀ ଏବଂ ରାମନ ମାଗାସେସେ ପୁରସ୍କାର ବିଜେତା ବେଜୱାଡା ୱିଲସନ ଏବଂ ପୂର୍ବତନ ଡିଜିପି ଏବଂ ଓପିଏସସିର ଅଧ୍ୟକ୍ଷ ଡକ୍ଟର ସତ୍ୟଜିତ ମହାନ୍ତି ବକ୍ତବ୍ୟ ଦେଇଥିଲେ। ଓଡ଼ିଶା ମାନବାଧିକାର କମିଶନର ସଦସ୍ୟ ଅସୀମ ଅମିତାଭ ଦାଶ ସ୍ୱାଗତ ଭାଷଣ ଦେଇଥିବାବେଳେ ମାନବାଧିକାର କମିଶନ ସଦସ୍ୟ ଚିତ୍ତରଞ୍ଜନ ମହାପାତ୍ର ଧନ୍ୟବାଦ ପ୍ରଦାନ କରିଥିଲେ।

## ଏନ୍‌ଏସ୍‌ସିବି କଲେଜ

ନେତାଜୀ ସୁଭାଷ ଚନ୍ଦ୍ର ବୋଷ ମହାବିଦ୍ୟାଳୟରେ ମାନବାଧିକାର ଦିବସ ଉପଲକ୍ଷେ ସ୍ନାତକୋତ୍ତର ରାଜନୀତି ବିଭାଗ ପକ୍ଷରୁ ଏକ ବିଶେଷ ଆଲୋଚନାଚକ୍ର ଅନୁଷ୍ଠିତ



ହୋଇଯାଇଛି। କଲେଜ ଅଧ୍ୟକ୍ଷ ଡ. ପ୍ରଦୀପ କୁମାର ହରପାଲ ଅଧ୍ୟକ୍ଷତା କରିଥିଲେ। ନୂଆଦିଲ୍ଲୀସ୍ଥିତ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟର 'ସ୍କୁଲ୍ ଅଫ୍ ଇଣ୍ଟରନେସନାଲ ଷ୍ଟଡିଜ୍'ର ପ୍ରଫେସର ସ୍ୱରଣ ସିଂ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ଡ. ମିଲି ସାହୁ ସଭା ମୁଖ୍ୟ ଥିଲେ। ମହାବିଦ୍ୟାଳୟର ଇତିହାସ ବିଭାଗ ମୁଖ୍ୟ ଡ. ଦୁଲ୍ଲଭ ସା, ଅର୍ଥଶାସ୍ତ୍ର ବିଭାଗ ମୁଖ୍ୟ ଡ. ସୁଜିତ ପଧାନ, ଶିକ୍ଷା ବିଭାଗ ମୁଖ୍ୟ ଦେବେନ୍ଦ୍ର ଭୋଇ ସମେତ ମହାବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକା, ଛାତ୍ରଛାତ୍ରୀ ତଥା କର୍ମଚାରୀମାନେ ଯୋଗ ଦେଇଥିଲେ। ଡ. ପୁଷ୍ପିତାରାଣୀ ବର୍ଦ୍ଧନ ସଭା ସଂଯୋଜନା କରିଥିଲାବେଳେ ଅଧ୍ୟାପିକା ଅନ୍ନଦା ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ସାହିଲ ଅଂଶରୀ ଅତିଥି ପରିଚୟ ପ୍ରଦାନ ଏବଂ ସାହେବ ନଦିମ ପ୍ରଶ୍ନୋତ୍ତରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଲଜପତରାୟ ଆଇନ ମହାବିଦ୍ୟାଳୟ

ଲଜପତ ରାୟ ଆଇନ ମହାବିଦ୍ୟାଳୟ ପ୍ରେକ୍ଷାଳୟରେ ମାନବାଧିକାର ଦିବସ ପାଳିତ ହୋଇଯାଇଛି। ପ୍ରଫେସର ବିଜୟାନନ୍ଦ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ପ୍ରଫେସର ସୁଶାନ୍ତ କୁମାର ପଣ୍ଡା ମୁଖ୍ୟବକ୍ତା ଏବଂ ପ୍ରଫେସର ଡମ୍ବରୁଧର ପଟ୍ଟନାୟକ ସମ୍ମାନିତ ଅତିଥି ଥିଲେ। ସହକାରୀ ଅଧ୍ୟାପକ ଡ. ଲକ୍ଷ୍ମୀକାନ୍ତ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ମହାବିଦ୍ୟାଳୟ ପରିସରସ୍ଥ ଲାଲା ଲଜପତ ରାୟଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ମାନବିକ ଅଧିକାର ଏକ ପ୍ରାକୃତିକ ଅଧିକାର। ମାନବ ରକ୍ଷା ହିଁ ମାନବ ହାତରେ। ଅଙ୍କିତ ସୌରଭ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।




ଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ହୁଲ୍ଲାସ ସାହୁ (ହୁଲି)
ଭଗବାନପୁର, ପାତ୍ରପଡା, ଭୁବନେଶ୍ୱର
ଆବିର୍ଭାବ - ୦୮/୦୭/୧୯୪୮
ତିରୋଧାନ - ୦୨/୧୨/୨୦୨୫
ଆଜିର ତିଳତର୍ପଣ ଅବସରରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି, ମୁକ୍ତି ଓ ମୋକ୍ଷପ୍ରାପ୍ତି ହେଉ, ସ୍ୱର୍ଗବାସ ପରମ ଶାନ୍ତି ଦାୟକ ହେଉ, ଏହାହିଁ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ନିବେଦନ।
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ସହ - ପୁଅ- ରବିନ୍ଦ୍ର, ବୋହୂ - ଚଞ୍ଚଳା, ନାତି- ଚନ୍ଦନ ଓ ସାହୁ ପରିବାର ବର୍ଗ

# ଜାତୀୟ ଉଭାବନ ପ୍ରୟାସ ସ୍ମାର୍ଟ ଇଣ୍ଡିଆ ହାକାଥନ୍ ଉଦ୍‌ଯାପିତ

**ସମ୍ବଲପୁର, ୧୦।୧୨ (ସମିସ) :** ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍), ବୁର୍ଲାଠାରେ ଜାତୀୟ ଉଭାବନ ପ୍ରୟାସ ସ୍ମାର୍ଟ ଇଣ୍ଡିଆ ହାକାଥନ୍ (ଏସ୍‌ଆଇଏଚ୍) ୨୦୨୫ର ସଫ୍ଟୱେର୍ ଏଡିସନ୍ ଗ୍ରାଣ୍ଡ ଫାଇନାଲ ଆୟୋଜିତ ହୋଇଯାଇଛି। ଦେଶର ୬୦ଟି ନୋଡାଲ୍ ସେଣ୍ଟର ମାନଙ୍କ ମଧ୍ୟରୁ ଭିସୁଟ୍‌କୁ ଏହି ପ୍ରତିଷ୍ଠିତ କାର୍ଯ୍ୟକ୍ରମ ଆୟୋଜନ କରିବା ପାଇଁ ଚୟନ କରାଯାଇଥିଲା। ଭିସୁଟ୍ ବୁର୍ଲାରେ ଉଦ୍‌ଘାଟନୀ ସହ ଆରମ୍ଭ ହେଲା, ଏହାପରେ ସମସ୍ତ ନୋଡାଲ୍ ସେଣ୍ଟର୍‌ରେ ଏକ ସମୟରେ ଜାତୀୟସ୍ତରର ଉଦ୍‌ଘାଟନ ଅନୁଷ୍ଠିତ ହୋଇଥିଲା। ଏହାପରେ ଶିକ୍ଷା ରାଜ୍ୟମନ୍ତ୍ରୀ ଡ. ସୁକାନ୍ତ ମଜୁମଦାରଙ୍କ ସହ ଏକ ଆନ୍ତର୍କ୍ରିୟାତ୍ମକ ଅଧିବେଶନ ଅନୁଷ୍ଠିତ ହେଲା। ଦେଶର ବିଭିନ୍ନ ଅଞ୍ଚଳରୁ ଆସିଥିବା ୬ଜଣ ଲେଖାଏଁ ସଦସ୍ୟ ଥିବା ୧୮ଟି ଦଳ ୩୬ ଘଣ୍ଟିଆ ହାକାଥନ୍‌ରେ ଅଂଶଗ୍ରହଣ କରି କୋଡିଂ ଓ ସମସ୍ୟା-ସମାଧାନର ଉତ୍କୃଷ୍ଟ କୌଶଳ ପ୍ରଦର୍ଶନ




କରିଲେ। ସେମାନେ ଚାରୋଟି ଗୁରୁତ୍ୱପୂର୍ଣ୍ଣ ସମସ୍ୟା ବିବରଣୀ ଉପରେ କାମକରି ବ୍ୟାପକ ପ୍ରୟୋଗଯୋଗ୍ୟତା ଥିବା ନୂତନ, ପ୍ରଯୁକ୍ତି-ନିର୍ଭର ସମାଧାନ ବିକଶିତ କରିଛନ୍ତି। ପ୍ରସ୍ତାବିତ ସମାଧାନ ଗୁଡ଼ିକ ନୂଆଦିଲ୍ଲୀର ଜାତୀୟ ସମ୍ପଦ ମନ୍ତ୍ରାଳୟ, ଓଡ଼ିଶା ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ବିଭାଗ, ଇନ୍‌ଫୋସିସ୍, ୱିପ୍ରୋ, ଏସେନ୍‌ଚ୍ୟୁୟର, ସେଲସ୍‌ଫୋର୍ସ ଓ ଇଲେକ୍ଟ୍ରାନିକ୍ସ ମନ୍ତ୍ରାଳୟର ଇନୋଭେସନ୍ ସେଲ୍‌ଫର ବିଶେଷଜ୍ଞମାନେ ମୂଲ୍ୟାୟନ କରିଥିଲେ। ଭିସୁଟ୍ ବୁର୍ଲାର କୁଳପତି ପ୍ରଫେସର ଦୀପକ କୁମାର ସାହୁ ଅଂଶଗ୍ରହଣକାରୀ ମାନଙ୍କ ସହ ଆଲୋଚନା କରି ସେମାନଙ୍କୁ ପ୍ରେରିତ କରିଥିଲେ ଏବଂ ସମସ୍ୟା-ସମାଧାନ ପ୍ରବନ୍ଧନକୁ ଉନ୍ନତ କରିବା ପାଇଁ ଭାବବିନିମୟ କରିଥିଲେ। ଭିସୁଟ୍ ଶିକ୍ଷକବୃନ୍ଦ ମଧ ଦଳମାନଙ୍କୁ ମେଣ୍ଟରସିପ୍ ଯୋଗାଇ ସମାଧାନ ଗୁଡ଼ିକୁ ବ୍ୟବହାରଯୋଗ୍ୟ ଏବଂ ସମ୍ଭବ କରିବାରେ ସହଯୋଗ କରିଥିଲେ। ଭିସୁଟ୍‌ରେ ଆୟୋଜିତ ଦୁଇଦିନିଆ ହାକାଥନ୍ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ବିଜେତା ମାନଙ୍କୁ ପୁରସ୍କୃତ କରାଯାଇଥିଲା। ସେମାନେ ହେଲେ - ଟିମ୍ ଦେବଡଟ୍‌କମ୍, ଟିମ୍ ସ୍ୱାଇଡର୍‌କ୍ରାଉଲ, ଟିମ୍ ଡାଏନାମୋ୧, ଟିମ୍ ଅଗମେଣ୍ଟର କ୍ରିଲଟର୍ସ ଏବଂ କଲଚରାଏକ୍ସ। ହାକାଥନ୍‌ରେ ଜାତୀୟସ୍ତରର ଗୁରୁତ୍ୱପୂର୍ଣ୍ଣ ସମସ୍ୟାମାନଙ୍କ ପାଇଁ ପ୍ରଭାବଶୀଳ ଏବଂ ବ୍ୟାପକ ମାପରେ ପ୍ରୟୋଗଯୋଗ୍ୟ ସମାଧାନ ଉପସ୍ଥାପିତ ହୋଇଥିଲା।

ଆଇନ ଓ ଶାନ୍ତିର ଅବିଚଳ ପହେରାଦାର
ସ୍ୱନକ୍ଷତ୍ର ଦିବସରେ ସକାଳ ଖବରକାଗଜକୁ ଶୁଭେଚ୍ଛା
ସମାଜର ସୁରକ୍ଷା, ନ୍ୟାୟ ଓ ଶାସନ ବ୍ୟବସ୍ଥାକୁ ସୁଦୃଢ଼ କରିବାରେ ପାଟକୁରା ଥାନା ସଦା ଜନତାଙ୍କ ସହଯୋଗୀ।
- ନାଗରିକ ସୁରକ୍ଷା ଆମ ଦାୟିତ୍ୱ
- ଭ୍ରଷ୍ଟାଚାର ଓ ଅପରାଧ ବିରୋଧରେ ସକ୍ରିୟ ପଦକ୍ଷେପ
- ନାରୀ, ଶିଶୁ ଓ ବୃଦ୍ଧଙ୍କ ସ୍ୱତନ୍ତ୍ର ସହାୟତା
- ତ୍ୱରିତ ଅଭିଯୋଗ ନିଷ୍ପତ୍ତି ଓ ନ୍ୟାୟମୂଳକ ତଦନ୍ତ
ଜନତା ସହଭାଗୀ ହେଲେ— ସୁରକ୍ଷିତ ପାଟକୁରା ଗଢ଼ିବା ଆମର ପ୍ରତିଶ୍ରୁତି।
ପାଟକୁରା ଥାନା
"ନୀତି, ସେବା ଓ ସୁରକ୍ଷାର ପ୍ରତୀକ"



## ସୁନା ଗହଣା ଚୋରି ମାମଲାରେ ୨ ଗିରଫ



**ଅତାବିରା, ୧୦।୧୨ (ସମିସ):** ଅତାବିରା ଥାନା ଅଧୀନ ଜାଂଗେଡ଼ ପଞ୍ଚାୟତ ଢେମସା ଗାଁର ପ୍ରମୋଦ ସେଠଙ୍କ ଘରୁ ଗତ ଜୁଲାଇ ୨୨ ତାରିଖ ହୋଇଥିବା ଚୋରି ମାମଲାରେ ଅତାବିରା ପୁଲିସ ୨ ଜଣଙ୍କୁ ଗିରଫ କରିବା ସହ ସୁନାଗହଣା ସାମଗ୍ରୀ ଜବତ କରିଛି। ଗିରଫ ଦୁଇ ଅଭିଯୁକ୍ତ ହେଲେ ବୁର୍ଲା ଥାନା ଗୌରପାଲି ଗାଁର ବିନୋଦ ଝଙ୍କାର (୨୬) ଓ ପୁଲିସ ଥାନା ସିଂହପାଲି ଗାଁର ହରିବୋଲ ମେହେର(୫୧)। ପ୍ରକାଶ ଯେ, ଗତ ଜୁଲାଇ ୨୨ ତାରିଖ ରାତିରେ ପ୍ରମୋଦଙ୍କ ଘରୁ ସୁନା ଗହଣା, ଦୁଇଟି କାନ ଫୁଲ ଓ ମୋବାଇଲ ଚୋରି ହୋଇଥିଲା। ଏ ନେଇ ସେ ଅତାବିରା ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଏକ ଚୋରି ମାମଲା ରୁଜୁ କରି ତଦନ୍ତ କରିଥିଲା। ଅଭିଯୁକ୍ତ ବିନୋଦ ଚୋରି କରିଥିବା ସ୍ୱୀକାର କରିଥିଲା। ମୋବାଇଲ ଫୋନ୍ ବିନୋଦଙ୍କ ପାଖରୁ ପୁଲିସ ପାଇଥିବା ବେଳେ ଚୋରି ସୁନା ଗହଣା ସିଂହପାଲି ଗାଁର ହରିବୋଲଙ୍କଠୁ ଉଦ୍ଧାର କରିଥିଲେ। ପୁଲିସ ଦୁଇ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

### ଦୀପାଙ୍କ ହସ୍ତକ୍ଷେପ ପରେ ସମାଧାନ

## ପାନୀୟ ଜଳ ସମସ୍ୟା ଭୋଗୁଥିଲେ ଗ୍ରାମବାସୀ

**ବରଗଡ଼, ୧୦।୧୨(ସମିସ):** ବରଗଡ଼ ଜିଲ୍ଲା ବିଜେପୁର ବ୍ଲକ ଅଧୀନ ଫୁଲେରପାଲି ଗାଁର ଟ୍ରାନ୍ସଫରମର ପାନୀୟ ଜଳ ଯୋଗାଣ ଠପ




ହୋଇଥିଲା। ସ୍ଥାନୀୟ ଲୋକମାନେ ବିଦ୍ୟୁତ ଜେନେରେଟର ବ୍ୟବହାର କରି ପାନୀୟ ଜଳ ବ୍ୟବସ୍ଥା କରିଥିଲେ। ଏହା ଜାଣିବା ପରେ ଟ୍ୱିଟର ଗାର୍ଲ ଦୀପା ବାରିକ ଉକ୍ତ ଘଟଣାର ଫଟୋ ଏବଂ ଭିଡ଼ିଓକୁ ନେଇ ସାମାଜିକ ଗଣମାଧ୍ୟମ ଏକ୍ସ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଉଦ୍ଦେଶ୍ୟରେ ଅଭିଯୋଗ କରି ତୁରନ୍ତ ଉକ୍ତ ଟ୍ରାନ୍ସଫର୍ମରକୁ ସଜାଡ଼ିବା ପାଇଁ ଅନୁରୋଧ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ତ୍ୱରିତ ନିର୍ଦ୍ଦେଶ ପରେ ଉକ୍ତ ଦିନ ହିଁ ଟାଟା ପାୱାର ପକ୍ଷରୁ ଉତ୍ତର ରଖାଯାଇଥିଲା। କେବଳ ୩ ଦିନ ମଧ୍ୟରେ ପୋଡି ଯାଇଥିବା ଟ୍ରାନ୍ସଫର୍ମରକୁ ସଜାଡ଼ି ପୁନର୍ବାର ବିଦ୍ୟୁତ ସରବରାହ ସ୍ୱାଭାବିକ ହୋଇଥିଲା। ବର୍ତ୍ତମାନ ଫୁଲେରପାଲି ଗାଁର ଲୋକମାନେ ପାନୀୟ ଜଳ ସମସ୍ୟାରୁ ମୁକ୍ତି ପାଇଛନ୍ତି। ଦୀପାଙ୍କ ପ୍ରୟାସକୁ ବୁଦ୍ଧିଜୀବୀ ମହଲରେ ଉଚ୍ଚ ପ୍ରଶଂସା କରାଯାଇଛି।

### ପର୍ଯ୍ୟଟନ କ୍ଷେତ୍ରରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି ଗୋବିନ୍ଦପୁର

# ବିଦେଶୀ ପକ୍ଷୀ ଦେଖିବା ସହ ବୋଟିଂର ମଜା

**ବରଗଡ଼, ୧୦।୧୨(ସମିସ)**

ବରଗଡ଼ ଜିଲ୍ଲା ଅଧୀନ ଅମ୍ବାଭୋନା ବ୍ଲକର ଗୋପିନ୍ଦପୁର ଗାଁ ପଶ୍ଚିମ ଓଡ଼ିଶାର ଚିଲ୍କିା ଭାବେ ପରିଚୟ ଲାଭ କରିଥିବା ବେଳେ ପକ୍ଷୀ ଗାଁ ମାନ୍ୟତା ମଧ୍ୟ ପାଇଛି। ଏଠାରେ ପକ୍ନିକ୍ କରିବା ସାଙ୍ଗକୁ ପକ୍ଷୀ ଦେଖିବାକୁ ପର୍ଯ୍ୟଟକଙ୍କ ଭିଡ଼ ବଢୁଛି। ଶୀତୁଆ ସକାଳରେ ବୋଟିଂରେ ବୁଲିବା ସହିତ ପକ୍ଷୀ ମାନଙ୍କୁ







ଖାଦ୍ୟ ଦେଲେ ଅନେକ ବିଦେଶୀ ପକ୍ଷୀଙ୍କୁ ଅତି ନିକଟରୁ ଦେଖିବାକୁ ମିଳେ। ପ୍ରାକୃତିକ ପରିବେଶରେ କିଛି ସମୟ ଅତିବାହିତ କରିବା ପାଇଁ ବରଗଡ଼ ଜିଲ୍ଲା ବ୍ୟତୀତ ସମ୍ବଲପୁର, ବଲାଙ୍ଗିର, ସୋନପୁର, ଛତିଶଗଡ଼, କଳାହାଣ୍ଡି, ଦେବଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼ରୁ ମଧ ଦର୍ଶକଙ୍କ ଭିଡ ଜମୁଛି।

ବରଗଡ଼ ସଦର ମହୁ ଭଟଲି, ସମ୍ବରଧରା, ଦେଇ ଜଙ୍ଗଲ ରାସ୍ତା ଆଉ ଛୋଟ ପାହାଡ ମଧ୍ୟରେ ୬୫ କିଲୋମିଟର ଗଲେ ଗୋବିନ୍ଦପୁର୍ ଗାଁ ପଡ଼େ। ଖୁବ୍ ସୁନ୍ଦର ପରିବେଶ ମଧ୍ୟରେ ଗାଁଟି ଅବସ୍ଥିତ। ଗୋଟେ ପଟରେ ଛୋଟ ପାହାଡ ଥିବା ବେଳେ ଅନ୍ୟ ପଟେ ମହାନଦୀ ଜଳଭଣ୍ଡାର ପାଣି। ହୀରାକୁଦ ବନ୍ୟପ୍ରାଣୀ ବିଭାଗ ଦ୍ୱାରା କରାଯାଇଥିବା ୱାଚ୍ ଟାୱାରକୁ ଚଢ଼ି ଦର୍ଶକ ମହାନଦୀ ଜଳଭଣ୍ଡାରର ସୌନ୍ଦର୍ଯ୍ୟ ଉପଭୋଗ କରିଥାନ୍ତି। ଗାଁର ସମସ୍ତ ଘରେ ରେଡକ୍ରେଷ୍ଟଡ୍ ପୋଚାର୍ଡ, ମୁରହେନ୍, ସ୍କିମର ଇତ୍ୟାଦି ରଙ୍ଗୀନ ପକ୍ଷୀଙ୍କ ଚିତ୍ର କାନ୍ଥରେ ରହିଛି। ଏହା ପରିଦର୍ଶକ ମାନଙ୍କୁ ପକ୍ଷୀ ମାନଙ୍କର ବୈଶିଷ୍ଟ୍ୟ, ସେମାନେ ଆସିଥିବା ଦେଶ ଆଦି ବିଷୟରେ ବୁଝାଇଥାଏ। ଡିସେମ୍ବର ଏବଂ ଜାନୁଆରୀ ମାସରେ ପିକ୍‌ନିକ୍ କରିବାକୁ ଏଠାରେ ପ୍ରବଳ ଭିଡ ଦେଖିବାକୁ ମିଳିଥାଏ। ଡେବ୍ରିଗଡ଼ ଅଭୟାରଣ୍ୟର ପ୍ରାକୃତିକ ଦୃଶ୍ୟ ଏବଂ ବନ୍ୟପ୍ରାଣୀ ସଂରକ୍ଷଣ ପ୍ରତି ଗୋବିନ୍ଦପୁର ପକ୍ଷୀ ଗାଁର ପ୍ରାୟ ୫୦୦୦ ଗ୍ରାମବାସୀ ଏବଂ ଜିଲ୍ଲାର ୯ଟି ପଞ୍ଚାୟତ ଅଧୀନ ଗାଁର ବାସିନ୍ଦାମାନଙ୍କର ଅବଦାନ ଅତୁଳନୀୟ। ଓଡ଼ିଶା-ଛତିଶଗଡ଼ ସୀମା ସଂଲଗ୍ନ ବରଗଡ଼ର ଅମ୍ବାଭୋନା ବ୍ଲକର ଗୋବିନ୍ଦପୁର ଏବଂ ଡେବ୍ରିଗଡ଼ ବନ୍ୟପ୍ରାଣୀ ଅଭୟାରଣ୍ୟକୁ ପକ୍ଷୀ ଗାଁ ଭାବେ ଘୋଷଣା କରାଯାଇଛି। ପକ୍ଷୀ ମାନଙ୍କ ପ୍ରଜନନ ଏବଂ ପ୍ରବାସ ସମୟରେ ସୋମାନଙ୍କୁ ଏକ ସୁରକ୍ଷିତ ଆଶ୍ରୟ ସ୍ଥଳ ଯୋଗାଇ ଦେବା ଏହାର ଉଦ୍ଦେଶ୍ୟ। ୱାଇଲ୍ଡ ଲାଇଫ ଡିଏଫ୍ ଓ ଅଂଶୁପ୍ରଜ୍ଞା ଦାସଙ୍କ ତତ୍ତ୍ୱାବଧାନରେ ଏବଂ ଗୋବିନ୍ଦପୁର ଗ୍ରାମବାସୀ ମାନେ ମିଶି ଗୋବିନ୍ଦପୁରକୁ ପ୍ରଦୂଷଣ ମୁକ୍ତ ରଖିବା ସହ ପକ୍ଷୀ ମାନଙ୍କୁ ଶିକାରୀଙ୍କ ଠାରୁ ସୁରକ୍ଷା ଦେବା ପାଇଁ ଏକତ୍ର ହୋଇଛନ୍ତି। ପ୍ରତିବର୍ଷ ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ପ୍ରଜାତିର ଦୁଇ ଲକ୍ଷରୁ ଅଧିକ ପକ୍ଷୀ ୭୪୬ ବର୍ଗ କିମି ପରିମିତ ଜଳଭଣ୍ଡାର ଅଞ୍ଚଳରେ ପ୍ରବାସ କରନ୍ତି ଏବଂ ପ୍ରଜନନ ପାଇଁ ଛଅ ମାସ ପାଇଁ ସେଠାରେ ରୁହନ୍ତି। ମହାନଦୀର ଏହି ଅଂଶରେ ପ୍ରବାସୀ ବତକ ଏବଂ ପୋଚାର୍ଡଙ୍କ ବଡ଼ ଦଳ ଆସିଥାନ୍ତି। ସେମାନଙ୍କୁ ଦେଖିବାକୁ ଓ ପିକ୍‌ନିକ୍ କରିବାକୁ ବହୁ ସଂଖ୍ୟାରେ ପର୍ଯ୍ୟଟକ ଓ ଯାତ୍ରୀ ଆସିଥାନ୍ତି। ଗ୍ରାମବାସୀ ମିଳିତ ଭାବେ ପ୍ରତ୍ୟେକ ମାସରେ ଦୁଇଥର ଏକାଦଶୀ ଏବଂ ସଙ୍କ୍ରାନ୍ତି ଦିନ ପଥରସେନୀ ମନ୍ଦିରରେ ମହାନଦୀ ଆଳତି କରିଥାନ୍ତି। ଗୋବିନ୍ଦପୁର ଗାଁର ମହିଳା ମାନେ ଏକ ମିଶନଶକ୍ତି କାଫେ ମଧ ଖୋଲିଛନ୍ତି। ଫଳରେ ପର୍ଯ୍ୟଟକ ମାନେ ସୁଲଭ ମୂଲ୍ୟରେ ଖାଦ୍ୟ ଜିନିଷ ପାଇପାରୁଛନ୍ତି। ଜିଲ୍ଲାରେ ଗୋବିନ୍ଦପୁର ପର୍ଯ୍ୟଟନ କ୍ଷେତ୍ରରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଛି।

## ଅଜଣା ମୃତଶରୀର ଉଦ୍ଧାର

**ଗାଇସିଲେଟ, ୧୦।୧୨(ସମିସ):** ବରଗଡ଼ ଜିଲ୍ଲା ଗାଇସିଲେଟ ଥାନା କଟାବାହାଲ ପଞ୍ଚାୟତ ଅଧୀନ ବୁଢ଼ାଡଙ୍ଗର ଠାରେ ଗୋଟେ କର୍ଲା ଗଛରୁ ଜଣେ ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର ହୋଇଛି। ତାଙ୍କ ପରିଚୟ ମିଳିପାରି ନାହିଁ। ମୃତକଙ୍କ ବେକରେ ଗାମୁଛା ଗୁଡ଼ାଇ ହୋଇଥିବାରୁ ଏହା ଆତ୍ମହତ୍ୟା ହୋଇଥିବା ଅନୁମାନ କରାଯାଉଛି। ଆଜି କେନ୍ଦୁମାଲ ଗାଁର କିଛି ଛେଳି ଚରାଳି ସକାଳେ ଗଛରେ ମୃତଦେହଟି ଝୁଲୁଥିବା ଅବସ୍ଥାରେ ଦେଖିବାକୁ ପାଇଥିଲେ। ଗାଁର ୱାର୍ଡ ମେମ୍ବର ତଥା ନାଏବ ସରପଞ୍ଚ ଉପେନ୍ଦ୍ର ବିଭାରଙ୍କୁ ଘଟଣା ବିଷୟରେ ଅବଗତ କରାଇଥିଲେ। ନାଏବ ସରପଞ୍ଚ ତୁରନ୍ତ ସରପଞ୍ଚ ଅର୍ପିତା ପଣ୍ଡାଙ୍କୁ ଘଟଣା ବିଷୟରେ ଜଣାଇବା ପରେ ସରପଞ୍ଚ ଗାଇସିଲେଟ ପୁଲିସକୁ ଖବର ଦେଇଥିଲେ। ଗାଇସିଲେଟ ଥାନାଧିକାରୀ ଏମ.ମିଞ୍ଜ, ସବ୍ ଇନ୍ସପେକ୍ଟର ପ୍ରଦୀପ ତ୍ରିପାଠୀ, ହାବିଲଦାର ରାଜ ଯୋଶୀ, କନେଷ୍ଟବଲ ବିପ୍ର ଭୋଇ ତୁରନ୍ତ ଘଟଣା ସ୍ଥଳରେ ପହଞ୍ଚିଥିଲେ। ପରେ ତହସିଲଦାର ନେନ୍ସୀ ଖାଲକୋଙ୍କ ଉପସ୍ଥିତିରେ ମୃତଶରୀରକୁ ଉଦ୍ଧାର କରାଯାଇଥିଲା। ଏନେଇ ଗାଇସିଲେଟ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ପଦ୍ମପୁର ପଠାଯାଇଥିଲା। ନିଜେ ଆଇଆଇସି ଏମ.ମିଞ୍ଜ ତଦନ୍ତ ଭାର ନେଇଥିବା ବେଳେ ତଦନ୍ତ ପରେ ମୃତ ବ୍ୟକ୍ତିଙ୍କ ପରିଚୟ ଓ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ପ୍ରକାଶ କରିଥିଲେ।

## ବିଧାୟକଙ୍କ ହସ୍ତକ୍ଷେପ ପରେ ଗାଇସିଲେଟ ବନ୍ଦ ସ୍ଥଗିତ

**ଗାଇସିଲେଟ, ୧୦।୧୨(ସମିସ):** ଓଡ଼ିଶା ସରକାରଙ୍କ କ୍ରୀଡ଼ା ବିଭାଗ ତରଫରୁ ରାଜ୍ୟର ସମସ୍ତ ବ୍ଲକରେ କ୍ରୀଡା ଭିତ୍ତିଭୂମିର ବିକାଶ ପାଇଁ ପ୍ରତି ବ୍ଲକରେ ୧୦ ଏକର ଜମି ନିରୂପଣ ପାଇଁ ରାଜସ୍ୱ ବିଭାଗକୁ ନିର୍ଦ୍ଦେଶ ଆସିଛି। ତଦଅନୁସାରେ ଗାଇସିଲେଟ ବ୍ଲକ ମୁଖ୍ୟାଳୟରେ ରାଜସ୍ୱ ବିଭାଗ ୧୦ ଏକର ସରକାରୀ ଜାଗା ଚିହ୍ନଟ କରି କ୍ରୀଡା ବିଭାଗକୁ ରିପୋର୍ଟ ପ୍ରଦାନ କରିଥିଲେ।



କିନ୍ତୁ କୌଣସି କାରଣ ବଶତଃ ଜିଲ୍ଲା କ୍ରୀଡା ବିଭାଗ ଉକ୍ତ ସ୍ଥାନକୁ ଅନୁପଯୁକ୍ତ ଦର୍ଶାଇ ଅନ୍ୟ ସ୍ଥାନ ନିରୂପଣ ପାଇଁ ରାଜସ୍ୱ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଯାହାକୁ ନେଇ ଗାଇସିଲେଟ ଠାରେ ଅସନ୍ତୋଷ ଦେଖା ଦେଇଥିଲା। ଗାଇସିଲେଟ ୟୁଥ୍ କ୍ଲବ୍ ନେତୃତ୍ୱରେ ଗ୍ରାମ୍ୟ ଉନ୍ନୟନ କମିଟି, ବରିଷ୍ଠ ନାଗରିକ ସଂଘ, ବଣିକ ସଂଘ, ଓକିଲ ସଂଘ, ସମସ୍ତ ସାମାଜିକ ସଂଘ, ସ୍ପୋର୍ଟସ ସଂଗଠନର ସମସ୍ତ ସଦସ୍ୟ ଏକତ୍ରିତ ହୋଇଥିଲେ। ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଗାଇସିଲେଟ ତହସିଲଦାର, ବିଡିଓ ଓ ଥାନାଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଏହାସହ ଆଗାମୀ ୭୨ ଘଣ୍ଟା ମଧ୍ୟରେ ଯଦି ଜିଲ୍ଲାପାଳ ମହୋଦୟ ଏହାର ଠୋସ ପଦକ୍ଷେପ ନ ନିଅନ୍ତି ତେବେ ସମସ୍ତ ସଂଗଠନ ଏକ ହୋଇ ଗାଇସିଲେଟ ବନ୍ଦ କରିବାକୁ ଡାକରା ଦେବାକୁ ନିଷ୍ପତ୍ତି ହୋଇଥିଲା। ଆଜି ବିଜେପୁର ବିଧାୟକ ସନତ ଗଡ଼ତିଆ ଘଟଣାରେ ହସ୍ତକ୍ଷେପ କରିଥିଲେ। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଗାଇସିଲେଟ ତହସିଲଦାର, ବିଡିଓ, ରାଜସ୍ୱ ନିରୀକ୍ଷକ ମିଳିତ ଭାବେ ସ୍ପୋର୍ଟସ କମ୍ପ୍ଲେକ୍ସ ପାଇଁ ସ୍ଥାନ ନିରୂପଣ ହୋଇଥିଲା। ଫଳରେ ବନ୍ଦ ଡାକରାକୁ ସ୍ଥଗିତ କରାଯାଇଥିବା ୟୁଥ୍ କ୍ଲବ୍ ସଭାପତି ରଞ୍ଜନ ପଣ୍ଡା ସୂଚନା ଦେଇଛନ୍ତି।

## ରାଜନୀତି ବିଜ୍ଞାନ ବିଭାଗରେ ଜାତୀୟ ସମ୍ମାନ

**ସମ୍ବଲପୁର, ୧୦।୧୨ (ସମିସ) :** ସରକାରୀ ମହିଳା ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗ ଏବଂ ଅନ୍ତରୀଣ ଗୁଣବତ୍ତା ଆଶ୍ୱାସନା ପ୍ରକୋଷ୍ଠ (ଆଇକ୍ୟୁଏସି)ର ମିଳିତ ସହଯୋଗରେ ସମ୍ମିଳନୀ କକ୍ଷରେ 'ବୌଦ୍ଧିକ ସମ୍ପତ୍ତି ଅଧିକାର ଓ ମାନବିକ ଅଧିକାର' ଶୀର୍ଷକ ଦୁଇଦିନିଆ ଜାତୀୟ ସମ୍ମାନ ଉଦ୍‌ଯାପିତ ହୋଇଛି। ଅଧ୍ୟକ୍ଷା ପ୍ରଫେସର କଳ୍ପନା ମେହେରଙ୍କ ସଭାପତିତ୍ୱରେ ସଭାପତି ତଥା ପୃଷ୍ଠପୋଷକ ପ୍ରଫେସର ମେହେର, ପ୍ରଫେସର ଯୋଗେଶ ଚନ୍ଦ୍ର ଭୋଇ, ଡ. ପ୍ରଶାନ୍ତ ପ୍ରଧାନ, ଡ. ଭାରତୀ ମିଶ୍ର, ରବୀନ୍ଦ୍ର ପାଣିଗ୍ରାହୀ ମଞ୍ଚାସୀନ ଥିଲେ। ସମ୍ମାନର ଉଦ୍ଦେଶ୍ୟ, ଆବଶ୍ୟକତା ଓ ଆଜିର ସମୟରେ ବୌଦ୍ଧିକ ସମ୍ପତ୍ତି ଅଧିକାର ଓ ମାନବିକ ଅଧିକାର ସମ୍ପର୍କିତ ନିୟମ, ଜାତୀୟ ଓ ଆନ୍ତର୍ଜାତୀୟ ପ୍ରସ୍ତାବନା ଓ ଆଇନ ଓ ଯୁବ ସଚେତନତା ଉପରେ ଅତିଥିମାନେ ଆଲୋକପାତ କରିଥିଲେ।

ଜାତୀୟ ସମ୍ମାନର ସମୁଦାୟ ୧୦ଟି ଅଧିବେଶନ ମଧ୍ୟରୁ ଛାତ୍ରଛାତ୍ରୀଙ୍କ ପାଇଁ ଥିବା ୫ଟି ଅଧିବେଶନରେ ୧୦୬ଟି ସମ୍ମାନ ପତ୍ର ପାଠ କରିଥିଲେ। ସମ୍ବଲପୁର ବିଶ୍ୱବିଦ୍ୟାଳୟ ଆଇନ ବିଭାଗ ମୁଖ୍ୟ ପ୍ରଫେସର ପ୍ରୟାସ ତନସନା, ଲଜପତ ରାୟ ଆଇନ କଲେଜ ଅଧ୍ୟକ୍ଷ ପ୍ରଫେସର ବିଜୟାନନ୍ଦ ବେହେରା, ଅର୍ଥନୀତିଜ୍ଞ ପ୍ରଫେସର ଉମାଶଙ୍କର ଦାଶ, ଆଲାହାବାଦ ବିଶ୍ୱବିଦ୍ୟାଳୟର ଇଂରାଜୀ ପ୍ରାଧ୍ୟାପକ ଡ. ଦେବାଶିଷ ପତି, ଇନ୍ଦିରାଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟ, ଦିଲ୍ଲୀର ଡ. ଶ୍ୟାମାପ୍ରସାଦ ରାଉତ ପ୍ରମୁଖ ଆଲୋଚକମାନେ ବୌଦ୍ଧିକ ସମ୍ପତ୍ତି ଅଧିକାର, ମାନବିକ ଅଧିକାର, ଆଦିବାସୀ ଓ ଦଳିତ ଅଧିକାର, ନାରୀ ଅଧିକାର, ମିଳିତ ଜାତିସଂଘର ମାନବିକ ଅଧିକାର ଘୋଷଣାନାମା ଆଦି ବିଭିନ୍ନ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିଥିଲେ। ପ୍ରତିଟି ଅଧିବେଶନରେ ପ୍ରଶ୍ନୋତ୍ତରୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



## ପପଙ୍ଗା ପାହାଡ଼ରେ ଭେଡେନ ବ୍ଲକ କଂଗ୍ରେସର ବୈଠକ



**ଭେଡେନ, ୧୦।୧୨(ସମିସ):** ଭେଡେନ ବ୍ଲକ ଐତିହାସିକ ପପଙ୍ଗା ପାହାଡ଼ରେ ବ୍ଲକ ସ୍ତରୀୟ କଂଗ୍ରେସ ସମାବେଶ ଅନୁଷ୍ଠିତ ହୋଇଯାଇଛି। ସଭା ପ୍ରାରମ୍ଭରେ ସମସ୍ତ ସଦସ୍ୟ ଏକ ଶୋଭାଯାତ୍ରାରେ ଯାଇ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପୂର୍ବତନ ସାଂସଦ ସଞ୍ଜୟ ଭୋଇଙ୍କ ମଡ଼ାଁ ସୂର୍ଯ୍ୟ ଭୋଇଙ୍କ ଆଜି ପରଲୋକ ଘଟିଥିବାରୁ ତାଙ୍କ ସ୍ମୃତି ଉଦ୍ଦେଶ୍ୟରେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ପରେ ବ୍ଲକ କଂଗ୍ରେସ ସଭାପତି ରମେଶ ଚନ୍ଦ୍ର ପଣ୍ଡାଙ୍କ ନେତୃତ୍ୱରେ ଅନୁଷ୍ଠିତ ସଭାରେ ସମସ୍ତ ୨୧ଟି ପଞ୍ଚାୟତର କର୍ମୀ ଯୋଗ ଦେଇଥିଲେ। ତୃଣମୂଳ ସ୍ତରରୁ କଂଗ୍ରେସ କେମିତି ସୁଦୃଢ଼ ହୋଇ ପାରିବ ସେ ଉପରେ ଆଲୋଚନା ହୋଇଥିଲା। ବର୍ତ୍ତମାନର ଡବଲ ଇଞ୍ଜିନ ସରକାର କେମିତି ଚାଷୀଙ୍କ ଶୋଷଣ କରୁଛି ସେ ଉପରେ ଶ୍ରୀ ପଣ୍ଡା ମତ ରଖିବା ସହ ଆଗାମୀ ଦିନରେ ଚାଷୀଙ୍କ ହିତଲାଗି ଆନ୍ଦୋଳନ କରାଯିବ ବୋଲି ପ୍ରକାଶ କରିଥିଲେ। ସମାବେଶରେ ଭବାନୀ ପାଢ଼ୀ, ଏକାଦସିଆ ହଟେଇ, ଦିଲୀପ ଦାଶ, ଅଲେଖ ବେହେରା, ବଳରାମ ଭୁଏ, ଭାରତ ବାବୁ, ପ୍ରଶାନ୍ତ ପାଣି, ଜାପାନୀ ସାହୁ, ନାଗେଶ ରାଓଙ୍କ ସମେତ ଅନେକ ସଦସ୍ୟ ଉପସ୍ଥିତ ଥିଲେ।

# ନାଁକୁ ମାତ୍ର ସୁଭଦ୍ରା ଶକ୍ତି କେନ୍ଦ୍ର ଉଦ୍‌ଘାଟିତ

**କୁଚିଣ୍ଡା, ୧୦।୧୨(ସମିସ)**

ବାମରା ବ୍ଲକ କାର୍ଯ୍ୟାଳୟ ପରିସରରେ ଗୋବିନ୍ଦପୁର ପଞ୍ଚାୟତ ସୁଭଦ୍ରା ଶକ୍ତି କେନ୍ଦ୍ର ଉଦ୍‌ଘାଟିତ ହୋଇଛି। ସମ୍ପୃକ୍ତ କୋଠା କିନ୍ତୁ ଜିପିଏଲ୍ଏଫ୍‌କୁ ହସ୍ତାନ୍ତର କରାଯାଇ ନାହିଁ। ଏହା ଫଳରେ ସେମାନେ ଗୋବିନ୍ଦପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଥିବା ଏକ ଭଙ୍ଗା ଦଦରା ଘରେ ନିୟମିତ ବୈଠକ କରିବାକୁ ବାଧ ଦେଉଛନ୍ତି। ଏନେଇ ଉପରିସ୍ଥ ଅଧିକାରୀଙ୍କୁ ବାରମ୍ବାର କହିବା ସତ୍ତ୍ୱେ କେହି ଶୁଣି ନ ଥିବା କାର୍ଯ୍ୟକର୍ତ୍ତା କହିଛନ୍ତି।

ବାମରା ବ୍ଲକ ସଦରମହକୁମାସ୍ଥିତ ଗୋବିନ୍ଦପୁର ପଞ୍ଚାୟତ ପାଇଁ ବ୍ଲକ କାର୍ଯ୍ୟାଳୟ ପରିସରରେ ୩୦ ଲକ୍ଷ ଟଙ୍କା ଅଟକଳ ବ୍ୟୟରେ ସୁଭଦ୍ରା ଶକ୍ତି କେନ୍ଦ୍ର ନିର୍ମାଣ କରାଯାଇଛି। ଗତ ନଭେମ୍ବର ୧୬ରେ ସୁଭଦ୍ରା ଶକ୍ତି କେନ୍ଦ୍ରକୁ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନ ପରେ ଏହି କୋଠା ଗ୍ରାମ ପଞ୍ଚାୟତ ସ୍ତରୀୟ ଫେଡେରେସନ୍ (ଜିପିଏଲଏଫ୍)କୁ ହସ୍ତାନ୍ତର କରାଯିବା କଥା; ମାତ୍ର ୨୫ ଦିନ ବିତି ଯାଇ ଥିଲେ ମଧ ବର୍ତ୍ତମାନ ପର୍ଯ୍ୟନ୍ତ ଏହି କୋଠା ଜିପିଏଲ୍ଏଫ୍‌କୁ ହସ୍ତାନ୍ତର କରାଯାଇ ନାହିଁ। ଏନେଇ ସେମାନେ ବାମରା ବିଡିଓ ପୁଷ୍ପକ ପ୍ରଧାନଙ୍କୁ ପଚାରିବାରୁ କୋଠାରେ ପାନୀୟ ଜଳ ଓ ବିଦ୍ୟୁତ୍ ସଂଯୋଗ ହୋଇ ନ ଥିବାରୁ ଏହା ବ୍ୟବହାର ଉପଯୋଗୀ ହୋଇନାହିଁ। କାର୍ଯ୍ୟ ଶେଷ ହେବା ପରେ ହସ୍ତାନ୍ତର କରାଯିବ ବୋଲି ଉତ୍ତର ଦେଇଥିଲେ। ତେବେ ସୁଭଦ୍ରା ଶକ୍ତି କେନ୍ଦ୍ର ଅଧାପନ୍ତରିଆ ଏବଂ ବ୍ୟବହାର ଉପଯୋଗୀ ହୋଇ ନ ଥିବା ବେଳେ ତରବର ଭାବେ କାହିଁକି ଉଦ୍‌ଘାଟନ କରାଗଲା ବୋଲି ସମ୍ବଲପୁର ଜିଲ୍ଲା ପରିଷଦ ସଭାନେତ୍ରୀ କୁମୁଦିନୀ ନାୟକ ପ୍ରଶ୍ନ ଉଠାଇଛନ୍ତି। ଏନେଇ ଓଏଲ୍ଏମ ବିପିଏମ ସସ୍ମିତା ସାହୁଙ୍କୁ ପଚାରିବାରୁ ସୁଭଦ୍ରା ଶକ୍ତି କେନ୍ଦ୍ର ନିର୍ମାଣ କରିଥିବା ଠିକାଦାରଙ୍କ ପକ୍ଷରୁ ଚାବି ହସ୍ତାନ୍ତର ହୋଇ ନାହିଁ ବୋଲି କହିଥିଲେ। ଅନ୍ୟପକ୍ଷେ କାର୍ଯ୍ୟ ଅସମ୍ପୂର୍ଣ୍ଣ ରହିଛି ଏବଂ ବିଲ୍ ମିଳି ନ ଥିବାରୁ ବିଭାଗକୁ ଚାବି ହସ୍ତାନ୍ତର କରାଯାଇ ନାହିଁ ବୋଲି ସମ୍ପୃକ୍ତ ଠିକାଦାର କହିଛନ୍ତି। ଏଣୁ ଅସମ୍ପୂର୍ଣ୍ଣ କୋଠାକୁ ମନ୍ତ୍ରୀ ତରବରିଆ ଭାବେ ଉଦ୍‌ଘାଟନ କରିବା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

**ବିଲ୍ ନ ମିଳିବାରୁ ଠିକାଦାର ଚାବି ଦେଉ ନାହାନ୍ତି**

**ଭଙ୍ଗା ଦଦରା ଘରେ ଜିପିଏଲଏଫ୍ ବୈଠକ**

## ପଞ୍ଚାୟତ କାର୍ଯ୍ୟାଳୟରେ ଏଲ୍‌ଆରଆଇ ମହୋତ୍ସବ



**ରେଢାଖୋଲ, ୧୦।୧୨ (ସମିସ):** ରେଢାଖୋଲ ବ୍ଲକ ଭରତାପୁର ପଞ୍ଚାୟତ କାର୍ଯ୍ୟାଳୟ ପ୍ରାଙ୍ଗଣରେ ଏଲଆରଆଇ ମହୋତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଭରତାପୁର ପଞ୍ଚାୟତର ସରପଞ୍ଚ ଆରତୀ ସାହୁ, ସମ୍ମାନିତ ଅତିଥି ଭାବେ ସମିତି ସଭ୍ୟ ଦିବାକର ପ୍ରଧାନ, ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ରବୀନ୍ଦ୍ର ପଣ୍ଡା, କଲିକତାସ୍ଥିତ ଜାତୀୟ ମୃତ୍ତିକା ସର୍ବେକ୍ଷଣ ଏବଂ ଭୂମି ବ୍ୟବହାର ପରିକଳ୍ପନା ବ୍ୟୁରୋଡା. ଶିଳାଦିତ୍ୟ ବନ୍ଦୋପାଧ୍ୟାୟ, ସହକାରୀ କୃଷି ନିର୍ଦ୍ଦେଶକ ସୌରଭ ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ମନୋଜ ରଞ୍ଜନ କୁମାର ସଭା ପରିଚାଳନା କରିଥିଲେ।

## ଧାନ କିଣାରେ ଲାଗିଛି ଗ୍ରହଣ ଦୋଷ

# ୯୦ ରୁ ୨୨ ମିଲର୍ସଙ୍କ ଆସିଛି ବ୍ୟାଙ୍କ ଗ୍ୟାରେଣ୍ଟି

**ଭବାନୀପାଟଣା, ୧୦।୧୨ (ସମିସ)**

ରାଜ୍ୟ ସରକାର ଗତ ଖରିଫ୍ ସମୟରେ ଇନ୍‌ପୁଟ ସହାୟତାକୁ ନେଇ ସତେ ଯେମିତି ଚାଷୀଙ୍କ ମନ ଜିଣି ଗଡ଼ ଜିଣିବା ଭଳି ହେଉଥିଲେ ଚଳିତ ଖରିଫ ବେଳକୁ ଚୁପ୍ ହୋଇଗଲେ କାହିଁକି? ଅତି ହୀନସ୍ଥା ପରିସ୍ଥିତି ଦେଇ କଳାହାଣ୍ଡି ଜିଲ୍ଲାରେ ଧାନ କିଣା କାରବାର ଚାଲିଛି। ଗତ ନଭେମ୍ବର ୨୯ ତାରିଖରୁ ଚଳିତ ଖରିଫ ଧାନ ପାଇଁ ମଣ୍ଡିର ଶୁଭାରମ୍ଭ ହେବା ପୂର୍ବରୁ ଶାଗ ମାଛ ଦରରେ ଛତିଶଗଡ଼ ରାଜ୍ୟକୁ ଧାନ ପାର ହେଉଥିଲା। ତେବେ ଜିଲ୍ଲାର ପ୍ରଥମ ମଣ୍ଡି ରୂପେ ଗୋଲାମୁଣ୍ଡା ବ୍ଲକ ଘୋଟିଆ ମଣ୍ଡିରୁ ଏହାର ଶୁଭାରମ୍ଭ ହୋଇଥିବାବେଳେ ଆରମ୍ଭରୁ ଅବ୍ୟବସ୍ଥା ଦେଖିବାକୁ ମିଳିଥିଲା। ମଣ୍ଡି ଖୋଲିଥିଲେ ମଧ୍ୟ ଉକ୍ତ ଦିନ ମିଲର୍ସ ନ ଆସିବାରୁ ଚାଷୀଙ୍କ ବସ୍ତାଏ ବି ଧାନ ଉଠି ପାରି ନ ଥିଲା। କେବଳ ପୂଜାର୍ଚ୍ଚନା ଓ ନଡ଼ିଆ ଭଙ୍ଗାରେ ମଣ୍ଡି ଉଦ୍‌ଘାଟନ ବିଧି ତୁଲାଇଥିଲେ। ତେବେ ପ୍ରଶାସନ ପକ୍ଷରୁ ତରବରିଆ ଭାବେ ଏହାର ୩ ଦିନ ପରେ ଅର୍ଥାତ ଗତ ୨ ତାରିଖରେ ଜିଲ୍ଲାର ଜୟପାଟଣା ବ୍ଲକ ବାନେର ପାକ୍ସ ଅଧୀନ ବିମଳା ମଣ୍ଡିରୁ ୨ ଜଣ ଚାଷୀଙ୍କ ୧୫୦ କ୍ୱିଣ୍ଟାଲ ଧାନ କ୍ରୟ କରାଯାଇଥିଲା। ହେଲେ ବୁଧବାର ଠାରୁ ଜିଲ୍ଲାର ଅଦ୍ୟାବଧି କୌଣସି ମଣ୍ଡିରେ ଧାନ କ୍ରୟ କରାଯାଇନାହିଁ। ମଣ୍ଡି ଉଦ୍‌ଘାଟନ ଦିନରୁ ରବିବାର ପର୍ଯ୍ୟନ୍ତ ୧୨ ଦିନ ବିତିଯାଇଥିବାବେଳେ ମଧ୍ୟ ୫୦୦ କ୍ୱିଣ୍ଟାଲ ଧାନ କ୍ରୟ କରାଯାଇନାହିଁ। ପ୍ରଥମ ଧାନ କ୍ରୟକୁ ନେଇ ଚାଷୀ ମହଲରେ ମଣ୍ଡି



ସ୍ୱାଭାବିକ ଖୋଲିବ ଭାବି ମନରେ ଆଶା ସଞ୍ଚାର ହୋଇଥିଲା। କିନ୍ତୁ ତାହା ହେଲାନାହିଁ, ମିଲର୍ସ ସମସ୍ୟା ମଣ୍ଡି ଖୋଲାନଯିବାର କାରଣ ସାଜିଲା। ଯୋଗାଣ ବିଭାଗର ସୂଚନାମତେ ଆଜି ସୁଦ୍ଧା ୯୦ ମିଲର୍ସଙ୍କ ମଧ୍ୟରୁ ମାତ୍ର ୨୨ଜଣ ବ୍ୟାଙ୍କ ଗ୍ୟାରେଣ୍ଟି ଦେଇପାରିଛନ୍ତି। ସେମାନଙ୍କ ଭିତରୁ କାହାକୁ କେଉଁ ମଣ୍ଡି ପାଇଁ ଟାର୍ଗେଟ ଦିଆ ସରିଛି। ମିଲର୍ସ ବିଭାଗ ସହିତ ଏଗ୍ରିମେଣ୍ଟ କରିଥିଲେ ସୁଦ୍ଧା ବ୍ୟାଙ୍କ ଗ୍ୟାରେଣ୍ଟିରେ ଅହେତୁକ ବିଳମ୍ବ କାରଣରୁ ଧାନ ଉଠାଣନେଇ ଟାର୍ଗେଟ ଦିଆଯାଇ ପାରୁନାହିଁ। ସେପଟେ ଚାଷୀଙ୍କ ମଧ୍ୟରେ ତୀବ୍ର ଉଦ୍‌ବେଗ ଏବଂ ଅସନ୍ତୋଷ ପ୍ରକାଶ ପାଇଛି। ଅନ୍ୟପକ୍ଷରେ, ଅନେକ ଚାଷୀଙ୍କ ଟୋକନ ଜାନୁୟାରୀରେ ଆସିଥିବାରୁ ଚାଷୀ କେବେ ଧାନ କ୍ରୟ କରିବ ଓ ରବି ଚାଷ ପାଇଁ କେବେ ପ୍ରସ୍ତୁତ ହେବ ତାହାକୁ ନେଇଁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି। ଆଉ କେତେକ ଚାଷୀ ଟୋକନ ଗତ ୫/୬ତାରିଖରୁ ପାଇବା ସତ୍ତ୍ୱେ ମଣ୍ଡି ଖୋଲି ନ ଥିବାରୁ ନିଜ ନିଜ ଖଳାରେ ଓ ଜମିରେ ଧାନ ରଖି ହାଡ଼ ଭଙ୍ଗା ଶୀତରେ ଅପେକ୍ଷାରେ ରହିଛନ୍ତି। ପାକ୍ସରେ ପଞ୍ଜିକରଣ ସମୟରେ ଉକ୍ତ ଚାଷୀ ମାନେ ନଭେମ୍ବରରେ ଧାନ ବିକ୍ରି କରିବା ନେଇଁ ସୂଚନା ଦେଇଥିଲେ ମଧ୍ୟ କେମିତି ଟୋକନ ଜାନୁୟାରୀରେ ଆସିଲା ତାହାକୁ ନେଇଁ ସନ୍ଦେହ ପ୍ରକାଶ ପାଇଛି। କଳାହାଣ୍ଡି ଜିଲ୍ଲାକୁ ପ୍ରଥମ ପର୍ଯ୍ୟାୟରେ ୫୬ ଲକ୍ଷ ୫୮ ହଜାର କୁଇଣ୍ଟାଲ ଧାନ ଟାର୍ଗେଟ ଆସିଛି। ଧାନ କିଣା ପାଇଁ ମିଲର୍ସ ଚୁକ୍ତି ନାମା କରିଥିବାବେଳେ ବ୍ୟାଙ୍କ ଗ୍ୟାରେଣ୍ଟି ଦେଇ ନ ଥିବାରୁ ଧାନ କ୍ରୟରେ ବିଳମ୍ବ ନୀତି ପ୍ରଶାସନିକ ଅବ୍ୟବସ୍ଥା ପ୍ରତିଫଳିତ ହେଉଛି। ପୂର୍ବରୁ ବ୍ୟାଙ୍କ ଗ୍ୟାରେଣ୍ଟି ସ୍ଥାନୀୟ ବ୍ୟାଙ୍କ ଗୁଡିକରୁ ମିଳୁଥିବାବେଳେ

### ୧୨ ଦିନରେ ଉଠି ପାରିନି ୫୦୦ କୁଇଣ୍ଟାଲ

### ମହଙ୍ଗା ପଡ଼ିବ ସରକାରଙ୍କ ଗୋଦାମ ସମସ୍ୟାକୁ ଅଣଦେଖା

ଏବେ କିନ୍ତୁ କଲିକତାକୁ ଅନୁମୋଦନ ପାଇଁ ଯାଉଛି। ହେଲେ କଲିକତାରୁ ବର୍ତ୍ତମାନ ସୁଦ୍ଧା ୯୦ ଜଣ ମିଲର୍ସଙ୍କ ମଧ୍ୟରୁ ମାତ୍ର ୨୨ ଜଣକଙ୍କର ବୁଧବାର ପର୍ଯ୍ୟନ୍ତ ଅନୁମୋଦନ ହୋଇ ଆସିଥିବା ଜଣାପଡ଼ିଛି। ବର୍ତ୍ତମାନ ଜିଲ୍ଲାରେ ଅନେକ ଚାଷୀମାନେ ଧାନ ଅମଳ କରି ଖଳାରେ ଓ ମଣ୍ଡିରେ ରଖିଥିବାବେଳେ ଆଉ କିଛି ଚାଷୀ ଅମଳ ପ୍ରକିୟାରେ ଲାଗି ପଡ଼ିଛନ୍ତି। ଏ ନେଇ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରିଣୀ ସୁଜାତା ମିଶ୍ରଙ୍କୁ ପଚାରୁବାରୁ ଖୁବଶୀଘ୍ର ସମସ୍ତ ମିଲର୍ସଙ୍କ ବ୍ୟାଙ୍କ ଗ୍ୟାରେଣ୍ଟି ଅନୁମୋଦନ ହୋଇକି ଆସିଯିବ, ଏହାପରେ ମଣ୍ଡିରେ ଧାନକିଣା ସ୍ୱାଭାବିକ ହେବ ବୋଲି କହିଥିଲେ। ସବୁଠାରୁ ବିଡ଼ମ୍ବନାର ବିଷୟ ହେଲା ଜିଲ୍ଲାରେ ଧାନ ଓ ଚାଉଳ ରଖିବା ପାଇଁ ଆବଶ୍ୟକୀୟ ଗୋଦାମ ଘର ନାହିଁ। ଗତ ୨୦ବର୍ଷ ପୂର୍ବେ ଯାହା ଗୋଦାମ ଥିଲା ତାହାର ଅଭିବୃଦ୍ଧି ଦିଗରେ ସରକାର ଚିନ୍ତା କରିନାହାନ୍ତି। ଏଫସିଆଇ ଗୋଦାରୁ ଚାଉଳ ଲିଫ୍ଟ ହୋଇପାରୁନାହିଁ। ଏଯାବତ ଜିଲ୍ଲାର ବିଭିନ୍ନ ମିଲରେ ପ୍ରାୟ ୧୭ଲକ୍ଷ କ୍ୱିଣ୍ଟାଲ ଚାଉଳ ମହଜୁଦ୍ ରହିଛି। ଗତ ରବିରେ ୩୫ଲକ୍ଷ କ୍ୱିଣ୍ଟାଲ ଉତ୍ପାଦିତ ରବିଧାନରୁ ମିଲରେ ଏବେ ବି ୨୮ କ୍ୱିଣ୍ଟାଲ ଧାନ ଷ୍ଟୋରେଜ୍ ପଏଣ୍ଟରେ ପଡ଼ିରହିଛି ବୋଲି ରାଜ୍ୟ ମିଲର୍ସ ଆସୋସିଏସନର ସଭାପତି ଜଣେଇଛନ୍ତି। ଏଫସିଆଇରୁ ଚାଉଳ ଲିଫ୍ଟ ନହୋଇପାରି ଅଚଳ ଅବସ୍ଥା ସୃଷ୍ଟି ହୋଇଥିବାବେଳେ ମିଲରେ ଧାନ ଓ ଚାଉଳ ପାଇଁ ପର୍ଯ୍ୟାପ୍ତ ସ୍ଥାନ ଅଭାବ ଦର୍ଶାଯାଉଛି। ଆଗାମୀ ଦିନରେ ଗୋଦାମ ସମସ୍ୟା ପ୍ରଶାସନର ମୁଣ୍ଡବ୍ୟଥାର କାରଣ ହୋଇ ଅଧାରୁ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟା ବନ୍ଦ ହୋଇଯିବନି ତ ? ଏହି ପ୍ରଶ୍ନ ବର୍ତ୍ତମାନ ଚାଷୀ ଓ ମିଲର୍ସଙ୍କୁ ଅଡୁଆରେ ପକାଇଛି।

## ଫେଲ ମାରିଛି ଧାନ ସଂଗ୍ରହ ପ୍ରକ୍ରିୟା, ଚିନ୍ତାରେ ଚାଷୀ

**ଜୟପାଟଣା, ୧୦।୧୨(ସମିସ):** କଳାହାଣ୍ଡି ଜିଲ୍ଲାରେ ବର୍ତ୍ତମାନ ଅଧିକାଂଶ ଚାଷୀ ଧାନ ଅମଳ କରି ସାରିଲେଣି। କିନ୍ତୁ କଳାହାଣ୍ଡି ଜିଲ୍ଲାରେ ବର୍ତ୍ତମାନ ସୁଦ୍ଧା ସମସ୍ତ ମଣ୍ଡି ଖୋଲିପାରି ନ ଥିବାରୁ ଧାନ ଉଠାଣ ନେଇ ଚିନ୍ତାରେ ପଡ଼ିଯାଇଛନ୍ତି ଚାଷୀ କୂଳ। ସେପଟେ ଅଧିକାଂଶ ଚାଷୀଙ୍କ ଏଯାଏଁ ଆସିନି ଟୋକନ। ଯାହାଫଳରେ ଅମଳ ଧାନକୁ ଏହି ହାଡ଼ଭଙ୍ଗା ଶୀତରେ ମଣ୍ଡି ଓ ଖଳାରେ ପକାଇ ଚାଷୀ ଜଗିରହିଛନ୍ତି। ଯାହାର ଟୋକାନ ଆସିଛି ସେମାନେ ମଣ୍ଡିକୁ ଧାନ ନେଇ ଗୋଟିଏ ସପ୍ତାହ ହେଲାଣି ହେଲେ ମଣ୍ଡିରେ ନା କେଉଁ ଅଧିକାରୀଙ୍କ ଦେଖା ମିଳୁଛି ନା ଚାଷୀଙ୍କ ଧାନ ବିକ୍ରି ହେଉଛି। ବୁଧବାର ଜୟପାଟଣା ପାକ୍ସ ଜୟପାଟଣା ମଣ୍ଡିରୁ ତିନି ଜଣ ଚାଷୀଙ୍କ ୧୪୫.୯୨ କ୍ୟୁଣ୍ଟାଲ ଓ ପ୍ରତାପପୁର ମଣ୍ଡିରୁ ଜଣେ ଚାଷୀଙ୍କ ୭୫.୪୩ କ୍ୟୁଣ୍ଟାଲ ଧାନ ଉଠାଣ କରାଯାଇଛି। ଅନ୍ୟମଣ୍ଡି ଗୁଡିକ ଆଜି କାଲି କହି ଦିନ ଗଡ଼ାଇ ନେଉଥିବା ବେଳେ ଚିନ୍ତାରେ ପଡ଼ି ଯାଇଛନ୍ତି ଚାଷୀକୂଳ। ଅନେକ ଚାଷୀଙ୍କ ଟୋକାନ ମଧ୍ୟ ଆସିନାହିଁ। ଜୟପାଟଣା ବ୍ଲକର ୨୩ଟି ମଣ୍ଡିରେ ୧୪, ୨୩୧ଜଣ ଚାଷୀ ପଞ୍ଜିକୃତ ହୋଇଛନ୍ତି। ବର୍ତ୍ତମାନ ୫୦ ରୁ ୭୦ ପ୍ରତିଶତ ଅମଳ ସରିଯାଇଥିଲେ ମଧ୍ୟ ମଣ୍ଡି କିମ୍ବା ଟୋକନର ଦେଖା ନ ମିଳିବା ସରକାରଙ୍କ ବ୍ୟବସ୍ଥା ପ୍ରତି ଆଙ୍ଗୁଳି ନିର୍ଦ୍ଦେଶ କରୁଛି।

## ଆଦିବାସୀ ମହିଳାଙ୍କୁ ଦୁଷ୍କର୍ମ ଅଭିଯୋଗ

# ଅଭିଯୁକ୍ତ କୋର୍ଟଚାଲାଣ

**ଲାଞ୍ଜିଗଡ଼, ୧୦।୧୨(ସମିସ):** ବିଜେପୁର ଥାନା ଅଞ୍ଚଳର ଜଣେ ଆଦିବାସୀ ମହିଳାଙ୍କୁ ଦୁଷ୍କର୍ମ ଘଟଣାରେ ଅଭିଯୁକ୍ତକୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି ପୁଲିସ। ଅଭିଯୁକ୍ତ ଜଣକ ହେଲେ ଲାଞ୍ଜିଗଡ଼ ବ୍ଲକ ପାହାଡ଼ ପଦର ପଞ୍ଚାୟତ କାଞ୍ଚନମୁଖି ଗାଁର ମାନ ମାଝୀ (୩୮)। ସୂଚନା ଅନୁସାରେ ଅଭିଯୁକ୍ତ ମାନ ମାଝୀ ଗାଁ ସାଥୀ ରହି ମନରେଗା କାମ ଦେଖାରେଖା କରୁଥିବା ବେଳେ ପୀଡ଼ିତା ମହିଳା ମନରେଗା କାମ କରି ଆସୁଥିଲେ। ଗତ ବୁଧବାର ଦିନ ମହିଳାଙ୍କ ଜମା ବହିରେ ମନରେଗା ଟଙ୍କା ଜମା ହୋଇଛି କହି ଟଙ୍କା ଉଠାଇବା ପାଇଁ ନିଜ ବାଇକରେ



ମହିଳାଙ୍କୁ ନିକଟସ୍ଥ ବ୍ୟାଙ୍କକୁ ନେଇଥିଲେ। ବ୍ୟାଙ୍କରେ ଜମା ଖାତା ଯାଞ୍ଚ କଲାପରେ ଜମା ଖାତାରେ କୌଣସି ଟଙ୍କା ପଡ଼ି ନ ଥିବାରୁ ବ୍ୟାଙ୍କ ଠାରୁ ପାନପଦର ପୁଞ୍ଜାମ ରାସ୍ତା ଦେଇ ଘରକୁ ଫେରିବା ସମୟରେ ଅଧବାଟ ପୁଞ୍ଜାମ ଜଙ୍ଗଲରେ ମିଠା ଓ ପାଣି ପିଇବା ବାହାନା କରି ବାଇକ ଅଟକାଇ ଦୁଷ୍କର୍ମ କରିବା ସହ ଏହିକଥା କାହାକୁ କହିବୁ ତାହା ହେଲେ ଜୀବନରେ ମାରିଦେବି ବୋଲି ଧମକ ଦେଇଥିବା ଅଭିଯୋଗ ଆଣିଥିଲେ ମହିଳା। ଏନେଇ ମହିଳା ଜଣଙ୍କ ନ୍ୟାୟ ପାଇଁ ବିଜେପୁର ଥାନାର ଦ୍ୱାରସ୍ଥ ହୋଇ ଶୁକ୍ରବାର ଏକ ଲିଖିତ ଅଭିଯୋଗ କରିଥିଲେ। ମଧ୍ୟ ଅଭିଯୋଗର ୪ଦିନ ପରେବି ପୁଲିସ ପକ୍ଷରୁ କୌଣସି ତଦନ୍ତ ହୋଇ ନ ଥିବା ପୀଡିତା ଅଭିଯୋଗ ଆଣିଥିଲେ। ତେବେ ଦୋଷୀଙ୍କୁ ଉଚିତ ଦଣ୍ଡ ଦିଆ ନଗଲେ ଆହେତ୍ୟା କରିବି ବୋଲି ଚେତାବନୀ ଦେଇଥିଲେ ପୀଡିତା। ଏନେଇ ବିଜେପୁର ଥାନା ଅଧିକାରୀ ନିଳାମ୍ବର ଯାନୀଙ୍କୁ ପଚାରିବାରୁ ମୁଁ ଛୁଟିରେ ରହିଥିବା ପ୍ରକାଶ କରିଥିଲେ। ଏସ୍‌ଆଇ ଶ୍ୟାମ କୁଲସିକାଙ୍କୁ ପଚାରିବାରୁ ଆମ ବିଜେପୁର ଥାନା ଅଧିକାରୀ ଅନୁପସ୍ଥିତ ଯୋଗୁଁ ଲାଞ୍ଜିଗଡ଼ ଥାନା ଅଧିକାରୀ ବିଜେପୁର ଥାନା ଦାୟିତ୍ୱରେ ଅଛନ୍ତି। କେଶ୍ ରୁଜୁ ହୋଇ ପାରିନାହିଁ। ମଙ୍ଗଳବାର ତଦନ୍ତ କରିସାରିଲା ପରେ କେଶରୁଜୁ ହେବ ବୋଲି ପ୍ରକାଶ କରିଥିଲେ। ମଙ୍ଗଳବାର ଲାଞ୍ଜିଗଡ଼ ଥାନାଧିକାରୀଙ୍କ ନେତୃତ୍ୱରେ ପୁଲିସ କାଞ୍ଚନ ମୁଖୀ ଗାଁକୁ ଯାଇ ଅଭିଯୁକ୍ତକୁ ଗିରଫକରି ଥାନାକୁ ଆଣି ପଚରା ଉଚୁରା କରିଥିଲେ। ଏନେଇ ବିଜେପୁର ଥାନାରେ ଏକ ମାମଲା ରୁଜୁ କରି ବୁଧବାର ଉଭୟଙ୍କୁ ଡାକ୍ତର ମାଇନାପରେ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ଯଶୋବନ୍ତ ହିଆଲ ପ୍ରକାଶ କରିଛନ୍ତି।

# ତରବୋଡ଼ ଜେଏନ୍‌ଭି ଦଶମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ

## ଫୁଟବଲ୍ ଖେଳୁଥିବାବେଳେ ହୋଇଥିଲେ ଗୁରୁତର

**ନୂଆପଡ଼ା, ୧୦।୧୨(ସମିସ):** ନୂଆପଡ଼ା ଜିଲ୍ଲା ତରବୋଡ଼ସ୍ଥିତ ନବୋଦୟ ବିଦ୍ୟାଳୟର ୧୦ମ ଶ୍ରେଣୀ ଛାତ୍ର ଦିନେଶ ଶବରଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ବିଦ୍ୟାଳୟରେ ଫୁଟବଲ ଖେଳୁଥିବା ସମୟରେ ତଳେ ପଡ଼ି ଗୁରୁତର ଆହତ ହୋଇଥିଲେ। ତାଙ୍କୁ ନୂଆପଡ଼ା ଆଣି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବାବେଳେ ଏଠାରେ ତାଙ୍କର ମୃତ୍ୟୁ ଘଟିଛି। ପ୍ରକାଶ



ଥାଉକି ବୁଧବାର ଅପରାହ୍ନରେ ନୂଆପଡ଼ା ଜିଲ୍ଲା ତବବୋଡ଼ ନବୋଦୟ ବିଦ୍ୟାଳୟର ଛାତ୍ର ଦିନେଶ ଶବର ଦେହ ଅସୁସ୍ଥ ହେବା କାରଣରୁ ବିଦ୍ୟାଳୟ କର୍ତ୍ତୃପକ୍ଷ ତୁରନ୍ତ ନୂଆପଡ଼ା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଛାତ୍ରଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିବା ପରିବାର ପକ୍ଷରୁ କୁହାଯାଇଛି। ଛାତ୍ର ଜଣକ କୋମନା ଥାନା ଅନ୍ତର୍ଗତ ଘୋଟସର ଗ୍ରାମର ଧବଳେଶ୍ୱର ଶବରଙ୍କ ପୁଅବୋଲି ଜଣାପଡ଼ିଛି। ଦିନେଶ ଙ୍କ ବାପା /ମା ବ୍ରହ୍ମପୁର ରହନ୍ତି। ନବୋଦୟ ବିଦ୍ୟାଳୟ କର୍ତ୍ତପକ୍ଷ ପ୍ରଥମେ ଦିନେଶ ଙ୍କ ବାପା ମାକୁ ଖବର ଦେଇଥିଲେ, ହେଲେ ବ୍ରହ୍ମପୁରରୁ ନୂଆପଡ଼ାକୁ ଫେରୁଥିବା କହିଛନ୍ତି। ଛାତ୍ରଙ୍କ ମାମୁଁ ପ୍ରଶାନ୍ତ ଶବର ନବୋଦୟ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁଁ ମୋ ଭଣଜାର ବିୟୋଗ ହୋଇଛି ବୋଲି କହିଛନ୍ତି। ପ୍ରଶାନ୍ତଙ୍କ କହିବା ଅନୁସାରେ ଭଣଜା ଉଚ୍ଚକୋଟୀର ଏକ କ୍ରୀଡ଼ାବିତ ସହ ପାଠ ପଢ଼ୁନ୍ତି। ଛାତ୍ରଙ୍କ ବାପା ମାଆ ଆସିବା ପରେ ଶବ ବ୍ୟବଚ୍ଛେଦ ହେବ ବୋଲି କୁହାଯାଉଛି।

# ଧର୍ମଗଡ଼ ମୁଖ୍ୟ ରାସ୍ତା ଜବରଦଖଲ ଉଚ୍ଛେଦ



**ଧର୍ମଗଡ଼, ୧୦।୧୨ (ସମିସ):** ଦୀର୍ଘଦିନ ଧରି ଧର୍ମଗଡ଼ ସହରର ମୁଖ୍ୟ ରାସ୍ତାକୁ ଅନେକ ବ୍ୟକ୍ତି ଜବରଦଖଲ କରି ଆସୁଛନ୍ତି। ଜବରଦଖଲ ଯୋଗୁଁ ରାସ୍ତାର ସମ୍ପ୍ରସାରଣରେ ବ୍ୟାଘାତ ଦେଖାଦେଇଛି। ଅନେକ ସମୟରେ ଯାନବାହାନ ଜାମ ହେଲା ଭଳି ପରିସ୍ଥିତି ଉପୁଜିଥିବା ବେଳେ ଟ ଅନେକ ଦୁର୍ଘଟଣା ଘଟିଥିବା ନଜିର ରହିଛି। ଧର୍ମଗଡ଼ ଏନଏସି ଏନେଇ କଡା ପଦକ୍ଷେପ ଗ୍ରହଣ କରିଛି। ବୁଧବାର ଜବରଦଖଲ ଉଚ୍ଛେଦ ଆରମ୍ଭ କରିଛି। ସ୍ଥାନୀୟ ଚାରିଛକ ଠାରୁ ତିନି ଛକ ପର୍ଯ୍ୟନ୍ତ ଉଚ୍ଛେଦ ପ୍ରକ୍ରିୟା ଜାରି ରହିଛି। ମୁଖ୍ୟରାସ୍ତା ଉପର ଅନେକ ଦୋକାନୀ ଦୀର୍ଘଦିନ ଠାରୁ ଜବରଦଖଲ କରି ରଖିଥିଲେ। ଏନ୍‌ଏସି ନିର୍ବାହୀଅଧିକାରୀ ବିଶ୍ୱମ୍ବର ମିଶ୍ର, ଧର୍ମଗଡ଼ ତହସିଲଦାର କୀର୍ତ୍ତିଚନ୍ଦ୍ର ପ୍ରଧାନ, ଏସ୍‌ଡିପିଓ ଡୋଳାମଣି ଭୋଇ, ଆଇଆଇସି ସୁଦର୍ଶନ ନାୟକ ଙ୍କ ଉପସ୍ଥିତ ରେ ଜେସିବି ଲଗାଇ ଉଚ୍ଛେଦ କରାଯାଇଛି। ଧର୍ମଗଡ଼ ଏନଏସି କର୍ମଚାରୀ ଓ ପୁଲିସ କର୍ମଚାରୀ ସହଯୋଗ କରିଥିଲେ।

## ଓଲଟିଲା ଗ୍ୟାସ୍ ବୋଝେଇ ଟ୍ୟାଙ୍କର: ଡ୍ରାଇଭର ଗୁରୁତର

# ଘଟଣାସ୍ଥଳରେ ଉପଜିଲ୍ଲାପାଳ, ପୁଲିସ, ଅଗ୍ନିଶମ ଓ ପରିବହନ ବିଭାଗ

**ଲାଞ୍ଜିଗଡ଼, ୧୦।୧୨ (ସମିସ):** ବୁଧବାର ସନ୍ଧ୍ୟା ସମୟରେ ଭବାନୀପାଟଣାରୁ ରାୟଗଡ଼ାକୁ ସଂଯୋଗ କରୁଥିବା ୬ ନମ୍ବର ରାଜ୍ୟ ରାଜପଥ ବଞ୍ଜାରି ଘାଟି ନିକଟରେ ଅନ୍ୟ ଏକ ଟ୍ରକ୍‌କୁ ସାଇଡ ଦେବାକୁ ଯାଇ ଗୋଟିଏ ଗ୍ୟାସ୍ ଟ୍ୟାଙ୍କର ରାସ୍ତା ଉପରେ ଓଲଟି ପଡ଼ିଛି। ଗୁରୁତର ଡ୍ରାଇଭରକୁ ଉଦ୍ଧାର କରି ଲୋକେ ଡାକ୍ତରଖାନା



ପଠାଇଛନ୍ତି। ଟ୍ୟାଙ୍କରଟି ବିଶାଖାପାଟଣାରୁ ଗ୍ୟାସ୍ ନେଇ ବଲାଙ୍ଗିର ଯାଉଥିଲା। ତେବେ ଟ୍ୟାଙ୍କର ଓଲଟି ପଡ଼ିଥିବାବେଳେ ଗ୍ୟାସ ନିର୍ଗତ ହେବା ଆଶଙ୍କା ସୃଷ୍ଟି ହେବାରୁ ନର୍ଲା ଅଗ୍ନିଶମ ବିଭାଗ, ନର୍ଲା ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲେ। ଘଟଣା ସମ୍ବେଦନଶୀଳ ଥିବାରୁ ଭବାନୀପାଟଣା ଉପଜିଲ୍ଲାପାଳ ପ୍ରଭାତ କୁମାର ପରିଡ଼ା ମଧ୍ୟ ଘଟଣାସ୍ଥଳରେ ପହଞ୍ଚିଥିଲେ। ସେହିପରି ନର୍ଲା ତହସିଲଦାର, ଗ୍ୟାସ ସେଫଟି ବିଭାଗ ଓ ଜିଲ୍ଲା ପରିବହନ ବିଭାଗ ମଧ୍ୟ ଦୁର୍ଘଟଣାସ୍ଥଳରେ ଉପସ୍ଥିତ ରହିଛନ୍ତି। ତେବେ ଟ୍ୟାଙ୍କରରେ ଅତି ଦହନଶୀଳ ଏଲପିଜି ଗ୍ୟାସ ଥିବା ଓ ଏହା ନିର୍ଗତ ହେବା ଆଶଙ୍କା ଥିବାରୁ ରାସ୍ତାର ଉଭୟ ପାର୍ଶ୍ୱରେ ଯାନବାହନ ଚଳାଚଳ ଉପରେ ରୋକ୍ ଲଗାଇଛି ପ୍ରଶାସନ। ଫଳରେ ଭବାନୀପାଟଣା-ରାୟଗଡ଼ା ୬ ନମ୍ବର ରାଜ୍ୟ ରାଜପଥର ଛତିକୁଡାରୁ-ସିକେରକୁପା ପର୍ଯ୍ୟନ୍ତ ଯାନବାହନ ଚଳାଚଳ ଠପ୍ ହୋଇଯାଇଛି। ଘଟଣା ସମ୍ପର୍କରେ ପୁଲିସ ଓ ପ୍ରଶାସନ ତୀକ୍ଷଣ ନଜର ରଖିଥିବାବେଳେ ଖବର ଲେଖାଯିବା ପର୍ଯ୍ୟନ୍ତ ରାସ୍ତାରେ ଯାତାୟତ ବନ୍ଦ ରହିଛି।

# ଜେଏମ୍‌ଏଫ୍‌ସି ପକ୍ଷରୁ ମାନବାଧିକାର ଦିବସ ପାଳିତ

**ଥୁଆମୂଳରାମପୁର, ୧୦।୧୨ (ସମିସ):** କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ଜେ.ଏମ୍.ଏଫ୍.ସି ପକ୍ଷରୁ ମାନବାଧିକାର ଦିବସ ପାଳିତ ହୋଇଯାଇଛି। ତାଲୁକ ଆଇନ୍ ସେବା କମିଟି ଦ୍ୱାରା ପରିଚାଳିତ ଏହି କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ତଥା ଅଂଶଗ୍ରହଣ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ବକ୍ତୃତା ପ୍ରତିଯୋଗିତାରେ ଏମ୍.ଏମ୍.ପି.ଏସ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଏକାଦଶ ଶ୍ରେଣୀର ଛାତ୍ରୀ ମାଧବୀ ନାଏକ ପ୍ରଥମ, ସରକାରୀ ମହାବିଦ୍ୟାଳୟର ଯୁକ୍ତ ତିନି ପ୍ରଥମ ବର୍ଷ ଛାତ୍ରୀ ମାଧବୀ ମାଝୀ ଦ୍ୱିତୀୟ ଏବଂ ତୃତୀୟରେ ଏମ୍.ଏମ୍.ଡି.ସି ମହାବିଦ୍ୟାଳୟର ଯୁକ୍ତତିନି ପ୍ରଥମ ବର୍ଷ ଛାତ୍ରୀ ଧରିତ୍ରୀ ନାଏକ ସେହିପରି ଚିତ୍ରାଙ୍କନରେ ସରକାରୀ ମହାବିଦ୍ୟାଳୟର ଯୁକ୍ତ ତିନିର ପ୍ରଥମ ବର୍ଷ ଛାତ୍ର ମନୋରଞ୍ଜନ ମାଝୀ ପ୍ରଥମ, ଦ୍ୱିତୀୟରେ ଏମ୍.ଏମ୍.ଡି.ସି ମହାବିଦ୍ୟାଳୟର ଯୁକ୍ତ ତିନି ପ୍ରଥମ ବର୍ଷ ଛାତ୍ରୀ ମମତା ମାଝୀ, ଶିରିମସ୍କା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଥମ ବର୍ଷ ଛାତ୍ର କେଦାରନାଥ ମାଝୀ ତୃତୀୟ ଏବଂ ପ୍ରବନ୍ଧ ପ୍ରତିଯୋଗିତାରେ ଯାଜ୍ଞସିନୀ ମାଝୀ ପ୍ରଥମ, ଦ୍ୱିତୀୟରେ ସେବତୀ ମାଝୀ ଏବଂ ରବିନା ମାଝୀ ତୃତୀୟ ସ୍ଥାନରେ କୃତିତ୍ୱ ହାସଲ କରିଛନ୍ତି। କାର୍ଯ୍ୟକ୍ରମରେ ସ୍ଥାନୀୟ ଜେ.ଏମ୍.ଏଫ୍.ସି ମାଜିଷ୍ଟ୍ରେଟ ତଥା ତାଲୁକ ଆଇନ୍ ସେବା କମିଟିର ଅଧ୍ୟକ୍ଷ ଡ. ତାରିଣୀ ପ୍ରସାଦ ସାହୁ, ମୁଖ୍ୟବକ୍ତା ଭାବେ ଏମ୍.ଏମ୍.ପି.ଏସ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ସତ୍ୟ ନାରାୟଣ ମୁଣ୍ଡଛିନା, ବରିଷ୍ଠ ଆଇନଜୀବୀ ଏ.ପି.ପି ଦେବବ୍ରତ ଯୋଷୀ, ଆଇନଜୀବୀ ମନୋରଞ୍ଜନ ନାଏକ, ଆଇନ୍‌ଜୀବୀ ଦିଲୀପ ନାଏକ, ଆଇନଜୀବୀ ପ୍ରିୟଙ୍କା ମାଝୀ, ବରିଷ୍ଠ ସାମ୍ବାଦିକ ପ୍ରଦୀପ ପଣ୍ଡା, କର୍ତ୍ତବ୍ୟ ଅନୁଷ୍ଠାନର ସଂଯୋଜକ ସୁଦର୍ଶନ ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ବବୃବାହାନ ବୁଦ୍ଧିଆ ମଞ୍ଚ ପରିଚାଳନା କରିଥିବାବେଳେ ଜେ.ଏମ୍.ଏଫ୍.ସି ବରିଷ୍ଠ କିରାଣି ଅଶୋକ ସାହୁଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ହୋଇଥିଲା।



## ଦାଦନ ଶ୍ରମିକଙ୍କ ମୃତ୍ୟୁ ଘଟଣା

# ଅନୁସୂଚିତ ଜାତି, ଜନଜାତିଙ୍କ ଥାନା ଘେରଉ



**ନୂଆପଡ଼ା/କୋମନା, ୧୦।୧୨ (ସମିସ):** ନୂଆପଡ଼ା ଜିଲ୍ଲା ଲଖନା ଥାନା ସଦର ଗାଁର ଦାଦନ ଶ୍ରମିକ ବାଞ୍ଛାନିଧି କୈବର୍ତ୍ତଙ୍କ ମୃତ୍ୟୁ ଘଟଣାର ରହସ୍ୟ ଖୋଲିବାକୁ ନୂଆପଡ଼ା ଜିଲ୍ଲା ଅନୁସୂଚିତ ଜାତି ଜନଜାତି ମିଳିତ ମଞ୍ଚ ପକ୍ଷରୁ ଆନ୍ଦୋଳନ କରାଯାଇଛି। ଦାଦନ ଶ୍ରମିକ ମୃତ୍ୟୁ ଘଟଣାର ତଦନ୍ତ ସହ ଦୋଷୀଙ୍କୁ ଆବଶ୍ୟକ ଦଣ୍ଡ ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି। ଏହାକୁ ନେଇ ଅନୁସୂଚିତ ଜାତି ଜନଜାତି ମିଳିତ ମଞ୍ଚ ପକ୍ଷରୁ ଲଖନା ଥାନାକୁ ଘେରଉ କରିଥିଲେ କର୍ମକର୍ତ୍ତା। ଶ୍ରମିକ ବାଞ୍ଛାନିଧି କୈବର୍ତ୍ତଙ୍କୁ ଶ୍ରମିକ ସର୍ଦ୍ଦାର ଜଣକ ଯୋଜନା ବଦ୍ଧ ଭାବେ ହତ୍ୟା କରିଛନ୍ତି ବୋଲି ଅଭିଯୋଗ ଆଣିବା ସହ ଦୋଷୀଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ କରିବାକୁ ଦାବି କରାଯାଇଛି। ଦାଦନ ସର୍ଦ୍ଦାରଙ୍କୁ ଆଇନ ଅନୁଯାୟୀ ଗିରଫ, ମୃତ ପରିବାରଙ୍କୁ ଆର୍ଥିକ ସହାୟତା, ଥାନା ଅଧିକାରୀ ଘଟଣା ଲୁଚେଇ ମାମଲା ରୁଜୁ ନ କରିବା ନେଇ ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ଭାନୁପ୍ରତାପ ସିଂ ମାଝୀ, ରବୀନ୍ଦ୍ର ମଙ୍ଗରାଜ ନେତୃତ୍ୱ ନେଇଥିବାବେଳେ ଆନ୍ଦୋଳନ ସ୍ଥଳକୁ ଏଏସପି ରଞ୍ଜିତ ନାଏକ ଆସି ଦାବି ପତ୍ର ଗ୍ରହଣ କରିଛନ୍ତି।

# ଲାଞ୍ଜିଗଡ଼ ଗସ୍ତରେ ଅନୁସୂଚିତ ଜାତି ଓ ଜନଜାତି ଅଧ୍ୟକ୍ଷ

**ଲାଞ୍ଜିଗଡ଼, ୧୦।୧୨(ସମିସ):** ଦିନିକିଆ ଲାଞ୍ଜିଗଡ଼ ଗସ୍ତରେ ଓଡ଼ିଶା ଅନୁସୂଚିତ ଜାତି ଓ ଜନଜାତି ଅଧ୍ୟକ୍ଷ ଆଶିଷ କୁମାର ମହାନ୍ତି ଆସି ବିଭିନ୍ନ ସ୍ଥାନ ପରିଦର୍ଶନ କରିଛନ୍ତି। ଶ୍ରୀ ମହାନ୍ତି ପ୍ରଥମେ ଲାଞ୍ଜିଗଡ଼ ବ୍ଲକ ଲାଞ୍ଜି ଗ୍ରାମରେ ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ୍ୟ ଯୋଜନାରେ ସ୍କୁଲ ଗୃହ, ସିସି ରୋଡ, ପାଣି ଟାଙ୍କି, ସୋଲାର



ଲାଇଟ୍ ବୁଲି ଦେଖିଥିଲେ। ଏହାପରେ ଶ୍ରୀ ମହାନ୍ତି ଛତ୍ରପୁର ଓ ବାଣିପଙ୍ଗା ଗସ୍ତକରି ଅନୁସୂଚିତ ଜାତି ଓ ଜନଜାତି ଜନଜାତି ବିଦ୍ୟାଳୟ ପରିଦର୍ଶନ କରି ଛାତ୍ରୀ ମାନଙ୍କ ସହିତ ବିଭିନ୍ନ ଆନୁସଙ୍ଗିକ ବିଷୟରେ ଆଲୋଚନା କରିଥିଲେ। ଶ୍ରୀ ମହାନ୍ତିଙ୍କ ଗସ୍ତ ସମୟରେ ବିଡିଓ ଶଶାଙ୍କ ପାତ୍ର, ଏଡିଡ୍‌ବ୍ଲୁଓ ଜାନକୀ ବଲଭ ସାମନ୍ତରାୟ, ଡବ୍ଲୁଇଓ ପଙ୍କଜ ବଳିୟାର ସିଂ ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲ୍ଲା ଶିଳ୍ପକେନ୍ଦ୍ର ଦ୍ୱାରା ଗୁଣବତ୍ତା ପ୍ରମାଣ କର୍ମଶାଳା

**ନୂଆପଡ଼ା, ୧୦।୧୨(ସମିସ):** ଓଡ଼ିଶା ସରକାରଙ୍କ ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଏଇ) ବିଭାଗ ଏବଂ ଜିଲ୍ଲା ଶିଳ୍ପକେନ୍ଦ୍ର, ନୂଆପଡ଼ାଙ୍କ ସଂଯୁକ୍ତ ଉଦ୍ୟମରେ ସ୍ଥାନୀୟ ସଭାବନା ସଭାଗୃହରେ ଗୁଣବତ୍ତା ପ୍ରମାଣ




ବିଷୟରେ ଏକ କର୍ମଶାଳା ଆୟୋଜନ ହୋଇଥିଲା। ନୂଆପଡ଼ା ଜିଲ୍ଲାର ଏମ୍‌ଏସ୍‌ଏମ୍‌ଇ ଉଦ୍ୟୋଗଗୁଡ଼ିକୁ ଗୁଣ ମାନଦଣ୍ଡ ମାଧ୍ୟମରେ ସଶକ୍ତ କରିବା ଏହି କର୍ମଶାଳାର ପ୍ରମୁଖ ଉଦ୍ଦେଶ୍ୟ ଥିଲା। କର୍ମଶାଳାରେ ଆଇଏସଓ, ଲିନ ଏବଂ ଜେଡ ଭଳି ଗୁଣବତ୍ତା ପ୍ରମାଣପତ୍ରର ବ୍ୟବହାର, ଗୁରୁତ୍ୱ ଏବଂ ଏହାର ଲାଭ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଉଦ୍ୟୋଗୀମାନଙ୍କୁ ଏହି ପ୍ରକ୍ରିୟା ଆପଣାଇ ନିଜର ପ୍ରତିଯୋଗିତା ମୂଳକ କ୍ଷମତା ବୃଦ୍ଧି କରିବାରେ ପ୍ରୋତ୍ସାହିତ କରାଯାଇଥିଲା। ଏହି ଅବସରରେ ବୈଠକକୁ ଅଧ୍ୟକ୍ଷତା କରି ଜିଲ୍ଲାପାଳ ମଧୁସୂଦନ ଦାଶ ଏମ୍‌ଏସ୍‌ଏମ୍ ଭୂମିକାକୁ ଜିଲ୍ଲାର ସମନ୍ୱିତ ଆର୍ଥିକ ଅଭିବୃଦ୍ଧିର ଯନ୍ତ୍ର ଭାବେ ଅଭିହିତ କରିଥିଲେ। ଗୁଣମୂଳକ ପ୍ରମାଣନ ଆପଣାଇବା ଦ୍ୱାରା ଉଦ୍ୟୋଗଗୁଡ଼ିକ ସୁଦୃଢ଼ ଏବଂ ସ୍ଥାୟୀ ବିକାଶ ଲକ୍ଷ୍ୟକୁ ପ୍ରାପ୍ତ କରିପାରିବେ ବୋଲି ସେ କହିଥିଲେ। କର୍ମଶାଳାରେ ବିଡିଏସ୍‌ପି, ଜିଲ୍ଲା ଶିଳ୍ପକେନ୍ଦ୍ରର କର୍ମକର୍ତ୍ତାମାନେ, ସ୍ଥାନୀୟ ଉଦ୍ୟୋଗୀମାନେ ଏବଂ ବିଭିନ୍ନ ଶିଳ୍ପ ଉଦ୍ୟୋଗର ପ୍ରତିନିଧିମାନେ ଉପସ୍ଥିତ ଥିଲେ। ସମସ୍ତଙ୍କୁ ଗୁଣମାନ ଭିତ୍ତିକ ଉତ୍ପାଦନ ଏବଂ ବ୍ୟବସ୍ଥାପନ ଶୈଳୀକୁ ଗ୍ରହଣ କରି ନୂଆପଡ଼ାକୁ କ୍ଷେତ୍ରଏମଇ କ୍ଷେତ୍ରରେ ଏକ ଆଦର୍ଶ ଜିଲ୍ଲାରେ ପରିଣତ କରିବା ପାଇଁ ଜିଲ୍ଲାପାଳ ଆହ୍ୱାନ ଦେଇଥିଲେ।

## ଟ୍ରାକ୍ଟର ଉଦ୍ଧାର କରିବାକୁ ଯାଇ ଦୁଇ ଯୁବକ ମୃତ୍ୟୁ ଘଟଣା

# ଧରାପଡ଼ିନାହାନ୍ତି ଦୁର୍ବୃତ୍ତ; ଯାଦବ ସମାଜ ଏସ୍‌ଡିପିଓଙ୍କ ଦ୍ୱାରସ୍ଥ

**ଧର୍ମଗଡ଼, ୧୦।୧୨(ସମିସ)**

ନିଜ ଚୋରି ଟ୍ରାକ୍ଟର ଟ୍ରଲିକୁ ଉଦ୍ଧାର କରିବାକୁ ଯାଇ ଦୁଇ ଯୁବକଙ୍କୁ ଦୁର୍ବୃତ୍ତମାନେ ଟ୍ରାକ୍ଟର ଚଢ଼ାଇ ମାରିଦେବା ଘଟଣା ଇତି ମଧ୍ୟରେ ଗୋଟିଏ ମାସ ବିତିଯାଇଛି। ହେଲେ ଏପର୍ଯ୍ୟନ୍ତ ପୁଲିସର ହାତ ଖାଲି। ଧର୍ମଗଡ଼ ଥାନା ମେରଘରା ଗାଁର ଟ୍ରାକ୍ଟର ମାଲିକ ଲାଲୁ ଭଏସାଲ ନିଜର ଟ୍ରାକ୍ଟର ଟ୍ରଲିକୁ ନଭେମ୍ବର ୧୦ ତାରିଖ ରାତିରେ ଦୁର୍ବୃତ୍ତମାନେ ଚୋରି କରି ନେଇଯାଉଥିଲେ। ଏତିକିବେଳେ ପରିସ୍ରା କରିବାକୁ ଉଠିଥିବା ହରିଶଙ୍କର ଲହଜଳଙ୍କ ନଜର ଚୋରଙ୍କ ଉପରେ ପଡ଼ିଯାଇଥିଲା। ସେ ଟ୍ରାକ୍ଟର ମାଲିକ ଲାଲୁଙ୍କ ସାନ ପୁଅକୁ ଡାକି ବାଇକରେ ଦୁଇ ଭାଇ ପିଛା କରିଥିଲେ। ତେନ୍ତୁଲିଆପଡ଼ା-ଛେଣ୍ଡିଆ ଯିବା ରାସ୍ତାରେ ଟ୍ରାକ୍ଟର ଆଗକୁ ବାଇକ ନେଇ ଚେଷ୍ଟା କରିଥିଲେ। ହେଲେ ଧରାପଡ଼ିବା ଭୟରେ ଦୁହିଁଙ୍କ ଉପରେ ଟ୍ରାକ୍ଟର ଚଢ଼ାଇ ଚୋରି ଟ୍ରଲିକୁ ବ୍ରାହ୍ମଣଛେଣ୍ଡିଆ ଠାକୁରାଣୀ ମନ୍ଦିର ନିକଟରେ ଛାଡି ଚୋରମାନେ ଚମ୍ପଟ ମାରିଥିଲେ। ଘଟଣାକୁ ମାସେ ପୁରି ଯାଇଛି ହେଲେ ଦୁର୍ବୃର୍ତ୍ତ ମାନଙ୍କୁ ଠାବ କରିବାରେ ବିଫଳ ପୁଲିସ। ଏନେଇ ଆଜି ଧର୍ମଗଡ଼ ଉପଖଣ୍ଡ ଆରକ୍ଷୀ



ଅଧିକ୍ଷକଙ୍କ ଦ୍ୱାରସ୍ଥ ହୋଇ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦୁର୍ବୃତ୍ତଙ୍କୁ ତୁରନ୍ତ ଚିହ୍ନଟ କରି ତ୍ୱରିତ୍ୱ ପଦକ୍ଷେପ ଗ୍ରହଣ କରା ନ ଗଲେ ଆସନ୍ତା ୨୬ ଦିନ ଧର୍ମଗଡ଼ ସହରସ୍ଥିତ ଚାରିଛକ ଠାରେ ରାସ୍ତା ଅବରୋଧ କରିବାକୁ ଚେତାବନୀ ଦେଇଛନ୍ତି ଯାଦବ ସମାଜ ର କର୍ମକର୍ତ୍ତା। ଏହି ଦାବିପତ୍ର ଦେବା ସମୟରେ ପୂର୍ବତନ କଳାହାଣ୍ଡି ଜିଲ୍ଲା ଯାଦବ ସଭାପତି ଡମ୍ବରୁ ଲହଜଳ, ଧର୍ମଗଡ଼ ବ୍ଲକ ଯାଦବ ସମିତି ସଭାପତି ଶଙ୍କର ଜୁଆଡ, ଜୁନାଗଡ଼ ବ୍ଲକ ସଭାପତି ଗୌର ବାଗ, ଗୋଲାମୁଣ୍ଡା ବ୍ଲକ ସଭାପତି ଗିରିଧାରି ତେଜୀ, ଯୁବ ଯାଦବ ସଭାପତି ରାଜେଶ ବଗର୍ତ୍ତି, ଡାକେ ଲହଜଳ, ଲବଣି ଯାଦବ, ଭବାନିପାଟଣା ଟାଉନ ସଭାପତି ସତ୍ୟନାରାୟଣ ବିଶି, ଦୁଷ୍ମନ୍ତ ଗହିର ପ୍ରମୁଖ ଉପସ୍ଥିତ ଥିଲେ।

# ଆର୍‌ଏସ୍‌ପି ଏସଏମଏସ-୨ ବିଭାଗ କର୍ମଚାରୀ ପୁରସ୍କୃତ



ରାଉରକେଲା,୧୦।୧୨(ସମିସ): ରାଉରକେଲା ଇସ୍ପାତ କାରଖାନାର ଷ୍ଟିଲ ମେଲ୍ଟିଂ ସପ୍-୨ ବିଭାଗୀୟ ସମ୍ମିଳନୀ କକ୍ଷରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ 'ସେଲ୍ ସାବାସ୍' ଯୋଜନା ଅଧୀନରେ ଏସଏମଏସ-୨ ବିଭାଗର ଅଧିକାରୀଙ୍କ ସମେତ ୨୪ କର୍ମଚାରୀଙ୍କୁ ସେମାନଙ୍କର ଅଭିନବ ପ୍ରୟାସ ପାଇଁ ପୁରସ୍କୃତ କରାଯାଇଥିଲା। ଏସଏମଏସ-୨ ବିଭାଗର ସିଜିଏମ ଏମ୍‌ଜି ଶ୍ରୀକାନ୍ତ ପୁରସ୍କାର ବିଜେତାଙ୍କୁ ପ୍ରଶଂସା ପତ୍ର ଓ ଉପହାର ପ୍ରଦାନ କରିଥିଲେ। ଏହି ଅବସରରେ ସମସ୍ତ ସେକ୍ସନ ମୁଖ୍ୟ ତଥା ଅନେକ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଶ୍ରୀକାନ୍ତ ପୁରସ୍କାର ବିଜେତାଙ୍କ ନବସୃଜନ, ଦକ୍ଷତା ଓ କାର୍ଯ୍ୟକ୍ଷମ ଉତ୍କର୍ଷତା ପ୍ରତି ସେମାନଙ୍କର ପ୍ରତିବଦ୍ଧତା ପାଇଁ ସେମାନଙ୍କର ପ୍ରୟାସର ଉଚ୍ଚ ପ୍ରଶଂସା କରିଥିଲେ। ସେ ନିରନ୍ତର ଉନ୍ନତି ଆଣିବା ଏବଂ ବିଭାଗ ମଧ୍ୟରେ ଉତ୍କର୍ଷତାର ସଂସ୍କୃତିକୁ ପ୍ରୋତ୍ସାହିତ କରିବାରେ ଏପରି ନବସୃଜନର ମହତ୍ତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ଏସଏମଏସ-୨ ବିଭାଗର ସିନିୟର ମ୍ୟାନେଜର ପ୍ରଶାନ୍ତ ନାୟକ ସଂଯୋଜନା କରିଥିଲେ।

# ସରସରା ଜଗନ୍ନାଥ ମନ୍ଦିରରେ ସଂସ୍କୃତ ସମ୍ମିଳନୀ



ବଣାଇଁ,୧୦।୧୨(ସମିସ): ବଣାଇଁ ବ୍ଲକ୍ ଅନ୍ତର୍ଗତ ସରସରା ଜଗନ୍ନାଥ ମନ୍ଦିର ପରିସରରେ ସୋମବାର ସଂସ୍କୃତ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସଂସ୍କୃତ ଶିକ୍ଷକ ଗଙ୍ଗାଧର ବିଶ୍ୱାଳ, ଅଜୟ ପ୍ରହରାଜ, ସଦାନନ ଶତପଥୀ, ହରେକୃଷ୍ଣ ମିଶ୍ର, କାର୍ମେଲା ଏକ୍କା, ସଂଗୀତା ପାଣିଗ୍ରାହୀ, ଚିତ୍ତ ରଞ୍ଜନ ପାଣିଗ୍ରାହୀ, ସୂରିନ ବାଡା, ସ୍ନିଗ୍ଧା ରାଣୀ ବେହେରା, ଶଶୀକାନ୍ତ ମିଶ୍ରଙ୍କ ସମେତ ଜଗନ୍ନାଥ କମିଟିର ସଦସ୍ୟ ଉପସ୍ଥିତ ରହିଥିଲେ। ସଂସ୍କୃତ ଭାଷା ହେଉଛି ହିନ୍ଦୁ ଧର୍ମର ପବିତ୍ର ଭାଷା, ତେଣୁ ଏହି ଭାଷାର ପ୍ରଚାର ପ୍ରସାର ଆଗକୁ କିପରି ଅଧିକ ହୋଇପାରିବ, ଆଜିର ଛାତ୍ରଛାତ୍ରୀମାନେ କିଭଳି ସଂସ୍କୃତ ପ୍ରତି ଅଧିକ ଆକୃଷ୍ଟ ହୋଇ ଆଗ୍ରହର ସହିତ ପଢ଼ି ପାରିବେ ସେ ବିଷୟରେ ବିସ୍ତୃତ ଆଲୋଚନା କରାଯାଇଥିଲା। ସଂସ୍କୃତ ଭାଷା ଏକ ଜ୍ଞାନ ଓ ଭାବନାର ନିରନ୍ତର ସ୍ରୋତ। ଛାତ୍ରଛାତ୍ରୀମାନେ ସଂସ୍କୃତ ପଢିଲେ ଜୀବନର ପ୍ରକୃତ ଆନନ୍ଦ ଓ ଶାନ୍ତି କଣ ଅନୁଭବ କରିପାରିବେ; ତେଣୁ ସମସ୍ତେ ସଂସ୍କୃତକୁ ଭଲ ପାଇବା ଓ ଆମ ଦେବ ଭାଷାର ପ୍ରଚାର ପ୍ରସାର କରିବା ଆବଶ୍ୟକତା ରହିଛି ବୋଲି ଉପସ୍ଥିତ ଥିବା ସଂସ୍କୃତ ପ୍ରେମୀମାନେ କହିଥିଲେ। ଜଗନ୍ନାଥ ମନ୍ଦିରର ପୂଜକ ପଣ୍ଡିତ ଉମାକାନ୍ତ ମିଶ୍ର ଜଗନ୍ନାଥ ସଂସ୍କୃତି ବିଷୟରେ ଅବଗତ କରାଇବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

# ଅଭିଳାଷ ନାୟକ ସ୍ମୃତି ଚିତ୍ରାଙ୍କନ ପ୍ରତିଯୋଗିତା




ରାଉରକେଲା,୧୦।୧୨(ସମିସ): ସ୍ଥାନୀୟ ଛେଣ୍ଡ ସ୍ଥିତ କନକ ମଂଜରୀ ଇଣ୍ଟରନ୍ୟାସନାଲ ସ୍କୁଲ ପରିସରରେ କଳାକେନ୍ଦ୍ର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫାଇନ ଆର୍ଟ ଆନୁକୂଲ୍ୟରେ ସ୍ୱର୍ଗତ ଅଭିଳାଷ ନାୟକ ସ୍ମୃତି ଚିତ୍ରକଳା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ବିଦ୍ୟାଳୟରୁ ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ଏଥିରେ ମୁଖ୍ୟଅତିଥି ଭାବେ କଳାକେନ୍ଦ୍ର ଫାଇନ ଆର୍ଟ ସ୍କୁଲ ଅଧ୍ୟକ୍ଷ ଦେବେନ୍ଦ୍ର ମହାରଣା ଓ ବିବେକାନନ୍ଦ ଦାସ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏଥିରେ ଶିକ୍ଷୟିତ୍ରୀ ରଶ୍ମିରେଖା ବିଶ୍ୱାଳ ଉପସ୍ଥିତ ଥିଲେ। ପ୍ରଥମରୁ ତୃତୀୟଶ୍ରେଣୀ ଗ୍ରୁପ ଏ, କ୍ଲାସ ଚତୁର୍ଥରୁ ଷଷ୍ଠ ଶ୍ରେଣୀ ଗ୍ରୁପ ବି, କ୍ଲାସ ସପ୍ତମରୁ ଦଶମ ଶ୍ରେଣୀ ଗ୍ରୁପ ସି ଭାବେ ବିଭକ୍ତ କରାଯାଇଥିଲା। ଗ୍ରୁପ ଏ ପ୍ରକୃତିର ଦୃଶ୍ୟ, ଗ୍ରୁପ ବି ମୋ ଗାଁର ଦୃଶ୍ୟ, ଗ୍ରୁପ ସି ପାଇଁ ଆମ ସଂସ୍କୃତି ଆମ ଗର୍ବ ବିଷୟ ଉପରେ ପ୍ରତିଯୋଗିତା କରାଯାଇଥିଲା। ଅଭିଳାଷ ନାୟକଙ୍କ ସ୍ମୃତିରେ ଆୟୋଜିତ କୃତି ଛାତ୍ରଛାତ୍ରୀଙ୍କୁ ଚଳିତ ମାସ ୨୭ରେ ଅନୁଷ୍ଠାନର ବାର୍ଷିକ ଉତ୍ସବରେ ପୁରସ୍କାର ପ୍ରଦାନ କରାଯିବ ବୋଲି ସୂଚନା ମିଳିଛି। ଏଥିରେ ଦିବିସ୍ମିତା ବେହେରା, ବାସନ୍ତୀ ମହାରଣା, ଉଷାରଣୀ ଶତପଥୀ, ଲଭଇଲି ଘୋଷ, ଚନ୍ଦନ ସୋନା, ପିୟା ଦାସ, ଶ୍ରୁତି ଆଦିତ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

# ସଂଗ୍ରାମ ମହାନ୍ତିଙ୍କୁ କଳିଙ୍ଗ ଗୌରବ ସମ୍ମାନ



ରାଉରକେଲା,୧୦।୧୨(ସମିସ): ରାଉରକେଲା ସହରର ଜଣାଶୁଣା ସମାଜସେବୀ ସଂଗ୍ରାମ କେଶରୀ ମହାନ୍ତିଙ୍କୁ ଆଜି ଭୁବନେଶ୍ୱର ଯୁବ ଓ ସମାଜ ବିକାଶ କେନ୍ଦ୍ରଠାରେ ଆମ୍ବେଦକର ଇଣ୍ଟରନେସନାଲ ସେଣ୍ଟର ପକ୍ଷରୁ ବିଶ୍ୱ ମାନବ ଅଧିକାର ଦିବସ ପାଳନ ଅବସରରେ 'କଳିଙ୍ଗ ଗୌରବ ସମ୍ମାନ-୨୦୨୫' ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଛି। ଏଥିରେ ହାଇକୋର୍ଟର ପ୍ରାକ୍ତନ ବିଚାରପତି ଜଷ୍ଟିସ ଡ. ଜିପି ଚୌଧୁରୀ ମୁଖ୍ୟ ଅତିଥି, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଡ. ଅଲେଖ ଚନ୍ଦ୍ର ପଢିଆରୀ ଏବଂ ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର ଯୋଗ ଦେଇଥିଲେ।

# ସୁନ୍ଦରଗଡ଼ ଡାକ୍ତରଖାନା ଆଇସିୟୁରେ ରୋଗୀଙ୍କୁ ଅବହେଳା ଅଭିଯୋଗ

ରାଉରକେଲା,୧୦।୧୨(ସମିସ)



ସୁନ୍ଦରଗଡ଼ ସରକାରୀ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟର ଆଇସିୟୁରେ ଭର୍ତ୍ତି ହୋଇଥିବା ଜଣେ ରୋଗୀଙ୍କୁ ଚିକିତ୍ସାରେ ଅବହେଳା କରାଯାଉଥିବା ଅଭିଯୋଗ ହୋଇଛି। ସୂଚନା ମୁତାବକ, ସୁନ୍ଦରଗଡ଼ ଜିଲ୍ଲା ଟାଙ୍ଗରପାଲି ବ୍ଲକ୍ ଅନ୍ତର୍ଗତ ତସଲାଡ଼ିହି ଗ୍ରାମର ୮୨ ବର୍ଷୀୟ ଶ୍ରୀନିବାସ ନାଏକ ସୁନ୍ଦରଗଡ଼ ସ୍ଥିତ ପତ୍ରାପାଲିରେ ତାଙ୍କ ପରିବାର ସହିତ ରହୁଛନ୍ତି। ସେ ତାଙ୍କ ଛାତି ଓ ଶ୍ୱାସ ନେବାରେ କଷ୍ଟ ଅନୁଭବ କରୁଥିବାରୁ ଚିକିତ୍ସା ପାଇଁ ଗତ ୪ ଦିନ ତଳେ ତାଙ୍କୁ ସୁନ୍ଦରଗଡ଼ ସରକାରୀ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ତେବେ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଭଲ ନ ଥିବାରୁ ତାଙ୍କୁ ଆଇସିୟୁରେ ରଖାଯାଇ ତାଙ୍କ ଚିକିତ୍ସା କରାଯାଇଥିଲା। ଆଇସିୟୁରେ ଭର୍ତ୍ତି ଥିବା ବେଳେ ସେ ନିଦରେ ଖଟ ଉପରୁ ତଳେ ପଡିଯାଇଥିଲେ। ରାତ୍ରି ଡିଉଟିରେ ଥିବା ଷ୍ଟାଫ୍ ଆଇସିୟୁରେ ରାତିରେ ନ ରହି ଅନ୍ୟ ଗୋଟିଏ କୋଠରୀରେ ଶୋଉଥିବା ଯୋଗୁଁ ଆଇସିୟୁରେ ଚିକିତ୍ସା ହେଉଥିବା ୮୨ ବର୍ଷୀୟ ବୃଦ୍ଧ ଶ୍ରୀନିବାସ ନାଏକ ରାତିରେ ତାଙ୍କ ଶୋଇଥିବା ଖଟ ଉପରୁ ତଳେ ପଡିଯାଇ ଥିଲେ ବୋଲି ଅଭିଯୋଗ ହୋଇଛି। ତାଙ୍କୁ ସକାଳେ ଷ୍ଟାଫମାନେ ଦେଖି ପୁଣି ଖଟରେ ଶୁଆଇଥିଲେ। ତେବେ ରାତିରେ ଖାଲି ଚଟାଣରେ ଦୁଇ ଘଣ୍ଟା ପଡିରହିବା ଦ୍ୱାରା ତାଙ୍କର ନିଶ୍ୱାସ ନେବାରେ ଜଟିଳ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହି ବିଷୟରେ ସୁନ୍ଦରଗଡ଼ ବିଧାୟକ ଯୋଗେଶ କୁମାର ସିଂଙ୍କ ପ୍ରତିନିଧି ଜୟ ନାରାୟଣ ତ୍ରିପାଠୀ ସକାଳେ ରୋଗୀଙ୍କ ସମ୍ପର୍କୀୟଙ୍କ ଠାରୁ ସବୁ ବିଷୟରେ ଜାଣି ସାଙ୍ଗେ ସାଙ୍ଗେ ସରକାରୀ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟର ଅଧିକ୍ଷକ ଡା. ନିର୍ମଳ କୁମାର ସାହାଣୀଙ୍କୁ ଜଣାଇଥିଲେ। ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆ ଏବଂ ଯୁବନେତା ବରୁନ ବାଗ ସରକାରୀ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟକୁ ଯାଇ ପୀଡ଼ିତ ରୋଗୀକୁ ଦେଖିବା ସହ ଚିକିତ୍ସା କରୁଥିବା ଡାକ୍ତର ଏବଂ ଚିକିତ୍ସାଳୟର ଅଧିକ୍ଷକଙ୍କୁ ରୋଗୀର ଚିକିତ୍ସା ବିଷୟରେ ସବୁ ବୁଝିଥିବା ଜଣାପଡ଼ିଛି।

**ଚିନ୍ମୟ ଇଂରାଜୀ ବିଦ୍ୟାଳୟର ବାର୍ଷିକ ଉତ୍ସବ 'ଚିନ୍ମୟ ସ୍ପନ୍ଦନମ୍' ଉଦ୍‌ଯାପିତ**

# ଜ୍ଞାନର ବିକାଶ କେବଳ ଉତ୍ତମ ଶିକ୍ଷା ଦ୍ୱାରା ସମ୍ଭବ : ବିପିୟୁଟି କୁଳପତି




ରାଉରକେଲା,୧୦।୧୨(ସମିସ): ବିବେକର ବିକାଶ ହିଁ ଜ୍ଞାନର ବିକାଶ, ଯାହା କେବଳ ଉତ୍ତମ ଶିକ୍ଷା ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଅନ୍ତଃର୍ନିବିଷ୍ଟ କରାଯାଇଥାଏ। ଭାରତୀୟ ଶିକ୍ଷାଦାନ ବ୍ୟବସ୍ଥା ମୂଲ୍ୟବୋଧଭିତ୍ତିକ ଯାହା ସମଗ୍ର ବିଶ୍ୱ ପାଇଁ ପ୍ରେରଣାଦାୟୀ ହୋଇପାରିଛି। ସ୍ଥାନୀୟ ଛେଣ୍ଡ ସ୍ଥିତ ଚିନ୍ମୟ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ୩୪ ତମ ଦ୍ୱିଦିବସୀୟ ବାର୍ଷିକ ଉତ୍ସବ 'ଚିନ୍ମୟ ସ୍ପନ୍ଦନମ୍'ର ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡକ୍ଟର ଅମୀୟ କୁମାର ରଥ ଏପରି କହିଛନ୍ତି। ବିଦ୍ୟାଳୟର ସଭାପତି ଶିକ୍ଷାବିତ୍ ଶଙ୍କର ପ୍ରସାଦ ତ୍ରିପାଠୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମର ପ୍ରଥମ ଦିବସରେ ଫକୀର ମୋହନ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ଡ. କୁମରବର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଦ୍ୟାଳୟ ହେଉଛି ଏକ ମଣିଷ ଭିତରେ ମାନବିକତା ଭରି ଦେବାର ଅନୁଷ୍ଠାନ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଚିନ୍ମୟ ମିଶନ ରାଉରକେଲାର ବ୍ରହ୍ମକୁମାରୀ ପ୍ରତିଭା ଚୈତନ୍ୟ ଯୋଗଦେଇ ବିଦ୍ୟାର୍ଥୀ ଜୀବନରେ ଶିକ୍ଷାର ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷା ଶର୍ମିଷ୍ଠା କବିଶତପଥୀ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ପରୀକ୍ଷା ଓ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଥମ ଦିବସରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ରାଣୀ ସୁକଦେଇ ନାଟକ, ଦ୍ୱିତୀୟ ଦିବସରେ ଉଭୟ ଓଡ଼ିଆ ଓ ହିନ୍ଦୀ ନାଟକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। କାର୍ଯ୍ୟକ୍ରମକୁ ତମସା ପାତ୍ର, ଶାଶ୍ୱତୀ ମହାପାତ୍ର ସଂଯୋଜନା କରିଥିବାବେଳେ ଶେଷରେ ପରିଚାଳନା ସମିତିର ସାଧାରଣ ସମ୍ପାଦକ ରମାକାନ୍ତ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

କାର୍ଯ୍ୟକ୍ରମ ପରିଚାଳନାରେ ଅଧ୍ୟାପକ ଆଲୋକ କୁମାର ମଲ୍ଲିକ, ସୁବ୍ରତ ମହାପାତ୍ର, ଅଭୟ କୁମାର ଦାସ, ନିହାରିକା ବସ୍ତିଆ, ରାଜୀବ ପାଣି, ନବଘନ ସାହୁ, ମହେନ୍ଦ୍ର ପଟ୍ଟନାୟକ, ବିଜୟଲକ୍ଷ୍ମୀ ପଟ୍ଟନାୟକ, ହରିହର ଶତପଥୀ, ଆଲୋକ କବି ଶତପଥୀ, କାଶୀନାଥ ନନ୍ଦୀଙ୍କ ସହ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ କର୍ମଚାରୀ ପ୍ରମୁଖ ସହଯୋଗ କରିଥିଲେ।

# ଅନ୍ତର୍ଜାତୀୟ ମାନବାଧିକାର ଦିବସ

ରାଉରକେଲା,୧୦।୧୨(ସମିସ): ରାଉରକେଲା ଆଇନ ମହାବିଦ୍ୟାଳୟରେ ଆଜି ଅଧ୍ୟକ୍ଷ ଡ. ବିଭୁରଞ୍ଜନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନ୍ତର୍ଜାତୀୟ ମାନବାଧିକାର ଦିବସ ପାଳିତ ହୋଇଯାଇଛି। ଏଥିରେ ଆଭାସୀ କାର୍ଯ୍ୟକ୍ରମ ମାଧ୍ୟମରେ ମୁଖ୍ୟ ଅତିଥି ଭାବେ ସୁପ୍ରିମକୋର୍ଟର ବରିଷ୍ଠ ଆଇନଜୀବୀ ଡ. ଅନିନ୍ଦିତା ପୂଝାରୀ ଯୋଗଦେଇ ମାନବାଧିକାର ଉପରେ ସବିଶେଷ ଆଲୋଚନା କରିଥିଲେ। ଏତଦବ୍ୟତୀତ ରାଉରକେଲା ଆଇନ ମହାବିଦ୍ୟାଳୟର ପରିଚାଳନା କମିଟି ସଭାପତି ଯତୀନ୍ଦ୍ର ନାୟକ ଯୋଗଦେଇ ମାନବାଧିକାର ଉପରେ ସମ୍ୟକ ଆଲୋକପାତ କରିଥିଲେ। ମହାବିଦ୍ୟାଳୟର ଛାତ୍ର ଅଜୟ କୁମାର ତାଙ୍କର ବକ୍ତବ୍ୟ ରଖିଥିଲେ। କଲେଜର ପ୍ରାଧ୍ୟାପିକା, ପ୍ରାଧ୍ୟାପକ, କର୍ମଚାରୀ ଓ ଛାତ୍ରଛାତ୍ରୀମାନେ ଯୋଗଦେଇଥିଲେ। ଡ. ବିଭୁରଞ୍ଜନ ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିବା ବେଳେ ଛାତ୍ରୀ ସ୍ମୃତିମଞ୍ଜୁଷା କାର୍ଯ୍ୟକ୍ରମର ପରିଚାଳନା କରିଥିଲେ। ଛାତ୍ରୀ ସତ୍ୟପ୍ରିୟା ଅତିଥି ପରିଚୟ ପ୍ରଦାନ କରିଥିଲେ। ଛାତ୍ରୀ ସୁକାନ୍ତି ଲାକ୍ରା ଧନ୍ୟବାଦ ଅର୍ପଣ କରିଥିଲେ।

**ବଣାଇଁ:** ବଣାଇଁ ସହରରେ ଥିବା ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଗବେଷଣା କେନ୍ଦ୍ର ପରିସରରେ ବଣାଇଁ ତାଲୁକ ଆଇନ ସହାୟତା ପ୍ରାଧିକରଣ ପକ୍ଷରୁ ଅନ୍ତର୍ଜାତୀୟ ମାନବାଧିକାର ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲା ଜଜ୍ ତଥା ତାଲୁକ ଆଇନ ସହାୟତା ସମିତିର ଅଧ୍ୟକ୍ଷ ଆଶୁତୋଷ ଦାସ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବଣାଇଁ ସବ୍ ଜଜ୍ ରଞ୍ଜନ କୁମାର ପ୍ରଧାନ, ଏସ୍‌ଡିଜେଏମ୍ ପ୍ରୀତିଶ ମିଶ୍ର, କୋଇଡା ଜେଏମ୍‌ଏଫ୍‌ସି ଶୁଭଲକ୍ଷ୍ମୀ ପ୍ରିୟଦର୍ଶିନୀ ଯୋଗଦେଇ ମାନବାଧିକାର ଦିବସରେ ଲୋକମାନେ ନିଜର ଅଧିକାର ପ୍ରତି କିପରି ସଚେତନ ରହିବେ ସେ ଉପରେ କହିଥିଲେ। ମାନବାଧିକାର ଦିବସର ମୂଳ ଉଦ୍ଦେଶ୍ୟ ସମ୍ପର୍କରେ ଅତିଥିମାନେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବଣାଇଁ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁନୀଲ ମୁଣ୍ଡୁ, ଶିଶୁ ବିକାଶ ବିଭାଗ ଅଧିକାରୀ ବୀଣାପାଣି ନାଏକ, ସ୍କୁଲ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ନାଏକ, ରିଟେନର ମାନସ ରଞ୍ଜନ ପତି, ସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ସିଭିଲ କୋର୍ଟର କର୍ମଚାରୀ ବ୍ରିଜେଶ କୁମାର ସାହୁ, ତପନ କୁମାର ପାଇକରାୟ, ଅନ୍ତର୍ଯ୍ୟାମୀ ପାତ୍ର ସହଯୋଗ କରିଥିଲେ।

# 'ସାଂସଦ ଖେଳ ମହୋତ୍ସବ' ମଶାଲ ଶୋଭାଯାତ୍ରାକୁ ସ୍ୱାଗତ




ରାଉରକେଲା,୧୦।୧୨(ସମିସ): ସୁନ୍ଦରଗଡ ଲୋକସଭା କ୍ଷେତ୍ରର 'ସାଂସଦ ଖେଳ ମହୋତ୍ସବ' ମଶାଲ ଶୋଭାଯାତ୍ରା ବଣାଇଁର କୋଇଡା ଠାରୁ ଆରମ୍ଭ ହୋଇ ବିଭିନ୍ନ ସ୍ଥାନ ପରିକ୍ରମା କରି ଆଜି ରାଉରକେଲାର ପାନପୋଷ ସ୍ଥିତ ହକି ଛକଠାରେ ରାଉରକେଲା ବିଧାନସଭା କ୍ଷେତ୍ରକୁ ହସ୍ତାନ୍ତର କରାଯାଇଥିଲା। ଏହି ମଶାଲକୁ ଏକ ସୁସଜ୍ଜିତ ଖୋଲା ଜିପରେ ବରିଷ୍ଠ କର୍ମୀ ତଥା ସାଂସଦ ଖେଳ ମହୋତ୍ସବର ଜିଲ୍ଲା ଲୋକ ସମ୍ପର୍କ ଅଧିକାରୀ ଗଙ୍ଗାଧର ଦାଶ ଧରି ପାନପୋଷ ଛକ, ରାଉରକେଲାର ମୁଖ୍ୟ ରାସ୍ତା ଦେଇ ପରିକ୍ରମା କରି ବିଶ୍ରା ଛକ ସ୍ଥିତ ବିର୍ସା ମୁଣ୍ଡା ଆଥଲେଟିକ ଷ୍ଟାଡିୟମରେ ବିରାଟ ଶୋଭାଯାତ୍ରାରେ ପହଞ୍ଚିଥିଲେ। ଏହି ମଶାଲ ଶୋଭାଯାତ୍ରା ସମୟରେ ରାସ୍ତାର ବିଭିନ୍ନ ଛକଠାରେ କଲେଜ, ସ୍କୁଲ, ଓକିଲ ସଂଘ, ପବ୍ଲିକ, ବିଭିନ୍ନ ସଙ୍ଗଠନଙ୍କ ତରଫରୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ରାଉରକେଲା କ୍ଷେତ୍ରର ସଂଯୋଜକ ପ୍ରକାଶ ପାଶୱାନ ସଂଯୋଜନା ଓ ପରିଚାଳନା କରିଥିବାବେଳେ ଜିଲ୍ଲା ପ୍ରଶାସନ ତରଫରୁ ସମସ୍ତ ପ୍ରକାର ସହଯୋଗ କରାଯାଇଥିଲା। ସୁନ୍ଦରଗଡ଼ ସାଂସଦ ତଥା କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମଙ୍କ ମାର୍ଗଦର୍ଶନରେ 'ସାଂସଦ ଖେଳ ମହୋତ୍ସବ' ସମଗ୍ର ସୁନ୍ଦରଗଡରେ ପାଳନ କରାଯାଉଛି। ଚଳିତ ମାସ ୧୩ ରୁ ୧୬ ତାରିଖରେ ସାଂସଦୀୟ କ୍ଷେତ୍ରର ସୁନ୍ଦରଗଡଠାରେ ଅନୁଷ୍ଠିତ ହେବାକୁ ଥିବା ଫାଇନାଲ ନିର୍ଣ୍ଣାୟକ ପ୍ରତିଯୋଗିତାର ପ୍ରାରମ୍ଭ ଅର୍ଥାତ ୧୩ ତାରିଖ ଦିନ ଏହି ମଶାଲ ସୁନ୍ଦରଗଡରେ ପହଞ୍ଚିବ ବୋଲି ଜଣାପଡ଼ିଛି। ଏହି କାର୍ଯ୍ୟକ୍ରମରେ ସଂଯୋଜକ ଲାଖନ ଲୋହାର, ଜିଲ୍ଲା ସଂଯୋଜକ ଦିଲ୍ଲୀପ ପଟ୍ଟନାୟକ, ରଘନାଥପଲ୍ଲୀ ସଂଯୋଜକ ମନୋରଞ୍ଜନ ମୁନି, ସହ ସଂଯୋଜକ ସୁଶାନ୍ତ ମହାପାତ୍ର, ଶଶାଙ୍କ ଶେଖର ଜେନା, ରୋସନ ସାହୁ, ରିତା ସିଂ, ଜନ୍ ନାୟକ, ବଟକୃଷ୍ଣ ନାୟକ, ପ୍ରତାପ ପଟ୍ଟନାୟକ, ମନୋଜ ଦାସ, ଅନିଲ ମହାନନ୍ଦିଆ, ଆଶୁତୋଷ ଦାସ, ଦୁର୍ଗା ମାଇତି, ଅଭୟ ବେହେରା, ଅନିଲ ଅଗ୍ରୱାଲ, ମାଳତୀ ସିଂ, ହିରନ୍ୟ ପ୍ରାସାଦ ସାହୁ, ହାପି ତନ୍ତୀ, ଶାନ୍ତନୁ ଦାସ, ଜିତେନ୍ଦ୍ର ରାୟ, ପ୍ରହଲ୍ଲାଦ ତନ୍ତୀ, ସତ୍ୟଜିତ ପ୍ରଧାନ, କୋଚ ଶିବ ମିଶ୍ର ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

**'ଶିଳ୍ପ ପରିବେଶରେ ସଫଳ ଜୀବନଯାପନ' ଆଲୋଚନାଚକ୍ର**

# 'ମାନସିକ ଶାନ୍ତି ଆଧ୍ୟାତ୍ମିକତା ଭିତରେ ଲୁଚି ରହିଥାଏ'



ରାଉରକେଲା,୧୦।୧୨(ସମିସ): ଆଗାମୀ ବିଶ୍ୱ ଧ୍ୟାନ ଦିବସ ପାଳନ ଉପଲକ୍ଷେ ଗତକାଲି ରାଉରକେଲା ଇସ୍ପାତ କାରଖାନାର ଗୋପବନ୍ଧୁ ଅଡିଟୋରିୟମଠାରେ "ଶିଳ୍ପ ପରିବେଶରେ ସଫଳ ଜୀବନଯାପନ' ଶୀର୍ଷକ ବିଷୟବସ୍ତୁ ଉପରେ ଏକ ଆଧ୍ୟାତ୍ମିକ ଆଲୋଚନା ଚକ୍ର ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଦିବ୍ୟ ଜୀବନ ସଂଘର ଉପାଧ୍ୟକ୍ଷ ସ୍ୱାମୀ ନିର୍ଲିପ୍ତାନନ୍ଦ ସରସ୍ୱତୀ ମହାରାଜ ମୁଖ୍ୟବକ୍ତା ଭାବେ ଯୋଗଦେଇ ମାନସିକ ଶାନ୍ତି କେବଳ ଆଧ୍ୟାତ୍ମିକତା ଭିତରେ ଲୁଚି ରହିଥାଏ ବୋଲି ମତବ୍ୟକ୍ତ କରିଥିଲେ। ଶ୍ରୀମଦଭଗବତ ଗୀତା ଏବଂ ଉପନିଷଦର ଜ୍ଞାନକୁ ପାଥେୟ କରି, ସ୍ୱାମୀଜୀ ସମବେତ କାର୍ମିକଙ୍କୁ ଜୀବନର ଅନ୍ତର୍ନିହିତ କ୍ଷଣ ଭଙ୍ଗୁରତାକୁ ଚିହ୍ନିବା ଏବଂ ଅତ୍ୟଧିକ ଆସକ୍ତି ଠାରୁ ଦୂରରେ ରହିବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଖଣି ଉନ୍ନୟନ ସିଏମ୍‌ଏଲ୍‌ଓ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିକେ ଗିରି, କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲାଇ, ଖଣି ଓ ଜିଓଏମ, ସିଏମଏଲ ଓ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏମ୍‌ପି ସିଂହଙ୍କ ସମେତ ଇସ୍ପାତ କାରଖାନାର ବହୁ ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀ ଯୋଗ ଦେଇଥିଲେ। ଏହି ଅବସରରେ ବିକେ ଗିରି ଆଧ୍ୟାତ୍ମିକତାର ପଥ ଅନୁସରଣ କରି ଭାରତ ଆଜି ବିଶ୍ୱ ଗୁରୁ ହେବାକୁ ଯାଉଛି ବୋଲି କହିବା ସହ ଅଂଶଗ୍ରହଣକାରୀଙ୍କୁ ସ୍ୱାମୀ ନିର୍ଲିପ୍ତାନନ୍ଦ ସରସ୍ୱତୀ ମହାରାଜଙ୍କ ଜ୍ଞାନର ବାଣୀକୁ ଅନୁସରଣ କରି ଅଧିକ ଅର୍ଥପୂର୍ଣ୍ଣ ଜୀବନଯାପନ କରିବାକୁ ପରାମର୍ଶ ଦେଇଥିଲେ। ଶ୍ରୀ ଗିରି ଓ ଏମ୍‌ପି ସିଂହ ସ୍ୱାମୀଜୀଙ୍କୁ ଉତ୍ତରୀୟ ଏବଂ ପୁଷ୍ପମାଲ୍ୟ ପ୍ରଦାନ କରି ସମ୍ମାନିତ କରିଥିଲେ। ପ୍ରାରମ୍ଭରେ ଜ୍ଞାନାର୍ଜନ ଓ ବିକାଶ ବିଭାଗର ସିଜିଏମ୍ ପିକେ ସାହୁ, ସମାବେଶକୁ ସ୍ୱାଗତ କରିଥିବା ବେଳେ ଲୋକ ସମ୍ପର୍କ ବିଭାଗର ମହାପ୍ରବନ୍ଧକ ତଥା ସଂଚାର ମୁଖ୍ୟ ଅର୍ଚ୍ଚନା ଶତପଥୀ ସ୍ୱାମୀଜୀଙ୍କ ପରିଚୟ ପ୍ରଦାନ କରାଇଥିଲେ। ଏଲଏଣ୍ଡଡି ବିଭାଗର ସିନିୟର ମ୍ୟାନେଜର ଏଲ୍ ମାରାଣ୍ଡି ସଂଯୋଜନା କରିଥିଲେ।

**ଇସ୍ପାତ ନାଟ୍ୟ ମହୋତ୍ସବର ନବମ ସନ୍ଧ୍ୟା**

# ଶାସ୍ତ୍ରୀୟ ସଂଗୀତର ମହତ୍ତ୍ୱ କହିଲା 'ବ୍ରହ୍ମନାଦ'

ରାଉରକେଲା,୧୦।୧୨(ସମିସ)



ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡିଶା ସରକାରଙ୍କ ପୃଷ୍ଠପୋଷକତା ଏବଂ ଆରଏସପି ଆନୁକୂଲ୍ୟରେ 'ଏକତ୍ର' ରାଉରକେଲା ଦ୍ୱାରା ଆୟୋଜିତ ତୃତୀୟ ଇସ୍ପାତ ନାଟ୍ୟ ମହୋତ୍ସବର ନବମ ସନ୍ଧ୍ୟାରେ ସ୍ଥାନୀୟ ସିଭିକ୍ ସେଣ୍ଟରଠାରେ ନାଟ୍ୟାନୁଷ୍ଠାନ ପ୍ରତିବିମ୍ବ ତରଫରୁ ମଞ୍ଚସ୍ଥ ନାଟକ'ବ୍ରହ୍ମନାଦ'ରେ ଶାସ୍ତ୍ରୀୟ ସଂଗୀତର ମହତ୍ତ୍ୱ ପ୍ରତିଫଳିତ ହୋଇଥିଲା। ଆଲୋକ ମହାପାତ୍ରଙ୍କ ପରିବାରର କାହାଣୀକୁ ନେଇ ନାଟକ ଗତିଶୀଳ ହୋଇଥିଲା। ଆଲୋକ ବ୍ଲଡ଼ କ୍ୟାନସର ରୋଗରେ ପୀଡ଼ିତ। ସେ ଜାଣନ୍ତି ତାଙ୍କ ଜୀବନର ଆୟୁ କେବଳ ଚାରିମାସ। ତଥାପି ସେ ନିର୍ଭୀକ। ମୃତ୍ୟୁର ଭୟ ତାଙ୍କୁ ଟିକେ ବି ସ୍ପର୍ଶ କରିନି। ପତ୍ନୀ ଆଶା କିନ୍ତୁ ଭୟଭୀତ। ଏମିତି ଏକ ଘଡିସନ୍ଧି ମୁହୂର୍ତ୍ତରେ ଆଲୋକ ଏବଂ ଆଶାର ଜୀବନରେ ଆସନ୍ତି ଜଣେ ମ୍ୟୁଜିକ୍ ଥେରାପିଷ୍ଟ ଅବିନାଶ ଚୌଧୁରୀ । ଆଲୋକ ବାବୁଙ୍କ ବାଲ୍ୟ ବନ୍ଧୁ ଅଭିଳାଷର ପରିଚୟରେ ସେ ଘରେ ରହି ଆଲୋକ ବାବୁଙ୍କୁ ଆମ ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତ ଏବଂ ଓଡ଼ିଶୀ ଶାସ୍ତ୍ରୀୟ ସଙ୍ଗୀତ ଗାୟନ କରି ନୂଆ ଜୀବନ ଦେଇଛନ୍ତି। ସଂଗୀତ ଥେରାପି ମାଧ୍ୟମରେ ଆଲୋକବାବୁ ନିଶ୍ଚିତ ମୃତ୍ୟୁ ମୁହଁରୁ ନୂଆ ଜୀବନ ଫେରିଯାଇଛନ୍ତି। ଯେଉଁଠି ମେଡିକାଲ ବିଜ୍ଞାନ କିଛି କରିପାରିନି, ସେଇଠି ସଂଗୀତ ଥେରାପି ହିଁ ସଫଳତାର ନୂଆ ଦିଗନ୍ତ ପାଲଟିଛି। ଏମିକି ଏକ ନିଆରା କାହାଣୀକୁ ନେଇ ଗତିଶୀଳ ହୋଇଥିଲା ନାଟକ ଆମ ଶାସ୍ତ୍ରୀୟ ସଙ୍ଗୀତର ମୂଳମନ୍ତ୍ର 'ବ୍ରହ୍ମନାଦ'। ନାଟ୍ୟକାର ପ୍ରଭାକର ପାତ୍ରଙ୍କ ରଚିତ ସାଗର ମୁଣ୍ଡାଙ୍କ ନିର୍ଦ୍ଦେଶିତ ଏହି ନାଟକରେ ସଂଗୀତ ନିର୍ଦ୍ଦେଶନା ଦେଇଥିଲେ ଅମୂଲ୍ୟ କୁମାର ବିଷୋୟୀ, ପ୍ରଫୁଲ୍ଲ କୁମାର ମଙ୍ଗଳ, ରବି ଚନ୍ଦ୍ର ପୁରୋହିତ କଣ୍ଠଦାନ କରିଥିବା ବେଳେ ଅଭିନୟରେ ପ୍ରଣବ କୁମାର ପାଣିଗ୍ରାହୀ, ଲକ୍ଷ୍ମୀ ନାରାୟଣ ତ୍ରିପାଠୀ, ସୁଶାନ୍ତ କୁମାର ମହାନ୍ତି, ଅଶୋକ କୁମାର ରାଉତ, ଚିନ୍ମୟ କୁମାର ବେହେରା ଏବଂ ସରୋଜିନୀ ସ୍ୱାଇଁ ପ୍ରମୁଖ ଚମତ୍କାର ଅଭିନୟ କରିଥିଲେ।

# ଗୋରୁ, ମଇଁଷିଙ୍କ କବ୍‌ଜାରେ ସ୍ମାର୍ଟସିଟି ରାସ୍ତା

ରାଉରକେଲା,୧୦।୧୨(ସମିସ): ସ୍ମାର୍ଟ ସିଟି ମାନ୍ୟତା ପାଇଥିବା ରାଉରକେଲା ଏବେ ବୁଲା ଗୋରୁ, ମଇଁଷି, ଷଣ୍ଢଙ୍କ କବ୍‌ଜାରେ ରହିଥିବା ଦେଖିବାକୁ ମିଳିଛି। ସହରର ରାସ୍ତା ଘାଟରେ ଗୋରୁଙ୍କ ପ୍ରାଦୁର୍ଭାବ କେବଳ ଦିନରେ ନୁହେଁ ବରଂ ରାତିରେ ମଧ୍ୟ ବୃଦ୍ଧି ପାଉଛି। ଏଭଳି ଦୃଶ୍ୟ ବାସନ୍ତୀ କଲୋନୀ ସ୍ଥିତ ମଙ୍ଗଳା ମନ୍ଦିର ନିକଟ ରାସ୍ତାରେ ଦେଖିବାକୁ ମିଳିଛି। ଯାହା ଲୋକଙ୍କ ଯାତାୟାତରେ ଅନେକ ସମସ୍ୟା ସୃଷ୍ଟି କରିଥିଲା। ସେହିପରି ରେଳ ଷ୍ଟେସନର ପ୍ଲାଟଫର୍ମ ନମ୍ବର ୧ରେ ଷଣ୍ଢ ଉତ୍ପାତ ଯୋଗୁଁ ଯାତ୍ରୀମାନଙ୍କ ମଧ୍ୟରେ



ଆତଙ୍କ ସୃଷ୍ଟି ହୋଇଥିଲା। ପ୍ଲାଟଫର୍ମ ଭଳି ଏକ ସମ୍ବେଦନଶୀଳ ସ୍ଥାନରେ ଏହି ଘଟଣା ନାନାଦି ପ୍ରଶ୍ନ ଉଠାଇଛି। ସହରବାସୀ କହିଛନ୍ତି, ବାରମ୍ବାର ଅଭିଯୋଗ ସତ୍ତ୍ୱେ ରାଉରକେଲା ମହାନଗର ନିଗମର ସମ୍ପୃକ୍ତ ବିଭାଗ ସମ୍ପୂର୍ଣ୍ଣ ଅସହାୟ ମନେ ହୁଏ। ବୁଲୁଥିବା ଗୋରୁଙ୍କୁ ନିୟନ୍ତ୍ରଣ କରିବା ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ଯାହା ସହରରେ ଦୁର୍ଘଟଣାର ଆଶଙ୍କା ବୃଦ୍ଧି କରୁଛି। ସ୍ମାର୍ଟ ସିଟି ରାଉରକେଲାର ରାସ୍ତା ଏବଂ ସାର୍ବଜନୀନ ସ୍ଥାନ ଗୁଡ଼ିକରେ ସୁରକ୍ଷାର କୌଣସି ନିଶ୍ଚିତତା ନଥିବା ବେଳେ ବିକାଶର ଦାବି କେତେ ଗୁରୁତ୍ୱ ବୋଲି ପ୍ରଶ୍ନ ଉଠିଛି। ସହରର ରାସ୍ତା ଏବଂ ସାର୍ବଜନୀନ ସ୍ଥାନ ଗୁଡ଼ିକରେ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ନିଗମ ଯଥାଶୀଘ୍ର ପଦକ୍ଷେପ ନେବାକୁ ଦାବି ହୋଇଛି।

## ସ୍ୱାସ୍ଥ୍ୟସେବାର ବିକଳ ଚିତ୍ର

# ରୋଗୀଙ୍କୁ ନ ଦେଇ ରାସ୍ତାକଡ଼ରେ ଫିଙ୍ଗିଦେଲେ ସରକାରୀ ଔଷଧ

ବାହାନଗା,୧୦।୧୨ (ରୁଚିକ ରଞ୍ଜନ ମହାପାତ୍ର)

ବାଲେଶ୍ୱର ଜିଲ୍ଲାରେ ସ୍ୱାସ୍ଥ୍ୟ ସେବାର ବିକଳ ଚିତ୍ର ପଦାରେ ପଡିଛି। ଅବଧି ରହିଥିବା ସରକାରୀ ମାଗଣା ଔଷଧ ରୋଗୀଙ୍କୁ ଦେବା ପରିବର୍ତ୍ତେ ରାସ୍ତା ପାଶ୍ୱର୍ ଅଳିଆ ଗଦାରେ ଫିଙ୍ଗି ଦିଆଯାଇଛି। ସେପଟେ ନିରାମୟ ଯୋଜନାର ଶୁଭାରମ୍ଭ ହୋଇଥିଲା। ଯେଉଁ ଯୋଜନାରେ ମେଡିକାଲରେ ୨୭୨ ପ୍ରକାରର ଔଷଧ ରୋଗୀଙ୍କୁ ମାଗଣାରେ ମିଳିପାରୁଥିଲା। ହେଲେ ବର୍ତ୍ତମାନ ସରକାରଙ୍କ ନିରାମୟ ଯୋଜନାରେ ମେଡିକାଲରେ ଅଧିକାଂଶ ଔଷଧ ଉପଲବ୍ଧ ନ ଥିବା ବେଳେ ଗରିବ ରୋଗୀ ଘରୋଇ କମ୍ପାନୀର ଔଷଧ କିଣି ଶୋଷଣର ଶିକାର ଅଧିକାରୀଙ୍କ ପାଇଁ ଅଳିଆ ପାଲଟି ଯାଇଛି। ଜିଲ୍ଲାରେ ଶିଶୁ ମୃତ୍ୟୁହାର ଏବଂ ରକ୍ତହୀନତା ଶିଶୁଙ୍କ ସଂଖ୍ୟା






ସରକାରୀ ମେଡିକାଲରେ ରୋଗୀଙ୍କୁ ସଠିକ ମାଗଣା ଔଷଧ ମିଳୁନଥିବା ବେଳେ ଘଣ୍ଟା ଘଣ୍ଟା ଧାଡିରେ ଛିଡ଼ା ହୋଇ ଶେଷରେ ଔଷଧ ନ ପାଇ ନିରାଶ ହେବା ସହ ବାଧ ହୋଇ ବାହାରୁ ଔଷଧ କିଣିବାକୁ ବାଧ ହେଉଛନ୍ତି। ଯାହାର ଜ୍ୱଳନ୍ତ ଚିତ୍ର ବାଲେଶ୍ୱର ଜିଲ୍ଲା ରେମୁଣା ବ୍ଲକ ଶ୍ରୀଜଙ୍ଗରସାଲପୁର ରାସ୍ତାର ଶ୍ରୀଜଙ୍ଗ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଠାରୁ ମାତ୍ର କିଛି କିମି ଦୂରରେ ଦୁଣ୍ଡରା ରାସ୍ତାପାଶ୍ୱର୍ରେ ଦେଖିବାକୁ ମିଳିଛି। ଅବଧି ସରି ନ ଥିବା ଔଷଧ ମେଡିକାଲରେ ରହିବା ପରିବର୍ତ୍ତେ ରାସ୍ତା ପାଖରେ ଅଳିଆ ଗଦାରେ ପଡିଛି। ଗୋଟିଏ କି ୨ ପ୍ୟାକେଟ ନୁହଁ ଶହ ଶହ ପ୍ୟାକେଟ ସରକାରୀ ଆଇରନ ଓ ଫଲିକ୍ ଏସିଡ୍ ୫୦ ଏମଏଲର ସିରପ ପଡ଼ି ରହିଛି।

୨୦୧୫ ମସିହା ମଇ ୧ ତାରିଖ ଠାରୁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଓଡିଶାରେ ହେଉଛନ୍ତି। କେବଳ ସେତିକି ନୁହଁ ଯେଉଁ ଔଷଧ ଉପଲବ୍ଧ ଅଛି ତାହାକୁ ରୋଗୀଙ୍କୁ ମାଗଣାରେ ଦେବା ପରିବର୍ତ୍ତେ ତାହାକୁ ରାସ୍ତା ଫିଙ୍ଗା ଯିବା ସ୍ୱାସ୍ଥ୍ୟ ବିଭାଗର ଅବହେଳାର ବାସ୍ତବ ଚିତ୍ରକୁ ପଦାରେ ପକାଇଛି। ଶ୍ରୀଜଙ୍ଗ-ରସାଲପୁର ରାସ୍ତାର ଶ୍ରୀଜଙ୍ଗ କଣ୍ଟିଆଚିରା ନାଳର ଅନତି ଦୂରରେ ରାସ୍ତା କଡ଼ରେ ସରକାରୀ ଆଇରନ ଓ ଫଲିକ୍ ଏସିଡ୍ ୫୦ ଏମଏଲର ସିରପ୍ ବହୁଳ ମାତ୍ରାରେ ଫିଙ୍ଗା ଯାଇଛି। ଓଡିଶା ସରକାରଙ୍କ ଯୋଗାଣ, ବିକ୍ରୟ ପାଇଁ ନୁହଁ ବୋଲି ଲେଖା ଥିବା ବେଳେ ସେହି ଔଷଧର ପ୍ରସ୍ତୁତି ତାରିଖ ୨୦୨୫ ମସିହା ଏପ୍ରିଲ ମାସ ହୋଇଥିବା ବେଳେ ବ୍ୟାଚ ନମ୍ବର ସିଏଚଏସ-୫୦୦୬୫ , ଅବଧି ତାରିଖ ସେପ୍ଟେମ୍ବର ୨୦୨୬ ମଧ୍ୟ ଲେଖା ରହିଛି। ଅର୍ଥାତ ଚଳିତ ବର୍ଷ ଔଷଧ ପ୍ରସ୍ତୁତ ହୋଇଥିବା ବେଳେ ଅବଧି ସରିବାକୁ ଆହୁରି ୯ ମାସରୁ ଅଧିକ ସମୟ ବାକି ଥିଲେ ହେଁ ତାହା ବିଭାଗୀୟ ଅଧିକାରୀଙ୍କ ପାଇଁ ଅଳିଆ ପାଲଟି ଯାଇଛି।

ଜିଲ୍ଲାରେ ଶିଶୁ ମୃତ୍ୟୁହାର ଏବଂ ରକ୍ତହୀନତା ଶିଶୁଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ବେଳେ ଶିଶୁଙ୍କ ପାଇଁ ଆସୁଥିବା ଔଷଧ ଶିଶୁଙ୍କୁ ଦିଆଯିବା ପରିବର୍ତ୍ତେ ଆଳିଆ ଗଦାରେ ଫିଙ୍ଗାଯିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସରକାରୀ ମେଡିକାଲରେ ଚିକିତ୍ସିତ ହେଉଥିବା ଗର୍ଭବତୀ ମହିଳା ଓ ଅନେକ ରୋଗୀ ଔଷଧ ନ ପାଇ ହନ୍ତସନ୍ତ ହେଉଥିବା ସ୍ଥିତିରେ ଏପରି ଘଟଣା ସ୍ୱାସ୍ଥ୍ୟ ବ୍ୟବସ୍ଥା ଉପରେ ପ୍ରଶ୍ନଚିହ୍ନ ସୃଷ୍ଟି କରିଛି। ତୁରନ୍ତ ଘଟଣାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାବି ହେଉଛି।

### ମତାମତ

- ଏକ୍ସପାଏରି ପୂର୍ବରୁ ସରକାରୀ ଡାକ୍ତରଖାନାରେ ଉପଲବ୍ଧ ଔଷଧ ବାହାରେ ଫିଙ୍ଗିଦେଇ ନଷ୍ଟ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଘଟଣା। ଗରିବ ରୋଗୀ ମାନଙ୍କ ପାଇଁ ସରକାର ମାଗଣା ଔଷଧ ଦେଉଥିବା ବେଳେ ଘରୋଇ ଔଷଧ ଦୋକାନୀମାନଙ୍କୁ ପ୍ରୋତ୍ସାହନ ଦେବା ପାଇଁ ଏହା ହେଉଛି ଡାକ୍ତରଖାନାର କର୍ମଚାରୀମାନଙ୍କ ହୀନ ଚକ୍ରାନ୍ତ। ଏହାକୁ ଘୋର ନିନ୍ଦା କରିବା ସହ ଘଟଣାର ନିରପେକ୍ଷ ତଦନ୍ତ କରାଯାଇ ସମ୍ପୃକ୍ତ ଦୋଷୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରୁଛି।
  **ଅନିରୁଦ୍ଧ ଦାସ, ସମାଜସେବୀ**
- ସରକାରଙ୍କ ଯୋଜନା ସଂପୂର୍ଣ୍ଣ ଫେଲ ମାରିଛି। ପୂର୍ବ ସରକାରରେ ଥିବା ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟ ସେବାରେ ସାଲିସ କରିନଥିଲେ। ନିରାମୟ ଯୋଜନାରେ କେଉଁ କେଉଁ ଔଷଧ ଅଛି ଏବଂ ମେଡିକାଲରେ କେଉଁ ଔଷଧ ଉପଲବ୍ଧ ନାହିଁ ବୋର୍ଡ ଲଗାଯାଇଥିଲା। ଉପରିସ୍ଥ ଅଧିକାରୀ ଏବଂ ଜନ ପ୍ରତିନିଧିମାନେ ନିୟମିତ ତଦାରଖ କରୁଥିଲେ। ଯାହାଦ୍ୱାରା ରୋଗୀଙ୍କୁ ଉତ୍ତମ ସେବା ମିଳିପାରୁଥିଲା। ହେଲେ, ବର୍ତ୍ତମାନର ସରକାର ସମୟରେ ନିରାମୟ ଯୋଜନାରେ କେଉଁ ଔଷଧ ମେଡିକାଲରେ ଉପଲବ୍ଧ ଅଛି କିମ୍ବା ନାହିଁ, ତାହା ସ୍ପଷ୍ଟ ଭାବେ ଲେଖାଯାଉନାହିଁ। ଉପରିସ୍ଥ ଅଧିକାରୀ କିମ୍ବା ସରକାରଙ୍କ ତାଗିଦ ରହୁନଥିବାରୁ ରୋଗୀଙ୍କୁ ଔଷଧ ନଦେଇ ଫିଙ୍ଗି ଦେବାକୁ ସ୍ୱାସ୍ଥ୍ୟ ସେବାରେ ନିୟୋଜିତ ଅଧିକାରୀ ଏବଂ କର୍ମଚାରୀ ମାନେ ସାହସ କରୁଛନ୍ତି। ଏହାର ସଠିକ ତଦନ୍ତ କରାଯାଇ ରୋଗୀଙ୍କୁ ଔଷଧ ନଦେଇ ବାହାରେ ଫିଙ୍ଗି ଥିବା ଅଧିକାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଦରକାର।
  **ସୁଧାଂଶୁ ଶେଖର ପରିଡ଼ା, ପୂର୍ବତନ ବିଧାୟକ, ରେମୁଣା**
- ଲୋକେ ଔଷଧ ପାଉନାହାନ୍ତି, ସରକାରୀ ଔଷଧ ଲୋକଙ୍କୁ ନଦିଆଯାଇ ଫିଙ୍ଗା ଯିବା ଠିକ ନୁହଁ। ମୁଁ ଏ ବାବଦରେ ମନ୍ତ୍ରୀଙ୍କୁ ଅବଗତ କରିବା ସହ ଏଥିରେ ଯିଏ ବି ସମ୍ପୃକ୍ତ ସେ ସ୍ଥାନୀୟ ଅଧିକାରୀ ହୁଅନ୍ତୁ କିମ୍ବା ଜିଲ୍ଲା ସ୍ତରର ମେଡିକାଲ କର୍ତ୍ତୃପକ୍ଷ ହୁଅନ୍ତୁ , ତଦନ୍ତ କରାଯାଇ ସମ୍ପୃକ୍ତ ଥିବା ବ୍ୟକ୍ତଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।
  **ଗୋବିନ୍ଦ ଚନ୍ଦ୍ର ଦାସ, ସରକାରୀ ଦଳ ଉପମୁଖ୍ୟ ସଚେତକ**
- ଏଭଳି ଘଟଣା କେଉଁ ସ୍ଥାନରେ ଘଟିଛି, ମୋ ନଜରକୁ ଆସିନାହିଁ। ଏ ଦିଗରେ ମୁଁ ଦୃଷ୍ଟି ଦେବା ସହ ଯଦି, ସେଭଳି ଘଟିଥାଏ ତେବେ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରାଯିବ।
  **ଡା. ପ୍ରଭାତ ବେହେରା, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ, ବାଲେଶ୍ୱର**

## କଲେଜ ଅଧ୍ୟକ୍ଷଙ୍କ ନାମରେ ଫେକ୍ ଆକାଉଣ୍ଟ

**● ଫର୍ମ ପୂରଣ ଶେଷ ତାରିଖ କହି ଛାତ୍ରଙ୍କୁ ମାଗୁଛି ଟଙ୍କା**

ବାଲେଶ୍ୱର,୧୦।୧୨(ସମିସ): ଶେଷରେ ସ୍କାମରମାନେ ଫକୀରମୋହନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷଙ୍କୁ ବି ଛାଡିଲେ ନାହିଁ। ତାଙ୍କ ନାମରେ ଏକ ଫେକ ଆକାଉଣ୍ଟ ଖୋଲି ଫର୍ମ ପୂରଣ କରିବା ନାମରେ ଛାତ୍ରଛାତ୍ରୀଙ୍କୁ ଟଙ୍କା ମଗାଯାଉଛି। ଫକୀରମୋହନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ପ୍ରଦୀପ କୁମାର ରଣାଙ୍କ ନାମରେ ସ୍କାମରମାନେ ଏକ ଫେକ୍ ଆକାଉଣ୍ଟ ଖୋଲିଛନ୍ତି। ଏହାଦ୍ୱାରା ସ୍କାମରମାନେ କଲେଜର ଯୁକ୍ତ ଦୁଇ ବିଜ୍ଞାନ ଛାତ୍ରୀଙ୍କୁ ଫୋନ କରି ୩୨ଶହ ଟଙ୍କା ମାଗୁଛନ୍ତି। ଏହି କଲ୍‌ରେ ସେମାନେ ଛାତ୍ରୀମାନଙ୍କୁ କହୁଛନ୍ତି ଯେ, ଆଜି ଫର୍ମ ପୂଣଣ କରିବାର ହେଉଛି ଶେଷ ତାରିଖ, ଏଣୁ ଫର୍ମ ପୂରଣ ପାଇଁ ଶିଘ୍ର ଟଙ୍କା ପଠାଅ। ଏପରିକି ଯେଉଁ ସ୍କାମର ଫୋନ କରିଥିଲା ସେ ନିଜକୁ ଫକୀରମୋହନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ପ୍ରଦୀପ ରଣା ବୋଲି କହୁଛି। ଏ ନେଇ କଲେଜ ପକ୍ଷରୁ ଏହାକୁ ସମ୍ପୂର୍ଣ୍ଣ ଭାବେ ମିଥ୍ୟା ବୋଲି କୁହାଯିବା ସହ ଛାତ୍ରଛାତ୍ରୀ ଏଥିରେ ଭୟଭୀତ ନ ହେବା ପାଇଁ କୁହାଯାଇଛି।

## ଫକୀରମୋହନ ବିଶ୍ୱବିଦ୍ୟାଳୟରେ ମାନବାଧିକାର ଦିବସ




ବାଲେଶ୍ୱର,୧୦।୧୨(ସମିସ): ଫକୀରମୋହନ ବିଶ୍ୱବିଦ୍ୟାଳୟର ସମାଜ ବିଜ୍ଞାନ ବିଭାଗର ଉଦ୍ୟମରେ ମାନବାଧିକାର ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମ ଆରମ୍ଭରେ ସମାଜ ବିଜ୍ଞାନ ବିଭାଗର ଅଧ୍ୟକ୍ଷ ପ୍ରଫେସର ପବିତ୍ରମୋହନ ନାୟକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ସ୍ୱାଗତ ଅଭିଭାଷଣ ରଖିଥିଲେ। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ସଭାପତିତ୍ୱ କରି ଆତ୍ମସମ୍ମାନ ଓ ଆତ୍ମବିଶ୍ୱାସ ହେଉଛି ସୁସ୍ଥ ମାନବାଧିକାର ଅଭ୍ୟାସର ଭିତ୍ତିସ୍ତମ୍ଭ। ସମତାମୂଳକ ଚିନ୍ତାଧାରା ଥିବା ସମାଜ ମାନବାଧିକାରକୁ ସ୍ଥାପିତ କରିବା ଓ ସୁରକ୍ଷା କରିବାର ପ୍ରକୃତ ପ୍ରେରଣାଶକ୍ତି ବୋଲି କହିଥିଲେ। ମୁଖ୍ୟଅତିଥି ନୀତି ଆୟୋଗ ଓ ପୂର୍ବତନ ରାଜ୍ୟ ସୂଚନା ଆୟୁକ୍ତ ଜଗଦାନନ୍ଦ ଯୋଗଦେଇ ଫକୀରମୋହନ ସେନାପତିଙ୍କ ସାହିତ୍ୟରେ ଉଲ୍ଲେଖ ମାନବାଧିକାର ଉଲ୍ଲଂଘନର ବିରୋଧରେ ଚାଲିଥିବା ଐତିହାସିକ ସଂଘର୍ଷକୁ ସଂଯୋଗ କରିବା ସହ ସାହିତ୍ୟ ସଦା ସମାଜ ସୁଧାର ଓ ନ୍ୟାୟର ସ୍ୱର ହୋଇ ଆସିଛି ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଓଡିଶା ହାଇକୋର୍ଟର ଜ୍ୟେଷ୍ଠ ଅଧିବକ୍ତା ପ୍ରଭୁ ପ୍ରସନ୍ନ ବେହେରା ଯୋଗଦେଇ ମାନବାଧିକାରକୁ ଏକାଧିକ ମାନଦଣ୍ଡରୁ ଅବଗତ କରାଇ ବିବିଧ ଚର୍ଚ୍ଚା କରିଥିଲେ। କାର୍ଯ୍ୟକ୍ରମର ଶେଷ ଅଂଶରେ ସମାଜ ବିଜ୍ଞାନ ବିଭାଗର ଛାତ୍ରଛାତ୍ରୀ 'ଲାଇଟ୍ସ ଅଫ୍ ହ୍ୟୁମାନିଟି' ନାମକ ଏକ ସଚେତନତାମୂଳକ ନାଟକ ପ୍ରସ୍ତୁତ କରିଥିଲେ। କାର୍ଯ୍ୟକ୍ରମର ସଂଚାଳକ ଭାବେ ସହାୟକ ଅଧ୍ୟାପକ ଶଶାଙ୍କ ସେଖର ଗଡନାୟକ ଦାୟିତ୍ୱ ନିର୍ବାହ କରିଥିଲେ। ସହାୟକ ଅଧ୍ୟାପିକା ପ୍ରିୟମ୍ବଦା ପଲେଇ ଧନ୍ୟବାଦ ଦେଇଥିଲେ।

## ଆମ୍ବେଦକରଙ୍କ ମହାପରିନିର୍ବାଣ ଦିବସ

ବାଲେଶ୍ୱର,୧୦।୧୨(ସମିସ): ସିପିଆଇ ପକ୍ଷରୁ ସମ୍ବିଧାନ ପ୍ରଣେତା ବାବାସାହେବ ଡ. ବି ଆର ଆମ୍ବେଦକରଙ୍କ ୬୯ତମ ମହାପରିନିର୍ବାଣ ଦିବସ 'ଆମେ କେତେଜଣ' ସଙ୍ଗଠନର ସଭାପତି ସାଥୀ ଯତୀନ ପାତ୍ରଙ୍କ ବାସଗୃହଠାରେ ପାଳିତ ହୋଇଯାଇଛି। ମୁଖ୍ୟବକ୍ତା ଭାବେ ସିପିଆଇର ଜିଲ୍ଲା ସମ୍ପାଦକ ବିଶିଷ୍ଟ କମ୍ୟୁନିଷ୍ଟ ଚିନ୍ତାନାୟକ ସାଥୀ ଭାଗବତ ପ୍ରତିହାରୀ ନିଜ ବକ୍ତବ୍ୟରେ କହିଥିଲେ ଡ. ଆମ୍ବେଦକରଙ୍କ ଲଢ଼େଇ ଦଳିତ, ନିଷ୍ପେସିତ, ଅବହେଳିତ, ନିର୍ଯ୍ୟାତିତ, ଅପମାନିତ ଓ ଖଟିଖିଆ ମେହେନତୀ ଲୋକଙ୍କ ଉନ୍ନତି ପାଇଁ ଥିଲା। ସମଗ୍ର ଦେଶରେ କିପରି ସାମାଜିକ ନ୍ୟାୟ ପ୍ରତିଷ୍ଠା ହେବ ସେଥିପାଇଁ ସମ୍ବିଧାନରେ ଆଇନ କରିଦେଇ ଯାଇଛନ୍ତି। ଦୈନିକ କାର୍ଯ୍ୟଦିବସ ୮ଘଂଟାରୁ୧୦ଘଂଟାକୁ ବୃଦ୍ଧି କରିଥିବା ବର୍ତ୍ତମାନର ସରକାରକୁ ସେ ଦୃଢ଼ ବିରୋଧ କରିଥିଲେ। ଏହି ଅବସରରେ ଉତ୍କଳ ମହିଳା ସମିତିର ଜିଲ୍ଲା ସଭାନେତ୍ରୀ ବନ୍ଦନା ବିଶ୍ୱାସ, ଯତୀନ ପାତ୍ର, ମକର ମାଝୀ, ମାନସ ବିନ୍ଧାଣୀ, ଅନ୍ତର୍ଯ୍ୟାମୀ ଭାଇ, କୌଶଲ୍ୟା ପାତ୍ର, ରବୀନ୍ଦ୍ର ତରେଇ, କୁନୁ ବେହେରା, କୃଷ୍ଣା ବିନ୍ଧାଣୀ, ମାନସୀ ନାୟକ, ସୁଲୋଚନା ପାତ୍ର, ରମେଶ ବେହେରା, ଶେଖ ଗୁଲାମ ଜାବିଦ, ଟିକିନ ଦତ୍ତ, ବନମାଳୀ ମାଝୀ, ଶିବଶଙ୍କର ବାଜକ, ଆଲୋକ ଦାସ, ଗୋବିନ୍ଦ ମାଝୀ, ସଞ୍ଜୁଲତା ଖଟୁଆ ଓ ଜୟନ୍ତ ମଣ୍ଡଳ ପ୍ରମୁଖ ଉପସ୍ଥିତ ଥିଲେ। ଜୟନ୍ତୀ ନାୟକ ଧନ୍ୟବାଦ ଦେଇଥିଲେ।

## ଜିଲ୍ଲା ଇ-ରିକ୍ସା ଚାଳକ ସଂଘର ଦାବିପତ୍ର




ବାଲେଶ୍ୱର,୧୦।୧୨(ସମିସ): ଭାରତୀୟ ମଜଦୁର ସଂଘ ସହ ସଂଲଗ୍ନ ବାଲେଶ୍ୱର ଇ-ରିକ୍ସା ଚାଳକ ସଂଘ ପକ୍ଷରୁ ବିଭିନ୍ନ ଦାବି ନେଇ ସଭାପତି ପୃଥ୍ୱୀରାଜ ପଣ୍ଡାଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ମାଧ୍ୟମରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଇ-ରିକ୍ସା ଚାଳକମାନଙ୍କୁ ବାଲେଶ୍ୱର ସହରର ବିଭିନ୍ନ ସ୍ଥାନରେ ଇ ରିକ୍ସା ଷ୍ଟାଣ୍ଡ ଯୋଗାଇ ଦେବା,ସରକାରୀ ବୀମାରେ ଅର୍ନ୍ତଭୁକ୍ତ କରାଯିବା, ରିକ୍ସା କିଣାରେ ରହିତା ପ୍ରଦାନ କରାଯିବା, ସମସ୍ତଙ୍କୁ ସରକାରଙ୍କ ପରିଚୟ ପତ୍ର ଦେବା ତଥା ସାମାଜିକ ସୁରକ୍ଷା ପ୍ରଦାନ କରିବାକୁ ଦାବି କରାଯାଇଥିଲା। ପ୍ରାରମ୍ଭରେ ସଂଘର ସମ୍ପାଦକ ଶଚିନ୍ଦ୍ର ବେହେରା ନିଜର ମତ ରଖିଥିବା ବେଳେ ସଂଘର କାର୍ଯ୍ୟକାରୀ ସଭାପତି ଅରୂପ କୁମାର ନାୟକ ଇ-ରିକ୍ସା ଚାଳକଙ୍କ କ୍ଷେତ୍ରରେ ସଂଘର ଭୂମିକା ସମ୍ପର୍କରେ ମତ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ କିଶୋର ଜେନା, ସୁରେଶ ଦାସ, କମଳାକାନ୍ତ ଦାସ ପ୍ରମୁଖ ସହଯୋଗ କରିଥିଲେ। ଇ-ରିକ୍ସା ଚାଳକ ସଂଘର ଏକ ପ୍ରତିନିଧି ମଣ୍ଡଳୀ ଜିଲ୍ଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ।

## ଜିଲ୍ଲାପରିଷଦ ସମୀକ୍ଷା ବୈଠକରେ କୃଷିର ଉନ୍ନତି ଉପରେ ଆଲୋଚନା



ବାଲେଶ୍ୱର,୧୦।୧୨(ସମିସ): ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲା ପରିଷଦ ପକ୍ଷରୁ କୃଷି ବିଭାଗ, ଉଦ୍ୟାନ କୃଷି ବିଭାଗ, ମୃତ୍ତିକା ସଂରକ୍ଷଣ, ସମବାୟ, ମତ୍ସ୍ୟ, ପଶୁ ସମ୍ପଦ ଓ କୃଷି ଯାନ୍ତ୍ରୀକ ବିଭାଗକୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଜିଲ୍ଲାପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲ୍ଲାପରିଷଦ ଉପାଧ୍ୟକ୍ଷା ଅନୁସୂୟା ନାୟକ, ଜିଲ୍ଲା କୃଷି ଅଧିକାରୀ ତୁଷାରକାନ୍ତି ତୁଙ୍ଗ, ଉଦ୍ୟାନ କୃଷି ଅଧିକାରୀ ପ୍ରଦୀପ କୁମାର ବଳ, ମୃତ୍ତିକା ସଂରକ୍ଷଣ ଅଧିକାରୀ ଜ୍ଞାନ ରଞ୍ଜନ ଆଚାର୍ଯ୍ୟ, ସମବାୟ ସମିତି ସମୂହ ସରୋଜିନି ନାୟକ, ଜିଲ୍ଲା ମତ୍ସ୍ୟ ଅଧିକାରୀ ରେଶମ ପଟ୍ଟନାୟକ, ପଶୁ ସମ୍ପଦ ଅଧିକାରୀ ରବି ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ବାଲେଶ୍ୱର ହେଉଛି ଏକ କୃଷି ପ୍ରଧାନ ଜିଲ୍ଲା। ଧାନ,ପାନ ଓ ମୀନ ଚାଷ ଉପରେ ଗୁରୁତ୍ୱ ବହନ କରେ। ଏଥିରେ ସଂଶ୍ଳିଷ୍ଟ ଥିବା ଚାଷୀମାନେ କିପରି ଭାବେ ଅଧିକ ଲାଭବାନ୍ୱିତ ହେବେ ସେ ନେଇ ଆଜି ଏହି ସମସ୍ତ ବିଭାଗକୁ ନେଇ ସମୀକ୍ଷା ବୈଠକ କରାଯାଇଥିଲା। ଏହି ବୈଠକରେ ବିଶେଷ କରି ଧାନ ଚାଷ ଉପରେ ଆଲୋଚନା କରାଯାଇଥିବା ବେଳେ ମୃତ୍ତିକା ସଂରକ୍ଷଣ ଦିଗ ଉପରେ ମଧ୍ୟ ଆଲୋଚନା କରାଯାଇଥିଲା। ଜିଲ୍ଲାରେ ଥିବା ପଞ୍ଜିକୃତ ସାର ଦୋକାନ ଛଡା ବହୁ ନକଲି ସାର କାରଖାନା ରହିଛି ତାହା ଉପରେ ମଧ୍ୟ ଆବଶ୍ୟକ ଆଲୋଚନା କରାଯାଇଥିଲା। ସରକାରୀ ସାର ଦୋକାନ ଗୁଡିକରେ ସରକାର ପ୍ରଦାନ କରୁଥିବା ସାର ବ୍ୟତିତ ଅନ୍ୟ ବେସରକାରୀ ସ୍ତରରେ ଥିବା ସାର ଗୁଡିକ ରହୁଛି କି ନାହିଁ ତାହାକୁ ନେଇ ସଦସ୍ୟମାନେ ପ୍ରଶ୍ନ କରିଥିଲେ। ଏହାଛଡା ଚାଷୀମାନଙ୍କୁ କିପରି ଭାବେ ସମୃଦ୍ଧ କରାଯାଇପାରିବ ସେ ଦିଗରେ ଆଲୋଚନା ହେବା ସହ ସେମାନଙ୍କୁ ସବସିଡି କିପରି ପାଇପାରିବେ ସେ ନେଇ ମଧ୍ୟ ଆଲୋଚନା ହୋଇଥିଲା। ବର୍ତମାନ ଧାନ ଅମଳ ସମୟ। ଚାଷୀମାନେ କିପରି ଭାବେ ଧାନ ଅମଳ କରି ତାକୁ ବିକ୍ରୀ କରିବେ ସେ ନେଇ ମଧ୍ୟ ଗୁରୁତ୍ୱାରୋପ କରାଯାଇଥିଲା। ସେହିପରି ସମବାୟ, ପଶୁ ସମ୍ପଦ, ମତ୍ସ୍ୟ ଆଦି ବିଭିନ୍ନ ବିଭାଗର ମଧ୍ୟ ଆଲୋଚନା କରାଯାଇଥିଲା।

## ସୁଲଗ୍ନା ପବ୍ଲିକ ସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ






ବାଲେଶ୍ୱର,୧୦।୧୨(ସମିସ): ସ୍ଥାନୀୟ ପରମିଟ୍ ପଡିଆଠାରେ ବାଲେଶ୍ୱର ସହର ସ୍ଥିତ ସୁଲଗ୍ନା ପବ୍ଲିକ ସ୍କୁଲର ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସୁଲଗ୍ନା ଗ୍ରୁପ୍ଅଫ୍ ଇନଷ୍ଟିଚ୍ୟୁସନ୍ସର ପ୍ରତିଷ୍ଠାତା ଓ ଚେୟାରମ୍ୟାନ ଡ଼ ଘନଶ୍ୟାମ ବିଶ୍ୱାଳ ଏହି ବାର୍ଷିକ କ୍ରୀଡା ଉତ୍ସବ ଉଦଘାଟନ ସମାରୋହରେ ସଭାପତିତ୍ୱ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କ୍ରୀଡା ଉତ୍ସବକୁ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ କବି ପ୍ରଶାନ୍ତ ଦାସ, ଅପରାହ୍ନର ସମ୍ପାଦକ ବଂଶୀଧର ଜେନା, ସୁଲଗ୍ନା ଯୁକ୍ତ ତିନି ବିଜ୍ଞାନ କଲେଜର ପ୍ରିନ୍ସିପାଲ୍ ଡ଼ ଧରଣୀଧର ଘୋଷ, ସୁଲଗ୍ନା ଯୁକ୍ତ ଦୁଇ ବିଜ୍ଞାନ କଲେଜର ପ୍ରିନ୍ସିପାଲ୍ ପ୍ରଫେସର ଚକ୍ରଧର ସାହୁ, ସୁଲଗ୍ନା ପବ୍ଲିକ ସ୍କୁଲର ପ୍ରିନ୍ସିପାଲ୍ ମଧୁସ୍ମିତା ଦାସ , ଶିକ୍ଷାବିତ୍ ଡ଼ ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳ ଓ ଡ. ଶଙ୍କର୍ଷଣ ପଣ୍ଡା ଅତିଥି ଭାବରେ ଯୋଗଦେଇ କ୍ରୀଡା ପ୍ରତିଯୋଗୀ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଅନୁଷ୍ଠିତ କ୍ରୀଡା ପ୍ରତିଯୋଗିତାଗୁଡ଼ିକୁ ସୁଲଗ୍ନା ପବ୍ଲିକ ସ୍କୁଲ ତଥା କଲେଜର ଅଧ୍ୟାପକ, ଅଧ୍ୟାପିକା, ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ପରିଚାଳନା କରିଥିଲେ। ସଞ୍ଜୀବ ମିର୍ଦ୍ଧା, ରମେଶ ଚନ୍ଦ୍ର ବିଶ୍ୱାଳ, ଅଶୋକ ପରିଡ଼ା, ସୌମ୍ୟରଞ୍ଜନ ପାଣିଗ୍ରାହୀ, ଶୁଭେନ୍ଦୁ ଦିଣ୍ଡା, ଭାଗ୍ୟଶ୍ରୀ ତ୍ରିପାଠୀ, ପ୍ରମିଳା ଦାଶ, ଜଗଦୀଶ ସିଂହ, ଅକ୍ଷୟ ସିଂହ, ବସନ୍ତ ବାରିକ, ହେମନ୍ତ ସାହୁ, ଅରୁଣ କୁମାର ରଣା, ଭାଗ୍ୟଶ୍ରୀ ମହାରଣା, ଜ୍ୟୋତିରେଖା ମଣ୍ଡଳ, ରଞ୍ଜିତା ମାଇତି ପ୍ରମୁଖ ସହଯୋଗ କରିଥିଲେ।

## ବିଦ୍ୟାଳୟରୁ ଚୋରି ଅଭିଯୋଗ

ସୋର,୧୦।୧୨(ସମିସ): ସୋର ଥାନା ସରଶଙ୍ଖସ୍ଥିତ ଏକ ସ୍କୁଲରୁ ଲୁହା ପାଇପ ଚୋରି ନେଇ ଥାନାରେ ଅଭିଯୋଗ ହୋଇଛି। ସରଶଙ୍ଖ ପଞ୍ଚାୟତ ବାସୁଦେଇପୁର ଗ୍ରାମରେ ଥିବା ବାସୁଦେଇପୁର ପ୍ରାଇମେରୀ ସ୍କୁଲର ପ୍ରଧାନଶିକ୍ଷକ କରୁଣାକର ନାୟକ ସ୍କୁଲ ପରିସରରେ ଏକ ଘର ନିର୍ମାଣ କରିବାକୁ ସାତ ହଜାର ଟଙ୍କାର ଲୁହା ପାଇପ କିଣି ରଖିଥିଲେ। ପ୍ରତିଦିନ ଭଳି ସ୍କୁଲ ବନ୍ଦ କରି ଗତକାଲି ଘରକୁ ଯାଇଥିବା ବେଳେ ଆଜି ସ୍କୁଲ ଖୋଲିବା ସମୟରେ ଉକ୍ତ ପାଇପ ଗୁଡିକ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଏ ବାବଦରେ ପ୍ରଧାନ ଶିକ୍ଷକ ଶ୍ରୀ ନାୟକ ସୋର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି।

## ଅନୁକମ୍ପାମୂଳକ ରାଶି ପାଇଁ ୪୭ ହଜାର ପଞ୍ଜୀକରଣ

# ୯ ହଜାର ହିତାଧିକାରୀଙ୍କୁ ମିଳିଛି ୩୩ କୋଟି

ବାଲେଶ୍ୱର,୧୦।୧୨(ସମିସ)



**ଅବଶିଷ୍ଟ ଉପଭୋକ୍ତାଙ୍କୁ ମିଳିବ କେବେ?**

ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ହେଉଛି ଶ୍ରମିକମାନଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗ। ଏହି ବିଭାଗରେ ଶ୍ରମିକମାନେ ପଞ୍ଜୀକରଣ କରି ବିଭିନ୍ନ ପ୍ରକାର ଆର୍ଥିକ ସହାୟତା ଲାଭ କରନ୍ତି। ଏଥିପାଇଁ ସକରାର କୋଟି କୋଟି ଟଙ୍କା ମଧ୍ୟ ପ୍ରଦାନ କରନ୍ତି। ବିଶେଷକରି ଏହି ବିଭାଗ ପକ୍ଷରୁ ଉପଭୋକ୍ତାମାନଙ୍କୁ ଶିକ୍ଷା ସହାୟତା ଠାରୁ ଆରମ୍ଭ କରି ବିବାହ ସହାୟତା, ପ୍ରସୂତୀ କାଳୀନ ସହାୟତା, ମୃତ୍ୟୁକାଳୀନ ସହାୟତା, ଅନ୍ତେଷ୍ଟିକ୍ରୀୟା ସହାୟତା ଆଦି ବିଭିନ୍ନ ପ୍ରକାର ସହାୟତା ପ୍ରଦାନ କରାଯାଇଥାଏ। ତେବେ ଜିଲ୍ଲାରେ ମଧ୍ୟ ୧୨ଟି ବ୍ଲକରେ ଏହି ସମସ୍ତ ସହାୟତା ରାଶି ଏହି ବିଭାଗ ମାଧ୍ୟମରେ ପ୍ରଦାନ କରାଯାଇଥାଏ। ଏହି ସବୁ ସହାୟତା ପାଇଁ ଜିଲ୍ଲାରେ ଚଳିତ ଆର୍ଥିକ ବର୍ଷରେ ମୋଟ ୪୭ହଜାରରୁଅଧିକଆବେଦନକାରୀମାନେ ଆବେଦନ କରିଥିବା ବେଳେ ବର୍ତ୍ତମାନ ସୁଦ୍ଧା ୯ ହଜାରରୁ ଅଧିକ ହିତାଧିକାରୀଙ୍କୁ ୩୩ କୋଟିରୁ ଅଧିକ ଟଙ୍କା ପ୍ରଦାନ କରାଯାଇଛି। ହେଲେ ବାକି ହିତାଧିକାରୀଙ୍କୁ କେବେ ଏହି ସହାୟତା ମିଳିବ ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଜିଲ୍ଲା ଶ୍ରମ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁସାରେ, ଜିଲ୍ଲାରେ ୨୦୨୫-୨୬ ଆର୍ଥିକ ବର୍ଷ ଅର୍ଥାତ ଗତ ଏପ୍ରିଲ ମାସ ଠାରୁ ଚଳିତ ମାସ ପର୍ଯ୍ୟନ୍ତ ଶିକ୍ଷା ସହାୟତା, ବିବାହ ସହାୟତା, ପ୍ରସୂତୀ କାଳୀନ ସହାୟତା, ମୃତ୍ୟୁକାଳୀନ ସହାୟତା, ଅନ୍ତେଷ୍ଟିକ୍ରୀୟା ସହାୟତା ଆଦି ପାଇଁ ୪୭ ହଜାର ୩୪୩ ଜଣ ଆବେଦନକାରୀମାନେ ଆବେଦନ କରିଥିଲେ। ସେଥିମଧ୍ୟରୁ ୮୩୧୬ଜଣଙ୍କ ଆବେଦନକାରୀଙ୍କ ବିଭିନ୍ନ କାରଣ ପାଇଁ ନାକଚ ହୋଇଥିବା ବେଳେ ୧୧୨୦ଟିର ତଦନ୍ତ କରାଯାଉଛି। ଏହାଛଡା ୧୭ହଜାର୧୯୪ଟି ଆବେଦନ ପେଣ୍ଡିଂ ରହିଛି। ହେଲେ ହିତାଧିକାରୀମାନେ ଆର୍ଥିକ ପ୍ରୋତ୍ସାହନ ଲୋଭରେ ଭୁଲ ତଥ୍ୟ ଦେଇ ମୃତ୍ୟୁକାଳୀନ ସହାୟତା ହାତେଇବା ପାଇଁ ଚେଷ୍ଟା ମଧ୍ୟ କରିଛନ୍ତି ଯାହା ବିଭାଗ ପାଇଁ ଏକ ଚ୍ୟାଲେଞ୍ଜ ହେଉଛି ତାକୁ ତଦନ୍ତ କରିବା ପାଇଁ। ବିଶେଷ କରି ମୃତ୍ୟୁକାଳୀନ ସହାୟତା ଭାବେ ୩ଲକ୍ଷ ଟଙ୍କା ପ୍ରଦାନ କରାଯାଉଥିବା ବେଳେ ଦୁର୍ଘଟଣା ସହାୟତା ରାଶି ଭାବେ ୬ଲକ୍ଷ ଟଙ୍କା ପ୍ରଦାନ କରାଯାଉଛି। ସେହିପରି ଅନ୍ତେଷ୍ଟିକ୍ରୀୟା ପାଇଁ ୫ହଜାର ଟଙ୍କା ପ୍ରଦାନ କରାଯାଉଥିବା ଶିକ୍ଷା ସହାୟତା ଭାବେ ବାଳିକାଙ୍କ କ୍ଷେତ୍ରରେ ୬ବର୍ଷରୁ ପାଠ ପଢ଼ା ଆରମ୍ଭ କରି ଶେଷ ପର୍ଯ୍ୟନ୍ତ ଏବଂ ବାଳକମାନଙ୍କ କ୍ଷେତ୍ରରେ ୮ବର୍ଷରୁ ଶେଷ ପଢ଼ା ପର୍ଯ୍ୟନ୍ତ ଏହି ସହାୟତା ରାଶି ପ୍ରଦାନ କରାଯାଉଛି। ବିବାହ ସହାୟତା ଭାବେ ୫୦ହଜାର ଟଙ୍କା ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି। ଅନ୍ୟପଟେ ଦେଖିବାକୁ ଗଲେ ଶିକ୍ଷା ସହାୟତାରେ ୫୪୨୩ଜଣଙ୍କୁ ୪କୋଟି ୮୮ଲକ୍ଷ ୯୯ହଜାର ୬ଶହ ଟଙ୍କା ପ୍ରଦାନ କରାଯାଇଥିବା ବେଳେ ବିବାହ ସହାୟତାରେ ୩୬୭୩ଜଣ ହିତାଧିକାରୀଙ୍କୁ ୧୮କୋଟି ୩୪ଲକ୍ଷ ୫୦ହଜାର ଟଙ୍କା ପ୍ରଦାନ କରାଯାଇଥିବା ବେଳେ ପ୍ରସୂତୀ କାଳୀନ ସହାୟତାରେ ୧୨୧ଜଣ ମହିଳାଙ୍କୁ ୧କୋଟି ୨୧ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ସେହିପରି ମୃତ୍ୟୁକାଳୀନ ସହାୟତାରେ ୩୮୩ଜଣ ଉପଭୋକ୍ତାଙ୍କୁ ୧୦କୋଟି ୧୩ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିବା ବେଳେ ଅନ୍ତେଷ୍ଟି କ୍ରିୟା ପାଇଁ ୩୭୪ଜଣ ଉପଭୋକ୍ତାଙ୍କୁ ୧କୋଟି ୮୭ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ତେବେ ମୋଟ ଉପରେ ଉପରେ ୯ହଜାରୀ ୯୭୪ଜଣ ହିତାଧିକାରୀଙ୍କୁ ବର୍ତ୍ତମାନ ସୁଦ୍ଧା ୩୩କୋଟି ୬୭ଲକ୍ଷ୨୯ହଜାର୬ଶହ ଟଙ୍କା ପ୍ରଦାନ କରାଯାଇଛି। ଅବଶିଷ୍ଟ ୧୦ହଜାର୭୩୯ଜଣ ହିତାଧିକାରୀଙ୍କୁ ଏହି ସବୁ ସହାୟତା କେବେ ମିଳିବ। ଏତଦବ୍ୟତିତ ଶିକ୍ଷା ସହାୟତାରେ ପେଣ୍ଡିଂ ପଡିଥିବା ୧୦ହଜାର ୪୮୩ ଜଣ ହିତାଧିକାରୀ, ବିବାହ ସହାୟତାରେ ୪ହଜାର୭୪୦, ପ୍ରସୂତୀକାଳୀନ ସହାୟତାରେ ୧୫୨, ମୃତ୍ୟୁକାଳୀନ ସହାୟତାରେ ୧୦୯୭ ଏବଂ ଅନ୍ତେଷ୍ଟୀ କ୍ରୀୟା ପାଇଁ ହୋଇଥିବା ୭୨୨ଟି ଆବେଦନକୁ ମିଶାଇ ମୋଟ ୧୭ହଜାର୧୯୪ଟି ଆବେଦନ ବର୍ତମାନ ପଡି ରହିଛି ତାହାକୁ କେବେ ସମାଧାନ କରାଯିବ ଏବଂ ହିତାଧିକାରୀମାନେ କିପରି ଭାବେ ଏହି ସବୁ ସହାୟତା ନେଇ ପାରିବେ ତାହା ଏବେ ଚ୍ୟାଲେଞ୍ଜ ହୋଇଛି। ୨୦୨୪-୨୫ମସିହା ଆର୍ଥିକ ବର୍ଷରେ ୪୩ ହଜାର ୫୫୧ଟି ଆବେଦନ ହୋଇଥିବା ବେଳେ ୨୨୫୩ଟି ନାକଚ ହୋଇଥିବା ବେଳେ ୧୦୪୧ଟିର ତଦନ୍ତ ଚାଲିଥିଲା। ତେବେ ସେଇ ଆର୍ଥିକ ବର୍ଷରେ ମୋଟ ୫ ହଜାର ୩୫୨ଜଣ ହିତାଧିକାରୀଙ୍କୁ ୧୯ କୋଟି ୯୩ ଲକ୍ଷ ୫୪ ହଜାର୬ଶହ ଟଙ୍କା ପ୍ରଦାନ କରାଯାଇଥିଲା। ଯାହାକି ଚଳିତ ବର୍ଷ ଏହି ସହାୟତା ରାଶି ବଢ଼ିଛି। ହେଲେ ବିଭାଗ ପକ୍ଷରୁ ପେଣ୍ଡିଂ ରହିଥିବା ଅନ୍ୟ ହିତାଧିକାରୀମାନଙ୍କୁ ଏହିସବୁ ସହାୟତା କେବେ ପ୍ରଦାନ କରିବ ତାହା ଏବେ ବିରାଟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଏ ନେଇ ଜିଲ୍ଲା ଶ୍ରମ ଅଧିକାରୀ ସଞ୍ଜୟ କେଶରୀ ପ୍ରଧାନ କହିଛନ୍ତି ଯେ, ପୂର୍ବ ଆର୍ଥିକ ବର୍ଷ ଅନୁସାରେ ଚଳିତ ଆର୍ଥିକ ବର୍ଷରେ ସହାୟତା ପ୍ରଦାନର ପରିମାଣ ବୃଦ୍ଧି ପାଇଛି। ଏପରିକି ଅନଲାଇନରେ ଆବେଦନ କରୁଥିବା ହିତାଧିକାରୀମାନେ ସହାୟତା ରାଶି ପାଇବା ପାଇଁ ବିଭିନ୍ନ ପ୍ରକାର ଭୁଲ ତଥ୍ୟ ମଧ୍ୟ ପ୍ରଦାନ କରୁଛନ୍ତି। ଯାହାକୁ ଗୋଟି ଗୋଟି କରି ତଦନ୍ତ କରାଯାଉଛି ଯାହାଦ୍ୱାରା ପ୍ରକୃତ ହତାଧିକାରୀମାନେ ସରକାରଙ୍କ ଏହି ସହାୟତାରୁ ବଂଚିତ ନ ରୁହନ୍ତୁ । ଏହାଛଡା ପେଣ୍ଡିଂ ରହିଥିବା ଅବେଦନକୁ ଖୁବ୍‌ଶୀଘ୍ର ତଦନ୍ତ କରାଯିବା ସହ ବାକି ରହିଥିବା ହିତାଧିକାରୀଙ୍କୁ ସହାୟତା ପ୍ରଦାନ କରାଯିବ।

## ବିଧାୟକଙ୍କ ଦରମା ବୃଦ୍ଧିକୁ ନେଇ ପ୍ରତିବାଦ




ବ୍ରହ୍ମପୁର,୧୦।୧୨(ସମିସ): ବିଧାୟକଙ୍କ ଦରମା ବୃଦ୍ଧିକୁ ନେଇ ସିପିଏମ ପକ୍ଷରୁ କମାପଲ୍ଲୀ ଛକରେ ପ୍ରତିବାଦ କରାଯାଇଛି। ବିଧାୟକ ମାନଙ୍କ ଦରମା ୧ ଲକ୍ଷ ୧୧ ହଜାରରୁ ୩ଲକ୍ଷ ୪୫ହଜାରକୁ ବୃଦ୍ଧି କରାଯାଇଛି। ଯାହାକି ସାରା ଦେଶରେ ସର୍ବାଧିକ। ରାଜ୍ୟର ଋଣଭାର ୯୬ହଜାର ୩୧୦କୋଟି ଟଙ୍କା ଥିଲା। ମାର୍ଚ୍ଚ ମାସ ସୁଦ୍ଧା ଋଣ ୧ଲକ୍ଷ ୩୪ହଜାର ୯୧୪ କୋଟିରେ ପହଞ୍ଚିବ ବୋଲି ଆକଳନ କରାଯାଉଛି। ଅନ୍ୟ ଦିଗରେ ରାଜ୍ୟରେ ଖାଇବାକୁ ନପାଇ ଲୋକେ ଆମ୍ବ ଟାକୁଆ ଖାଇ ମରୁଛନ୍ତି। ଆମ୍ବୁଲାନ୍ସ ବଦଳରେ ରୋଗୀ ଦୋଳାରେ ବୁହା ହେଉଛନ୍ତି। ହଜାର ହଜାର ଶିକ୍ଷକ ଓ ଡାକ୍ତର ପଦବୀ ଖାଲି ପଡ଼ିଛି, ନୂଆ ନିଯୁକ୍ତି ନାହିଁ। ହଜାର ହଜାର ବୃଦ୍ଧ ଅସହାୟ ଭତ୍ତା ଅପେକ୍ଷାରେ ରହିଛନ୍ତି।

ଏଭଳି ପରିସ୍ଥିତିରେ ବିଧାୟକମାନେ ନିଜ ଦରମା ୩ଗୁଣ ବୃଦ୍ଧି କରିବା ଏକ ନିନ୍ଦନୀୟ କାର୍ଯ୍ୟ ବୋଲି ସିପିଏମ୍ ପକ୍ଷରୁ ଏଠାରେ କୁହାଯାଇଛି। ତେଣୁ ଅତିଶୀଘ୍ର ଏହି ଦରମା ବୃଦ୍ଧି ପ୍ରତ୍ୟାହାର ପାଇଁ ଦାବି କରାଯାଇଛି। ପ୍ରତିବାଦ ସଭାରେ ସିପିଏମ ଜିଲ୍ଲା ସମ୍ପାଦକ ଯୁଧିଷ୍ଠିର ବେହେରା, ଶିବ ପ୍ରସାଦ ମହାପାତ୍ର, ବାବୁଲା ନାୟକ, ଗୋକୁଳ ତ୍ରିପାଠୀ, ରାଜରାଓ, ଚିଟିବାବୁ, କେଶବ ଗୌଡ଼, ଲୋକନାଥ ଖୁଣ୍ଟିଆ, ମୋହନ ରାଓ, ବାପିନ ନାୟକ ଓ ବିଷ୍ଣୁପ୍ରିୟା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ମହିଳାଙ୍କୁ ଅସଦାଚରଣ ଘଟଣାରେ ଯୁବକ କୋର୍ଟ ଚାଲାଣ

ରଙ୍ଗେଇଲୁଣ୍ଡା,୧୦।୧୨(ସମିସ): ଗୋଳନ୍ଥରା ଥାନା ଅଞ୍ଚଳର ଜଣେ ମହିଳାଙ୍କୁ ଗାଳିଗୁଲଜ ସହ ଟଣାଓଟରା କରି ଅସଦାଚରଣ ଘଟଣାରେ ଆଜି ଗୋଳନ୍ଥରା ପୁଲିସ ଜନୈକ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ଘାଟିକାଲୁ ଅଞ୍ଚଳର ଏମ୍. ରଘୁନାଥ(୩୧)। ଏହି ଥାନା ଅଧିନସ୍ଥ ଏରେଣ୍ଡା ଗ୍ରାମରେ ଅକ୍ଟୋବର ୩୧ ତାରିଖରେ ମହିଳା ଘରେ ଏକୁଟିଆ ଥିବାବେଳେ ରଘୁନାଥ ଘରେ ପଶି କୋ÷ଣସି କାରଣରୁ ଗାଳିଗୁଲଜ ସହ ଅସଦାଚରଣ କରିଥିଲେ। ଏ ନେଇ ମହିଳା ଜଣକ ଗୋଳନ୍ଥରା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ ତଦନ୍ତ ଆରମ୍ଭ କରିଥିଲା। ଘାଟିକାଲୁ ଅଞ୍ଚଳରେ ରଘୁନାଥ ଥିବା ଖବର ପାଇ ପୁଲିସ ଗିରଫ କରିଥିଲା। ପଚରାଉଚରା କରିବା ପରେ ଅପରାହ୍ନରେ କୋର୍ଟ ଚାଲାଣ କରିଛି।

### ଓଡ଼ିଶା-ଆନ୍ଧ୍ର ପ୍ରାନ୍ତ ଇତିହାସର ମୂକସାକ୍ଷୀ ଶ୍ରୀକାକୁଳମର ଲକ୍ଷେଶ୍ୱର ଦେଉଳ

# ଦୁର୍ଲଭ ଓଡ଼ିଆ-ତେଲୁଗୁ ଦ୍ୱିଭାଷୀ ଶିଳାଲେଖର ଆବିଷ୍କାର

ବ୍ରହ୍ମପୁର, ୯।୧୨(ସମିସ)



ଓଡ଼ିଶା-ଆନ୍ଧ୍ର ସୀମାନ୍ତରେ ଦୁର୍ଲଭ ଓଡ଼ିଆ-ତେଲୁଗୁ ଦ୍ୱିଭାଷୀ ଶିଳାଲେଖର ଆବିଷ୍କାର କରାଯାଇଛି। ଯାହା ଗବେଷକମାନଙ୍କୁ ନୂଆ ଐତିହାସିକ ଆଲୋକ ଦେଇଛି। ଠାବ ହୋଇଥିବା ଦୁଇ ଭାଷାର ଶିଳାଲେଖ ପୁରାତନ ଓ ସାମ୍ପ୍ରତିକ ଯୋଗାଯୋଗକୁ ପ୍ରମାଣିତ କରୁଥିବା ଗବେଷକ ମତ ଦେଇଛନ୍ତି। ଶିଳାଲେଖର ଶବ୍ଦ ଓ ଲିପିର ପରିଚୟ ଗବେଷକମାନଙ୍କୁ ଦୁଇ ଅଞ୍ଚଳର ସାହିତ୍ୟ ଓ ସଂସ୍କୃତି, ଆଧାତ୍ମିକତାର ଚିତ୍ର ଦର୍ଶାଇଛି। ଭାଷା ବିଶ୍ଳେଷଣ ପ୍ରାଚୀନ ବାଣିଜ୍ୟ ଓ ସମ୍ପର୍କର ନୂତନ ତଥ୍ୟକୁ ଉନ୍ମୋଚିତ କରିଛି।

ଏହି ଶିଳାଲେଖର ଓଡ଼ିଶା-ଆନ୍ଧ୍ର ସୀମାଞ୍ଚଳର ପ୍ରାଚୀନ ଐତିହ୍ୟକୁ ଅଧିକ ସୁସ୍ପଷ୍ଟ କରିଛି। ଲେଖାର ପ୍ରତ୍ୟେକ ଅକ୍ଷର ପୁରାତନ ଶାସନ, ଧାର୍ମିକ ରିତିନିତି ଓ ଲୋକଜୀବନର ଚିତ୍ର ଏକାଠି କରୁଥିବା ଜଣାପଡ଼ିଛି। ଏହା ଭାଷା ବିଜ୍ଞାନୀ ଓ ପୁରାତତ୍ତ୍ୱବିଦଙ୍କ ପାଇଁ ଗବେଷଣାର ନୂଆ ଦିଗ ଖୋଲିଛି। ଶିଳାଲେଖ ଅଞ୍ଚଳବାସୀଙ୍କ ସାଂସ୍କୃତିକ ଆଦାନ-ପ୍ରଦାନର ଜୀବନ୍ତ ସାକ୍ଷ୍ୟ ବୋଲି ମଧ୍ୟ କୁହାଯାଉଛି। ଏହି ଦୁର୍ଲଭ ଲେଖାର ସଂରକ୍ଷଣ ଭବିଷ୍ୟତ ପିଢ଼ିଙ୍କୁ ଐତିହ୍ୟ ସହ ଯୋଡ଼ି ରଖିବାରେ ସହାୟକ ହେବ।

ସୂଚନାପ୍ରକାରେ, ପ୍ରାଚୀନ ଗଞ୍ଜାମ ତଥା ବର୍ତ୍ତମାନ ଆନ୍ଧ୍ରପ୍ରଦେଶ ଶ୍ରୀକାକୁଳମ ଜିଲ୍ଲାରେ ଏକ ଗୁରତ୍ୱପୂର୍ଣ୍ଣ ଶିଳାଲେଖ ଉମା ଲକ୍ଷେଶ୍ୱର ସ୍ୱାମୀ ମନ୍ଦିରରେ ସମ୍ପ୍ରତି ସନ୍ଧାନ ହୋଇଛି। ଲିପିତତ୍ତ୍ୱ ଗବେଷକ ବିଷ୍ଣୁ ମୋହନ ଅଧିକାରୀ ଏହି ଦ୍ୱିଭାଷୀ (ଓଡ଼ିଆ-ତେଲୁଗୁ) ଶିଳାଲେଖ ସନ୍ଧାନ କରି ପ୍ରଥମ ବାର ପାଠ ଉଦ୍ଧାର କରିଛନ୍ତି। ଅଧିକାରୀଙ୍କ ପାଠ ଅନୁସାରେ, ଏହି ଶିଳାଲେଖଟି ମନ୍ମଥ ନାମ ସଂବତ୍ସର, ଚୈତ୍ର ଶୁକ୍ଳ ପ୍ରତିପଦା, ଶୁକ୍ରବାରରେ ବିଶ୍ୱନାଥ ପଣ୍ଡିତଙ୍କ ଦ୍ୱାରା ଦାନ ହୋଇଥିବାର ଉଲ୍ଲେଖ ମିଳିଛି। ଶିଳାଲେଖରେ "ପାଳକୁଲା" ଗ୍ରାମର ଉଲ୍ଲେଖ ଅଛି। ଏହି ଶବ୍ଦ ଆଧୁନିକ ପାଲକୁଣ୍ଡା ଗ୍ରାମ ହୋଇଥିବା ସେ ଅନୁମାନ କରିଛନ୍ତି। ଲିପିତତ୍ତ୍ୱ ଭିତ୍ତିରେ ଏହି ଶିଳାଲେଖ ଅନୁମାନିକ ଚତୁର୍ଦ୍ଦଶ (୧୪) ଶତାବ୍ଦୀର ପ୍ରଥମାର୍ଦ୍ଧର ଅଟେ। ଯେଉଁଠି ଓଡ଼ିଆ ଓ ତେଲୁଗୁ ଲିପିର ସମାନାନ୍ତର ଶୈଳୀ ସ୍ୱଷ୍ଟ ଭାବରେ ପ୍ରକାଶ ପାଇଛି। ବଶ୍ୱନାଥ ପଣ୍ଡିତଙ୍କ ନାମ ଓଡ଼ିଆ ଓ ତେଲୁଗୁ ଉଭୟ ଲିପିରେ ଉଲ୍ଲେଖିତ। ଯାହା ଏହି ଶିଳାଲେଖକୁ ଅତ୍ୟଧିକ ଦୁର୍ଲଭ ଓ ଶାସ୍ତ୍ରୀୟ ଗୁରୁତ୍ୱପୂର୍ଣ୍ଣ କରିଛି। ଏହି ଶିଳାଲେଖ ପୂର୍ବ ଗଙ୍ଗବଂଶ ବେଳର ହୋଇପାରେ ବୋଲି ମଧ୍ୟ ଗବେଷକ ମତ ଦେଇଛନ୍ତି। ସେହି ସମୟରେ କଳିଙ୍ଗର ସାମ୍ରାଜ୍ୟ ସୀମା ଗୋଦାବରୀ ଅଞ୍ଚଳ ପର୍ଯ୍ୟନ୍ତ ବିସ୍ତାରିତ ଥିବା ଐତିହାସିକ ପ୍ରମାଣ ମିଳିଥାଏ। ନିକଟସ୍ଥ ଶ୍ରୀକୁର୍ମ ମନ୍ଦିରରେ ସେଇ ଶତାବ୍ଦୀର ଅନେକ ଦ୍ୱିଭାଷି ଶିଳାଲେଖ ପୂର୍ବରୁ ପାଠ ଉଦ୍ଧାର ହୋଇଥିବା କଥା ଶ୍ରୀ ଅଧିକାରୀ କହିଛନ୍ତି।

ଉଲ୍ଲେଖଯୋଗ୍ୟ ଯେ, ଏହି ମନ୍ଦିରରୁ କିଛି ମାସ ପୂର୍ବରୁ ଜୟପୁର ରାଜ୍ୟର ନନ୍ଦପୁର ରାଜାଙ୍କ ଏକ ଦୀର୍ଘ ଓଡ଼ିଆ ଶିଳାଲେଖ ପ୍ରଥମବାର ପୂର୍ଣ୍ଣ ପାଠ କରିଥିଲେ ଶ୍ରୀ ଅଧିକାରୀ। ଯେଉଁଠି ଶ୍ରୀକାକୁଳମର ପ୍ରାଚୀନ ନାମ ଓଡ଼ିଆ ଭାଷାରେ "ସିକାକୋଲି ଗଡ"ବୋଲି ପ୍ରମାଣ ମିଳିଥିଲା। ଏହି ନୂଆ ଆବିଷ୍କାର ଐତିହାସିକ ପୁରାତତ୍ତ୍ୱବିଦ୍ ଓ ସଂସ୍କୃତି ଗବେଷକମାନଙ୍କୁ ଆନନ୍ଦ ଦେଇଛି। କାରଣ ଏହା ଓଡ଼ିଶା-ଆନ୍ଧ୍ର ପ୍ରାନ୍ତ ଇତିହାସ ସମ୍ପର୍କରେ ଏକ ନୂଆ ତଥ୍ୟ ଯୋଗ କରୁଛି ଓ ଅଞ୍ଚଳୀୟ ଶିଳାଲେଖ ପରମ୍ପରାକୁ ସ୍ୱଷ୍ଟ କରୁଛି।

### ଅଣ୍ଡର ୧୪ ଜାତୀୟ ବିଦ୍ୟାଳୟସ୍ତରୀୟ ହକି

## ଓଡ଼ିଶା ଦଳରେ ଛତ୍ରପୁରର ପି. ବିଷ୍ଣୁ



ଛତ୍ରପୁର,୧୦।୧୨(ସମିସ): ଛତ୍ରପୁର ଅନ୍‌ସ୍ଲୋ ସରକାରୀ ଉଚ୍ଚ ବିଦ୍ୟାଳୟ ୯ମ ଶ୍ରେଣୀର ଛାତ୍ର ପି.ବିଷ୍ଣୁ ଅଣ୍ଡର ୧୪ (ବାଳକ) ଓଡ଼ିଶା ହକି ଦଳରେ ସ୍ଥାନ ପାଇଛନ୍ତି। ଆସନ୍ତା ୨୨ରୁ ୨୭ ଡିସେମ୍ବର ପର୍ଯ୍ୟନ୍ତ ମଧ୍ୟପ୍ରଦେଶର ଟିକମଗଡ଼ଠାରେ ହେବାକୁ ଥିବା ୬୯ତମ ଅଣ୍ଡର- ୧୪ ଜାତୀୟ ବିଦ୍ୟାଳୟସ୍ତରୀୟ ହକି ପ୍ରତିଯୋଗିତା ଅନୁଷ୍ଠିତ ହେବ।

ଏହି ପ୍ରତିଯୋଗିତାରେ ଓଡିଶା ଦଳରେ ଗଞ୍ଜାମ ଜିଲ୍ଲାର ଏକମାତ୍ର ଖେଳାଳି ଭାବେ ପି. ବିଷ୍ଣୁ ସ୍ଥାନ ପାଇଥିବା ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସୁଚିତ୍ରା ପାଣିଗ୍ରାହୀ ସୂଚନା ଦେଇଛନ୍ତି। ୧୮ ଜଣ ଖେଳାଳୀଙ୍କ ମଧ୍ୟରେ ତାଙ୍କୁ ଚୟନ କରାଯାଇଛି। ଦୀର୍ଘ ୩ ବର୍ଷ ହେଲା ବିଷ୍ଣୁ ଭଲ ହକି ଖେଳାଳି ଭାବେ ବିଭିନ୍ନ ସ୍ଥାନ ଓ ରାଜ୍ୟସ୍ତରକୁ ଯାଇ ନିଜ ପ୍ରତିଭା ଦେଖାଇଛନ୍ତି। ସ୍କୁଲର ପ୍ରଧାନଶିକ୍ଷୟତ୍ରୀ, ଶିକ୍ଷକ/ଶିକ୍ଷୟତ୍ରୀ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସେଠାରେ କିପରି ଓଡିଶା ପାଇଁ ଭଲ ପ୍ରଦର୍ଶନ କରି ଗଞ୍ଜାମ ଜିଲ୍ଲା ପାଇଁ ସୁନାମ ଆଣିବେ ସେନେଇ ତାଙ୍କୁ ସବୁମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି। ଆସନ୍ତା ୧୩ ତାରିଖରେ ସୁନ୍ଦରଗଡ ସରକାରୀ ହାଇସ୍କୁଲ କୋଚିଂ କ୍ୟାମ୍ପରେ ସେ ଯୋଗଦେବାକୁ ସ୍କୁଲକୁ ଚିଠି ଆସିଛି। ୧୩ ରୁ ୧୮ କ୍ୟାମ୍ପ ପରେ ୧୯ ରେ ମଧ୍ୟପ୍ରଦେଶ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି।

## ମହିଳାଙ୍କୁ ଦୁଷ୍କର୍ମ ମାମଲା; ପ୍ରମାଣ ଅଭାବରୁ ଅଭିଯୁକ୍ତ ନିର୍ଦ୍ଦୋଷ

ବ୍ରହ୍ମପୁର,୧୦।୧୨(ସମିସ): ସ୍ୱତନ୍ତ୍ର ଫାଷ୍ଟଟ୍ରାକ୍ ଜଜ ରୋହିତଲାଲ ପଣ୍ଡା ବୁଧବାର ଏକ ଦୁଷ୍କର୍ମ ମାମଲାର ଚୂଡାନ୍ତ ରାୟ ପ୍ରକାଶ କରିଛନ୍ତି। ପ୍ରମାଣ ମିଳିନଥିବାରୁ ଜଜ୍ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ସେ ହେଲେ ସୁକୁଣ୍ଡାର ଟୁକୁନା ଦାସ(୩୨)। ଘଟଣାରୁ ପ୍ରକାଶ ଯେ, ସଦର ଥାନା ଅଞ୍ଚଳର ଜନୈକା ମହିଳା ଶ୍ରମିକ ଭାବେ କାମ କରୁଥିଲେ। ଉକ୍ତ ମହିଳାଙ୍କ ସହ ଜଣେ ଯୁବକଙ୍କ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଯୁବକ ଜଣଙ୍କ ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଇ ତଙ୍କ ସହ ଶାରୀରିକ ସମ୍ପର୍କ ରଖୁଥିଲେ। ୨୦୨୨ନଭେମ୍ବର ମାସରେ ଉକ୍ତ ଯୁବକ ଜଣଙ୍କ ମହିଳାଙ୍କ ସହ ଶାରୀରିକ ସମ୍ପର୍କ ରଖିବାକୁ କହିଥିଲା। ହେଲେ ସେ ମନା କରି ଦେଇଥିଲେ। ପରେ ଯୁବକ ଜଣଙ୍କ ମହିଳାଙ୍କୁ ଏକ ଛୁରୀ ଦେଖାଇ ଜୀବନରେ ମାରିଦେବକୁ ଧମକ ଦେଇଥିଲେ। ମହିଳା ଜଣଙ୍କ ଏନେଇ ସଦର ଥାନାରେ ଅଭିଯୋଗ କରିଥିଲେ। ପୁଲିସ ୫୨୬/୨୨ରେ ଏଜେ ମାମଲା ରୁଜୁ କରି ତଦନ୍ତ ପରେ ଟୁକୁନା ଦାସଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। କିଛିମାସ ପରେ ସେ ଜାମିନରେ ମୁକୁଳିଥିଲେ। ମାମଲାର ବିଚାରଣା ବେଳେ ୯ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ପ୍ରମାଣ ଅଭାବରୁ ଜଜ ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି। ମୁଦ୍ଦୁଲାଙ୍କ ପକ୍ଷରୁ ଆଇନଜୀବୀ ପ୍ରମୋଦ ଚନ୍ଦ୍ର ପଣ୍ଡା, ସୁରେନ୍ଦ୍ର ବେହେରା ଓ ପଓ୍ୱନ କୁମାର ମକଦ୍ଦମା ପରିଚାଳନା କରିଥିଲେ।

## ବାଇକ୍ ମୁହାଁମୁହିଁ ଧକ୍କାରେ ଶିକ୍ଷକ ମୃତ

ପୁରୁଷୋତ୍ତମପୁର,୧୦।୧୨(ସମିସ): ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ପ୍ରତାପୁର ଛକ ନିକଟରେ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ଜଣେ ଶିକ୍ଷକଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଦୁଇଜଣ ଆହତ ହୋଇଛନ୍ତି। ମୃତ ଶିକ୍ଷକ ହେଲେ ପୁରୁଷୋତ୍ତମପୁର ରାଧାକାନ୍ତ ସାହିର ସୂର୍ଯ୍ୟନାରାୟଣ ପଣ୍ଡା (୫୮)। ଆହାତମାନେ ହେଲେ ବଡ଼ଚକଟା ଗ୍ରାମର ପିଣ୍ଟୁ ମହାରଣା(୨୭), ଗଣେଶ ମହାରଣା (୨୫)। ଖବରରୁ ଜଣାପଡିଛି ଯେ, ସୂର୍ଯ୍ୟନାରାୟଣ ଗଞ୍ଜାମ ବ୍ଲକ ଖଣ୍ଡଦେଉଳି



ବଳରାମପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକତା କରି ଘରକୁ ନିଜ ବାଇକ୍‌ରେ ଫେରୁଥିଲେ। ଅନ୍ୟପଟେ ପୁରୁଷୋତ୍ତମପୁରରୁ କାମ ସାରି ପିଣ୍ଟୁ ଓ ଗଣେଶ ନିଜ ଗ୍ରାମକୁ ବାଇକ୍‌ରେ ଫେରୁଥିଲେ। ପ୍ରତାପୁର ଛକ ନିକଟରେ ଦୁଇ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଉଭୟେ ରାସ୍ତାକୁ ଛିଟିକି ପଡ଼ି ରକ୍ତାକ୍ତ ଅବସ୍ଥାରେ ପଡ଼ି ରହିଥିଲେ। ସ୍ଥାନୀୟ ଲୋକେ ୧୦୮ ଆମ୍ବୁଲାନ୍ସରେ ପ୍ରଥମେ ପୁରୁଷୋତ୍ତମପୁର ମେଡିକାଲ ଓ ପରେ ଅବସ୍ଥା ଗୁରୁତର ହେବାରୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରିଥିଲେ। ସେଠାରେ ଶିକ୍ଷକ ସୂର୍ଯ୍ୟନାରାୟଣଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଖବର ଲେଖାହେବା ସୁଦ୍ଧା ଥାନାରେ ଅଭିଯୋଗ ହୋଇନଥିବା ଜଣାପଡ଼ିଛି।

## ଏମ୍‌କେସିଜି କନିଷ୍ଠ ଡାକ୍ତର ସଂଘ ପକ୍ଷରୁ ରକ୍ତଦାନ

ବ୍ରହ୍ମପୁର,୧୦।୧୨(ସମିସ): ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍ପିଟାଲର କନିଷ୍ଠ ଡାକ୍ତର ସଂଘ ପକ୍ଷରୁ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଶିବିରରେ ମୁଖ୍ୟ ଅତିଥି ଭାବେ ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍ପିଟାଲ୍ ଡିନ୍ ପ୍ରଫେସର ଡ଼ା. ସୁଚିତ୍ରା ଦାଶ ଯୋଗଦେଇ ଶୁଭାରମ୍ଭ କରିଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ଏମ୍‌କେସିଜି ମେଡିକାଲ ଅଧୀକ୍ଷକ ପ୍ରଫେସର ଡ଼ା. ଦୁର୍ଗାମାଧବ ଶତପଥୀ, ରେଜିଷ୍ଟ୍ରାର ସଂଗ୍ରାମ ପଣ୍ଡା, ସଂଘ ପରାମର୍ଶଦାତା ଡା. ଶିବ ପ୍ରସାଦ ପଟ୍ଟନାୟକ, ହଷ୍ଟେଲ କାଉନସିଲ ଅଧ୍ୟକ୍ଷ ଡା. ଜାମି ସାଗର ପୃଷ୍ଟି, କମ୍ୟୁନିଟି ମେଡ଼ିସିନର ଡ଼ା. ଅମିତା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଅନେକ ସମୟରେ ରକ୍ତ ଅଭାବ କାରଣରୁ ରୋଗୀଙ୍କ ମୃତ୍ୟୁ ହୋଇଥାଏ। ସେହିପରି ବିଭିନ୍ନ ସମୟରେ ସାଧାରଣ ଲୋକ ରକ୍ତଦାନ କରିବାକୁ ଭୟ କରିଥାନ୍ତି। ଏଭଳି ଭୟ ଦୂର କରିବା ସହ ନିୟମିତ ରକ୍ତଦାନ କରିବାକୁ ମେଡିକାଲ ବହୁ ବରିଷ୍ଠ ଓ କନିଷ୍ଠ ଡାକ୍ତର ନିଜେ ରକ୍ତଦାନ କରି



ସଚେତନ କରିଥିଲେ। ରୋଗୀ ଚିକିତ୍ସା ସହିତ ରକ୍ତ ସଂଗ୍ରହ ମାଧ୍ୟମରେ ରୋଗୀମାନଙ୍କ ଜୀବନରକ୍ଷାରେ ସାହାଯ୍ୟ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଶିବିରରେ ମୋଟ ୧୦୩ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଏଥିରେ ଏମକେସିଜି ମେଡିକାଲ ରକ୍ତ ଭଣ୍ଡାରର ଡାକ୍ତର ଓ କର୍ମଚାରୀ ସହଯୋଗ କରିଥିଲେ। ସଂଘ ସଭାପତି ଡ଼ା କାମାକ୍ଷା ପ୍ରସାଦ ପଣ୍ଡା, ସମ୍ପାଦକ ହରି ପ୍ରସାଦ ପାଣିଗ୍ରାହୀଙ୍କ ସମେତ ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ।

## ଗଞ୍ଜାମ ଜିଲ୍ଲା ପୁରୁଷ ଓ ମହିଳା ବକ୍ସରଙ୍କ ଚୟନ

ବ୍ରହ୍ମପୁର,୧୦।୧୨(ସମିସ): ଚଳିତମାସ ୧୮ ଓ ୧୯ତାରିଖରେ ହେବାକୁ ଥିବା ନବମ ଏଲିଟ ପୁରୁଷ ଓ ମହିଳା ବକ୍ସିଂ ପ୍ରତିଯୋଗିତାରେ ଭାଗ ନେବା ପାଇଁ ଗଞ୍ଜାମ ଜିଲ୍ଲା ବକ୍ସିଂ ପୁରୁଷ ଓ ମହିଳା ବକ୍ସିଂ ଦଳ ଗଠନ ହେବ। ଏଥିଲାଗି ୧ ଜାନୁଆରୀ ୧୯୮୫ଠାରୁ ୩୧ ଡିସେମ୍ବର ୨୦୦୬ମଧ୍ୟରେ ଯେଉଁ ବକ୍ସର ଜନ୍ମଗ୍ରହଣ କରିଥିବେ ସେମାନେ ଯୋଗ ଦେଇ ପାରିବେ। ଚଳିତମାସ ୧୨ତାରିଖ ସକାଳ ୭ରୁ ୯ଘଣ୍ଟ ମଧ୍ୟରେ ସ୍ଥାନୀୟ ମହାତ୍ମାଗାନ୍ଧୀ ଷ୍ଟାଡିୟମଠାରେ ଚୟନ ହେବ। ଏହି ଚୟନ ଶିବିରରେ ଯୋଗ ଦେବାକୁ ସମସ୍ତ ଗଞ୍ଜାମ ଜିଲ୍ଲାର ଶିକ୍ଷାନୁଷ୍ଠାନ, କ୍ଲବ୍, ବ୍ଲକ୍ ଓ ଆସୋସିଏସନର ବକ୍ସର ମାନେ ନିଜର ଜନ୍ମଗତ ପ୍ରମାଣ ପତ୍ର ଓ ଆଧାର କାର୍ଡ, ପାସ୍‌ପୋର୍ଟ ଫଟୋ ୩ଟି ସହ ଗଞ୍ଜାମ ଜିଲ୍ଲା ଆଥଲେଟିକ ଆସୋସିଏସନ୍ ବକ୍ସିଂ ସମ୍ପାଦକ କ. ପ୍ରଭାକର ରାଓ ଓ ଅନ୍ତର୍ଜାତୀୟ ରେଫେରି ତଥା ସ୍ଥାନୀୟ କୋଚ୍ ଶିଶିର କୁମାର ପାଣିଗ୍ରାହୀଙ୍କ ସହ ଯୋଗାଯୋଗ କରିବା ପାଇଁ ଜିଡ଼ିଏଏଡର ସମ୍ପାଦକ ଜେ. କାମେଶ୍ୱର ରାଓ ସୂଚନା ଦେଇଛନ୍ତି।

### ଜିଲ୍ଲାସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ

# ଶିକ୍ଷାସହିତ ଆଧାତ୍ମିକତାର ସଂଯୋଗ ଜରୁରୀ: କମିସନର




ବ୍ରହ୍ମପୁର,୧୦।୧୨(ସମିସ): ସ୍ଥାନୀୟ ପିଏମ୍‌ଶ୍ରୀ ଭିଭିଗିରି ସରକାରୀ ମାଧ୍ୟମିକ ମହିଳା ବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ବାଲ୍ ବୈଜ୍ଞାନିକ ଓ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନର ବିଜ୍ଞାନ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶିକ୍ଷାଧିକାରୀ ଅଜୟ କୁମାର ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମର ଉଦଘାଟନୀ ଉତ୍ସବରେ ବିଇଏମସି କମିଶନର ପ୍ରଥମେଶ ଅରବିନ୍ଦ ରାଜେଶିର୍କେ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ଶିକ୍ଷା ସହିତ ଆଧାତ୍ମିକତାର ସଂଯୋଗ ରହିବା ଆବଶ୍ୟକ। ଛାତ୍ରଛାତ୍ରୀ ମାନଙ୍କର ବିଦ୍ୟାଳୟସ୍ତରରୁ ବୈଷୟିକ ସମ୍ପର୍କିତ ପ୍ରକଳ୍ପ ପ୍ରଦର୍ଶନ ବିକଶିତ ଓଡିଶା ଓ ବିକଶିତ ଭାରତ ଗଠନରେ ସହାୟକ ହେବ ବୋଲି ସେ ମତବ୍ୟକ୍ତ କରିଥିଲେ। ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲ ଅଧୀକ୍ଷକ ପ୍ରଫେସର ଦୁର୍ଗା ମାଧବ ଶତପଥି ମୁଖ୍ୟବକ୍ତା ରୂପେ ଯୋଗଦେଇ ଶିକ୍ଷା ସହିତ ସ୍ୱାସ୍ଥ୍ୟ ରକ୍ଷା ଏକାନ୍ତ ଜରୁରୀ ବୋଲି କହିଥିଲେ। ଅତିରିକ୍ତ ଜିଲ୍ଲାଶିକ୍ଷାଧିକାରୀ ଡ଼ ପ୍ରଭାତୀ କୁମାରୀ ମହାପାତ୍ର, ବସନ୍ତ କୁମାର ପଣ୍ଡା, ଏସ୍ ଧନଞ୍ଜୟ, ସ୍ଥାନୀୟ ପ୍ରଧାନ ଶିକ୍ଷୟିତ୍ରୀ ଚାନ୍ଦିନୀ ପଣ୍ଡା ପ୍ରମୁଖ ମଞ୍ଚାସିନ ଥିଲେ। ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଏଡ଼ିଏମ ସୁନୀଲ କୁମାର କେର୍କେଟା ଉପସ୍ଥିତ ରହି ଜଳ, ଜମି ଓ ଜଙ୍ଗଲ ସୁରକ୍ଷା ବିଷୟରେ ମତ ଦେଇଥିଲେ। ମୁଖ୍ୟବକ୍ତା ରୂପେ ପ୍ରବେଶନାରୀ ଆଇଏସ୍ ମୃଣାଳିକା ରାଠୋର ଯୋଗଦେଇ ମାଇକେଲ ଫାରେଡେଙ୍କ ଜିବନୀ ବିଷୟରେ ଆଲୋକପାତ କରି କୁନି ବୈଜ୍ଞାନିକଙ୍କୁ ଉତ୍ସାହିତ କରିଥିଲେ। ଜିଲ୍ଲା ବିଜ୍ଞାନ ନିରୀକ୍ଷକ ରାମଚନ୍ଦ୍ର ମହାରଣା ବାର୍ଷିକ ବିବରଣୀ ପାଠ କରିଥିଲେ। ବାଲ ବୈଜ୍ଞାନିକ ପ୍ରଦର୍ଶନୀରେ ୯୨ଟି ଓ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନରେ ୧୩୨ଟି ବିଜ୍ଞାନ ଅର୍ଥାତ ସମୁଦାୟ ୨୨୪ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବିଜ୍ଞାନ କୁଇଜ ପ୍ରତିଯୋଗିତାରେ ୨୨ଟି ବ୍ଲକର ୪୪ଟି ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।

ଉପବିଷୟ ସ୍ୱାସ୍ଥ୍ୟ ଓ ସ୍ୱାସ୍ଥ୍ୟ ବିଜ୍ଞାନରେ କେଆରଏନ୍ ବିଦ୍ୟାଳୟ ଲାଲ ସିଂର ମୃଣାଳିନୀ ମାନସୀ, ଇମରଜିଙ୍ଗ୍ ଟେକ୍ନୋଲୋଜିରେ ଏମଏମ ଉଚ୍ଚ ବିଦ୍ୟାଳୟର ଏଲ୍ ପୂର୍ଣ୍ଣଚନ୍ଦ୍ର ପାତ୍ର, ଜଳ ସଂରକ୍ଷଣ ଓ ପରିଚାଳନାରେ ପୁରୁଣାପାଟଣା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ନରେନ୍ଦ୍ର ନାୟକ, ସବୁଜ ଶକ୍ତିରେ ଆଦର୍ଶ ବିଦ୍ୟାଳୟ ବାଦପୁରର ଶ୍ରୁତି କୁମାରୀ ବେହେରା, ରେକଗନାଇଜ୍‌ନାଲ ମେଥ ମୋଡ଼େଲିଂରେ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ସୁରମଣୀର ଆଦ୍ୟାଶା ସାହୁ, ବର୍ଯ୍ୟବସ୍ତୁ ପରିଚାଳନାରେ କୁଇନ ମିଶନ ଉଚ୍ଚ ବିଦ୍ୟାଳୟର କେ. ପ୍ରଣୀତ କୁମାର, ଧାରଣୀୟ କୃଷିରେ ବୃନ୍ଦାବନ ଉଚ୍ଚ ବିଦ୍ୟାଳୟର ମନୋରଞ୍ଜନ ସାହୁ ରାଜ୍ୟସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀକୁ ମନୋନୀତ ହୋଇଛନ୍ତି। ସେହିପରି ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ପ୍ରକଳ୍ପରେ ଏଲିମେଣ୍ଟାରି ବର୍ଗରେ ବାଲିଶିରାର ଜେ ଉଷାରାଣୀ ପାତ୍ର, ୟୁପିଏସ ନନ୍ଦିଘୋରର ଲିପି ମହାରଣା, ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଗୋବିନ୍ଦ ନଗରର ଅର୍ଚିତା ସାହ ଓ ସେକଣ୍ଡରୀ ବର୍ଗରେ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ବରଗାଁର ଦୁଷ୍ମନ୍ତ ବେହେରା, ବାଲାଜୀ ବିଦ୍ୟାପୀଠ କନିସିର ଆଶୁତୋଷ ସାହୁ, ନାଥେଶ୍ୱର ଉଚ୍ଚ ବିଦ୍ୟାଳୟର ଶ୍ରୀଧର ବେହେରା ଯଥାକ୍ରମେ ୧ମ, ୨ୟ, ୩ୟ ସ୍ଥାନ ଅଧିକାର କରିଥିଲେ। କୁଇଜ୍ ପ୍ରତିଯୋଗୀତାରେ ସେକେଣ୍ଡାରୀ ବର୍ଗରେ ଆଦର୍ଶ ବିଦ୍ୟାଳୟ ସୋରଡ଼ାର ଅଙ୍କିତ କୁମାର ସାହୁ, ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ଆଶିଷ କୁମାର ସାହୁ, ଠାକୁରାଣୀ ଉଚ୍ଚ ବିଦ୍ୟାଳୟର ଯଶରାଜ ଦଳେଇ ଏବଂ ଏଲିମେଣ୍ଟାରି ବର୍ଗରେ କୁକୁଡାଖଣ୍ଡି ଉଚ୍ଚ ବିଦ୍ୟାଳୟର ଶିବ ଶଙ୍କର ଶାସମଲ, ୟୁପିଏସ୍ କରପଡାର ଶୁଭଶ୍ରୀ ନାୟକ, ଆଦର୍ଶ ବିଦ୍ୟାଳୟ ବେଗୁନିଆପଡାର ଦେବୁ କଲ୍ୟାଣ ସାହୁ ଯଥାକ୍ରମେ ୧ମ, ୨ୟ ଓ ୩ୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। କାର୍ଯ୍ୟକ୍ରମ ସମ୍ପାଦନରେ ଚିକିଟି ଗୋଷ୍ଠୀ ଶିକ୍ଷାଧିକାରୀ ପନ୍ନଗ ଭୂଷଣ ମାଝି, ଦିଗପହଣ୍ଡି ଗୋଷ୍ଠୀ ଶିକ୍ଷାଧିକାରୀ ଶଙ୍କର ନାରାୟଣ ବେଜ, ଗୋକୁଳ କୃଷ୍ଣ ପଣ୍ଡାଙ୍କ ସମେତ ଅନ୍ୟମାନେ ସହଯୋଗ କରିଥିଲେ। ପରମଗୁରୁ ମହାପାତ୍ର, ଗିରିଜା ଶଙ୍କର ମହାପାତ୍ର, ଉଷାରଣୀ ବ୍ରହ୍ମା, ଦିଲୀପ କୁମାର ପାତ୍ର, ସୁଦାମ ଚରଣ ସାହୁ, ବସନ୍ତ କୁମାର ସାହୁ, ସାହିକ ପଟ୍ଟନାୟକ, ଅଖିଳ ମହାପାତ୍ର ପ୍ରମୁଖ ବିଚାରକ ମଣ୍ଡଳୀ ଭାବେ ଯୋଗ ଦେଇଥିଲେ। ଚିନ୍ମୟ ପଲେଇ ଧନ୍ୟବାଦ ଅର୍ପଣ କରିଥିଲେ।

### ସ୍କୁଲସ୍ତରର ବୈଷୟିକ ପ୍ରକଳ୍ପ ବିକଶିତ ଓଡ଼ିଶା ଓ ଭାରତ ଗଠନରେ ସହାୟକ ହେବ



## ୧୩ରେ ଟିପିଏସ୍‌ଓଡିଏଲ୍ ଉପଭୋକ୍ତାଙ୍କ ନିମନ୍ତେ ଲୋକ ଅଦାଲତ

ବ୍ରହ୍ମପୁର,୧୦।୧୨(ସମିସ): ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଏସ୍‌ଓଡିଏଲ୍) ପକ୍ଷରୁ ଆସନ୍ତା ୧୩ତାରିଖରେ ଚତୁର୍ଥ ଜାତୀୟ ଲୋକ ଅଦାଲତ ଓ ପ୍ରବର୍ତ୍ତନ ସମାଧାନ ଶିବିର ଅନୁଷ୍ଠିତ ହେବ। ଉପଭୋକ୍ତାଙ୍କ ଦ୍ୱାରା ଅନଧିକୃତ ବିଦ୍ୟୁତ ବ୍ୟବହାର ତଥା ବିଦ୍ୟୁତ ଚୋରି ସମ୍ବନ୍ଧୀୟ ମାମଲାର ସମାଧାନ ନିମନ୍ତେ ଏହି ଶିବିରର ଆୟୋଜନ କରାଯାଉଛି। ଏଠାରେ ଦୀର୍ଘଦିନ ଧରି ବିଚାରଧୀନ ଥିବା ମାମଲା ଗୁଡ଼ିକର ଏକକାଳୀନ ସମାଧାନ କରାଯିବ। ଗଞ୍ଜାମ, ଗଜପତି, କନ୍ଧମାଳ, ବୌଦ୍ଧ, କୋରାପୁଟ, ରାୟଗଡା, ମାଲକାନଗିରି ଓ ନବରଙ୍ଗପୁର ଜିଲ୍ଲାର ସମସ୍ତ ଟିପିଏସ୍‌ଓଡିଏଲ୍ ଡିଭିଜନ୍, ସବ୍-ଡିଭିଜନ୍, ସେକ୍ସନ ଅଫିସ ଓ ନିର୍ଦ୍ଦିଷ୍ଟ କୋର୍ଟ ପରିସରରେ ଏକକାଳୀନ ଲୋକ ଅଦାଲତ ଅନୁଷ୍ଠିତ ହେବ। ଏହି ଶିବିରଗୁଡ଼ିକ ସକାଳ ୯ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଖୋଲା ରହିବ। ଉପଭୋକ୍ତାମାନେ ନିର୍ଦ୍ଧାରିତ ସମୟ ମଧ୍ୟରେ ପହଞ୍ଚି ମାର୍ଗଦର୍ଶନ ଓ ସହାୟତା ପାଇପାରିବେ। ଟିପିଏସ୍‌ଓଡିଏଲର ଏଭଳି ପଦକ୍ଷେପ ଦାୟିତ୍ୱପୂର୍ଣ୍ଣ ବିଜୁଳି ବ୍ୟବହାରକୁ ପ୍ରୋତ୍ସାହିତ କରିବା ସହ କାର୍ଯ୍ୟାନ୍ୱୟନ ସମ୍ବନ୍ଧୀୟ ମାମଲା ଗୁଡ଼ିକର ସମାଧାନକୁ ଶୃଙ୍ଖଳିତ କରିବାରେ ସହାୟକ ହେବ। ବିଜୁଳି ବ୍ୟବହାରରେ ସ୍ୱଚ୍ଛତା ଓ ନିୟମିତତା ରକ୍ଷା ହେବା ସହ ଉପଭୋକ୍ତା ଅନୁକୂଳ ବ୍ୟବସ୍ଥା ସ୍ଥାପିତ ହୋଇପାରିବ। ପ୍ରବର୍ତ୍ତନ ଅଧିକାରୀ, ଆଇନ ବିଶେଷଜ୍ଞ ଓ ଉପଭୋକ୍ତା ସହାୟତା କର୍ମଚାରୀମାନଙ୍କୁ ନେଇ ଗଠିତ ସ୍ୱତନ୍ତ୍ର ଦଳ ଲୋକ ଅଦାଲତରେ ଉପସ୍ଥିତ ରହି ଉପଭୋକ୍ତାମାନଙ୍କୁ ଆନୁଷଙ୍ଗିକ ସହାୟତା ପ୍ରଦାନ କରିବେ। ଲୋକ ଅଦାଲତ ସମ୍ପର୍କିତ ସବିଶେଷ ସୂଚନା, ଯେପରି, ଜିଲାୱାରୀ ବ୍ୟବସ୍ଥା, ଯୋଗ୍ୟ ମାମଲାର ବର୍ଗୀକରଣ, ପର୍ଯ୍ୟାୟ କ୍ରମେ ମାର୍ଗଦର୍ଶନ ଇତ୍ୟାଦି, ଟିପିଏସ୍‌ଓଡିଏଲର କାର୍ଯ୍ୟାଳୟରେ ମିଳିବ। ଗ୍ରାହକମାନେ ଅତିରିକ୍ତ ସୁବିଧା ନିମନ୍ତେ କମ୍ପାନୀର ଗ୍ରାହକ ସେବା କେନ୍ଦ୍ର ଓ ସହ ଯୋଗାଯୋଗ କରିପାରିବେ। ଏହା ଚଳିତ ବର୍ଷର ଶେଷ ଲୋକ ଅଦାଲତ ହୋଇଥିବା ହେତୁ ଟିପିଏସ୍‌ଓଡିଏଲ୍ ନିଜର ସମସ୍ତ ଗ୍ରାହକମାନଙ୍କୁ ଏହି ସୁଯୋଗର ଲାଭ ଉଠାଇବାକୁ ନିବେଦନ କରୁଛି। ଲୋକ ଅଦାଲତରେ ମାମଲାର ସମାଧାନ କରି ଉପଭୋକ୍ତାମାନେ ଗୁଣାତ୍ମକ ବିଜୁଳି ସେବା ପାଇପାରିବେ। ଏହାଦ୍ୱାରା ସମଗ୍ର ଦକ୍ଷିଣ ଓଡ଼ିଶାରେ ଉପଭୋକ୍ତା ଅନୁକୂଳ ତଥା ସୁରକ୍ଷିତ ବିଜୁଳି ସେବା ଯୋଗାଣ ସୁନିଶ୍ଚିତ ହୋଇପାରିବ। କମ୍ପାନୀ ଏହି ଲୋକ ଅଦାଲତ ଶିବିର ମାଧ୍ୟମରେ ଉପଭୋକ୍ତା କୈନ୍ଦ୍ରିକ ସେବା ସାଙ୍ଗକୁ ଆଇନଗତ ବିଦ୍ୟୁତ ବ୍ୟବହାରର ସଂସ୍କୃତିକୁ ପ୍ରୋତ୍ସାହିତ କରିବା ଦିଗରେ ପ୍ରତିଶ୍ରୁତିବଦ୍ଧ ରହିଛି।

୧୦/୧୨/୨୦୨୫ (ବୁଧବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୫,୭୬,୫୪୨/- ସୁନା: ୦୧.୨୦୦ ଗ୍ରାମ୍ ରୁପା: ୧୫.୮୦୦ ଗ୍ରାମ୍







### ବୁଦ୍ଧିଜୀବୀଙ୍କ ସହ ଏସ୍‌ପିଙ୍କ ଖୋଲା ଆଲୋଚନା

# 'ସହଯୋଗ ମିଳିଲେ ବହୁ ସମସ୍ୟାର ସମାଧାନ ହୋଇଯିବ'




ପୁରୀ,୧୦।୧୨(ସମିସ): ଆଜି ବି ସାଧାରଣ ଲୋକେ ଥାନାକୁ ଯିବାକୁ ଭୟ କରୁଛନ୍ତି। ପୁଲିସର ବ୍ୟବହାରକୁ ନେଇ ନକରାତ୍ମକ ଭାବନା ରହିଛି। ଏଭଳି ମାନସିକତାରେ ଏ ଯାଏ ପରିବର୍ତ୍ତନ ଆସିନି। ପୁଲିସ ପ୍ରତି ଲୋକଙ୍କର ଭୟ ଏବଂ ବ୍ୟବହାରକୁ ନେଇ ଯେଉଁ ଚିନ୍ତାଧାରା ରହିଛି ସେଥିରେ ପରିବର୍ତ୍ତନ ଆସିଲେ ପୁଲିସ-ପବ୍ଲିକ ସମ୍ପର୍କ ଆହୁରି ନିବିଡ଼ ହୋଇପାରିବ। ଏହାଦ୍ୱାରା ଆଇନ ଶୃଙ୍ଖଳା ରକ୍ଷା ବିଶେଷକରି ବିଭିନ୍ନ ପ୍ରକାର ଅପରାଧ, ବେଆଇନ ନିଶା କାରବାର ଉପରେ ଅଙ୍କୁଶ ଲଗାଇବାରେ ପୁଲିସକୁ ଆହୁରି ସହଜ ହୋଇଯିବ। ସେହିପରି ପୁରୀ ସହରରେ ପୁଲିସର କାର୍ଯ୍ୟକଳାପ କେମିତି ରହିଛି, ଆଗକୁ ପୁଲିସ ଆଉ କ'ଣ କରିବା ଦରକାର ଏ ସବୁକୁ ନେଇ ପ୍ରାୟ ୨ ଘଣ୍ଟା ଧରି ମାନସମନ୍ଥନ ହୋଇଛି। ବୁଦ୍ଧିଜୀବୀଙ୍କ ସହିତ ସିଧାସଳଖ ପୁରୀ ପୁଲିସ ବ୍ୟବସ୍ଥାକୁ ନେଇ ଏକ ଖୋଲା ଆଲୋଚନାର ଅବସର ଆଣିଥିଲା ଭଏସ୍ ଅଫ୍ କମନ ମ୍ୟାନ ଅନୁଷ୍ଠାନ। ବୁଧବାର ପୁରୀ ଏସ୍‌ପି ପ୍ରତୀକ୍ ସିଂଙ୍କ ସହିତ ଏକ ପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମ ସମ୍ବଳିତ ସ୍ୱାଗତ ସଭା ସ୍ଥାନୀୟ ହୋଟେଲ ହଲିଡେ ରିସର୍ଟରେ ଅନୁଷ୍ଠିତ ହୋଇଥିଲା।

ପ୍ରଥମେ ଭଏସ୍ ଅଫ୍ କମନମ୍ୟାନର ପ୍ରତିଷ୍ଠାତା ସଦସ୍ୟ ହେକ୍ଟର ମିଶ୍ର ଏହି ସଂସ୍ଥାର କାର୍ଯ୍ୟକାରିତା ତଥା ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ବକ୍ତବ୍ୟ ରଖିଥିଲେ। ସଭାର ସଭାପତି ବରିଷ୍ଠ ସଦସ୍ୟ ଦେବୀ ପ୍ରସନ୍ନ ନନ୍ଦ ଅତିଥିଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ଅନ୍ୟତମ ବରିଷ୍ଠ ସଦସ୍ୟ ଇଂ. ରାଜେଶ ମିଶ୍ର ଜନସାଧାରଣଙ୍କ ପ୍ରତି ପୁଲିସର ସୌହାର୍ଦ୍ଦ୍ୟପୂର୍ଣ୍ଣ ସମ୍ପର୍କ ସ୍ଥାପନ ଉପରେ ଆଲୋକପାତ କରିଥିଲେ। ସେ କହିଥିଲେ ଯେ, ନାଗରିକଙ୍କ ମୌଳିକ ଅଧିକାରର ସୁରକ୍ଷା ପୁଲିସର ପ୍ରାଥମିକତା ହବା ଉଚିତ। ପୁରୀରେ ନିଶା ଦ୍ରବ୍ୟ କାରବାର କରୁଥିବା ବ୍ୟକ୍ତିଙ୍କ ଉପରେ ପୁଲିସର କାର୍ଯ୍ୟାନୁଷ୍ଠାନ ସ୍ୱାଗତଯୋଗ୍ୟ। ଏହା ପରେ ଉପସ୍ଥିତ ସହରବାସୀଙ୍କ ସହିତ ଏସ୍‌ପିଙ୍କର ଭାବ ବିନିମୟ ହୋଇଥିଲା। ଏଥିରେ ପ୍ରାୟ ୨୦ ଜଣ ପୁରୀରେ ବିଭିନ୍ନ କ୍ଷେତ୍ରରେ ଲୋକଙ୍କ ସମସ୍ୟାର ପ୍ରତିକାର ପାଇଁ ପୁଲିସର କାର୍ଯ୍ୟାନୁଷ୍ଠାନ ଉପରେ ନିଜ ନିଜର ବକ୍ତବ୍ୟ ରଖିଥିଲେ। ସମୁଦ୍ର କୂଳ, ବଳିଆପଣ୍ଡା ଅଞ୍ଚଳ ତଥା ବିଭିନ୍ନ ସାହି ବସ୍ତିରେ ଘଟୁଥିବା ଅପରାଧ, ନିଶା କାରବାର ତଥା ବିଦେଶୀମାନଙ୍କ ଅନୁପ୍ରବେଶ ଉପରେ ମନ୍ତବ୍ୟ ଦେଇଥିଲେ। ଆହୁରି କେତେ ଜଣ ସହରର ବିଭିନ୍ନ ଗଳି କନ୍ଦିରେ ଟ୍ରାଫିକ୍ ସମସ୍ୟା ଯୋଗୁ ନାଗରିକମାନେ ଅକଥନୀୟ ଅସୁବିଧା ଭୋଗ କରୁଛନ୍ତି ବୋଲି କ୍ଷୋଭ ପ୍ରକାଶ କରିଥିଲେ। ଉପସ୍ଥିତ କିଛି ବରିଷ୍ଠ ନାଗରିକ ସେମାନଙ୍କର ସମସ୍ୟା ଜଣାଇଥିଲେ। ବିବାହ ଶୋଭାଯାତ୍ରାରେ ବ୍ୟବହୃତ ଡିଜେର ପ୍ରାଣଘାତୀ ଶବ୍ଦ ବିରୋଧରେ ପ୍ରତିବାଦ ଜଣାଇଥିଲେ। ଏ ସବୁ ସମସ୍ୟା ସମ୍ବଳିତ ଅଭିଯୋଗ ଶୁଣିବା ପରେ ଏସ୍‌ପି ଶ୍ରୀ ସିଂ ନିଜ ଅଭିଭାଷଣ ପ୍ରଦାନ କରିଥିଲେ। ସମ୍ପୂର୍ଣ୍ଣ ବାସ୍ତବିକତା ଉପରେ ଆଧାରିତ ତାଙ୍କର ବକ୍ତବ୍ୟରେ ପ୍ରାୟ ସମସ୍ତଙ୍କ ପ୍ରତିବାଦର ଉପଯୁକ୍ତ ସମାଧାନର ପନ୍ଥା ସମ୍ଭବ। ଏହାକୁ ଗ୍ରହଣ କରାଯିବ ବୋଲି ଆଶ୍ୱସନା ଦେଇଥିଲେ। ଥାନାରେ ଆପତ୍ତି ଜଣାଇବାକୁ ଆସୁଥିବା ଲୋକଙ୍କ ସହିତ କର୍ତ୍ତବ୍ୟରତ ଅଧିକାରୀମାନେ ଭଦ୍ରତା ଆଚରଣ କରିବା ପାଇଁ କର୍ତ୍ତୃପକ୍ଷଙ୍କ ଦ୍ୱାରା ସମସ୍ତ ପଦକ୍ଷେପ ନିଆଯାଉଛି ବୋଲି କହିଥିଲେ। ଏହି ଭଳି ସଭାର ଆୟୋଜନ କରିଥିବାରୁ ଅନୁଷ୍ଠାନର ସଦସ୍ୟଙ୍କୁ ସେ ଧନ୍ୟବାଦ ଜଣାଇଥିଲେ। ଏଭଳି ବୈଠକର ଆୟୋଜନ ଦ୍ୱାରା ତଥା ଜନସାଧାରଣଙ୍କ ସହଯୋଗ ମିଳିଲେ ବହୁ ସମସ୍ୟାର ସମାଧାନ କରାଯାଇପାରିବ ବୋଲି ଏସ୍‌ପି ଆଶାବ୍ୟକ୍ତ କରିଥିଲେ।

ପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମରେ ଉପସ୍ଥିତ ବ୍ୟକ୍ତି ମାନଙ୍କ ମଧ୍ୟରୁ ଅବସର ପ୍ରାପ୍ତ ଭାରତୀୟ ବିଦେଶ ସେବା ଅଧିକାରୀ ମଳୟ ମିଶ୍ର, ବିଭୁ ପ୍ରସାଦ ସାହୁ, କବି ମାନସ ମହାପାତ୍ର, ଡାକ୍ତର ବାନାମ୍ବର ସେନାପତି, ଅଜିତ ମହାପାତ୍ର, ଭବାନୀ ଶଙ୍କର, ଅଶୋକ ପାତ୍ର, ରାଜେଶ ମହାନ୍ତି, ସୁକାନ୍ତ ପଣ୍ଡା, ସରସ୍ୱତୀ ପାତ୍ର, ବିଶ୍ୱନାଥ ମିଶ୍ର, ପୁଲିନ ବିହାରୀ ଆଚାର୍ଯ୍ୟ, ଭାସ୍କର ପରିଡ଼ା, ଗୀତା ପଣ୍ଡା ପ୍ରଭୃତି ଭାଗ ନେଇଥିଲେ। ଉକ୍ତ ସଭାକୁ ସଫଳ କରିବାରେ ମୀନକେତନ ମିଶ୍ର, ଅବିନାଶ ବେହେରା, ନିଶାନ୍ତ ସାହୁ, ଶତ୍ରୁଘ୍ନ ବଳିୟାରସିଂହ, ଅଜିତ୍ ବିକ୍ରମ ସୁଆର, ରାଜକୁମାର ସାହୁ, ଓମ୍ ପ୍ରକାଶ ସାହୁ, ମୋହିତ ଆନିମେଶ ଦାଶ ଇତ୍ୟାଦି ସହଯୋଗ କରିଥିଲେ। ଧବଳେଶ୍ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

### ଜିଲ୍ଲାପାଳଙ୍କୁ ଭେଟିଲେ ଜିଲ୍ଲା କଂଗ୍ରେସ ପ୍ରତିନିଧି

## ପୁରୀ ମେଡିକାଲ କଲେଜ ସମସ୍ୟାକୁ ନେଇ ଦାବିପତ୍ର ଦେଲେ



ପୁରୀ,୧୦।୧୨(ସମିସ): ବାଲିଗୁଆଳିସ୍ଥିତ ଶ୍ରୀଜଗନ୍ନାଥ ମେଡିକାଲ କଲେଜକୁ ୪ ବର୍ଷ ବିତିଲାଣି। ହେଲେ ଏ ପର୍ଯ୍ୟନ୍ତ ଏଠାରେ ଚିକିତ୍ସାଳୟ ଖୋଲିପାରି ନାହିଁ। ଫଳରେ ଜିଲ୍ଲା ସଦର ମୁଖ୍ୟ ଚିକିତ୍ସାଳୟ ଉପରେ ଚାପ ପଡୁଥିବାବେଳେ ରୋଗୀ ନାନା ପ୍ରକାର ସମସ୍ୟା ଭୋଗୁଛନ୍ତି। ତେଣୁ ଶ୍ରୀଜଗନ୍ନାଥ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ କାର୍ଯ୍ୟକ୍ଷମ ସଂକ୍ରାନ୍ତରେ ପୁରୀ ଜିଲ୍ଲା କଂଗ୍ରେସ କମିଟିର ଏକ ପ୍ରତିନିଧି ଦଳ ବୁଧବାର ଜିଲ୍ଲାପାଳଙ୍କୁ ଭେଟି ଆଲୋଚନା କରିବା ସହ ଦାବିପତ୍ର ପ୍ରଦାନ କରିଛନ୍ତି।

ଗତମାସ ୨୫ ତାରିଖରେ ଜିଲ୍ଲା କଂଗ୍ରେସର ଏକ ପ୍ରତିନିଧି ଦଳ ମେଡିକାଲ କଲେଜ ପ୍ରତିନିଧିଙ୍କୁ ଭେଟି ଅନେକ ସମସ୍ୟା ସମ୍ପର୍କରେ ଜାଣିବାକୁ ପାଇଥିଲେ। ଯେପରି କି ମେଡିକାଲ କଲେଜ ଜମିର ମାଲିକାନା କଲେଜ ନାଁକୁ ଆସିନାହିଁ, ଆହୁରି ୫ ଏକର ଜମି ଅଧିଗ୍ରହଣ ହୋଇ ନ ଥିବା ବେଳେ ପରିବେଶ ମଞ୍ଜୁରୀ କି ପିକେଡିଏ ମଞ୍ଜୁରୀ ମଧ୍ୟ ମିଳିନାହିଁ, ଆପାତକାଳୀନ ଦୁର୍ଘଟଣା ଚିକିତ୍ସା ବିଭାଗ, ହୃଦ୍‌ରୋଗ ବିଭାଗ, ମସ୍ତିଷ୍କ ଘାତ ଓ ସ୍ନାୟୁବିକ ବିଭାଗ, ମୂତ୍ରାଶୟ ରୋଗ, ପୋଡ଼ାଜଳା ବିଭାଗ ନ ଥିବାବେଳେ ଆନୁଷଙ୍ଗିକ ବୈଷୟିକ କର୍ମଚାରୀ ମଧ୍ୟ ନାହାନ୍ତି। ଏହି କ୍ରମରେ ବୁଧବାର ଜିଲ୍ଲା କଂଗ୍ରେସ ସଭାପତି ଇଂ. ରାଜେଶ କୁମାର ମିଶ୍ରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜିଲ୍ଲାପାଳଙ୍କୁ ସାକ୍ଷାତ୍ କରି ଦାବିପତ୍ର ପ୍ରଦାନ କରିଛି। କେଉଁ ଅଧିକାରୀଙ୍କ ସମୟରେ ବେନିୟମ କାର୍ଯ୍ୟ ହୋଇଛି ସେ ନେଇ ସରକାରଙ୍କୁ ଚିଠି ଲେଖିବେ ଏବଂ କିଛିଦିନ ପୂର୍ବରୁ ସେ ଏ ଦିଗରେ ସମସ୍ତ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିବା ଜିଲ୍ଲାପାଳ ସ୍ପଷ୍ଟ କରିଥିଲେ। ଯଦି ଆନ୍ତର୍ଜାତିକ ମୁଦ୍ରା ପାଣ୍ଠି ଯଦି ପୁରୀ ପାଇଁ କିଛି ଅର୍ଥ ମଞ୍ଜୁର କରିଥାନ୍ତି ତେବେ ନିଶ୍ଚିତ ଆଗକୁ ମଲ୍ଟି ସ୍ପେଶାଲିଟି ହସ୍ପିଟାଲ ଖୋଲିବା ପାଇଁ ସରକାରଙ୍କ ପାଖରେ ଦାବି ଉପସ୍ଥାପନ କରିବେ ବୋଲି ମତ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ କଂଗ୍ରେସ ନେତା ଉତ୍ତମ କୁମାର ଆଚାର୍ଯ୍ୟ, ବିନାୟକ ଦାସମହାପାତ୍ର, ସରସ୍ୱତୀ ପାତ୍ର, ନିରଞ୍ଜନ ରଥ, ବିଦ୍ୟୁତ୍‌ଲତା ଆଚାର୍ଯ୍ୟ, ବିଶ୍ୱକେସନ ହରିଚନ୍ଦନ ମହାପାତ୍ର, ସୁକାନ୍ତ କୁମାର ପ୍ରଧାନ, ସୀତାକାନ୍ତ ମହାନ୍ତି, ଉମାକାନ୍ତ ବରାଳ, ବିଶ୍ୱନାଥ ଦାଶ, ଅମରେନ୍ଦ୍ର ପାଇକରାୟ, ସ୍ୱାଧୀନ କୁମାର ପଣ୍ଡା, ଅମିୟ କୁମାର ଦାସ, ଉମାକାନ୍ତ ବେହେରା, ଅବିନାଶ ମିଶ୍ର, ଆଶୁତୋଷ ମିଶ୍ର, ଚେତନ ମିଶ୍ର, ମନୋଜ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ମହାପ୍ରଭୁଙ୍କ ନୀତିକାନ୍ତି ସୁପରିଚଳନା ନେଇ ବୈଠକ

ପୁରୀ,୧୦।୧୨(ସମିସ): ମହାପ୍ରଭୁଙ୍କ ନୀତିକାନ୍ତି କିପରି ସଠିକ୍ ଭାବେ ସୁପରିଚାଳନା ସହିତ ଶହଶହ ବର୍ଷରୁ ଚାଲି ଆସୁଥିବା ତୀର୍ଥଗୁରୁ ପଣ୍ଡାଙ୍କ ଦ୍ୱାରା ତୀର୍ଥଯାତ୍ରୀଙ୍କ ଦର୍ଶନ ସୁଲଭ ବ୍ୟବସ୍ଥାକୁ ନେଇ ଶ୍ରୀମନ୍ଦିର ନିର୍ମାଲ୍ୟ ଖଳାରେ ବୁଧବାର ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରତିହାରୀ ନିଯୋଗ ସହାୟତାରେ ଅନୁଷ୍ଠିତ ବୈଠକରେ ପରିଚାଳନା କମିଟିର ପୂର୍ବତନ ଓ ବର୍ତ୍ତମାନ ସଦସ୍ୟ ଯୋଗଦେଇଥିଲେ। ଏହାବ୍ୟତୀତ ସବୁ ନିଯୋଗର ବୟୋଜ୍ୟେଷ୍ଠ ଓ କର୍ମକର୍ତ୍ତାମାନେ ଏକାଠି ହୋଇ ବକ୍ତବ୍ୟ ରଖିଥିଲେ। ରାଜ୍ୟ ସରକାର, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ଜିଲ୍ଲାପାଳ ଏବଂ ଏସ୍‌ପିଙ୍କ ସହଯୋଗରେ ଗତ ୨ ମାସ ଧରି ନୀତିକାନ୍ତି ସଠିକ୍ ସମୟରେ କରିବା ପାଇଁ ଚେଷ୍ଟା କରାଯାଇଛି। ଏଥିସହ ନିର୍ଦ୍ଧାରିତ ନିୟମ ଅନୁସାରେ ସମସ୍ତ କୌଳିକ ପଣ୍ଡା ଯାତ୍ରୀ ଦର୍ଶନ କାମ ଠିକ୍ ଭାବେ କରିଛନ୍ତି। ଆଗକୁ କିପରି ଆହୁରି ଉନ୍ନତ ମାନର ସେବା ଦେଇ ହେବ ତା' ଉପରେ ଆଲୋକପାତ ହେବା ସହିତ ସେବାୟତମାନଙ୍କୁ ନିଜ ନିଜ ସେବା ସମ୍ପର୍କରେ ବୟୋଜ୍ୟେଷ୍ଠ ମାନଙ୍କଠାରୁ ସେବା ଶିକ୍ଷା ନେବା ବ୍ୟବସ୍ଥାର ମାର୍ଗ ଦର୍ଶନ କରାଯାଇଛି। ଏଥିସହିତ ଆଗାମୀ ନୂଆବର୍ଷରେ ଶ୍ରୀଜୀଉଙ୍କ ନୀତିକାନ୍ତି କିପରି ଠିକ୍ ଭାବେ କରାଯିବ ତାହାର ରୂପରେଖ ପ୍ରସ୍ତୁତ ହୋଇଛି। ସମସ୍ତ ନିଯୋଗର କିଛି କର୍ମକର୍ତ୍ତା ନିଜ ନିଜର ସମୟ ଦେଇ ଏହି ଶୃଙ୍ଖଳିତ କାର୍ଯ୍ୟ କରୁଥିବାରୁ ସେମାନଙ୍କୁ ଧନ୍ୟବାଦ ଦିଆଯାଇଥିଲା।

## ୬.୨୫ ଗ୍ରାମ୍ ବ୍ରାଉନ୍‌ସୁଗର ଜବତ, ଯୁବକ ଗିରଫ

ପୁରୀ,୧୦।୧୨(ସମିସ): ବେଆଇନ ନିଶା କାରବାର ଉପରେ ରୋକ୍ ଲଗାଇବା ପାଇଁ ପୁଲିସ ଏବଂ ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ କରାଯାଉଛି। ବିଭିନ୍ନ ସମୟରେ ନିଶାଦ୍ରବ୍ୟ ଜବତ ହେବା ସହ ଅଭିଯୁକ୍ତ ଧରାପଡୁଛନ୍ତି। ତଥାପି ଏହା ଉପରେ ସମ୍ପୂର୍ଣ୍ଣ ରୋକ୍ ଲାଗିପାରୁନାହିଁ। ଏହି କ୍ରମରେ କୁମ୍ଭାରପଡ଼ା ଥାନା ପୁଲିସ ବୁଧବାର ୬.୨୫ ଗ୍ରାମ୍ ବ୍ରାଉନ୍‌ସୁଗର ଜବତ କରିବା ସହ ଜଣେ ଯୁବକଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ପୁରୀ ସଦର ଥାନା ଅନ୍ତର୍ଗତ ବାଟଗାଁର ସରୋଜ ମହାନ୍ତି। ସୂଚନା ଅନୁଯାୟୀ, ସକାଳେ ଅଠରନଳା ନିକଟରେ ବ୍ରାଉନ୍‌ସୁଗର ବିକ୍ରି କରୁଥିବା ଖବର ପାଇ କୁମ୍ଭାରପଡ଼ା ପୁଲିସ ଚଢ଼ଉ କରି ସରୋଜକୁ କାବୁ କରିଥିଲା। ତା' ନିକଟରୁ ୬.୨୫ ଗ୍ରାମ୍ ବ୍ରାଉନ୍‌ସୁଗର, ୬୦୧୫ ଟଙ୍କା, ଦୁଇଟି ମୋବାଇଲ୍ ଫୋନ୍ ଏବଂ ଗୋଟିଏ ବାଇକ୍ ଜବତ କରାଯାଇଛି। ଅଭିଯୁକ୍ତକୁ ପୁଲିସ କୋର୍ଟଚାଲାଣ କରିଥିବାବେଳେ ପୂର୍ବରୁ ସମାନ ଘଟଣାରେ ସଦର ଥାନା ଏବଂ ବାସେଳିସାହି ଥାନା ପୁଲିସ ତାକୁ ଗିରଫ କରିଥିବା ସୂଚନା ମିଳିଛି।

## ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ

ପୁରୀ,୧୦।୧୨(ସମିସ): ଭିଆଇପି ରୋଡ୍‌ସ୍ଥିତ ବ୍ଲେସେଡ ସାକ୍ରାମେଣ୍ଟ ଉଚ୍ଚ ବିଦ୍ୟାଳୟ ପରିସରରେ ବୁଧବାର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ରୂପେ ସିଷ୍ଟର ଆଡୋରସର ମୁଖ୍ୟ ସିଷ୍ଟର ମ୍ୟାରୀ ରୋଜ୍ ଓ ବିଦ୍ୟାଳୟର ପ୍ରିନ୍ସିପାଲ ସିଷ୍ଟର ମ୍ୟାରୀ ଜର୍ଜଙ୍କ ଉପସ୍ଥିତିରେ କ୍ରୀଡ଼ା ମଶାଲକୁ ଗ୍ରହଣ କରି ଉଦ୍‌ଘାଟିତ କରିଥିଲେ। ଏହି ଅବସରରେ ମୁଖ୍ୟଅତିଥି ବିଦ୍ୟାଳୟରେ ଯେ କେବଳ ବିଦ୍ୟା ଗ୍ରହଣ କରାଯାଏ ତାହା ନୁହେଁ, ଛାତ୍ରଛାତ୍ରୀମାନଙ୍କର ସର୍ବାଙ୍ଗୀଣ ଉନ୍ନତି ପାଇଁ କ୍ରୀଡ଼ା ମଧ୍ୟ ଏକ ଜରୁରୀ ପାଠ୍ୟକ୍ରମ ରୂପେ ଶିକ୍ଷା ଦିଆଯାଇଥାଏ। ବର୍ତ୍ତମାନ ବିଦ୍ୟାଳୟସ୍ତରର କ୍ରୀଡାରୁ ପିଲାମାନଙ୍କ ପ୍ରତିଭା ବିକଶିତ ହୋଇ ରାଜ୍ୟ, ଦେଶ ତଥା ଆନ୍ତର୍ଜାତୀୟ ସ୍ତରରେ ସୁନାମ ଅର୍ଜନ କରୁଛନ୍ତି। ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବିଦ୍ୟାଳୟ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ପରିଚାଳନ କରିଥିଲେ।

## ପୁରୀବାସୀଙ୍କ ଶ୍ରୀମନ୍ଦିର ପ୍ରବେଶ ଓ ଦର୍ଶନକୁ ନେଇ ବୈଠକ

ପୁରୀ,୧୦।୧୨(ସମିସ): ପୁରୀବାସୀଙ୍କ ଶ୍ରୀମନ୍ଦିରରେ ସୁରୁଖୁରୁରେ ପ୍ରବେଶ ଓ ଶ୍ରୀଜଗନ୍ନାଥ ଦର୍ଶନର ସୁବ୍ୟବସ୍ଥା କରିବା ପାଇଁ ବୁଧବାର ପ୍ରାକ୍ତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଓ ବିଜେପି ସଭାପତି ଡ. ଦେବେନ୍ଦ୍ର କୁମାର ତରେଇଙ୍କ ନେତୃତ୍ୱରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ପୁରୀବାସୀଙ୍କ ସୁରୁଖୁରୁରେ ଦର୍ଶନ ବ୍ୟବସ୍ଥାକୁ ନେଇ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଆଲୋଚନାରେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଥିଲେ ଯେ ଖୁବ୍‌ଶୀଘ୍ର ସରକାର ଏ ଦିଗରେ ଘୋଷଣା କରିବେ। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ଡ. ବଦ୍ରି ମିଶ୍ର, ସାମ୍ବାଦିକ ମଧୁସୂଦନ ମିଶ୍ର, ମନୋଜ ରଥ, ରାଜେଶ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ପୁରୀବାସୀଙ୍କ ମନ୍ଦିର ପ୍ରବେଶ, ଶ୍ରୀଜଗନ୍ନାଥ ଦର୍ଶନ, ଅବଢ଼ା କିଣା, ଶୁଖିଲି ଭୋଗ କିଣା, ସତ୍ୟନାରାୟଣ ଦର୍ଶନ, ଲକ୍ଷ୍ମୀ ଦର୍ଶନ, ସୂର୍ଯ୍ୟ ମନ୍ଦିରରେ ନିର୍ବନ୍ଧ, ଶୀତଳା ଦର୍ଶନ ଭଳି ଅନେକ ବିଷୟରେ ଆଲୋଚନା କରିଥିଲେ।



## ସିପିଏସ୍‌ର ଜାତୀୟ ଆଲୋଚନାଚକ୍ର ଉଦ୍‌ଯାପିତ

### ବି.ଫାର୍ମା ନୂତନ ଛାତ୍ରଛାତ୍ରୀଙ୍କ ସ୍ୱାଗତ ସମାରୋହ



ପୁରୀ,୧୦।୧୨(ସମିସ): ବାଲିଗୁଆଳିସ୍ଥିତ କଲେଜ ଅଫ୍ ଫାର୍ମାସ୍ୟୁଟିକାଲ ସାଇନ୍‌ସେସ୍ ଦ୍ୱାରା ଅନୁଷ୍ଠିତ ଦୁଇଦିନିଆ ଜାତୀୟ ଆଲୋଚନାଚକ୍ର ବୁଧବାର ସ୍ଥାନୀୟ ପୌରସଦନରେ ଉଦ୍‌ଯାପିତ ହୋଇଯାଇଛି। ଆଲୋଚନାଚକ୍ରର ବୈଜ୍ଞାନିକ ଅଧିବେଶନ ବିଷୟବସ୍ତୁ 'ଔଷଧ ଉଦ୍ଭାବନରେ କୃତ୍ରିମ ବୁଦ୍ଧିମତା: ଔଷଧ ଆବିଷ୍କାର ଏବଂ ବିକାଶରେ ଏକ ନୂତନ ଉଦାହରଣ' ଉପରେ ସି.ଭି. ରମଣ ଗ୍ଲୋବାଲ ବିଶ୍ୱବିଦ୍ୟାଳୟ ଭୁବନେଶ୍ୱର ଗବେଷଣା ପରାମର୍ଶଦାତା ପ୍ରଫେସର ଡ. ଗଣପତି ପଣ୍ଡା ବିଭିନ୍ନ ଫଟୋ ଏବଂ ଭିଡିଓ ମାଧ୍ୟମରେ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ପୂର୍ବତନ ଔଷଧ ନିୟନ୍ତ୍ରକ ଡ. ନୀଳମାଧବ ଦାସ, ଅନୁଷ୍ଠାନର ଚେୟାରପର୍ସନ ଅନିମା ଦାସ, ଅଧ୍ୟକ୍ଷ ପ୍ରଫେସର ଡ. ଅମିୟକାନ୍ତ ମିଶ୍ର, ନିର୍ଦ୍ଦେଶକ ଡ. ଗଣେଶ କୁମାର ଦାଶ, ଓୟୁଏଚ୍‌ଏସ୍‌ର ଡିନ୍ ପ୍ରଫେସର ଡ. ସନ୍ତୋଷ କୁମାର ମହାପାତ୍ର ଏବଂ ଉପାଧ୍ୟକ୍ଷ ସଞ୍ଜୟ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଅତିଥିଙ୍କ ଦ୍ୱାରା ଅନୁଷ୍ଠାନର ତ୍ରୟମାସିକ ଖବର ପତ୍ରିକା 'ନିୟୁଜ୍ ଲେଟର' ଉନ୍ମୋଚନ କରାଯାଇଥିଲା।

ଶେଷରେ ୨୦୨୫ ବର୍ଷରେ ସ୍ନାତକୋତ୍ତର ଫାର୍ମାସୀ (ବି.ଫାର୍ମା)ରେ ନାମ ଲେଖାଇଥିବା ନୂତନ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ପୂର୍ବବର୍ଷ ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସମାରୋହ ଆୟୋଜନ କରାଯାଇଥିଲା। ଏଥିସହ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। କାର୍ଯ୍ୟକ୍ରମକୁ ଅନୁଷ୍ଠାନର ଅଧ୍ୟାପିକା ଡ. ସୁନୀତା ମିଶ୍ର, ଅଧ୍ୟାପକ ସିଦ୍ଧେଶ୍ୱର ପ୍ରସାଦ ପାଟ୍ଟଯୋଶୀ ପରିଚାଳନା କରିଥିବାବେଳେ ଡ. ନିକୁଞ୍ଜ କିଶୋର ମିଶ୍ର ବୈଜ୍ଞାନିକ ଅଧିବେଶନକୁ ପରିଚାଳନା କରିଥିଲେ। ଅନୁଷ୍ଠାନର ଅଧ୍ୟାପକ ଓ ଅଧ୍ୟାପିକାଙ୍କ ମଧ୍ୟରେ ଅସିତ୍ କୁମାର ଷଡ଼ଙ୍ଗୀ, ସନ୍ଧ୍ୟାରାଣୀ ପାଟ୍ଟଯୋଶୀ, ବିଦ୍ୟୁସ୍ମିତା ପ୍ରଧାନ, ଦୀପ୍ତିପ୍ରଜ୍ଞା ଦାସ, ଅନୁପକୁମାର ପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବାବେଳେ ବସନ୍ତ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ୨୮୫ ଦିନରେ ଓକିଲ ସଂଘର ସତ୍ୟାଗ୍ରହ




ପୁରୀ,୧୦।୧୨(ସମିସ): ବାଲୁଖଣ୍ଡ ଅଭୟାରଣ୍ୟ, ମଧୁର ଜଳ ଅଞ୍ଚଳକୁ ପୁରୀ କୋର୍ଟ ସ୍ଥାନାନ୍ତରକୁ ବିରୋଧ କରି ଓକିଲ ସଂଘ ପକ୍ଷରୁ ଚାଲିଥିବା ସତ୍ୟାଗ୍ରହ ବୁଧବାର ୨୮୫ ଦିନରେ ପହଞ୍ଚିଛି। ସଂଘ ପକ୍ଷରୁ କୁହାଯାଇଛି ଯେ, ପୁରୀ ଅଦାଲତ କୋଠା ୧୬୨ ବର୍ଷ ତଳର ଐତିହ୍ୟଙ୍କ ଏଠାରେ ମଧୁବାବୁ, ଗୋପବନ୍ଧୁ, ସୁଭାଷ ବୋଷଙ୍କ ବାପା, ବିଜୁ ପଟ୍ଟନାୟକଙ୍କ ବାପାଙ୍କ ଭଳି ଯୋଗ ଜନ୍ମା ଓକିଲାତି କରୁଥିଲେ। ପୁରୀ ସହରର ଏକ ପ୍ରମୁଖ ସ୍ଥଳରେ କୋର୍ଟ ଥିବାରୁ ଲୋକେ ସହଜରେ ସେବା ପାଉଛନ୍ତି। ଜିଲ୍ଲାପାଳ ଅଫିସଠାରୁ ଅଦାଲତକୁ ଅଲଗା କରିବା ଓ କୋର୍ଟକୁ ବାଲୁଖଣ୍ଡ ଅଭୟାରଣ୍ୟର ମଧୁର ଜଳ ଅଞ୍ଚଳ ଓ ସିଆରଜେଡ୍ ଅଞ୍ଚଳକୁ ସ୍ଥାନାନ୍ତର ଯୋଜନା କରାଯାଇଛି। ଯାହା ଗ୍ରହଣ ଯୋଗ୍ୟ ନୁହେଁ। ସେଠାରେ ହଜାର ହଜାର ଗଛ ଅଛି। ଏହା ସହରବାସୀଙ୍କ ପାଇଁ ଏକ ମାତ୍ର ଜଳ ଉତ୍ସ। ତାକୁ ସୁରକ୍ଷିତ ରଖିବା ଆମ ସମସ୍ତଙ୍କ କର୍ତ୍ତବ୍ୟ। ଆଇନ ବିଭାଗ କିପରି ସେଠାରେ କୋର୍ଟ କମ୍ପ୍ଲେକ୍ସ କରିବ। ସେହି ଜମି ହସ୍ତାନ୍ତରକୁ ବାତିଲ କରାଯାଉ। କଟକଣା ଥିବା ଜମିରେ କୋର୍ଟ କମ୍ପ୍ଲେକ୍ସ ନ କରି ବର୍ତ୍ତମାନ ଥିବା କୋର୍ଟ ସହ ତହସିଲ, ଡିଆରଡିଏ, ଉପଜିଲ୍ଲାପାଳ ଅଫିସ ଜମିକୁ ମିଶାଇ କୋର୍ଟ କମ୍ପ୍ଲେକ୍ସ କରିବାକୁ ଅନୁରୋଧ କରାଯାଇଛି, ଯେପରି ଭୁବନେଶ୍ୱର ଓ ଗଞ୍ଜାମରେ ହୋଇଛି। ପୁରୀରେ କାହିଁକି ନ ହେବ ବୋଲି ସାଧାରଣ ସମ୍ପାଦକ ଶରତ କୁମାର ରାୟଗୁରୁ ପ୍ରଶ୍ନ କରିଛନ୍ତି। ଏହି ସତ୍ୟାଗ୍ରହରେ ଜୟଦେବ ମିଶ୍ର, ଅନିଲ ରାୟ, ରୁଦ୍ର ନନ୍ଦନ ମିଶ୍ର, ରଚିତା ଦାଶ, ଶରତ ରଥ, ସୋମନାଥ ଦାସ, ସାରଦା ସାମଲ, ବିଭୁ ଦତ୍ତ ପଟ୍ଟନାୟକ, ଧିରେନ ରାୟ, ଭାଗବତ ପଟ୍ଟନାୟକ, ରମେଶ ପ୍ରଧାନ, ପ୍ରଦୀପ ଜେନା, ରଞ୍ଜିତା ମହାନ୍ତି, ନକୁଳ ପତି, ସମୀର ଘୋଷ, କର୍ଣ୍ଣବୀର ମହାପାତ୍ର, ଅନିଲ ସାହୁ, ମୁନା ମହାପାତ୍ର ପ୍ରମୁଖ ନେତୃତ୍ୱ ନେଇଥିଲେ। ଯଦି ସରକାର ଦାବି ନ ମାନନ୍ତି ତେବେ ଆନ୍ଦୋଳନ ଜୋରଦାର କରାଯିବ ବୋଲି ସଂଘ ପକ୍ଷରୁ କୁହାଯାଇଛି।

# ମାନବତାର ଅଭାବ ଭିତରେ ମଣିଷ ନିଜର ଅଧିକାର ହରାଇଛି




ପୁରୀ,୧୦।୧୨(ସମିସ): ସଂସାରରେ ଜନ୍ମ ନେବା ବେଳେ ପ୍ରତ୍ୟେକ ମଣିଷ କିଛି ଅଧିକାରକୁ ନେଇ ଜନ୍ମଲାଭ କରିଥାଏ। ତାହା ହିଁ ପ୍ରକୃତରେ ତା'ର ଜନ୍ମଗତ ଅଧିକାର ବା ମାନବିକ ଅଧିକାର। ସମ୍ବିଧାନରେ ଉଲ୍ଲେଖ ରହିଛି ମାନବିକ ଅଧିକାର। ଖାଦ୍ୟ, ବସ୍ତ୍ର, ବାସଗୃହ ସହ ଶିକ୍ଷା, ସ୍ୱାସ୍ଥ୍ୟ ପାଇଁ ରହିଛି ଅଧିକାର। ହେଲେ ସରକାର, ପ୍ରଶାସନ ଓ ଜନଗଣଙ୍କ ମଧ୍ୟରେ ଅବିଶ୍ୱାସ, ସମନ୍ୱୟର ଅଭାବ, ମାନବତାର ଅଭାବ ଭିତରେ ମଣିଷକୁ ଭଲପାଇବାରେ ହୀନମନ୍ୟତା ଆଜି ମଣିଷ ନିଜର ଅଧିକାର ହରାଇଛି। ଯାହାଫଳରେ ସ୍ୱାଧୀନତାର ୪୫ ବର୍ଷ ପରେ ଭାରତୀୟଙ୍କ ପାଇଁ ଆବଶ୍ୟକ ପଡିଲା ହ୍ୟୁମାନ ରାଇଟ୍ ଆକ୍ଟ-୧୯୯୩। ଆଉ ଆକ୍ଟ ହେବାର ୩୨ ବର୍ଷ ପରେ ମଧ୍ୟ ଆଜି ବି ଶିକ୍ଷା, ସ୍ୱାସ୍ଥ୍ୟରେ ସମାନତାର ଅଭାବ ରହିଛି। ଆଜି ବି ନ୍ୟାୟ ପାଇଁ କଙ୍ଗାରୁ କୋର୍ଟ ବସୁଛି। ସେହିପରି ଶାନ୍ତିପୂର୍ଣ୍ଣ ସମାବେଶ ପାଇଁ ଅନୁମତି ମିଳୁନି। ଆଜି ବି ସଂରକ୍ଷଣ ନାମରେ ମଣିଷ ନିର୍ଯାତିତ ହେଉଛି ଏବଂ ମହାପ୍ରୟାଣରେ ଜୀବନ ଜୀବିକା ପାଇଁ ମାନବ ଅଧିକାର କ୍ଷୁର୍ଣ୍ଣ ହେଉଛି। ଏଥିପାଇଁ ପ୍ରଜାପାଳନରେ ମାନବତା ଆମର କର୍ମ ଓ ଧର୍ମ ହେଉ ବୋଲି ମାନବାଧିକାର ଦିବସ ଉପଲକ୍ଷେ ନ୍ୟାସ୍‌ନାଲ ମିଡିଆ ଫାଉଣ୍ଡେସନ (ଏନ୍‌ଏମ୍‌ଏଫ୍) ନୂଆଦିଲ୍ଲୀ ଓଡ଼ିଶା ଚାପ୍ଟର ଦ୍ୱାରା ଆୟୋଜିତ ଆଲୋଚନାଚକ୍ରରେ ମତପ୍ରକାଶ ପାଇଛି।

ବରିଷ୍ଠ ସ୍ତମ୍ଭକାର ବଦ୍ରି ମିଶ୍ରଙ୍କ ଅଧ୍ୟକ୍ଷତା ଏବଂ ଏନ୍‌ଏମ୍‌ଏଫ ଓଡ଼ିଶା ଚାପ୍ଟରର ରଶ୍ମୀରଞ୍ଜନ ଦାଶଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଶିକ୍ଷାବିତ୍ ଡ. ବଦ୍ରିନାଥ ପଟ୍ଟନାୟକ ଉଦ୍‌ଘାଟନ କରିଥିବାବେଳେ ଓଡ଼ିଶା ସାହିତ୍ୟ ଓ ସଙ୍ଗୀତ ନାଟକ ଏକାଡେମୀର ସମ୍ପାଦକ ଡ. ଚନ୍ଦ୍ରଶେଖର ହୋତା ମୁଖ୍ୟଅତିଥି, ବରିଷ୍ଠ ସାମ୍ବାଦିକ ଅକ୍ଷୟ କୁମାର ସାହୁ ମୁଖ୍ୟବକ୍ତା ଓ ସମ୍ମାନିତ ଅତିଥି ଭାବେ ଜାତୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ସଦାଶିବ ପରିସରର ନିର୍ଦ୍ଦେଶକ ପ୍ରଫେସର ପ୍ରଭାତ କୁମାର ମହାପାତ୍ର, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଓଡ଼ିଶା ଗଣମାଧ୍ୟମର ବରିଷ୍ଠ ବ୍ୟକ୍ତିତ୍ୱ ଶ୍ୟାମାପ୍ରସାଦ ମିଶ୍ର, ମିଶନ ଓଡ଼ିଶାର ପ୍ରମୁଖ ମଧୁସୂଦନ ମିଶ୍ର, ସରକାରଙ୍କ ସ୍ୱୀକୃତିପ୍ରାପ୍ତ ସାମ୍ବାଦିକ ତଥା ଦକ୍ଷିଣ ଓଡ଼ିଶାର ପ୍ରତିନିଧି ଡ. ଶରତ କୁମାର ବେହେରା ଓ ପଶ୍ଚିମ ଓଡ଼ିଶାର ପ୍ରତିନିଧି ରାଧେଶ୍ୟାମ ପାଢ଼ୀ ଯୋଗଦେଇ ମାନବତା ହିଁ ଭାରତ ବର୍ଷର ପ୍ରତିଟି ନାଗରିକଙ୍କୁ ମାନବିୟତା ଶିକ୍ଷା ଦେଉ ବୋଲି ପ୍ରକାଶ କରିଥିଲେ। ଏହି ଅବସରରେ ଏକାଡେମୀର ସମ୍ପାଦକ ଡ. ଚନ୍ଦ୍ରଶେଖର ହୋତା ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବାବେଳେ ନିର୍ଭୟର ବାର୍ତ୍ତା ସମ୍ପାଦକ ବିଶ୍ୱଭୂଷଣ ମିଶ୍ର, ପୁରୀ କ୍ରୀଡ଼ା ଆସୋସିଏସନ ସମ୍ପାଦକ ରବିଶଙ୍କର ପ୍ରତିହାରୀ, ପ୍ରିୟଙ୍କା ଦେବୀ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନର ପରିଚାଳନା ନିର୍ଦ୍ଦେଶକ ଡ. ବାବୁଲା ବେହେରା, ବୃନ୍ଦା ଫାଉଣ୍ଡେସନର ମୁଖ୍ୟ ସନ୍ତୋଷ କର, କେନ୍ଦ୍ର ଶ୍ରମ ଓ ନିଯୁକ୍ତି ବିଭାଗର ବିଶିଷ୍ଟ ବ୍ୟକ୍ତିତ୍ୱ ପାରାଦୀପର ନୃସିଂହ ବିଶ୍ୱାଳ, ନିର୍ମାଲ୍ୟ ସମ୍ପାଦକ ବିଶ୍ୱନାଥ ମିଶ୍ର, ଆସୋସିଏସନ୍ ଅଫ୍ ଟୁଇଟର ଆକ୍ଟିଭିଷ୍ଟ, ଓଡ଼ିଶା ଯୁବ ଚେତନା ସଙ୍ଗଠନର ଶିବରାମ ପ୍ରଧାନ, ସମର୍ପଣର ଜୟନ୍ତୀ ମହାପାତ୍ର, ସୌମ୍ୟରଞ୍ଜନ ପାତ୍ର ଓ ସାଗରିକା ରଥଙ୍କୁ ସମ୍ମାନିତ କରାଯାଇଥିଲା। ଅଧ୍ୟାପକ ଡ. ବିଶ୍ୱନାଥ ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଉଦ୍‌ଯାପନୀ ଭାଷଣ ଦେଇ ବଦ୍ରି ମିଶ୍ର କହିଥିଲେ ଯେ, ମାନବ ଅଧିକାର ପାଇଁ ଆଉ ଏକ ସ୍ୱାଧୀନତା ଲୋଡ଼ା। ଏହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ଡ. ନୀଳମାଧବ ଦାଶ, ରଞ୍ଜନ କୁମାର ସାହୁ, ବସନ୍ତ କୁମାର ନାୟକ ଓ ଦେବରାଜ ଦାସ।

### ମାନବଧର୍ମ ମଣିଷର ଧର୍ମ ହେଉ: ମାନବତା କର୍ମ ହେଉ

### ମାନବାଧିକାର ପାଇଁ ଆଉ ଏକ ସ୍ୱାଧୀନତା ଲୋଡ଼ା